

ପର୍ଶୁରାମଙ୍କ ଭୂମିକାରେ ଭିକି

▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ

THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-229 ◆SATURDAY ◆14 FEBRUARY 2026 ◆PAGE-12 ◆₹ 7.00

BHUBANESWAR

◆ବର୍ଷ-୪୩ ◆ସଂଖ୍ୟା-୨୨୯ ◆ଶନିବାର ◆୧୪ ଫେବୃଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ୨୦ ବର୍ଷ ପରେ ବାଂଲାଦେଶରେ ବିଏନ୍‌ପିର ବିଜୟ

# ତାରିକ ରହେମାନ୍ ହେବେ ପ୍ରଧାନମନ୍ତ୍ରୀ



**୩୫ ବର୍ଷ ପରେ ଦେଶକୁ ମିଳିବ ପୁରୁଷ ପ୍ରଧାନମନ୍ତ୍ରୀ**

**ରହେମାନ୍‌ଙ୍କୁ ଶୁଭେଚ୍ଛା ଜଣାଇଲେ ମୋଦୀ, ମମତା**

**“ ନିର୍ବାଚନ ଲୋକଦେଖାଣିଆ; ଫଳାଫଳ ପୂର୍ବରୁ ସ୍ଥିର କରାଯାଇଛି, ଜାଲିଆତି ହୋଇଛି, ରଦ୍ଦ କରାଯାଉ: ହସିନା**



■ **ଢାକା, ୧୩।୨ (ଏଜେନ୍ସି):** ବାଂଲାଦେଶରେ ଗୁରୁବାର ଅନୁଷ୍ଠିତ ସାଧାରଣ ନିର୍ବାଚନ ବିଭିନ୍ନ ଦୃଷ୍ଟିକୋଣରୁ ଐତିହାସିକ ସାବ୍ୟସ୍ତ ହୋଇଛି। ବାଂଲାଦେଶ ନ୍ୟାସନାଲ ପାର୍ଟି (ବିଏନ୍‌ପି) ଏଥର ବଡ଼ ବିଜୟ ହାସଲ କରିଛି। ମୋଟ୍ ୨୯୯ଟି ଆସନ ମଧ୍ୟରୁ ପୂର୍ବତନ ତଥା ଦିବଂଗତ ପ୍ରଧାନମନ୍ତ୍ରୀ ବେଗମ ଖାଲେଦା ଜିଆଙ୍କ ପୁଅ ତାରିକ ରହମାନଙ୍କ ନେତୃତ୍ୱାଧୀନ ବିଏନ୍‌ପି ମେଣ୍ଟ ୨୧୨ଟି ଆସନ ଜିତି ବିପୁଳ ବିଜୟ ହାସଲ କରିବା ସହ ସରକାର ଗଢ଼ିବା ନିଶ୍ଚିତ କରିଛି। ବିଏନ୍‌ପି ବହୁମତ ପାଇଁ ଆବଶ୍ୟକ ୧୫୦ ଅଙ୍କକୁ ଅତିକ୍ରମ କରିଛି।

ଅପରପକ୍ଷରେ କଠୋରପନ୍ଥୀ ଦଳ ଜମାତ-ଇ-ଇସ୍‌ଲାମୀ ନେତୃତ୍ୱରେ ନିର୍ବାଚନରେ ଅବତୀର୍ଣ୍ଣ ହୋଇଥିବା ୧୧ଟି ଦଳର ମେଣ୍ଟକୁ ମାତ୍ର ୭୦ଟି ଆସନ ମିଳିଛି। ଜମାତ ମୁଖ୍ୟ ଶଫିକୁର ରହେମାନ ଢାକା-୧୫ ଆସନରୁ ବିଜୟୀ ହୋଇଛନ୍ତି। ଦେଶରେ ପ୍ରାୟ ଦୁଇ ଦଶନ୍ଧି ପରେ ବିଏନ୍‌ପି ସରକାର ଗଠନ କରିବାକୁ ଯାଉଛି। ୨୦୦୮ ରୁ ୨୦୨୪ ପର୍ଯ୍ୟନ୍ତ ସେଠାରେ ଶେଖ ହସିନାଙ୍କ ଆୱାମୀ ଲିଗ୍ କ୍ଷମତାରେ ଥିଲା।

ଅନ୍ୟପକ୍ଷରେ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଆୱାମୀ ଲିଗ ମୁଖ୍ୟ ଶେଖ ହସିନା ନିର୍ବାଚନକୁ ସମ୍ପୂର୍ଣ୍ଣ ଲୋକ ଦେଖାଣିଆ, ପୂର୍ବ ସ୍ଥିରିକୃତ, ବେଆଇନ, ଭୋଟର ବିହୀନ ଏବଂ ଅସାମ୍ବିଧାନିକ ବୋଲି କହିଛନ୍ତି। ସେ ନିର୍ବାଚନକୁ ରଦ୍ଦ କରିବାକୁ ଦାବି କରିଛନ୍ତି। ହସିନାଙ୍କ ମତରେ, ମହମ୍ମଦ ୟୁନୁସ ବେଆଇନ ଏବଂ ଅସାମ୍ବିଧାନିକ ଭାବେ କ୍ଷମତାକୁ କବ୍‌ଜା କରିଥିଲେ। ସେ ମଧ୍ୟ ବେଆଇନ ଭାବେ ନିର୍ବାଚନ କରାଇଛନ୍ତି। ଏହି ନିର୍ବାଚନରେ ଲୋକଙ୍କୁ ଭୋଟ ଦେବାର ଅଧିକାର, ଗଣତାନ୍ତ୍ରିକ ମୂଲ୍ୟବୋଧ ଏବଂ ସମ୍ବିଧାନର ଭାବନାକୁ ସମ୍ମାନ କରାଯାଇ ନାହିଁ। ଆୱାମୀ ଲିଗ୍‌ର ବିନା ନିର୍ବାଚନ କରାଇ ଲୋକଙ୍କୁ ଧୋକା ଦିଆଯାଇଛି। ଗତ ୧୧ ତାରିଖ ସନ୍ଧ୍ୟାରେ ଅନେକ ମତଦାନ କେନ୍ଦ୍ରକୁ କବ୍‌ଜା କରି ଗୁଳି ମାଡ଼ କରାଯାଇଥିଲା। ଏହା ସହିତ ଟଙ୍କା ବାଣ୍ଟି ବାଲାଟ ପେପରରେ ମୋହର ମରା ଯାଇଥିଲା। ଏହି ଫଳାଫଳରେ ଏଜେଣ୍ଟଙ୍କ ସ୍ୱାକ୍ଷର ▶ପୃଷ୍ଠା-୭

## ‘ସେବା ତୀର୍ଥ’ ପିଏମ୍‌ଓର ନୂଆ ଠିକଣା

**ଡାକ ଟିକଟ ଓ ମୁଦ୍ରା ବି ଜାରି**

**କୋଠାରେ ଲେଖା ହୋଇଛି ‘ନାଗରିକ ଦେବୋ ଭବ’**

**ପୁରୁଣା କୋଠାରେ ଶେଷ କ୍ୟାବିନେଟ୍ ବୈଠକ**



■ **ନୂଆଦିଲ୍ଲୀ, ୧୩।୨ (ଏଜେନ୍ସି):** ରାଜଧାନୀ ଦିଲ୍ଲୀର ରାଇସିନା ହିଲ୍ସ ସ୍ଥିତ ସାଉଥ ବ୍ଲକ ଆଉ କ୍ଷମତା କେନ୍ଦ୍ର ହୋଇ ନାହିଁ। ଶୁକ୍ରବାର ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ (ପିଏମ୍‌ଓ)ର ଠିକଣା ବଦଳି ଯାଇଛି। ‘ସେବା ତୀର୍ଥ’ ନୂଆ ପରିଚୟ ପାଲଟି ଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଏହି କମ୍ପ୍ଲେକ୍ସ ସହିତ କର୍ତ୍ତବ୍ୟ ଭବନ-୧ ଏବଂ କର୍ତ୍ତବ୍ୟ ଭବନ-୨କୁ ମଧ୍ୟ ଉଦ୍‌ଘାଟନ କରିଛନ୍ତି। ସେ ଡାକ ଟିକଟ ଏବଂ ମୁଦ୍ରା ମଧ୍ୟ ଜାରି କରିଛନ୍ତି। ସେବା ତୀର୍ଥରେ ପିଏମ୍‌ଓ, ନ୍ୟାସନାଲ ସିକ୍ୟୁରିଟି କାଉନସିଲ ସଚିବାଳୟ (ଏନଏସସିଏସ) ଏବଂ କ୍ୟାବିନେଟ ସଚିବାଳୟ କାମ କରିବ। ଉଦ୍‌ଘାଟନୀ ଅବସରରେ ନୂଆ କମ୍ପ୍ଲେକ୍ସରେ ଲାଗିଥିବା ‘ସେବା ତୀର୍ଥ’ ଫଳକକୁ ପ୍ରଧାନମନ୍ତ୍ରୀ ଉନ୍ମୋଚନ କରିଥିଲେ। ପରିସରରେ ଥିବା କାନ୍ଥ ଦେବନାଗରୀ ଲିପିରେ ‘ସେବା ତୀର୍ଥ’ ଲେଖା ଯାଇଥିଲା। ଏହାର ତଳେ ‘ନାଗରିକ ଦେବୋ ଭବ’ ଅର୍ଥାତ୍ ‘ନାଗରିକ ଭଗବାନଙ୍କ ସହ ସମାନ’ର ମନ୍ତ୍ର ମଧ୍ୟ ଲେଖାଯାଇଛି। ସେହିପରି ଆଜି ବ୍ରିଟିଶ କାଳର ‘ସେକ୍ରେଟାରିଏଟ ବିଲ୍ଡିଂ’ରେ ଶେଷ କ୍ୟାବିନେଟ ବୈଠକ ଅନୁଷ୍ଠିତ ହୋଇଯାଇଛି। ▶ପୃଷ୍ଠା-୭

## ସଂସଦରେ ଖଡ଼୍‌ଗେ ଉଠାଇଲେ ଓଡ଼ିଶାରେ ଜାତି ଭେଦଭାବ

■ **ଭୁବନେଶ୍ୱର, ୧୩।୨ (ସମିସ):** କେନ୍ଦ୍ରାପଡା ରାଜନଗର ଅଞ୍ଚଳରେ ଏକ ଅଙ୍ଗନବାଡି କେନ୍ଦ୍ରରେ ଜାତି ଆଧାରରେ ଭେଦଭାବ କଥା ରାଜ୍ୟସଭାରେ ଉଠିଛି। ରାଜ୍ୟସଭାରେ ବିରୋଧୀ ଦଳ ନେତା ତଥା ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖରଜେ ଉପରୋକ୍ତ ପ୍ରସଙ୍ଗ ଉଠାଇ କ୍ଷୋଭ ପ୍ରକାଶ କରିଛନ୍ତି। ଏକବିଂଶ ଶତାବ୍ଦୀରେ ଏପରି ଜାତିଗତ ବର୍ଣ୍ଣବୈଷମ, ଭେଦଭାବକୁ ନେଇ ସେ ଚିନ୍ତାବ୍ୟକ୍ତ କରିବା ସହ ଏପରି ଭେଦଭାବ ରହିଲେ ସ୍ୱାଭାବିକ ଭାବେ ଏହା ପିଲାଙ୍କ ବିକାଶ ଉପରେ କୁପ୍ରଭାବ ପକାଇବ ବୋଲି କହିଛନ୍ତି।

ଶ୍ରୀ ଖରଗେ କହିଛନ୍ତି ଯେ ଏକବିଂଶ ଶତାବ୍ଦୀରେ ଯେତେବେଳେ ଆମେ ସାମାଜିକ ବିକାଶ, ସଂସ୍କାରର କଥା କହୁଛେ, ହିନ୍ଦୁ ଏକ ହେବାର କଥା କହୁଛେ, ସେତେବେଳେ ଓଡ଼ିଶାରେ ଏକ ଅଙ୍ଗନବାଡି କେନ୍ଦ୍ରରେ ଜଣେ ଦଳିତା ମହିଳା ସହାୟିକାଙ୍କ ଦ୍ୱାରା ପ୍ରସ୍ତୁତ ଭୋଜନକୁ ଏକ ବିଶେଷ ସମ୍ପ୍ରଦାୟର ଲୋକେ ନିଜ ପିଲାଙ୍କୁ ଖାଇବାକୁ ଦେଉନାହାନ୍ତି। ବିଗତ ୩ ମାସ ହେଲାଣି ଏହି ଅଙ୍ଗନବାଡ଼ି ସେଣ୍ଟରକୁ କେହି ଯାଉନାହାନ୍ତି। ଅଙ୍ଗନବାଡି ସେଣ୍ଟର ପିଲାଙ୍କ ଶାରିରୀକ ଓ ମାନସିକ ବିକାଶର ମୂଳଦୁଆ ପକାଇଥାଏ। ମାତ୍ର ଯଦି ଏହିପରି ଜାତିଗତ ଭେଦଭାବ ରହିବ, ତାହେଲେ ସ୍ୱାଭାବିକ ଭାବେ ଏହା ପିଲାଙ୍କ ବିକାଶ ଉପରେ କୁପ୍ରଭାବ ପକାଇବ। ଏଭଳି ଜାତିଗତ ବର୍ଣ୍ଣବୈଷମ ସମ୍ବିଧାନର ଧାରା ୨୧(ଏ) ଦ୍ୱାରା ପ୍ରଦତ୍ତ ଶିକ୍ଷାର ଅଧିକାରକୁ ସିଧାସଳଖ ପ୍ରଭାବିତ କରୁଛି ବୋଲି ସେ କ୍ଷୋଭ ପ୍ରକାଶ କରିଥିଲେ।



**ରାଜ୍ୟସଭାରେ ଉଠିଲା ରାଜନଗର ଅଙ୍ଗନବାଡି ଭେଦଭାବ ପ୍ରସଙ୍ଗ**

**ଜାତିଗତ ବର୍ଣ୍ଣବୈଷମ୍ୟ ସମ୍ବିଧାନ ପ୍ରଦତ୍ତ ଶିକ୍ଷାର ଅଧିକାରରୁ ପିଲାଙ୍କୁ ବଞ୍ଚିତ କରୁଛି**

ସୂଚନାଯୋଗ୍ୟ ଯେ କେନ୍ଦ୍ରାପଡା ରାଜନଗର ଅନ୍ତର୍ଗତ ନୂଆଗାଁ ଅଙ୍ଗନବାଡି କେନ୍ଦ୍ରରେ ୨୦୨୫ ନଭେମ୍ବର ୨୦ରେ ଜଣେ ଅନୁସୂଚିତ ଜାତିର ଯୁବତୀଙ୍କୁ ସହାୟିକା ଭାବେ ନିଯୁକ୍ତି ▶ପୃଷ୍ଠା-୭



**ଲୋକସଭାରେ ‘ହରଦୀପ ପୁରୀ ଇସ୍ତଫା’ ଦିଅ ସ୍ଲୋଗାନ**

**ରାହୁଲ କ୍ଷମତା ପାଇଁ ଦେଶକୁ ଭାଗ ଭାଗ କରିବାକୁ ଚାହାନ୍ତି: ବିଜେପି**

## ମାର୍ଚ୍ଚ ୯ ଯାଏଁ ସଂସଦ ମୁଲତବୀ

■ **ନୂଆଦିଲ୍ଲୀ, ୧୩।୨ (ଏଜେନ୍ସି):** ଗୃହରେ ହଟ୍ଟଗୋଳ ଓ ହଙ୍ଗାମା ମଧ୍ୟରେ ପ୍ରଥମ ପର୍ଯ୍ୟାୟ ବଜେଟ ଅଧିବେଶନ ଶୁକ୍ରବାର ଶେଷ ହୋଇଛି। କେନ୍ଦ୍ରମନ୍ତ୍ରୀ ହର୍‌ଦୀପ ସିଂହ ପୁରୀଙ୍କ ଇସ୍ତଫା ଦାବି, ପୂର୍ବତନ ସେନାମୁଖ୍ୟ ଜେନେରାଲ ଏମଏମ ନରବାଣେଙ୍କ ପୁସ୍ତକ, ଲୋକସଭା ବିରୋଧୀ ଦେଳ ନେତା ରାହୁଲ ଗାନ୍ଧୀ ଟିପ୍ପଣୀକୁ ବିରୋଧ ଆଦିକୁ ନେଇ ଗୃହରେ ହୋହାଲ୍ଲା ଲାଗି ରହିଥିଲା। ତେଣୁ ସାରା ଦିନ ଗୃହ ଚାଲି ପାରି ନ ଥିଲା। ଶେଷରେ ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ସଂସଦର ଉଭୟ ଗୃହକୁ ମୁଲତବୀ କରିଦିଆଯାଇଥିଲା। ଆଜି ଲୋକସଭା ମାତ୍ର ୧୦ ମିନିଟ ପାଇଁ ଚାଲି ପାରିଥିଲା। ସେହିପରି ଉଚ୍ଚ ସଦନ ରାଜ୍ୟସଭାରେ ୨ ଘଣ୍ଟା ପର୍ଯ୍ୟନ୍ତ କାର୍ଯ୍ୟ ହୋଇଥିଲା।

ଆଜି ସକାଳ ୧୧ଟାରେ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିରୋଧୀ ସାଂସଦ ‘ହରଦୀପ ପୁରୀ ଇସ୍ତଫା ଦିଅ’ ଦାବି କରିଥିଲେ। ଏହାର ୫ ମିନିଟ ପରେ ଲୋକସଭାକୁ ସ୍ଥଗିତ କରିଦିଆଯାଇଥିଲା। ୧୨ଟାରେ ପୁଣି କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ଶିକ୍ଷା ଏବଂ ଆଇନ ମନ୍ତ୍ରାଳୟ ସମ୍ବନ୍ଧିତ ବିଲ୍ ଉପସ୍ଥାପନ କରାଯାଇଥିଲା। ▶ପୃଷ୍ଠା-୭

### ବହୁଚର୍ଚ୍ଚିତ ଏସିଡ଼ ମାଡ଼ ମାମଲା

## ପତ୍ନୀହନ୍ତାକୁ ଫାଶୀ



■ **ବାଲେଶ୍ୱର, ୧୩।୨ (ସମିସ):** ସହଦେବଖୁଣ୍ଟା ଥାନା ଅନ୍ତର୍ଗତ ଭିମପୁରା ଅଞ୍ଚଳରେ ୨୦୨୩ ମସିହାରେ ସଂଘଟିତ ବହୁଚର୍ଚ୍ଚିତ ଏସିଡ୍ ମାଡ଼ ଘଟଣାରେ ଆଜି ରାୟ ପ୍ରକାଶ ପାଇଛି। ବାଲେଶ୍ୱର ସ୍ପେଶାଲ କୋର୍ଟ ଜଜ୍ ଅବଦୁଲ୍ ସମିମ୍ ଅଖତର୍ ମାମଲାର ଶୁଣାଣି କରି ଆସାମୀ ଚନ୍ଦନ ରଣାଙ୍କୁ ଆଜି ଫାଶୀଦଣ୍ଡରେ ଦଣ୍ଡିତ କରିଛନ୍ତି। କୋର୍ଟ ତାକୁ ଗତ ୪ ତାରିଖରେ ଦୋଷୀ ସାବ୍ୟସ୍ତ କରିଥିଲେ। ଚନ୍ଦନର ଘର ନୀଳଗିରି ଥାନା ଅନ୍ତର୍ଗତ କାଣ୍ତଗଡ଼ି ପଞ୍ଚାୟତ ନୟାପାଟଣା ଗ୍ରାମରେ। ଉକ୍ତ ବର୍ଷ ଫେବୃଆରି ୨୦ ତାରିଖରେ ଚନ୍ଦନ ତା’ ଦ୍ୱିତୀୟ ପତ୍ନୀ ବନିତା ସିଂ ଓ ତାଙ୍କ ପରିବାରଲୋକଙ୍କୁ ଏସିଡ୍ ମାଡ଼ କରିଥିଲା। ଘରେ ପଶି ସେ ବନିତାଙ୍କ ବଡ଼ ଭଉଣୀ ବର୍ଷା, ଝିଆରି ମାମଲି ଓ ପୁତୁରା ବିଶ୍ୱଜିତ୍ ଉପରକୁ ଏସିଡ୍ ଫିଙ୍ଗିଥିଲା। ସମସ୍ତଙ୍କୁ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ବନିତାଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। ▶ପୃଷ୍ଠା-୭

### କାଳ ହେଲା ସେଲ୍‌ଫି

## ମୋରମ୍ ଖଣିରେ ପଡ଼ି ଛାତ୍ର ମୃତ



■ **ଭୁବନେଶ୍ୱର, ୧୩।୨ (ସମିସ):** ବିପଦଜନକ ଅବସ୍ଥାରେ ସେଲ୍‌ଫି ନେବା ଛାତ୍ରଙ୍କ ପାଇଁ କାଳ ହୋଇଛି। ଫଟୋ ଉଠାଇବା ବେଳେ ମୋରମ୍ ଖଣିରେ ପଡ଼ି ପ୍ରାଣ ହରାଇଛନ୍ତି। ଦାରୁଠେଙ୍ଗସ୍ଥିତ ଭୁଆସୁଣୀ ଡମ୍ପିଂ ୟାର୍ଡ ନିକଟସ୍ଥ ମୋରମ୍ ଖଣିରେ ଏଭଳି ଅଘଟଣ ଘଟିଛି। ମୃତକ ହେଉଛନ୍ତି ୟୁନିଟ୍ ୬ ଅଞ୍ଚଳର ଆଦିତ୍ୟ ଅଭିଜିତ (୨୦)।

ସୂଚନା ଅନୁଯାୟୀ, ଅଭିଜିତ ଇନଫୋସିଟି ଥାନା ଅଧୀନସ୍ଥ ଘରୋଇ କଲେଜରେ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ପଢୁଥିଲେ। ଶୁକ୍ରବାର ଅପରାହ୍ଣରେ ଅଭିଜିତ ଓ ତାଙ୍କ ସାଙ୍ଗମାନେ ଦାରୁଠେଙ୍ଗ ଭୁଆସୁଣୀ ଡମ୍ପିଂ ୟାର୍ଡ ଅଞ୍ଚଳକୁ ବୁଲାବୁଲି କରିବାକୁ ଯାଇଥିଲେ। ଅଭିଜିତ ନିକଟସ୍ଥ ଏକ ମୋରମ୍ ଖଣି ପାଖରେ ସେଲ୍‌ଫି ନେଉଥିବା ବେଳେ ଅସାବଧାନତା ବଶତଃ ଖଣି ଭିତରକୁ ପଡ଼ି ଯାଇଥିଲେ। ପ୍ରାୟ ୨୦ ଫୁଟ ତଳକୁ ଖସି ପାଣିରେ ପଡ଼ିଥିଲେ। ଜଣେ ସାଙ୍ଗ ତାଙ୍କୁ ଉଦ୍ଧାର କରିବାକୁ ପାଣି ଭିତରକୁ ଡେଇଁଥିଲେ ମଧ୍ୟ ପାରିନଥିଲେ। ଖବରପାଇ ଚନ୍ଦ୍ରଶେଖରପୁର ଫାୟାର ଷ୍ଟେସନର ଅଧିକାରୀ ବିପ୍ଲବ ଜେନା ଓ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଟ୍ୟୁବ୍ ସାହାଯ୍ୟରେ ପାଣି ଭିତରକୁ ପଶି ଖୋଜାଖୋଜି କରିଥିଲେ। ୨୦ ମିନିଟର ଅପରେସନ ପରେ ଅଭିଜିତଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଚନ୍ଦକା ଥାନା ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରିଛି। ଆସନ୍ତାକାଲି ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୁଲିସ କହିଛି।

### ମୁରବୀ ବିହୀନ ମାନବାଧିକାର କମିସନ; ଜଣେ ମାତ୍ର ସଦସ୍ୟ

## ନୂତନ ମାମଲାର ଶୁଣାଣି ବନ୍ଦ; ନ୍ୟାୟ ପାଇଁ ଲୋକେ ହନ୍ତସନ୍ତ

■ **ଭୁବନେଶ୍ୱର, ୧୩।୨ (ସମିସ):** ରାଜ୍ୟରେ ମାନବାଧିକାର ସ୍ଥିତି ବିଗିଡ଼ିବାରେ ଲାଗିଛି। କେନ୍ଦ୍ରାପଡ଼ା ଜିଲ୍ଲାରେ ଜଣେ ପାଚିକାଙ୍କୁ ଜାତିଆଣ ଆକ୍ଷେପ କରିବା ଅଭିଯୋଗରେ ସ୍ଥାନୀୟ ଲୋକେ ବହିଷ୍କାର କରୁଛନ୍ତି। ଏଲ୍‌ଆର୍‌ସି ଥାଇ ମଧ୍ୟ ପ୍ରଶାସନ ବସ୍ତିବାସିନ୍ଦାଙ୍କ ଘର ଭାଙ୍ଗି ଦେଉଛି। ବିଭିନ୍ନ ପୁଲିସ ଥାନା ଲୋକଙ୍କ ଏତଲା ରଖୁ ନାହାନ୍ତି; ଓଲଟା ଅତ୍ୟାଚାର କରୁଛନ୍ତି। ହାଜତମୃତ୍ୟୁ ଭଳି ଜଘନ୍ୟ କାଣ୍ଡ ସାମ୍ନାକୁ ଆସୁଛି। ପ୍ରଶାସନିକ ଅବହେଳା ଏବଂ ପୁଲିସ ଅତ୍ୟାଚାର ବିରୋଧରେ ଆଇନଗତ ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବା ରାଜ୍ୟ ମାନବାଧିକାର କମିସନଙ୍କ ବିରୋଧରେ ଆରମ୍ଭ ହୋଇଛି ସରକାରୀ ଷଡ଼ଯନ୍ତ୍ର। ଏହି ଷଡ଼ଯନ୍ତ୍ରର ଫଳସ୍ୱରୂପ ରାଜ୍ୟ ମାନବାଧିକାର କମିସନରେ କମିସନ ଅଧ୍ୟକ୍ଷ ପଦ ସମେତ ସଦସ୍ୟ ପଦ ଖାଲି ପଡ଼ିଛି। ବିନା ଅଧ୍ୟକ୍ଷରେ ୨ଦିନ ହେବ ନୂତନ ମାମଲାର ଶୁଣାଣି ବନ୍ଦ ହୋଇଯାଇଛି। ରାଜ୍ୟ ସରକାର କମିସନଙ୍କୁ ମୁଣ୍ଡବିହୀନ କରିଦେଇଛନ୍ତି।




**ରାଜ୍ୟରେ ବିଗୁଡ଼ୁଛି ମାନବାଧିକାର ସ୍ଥିତି**

ରାଜ୍ୟ ମାନବାଧିକାର କମିସନ୍ ୩ ଜଣିଆ ସଦସ୍ୟ ବିଶିଷ୍ଟ ଅନୁଷ୍ଠାନ। ଏଥିରେ ଜଣେ ଅଧ୍ୟକ୍ଷ ଏବଂ ୨ଜଣ ସଦସ୍ୟ ରହିଥା’ନ୍ତି। ଗତ ୧୦ ତାରିଖରୁ ଏହି କମିସନ୍ ଏକପ୍ରକାର ପଙ୍ଗୁ ହୋଇ ଯାଇଛି। ଅଧ୍ୟକ୍ଷ ଦାୟିତ୍ୱରେ ଶତ୍ରୁଘ୍ନ ପୂଜାରୀ ଏବଂ ସଦସ୍ୟ ଅସିମ୍ ଅଭିତାଭ ଦାସଙ୍କ ୩ ବର୍ଷିଆ କାର୍ଯ୍ୟକାଳ ଶେଷ ହୋଇଛି। ସେମାନଙ୍କ ସ୍ଥାନରେ ଏପର୍ଯ୍ୟନ୍ତ କୌଣସି ନୂତନ ଅଧ୍ୟକ୍ଷ କିମ୍ବା ସଦସ୍ୟଙ୍କୁ ନିଯୁକ୍ତି ଦିଆଯାଇ ନାହିଁ। ରାଜ୍ୟବାସୀଙ୍କ ▶ପୃଷ୍ଠା-୭




## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



ହିନ୍ଦୋଳ/ଖଜୁରିଆକଟା,୧୩।୨(ସମିସ): ଢେଙ୍କନାଳ ଜିଲ୍ଲା ଖଜୁରିଆକଟା ନିକଟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପଞ୍ଚମ ବାର୍ଷିକ ଉତ୍ସବ ପ୍ରଧାନ ଆଚାର୍ଯ୍ୟା ଲକ୍ଷ୍ମୀପ୍ରିୟା ସାହୁଙ୍କ ପୌରୋହିତ୍ୟରେ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ଖଜୁରିଆକଟା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସକ ଡା. ଦୀନେଶ କୁମାର ସାମଲ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ବିଦ୍ୟାଳୟ ସ୍ତରରୁ ଶିଶୁମାନଙ୍କୁ ନୈତିକ ଶିକ୍ଷା ପ୍ରଦାନର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ମୁଖ୍ୟବକ୍ତା ରୂପେ ବାଲିମି ଉପ ଡାକଘର ଅଧିକାରୀ ପ୍ରିୟବ୍ରତ ସେଠୀ ଯୋଗଦେଇ ସମାଜ ଓ ଜାତିର ବିକାଶ ପାଇଁ ପ୍ରାଥମିକ ଶିକ୍ଷାକୁ ସାର୍ବଜନୀନ କରିବା ଏକାନ୍ତ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ବିପିନ ବିହାରୀ ସାମଲ, ରଞ୍ଜାଗୋଳ ସରପଞ୍ଚ ରମେଶ ଚନ୍ଦ୍ର ବିଶ୍ୱାଳ ଯୋଗଦେଇ ଶିଶୁମାନଙ୍କୁ ଉତ୍ସାହିତ କରିଥିଲେ। ଉଲ୍ଲେଖନୀୟ ସେବା ନିମନ୍ତେ ଖଜୁରିଆକଟା ବଜାରର ବରିଷ୍ଠ ନାଗରିକ ଡା. ଚୈତନ୍ୟ ଚରଣ ସାହୁଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। କୋମଳମତି ଶିଶୁମାନଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଗୁରୁଜୀ ବାସୁଦେବ ସାହୁ, ଗୁରୁମା ସୁଶାନ୍ତୀ ମହାପାତ୍ର, ସୁନୀତା ବିଶ୍ୱାଳ, ସ୍ୱାଗତିକା ବିଶ୍ୱାଳ, ଆୟଶା ମିଶ୍ର, ଲିପିଲତା ସାହୁ, ସଚାଳି ସାମଲ, ରତନୀ ସାହୁ, ସୁଲୋଚନା ସାହୁ ପ୍ରମୁଖ ସହଯୋଗ କରିଥିଲେ।

## କେନ୍ଦୁପତ୍ର ମଜଦୁର ସଂଘର ବୈଠକ



କଙ୍କଡ଼ାହାଡ଼,୧୩।୨(ସମିସ): କେନ୍ଦୁଝରର ବନାଞ୍ଚଳ ଡିଭିଜନ ଅନ୍ତର୍ଗତ ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ ମହାବିରୋଡ ରେଞ୍ଜ ମହାବିରୋଡ ପଞ୍ଚାୟତ ଚଟକାପଶି ଶିଶୁ ବିଦ୍ୟା ମନ୍ଦିର ନିକଟ ଆମ୍ବତୋଟାରେ ଗୁରୁବାର ନିଖିଳ ଓଡ଼ିଶା କେନ୍ଦୁପତ୍ର ମଜଦୁର ସଂଘର ବୈଠକ ଅନୁଷ୍ଠିତ ହୋଇଛି। ସଂଘ ସଭାପତି ବିନୟ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ସଭାପତି ଅନିଲ କୁମାର ଭୂତିଆ ମୁଖ୍ୟଅତିଥି ଓ ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କର୍ମଚାରୀଙ୍କ ଦରମା ବୃଦ୍ଧି, ଚିକିତ୍ସା କ୍ଷେତ୍ରରେ ସୁବିଧା ଯୋଗାଇଦେବା, ଛୁଟି ମଞ୍ଜୁର, କାର୍ଯ୍ୟକ୍ଷେତ୍ରରେ ସମୟ ସୀମା ବୃଦ୍ଧି, ମୃତ୍ୟୁକାଳୀନ, ଶିକ୍ଷା, ବିବାହ କ୍ଷେତ୍ରରେ ସହାୟତା, ଗ୍ରାଚୁଇଟ ୬ ମାସ ମଧ୍ୟରେ ପ୍ରଦାନ ପ୍ରଭୃତି ଦାବି ଉପରେ ଆଲୋଚନା ହୋଇଥିଲା। ଦାବିଗୁଡ଼ିକ ସମ୍ପର୍କରେ ମୁଖ୍ୟମନ୍ତ୍ରୀ, ଜଙ୍ଗଲ ମନ୍ତ୍ରୀ, ଶ୍ରମମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ରାଜ୍ୟ ସଭାପତି ପ୍ରତିଶ୍ରୁତି ଦେଇଥିଲେ। ରାଜ୍ୟ ସଭାପତିଙ୍କ ଅନୁମୋଦନ କ୍ରମେ ନୂତନ କମିଟି ଗଠନ କରାଯାଇଛି। ସର୍ବସମ୍ମତି କ୍ରମେ ସୁଶାନ୍ତ କୁମାର ନାୟକ ସଭାପତି, ନିରୋଦ କୁମାର ନାୟକ ଉପସଭାପତି, ଦେବାନନ୍ଦ ସାହୁ ସମ୍ପାଦକ, ଅରୁଣ କୁମାର ଦାସ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି। ସଭ୍ୟ ଭାବେ ବିନୟ କୁମାର ସିଂହ, ଦିଲୀପ କୁମାର ମହାନ୍ତ, ବାସୁଦେବ ସାହୁ, ତାପସ କୁମାର ସାହୁ, କୁନା ବେହେରା, ଈଶ୍ୱର ଚନ୍ଦ୍ର ନାଏକ, ବସନ୍ତ କୁମାର ସାହୁ ପ୍ରମୁଖଙ୍କୁ ଚୟନ କରାଯାଇଛି। ଶେଷରେ ମହାବିରୋଡ ରେଞ୍ଜର ତଥା ନବନିର୍ବାଚିତ ସଭାପତି ସୁଶାନ୍ତ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ରାମକୃଷ୍ଣ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ



କଙ୍କଡ଼ାହାଡ଼,୧୩।୨(ସମିସ): କଙ୍କଡ଼ାହାଡ଼ ବ୍ଲକ ଚାନ୍ଦପୁର ପଞ୍ଚାୟତ ରାମକୃଷ୍ଣ ଶିଶୁ ମନ୍ଦିରର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଚୈତନ୍ୟ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଜେପି ଜିଲ୍ଲା ସଭାପତି ରାସବିହାରୀ ବେହେରା, ମୁଖ୍ୟବକ୍ତା ଭାବେ ସ୍ୱାମୀ ପରମାନନ୍ଦ ସରସ୍ୱତୀ ମହାରାଜ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ନବକିଶୋର ସାହୁ, ଚାନ୍ଦପୁର ସରପଞ୍ଚ ସବିତା ସାହୁ, ଦଶିପୁର ସରପଞ୍ଚ ସୁଧୀର ପାଳ, ଚାନ୍ଦପୁର ସମିତି ସଭ୍ୟ ରାଜକିଶୋର ସାହୁ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦୁର୍ଯ୍ୟୋଧନ ବେହେରା, ମହାବିରୋଡ ବିଜେପି ମଣ୍ଡଳ ସଭାପତି ଜିତେନ୍ଦ୍ର କର, କଙ୍କଡ଼ାହାଡ଼ ବ୍ଲକ ସାମ୍ବାଦିକ ସଂଘ ସଭାପତି ରାଜେଶ କୁମାର ଦେହୁରୀ ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ରୀତା ସାହୁ ବାର୍ଷିକ ବିବରଣୀ ପାଠ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ବାଉରୀବନ୍ଧୁ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଯୋଗାଣ ମନ୍ତ୍ରୀଙ୍କ ଗଡ଼ରେ ବିଜେଡିର ଗର୍ଜନ

## ଚାଷୀମାରଣ ନୀତି, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପ୍ରତିବାଦରେ ବିକ୍ଷୋଭ

ଢେଙ୍କାନାଳ,୧୩।୨(ସମିସ)

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀଙ୍କ ଗଡ଼ ଢେଙ୍କାନାଳ ସହରରେ ଶୁକ୍ରବାର ବିଜେଡି ଗର୍ଜନ କରିଛି। ରାଜ୍ୟ ସରକାରଙ୍କ ଚାଷୀମାରଣ ନିତୀ, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି ଏବଂ ମିଥ୍ୟା ପ୍ରତିଶ୍ରୁତି ପ୍ରତିବାଦରେ ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ରାଜ୍ୟପାଳଙ୍କୁ ଏ ନେଇ ସ୍ମାରକପତ୍ର ପ୍ରଦାନ କରାଯାଇଛି।

ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ରାଜ୍ୟର ସମସ୍ତ ଜିଲ୍ଲାରେ ଦଳ ପକ୍ଷରୁ ପ୍ରତିବାଦ ସଭା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। ପୂର୍ବତନ ବିଧାୟକ ସୁଧୀର କୁମାର ସାମଲଙ୍କ ତତ୍ତ୍ୱାବଧାନ ଏବଂ ଢେଙ୍କାନାଳ ଜିଲ୍ଲା ବିଜେଡି ସଭାପତି ଡ. ନୃସିଂହ ସାହୁଙ୍କ ସଭାପତିତ୍ୱରେ ଶୁକ୍ରବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀ ସମାବେଶ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଛି। ପୂର୍ବାହ୍ନ ୧୦ଟାରେ ହଜାର ହଜାର ବିଜେଡି କର୍ମୀ ଓ ଚାଷୀ ବିଶାଳ ଶୋଭାଯାତ୍ରାରେ ବାଜିଚୌକ ନିକଟରୁ ବାହାରି ସହର ପରିକ୍ରମା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ଆୟୋଜିତ ପ୍ରତିବାଦ ସଭାରେ




ଜିଲ୍ଲା ସଭାପତି ଡ. ସାହୁ କହିଲେ, ବିଜେପି ସରକାର ରାଜ୍ୟ ଶାସନ ଭାର ଗ୍ରହଣ କରିବା ପରେ ଦୁର୍ନୀତି ଚରମ ସୀମାରେ ପହଞ୍ଚିଛି। ଦିନକୁ ଦିନ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ନାରୀ ନିର୍ଯାତନା ବଢ଼ିବାରେ ଲାଗିଛି। ମଣ୍ଡିରେ କଟନୀ ଛଟନୀ କରି ଧାନକିଣାରେ ବ୍ୟାପକ ଅନିୟମିତତା କରାଯାଉଛି। ଶିଶୁ ସୁରକ୍ଷାରେ ସରକାର ବିଫଳ ହୋଇଥିବା ବେଳେ ଦରଦାମର ବୃଦ୍ଧିରେ ଲୋକେ ଅତିଷ୍ଠ ହୋଇପଡ଼ିଲେଣି। ଏ ସରକାର ରଙ୍ଗ ବଦଳାଇ ଓ ଯୋଜନାର ନାମ ପରିବର୍ତ୍ତନ କରି ବହାବା ନେଉଛି। ଆଗାମୀ ଦିନରେ ଜନସାଧାରଣ ଏହାର ଉଚିତ ଜବାବ ଦେବେ ବୋଲି ସେ କହିଥିଲେ। ପୂର୍ବତନ ବିଧାୟକ ସାମଲ ତାଙ୍କ ବକ୍ତବ୍ୟରେ ଏ ସରକାର ନିଜ ପ୍ରତିଶ୍ରୁତି ଖିଲାପ କରି ଲୋକଙ୍କୁ ଭୁଆଁ ବୁଲାଉଛି ବୋଲି କହିଥିଲେ। ଲୋଚାପଲି ଗ୍ରାମରେ ହାତୀ ଆକ୍ରମଣରେ ୩ ମହିଳାଙ୍କ ମୃତ୍ୟୁ ଓ ୬ ଜଣ ଗୁରୁତର ହୋଇଥିବା ବେଳେ ତୁରନ୍ତ ମୃତାହତଙ୍କୁ କ୍ଷତିପୂରଣ ଓ ଚିକିତ୍ସା ଯୋଗାଇଦେବାକୁ କହିଥିଲେ। ପୂର୍ବତନ ସାଂସଦ ମହେଶ ସାହୁ, ଜଗତସିଂପୁର ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲି, ରାଜ୍ୟ ଛାତ୍ର ବିଜେଡି ସଭାପତି ଇପ୍ସିତା ସାହୁ ପ୍ରମୁଖ ଯୋଗଦେଇ ବିଜେପି ସରକାର ଉପରେ ବର୍ଷିଥିଲେ। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲ୍ଲପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।

କାର୍ଯ୍ୟକ୍ରମରେ ବିଜେଡି ଜିଲ୍ଲା କାର୍ଯ୍ୟକାରୀ ସଭାପତି ସନ୍ଦିପ ଷଡ଼ଙ୍ଗୀ, ଜିଲ୍ଲାପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, ଉପନଗରପାଳ ପ୍ରକାଶ ଚନ୍ଦ୍ର କୁଅଁର, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ନରୋତ୍ତମ ସାହୁ, ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ସତ୍ୟଜିତ ପଟ୍ଟନାୟକ, ସଞ୍ଜୀବ ପୃଷ୍ଟି, ରାଜ୍ୟ ଛାତ୍ର ବିଜେଡି ସମ୍ପାଦକ ଅନିଶ ରଥ, ଜିଲ୍ଲା ଯୁବ ବିଜେଡି ସଭାପତି ଧର୍ମାନନ୍ଦ ପରିଡ଼ା, ଜିଲ୍ଲା ସାଧରଣ ସମ୍ପାଦକ ଶୁଭପ୍ରସାଦ ପଣ୍ଡା, ପୂର୍ବତନ ମହିଳା ସଭାପତି ସାଗରିକା ମିଶ୍ର, ଉର୍ବଶୀ ମହାପାତ୍ର, ପୂର୍ବତନ ନଗର ସଭାପତି ବିନୋଦ କୁମର ମହାନ୍ତି, ପୂର୍ବତନ ଛାତ୍ର ବିଜେଡି ସଭାପତି ସୂରଜ ମହାପାତ୍ର, ଛାତ୍ର ବିଜେଡି ସଭାପତି ଆରିୟନ ଦାସ, ଜିଲ୍ଲା ବିଜେଡି ଉପସଭାପତି ଦେବାଶିଷ ମିଶ୍ର, ଅଜୟ କୁମାର ଭଞ୍ଜ, ତିଲୋତ୍ତମା ଚୌଧୁରୀ, ସସ୍ମିତା ମହାନ୍ତି, ଜିଲ୍ଲା ଆଇନ ସେଲ ସଭାପତି ତଥା ଓକିଲ ସଂଘ ସଭାପତି ଗୋପାଳ ଚନ୍ଦ୍ର ପାତ୍ର, ବରିଷ୍ଠ ନେତା ସୁକାନ୍ତ ମିଶ୍ରଙ୍କ ସମେତ ବହୁ ସଖ୍ୟାରେ ଦଳୀୟ ନେତା ଓ କର୍ମୀ ଯୋଗଦେଇଥିଲେ।

## ତୃତୀୟ ଥର ଜିଲ୍ଲା ବିଜେଡି ଯୁବ ସଭାପତି ହେଲେ ଧର୍ମାନନ୍ଦ

କାମାକ୍ଷାନଗର,୧୩।୨(ସମିସ): କାମାକ୍ଷାନଗର ଏନ୍ଏସି ଅଧ୍ୟକ୍ଷ ତଥା ଢେଙ୍କାନାଳ ଜିଲ୍ଲା ଯୁବ ବିଜେଡି ସଭାପତି ଧର୍ମାନନ୍ଦ ପରିଡ଼ା ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି



ନବୀନ ପଟ୍ଟନାୟକଙ୍କ ଅସ୍ଥାଭାଜନ ହୋଇ ଲଗାତର ତୃତୀୟ ଥର ଢେଙ୍କାନାଳ ଜିଲ୍ଲା ଯୁବ ବିଜେଡି ସଭାପତି ଭାବେ ମନୋନୀତ ହୋଇଛନ୍ତି। ଧର୍ମାନନ୍ଦ ୨୦୦୦ ମସିହାରେ ଛାତ୍ରସଂସଦ ନିର୍ବାଚନରେ କାମାକ୍ଷାନଗର ମହାବିଦ୍ୟାଳୟରୁ ବିଜେଡି ସମର୍ଥିତ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ି ସଭାପତି ନିର୍ବାଚିତ ହୋଇ ନିଜ ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ପରେ ସେ ବିଜେଡି ପାଇଁ ନିରନ୍ତର କାର୍ଯ୍ୟକରି ଦଳରେ ସ୍ୱତନ୍ତ୍ର ସ୍ଥାନ ପାଇଥିଲେ। ୨୦୧୩ରେ ବିଜେଡି ଟିକେଟରୁ ନିର୍ବାଚନ ଲଢ଼ି କାମାକ୍ଷାନଗର ଏନ୍ଏସିର କାଉନସିଲର ହେବା ପରେ ଅଧ୍ୟକ୍ଷ ହୋଇଥିଲେ। ଅଧ୍ୟକ୍ଷ ଥିବା ସମୟରେ ଅନେକ ଜନହିତକର କାର୍ଯ୍ୟକରି ଲୋକଙ୍କ ପ୍ରିୟଭାଜନ ହୋଇଥିଲେ। ୨୦୨୨ ଏନଏସି ନିର୍ବାଚନରେ ସେ ଦ୍ୱିତୀୟ ଥର ବିଜେଡି ଟିକେଟରେ ନିର୍ବାଚନ ଲଢ଼ି ବିରୋଧୀଙ୍କୁ ଏକତରଫା ପରାସ୍ତ କରି ୬ ହଜାରରୁ ଅଧିକ ଭୋଟ ବ୍ୟବଧାନରେ ବିଜୟୀ ହୋଇ ପୁନର୍ବାର ଅଧ୍ୟକ୍ଷ ହୋଇଥିଲେ। ଧର୍ମାନନ୍ଦ ଜିଲ୍ଲା ବିଜେଡି ଯୁବ ସଭାପତି ହେବାପରେ ଦଳ ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ସମେତ ରାଜ୍ୟ ବିଜୁ ଯୁବଜନତା ଦଳ ସଭାପତି ଚିନ୍ମୟ ସାହୁ, ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ଡା. ନୃସିଂହ ଚରଣ ସାହୁ, ପୂର୍ବତନ ସାଂସଦ ମହେଶ ସାହୁ, ଦଳୀୟ ନେତା ଅବିନାଶ ସାମଲ, ପୂର୍ବତନ ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ସନ୍ଦିପ ଷଡ଼ଙ୍ଗୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ପଙ୍କୋଦ୍ଧାର ଏକାଦଶୀ ପାଳିତ





ଢେଙ୍କାନାଳ,୧୩।୨(ସମିସ): କୈବଲ୍ୟ ବଜାରସ୍ଥିତ ସିଦ୍ଧ ବଳରାମଜୀଉଙ୍କ ମନ୍ଦିରରେ ଶୁକ୍ରବାର ପଙ୍କୋଦ୍ଧାର ଏକାଦଶୀ ନୀତି ପାଳନ କରାଯାଇଛି। ପ୍ରାତଃ ସମୟରୁ ମଙ୍ଗଳ ଆଳତି ମହାସ୍ନାନ, ବସ୍ତ୍ର, ତୁଳସୀ ହାର ଓ ଫୁଲହାର, ବଲ୍ଲଭ ଭୋଗ ଲାଗି କରାଯାଇଥିଲା। ସକାଳ ୧୦ଟାରେ ଖେଚୁଡ଼ି ଭୋଗ, ମଧ୍ୟାହ୍ନରେ ଅନ୍ନଧୂପ, ସନ୍ଧ୍ୟାରେ ଆଳତି ରାତ୍ରଧୂପ ପରେ ଏକାଦଶୀ ବେଢ଼ା ମହାଦୀପ ମନ୍ଦିର ଉପରକୁ ଉଠିଥିଲା। ପୂଜକ ମନସୁମନ ମିଶ୍ର, ଶ୍ରୀବତ୍ସ ମିଶ୍ର, ପାଳିଆ ସେବକ ଶମ୍ଭୁନାଥ ମହାପାତ୍ର, ବ୍ରଜମୋହନ ମହାପାତ୍ର, କାହାଳିଆ ଟିକନ ବେହେରା ଓ ମନ୍ଦିର ଜିମାଦାର ଶ୍ୟାମସୁନ୍ଦର ପାଣିଗ୍ରାହୀଙ୍କ ଉପସ୍ଥିତିରେ ନୀତି ପାଳିତ ହୋଇଥଲା। ସେହିପରି ଗାନ୍ଧୀ ମନ୍ଦିର ରୋଡ୍‌ସ୍ଥିତ ମା' ତାରିଣୀଙ୍କ ପୀଠ ଓ ମହାବୀର ବଜାରସ୍ଥିତ ହନୁମାନ ମନ୍ଦିରରେ ପଙ୍କ ଉଦ୍ଧାର ଏକାଦଶୀ ନୀତି ପାଳନ କରାଯାଇଛି।

## ମହିଷିଆକଡ଼ା ସେବାଶ୍ରମର ବାର୍ଷିକ ଉତ୍ସବ




ଗଁଦିଆ,୧୩।୨(ସମିସ): ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ଗଁଦିଆ ବ୍ଲକ ମହିଷିଆକଡ଼ା ସେବାଶ୍ରମର ବାର୍ଷିକ ଉତ୍ସବ ପ୍ରଧାନଶିକ୍ଷକ ଶଙ୍କର୍ଷଣ ବେହେରାଙ୍କ ତତ୍ତ୍ୱାବଧାନ ଓ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ମଠତେନ୍ତୁଲିଆ ସରପଞ୍ଚ ମାନଭଞ୍ଜନ ମହାନ୍ତି ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସୋରିଶିଆପଦା ସରପଞ୍ଚ ପ୍ରଦୀପ କୁମାର ରାଉତ, ମୁଖ୍ୟବକ୍ତା ଭାବେ ପ୍ରକୃତିବନ୍ଧୁ ହରିହର ସାହୁ ଯୋଗଦେଇ ଛାତ୍ରଛାତ୍ରୀମାନେ ସକାରାତ୍ମକ ସ୍ୱପ୍ନ ଦେଖି ମଣିଷ ପରି ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା ପରିଷଦ ସଭାପତି ଦୟାନିଧି ଖଟୁଆ, ପ୍ରାକ୍ତନ ଶିକ୍ଷକ ସୁଲଭ ଚନ୍ଦ୍ର ବାରିକ, ଧନିଆନାଳୀ ଆଶ୍ରମ ବିଦ୍ୟାଳୟ ପ୍ରଧାନଶିକ୍ଷକ ରାମଚନ୍ଦ୍ର ପୃଷ୍ଟି, ସମାଜସେବୀ ପ୍ରକାଶ ଚନ୍ଦ୍ର ସାହୁ, ଶିକ୍ଷକ ବୁଦ୍ଧିମନ୍ତ ଖଟୁଆ ଯୋଗଦେଇଥିଲେ।

ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ପ୍ରଶାନ୍ତ କୁମାର ନାଥ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ପ୍ରଦୀପ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ନୂତନ ଗଁଦିଆ ଏନଏସିରେ ୧୫ ୱାର୍ଡ

ଗଁଦିଆ,୧୩।୨(ସମିସ): ନୂତନ ଗଁଦିଆ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନଏସି)ର ୱାଡ଼ ବିଭକ୍ତ ଏବଂ ସଂରକ୍ଷିତ ଆସନ ପାଇଁ ଗୁରୁବାର ଢେଙ୍କାନାଳ ଜିଲ୍ଲାପାଳ ଚିଠା ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ବିଜ୍ଞପ୍ତି ପ୍ରକାଶନଠାରୁ ୧୦ଦିନ ମଧ୍ୟରେ ଲୋକେ ଅଭିଯୋଗ ବା ପ୍ରତିବାଦ ଦାଖଲ କରିପାରିବେ ବୋଲି କୁହାଯାଇଛି। ଏହି ଚିଠା ଅନୁସାରେ ଏନଏସି ପାଇଁ ୧୫ଟି ୱାର୍ଡ ସ୍ଥିର କରାଯାଇଛି। ପୋରୁହଖୋଜ ପଞ୍ଚାୟତ କିଣାବନ୍ଧ ସାହି ଏବଂ ଦେହୁରୀ ସାହିକୁ ମିଶାଇ ୧ ନମ୍ବର ୱାର୍ଡ କରାଯାଇଛି। ଏହି ୱାର୍ଡ ମହିଳାଙ୍କ ପାଇଁ ସଂରକ୍ଷିତ ରଖାଯାଇଛି। ସେହିପରି ପୋରୁହଖୋଜ ପଞ୍ଚାୟତ ପୋରୁହଖୋଜ ଏବଂ ବିଧାରପୁର ପଞ୍ଚାୟତ ସାପୁଆଝର ନୂଆସାହିକୁ ନେଇ ଦୁଇ ନମ୍ବର ୱାର୍ଡ (ଅଣସଂରକ୍ଷିତ), ପୋରୁହଖୋଜ ପଞ୍ଚାୟତ ସାନ୍ଦାପଶି ଏବଂ ସାପୁଆଝର ପୁରୁଣାସାହିକୁ ନେଇ ୩ ନମ୍ବର ୱାର୍ଡ (ଅନୁସୂଚିତ ଜନଜାତି ମହିଳା), ପୋରୁହଖୋଜ ପଞ୍ଚାୟତ ସାନ୍ଦାପଶି ପାଟଣା ପୁରୁଣା ସାହିକୁ ନେଇ ୪ ନମ୍ବର ୱାର୍ଡ (ମହିଳା), ପୋରୁହଖୋଜ ପଞ୍ଚାୟତ ହାଡିସାହି, ନୂଆସାହି ଏବଂ ବାଣିପଡ଼ା କୋପସାହିକୁ ନେଇ ୫ ନମ୍ବର ୱାର୍ଡ (ଅଣସଂରକ୍ଷିତ), ବଣିଆପଡ଼ା ମନ୍ଦିର ସାହି, ମଝିସାହି ଏବଂ ଶବରସାହିକୁ ନେଇ ୬ ନମ୍ବର ୱାର୍ଡ (ମହିଳା), ବଣିଆପଡ଼ା ନୂଆସାହି, ଭୋଇସାହି ସାହି ଏବଂ କଲୋଣି ସାହିକୁ ନେଇ ୭ ନମ୍ବର ୱାର୍ଡ (ଅଣସଂରକ୍ଷିତ), ଦଣ୍ଡେଇବେରିଣୀ ଓ ଛାଟଖୁମ୍ବକୁ ନେଇ ୮ ନମ୍ବର ୱାର୍ଡ (ଅନୁସୂଚିତ ଜନଜାତି), ଗଁଦିଆ ପଞ୍ଚାୟତ, ଗଁଦିଆ, ଦେହୁରୀ ସାହି, ଭୂତିଆ ସାହି, ଶୁଣ୍ଡି ସାହିକୁ ନେଇ ୯ ନମ୍ବର ୱାର୍ଡ (ମହିଳା), ଗଁଦିଆ ପଞ୍ଚାୟତ ଗଉଡ଼ସାହି, ବାରିକ ସାହି, ଧୋବାସାହି ଓ ବଢ଼େଇସାହିକୁ ନେଇ ୧୦ ନମ୍ବର ୱାର୍ଡ (ଅଣସଂରକ୍ଷିତ), ଗଁଦିଆ ପଞ୍ଚାୟତ ଗଁଦିଆ ନୂଆସାହି, କେନାଲ ସାହି ଓ ହରିଜନ ସାହିକୁ ନେଇ ୧୧ନଂ ୱାର୍ଡ (ଅନୁସୂଚିତ ଜାତି ମହିଳା), ଗଁଦିଆ ପଞ୍ଚାୟତ ଶ୍ରୀରାମଚନ୍ଦ୍ରପୁର, ବରପଦାକୁ ନେଇ ୧୨ନଂ ୱାର୍ଡ (ଅନୁସୂଚିତ ଜନଜାତି ମହିଳା), ମଠତେନ୍ତୁଳି ପଞ୍ଚାୟତ ଇଲେଇଜଙ୍ଗ ଗ୍ରାମକୁ ନେଇ ୧୩ନଂ ୱାର୍ଡ (ଅଣସଂରକ୍ଷିତ), ଗଁଦିଆ ପଞ୍ଚାୟତ ଅଙ୍କୁଦା, ନିଧିଆ ମହାନ୍ତି ଓ ସାରଙ୍ଗ ଧଳ ଘର ପର୍ଯ୍ୟନ୍ତ ଅଞ୍ଚଳକୁ ନେଇ ୧୪ନଂ ୱାର୍ଡ (ମହିଳା) ଓ ଆଙ୍କୁଦା ଛବି ସ୍ୱାଇଁ ଓ ମିଟିକା ସ୍ୱାଇଁ ଘର ପର୍ଯ୍ୟନ୍ତ ୧୫ନଂ ୱାର୍ଡ (ଅଣସଂରକ୍ଷିତ) ରହିଛି। ଆଗାମୀ ଦିନରେ ପୂର୍ଣ୍ଣାଙ୍ଗ ରୂପରେଖ ପ୍ରକାଶିତ ହେଲା ପରେ ରାଜନୈତିକ ଦଳ ମଧ୍ୟରେ ନିର୍ବାଚନୀ ଉଷ୍ମତା ଆହୁରି ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି।

# ୪୫ ଲକ୍ଷର ପ୍ରକଳ୍ପ ୪୫ ଦିନରେ ବିପର୍ଯ୍ୟସ୍ତ

ଭୁବନ,୧୩।୨(ସମିସ)

ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ଅଞ୍ଚଳରେ ମୁଖ୍ୟ କେନାଲରୁ କାଡ଼ା ନାଳ ଖୋଳା ନ ଯିବାରୁ ଚାଷକାର୍ଯ୍ୟ ପ୍ରଭାବିତ ହେଉଥିବା ଅଭିଯୋଗ ହେଉଛି। ବ୍ଲକର ବିଭିନ୍ନ ଅଞ୍ଚଳରେ ଖରିଫ୍ ଓ ରବି ଫସଲ ପାଇଁ ପାଣି ଅଭାବ ହେଉଥିବା ଚାଷୀ ଅଭିଯୋଗ କରିଆସୁଛନ୍ତି। ପାଣି ଅଭାବରୁ ଖରିଫ୍ ଧାନ ଫସଲ ନଷ୍ଟ ହେଉଥିବା ବେଳେ କିଛି ଅଞ୍ଚଳରେ ଜମିରୁ ଶୀଘ୍ର ପାଣି ନିଷ୍କାସନ ହୋଇପାରୁ ନ ଥିବାରୁ ରବି ଫସଲ ବୁଣିବାକୁ ଅନୁକୂଳ ପାଗ ରହୁନାହିଁ। ଆଉ କୋଉଠି ଶୀଘ୍ର ଜମି ଶୁଖି ଫାଟିଯାଉଛି। ଫଳରେ ଶତାଧିକ ଏକର ଜମି ପଡ଼ିଆ ରହିବା ସହ ରବି ଫସଲ ପ୍ରଭାବିତ ହେଉଛି। ଅନେକ ଅଞ୍ଚଳରେ ଚକଭୁକ୍ତ ଜମିକୁ ଆଜି ସୁଦ୍ଧା କାଡ଼ାନାଳ ଖୋଳାଯାଇ ନ ଥିବାରୁ ଅଧିକାଂଶ ଗହିର ଜମିକୁ କେନାଲ ପାଣି ଠିକ୍ ଭାବେ ପହଞ୍ଚି ପାରୁନାହିଁ। ଫଳରେ ଖରିଫ ଓ ରବି ଫସଲ ନଷ୍ଟ ହେଉଛି। ଚାଷୀମାନେ ଲାଭ ବଦଳରେ ଅନେକ ସମୟରେ କ୍ଷତି ସହୁଛନ୍ତି। ଉଠା ଜଳସେଚନ ବିଭାଗର ଖାମଖିଆଲ ମନୋଭାବ ଯୋଗୁଁ ଅନେକ ଜମିକୁ

■ କାଡ଼ା ନାଳ ଖୋଳିବାରେ ବିଳମ୍ବ

■ ଫସଲ ପ୍ରଭାବିତ, ଚାଷୀ ହନ୍ତସନ୍ତ

ପାଣି ମାଡ଼ିପାରୁନି। ଏହାକୁ ନେଇ ଚାଷୀ ମହଲରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ଭୁବନ ବ୍ଲକର ନଦୀନାଳ ଘେରା ପଞ୍ଚାୟତ କହିଲେ କଣପାଳ ସାମିଲ ମହୁଲପାଳ। ଏଠିକାର ମାଟି ଉର୍ବର। ବାରମାସୀ ଫସଲ। ପଣ୍ଡାରା ନାଳ, ରଙ୍ଗ ମାଟିଆ ଓ ବ୍ରାହ୍ମଣୀ କୂଳରେ ବସତି ସ୍ଥାପନ କରିଥିବା ନୀଳକଣ୍ଠପୁର, ବ୍ରହ୍ମପୁର, କଣପାଳ ମହୁଲପାଳ ଗ୍ରାମର ଚାଷୀଙ୍କ ପାଇଁ ବିଭିନ୍ନ ଯୋଜନାରେ ଜଳସେଚନ ବ୍ୟବସ୍ଥା କରାଯାଇଛି। ଉଠାଜଳ ସେଚନ ବିଭାଗ ପକ୍ଷରୁ ୪୫ ଲକ୍ଷ ଟଙ୍କା ବ୍ୟୟରେ ମହୁଲପାଳ ୧ ଓ ୨ ଦୁଇଟି ପାଣି ପଞ୍ଚାୟତ ମାଧ୍ୟମରେ ୨ଟି ପମ୍ପ ଘର ତିଆରି ହୋଇଛି। ମାଟି ତଳେ ପାଇପ ପଡ଼ିଛି। ଏହି କାର୍ଯ୍ୟ ୨୦୨୩ ଅକ୍ଟୋବର ୧ରେ ଆରମ୍ଭ ହୋଇ ୨୦୨୪ ଜାନୁଆରୀରେ ମାତ୍ର ୩ ମାସ ମଧ୍ୟରେ ଶେଷ ହୋଇଛି। ପ୍ରଥମ ଥର ଟେଷ୍ଟିଂ ସମୟରେ ପାଇପ ଫାଟିଯିବାରୁ ମହୁଲପାଳ ୨ ପଏଣ୍ଟଟି ସେହିଦିନଠାରୁ କାମରେ ଲାଗୁନି ବୋଲି କୁହନ୍ତି ପାଣି ପଞ୍ଚାୟତ ସଭାପତି ବିଜୟ କୁମାର ସାମଲ। ମହୁଲପାଳ ୧ ପଏଣ୍ଟ ଅବସ୍ଥା ନ କହିବା ଭଲ। ଏଠାରେ ପମ୍ପ ଘର ଛାତ ଭାଙ୍ଗି ପଡ଼ିଛି। ପମ୍ପ ହଲୁଛି। ନିମ୍ନମାନର ପାଇପ ଫାଟି ରାସ୍ତା ସାରା ପାଣି ବୋହୁଛି। ପୂର୍ତ୍ତ ବିଭାଗ ରାସ୍ତା କଲଭର୍ଟ ତଳେ ପାଇପ ଭାଙ୍ଗିଥିବାରୁ ତାହା ମରାମତି ହୋଇପାରୁନି। ପୂର୍ବ ପଟ ଚାଷ ଜମିକୁ ପାଣି ଆଦୌ ଉଠୁନାହିଁ ବୋଲି କୁହନ୍ତି ସଭାପତି ରବି ନାରାୟଣ ରାଉଳ। ମାଳ ବନ୍ଧ ପର୍ଯ୍ୟନ୍ତ ପାଣି ଭାସିବ ବୋଲି ସରକାର ଆଶା ଦେଖାଇଲେ, ଚାଷୀ ଫସଲ କଲେ, ହେଲେ ଜଳସେଚନ ବିଭାଗ ଧୋକା ଦେଲା। ଅନ୍ୟପଟେ କିରାସିନି ପମ୍ପ ଯୋଗେ ପାଣି ଉଠାଇବା ସମ୍ଭବ ହେଉନି। ଫସଲ କରି କ୍ଷତିରେ ଚାଷୀ। ଏ ନେଇ କନିଷ୍ଠ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀଙ୍କୁ ଫୋନ କରି କରି ଥକିଗଲୁଣି। ଭୁବନସ୍ଥିତ ଅଫିସରେ ଦୀର୍ଘଦିନ ହେଲା ତାଲା ଝୁଲୁଛି। ପ୍ରତାରଣା ଯୋଗୁ ଚାଷୀ ମେରୁଦଣ୍ଡ ଭାଙ୍ଗିବନି ତ ଆଉ କ'ଣ ବୋଲି ପୂର୍ବତନ ସରପଞ୍ଚ ରଘୁନାଥ ଭଞ୍ଜ କହିଛନ୍ତି। ଏହାର ପୁରରୁଦ୍ଧାର ପାଇଁ ଚାଷୀମାନେ କାମାକ୍ଷନଗର ବିଧାୟକ ଶତ୍ରୁଘ୍ନ ଜେନା ଏବଂ ଢେଙ୍କାନାଳ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

● ପ୍ରିୟବ୍ରତ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ମହୁଲଖୋଳିକୁ ହରାଇ ଚନ୍ଦ୍ରଶେଖରପୁର ଚାମ୍ପିଅନ




ଗଁଦିଆ,୧୩।୨(ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ମହୁଲଖୋଳି ଗ୍ରାମ ରଙ୍ଗମାଟିଆ ଷ୍ଟାଡିଅମରେ ଆୟୋଜିତ ୧୩ତମ ପ୍ରିୟବ୍ରତ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଛି। ଏଥିରେ ୧୬ ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ ଚନ୍ଦ୍ରଶେଖରପୁର ଓ ମହୁଲଖୋଳି ମଧ୍ୟରେ ହୋଇଥିଲା। ଚନ୍ଦ୍ରଶେଖରପୁର ବିଜୟୀ ହୋଇ ଚାମ୍ପିଅନ ହୋଇଛି। ଟସ୍ ଜିତି ଚନ୍ଦ୍ରଶେଖରପୁର ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୧୧୧ ରନ୍ କରିଥିଲା। ଜବାବରେ ମହୁଲଖୋଳି ଦଳ ୯୬ ରନ୍ କରିବାକୁ ସକ୍ଷମ ହୋଇଥିଲା। ମନୋରଞ୍ଜନ ଓ ଦୁଷ୍ମନ୍ତ ଖେଳ ପରିଚାଳନା କରିଥିବା ବେଳେ ସୁବ୍ରତ ସ୍କୋରସିଟ୍ ପରିଚାଳନାରେ ସହଯୋଗ କରିଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥ ଭାବେ ସମାଜସେବୀ ରାମଚନ୍ଦ୍ର ପାତ୍ର, ସମ୍ମାନିତ ଅଥିତି ଭାବେ ଚନ୍ଦ୍ରଶେଖରଜୀଉ ୟୁଥ କ୍ଲବ ସଭାପତି ପ୍ରହଲ୍ଲାଦ ମହାନ୍ତି, ମୁଖ୍ୟବକ୍ତା ଭାବେ ପ୍ରିୟବ୍ରତ ଟ୍ରଷ୍ଟ ଉପଦେଷ୍ଟା ତଥା ଗୋପବନ୍ଧୁ ବେହେରା ପ୍ରମୁଖ ଯୋଗଦେଇଥିଲେ। ଗଣେଶ୍ୱର ନାୟକ, ତ୍ରିନାଥ ବେହେରା, ସଞ୍ଜିତ କୁମାର ସାହୁ, ବାଳକୃଷ୍ଣ ବେହେରା, ମାଧବ ମହାଭୋଇ, କପିଳ ଦେହୁରୀ, ଅଚ୍ୟୁତ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଆୟୋଜକ ଦଳର ଆଲୋକ ମହାଭୋଇ, ବିକାଶ ସେଠୀ, ରଞ୍ଜିତ ବାରିକଙ୍କ ସମେତ ମହାବୀର କ୍ଲବ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

### ଗଣେଶ ସ୍ମାରକୀ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ସେମିରେ ରାଉରକେଲା, ଜାମସେଦପୁର, କଟକ ଓ ଭୁବନେଶ୍ୱର

ପାଲଲହଡ଼ା,୧୩ ।୨(ସମିସ)





ପାଲଲହଡ଼ା ଷ୍ଟାଡିୟମରେ ଶାସନସାହି ଶ୍ରୀ ଗଣେଶ କ୍ରିକେଟ କ୍ଲବ ପକ୍ଷରୁ ପ୍ରଥମ ଗଣେଶ ସ୍ମାରକୀ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଗରୁବାର ଉଦଘାଟିତ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟ ରବିବାର ଉଦଯାପିତ ହେବ। ଉଦଘାଟନୀ ଦିବସରେ ଦୁଇଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଉରକେଲା ଓ ଜାମସେଦପୁର ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଖ କରିଛନ୍ତି। ସେହିପରି ଶୁକ୍ରବାର ଦ୍ୱିତୀୟ ଦିନରେ ଦୁଇଟି ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ଭୁବନେଶ୍ୱର ଓ କଟକ ଦଳ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ପୂର୍ବାହ୍ନ ୧୦ଟାରେ ରାଉରକେଲା ୱାଇସିଏ ଓ ଝାରସୁଗୁଡ଼ା ପ୍ରୋଗ୍ରେସିଭ କ୍ଲବ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ରାଉରକେଲା ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୪୯ ରନ କରିଥିଲା। ଝାରସୁଗୁଡ଼ା ଦଳ ୧୨୨ ରନ କରିବାରେ ସକ୍ଷମ ହୋଇଥିଲା। ରାଉରକେଲା ୨୭ ରନରେ ବିଜୟୀ ହୋଇ ସେମିଫାଇନାଲକୁ ଉନ୍ନୀତ ହୋଇଛି। ୭୦ ରନ କରିଥିବା ରାଉରକେଲାର ମୀମାଂସ ସାହୁ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସେହିପରି ଅପରାହ୍ନ ସାଢ଼େ ୧ଟାରେ ଜାମସେଦପୁର (ଟାଟା) ଓ ଜୟ ଶ୍ରୀରାମ କ୍ରିକେଟ କ୍ଲବ ଶାସନସାହି ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଟସ ଜିତି ଟାଟା ଦଳ ବ୍ୟାଟିଂ କରି ୮ ଉଇକେଟ ହରାଇ ୧୭୦ ରନ କରିଥିଲା। ଜବାବରେ ଜୟ ଶ୍ରୀରାମ ଦଳ ସମସ୍ତ ଉଇକେଟ ହରାଇ ୮୯ ରନ କରିବାରେ ସକ୍ଷମ ହୋଇଥିଲା। ଜାମସେଦପୁର ୮୨ ରନରେ ବିଜୟୀ ହୋଇ ଦ୍ୱିତୀୟ ଦଳ ଭାବେ ସେମିଫାଇନାଲକୁ ଉନ୍ନୀତ ହୋଇଛି। ବିଜୟୀ ଦଳ ପକ୍ଷରୁ ୪ ଉଇକେଟ ନେଇଥିବା ତାରିଖ ମହମ୍ମଦ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲା। ରଞ୍ଜିତ ସାମଲ, ମାଧବ ସାହୁ, ସଞ୍ଜୟ ସାହୁ, ସନ୍ତୋଷ ଦଳବେହେରା ଖେଳ ପରିଚାଳନା କରିଥିବା ବେଳେ ଶିବପ୍ରସାଦ ସାମଲ, ବିଶ୍ୱଜିତ ମହାନ୍ତି, ଭୂପେନ କୁମାର ନାଏକ ସ୍କୋରିଂ ଦାୟିତ୍ୱ ତୁଲାଇଥିଲେ।

ଶୁକ୍ରବାର ପ୍ରଥମ ମ୍ୟାଚ ଭୁବନେଶ୍ୱର ଓ ଜୁଭେନାଇଲ କ୍ଲବ କଟକ ମଧ୍ୟରେ ଅନୁଷ୍ଠିତ ହେଇଥିଲା। ଭୁବନେଶ୍ୱର ପ୍ରଥମେ ବ୍ୟାଟିଂ କରି ୬୪ ରନରେ ଅଲଆଉଟ ହେଇଯାଇଥିଲା। ଜବାବରେ କଟକ ଦଳ ୬ ଉଇକେଟ ହରାଇ ୬୫ ରନ ସଂଗ୍ରହ କରି ବିଜୟୀ ହେଇଥିଲା। ଦ୍ୱିତୀୟ ମ୍ୟାଚ ଭୁବନେଶ୍ୱର ଓ ନିମପୁର କଟକ ମଧ୍ୟରେ ଅନୁଷ୍ଠିତ ହେଇଥିଲା। ଭୁବନେଶ୍ୱର ପ୍ରଥମେ ବ୍ୟାଟିଂ କରି ୧୬୫ ରନ କରିଥିଲା। ଜବାବରେ ନିମପୁର କଟକ ଦଳ ୯ ଉଇକେଟ ହରାଇ ୧୫୫ ରନ ସଂଗ୍ରହ କରିଥିଲା। ମାଧବନ ସାହୁ, ସଞ୍ଜୟ କୁମାର ସାହୁ, ରଞ୍ଜିତ କୁମାର ସାମଲ, ସନ୍ତୋଷ ଦଳବେହେରା ଖେଳ ପରିଚାଳନା କରିଥିଲେ। ପ୍ରଥମ ମ୍ୟାଚର ଶ୍ରେଷ୍ଠ ଖେଳାଳି ସତ୍ୟ ଓ ଦ୍ୱିତୀୟ ମ୍ୟାଚର ଶ୍ରେଷ୍ଠ ଖେଳାଳି ଦେବ୍ରତାଙ୍କୁ ପୁରସ୍କୃତ କରାଯାଇଥିଲା ପାଲଲହଡ଼ା ଉପଖଣ୍ଡସ୍ତରୀୟ ପ୍ରେସକ୍ଲବ ସଭାପତି ଡ. ସନ୍ତୋଷ କୁମାର ଦେହୁରୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଶନିବାର ଜାମସେଦପୁର ଟାଟା ଓ ରାଉରକେଲା ମଧ୍ୟରେ ପ୍ରଥମ ଓ ଜୁଭେନାଇଲ କଟକ ଓ ଭୁବନେଶ୍ୱର ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।

ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପାଲଲହଡ଼ା ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଶାଖା ପରିଚାଳକ ସୁଜିତ କୁମାର ମଲ୍ଲିକ, ସମ୍ମାନିତ ଅତିଥି ଭାବେ ଉପ ଶାଖା ପରିଚାଳକ ଦୀପକ କୁମାର ପ୍ରଧାନ, ଶୁଭମ କୁମାର ପାଲ, ବରିଷ୍ଠ ଆଇନଜୀବୀ ଚିତ୍ତରଞ୍ଜନ ପ୍ରଧାନ, ମାନରଞ୍ଜନ ଭଞ୍ଜ, ବରିଷ୍ଠ ସାମ୍ବାଦିକ ରଘୁନନ୍ଦନ ଆଚାର୍ଯ୍ୟ, ବରିଷ୍ଠ ନାଗରିକ ସନ୍ତୋଷ କୁମାର ପାଣି, ସୁଶୀଲ କୁମାର ଉଦାବଳ, ମିହିର ପାଳ ପ୍ରମୁଖ ଯୋଗଦେଇଥିଲେ। ସ୍ୱର୍ଗତ ଗଣେଶ ସାହୁ ଜଣେ କ୍ରିକେଟପ୍ରେମୀ ଥିଲେ। ତାଙ୍କ ଦୁଇପୁଅ ଶିବପ୍ରସାଦ ସାହୁ ଓ ବିଷ୍ଣୁପ୍ରସାଦ ସାହୁ ବାପାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏହି ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜନ କରୁଥିବାରୁ ଅତିଥିମାନେ ପ୍ରଶଂସା କରିଥିଲେ।

## ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ



ଅନୁଗୋଳ,୧୩ ।୨(ସମିସ): ଶୁକ୍ରବାର ଅପରାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଅବଦାଲ୍ ମୁହମ୍ମଦ୍ ଅଖତର୍‌ଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଛି। ବୈଠକ ପ୍ରାରମ୍ଭରେ ଜାନୁଆରୀ ମାସରେ ହୋଇଥିବା ଦୁର୍ଘଟଣା, ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ଓ ବିଭିନ୍ନ ପଦକ୍ଷେପ ଉପରେ ପରିବହନ ବିଭାଗ ଦ୍ୱାରା କମିଟି ସଭ୍ୟଙ୍କୁ ଅବଗତ କରାଯାଇଥିଲା। ପରିବହନ ବିଭାଗ ସୂଚନା ଅନୁଯାୟୀ ଜାନୁଆରୀ ମାସରେ ଜିଲ୍ଲାରେ ମୋଟ ୪୩ ଦୁର୍ଘଟଣା ଘଟିଥିବାବେଳେ ୧୭ ଜଣଙ୍କ ମୃତ୍ୟୁ ଘଟିଛି ଓ ୨୬ ଜଣ ଆହତ ହୋଇଛନ୍ତି। ପରିବହନ ବିଭାଗ ଦ୍ୱାରା ହୋଇଥିବା ଯାଞ୍ଚ ସମୟରେ ବିନା ହେଲମେଟରେ ଗାଡ଼ି ଚାଳନା ଯୋଗୁଁ ୧୦୬୨ ଜଣ, ଦ୍ରୁତ ଗାଡ଼ି ଚାଳନା ଯୋଗୁଁ ୯୬୮ ଜଣ, ମଦ୍ୟପାନ କରି ଗାଡ଼ି ଚାଳନା ନିମନ୍ତେ ୪୫ ଜଣ, ଅତ୍ୟଧିକ ମାଲ୍ ପରିବହନ ନିମନ୍ତେ ୪୩ ଜଣଙ୍କଠାରୁ ଜରିମାନା ଆଦାୟ କରାଯାଇଥିବା ବେଳେ ୪୭୮ ଜଣଙ୍କ ଲାଇସେନ୍ସ ରଦ୍ଦ କରାଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ରାହୁଲ ଜୈନ, ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ଆଇଏଏସ୍ ପ୍ରୋବେସନର କସ୍ତୁରୀ ସା, ଅନୁଗୋଳ ଆଞ୍ଚଳିକ ପରିବହନ ଅଧିକାରୀ ସମ୍ବିତ କୁମାର, ବରିଷ୍ଠ ସାମ୍ବାଦିକ ସଂଗ୍ରାମ ରଞ୍ଜନ ଦାସଙ୍କ ସମେତ ଜାତୀୟ ରାଜପଥ ପ୍ରାଧିକରଣ ଅଧିକାରୀ ଓ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ।

## ଛେଣ୍ଡିପଦାରେ ବନ୍ଦ ପାଳନ ବେଳେ ଉତ୍ତେଜନା

ଛେଣ୍ଡିପଦା,୧୩ ।୨(ସମିସ): କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣ ନୀତି ବିରୋଧରେ ଛେଣ୍ଡିପଦା ବ୍ଲକରେ ବନ୍ଦ ପାଳନ କରାଯାଇଛି। ଛେଣ୍ଡିପଦା ଦେଇ ଯାଇଥିବା ୬୩ନଂ ରାଜ୍ୟ ରାଜପଥରେ ବସ, ଟ୍ରକ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। କଂଗ୍ରେସ ଓ ଏସୟୁସିଆଇ କମ୍ୟୁନିଷ୍ଟ ପକ୍ଷରୁ ପିକେଟିଂ କରାଯାଇ ବିଭିନ୍ନ ଶିକ୍ଷାନୁଷ୍ଠାନ, ସରକାରୀ କାର୍ଯ୍ୟାଳୟ ଓ ବ୍ୟାଙ୍କଗୁଡ଼ିକୁ ବନ୍ଦ କରାଯାଇଥିଲା। ବ୍ଲକ କଂଗ୍ରେସ ସଭାପତି ଅଜୟ ବେହେରା, ସଦସ୍ୟ ନରୋତ୍ତମ ନାଏକ ଓ ଏସୟୁସିଆଇ ନେତା ରଣଜିତ ପ୍ରଧାନଙ୍କ ନେତୃତ୍ୱରେ ବନ୍ଦ ପାଳନ କରାଯାଇଥିଲା। ଆନ୍ଦୋଳନକାରୀମାନେ ପିକେଟିଂ କରି ବ୍ଲକ ସଦର ମହକୁମାରେ ଥିବା ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖା ବନ୍ଦ କରିବାକୁ ଯାଇଥିବ ବେଳେ ସେଠାରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। କଂଗ୍ରେସ କର୍ମୀ ଏବଂ ବ୍ୟାଙ୍କ ସିକ୍ୟୁରିଟି ଗାର୍ଡ ଓ କର୍ମଚାରୀଙ୍କ ମଧ୍ୟରେ ବଚସା ହୋଇଥଲା। ପୁଲିସ ପାଟ୍ରୋଲିଂ ଗାଡ଼ି ଆସିବା ପରେ ଉତ୍ତେଜନା କମିବା ସହ ବ୍ୟାଙ୍କ କର୍ତ୍ତୃପକ୍ଷ ବ୍ୟାଙ୍କ ବନ୍ଦ କରିଥିଲେ। ସେହିପରି ଆନ୍ଦୋଳନକାରୀମାନେ ରାଜ୍ୟ ରାଜପଥ ଅବରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିବା ସହ କେନ୍ଦ୍ର ସରକାରଙ୍କ ଶ୍ରମିକମାରଣ ନୀତି ବିରୋଧରେ ବିଭିନ୍ନ ନାରାବାଜି କରିଥିଲେ। ସେହିପରି କୋଶଳାଠାରେ କଂଗ୍ରେସର ଗୋବିନ୍ଦ ନାଏକଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ପିକେଟିଂ କରି ସରକାରୀ କାର୍ଯ୍ୟାଳୟ ବନ୍ଦ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କଂଗ୍ରେସର ପ୍ରିୟବ୍ରତ ନାୟକ, ବରିଷ୍ଠ ନେତା ସୁରେଶ ସାହୁ, ପ୍ରତାପ ପ୍ରଧାନ, ରଞ୍ଜନ ସାହୁ, ଦିପେନ ସାହୁ, ଏସ୍‌ୟୁସିଆଇର ପ୍ରତିମା ବେହେରା, ବିନତି ସାହୁଙ୍କ ସମେତ ବିଭିନ୍ନ ବିଦ୍ୟାଳୟ ସମ୍ମୁଖରେ ପାଚିକା ସହାୟକମାନେ ସାମିଲ ହୋଇଥିଲେ।

## ମରାତିରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ




ଅନୁଗୋଳ,୧୩ ।୨(ସମିସ): ବଅଁରପାଳ ବ୍ଲକ୍ ମରାତିରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ବଅଁରପାଳ ସହକାରୀ ଶିକ୍ଷା ଅଧିକାରୀ ସୁଶୀଲ କୁମାର ନାଏକ, ସମ୍ମାନିତ ଅତିଥି ଭାବେ ସିଆରସିସି ଧୀରେନ କୁମାର ସାହୁ, ଗଣ୍ଡିବେଡ଼ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁନୀଲ କୁମାର ନାୟକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରସାନନ୍ଦ ସାହୁ, ଗ୍ରାମ୍ୟ ସଭାପତି ଓ ମୋ ସ୍କୁଲ ଅଭିଯାନ ଅଧ୍ୟକ୍ଷ ଶରତ ସାହୁ, ଗ୍ରାମ ସମ୍ପାଦକ ବାବୁଲି ପ୍ରଧାନ, ଗ୍ରାମ ଉପସଭାପତି ସୁଧାକର ସାହୁ, ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତି ଦିଗମ୍ବର ପ୍ରଧାନ, ମରାତିରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅକ୍ଷୟ କୁମାର ସାହୁ ଯୋଗଦେଇଥିଲେ। ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଅଧ୍ୟକ୍ଷତା କରିଥିବା ବେଳେ ଧୀରେନ କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ପର୍ଯ୍ୟାୟ ତଥା ପରୀକ୍ଷା ପ୍ରମୁଖ ଶିକ୍ଷକ ଅକ୍ଷୟ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟବକ୍ତା ଚିତ୍ତରଞ୍ଜନ ସାହୁ ଛାତ୍ରର ବ୍ୟକ୍ତିତ୍ୱ ନିର୍ମାଣରେ ପିତାମାତା ଓ ଶିକ୍ଷକଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଚଳିତ ଶିକ୍ଷାବର୍ଷରେ ବିବିଧ କ୍ଷେତ୍ରରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥି ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଜିଲ୍ଲା କ୍ରିକେଟ ସଙ୍ଘ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ



ଅନୁଗୋଳ,୧୩ ।୨(ସମିସ): ସ୍ଥାନୀୟ କଦମ ପଡ଼ିଆରେ ଶୁକ୍ରବାର ଅନୁଗୋଳ ଜିଲ୍ଲା କ୍ରିକେଟ ସଂଘର ନବନିର୍ବାଚିତ କର୍ମକର୍ତ୍ତା ପଦ ଓ ଗୋପନୀୟତାର ଶପଥ ନେଇଛନ୍ତି। ସଂଘ ସଭାପତି ତଥା ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଉପସଭାପତି ପ୍ରଭାତ ସିହ୍ନା ଓ ଅରୁଣ ପୁଷ୍ପାଳକ, ଯୁଗ୍ମ ସମ୍ପାଦକ ଗଙ୍ଗାଧର ପଟ୍ଟନାୟକ, ସତ୍ୟେନ୍ଦ୍ର ପ୍ରଧାନ ଏବଂ କୋଷାଧ୍ୟକ୍ଷ ରଞ୍ଜନ ଧୀରସାମନ୍ତ ଶପଥ ନେଇଛନ୍ତି। ବରିଷ୍ଠ ଆଇନଜୀବୀ ତଥା ସଂଘର ନିର୍ବାଚନ ଅଧିକାରୀ ଭୂପେଶ ଚନ୍ଦ୍ର ପ୍ରଧାନ ସମସ୍ତ କର୍ମକର୍ତ୍ତାଙ୍କୁ ଶପଥପାଠ କରାଇଥିଲେ। ମାୟାଧର ମିଶ୍ର ସମସ୍ତଙ୍କୁ ସ୍ୱାଗତ କରିଥିଲେ। ସଂଘ ଇତିହାସରେ ଚଳିତବର୍ଷ ପ୍ରଥମ କରି ଚାରିବର୍ଷ ପାଇଁ କର୍ମକର୍ତ୍ତା ନିର୍ବାଚନ କରାଯାଇଛି।

## ଡେରଜାଙ୍ଗ ଇକୋ ଟୁରିଜିମ୍ ପରିଯୋଜନା | ପର୍ଯ୍ୟଟକଙ୍କ ପାଇଁ ରୋମାଞ୍ଚ ଓ ମନୋରଞ୍ଜନର କେନ୍ଦ୍ର



ଅନୁଗୋଳ,୧୩ ।୨(ସମିସ): ଅନୁଗୋଳରେ ପର୍ଯ୍ୟଟନର ନୂଆ ହବ୍ ପାଲଟିବ ଡେରଜାଙ୍ଗ ଇକୋ ଟୁରିଜିମ ପରିଯୋଜନା। ଏହା ଲୋକଙ୍କୁ ରୋମାଞ୍ଚକର ଅନୁଭୂତି ସହ ଅଫୁରନ୍ତ ମନୋରଞ୍ଜନ ପ୍ରଦାନ କରିବ। ଅନୁଗୋଳ ଫରେଷ୍ଟ ଡିଭିଜନ ପକ୍ଷରୁ ଏବେ ଏଠି ଏଭଳି ବ୍ୟବସ୍ଥା କରାଯାଉଛି ଯାହା ଜିଲ୍ଲା ପର୍ଯ୍ୟଟନ କ୍ଷେତ୍ରରେ ଏକ ଦିଗବାରିଣୀ ହୋଇ ରହିବ। ପ୍ରାକୃତିକ ଶୋଭାରାଜିରେ ଭରପୂର ଡେରଜାଙ୍ଗ ଜଳଭଣ୍ଡାରରେ ଦୁଃସାହସିକ କ୍ରୀଡ଼ା ଲଞ୍ଚ୍ କରାଯିବ ଯାହା ସାରା ପରିବାର ପାଇଁ ଢେର୍ ମଜା ମସ୍ତି ଆଣିଦେବ। ସେଠାରେ ଜେଟ ସ୍କାଏ, ସ୍ପିଡ୍ ବୋଟ, ୱାଟର ସାଇକଲ, ଆକ୍ୱା ବାଇକ୍, ପେଡାଲ ବୋଟ, କାୟକ୍ ବୋଟ ଆଦି ବ୍ୟବସ୍ଥା ରହିବ। ପର୍ଯ୍ୟଟକଙ୍କ ନିରାପତ୍ତା ପାଇଁ ଯଥେଷ୍ଟ କର୍ମଚାରୀ ମଧ୍ୟ ରହିବେ। ସେମାନଙ୍କୁ ଏହି ସବୁ ଜଳକ୍ରୀଡ଼ା ନେଇ ତାଲିମ ଦିଆଯିବ। ଜଳଭଣ୍ଡାର ନିକଟରେ ସୁଦୃଶ୍ୟ ପାର୍କ ଏବଂ ହର୍ବାଲ ଗାର୍ଡେନ କରାଯିବ। ପିଲାଛୁଆଙ୍କୁ ନେଇ ପର୍ଯ୍ୟଟକମାନେ ଏଠାରେ ଦିନତମାମ ମଉଜ ମସ୍ତି କରିପାରିବେ। ଅନୁଗୋଳ ଜିଲ୍ଲା ପର୍ଯ୍ୟଟନ ଇତିହାସରେ ଏହା ଏକ ନୂଆ ଅଧ୍ୟାୟ ସୃଷ୍ଟି କରିବ ବୋଲି ଆଶା କରାଯାଉଛି।

## ଗଛ କାଟିଲା ବେଳେ ଅଘଟଣ, କଟାଳି ମୃତ

ବଅଁରପାଳ,୧୩ ।୨(ସମିସ): ବଅଁରପାଳ ଥାନା ତୁଳସୀପାଳ ଗ୍ରାମରେ ଗଛ କାଟୁଥିବା ବେଳେ ଅଘଟଣ ଘଟି ଗଛ କଟାଳିଙ୍କ ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ ତୁଳସୀପାଳ ଗ୍ରାମର ଶରତ ପ୍ରଧାନଙ୍କ ପୁଅ ସଂସାର ଓରଫ ସୁବାସ ପ୍ରଧାନ (୩୮) ଗୁରୁବାର ଗ୍ରାମରେ ମେସିନ ସାହାଯ୍ୟରେ ଏକ ଜାମୁ ଗଛକୁ ମୂଳରୁ କାଟୁଥିଲେ। ଗଛ ଗଣ୍ଡିର ଅଧା କଟିଥିବା ବେଳେ ହଠାତ ଗଛଟି ଠିଆ ଚିରି ହୋଇ ଯାଇଥିଲା। ଫଳରେ ଗଛ ଗଣ୍ଡିର ଗୋଟିଏ ପାଖର୍ ସୁବାସଙ୍କ ଛାତିରେ ଜୋରରେ ମାଡ଼ ହୋଇଥିଲା। ଗୁରୁତର ଅବସ୍ଥାରେ ପ୍ରଥମେ ତାଙ୍କୁ ଅନୁଗୋଳ ସରକାରୀ ଡାକ୍ତରଖାନା ଓ ପରେ କଟକ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଧଉରାପାଲ୍ଲୀରେ ଦୋଳଯାତ୍ରା ପାଳନ ନିମନ୍ତେ ପ୍ରସ୍ତୁତି

କିଶୋରନଗର,୧୩ ।୨(ସମିସ): କିଶୋରନଗର ବ୍ଲକ ଧଉରାପାଲ୍ଲୀ ଗ୍ରାମରେ ଏ ବର୍ଷ ୧୦୦ ବର୍ଷରେ ପଦାର୍ପଣ କରୁଛି ଦୋଳଯାତ୍ରା। ଏ ନେଇ ସୋମବାର ଗ୍ରାମରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଦୋଳଯାତ୍ରା କମିଟିର କାର୍ଯ୍ୟକର୍ତ୍ତା ଚୟନ କରାଯାଇଥିଲା। କମିଟିରେ ଉପଦେଷ୍ଟା ଭାବେ ଗ୍ରାମର ବରିଷ୍ଠ ବ୍ୟକ୍ତି ରାମଚନ୍ଦ୍ର ଦେହୁରୀ, କ୍ଷୀରୋଦ ଚନ୍ଦ୍ର ପ୍ରଧାନଙ୍କୁ ଚୟନ କରାଯାଇଛି। ସଭାପତି ଭାବେ ଗଜେନ୍ଦ୍ର ବେହେରା, ଉପସଭାପତି ଲକ୍ଷ୍ମଣ ଦେହୁରୀ, ସଞ୍ଜୟ ପ୍ରଧାନ, ସାଧାରଣ ସମ୍ପାଦକ ପ୍ରଭୁଦତ୍ତ ହୋତା ଓ କୋଷାଧ୍ୟକ୍ଷ ଭାବେ ଆଶୁତୋଷ ରଣାଙ୍କୁ ମନୋନୀତ କରାଯାଇଛି। ଚଳିତ ବର୍ଷ ଦୋଳଯାତ୍ରା ମହାସମାରୋହରେ ପାଳନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିସହ କମିଟି ପକ୍ଷରୁ ସମ୍ବଲପୁର ସାଂସଦ ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଅତିଥି ଭାବେ ଯୋଗଦେବାକୁ ଅନୁରୋଧ କରାଯାଇଥିବା ସୂଚନା ଦିଆଯାଇଛି।

## ଧର୍ମପରାୟଣାଙ୍କ ପରଲୋକ



ବଅଁରପାଳ,୧୩ ।୨(ସମିସ): ବଅଁରପାଳ କମଳାଙ୍କ ଗ୍ରାମର ଧର୍ମପରାୟଣା ମହିଳା ଅମ୍ବିକା ରାଜ୍‌ଙ୍କର ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ତାଙ୍କୁ ୬୭ ବର୍ଷ ବୟସ ହୋଇଥିଲା। କିଛିଦିନ ହେବ ସେ ମଧୁମେହ ଓ ହୃଦରୋଗରେ ପୀଡ଼ିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସ୍ୱାମୀ ଦୁଃଶାସନ ରାଜ, ଦୁଇପୁଅ ଓ ଝିଅ ଉପସ୍ଥିତ ଥିଲେ। ତାଙ୍କ ଦେହାନ୍ତରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି।

## ବଅଁରପାଳରେ ବନ୍ଦ ପାଳନ



ବଅଁରପାଳ,୧୩ ।୨(ସମିସ): ବଅଁରପାଳରେ ଗୁରୁବାର ସକାଳ ୬ଟାରୁ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଛି। ଟ୍ରାଫିକ୍ ଛକ ନିକଟରେ ଜିଲ୍ଲା କଂଗ୍ରେସ ଉପସଭାପତି ଦୁଷ୍ମନ୍ତ ଦଳବେହେରାଙ୍କ ନେତୃତ୍ୱରେ ରାସ୍ତାରୋକ କରାଯଇଥିଲା। ଫଳରେ ଶହ ଶହ ଗାଡ଼ି କଣ୍ଟାବଣିଆରୁ ବଅଁରପାଳ ଓ ତାଳଚେର ପର୍ଯ୍ୟନ୍ତ ଲମ୍ବିଥିଲା। ମୁଖ୍ୟତଃ ଟ୍ରକଗୁଡ଼ିକ ରାସ୍ତାର ଦୁଇ ପାଖର୍‌ରେ ଠିଆହୋଇ ରହିଥିଲେ। ସେହିପରି ସ୍କୁଲ, ବ୍ୟାଙ୍କ ବନ୍ଦ ଥିବାବେଳେ ଦୋକାନ ବଜାର ଖୋଲା ଥିଲା। ଆନ୍ଦୋଳନରେ ଚିତ୍ତ ସାମଲ, କୃଷ୍ଣ ଦେହୁରୀ, ଗୋବିନ୍ଦ ବେହେରା, ରଞ୍ଜିତ ନାୟକ ଓ ରାକେଶ ନାୟକ ସାମିଲ ହୋଇଥିଲେ।

## ଘରୋଇ ଶିକ୍ଷାନୁଷ୍ଠାନ ଉଦ୍‌ଘାଟିତ




କିଶୋରନଗର,୧୩ ।୨(ସମିସ): କିଶୋରନଗର ବ୍ଲକ କସ୍ତୁରୀବାହାଳ ଗ୍ରାମରେ ନୂତନ ବ୍ରେନ ୱେଭ ଶିକ୍ଷାନୁଷ୍ଠାନ ଉଦଘାଟିତ ହୋଇଛି। ଅନୁଷ୍ଠାନର ସମ୍ପାଦକ ଆଶିଷ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କିଶୋରନଗର ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ଶ୍ରୀଯୁକ୍ତ ଅକ୍ଷୟ ଦାଶ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ଦିବାକର ମାଝୀ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ହାଡ଼ିବନ୍ଧୁ ବେହେରା, ସରପଞ୍ଚ ସୁଲୋଚନା ପ୍ରଧାନ ଯୋଗଦେଇ ଶିକ୍ଷାନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଆକାଶ ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ବୈନତେୟ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ଐଶ୍ୱର୍ଯ୍ୟା ମିଶ୍ର ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଂଗ୍ରାମ ମଲ୍ଲିକ୍ ଧନ୍ୟବାଦ୍ ଅର୍ପଣ କରିଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ବିଦ୍ୟାଳୟରେ ଆଧୁନିକ ପ୍ରଯୁକ୍ତିବିଦ୍ୟା ପ୍ରଶିକ୍ଷଣ ଶିବିର ଉଦଯାପିତ



ପାଲଲହଡ଼ା,୧୩ ।୨(ସମିସ): ପିଏମଶ୍ରୀ ମହତାବ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ଛାତ୍ରଛାତ୍ରୀଙ୍କୁ ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ୍ ସେଣ୍ଟର (ଓକାକ) ଏବଂ ଓଡ଼ିଶା ନଲେଜ କର୍ପୋରେସନ ଲିମିଟେଡ୍ (ଓକେସିଏଲ), ଭୁବନେଶ୍ୱର ସହଯୋଗରେ ଆଧୁନିକ ପ୍ରଯୁକ୍ତିବିଦ୍ୟା ସମ୍ବନ୍ଧରେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ପାଲଲହଡ଼ା ଥାନା ଅଧିକାରୀ ପ୍ରଦୀପ କୁମାର ମହନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁନନ୍ଦା ପ୍ରଧାନ ଓ ଓଡ଼ିଶା ନଲେଜ କର୍ପୋରେସନର ଜିଲ୍ଲା ସଂଯୋଜକ ଯୋଗଦେଇଥିଲେ। ଆଇଓଟି ଯଥା ଆଧୁନିକ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ବିଭିନ୍ନ ଉପକରଣ, ଯନ୍ତ୍ର ଓ ବସ୍ତୁଗୁଡ଼ିକୁ ଇଣ୍ଟରନେଟ୍ ସହ ସଂଯୋଗ କରିବା, କୃତ୍ରିମ ବୁଦ୍ଧିମତା ଓ ସାଇବର ସୁରକ୍ଷା ସମ୍ପର୍କରେ ସଚେତନ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ରାଜ୍ୟର ୧୦୦ଟି ହାଇସ୍କୁଲର ୧୨୦୦୦ ଛାତ୍ରଛାତ୍ରୀଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯାଇଛି। ଅନୁଗୋଳ ଜିଲ୍ଲାର ୪ ଉପଖଣ୍ଡର ୫ ହାଇସ୍କୁଲରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଗତ ୭ ତାରିଖରୁ ଏହି ଶିବିର ଆରମ୍ଭ ହୋଇଥିବାବେଳେ ପ୍ରଥମେ ଆଠମଲ୍ଲିକ ଉପଖଣ୍ଡ ମହେନ୍ଦ୍ର ହାଇସ୍କୁଲ, ଅନୁଗୋଳ ସରକାରୀ ଉଚ୍ଚ ବିଦ୍ୟାଳୟ, ପିଟିସି ଉଚ୍ଚ ବିଦ୍ୟାଳୟ, ତାଳଚେର ଉପଖଣ୍ଡର ଯୁବରାଜ ଉଚ୍ଚ ବିଦ୍ୟାଳୟ ଏବଂ ଶେଷରେ ଗୁରୁବାର ପାଲଲହଡ଼ା ଉପଖଣ୍ଡର ମହତାବ ଉଚ୍ଚ ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।

# ସ୍କୁଲ୍ ସମୟରେ ଫାଟକରେ ଝୁଲୁଛି ତାଲା

### ତୁରଙ୍ଗ ସରକାରୀ ବିଦ୍ୟାଳୟରୁ ଆସିଲା ବିଚିତ୍ର ଦୃଶ୍ୟ

ଅନୁଗୋଳ,୧୩ ।୨(ସମିସ)




ଅନୁଗୋଳ ସହର ନିକଟ ତୁରଙ୍ଗ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏକ ଅଭାବନୀୟ ଚିତ୍ର ଦେଖିବାକୁ ମିଳିଛି। ସାଧାରଣତଃ ଶିକ୍ଷାଦାନ ସମୟରେ ବିଦ୍ୟାଳୟ ପରିସର ସମସ୍ତଙ୍କ ପାଇଁ ଉନ୍ମୁକ୍ତ ରହିବା କଥା। କିନ୍ତୁ ଏଠାରେ ସବୁବେଳେ ସ୍କୁଲ ମୁଖ୍ୟ ଫାଟକରେ ତାଲା ପଡ଼ିଥିବା ଦେଖାଯାଇଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

ବିଦ୍ୟାଳୟ ଚାଲୁଥିବା ସମୟରେ ଏଭଳି ପଦକ୍ଷେପ ନେବା ପଛର କାରଣ ସମ୍ପର୍କରେ ପ୍ରଧାନଶିକ୍ଷକ ବିଶ୍ୱନାଥ ସାହୁ କହିଛନ୍ତି ଯେ ମଦ୍ୟପ ଓ ମାନସିକ ବିକୃତ ବ୍ୟକ୍ତିମାନେ ଅବାଧରେ ସ୍କୁଲ ପରିସର ମଧ୍ୟକୁ ପଶି ଆସୁଛନ୍ତି। ସ୍କୁଲ ସମ୍ମୁଖରେ ଥିବା ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିର କାନ ଓ ନାକ ଭାଙ୍ଗି କ୍ଷତିଗ୍ରସ୍ତ କରିଛନ୍ତି। ଏହି କାରଣରୁ ସ୍କୁଲରେ ତାଲା ପକାଯାଇଥିବା ସେ କହିଛନ୍ତି।

ସେହିପରି ପୂର୍ବରୁ ଦୁର୍ବୃତ୍ତ ବିଦ୍ୟାଳୟ ବଗିଚାରେ ନିଆଁ ଲଗାଇ ଦେଇଥିଲେ। ଏହି ଘଟଣା ଶିକ୍ଷାର୍ଥୀଙ୍କ ପାଇଁ ବିପଜ୍ଜନକ ସ୍ଥିତି ସୃଷ୍ଟି କରିଥିଲା। ଏଣୁ ବିଦ୍ୟାଳୟ ସମ୍ପତ୍ତିର ସୁରକ୍ଷା ଏବଂ ପିଲାଙ୍କ ନିରାପତ୍ତା ଦୃଷ୍ଟିରୁ ଆମେ ଫାଟକରେ ତାଲା ପକାଇବାକୁ ବାଧ ହେଉଛୁ ବୋଲି ପ୍ରଧାନଶିକ୍ଷକ କହିଛନ୍ତି। ତେବେ ଶିକ୍ଷାନୁଷ୍ଠାନ ପରିସରରେ ଏଭଳି ଅସାମାଜିକ କାର୍ଯ୍ୟକଳାପ ବଢୁଥିବାରୁ ଅଭିଭାବକ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ସ୍ଥାନୀୟ ପ୍ରଶାସନ ଏବଂ ପୁଲିସ ଏ ଦିଗରେ ଦୃଷ୍ଟିଦେଇ ବିଦ୍ୟାଳୟର ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବାକୁ ଦାବି ହେଉଛି।

### ଲୋପ୍ ପାଉଛି ଗ୍ରାମ୍ୟ ଜଙ୍ଗଲ

# ଶୋଇଛି ବନବିଭାଗ; ମାଲେମାଲ୍ କାଠ ମାଫିଆ

ବିଞ୍ଝାରପୁର, ୧୩।୨(ସମିସ)



ବିଞ୍ଝାରପୁର ଅଞ୍ଚଳରେ ଦିନକୁ ଦିନ ଗ୍ରାମ୍ୟ ଜଙ୍ଗଲ ଲୋପ ପାଇବାକୁ ବସିଲାଣି । ଚୋରା କାଠ ବ୍ୟବସାୟୀ ସକ୍ରିୟ ହୋଇ ଉଠିଥିବା ବେଳେ ଦିନ ଦ୍ୱିପହରେ ରାଜରାସ୍ତାରେ ଖୋଲାମେଲା ଭାବେ କାଠ ପରିବହନ ହେଉଥିବା ଦେଖିବାକୁ ମିଳୁଛି । ସବୁଠୁ ଚିନ୍ତାଜନକ କଥା ହେଲା ବିଞ୍ଝାରପୁର ଅଞ୍ଚଳର କରତକଳ ବନ୍ଦ ହୋଇଥିବା ସତ୍ତ୍ୱେ କେନ୍ଦ୍ରାପଡ଼ା ଓ ଯାଜପୁର, କୁଆଖିଆ, ଭଦ୍ରକ ସହ ଅନ୍ୟାନ୍ୟ ସ୍ଥାନକୁ ପ୍ରତିଦିନ ୨୦ରୁ ଅଧିକ ଟ୍ରାକ୍ଟର ଓ ପିକ୍ଅପ୍ ଯୋଗେ ଚୋରା କାଠ ବେଧଡ଼କ ଭାବେ ଚାଲାଣ ହେଉଛି । ସ୍ଥାନୀୟ ମହଲର ଅଭିଯୋଗ ଅନୁସାରେ, ଏହା ସବୁ ବନ ବିଭାଗ ଓ ପୁଲିସର ଜଣାତରେ ହେଉଛି । କିଛି ବର୍ଷ ପୂର୍ବରୁ ବିଭିନ୍ନ ପଞ୍ଚାୟତରେ ଥିବା ଆମ୍ବତୋଟା ଓ ଗ୍ରାମ୍ୟ ଜଙ୍ଗଲ ଆଜି ପ୍ରାୟ ସମୂଳେ ନଷ୍ଟ ହେବାକୁ ବସିଲାଣି । ଜାଲେଣି କାଠର ଆଡ଼ରେ ମୂଲ୍ୟବାନ ବୃକ୍ଷ ଯଥା ସାଗୁଆନ, ଆକାଶୀ, ନିମ୍ବ, ପୁଣ୍ଟିଆ, ଗମ୍ଭାରୀ, କସି ପଣସ ଓ ଆମ୍ବ ଗଛ ଶହ ଶହ ସଂଖ୍ୟାରେ କଟାଯାଉଛି । କାଠ ମାଫିଆମାନେ ଏକ ଯୋଜନାବଦ୍ଧ ଉପାୟରେ ଗ୍ରାମ୍ୟ ଜଙ୍ଗଲ ଧ୍ୱଂସ କରୁଥିବା ବେଳେ ବନବିଭାଗର ଭୂମିକା ଉପରେ ପ୍ରଶ୍ନଚିହ୍ନ ଉଠିଛି । କେବଳ ନାମମାତ୍ର ଚେକିଂ କରାଯାଉଥିବା ଓ ମାସିକ ବଟି ନେଇ ଗାଡ଼ି ଛାଡ଼ାଯାଉଥିବା ଅଭିଯୋଗ ମଧ୍ୟ ହେଉଛି । ସାରା ବିଶ୍ୱ ଯେତେବେଳେ ବୃକ୍ଷ ସୁରକ୍ଷା ଓ ପରିବେଶ ସନ୍ତୁଳନ ପାଇଁ ଚିନ୍ତା ପ୍ରକଟ କରୁଛି, ସେତେବେଳେ ବିଞ୍ଝାରପୁରରେ ଏଭଳି ଖୋଲାଖୋଲି କାଠ ଚୋରାଚାଲାଣ ଘଟଣା ଚିନ୍ତା ବଢ଼ାଇଛି । ଯଦି ଶୀଘ୍ର କଡ଼ା ପଦକ୍ଷେପ ଗ୍ରହଣ ନହୁଏ, ତେବେ ଆସନ୍ତା କିଛି ବର୍ଷରେ ଗ୍ରାମ୍ୟ ଜଙ୍ଗଲ ପୂରାପୂରି ନଷ୍ଟ ହୋଇଯିବାର ସମ୍ଭାବନା ରହିଛି ବୋଲି ବୁଦ୍ଧିଜୀବୀମାନଙ୍କ ଦ୍ୱାରା ଆଶଙ୍କା ବ୍ୟକ୍ତ କରାଯାଉଛି ।

# ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା




ମଙ୍ଗଳପୁର, ୧୩।୨(ସମିସ): ଦଶରଥପୁର ବ୍ଲକ କୟାଁ ପଞ୍ଚାୟତସ୍ତ ଦୁବକଣ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆଜି ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଦୁବକଣ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିସୁନ ଟୁଡୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରରେ ମୁଖ୍ୟଅତିଥି ଭାବେ ଦଶରଥପୁର ବ୍ଲକର ମଣ୍ଡଳ ଶିକ୍ଷାଧିକାରୀ ଶାନ୍ତନୁ କୁମାର ମଲ୍ଲିକ, ମୁଖ୍ୟବକ୍ତା ଭାବେ ଦଶରଥପୁର ବ୍ଲକର ମଣ୍ଡଳ ସହଶିକ୍ଷାଧିକାରିଣୀ ସାବିତ୍ରୀ ସେଠୀ, ସମ୍ମାନିତ ଅତିଥି ଭାବେ ଜୟଚଣ୍ଡୀ କ୍ଲଷ୍ଟରର ସିଆର୍‌ସିସି ପ୍ରିୟରଞ୍ଜନ ଦାଶ, ସାଠିବାଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ମଲ୍ଲିକ, ବିଦ୍ୟାଳୟ ପରିଚାଳନା କମିଟିରଅଧକ୍ଷ ଜୟପ୍ରକାଶ ନାୟକ, ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ସୁରେନ୍ଦ୍ର କୁମାର ପଣ୍ଡା ପ୍ରମୁଖ ଯୋଗଦେଇ କର୍ମଶାଳାର ଆଭିମୁଖ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ସେହିପରି ଦ୍ୱିତୀୟ ଅଧିବେଶନରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିସୁନ ଟୁଡୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ ଦଶରଥପୁର ବ୍ଲକ ସଭାପତି ବିଜୟ କୁମାର ନାୟକ, ସମ୍ମାନିତ ଅତିଥି ଭାବେ ପ୍ରବିର କୁମାର ନାୟକ, ଅଶୋକ କୁମାର ସାହୁ, ବିଭୁତି ଭୂଷଣ ରଣା, ସିଆର୍‌ସିସି ପ୍ରିୟରଞ୍ଜନ ଦାଶ ପ୍ରମୁଖ ଯୋଗଦେଇଥିଲେ । ଏହି କର୍ମଶାଳାରେ ଜୟଚଣ୍ଡୀ ଉନ୍ନୀତ ସରକାରୀ ଉଚ୍ଚ ବିଦ୍ୟାଳୟ ଆଞ୍ଚଳିକ ସାଧନ କେନ୍ଦ୍ର ଅଧୀନ ସମସ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ଶିକ୍ଷକ ଉତ୍ପଳ କୁମାର ବିଶ୍ୱାଳ, ଶିକ୍ଷୟିତ୍ରୀ ସ୍ନେହାଞ୍ଜଳି ଯେନା, ଲକ୍ଷ୍ମୀପ୍ରିୟା ପ୍ରଧାନ, ସୁଜାତା ସାହୁ ପ୍ରମୁଖଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଭ୍ୟସଭ୍ୟା ମାନେ ସହଯୋଗ କରିଥିଲେ ।

## ଶନିବାର ସକାଳୁଆ ସ୍କୁଲ ପାଇଁ ଦାବି

କବାଟବନ୍ଧ, ୧୩।୨(ସମିସ): ଚଳିତ ବର୍ଷ ପ୍ରବଳ ଶୀତ ଲହରୀ ପାଇଁ ଯାଜପୁର ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ସ୍କୁଲ ସମୟ ପରିବର୍ତ୍ତନ ପାଇଁ ଏକ ଆଦେଶନାମା ଜାରି କରାଯାଇଥିଲା । ମାତ୍ର ଏହାର ପୁନଃ ଅର୍ଡର ଅଦ୍ୟାବଧି ହୋଇ ପାରିଲାନାହିଁ । ଶୀତ ଋତୁରେ ପ୍ରବଳ ଥଣ୍ଡା ପରିସ୍ଥିତିକୁ ଦୃଷ୍ଟିରେ ରଖି ଛୋଟ ଛୋଟ ପିଲା ତଥା ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ଏବଂ ପାଠ ପଢ଼ାକୁ ଦୃଷ୍ଟିରେ ରଖି ଯାଜପୁର ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଗତ ଜାନୁଆରୀ ୯ ତାରିଖରେ ଚିଠି ନମ୍ବର ୫୪୦ ଅନୁଯାୟୀ ପ୍ରତ୍ୟେକ ଶନିବାର ସକାଳୁଆ ପରିବର୍ତ୍ତେ ୧୦ଟାରୁ ୪ ପର୍ଯ୍ୟନ୍ତ ସ୍କୁଲ ଚାଲୁ ରହିବା ପାଇଁ ଏକ ସମୟ ପରିବର୍ତ୍ତନ କରାଯାଇଥିଲା । ଏହାର ପରବର୍ତ୍ତୀ ଅର୍ଡର ପର୍ଯ୍ୟନ୍ତ ଏହି ନିୟମ କାର୍ଯ୍ୟକାରୀ ହେବ ବୋଲି ଚିଠିରେ ଉଲ୍ଲେଖ ରହିଥିଲା । ମାତ୍ର ବର୍ତ୍ତମାନ ଗ୍ରୀଷ୍ମ ଆରମ୍ଭ ହୋଇଥିଲେ ମଧ୍ୟ ଉକ୍ତ ସମୟ ପରିବର୍ତ୍ତନ ପାଇଁ କୌଣସି ପୁନଃ ଅର୍ଡର ହୋଇନାହିଁ ।

## ଟମକା ଥାନାରେ ନୂଆ ଅଧିକାରୀ



ଦାନଗଦ, ୧୩।୨(ସମିସ): ଟମକା ଥାନାର ନୂତନ ଆଇଆଇସି ଭାବେ ବିନତୀ ଦାସ ଯୋଗ ଦେଇଛନ୍ତି । ତାଙ୍କୁ ଟମକା ଥାନାର ସମସ୍ତ କର୍ମଚାରୀ ଫୁଲତୋଡ଼ା ଦେଇ ଶୁଭେଚ୍ଛା ଜଣାଇବା ସମେତ ଟମକା ଅଞ୍ଚଳର ବୁଦ୍ଧିଜୀବୀ ନେତୃମଣ୍ଡଳୀ ଭେଟି ଅଭିନନ୍ଦନ ଜଣାଇଛନ୍ତି । ସେ ପୂର୍ବରୁ ବାଲିଚନ୍ଦ୍ରପୁର ଥାନାରେ ଏସ୍ଆଇ ଭାବେ କାର୍ଯ୍ୟକରି ଆସୁଥିଲେ । ପ୍ରମୋସନ ପାଇ ପାଣିକୋଇଲି ସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ରହିବା ପରେ ବର୍ତ୍ତମାନ ଟମକା ଥାନାରେ ଯୋଗ ଦେଇଛନ୍ତି । ସାଧାରଣ ଲୋକଙ୍କ ସମସ୍ୟା ଓ ଟମକାରେ ମଦ କାରବାର ବନ୍ଦ କରିବାକୁ ଦୃଢ଼ ପଦକ୍ଷେପ ନେବାକୁ ସୂଚନା ଦେଇଛନ୍ତି । ଏହି ଥାନାରେ ପୂର୍ବରୁ ପ୍ରମୋଦିନୀ ସାହୁ କାର୍ଯ୍ୟ କରୁଥିଲେ । ସେ ଏବେ ଯଖପୁରା ଥାନାକୁ ବଦଳି ହୋଇଯାଇଛନ୍ତି ।

## ଶ୍ରମିକଙ୍କୁ ଭୋଜନ ଓ ବସ୍ତ୍ର ବଣ୍ଟନ

ପାଣିକୋଇଲି, ୧୩।୨(ସମିସ): ପାଣିକୋଇଲିସ୍ଥିତ କୃପାଳୁ ଚାରିଟି ଟ୍ରଷ୍ଟ ଆନୁକୂଲ୍ୟରେ ଆଜି ଅନୁସୂଚିତ ଜନଜାତି ଶ୍ରମିକମାନଙ୍କ ମଧ୍ୟରେ ନିଃଶୁଳ୍କ ମଧ୍ୟାହ୍ନ ଭୋଜନ ଓ ବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଟ୍ରଷ୍ଟ ମୁଖ୍ୟ ଅନିରୁଦ୍ଧ ଦାଶଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା । ଟ୍ରଷ୍ଟ ପକ୍ଷରୁ ୩ ଶହରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳା ଶ୍ରମିକ ମାନଙ୍କୁ ମଧ୍ୟାହ୍ନ ଭୋଜନ ଓ ବସ୍ତ୍ର ପ୍ରଦାନ କରାଯାଇଥିଲା । ଏହି ଅବସରରେ ଶ୍ରମିକ ମାନଙ୍କ ପିଲାମାନଙ୍କୁ ମଧ୍ୟ ପୋଷାକ ବିତରଣ କରାଯାଇଥିଲା । ପାଣିକୋଇଲିସ୍ଥିତ ଶେଷ ପରିଚୟ ବୃଦ୍ଧାଶ୍ରମରେ ମଧ୍ୟ ଅନ୍ତେବାସୀ ମାନଙ୍କୁ ମଧ୍ୟାହ୍ନ ଭୋଜନ ଓ ବସ୍ତ୍ର ପ୍ରଦାନ କରାଯାଇଥିଲା ।

## ୨୦ରୁ ଅବିନାଶ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ମଙ୍ଗଳପୁର, ୧୩।୨(ସମିସ): ଦଶରଥପୁର ବ୍ଲକ କୟାଁ ପଞ୍ଚାୟତ ଦୁବକଣ ଜୟଚଣ୍ଡୀ ହାଇସ୍କୁଲ ସମ୍ମୁଖ ପଡ଼ିଆରେ ଦୁବକଣ ନେତାଜୀ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇ ଆସୁଥିବା ଜିଲ୍ଲାସ୍ତରୀୟ ୧୭ତମ ଅବିନାଶ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆସନ୍ତା ୨୦ ତାରିଖରୁ ଆରମ୍ଭ ହେବ ବୋଲି କ୍ଲବର ସମ୍ପାଦକ ଆରତ ରଞ୍ଜନ ନାୟକ ସୂଚନା ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ଆଜି କ୍ଲବର ସଭାପତି ଜୟପ୍ରକାଶ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ କ୍ଲବର ସଭ୍ୟ ନିରଞ୍ଜନ ବାରିକ, ସୁବ୍ରତ କୁମାର ଯେନା, ସୁଶାନ୍ତ ଯେନା, ବିଜୟ ରାଉତ, ଲକ୍ଷ୍ମଣ ସେଠୀ, ଆରତ ରଞ୍ଜନ ନାୟକ, ଅଜିତ ମଲ୍ଲିକ, ରଞ୍ଜିତ ପଣ୍ଡା, ଅଭିମନ୍ୟୁ ଯେନା, ସନ୍ତୋଷ ପଣ୍ଡା, ଜଗନ ପଣ୍ଡା, ବିଶ୍ୱଜିତ ପଣ୍ଡା, ଗଙ୍ଗାଧର ଯେନା, ପ୍ରିୟବ୍ରତ ବିଶ୍ୱାଳ, ମନୋଜ ବାରିକ (ପିଣ୍ଟୁ), ସୁବାସ ମଲ୍ଲିକ, ଗୋଲେଖ ବାରିକ, ପ୍ରତାପ କୁମାର ନାୟକ, ଜଳଧର ଯେନା, ଚୈତନ୍ୟ ମଲ୍ଲିକ, ଚିନ୍ମୟ ବାରିକ, କମଳା ବାରିକ, ବୁଦ୍ଧିଆ ସାହାଣୀ, ସୁରେଶ ପଲେଇ ପ୍ରମୁଖ ଯୋଗଦେଇଥିଲେ । ଏହି ଜିଲ୍ଲାସ୍ତରୀୟ ଟୁର୍ନାମେଣ୍ଟରେ ୧୬ଟି ଟିମ ଅଂଶଗ୍ରହଣ କରିବେ ବୋଲି କ୍ଲବର ବରିଷ୍ଠ ସଭ୍ୟ ପ୍ରିୟବ୍ରତ ବିଶ୍ୱାଳ ସୂଚନା ଦେଇଛନ୍ତି ।

## ପୂର୍ବତନ କେନ୍ଦ୍ରମନ୍ତ୍ରୀଙ୍କ ବିୟୋଗରେ ଶୋକ

ଯାଜପୁର, ୧୩।୨(ସମିସ): କଂଗ୍ରେସର ବରିଷ୍ଠ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀଙ୍କ ଅକାଳ ବିୟୋଗରେ ଯାଜପୁର କଂଗ୍ରେସ ପକ୍ଷରୁ ଗଭୀର ଶୋକ ବ୍ୟକ୍ତ କରିଛନ୍ତି । ସେ କିଛିଦିନ ହେବ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ହୃଦ୍‌ଘାତ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିବା ସମୟରେ ତାଙ୍କର ବିୟୋଗ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୮୬ବର୍ଷ ବୟସ ହୋଇଥିଲା । ସେ ପୂର୍ବତନ କେନ୍ଦ୍ରମନ୍ତ୍ରୀ, ଓଡ଼ିଶା ରାଜ୍ୟ ମନ୍ତ୍ରୀ, ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭାବେ ମଧ୍ୟ ଦାୟିତ୍ୱ ଭାର ସମ୍ଭାଳିଥିଲେ । ସେ କେନ୍ଦ୍ରମନ୍ତ୍ରୀ ସମୟରେ ଓଡ଼ିଶା ରାଜ୍ୟରେ ରେଳ ଲାଇନର ଅଭିବୃଦ୍ଧି, ରେଳ ଷ୍ଟେସନ ଗୁଡିକର ଉନ୍ନତିକରଣ ସହିତ ବହୁ ଉନ୍ନତିମୂଳକ କାର୍ଯ୍ୟ କରିଥିଲେ । ତାଙ୍କର ଅକାଳ ବିୟୋଗରେ ଯାଜପୁର ଜିଲ୍ଲା କଂଗ୍ରେସ ପୂର୍ବତନ ସଭାପତି ମନୋଜ ରାଉତ, କାର୍ଯ୍ୟକାରୀ ସଭାପତି ବିଷ୍ଣୁ ରାଉତ, କଂଗ୍ରେସ ନେତା ସୁଦିପ କର, ନଗର କଂଗ୍ରେସ ସଭାପତି ନାରାୟଣ ସାମନ୍ତ, ବରିଷ୍ଠ କଂଗ୍ରେସ ନେତା ସନ୍ତୋଷ ନନ୍ଦ, ବରିଷ୍ଠ ନେତା ଦିଗମ୍ବର କର, ଯାଜପୁର ବ୍ଲକ କଂଗ୍ରେସ ସମିତି ସଭାପତି ଗଦାଧର ଦାସ, ଦୁର୍ଯ୍ୟୋଧନା ବେହେରା, ବିଭୂତି ମହାପାତ୍ର, ଭାସ୍କର ମହାନ୍ତି, ଦିଲ୍ଲୀପ ଦାସ, ରାଜୀବ ମହାପାତ୍ର, ଗୋବିନ୍ଦ ସାହୁ, ଆଲୋକ ବେହେରା, ହୃଷିକେଶ ପତି, ଅକ୍ଷୟ ଶତପଥୀ, କନକ ରାଉତ, ପ୍ରତୀମା କର, ବିଳାସ ରାଉତରାୟ, ଅରଜିତ ନାୟକ, ବିଜୟ ମହାପାତ୍ର, ରଘୁନାଥ ସାହୁ ପ୍ରଭୃତି ଶୋକବ୍ୟକ୍ତ କରିବା ସହିତ କଂଗ୍ରେସ ଦଳର ଅପୂରଣୀୟ କ୍ଷତି ହେଲା ବୋଲି ବ୍ୟକ୍ତ କରିଛନ୍ତି ।

## ଗ୍ରୀନ୍‌ଲାଣ୍ଡ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ




କୟାଁଗୋଲା, ୧୩।୨(ସମିସ): ଦଶରଥପୁର ବ୍ଲକ ମଙ୍ଗଳପୁର ଗ୍ରୀନଲାଣ୍ଡ ପବ୍ଲିକ ସ୍କୁଲର ୧୮ତମ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସର ମଧ୍ୟରେ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ନିର୍ଦ୍ଦେଶକ ସୁରଥ କୁମାର ଭୂୟାଁଙ୍କ ସଭାପତିତ୍ୱ ସଭାରେ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର ମୁଖ୍ୟଅତିଥି ରୂପେ ଯୋଗ ଦେଇଥିବା ବେଳେ ଜିଲ୍ଲା ଶିକ୍ଷା ଅଧିକାରୀ ମହେଶ୍ୱର ସାହୁ ମୁଖ୍ୟ ବକ୍ତା ରୂପେ ଯୋଗ ଦେଇଥିଲେ । ଯାଜପୁର ଏସ୍‌ଡିପିଓ ପ୍ରଶାନ୍ତ କୁମାର ମାଝୀ, ଦଶରଥପୁର ମଣ୍ଡଳ ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ମଲ୍ଲିକ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁଶାନ୍ତ କୁମାର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷାବିତ୍ ବିମଳ କୁମାର ରାୟ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନରେ ଅଧକ୍ଷା ଅଞ୍ଜନା ଜେନା, ଶିକ୍ଷୟିତ୍ରୀ ବିଶ୍ୱରୂପା ଦାସ, ପ୍ରଭାସିନୀ ନାୟକ, ଶୁଭଶ୍ରୀ ବେହେରା, ପ୍ରତୀକ୍ଷା ସାମଲ, ଶିକ୍ଷକ ରମେଶ ଜେନା, ରଜତ ଦଳାଇ, ରାଜକିଶୋର ସାହୁ, ପ୍ରଦୀପ ନାୟକ, ଚକ୍ରଧର ବିଶ୍ୱାଳଙ୍କ ସହ ଅନ୍ୟମାନେ ସହଯୋଗ କରିଥିଲେ ।

## ଭାରସାମ୍ୟ ହରାଇ ଟ୍ରେଲର ଦୁର୍ଘଟଣାଗ୍ରସ୍ତ



କବାଟବନ୍ଧ, ୧୩।୨(ସମିସ): ଚଣ୍ଡିଖୋଲ- ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥ ଜେନାପୁର ଥାନା ଅଧୀନ କନ୍ତପଡ଼ା ଛକ ନିକଟରେ ଏକ ଟ୍ରେଲର ଦୁର୍ଘଟଣାଗ୍ରସ୍ତ ହୋଇଥିବା ଜଣାପଡ଼ିଛି । ଦୁର୍ଘଟଣାରେ ଚାଳକ ସୁରକ୍ଷିତ ଥିବା ଜଣାପଡ଼ିଛି । ସୂଚନା ଅନୁସାରେ ଶୁକ୍ରବାର ସକାଳ ପ୍ରାୟ ୯ଟା ବେଳେ ଲୁହା ପ୍ଲେଟ ବୋଝେଇ ୧୮ ଚକିଆ ଟ୍ରେଲର କଳିଙ୍ଗନଗର ଡୁବୁରୀ ପଟରୁ ଜାତୀୟ ରାଜପଥ ଦେଇ ଚଣ୍ଡିଖୋଲ ଆଡ଼କୁ ଯାଉଥିଲା । ରାସ୍ତା ଖରାପ ଥିବାରୁ ଏକ ଖାଲରେ ଆଗ ଚକ ପଡ଼ିଯିବାରୁ ଗାଡ଼ିଟି ଭାରସାମ୍ୟ ହରାଇ ଡିଭାଇଡରରେ ପିଟି ହୋଇଯାଇଥିଲା । ଫଳରେ ଗାଡ଼ିର ତେଲ ଟାଙ୍କି ସମେତ ଅନ୍ୟାନ୍ୟ ଅଂଶ ଭାଙ୍ଗିଯାଇଥିଲା । ଖରାପ ରାସ୍ତା ପାଇଁ ଏହି ଦୁର୍ଘଟଣା ଘଟୁଥିବା ସ୍ଥାନୀୟ ଲୋକମାନେ ଅଭିଯୋଗ କରିବା ସହିତ ତୁରନ୍ତ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ସାରିବା ପାଇଁ ଦାବି କରିଛନ୍ତି ।

## ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଧର୍ମଶାଳା, ୧୩।୨(ସମିସ): ଜାରକାସ୍ଥିତ ଧର୍ମଶାଳା ମହିଳା ଡିଗ୍ରୀ ମହାବିଦ୍ୟାଳୟ ଦ୍ୱାରା ଆୟୋଜିତ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଆଜି



ଉଦ୍‌ଯାପିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷା ଡ. ଇନ୍ଦୁପ୍ରଭା ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିର ଉଦ୍‌ଯାପନ ଉତ୍ସବରେ ଅତିଥି ଭାବେ ଭାରତୀୟ ସୁରକ୍ଷା ବାହିନୀରେ ଯୋଗ ଦେବା ନିମନ୍ତେ କୃତୀତ୍ୱ ଅର୍ଜନ କରିଥିବା ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ସମ୍ମାନର ପୁରାତନ ଛାତ୍ରୀ ସୁଶ୍ରୀ ବନ୍ଦିତା ଧଳ ଯୋଗଦେଇଥିଲେ । ସେ ନିଜ ବକ୍ତବ୍ୟରେ 'ଆତ୍ମ ସୁରକ୍ଷା' କେବଳ ନିଜ ପାଇଁ ନୁହେଁ; ବରଂ ନିଜ ଦେଶ ପାଇଁ ସମ୍ପୂର୍ଣ୍ଣ ଭାବେ ସମର୍ପିତ ହେବା ଉଚିତ୍ ବୋଲି ମତ ପ୍ରକାଶ କରିଥିଲେ । ଟ୍ରେନର ସୁଶ୍ରୀ ଜ୍ୟୋସ୍ନାରାଣୀ ନନ୍ଦ ୮ ଦିନ ଧରି ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା ପାଇଁ ବିଭିନ୍ନ କୌଶଳର ଶିକ୍ଷା ପ୍ରଦାନ କରୁଥିଲେ । ଆତ୍ମରକ୍ଷା କୌଶଳର କାର୍ଯ୍ୟକ୍ରମ ସଂଯୋଜିକା ଡ. ସସ୍ମିତା ରାଉତରାୟଙ୍କ ସମେତ, ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ ସଚ୍ଚିଦାନନ୍ଦ ପ୍ରଧାନ, ଦର୍ଶନ ବିଭାଗର ଅଧ୍ୟାପକ ଡ. ସୁନାକର ଦାସ, ଅଣଶିକ୍ଷକ କର୍ମଚାରୀ ଗ୍ରନ୍ଥାଗାରିକା କୁଞ୍ଜଲତା ରାଉତ, ଶିକ୍ଷା ବିଭାଗ ଡେମୋନଷ୍ଟ୍ରେଟର୍ ରାଜୀବ ଲୋଚନ ରାଉତ, ଶରତ ଚନ୍ଦ୍ର ପାଣଗ୍ରାହୀ, ବୃନ୍ଦାବନ ସାହୁ, ଅଚ୍ୟୁତାନନ୍ଦ ଦାସ ପ୍ରମୁଖ ସହାୟତା କରିଥିଲେ ।

## ମହିଳା ମହାବିଦ୍ୟାଳୟରେ ଆତ୍ମରକ୍ଷା ଶିବିର

କୟାଁଗୋଲା, ୧୩।୨(ସମିସ): ଦଶରଥପୁର ବ୍ଲକ ମଙ୍ଗଳପୁର ମହିଳା ମହାବିଦ୍ୟାଳୟରେ ଆତ୍ମରକ୍ଷା ଶିବିର ଉଦ୍‌ଯାପିତ ହୋଇଯାଇଛି । ଶକ୍ତିଶ୍ରୀ ସଂଯୋଜିକା ଶୁଭଶ୍ରୀ ଘଡ଼ାଇଙ୍କ ନେତୃତ୍ୱରେ ଏହି ଶିବିରଟି



୩ରୁ ୧୨ ଯାଏ ଅନୁଷ୍ଠିତ ହୋଇଯାଇଛି । ଆଜି ଅଧକ୍ଷା ଡ. ମିନାକ୍ଷୀ ମିଶ୍ରଙ୍କ ପୌରୋହିତ୍ୱରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସମସ୍ତ ଛାତ୍ରୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଛି । କାର୍ଯ୍ୟକ୍ରମ ପରିଚାଳନାରେ ଅଧ୍ୟାପିକା ତପସ୍ୱିନୀ ଭଞ୍ଜ, ସୁଷମା ସାହୁ, ରଶ୍ମି ଦଳାଇ, କାଦମ୍ବିନୀ ମିଶ୍ର, ଶୁଭସ୍ମିତା ସାହୁ, ଶ୍ରଦ୍ଧାଞ୍ଜଳି ନାୟକ, ବ୍ରଜକିଶୋର ସାହୁଙ୍କ ସହ କୁସେନ୍ଦ୍ର ପ୍ରଧାନ, ଚିତ୍ତରଞ୍ଜନ ବାରିକ ପ୍ରମୁଖ ସହଯୋଗ କରିଥିଲେ ।

## କିଆଝର ପ୍ରିମିୟର ଲିଗ୍: ଶ୍ରଦ୍ଧା ୱାରିୟର ଚାମ୍ପିଅନ

ଦାନଗଦି, ୧୩।୨(ସମିସ): ଦାନଗଦି ବ୍ଲକ ଅନ୍ତର୍ଗତ କିଆଝର ପଞ୍ଚାୟତ ମା' ଖଣ୍ଡୁରାଇ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ହେଉଥିବା ୧୯ତମ ବାର୍ଷିକ କିଆଝର ପ୍ରିମିୟର ଲିଗ୍ ଉଦ୍‌ଯାପିତ ହୋଇଯାଇଛି । ୫ ଦିନ ଧରି ଚାଲିଥିବା ଏହି ଖେଳ ଉଦଯାପନୀ ଦିବସର ଅପରାହ୍ଣରେ ଓଡ଼ିଶା ମାଇନିଂ ୱାର୍କସ ୟୁନିଅନର ସଭାପତି ସବ୍ୟସାଚୀ ବଳସାମନ୍ତ ଯୋଗଦାନ କରିଥିଲେ । ଫାଇନାଲ ଖେଳରେ



ସ୍ଥାନୀୟ ଅଞ୍ଚଳର ଶ୍ରଦ୍ଧା ୱାରିଅର କ୍ରିକେଟ ଟିମ୍ ଚିତ୍ତାକର୍ଷକ ଖେଳ ପ୍ରଦର୍ଶନ କରି ପ୍ରତିଦ୍ୱନ୍ଦି ଏସ୍‌ପି ଫାୟାରକୁ ହରାଇ ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲା । ସନ୍ଧ୍ୟାରେ ବରିଷ୍ଠ ଶ୍ରମିକ ନେତା ଗୁଣଧର ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଜିଲ୍ଲା ବିଜେପି ସମ୍ପାଦକ ପ୍ରତାପ ଚନ୍ଦ୍ର ଧିର, ବରିଷ୍ଠ ବିଜେପି ନେତା ପବିତ୍ର ମୋହନ ମହାପାତ୍ର, ଓଡ଼ିଶା ମାଇନିଂ ୱାର୍କସ ୟୁନିଅନ ଉପସଭାପତି ଭାଗିରଥି ମହାକୁଡ, ସାମ୍ବାଦିକ ମଳୟ କୁମାର ରାଉତ, ଶିକ୍ଷାବିତ ସହଦେବ ମହାନ୍ତ, ବରିଷ୍ଠ ବିଜେପି ନେତା ମଧୁସୂଦନ ମହାକୁଡ, ପଞ୍ଚାୟତ ବିଜେପି ସଭାପତି ସାଲଖାନ ମୁର୍ମୁ ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ । କ୍ରିକେଟ କ୍ଲବର ସଭାପତି ହେମନ୍ତ କୁମାର ମହାନ୍ତ, ୱାର୍ଡ ସଭ୍ୟ ଦିଲିପ ମହାନ୍ତ, ପଦ୍ମନାଭ ମହାନ୍ତ, ଖଗେଶ୍ୱର ମହାନ୍ତ, ତ୍ରିଲୋଚନ ମହାନ୍ତ, ସୌମ୍ୟରଞ୍ଜନ ମହାନ୍ତ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## 'ଭିବି-ଜୀ ରାମ ଜୀ' ଯୋଜନା ସମ୍ମିଳନୀ

ଯାଜପୁର, ୧୩।୨(ସମିସ): ଜିଲ୍ଲା ପ୍ରଶାସନ ପକ୍ଷରୁ 'ବିକଶିତ ଭାରତ - ଜୀ -ରାମ ଜୀ' ଗ୍ରାମୀଣ ନିଯୁକ୍ତି ନୂତନ ଗ୍ୟାରେଣ୍ଟି ଯୋଜନା ସମ୍ବନ୍ଧରେ ଏକ ସାମ୍ବାଦିକ ସମ୍ମିଳନୀ ଶୁକ୍ରବାର ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳ ଅମ୍ବର କୁମାର କର ଏହି ବୈଠକରେ ଅଧ୍ୟକ୍ଷତା କରି 'ବିକଶିତ ଭାରତ- ଜୀ ରାମ ଜୀ'ର ସବିଶେଷ ବିବରଣୀ ଦେବା ସହ ଏହାର ବୈଧାନିକ ସଂଶୋଧନ ସମ୍ବନ୍ଧରେ ସୂଚନା ଦେଇଥିଲେ । ଏହି ଅଧିନିୟମର ପ୍ରମୁଖ ଚାରୋଟି କ୍ଷେତ୍ର ଉପରେ ବିଶେଷ ଧ୍ୟାନ ଦିଆଯାଇଛି । ଜଳ ସୁରକ୍ଷା, ଗ୍ରାମୀଣ ମୌଳିକ ଭିତ୍ତିଭୂମି, ରୋଜଗାର ସୃଷ୍ଟି ଓ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ପାଇଁ ଉଦ୍ଦିଷ୍ଟ କାର୍ଯ୍ୟ ମାଧ୍ୟମରେ ଗ୍ରାମୀଣ ସ୍ତରରେ ୧୨୫ ଦିନର ନିଶ୍ଚିତ ନିଯୁକ୍ତି ସୃଷ୍ଟି କରିବା ନେଇ ଯୋଜନାରେ ପ୍ରାବଧାନ ରହିଛି ବୋଲି ଜିଲ୍ଲାପାଳ ଶ୍ରୀ କର କହିଥିଲେ । ଆଜିଠାରୁ ଆସନ୍ତା ଛଅ ସପ୍ତାହ ପର୍ଯ୍ୟନ୍ତ ଏହି ଅଧିନିୟମକୁ ନେଇ ଜିଲ୍ଲାର ବ୍ଲକ ଏବଂ ପଞ୍ଚାୟତସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ଯୋଜନା ସମ୍ବନ୍ଧରେ ଲୋକମାନଙ୍କୁ ଅବଗତ କରାଇବା ନିମନ୍ତେ ଜନସଚେତନତା ସୃଷ୍ଟି କରାହେବ । ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଦେବୀପ୍ରସାଦ ମହାନ୍ତି ଯୋଜନା ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ । ଏହି ସମ୍ମିଳନୀରେ ଜିଲ୍ଲା ପରିଷଦର ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଖୁଣ୍ଟିଆ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, କୋରେଇ ମଣ୍ଡଳ ଉନ୍ନୟନ ଅଧିକାରୀ ଅବନିକାନ୍ତ ସାହୁ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀଙ୍କ ସମେତ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

## ସିମେଣ୍ଟ ବୋଝେଇ ହାଇୱା ଦୁର୍ଘଟଣା

ପାଣିକୋଇଲି, ୧୩।୨(ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଭାରସମ୍ୟା ହରାଇ ଏକ ସିମେଣ୍ଟ ବୋଝେଇ ହାଇୱା ଦୁର୍ଘଟଣା ହୋଇଥିବା ବେଳେ ଚାଳକ ଆହତ ହୋଇଛି । ପ୍ରକାଶ ଯେ କଟକ ଟାଙ୍ଗିରୁ ସିମେଣ୍ଟ ବୋଝେଇ କରି ଏକ ହାଇୱା ଭଦ୍ରକ ଅଭିମୁଖେ ଯାଉଥିଲା । ଜାତୀୟ ରାଜପଥର ସାହାପୁର ଟ୍ରକ ଟର୍ମିନାଲ ନିକଟରେ ଉକ୍ତ ହାଇୱାଟି ଭାରସାମ୍ୟ ହରାଇ ଟ୍ରକ୍ ଟର୍ମିନାଲର ଗଛ ଉପରେ ଚଢି ଡିଭାଇଡରରେ ଚଢିଯାଇଥିଲା । ଫଳରେ ଚାଳକ ଜଗତସିଂହପୁର ଜିଲ୍ଲା ବାଲିକୁଦା ଅଞ୍ଚଳର ଅଭୟ ଭୋଇ ଆହତ ହୋଇଥିଲେ । ଖବରପାଇ ରାଜପଥ ପାଟ୍ରୋଲିଂ ଅଧିକାରୀ ଅଶୋକ କୁମାର ବଳ ପହଞ୍ଚି ଆହତ ଚାଳକଙ୍କୁ ପ୍ରାଥମିକ ଚିକିତ୍ସା କରାଇଥିଲେ ।

### ସର୍ବଭାରତୀୟ ଫକୀର ଚରଣ ଜେନା କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଡିସିସି ସନ୍ଥପୁରା ଚାମ୍ପିଅନ

କବାଟବନ୍ଧ, ୧୩।୨(ସମିସ)



ସର୍ବଭାରତୀୟ ଫକୀର ଚରଣ ଜେନା ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଗୁରୁବାର ଉଦଯାପିତ ହୋଇଯାଇଛି । ଚଳିତ ବର୍ଷ ଏହି ଟୁର୍ଣ୍ଣାମେଣ୍ଟରେ ଡିସିସି ସନ୍ଥପୁରା (କେନ୍ଦ୍ରାପଡ଼ା) ଚାମ୍ପିଅନ ହୋଇଛି । ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ରେଖିଦେଇପୁର ଗ୍ରାଉଣ୍ଡରେ ଅନୁଷ୍ଠିତ ହୋଇଥିବା ଏହି ସର୍ବଭାରତୀୟ ୨ୟ ବାର୍ଷିକ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ରାଜ୍ୟ ଓ ରାଜ୍ୟ ବାହାର ୮ ଟିମ୍ ଭାଗ ନେଇଥିଲେ । ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ସୁହାନି-୧୧ ୱେଷ୍ଟବେଙ୍ଗଲ ଏବଂ ଡ଼ିସିସି (ସନ୍ଥପୁରା) କେନ୍ଦ୍ରାପଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ମ୍ୟାଚରେ ଡିସିସି କେନ୍ଦ୍ରାପଡ଼ା ପ୍ରଥମେ ଟସ୍ ଜିତି ବ୍ୟାଟିଂର ନିଷ୍ପତି ନେଇ ଇନିଂସ ଆରମ୍ଭ କରିଥିଲା । ଦଳ ନିର୍ଦ୍ଧାରିତ ୧୮ ଓଭରରେ ୮ ୱିକେଟ ବିନିମୟରେ ୨୧୭ ରନସଂଗ୍ରହ କରିଥିଲା । ଦଳର ସୌଭାଗ୍ୟ ସାହୁଙ୍କ ୨୦ ବଲରୁ ୫୯ ରନର ଏକ ଧୂଆଁଧାର ବ୍ୟାଟିଂ ଇନିଂସ ଏବଂ ଦଳର ଚମତ୍କାର ବୋଲର ପରେସ ସାମଲଙ୍କ ୪ ଓଭର ବୋଲିଂରେ ମାତ୍ର ୩୩ ରନ ବିନିମୟରେ ୨ ୱିକେଟ ଅକ୍ତିଆର କରିବା ଦଳକୁ ବିଜୟ ହାସଲ କରିବାରେ ସାହାଯ୍ୟ କରିଥିଲା । ଦ୍ୱିତୀୟ ଇନିଂସରେ ପ୍ରତିଦ୍ୱନ୍ଦି ଟିମ ସୁହାନି ଇଲେଭେନ ନିର୍ଦ୍ଧାରିତ ୧୮ ଓଭରରେ ୯ ୱିକେଟ ହରାଇ ମାତ୍ର ୨୦୪ ରନ ସଂଗ୍ରହ କରି ପରାଜୟ ବରଣ କରିଥିଲା । ଦଳର ବୁବୁନା ରାଜ ୪ ଓଭର ବୋଲିଂ କରି ୨୦ ରନ ବ୍ୟୟ କରି ୩ ୱିକେଟ ଅକ୍ତିଆର କରିଥିଲେ । ଡିସିସି କେନ୍ଦ୍ରାପଡ଼ାର ସୌଭାଗ୍ୟ ସାହୁ ମ୍ୟାନ ଅଫ ଦି ମ୍ୟାଚ୍ ଏବଂ ଚିନ୍ତାରକ ପରିଡ଼ା ମ୍ୟାନ ଅଫ୍ ଦି ସିରିଜ୍ ହୋଇଥିଲେ । ଉଦଯାପନୀ ଦିବସରେ ସଚେତନ ନାଗରିକ ମଞ୍ଚର ଉପଦେଷ୍ଟା ପଙ୍କଜ ଚରଣ ମଲ୍ଲଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ସମାଜସେବୀ ମିନତୀ ସାହୁ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା, ସମାଜସେବୀ ଅରୁଣ ପରିଡ଼ା, ସାମ୍ବାଦିକ ବସନ୍ତ କୁମାର ମଲ୍ଲିକ, ଅସିତ କୁମାର ନାୟକ, ଅଧ୍ୟାପକ ବିଜୟ କୁମାର ଦାଶ, ସମାଜସେବୀ ମାନସ କୁମାର ବାରିକ, ସନାତନ ମଲ୍ଲିକ, ବଳରାମ ମଲ୍ଲ ପ୍ରମୁଖ ଯୋଗ ଦେଇଥିଲେ । କ୍ଲବ ପକ୍ଷରୁ ମୁଖ୍ୟ ଆୟୋଜକ ସୁଶାନ୍ତ କୁମାର ଜେନା, ସୁନୀଲ ବାରିକ, ମାୟାଧର ଦାସ, ଶିବୁନ ମଲ୍ଲ, ତ୍ରିଲୋଚନ ଜେନା, ଦିପୁ ପରିଡ଼ା, ଶ୍ରୀକାନ୍ତ ରାଉତ, ବୁବୁନା ପରିଡ଼ା, ପ୍ରକାଶ ମଲ୍ଲ ସହିତ ଅନ୍ୟ ମାନେ ସହଯୋଗ କରିଥିଲେ । ଭାଷ୍ୟକାର ତରଣୀସେନ ପ୍ରଧାନ ଏବଂ ରାକେଶ ବେହେରା ଧାରା ବିବରଣୀ ପ୍ରଦାନ କରିଥିଲେ । ଅମ୍ପାୟାର ଜିକ୍‌ଜାକ ବସନ୍ତ ଏବଂ ସଞ୍ଜୟ ବଳ ଖେଳ ପରିଚାଳନା କରିଥିଲେ ।









ମୁଖ୍ୟମନ୍ତ୍ରୀଙ୍କ ନବରଙ୍ଗପୁର ଜିଲ୍ଲା ଗସ୍ତ

### ତେନ୍ତୁଳିଗୁମ୍ମାରେ ବିଦ୍ୟୁତ୍ ପ୍ରକଳ୍ପକୁ ବିରୋଧ

# ବିଭିନ୍ନ ଦାବି ନେଇ ଗାଁ ଲୋକଙ୍କ ଧାରଣା



ବୈପାରୀଗୁଡ଼ା, ୧୩।୨(ସମିସ): ଦୀପ ତଳ ଅନ୍ଧାର। ଯେଉଁଠି ବିଦ୍ୟୁତ୍ ଉତ୍ପାଦନ ହେଉଛି ସେହି ଅଞ୍ଚଳ ଲୋକେ ବିଦ୍ୟୁତ୍ ସେବାରୁ ବଞ୍ଚିତ। ଆଲୁଅ ଯୋଗାଇବା ଦାବି ନେଇ ଧାରଣା ଦେଲେ ଗାଁ ଲୋକେ। ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ତେନ୍ତୁଳିଗୁମ୍ମା ଠାରେ ଏଭଳି ଦେଖିବାକୁ ମିଳିଛି। ତେନ୍ତୁଳିଗୁମ୍ମା ପଞ୍ଚାୟତର ମଧୁପୁର, ଅଁଳାଗୁଡା, ମାଙ୍କଡ଼ଗୁଡା, ଭେଜିନିଗୁଡା, ମାଛାଗୁଡା, ମାଟିଗୁଡା, କଣ୍ଟା ବାଉଁସିଆ ଗୁଡା ଭଳି ଆଠ ଖଣ୍ଡ ଗାଁ ଲୋକେ ସ୍ଥାନୀୟ ମିନାକ୍ଷୀ ବିଦ୍ୟୁତ ପ୍ରକଳ୍ପ ଗେଟ ଆଗରେ ଧାରଣା ଦେଇଛନ୍ତି। ଗାଁ ଲୋକଙ୍କ ଅଭିଯୋଗ ଅନୁଯାୟୀ, ପ୍ରକଳ୍ପ ଆରମ୍ଭ ପୂର୍ବରୁ ଗୁଡ଼ାଏ ପ୍ରତିଶୃତି ଦେଇଥିଲେ। କିନ୍ତୁ ସେ ସବୁ ପ୍ରତିଶୃତି ଏବେ ଭୁଲିଯାଇଛନ୍ତି । ଲୋକଙ୍କୁ ଠକି ଠକି ଚାଲିଛନ୍ତି । ବିଦ୍ୟୁତ୍, ଆମ୍ବୁଲାନ୍ସ, ରାସ୍ତା, ବରିଷ୍ଠ ନାଗରିକଙ୍କ ସୁବିଧା, ଆଦି ଦାବି କରାଯାଇଛି । ପ୍ରକଳ୍ପ କେବଳ ତେନ୍ତୁଳିଗୁମ୍ମା ଗୋଟିଏ ଗାଁକୁ ଛାଡିଦେଲେ ଅନ୍ୟ କୌଣସି ଗାଁକୁ ଏସବୁ ସୁବିଧା ମିଳୁନି । ଏହାର ପ୍ରତିବାଦରେ ତେନ୍ତୁଳିଗୁମ୍ମା ମିନାକ୍ଷୀ ବିଦ୍ୟୁତ ପ୍ରକଳ୍ପ ବିରୋଧରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ବିଦ୍ୟୁତ ପ୍ରକଳ୍ପ ପ୍ରଥମ ଗେଟ ଆଗରେ ଧାରଣା ବସିଥିଲେ।

### ନବରଙ୍ଗପୁର ମହିଳା ସ୍ନାତକ ମହାବିଦ୍ୟାଳୟ

# ଏନ୍‌ଇପି-୨୦୨୦ ଉପରେ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ

ନବରଙ୍ଗପୁର,୧୩।୨ (ସମିସ): ନବରଙ୍ଗପୁର ମହିଳା ସ୍ନାତକ ମହାବିଦ୍ୟାଳୟରେ ସମ୍ପ୍ରତି ଜାତୀୟ ଶିକ୍ଷା ନୀତି ଏନଇପି-୨୦୨୦ କେନ୍ଦ୍ରିତ ଏକ ଓରିଏଣ୍ଟେସନ କାର୍ଯ୍ୟକ୍ରମ ସଫଳତାର ସହିତ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର ସହାୟକ ପ୍ରାଧ୍ୟାପକ ଡ. ବ୍ରଜ ବନ୍ଧୁ ନନ୍ଦ ଓ ଜ୍ଞାନ ରଞ୍ଜନ ମହାନ୍ତି ମୁଖ୍ୟ ସଂସାଧନ ବ୍ୟକ୍ତି ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ସଂସାଧନ ବ୍ୟକ୍ତିମାନେ ଉଚ୍ଚଶିକ୍ଷାର ନୂତନ ଦୃଷ୍ଟିକୋଣ, ଶିକ୍ଷାର ଗୁଣବତ୍ତା ବୃଦ୍ଧି, ଛାତ୍ରୀମାନଙ୍କ ସାମଗ୍ରିକ ବିକାଶ ଓ ଭବିଷ୍ୟତ କ୍ୟାରିଆର ନିର୍ମାଣ ସମ୍ପର୍କରେ ଗଭୀର ଓ ପ୍ରେରଣା ଦାୟକ ଆଲୋଚନା କରିଥିଲେ। ମହାବିଦ୍ୟାଳୟର



ଅଧ୍ୟକ୍ଷା ମାଲେଶ୍ୱରୀ ସାହୁ ଏହି ଅବସରରେ ଅତିଥିମାନଙ୍କୁ ସ୍ୱାଗତ ଜଣାଇ ଓରିଏଣ୍ଟେସନ କାର୍ଯ୍ୟକ୍ରମ ଛାତ୍ରୀମାନଙ୍କ ଶିକ୍ଷାଜୀବନକୁ ସଠିକ୍ ଦିଗଦର୍ଶନ ଦେବାରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, ଛାତ୍ରୀ ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସୁସଂଗଠିତ ଓ ସାର୍ଥକ କରିବାରେ ତାଇରା ବେଗମ୍ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ। ସମଗ୍ର କାର୍ଯ୍ୟକ୍ରମ ଅଧ୍ୟାପିକା ଡ. ସଂଯୁକ୍ତା ପଣ୍ଡା ପରିଚାଳନା କରିଥିବା ବେଳେ ଶେଷରେ ଧନ୍ୟବାଦ ଜ୍ଞାପନ କରିଥିଲେ ଅଧ୍ୟାପିକା ଡ. ପଣ୍ଡା।

# ଶିଶୁ ଅଧିକାର ଏବଂ ସ୍ୱାସ୍ଥ୍ୟ ସମ୍ପର୍କିତ ଆଲୋଚନାଚକ୍ର



କୋରାପୁଟ,୧୩।୨(ସମିସ): ସ୍ଥାନୀୟ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ସଭାଗୃହ ଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏକତା ଆନୁକୂଲ୍ୟରେ ଶିଶୁ ଅଧିକାର ଏବଂ ସ୍ୱାସ୍ଥ୍ୟ ସମ୍ପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପି. ବେଡ଼କ୍ଷପଦର , ଲୁଲା, କାଠରଗଡ଼ା ଏବଂ ହରିଡ଼ାଗୁଡା ପଞ୍ଚାୟତରୁ ଶିଶୁ ମାନେ ଏବଂ ପଞ୍ଚାୟତ ପ୍ରତିନିଧି ସହ ବିଭିନ୍ନ ମାତୃମଣ୍ଡଳ ସଦସ୍ୟା ଅଂଶଗ୍ରହଣ କରିଥିଲେ। କୋରାପୁଟ ଶିଶୁ ମଙ୍ଗଳ ସମିତି ଅଧକ୍ଷା ବି. ଗାୟତ୍ରୀ ଦେବୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ସଂପାଦକ ଜଗନ୍ନାଥ ମିଶ୍ର ଯୋଗଦେଇ ଅଧ୍ୟକ୍ଷତା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସଙ୍ଗୀତାରାଣି ପାଣି, ଦଶମନ୍ତପୁର ବ୍ଲକ ଶିଶୁ ବିକାଶ ଅଧିକାରୀ କବିତା ନାଗ, ବୋରିଗୁମ୍ମା ଶିଶୁ ବିକାଶ ବିଭାଗର ସୁପରଭାଇଜର ରୋଜାଲିନି କୋଟିଆ, ଦଶମନ୍ତପୁର ବ୍ଲକର ଅତିରିକ୍ତ ଶିକ୍ଷା ଅଧିକାରୀ ସୁନାଧର ସାଗର, ବୋରିଗୁମ୍ମା ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ଜଗଦୀଶ ମେହେର, କୋରାପୁଟ ଏନ୍‌ଆରସିରୁ ରଶ୍ମୀ ସାହୁ, ଜିଲ୍ଲା ଶ୍ରମ ବିଭାଗ ତରଫରୁ ଅତିରିକ୍ତ ଶ୍ରମ ଅଧିକାରୀ ବୁଲୁ ଶ୍ରିହରିଆ, ବିଆରଟି ସୁଶାନ୍ତ କୁମାର ନାୟକଙ୍କ ସହ ବିଭିନ୍ନ ଗଣମାଧମ ପ୍ରତିନିଧି ଉପସ୍ଥିତ ରହିଥିଲେ। କାର୍ଯକର୍ମରେ ପ୍ରଥମେ କ୍ରେଚର କର୍ମୀ ଗାୟତ୍ରୀ ଦେଓ ପ୍ରକଳ୍ପର କାର୍ଯ୍ୟକୁ ଉପସ୍ଥାପନ କରିବା ସହ "ଶ୍ରେୟା' ପ୍ରକଳ୍ପ ପରିଚାଳିକା ମାମିନା ବେହେରା ଚାରି ବର୍ଷର ଅଞ୍ଚଳରେ ହୋଇଥିବା କାର୍ଯ୍ୟକୁ ଉପସ୍ଥାପନ କରିଥଲେ। ଶିଶୁ ମାନଙ୍କୁ ନେଇ ବିଭିନ୍ନ ସୁବିଧା ସୁଯୋଗ କିପରି ଉଲ୍ଲଂଘନ ହୋଇ ଶିଶୁ ମାନେ ସେମାନଙ୍କ ଅଧିକାରଗୁଡ଼ିକୁ ପାଇପାରିବେ ସେହି ବିଷୟଗୁଡିକ ଗୁରୁତର ସହକାରେ ଆଲୋଚିତ ହୋଇଥିଲା। ଆଗାମୀ ଦିନରେ କିପରି ସମସ୍ତଙ୍କ ସହଯୋଗରେ ସୁରୁଖୁରୁରେ ଶିଶୁ ସୁରକ୍ଷା ପ୍ରତିବଦ୍ଧତାର ସହ କାର୍ଯ୍ୟ ହୋଇପାରିବ ସେ ସମ୍ପର୍କରେ ଆଲୋଚିତ ହୋଇଥିଲା। ମୁଖ୍ୟ ବିଷୟ ଭାବରେ ଶିଶୁ ମାନଙ୍କର ବିଭିନ୍ନ ଯୋଜନା ଗୁଡିକ କିପରି ଶିଶୁ ମାନେ ବିଭିନ୍ନ ବିଭାଗ ତରଫରୁ ପାଇପାରିବେ ସେ ସମ୍ପର୍କରେ ସଚେତନତା କରାଯାଇଥିଲା। ଏକତା ଅନୁଷ୍ଠାନର କର୍ମୀ ମାମିନା ବେହେରା ଯୋଗଦେଇ ପରିଚାଳନା କରିଥିଲେ। ଗାୟତ୍ରୀ ପ୍ରସାଦ ଦେଓ, ମିହିର ପାତ୍ର ,ଡମ୍ବୁରୁଧର ମଣ୍ଡି, ମଧୁସ୍ମିତା ଦେଓ, ବେଣୁଧର ନାୟକ ,ମକର ମୁଦୁଲି ଓ ସ୍ୱେଚ୍ଛାସେବୀ ମାନେ ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ।

### ଟେଲିଫୋନ୍ ଏକ୍ସଚେଞ୍ଜ,ଅଫିସ୍ କୋଠାକୁ ବୋମାରେ ଉଡାଇବା ମାମଲା

# ବିଷମକଟକ କୋର୍ଟରେ ହାଜର ହେଲେ ମାଓନେତା ଆଜାଦ୍

ବିଷମ କଟକ,୧୩।୨(ସମିସ): ରାୟଗଡ଼ା ଜିଲ୍ଲା ବିଷମ କଟକ ପ୍ରଥମ ଶେଣୀ ବିଚାର ବିଭଗ ଅଦାଲତରେ ଆଜି ମାଓନେତା ଆଜାଦ ଓରଫ ତୁନା କେଶବ ରାଓଙ୍କୁ ହାଜର କରଯାଇଛି। ଚନ୍ଦ୍ରପୁର ଠାରେ ମାଓ ନେତା ଆଜାଦ, ସବ୍ୟସାଚୀ, ନିଖିଲଙ୍କ ସହ ଅନ୍ୟ ୨୦୦ ମାଓବାଦୀ ଚନ୍ଦ୍ରପୁର ଟେଲିଫୋନ୍ ଏକ୍ସଚେଞ୍ଜ, ବିଆରସି ଅଫିସ୍ କୋଠାକୁ ବୋମାରେ ଉଡାଇ ଦେଇଥିବା ନେଇ ଗତ ୨୦୧୦ ମସିହା ମେ ମାସ ୨୦ ତାରିଖ ଦିନ ଚନ୍ଦ୍ରପୁର ଥାନା ଆଇଆଇସି କୈଳାଶ ଚନ୍ଦ୍ର ବୁରୁଦା ଜିଆର୍ କେଶ ନଂ ୧୩୬ରେ ମାମଲା ରୁଜୁ କରିଥିଲା। ଏହି ମକଦ୍ଦମାର ଶୁଣାଣି ପାରଳାଖେମଣ୍ଡି ସ୍ଥିତ ସ୍ୱତନ୍ତ୍ର କୋର୍ଟରେ ହେବାକୁ ଥିବାରୁ ଆଜି ମାଓନେତା ଆଜାଦକୁ କୋର୍ଟରେ ହାଜର କରାଯାଇଛି। ଆଜାଦ ବିରୋଧରେ ବେଆଇନ ବନ୍ଧୁକ



ରଖିବା, ପୋଡାଜଳା, ବିସ୍ଫୋରକ ସାମଗ୍ରି ରଖିବା ଅଭିଯୋଗ ରେ ୧୪୭, ୧୪. ୧୪୯, ୪୩୬, ୫୦. ୧୨୦(ବି), ୧୨୧(ଏ) ଉପା ୧୬,୮,୨୦, ୪ ଏବଂ ୫ ଧାରାରେ ଅପରାଧିକ ମାମଲା ରହିଛି। ମାଓ ନେତା ଆଜାଦଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ଲଢୁଥିବା ବେଳେ ସରକାରୀ ଓକିଲ ଜୟନ୍ତ କୁମାର ପଣ୍ଡା ରହିଥିଲେ।

# ଏଟିଏମ୍ ଅଚଳ, ଲୋକେ ହନ୍ତସନ୍ତ




କୋଷାଗୁମୁଡ଼ା,୧୩।୨(ସମିସ): ନବରଙ୍ଗପୁର ଜିଲ୍ଲାର ବୃହତ୍ତମ ପଞ୍ଚାୟତ ସମିତି ତଥା କୋଷାଗୁମୁଡ଼ା ବ୍ଲକର ୨୬ ପଞ୍ଚାୟତ ବାଣିଜ୍ୟ କାରବାରର ପେଣ୍ଠସ୍ଥଳ ସଦରରେ ଏସବିଆଇ ଏଟିଏମ୍ ଓ ଗୋଟିଏ ଆଇସିଆଇସିଆଇ ବ୍ୟାଙ୍କର ଏଟିଏମ୍ ରହିଛି। ସେହିପରି କୋଡ଼ିଙ୍ଗା ସଦରରେ ଏକ୍ସିସ ବ୍ୟାଙ୍କର ଏଟି,ମ୍ ଉପରେ ପ୍ରାୟ ୨୬ ପଞ୍ଚାୟତର ଜନସାଧାରଣ ନିର୍ଭର କରୁଛନ୍ତି। ଚଳିତ ଫେବୃଆରୀ ୯ ତାରିଖରୁ କୋଷାଗୁମୁଡ଼ାର ଆଇସିଆଇସିଆଇ ବ୍ୟାଙ୍କ ଏବଂ ଏସବିଆଇର ଏଟିଏମ୍ ଅଚଳ ରହିଛି। ଏଟିଏମ୍ ଅଚଳ ଯୋଗୁଁ ଗତ ତିନି ୩ଦିନ ହେବ ସାଧାରଣ ଲୋକ, ସରକାରୀ ବେସରକାରୀ ଅନୁଷ୍ଠାନ କର୍ମଚାରୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ଏପଟେ କୋଷାଗୁମୁଡ଼ାରେ ଏସ୍‌ବିଆଇ ବ୍ୟାଙ୍କ ଥାଇ ମଧ ଏଟିଏମ୍‌ଟି ଅଚଳ ହୋଇ ରହିଛି। ୨୬ ପଞ୍ଚାୟତର ଜନସାଧାରଣ ଓ ପଡୋଶୀ ବ୍ଲକର ସୀମାନ୍ତ ଅଞ୍ଚଳର ଲୋକମାନେ ଟଙ୍କା ଉଠାଇବା ପାଇଁ ପ୍ରାୟ ୩୫ରୁ ୪୦ କିଲୋମିଟର ଏଟିଏମ୍‌କୁ ଆସି କେତେବେଳେ ଅଫ୍‌ଲାଇନ୍ ଥିବା, କେତେବେଳେ ଟଙ୍କା ଏଟିଏମ୍‌ରେ ନଥିବା, ୩ଦିନି ହେବ ଏଟିଏମ ଦୁଇଟି ଅଚଳ ଯୋଗୁଁ ନାହିଁ ନଥିବା ଅସୁବିଧାର ସହ ବହୁତ କଷ୍ଟ ଅନୁଭବ କରୁଥିବା ଅଭିଯୋଗ କରିଛନ୍ତି। କୋଷାଗୁମୁଡ଼ାର ଦୁଇଟି ଏଟିଏମ୍ ଅଚଳ ଯୋଗୁଁ ଅନେକ ଲୋକ କୋରାପୁଟ ଜିଲ୍ଲାର କୋଟପାଡ଼, ପାପଡାହାଣ୍ଡି କିମ୍ବା ଛତିଶଗଡ଼ ରାଜ୍ୟର ଜଗଦଲପୁରକୁ ପ୍ରାୟ ୩୫ରୁ ୪୦କିଲୋମିଟର ଅତିକ୍ରମ କରି ବିପଦପୂର୍ଣ୍ଣ ଭାବରେ ଟଙ୍କା ଉଠାଣ ପାଇଁ ଯାଉଛନ୍ତି। ଟଙ୍କା ଉଠାଇ ଆଣିବା ବେଳେ ଡକାୟତ, ଲୁଟେରାଙ୍କ ହାବୁଡ଼ରେ ପଡୁଛନ୍ତି। ତେଣୁ ତୁରନ୍ତ ଦୁଇ ବ୍ୟାଙ୍କର ଏଟିଏମ୍‌କୁ କାର୍ଯ୍ୟକ୍ଷମ କରିବା ପାଇଁ କୋଷାଗୁମୁଡ଼ା ଅଞ୍ଚଳବାସୀ ଦାବି କରିଛନ୍ତି।

# ଇଷ୍ଟକୋଷ୍ଟ ରେଳବାଇ ଜିଏମ୍‌ଙ୍କ କୋରାପୁଟ ଗସ୍ତ

କୋରାପୁଟ,୧୩।୨(ସମିସ): ଇଷ୍ଟକୋଷ୍ଟ ରେଳବାଇ ଜିଏମ୍ ପରମେଶ୍ୱର ଫୁଙ୍କୱାଲ ଆଜି କୋରାପୁଟ ଗସ୍ତ କରି କୋରାପୁଟ- ଜଗଦଲପୁର ମଧ୍ୟରେ ଚାଲିଥିବା ଦୋହରିକରଣ କାର୍ଯ୍ୟର ଯାଞ୍ଚ କରିଛନ୍ତି। କେକେ ଲାଇନ ଅନ୍ତର୍ଗତ କୋରାପୁଟ-ଜଗଦଲପୁର ମଧ୍ୟରେ ଚାଲିଥିବା ଦୋହରୀକରଣ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଟ୍ରାକ୍ , ବ୍ରିଜ୍ ପଏଣ୍ଟ ଏବଂ କ୍ରସିଂ ଇତ୍ୟାଦି ବିଭାଗର ୱିଣ୍ଡୋ ଟ୍ରେଲିଂ ଯାଞ୍ଚ କରିଥିଲେ। ୱାଲଟିୟର ଡିଭିଜନର ଡିଆରଏମ ଲଳିତ ବୋହରା ଓ ଡିଭିଜନର ବିଭିନ୍ନ ବିଭାଗର ମୁଖ୍ୟ ଅଧିକାରୀ ମାନେ ଯାଞ୍ଚ ସମୟରେ ଉପସ୍ଥିତ ଥିଲେ। ପରେ କୋରାପୁଟ ଷ୍ଟେସନରେ ପହଞ୍ଚି ରନିଂ ରୁମର ସ୍ଥିତି ପରଖିବା ସହ ଲୋକୋ ପାଇଲଟ୍, ଗାର୍ଡ ଏବଂ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ରେଲୱେ ବୋର୍ଡ ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶାବଳୀ ଅନୁଯାୟୀ କେକେ ଲାଇନର ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଜାରି ରହିଛି। କୋରାପୁଟ-ରାୟଗଡା କେଆର ଲାଇନର ଦୋହରିକରଣରେ ମନ୍ଥରତାକୁ ନେଇ ସେ କହିଛନ୍ତି ଯେ କାମ ଚାଲୁ ରହିଛି । ପାହାଡିଆ ଓ ଟେରାଇନ ଅଞ୍ଚଳ ସହ ଟର୍ନେଲ ନିର୍ମାଣରେ ବିଳମ୍ବ ଘଟୁଛି । ଅନ୍ୟପଟେ ବିଭିନ୍ନ ସମୟରେ ରେଳପଥରୁ ମାଲବାହୀ ହେଉ କିମ୍ବା ଯାତ୍ରୀବାହୀ ଟ୍ରେନ୍‌ର ଅଘଟଣକୁ ଗୁରୁତ୍ୱ ଦିଆଯାଉଛି। ରେଳବାଇ ସେଫଟି ବିଭାଗ ବିଭିନ୍ନ ସମୟରେ ଯାଞ୍ଚ କରୁଛନ୍ତି ଏବଂ ରେଳ ନିରାପତ୍ତାକୁ ଯଥେଷ୍ଟ ଗୁରୁତ୍ୱ ଦିଆଯାଉଛି ବୋଲି ସେ କହିଛନ୍ତି। ଜୟପୁର-ନବରଙ୍ଗପୁର ଓ ଜୟପୁର - ମାଲକାନାଗିରି ରେଳପଥର ଅଗ୍ରଗତିକୁ ନେଇ ଗଣମାଧ୍ୟମକୁ କହିଛନ୍ତି ଯେ ଜୟପୁର-ନବରଙ୍ଗପୁର ରେଳପଥ ପାଇଁ କାର୍ଯ୍ୟ ଦ୍ରୁତଗତିରେ ଚାଲିଛି । ଜୟପୁର - ମାଲକାନାଗିରି ପାଇଁ ଜମିଅଧିଗ୍ରହଣ ପ୍ରକ୍ରିୟା ଜାରି ରହିଛି ବୋଲି ସେ କହିଛନ୍ତି। ଦିନବେଳା କୋରାପୁଟରୁ ଭୁବନେଶ୍ୱରକୁ ଏକ ଟ୍ରେନ କିମ୍ବା ବନ୍ଦେ ଭାରତ ଏକ୍ସପ୍ରେସ ଚାଲିବାକୁ ଲୋକଙ୍କ ଦାବି ରହିଥିବା ନେଇ ଜିଏମ୍ କହିଛନ୍ତି ଯେ ଦାବିକୁ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ସେ ସମ୍ବନ୍ଧରେ ବୋର୍ଡ ଏବଂ କମିଟି ନିଷ୍ପତି ନେବ ବୋଲି ସେ କହିଛନ୍ତି।



## ଶ୍ରୀଅରବିନ୍ଦ ଉଚ୍ଚ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ଅନିୟମିତତା ଅଭିଯୋଗ

ମାଲକାନଗିରି, ୧୩।୨(ସମିସ): ମାଲକାନଗିରି ଶ୍ରୀଅରବିନ୍ଦ ଉଚ୍ଚ ବିଦ୍ୟାଳୟ ଏମ୍‌ଭି.୫୫ରେ ମଧ୍ୟାହ୍ନଭୋଜନ ଚାଉଳ ଓ ଅର୍ଥ ଅନିୟମିତତାର ଅଭିଯୋଗ ଆସିଛି। ଅଭିଯୋଗ ସଂକ୍ରାନ୍ତରେ ଅବଗତ ହେବା ପରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ତୁରନ୍ତ ଏହାର ତଦନ୍ତ କରିବା ନିମନ୍ତେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ତତ୍ତ୍ୱାବଧାନରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବିଦ୍ୟାଳୟ ପରିଦର୍ଶନ କରି ମଧ୍ୟାହ୍ନଭୋଜନ ଚାଉଳର ଷ୍ଟକ୍ ରେଜିଷ୍ଟର ଯାଞ୍ଚ୍ କରିଥିଲେ। ଷ୍ଟକ୍ ରେଜିଷ୍ଟର ତଥା ଅନ୍ୟାନ୍ୟ କାଗଜପତ୍ର ଯାଞ୍ଚ୍ ପରେ




ଜଣାପଡ଼ିଛି ଯେ ପ୍ରାୟ ୪୨ ବସ୍ତା ମଧ୍ୟାହ୍ନଭୋଜନ ଚାଉଳ ପୁନଃ ପ୍ରକ୍ରିୟାକରଣ ପାଇଁ କୌଣସି ମିଲ୍‌କୁ ପଠାଯାଇଛି। କିନ୍ତୁ ମଧ୍ୟାହ୍ନଭୋଜନ ଚାଉଳ ଯାହା ଜିଲ୍ଲା ଯୋଗାଣ ଅଧିକାରୀଙ୍କ ଦ୍ୱାରା ସ୍ୱତନ୍ତ୍ର ପୋଷଣ ଯୁକ୍ତ ଯାହା କି ପୁନଃ ପ୍ରକ୍ରିୟାକରଣ ପାଇଁ କୌଣସି ଆବଶ୍ୟକତା ନାହିଁ। ମଧ୍ୟାହ୍ନ ଭୋଜନ ଚାଉଳ ଅନିୟମିତତାରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଭୂମିକା ରହିଛି। ଉକ୍ତ ଅନିୟମିତତା ପାଇଁ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରା ଯାଇଛି। ନୋଟିସ୍‌ର ପ୍ରତିଉତ୍ତର ଅନୁଯାୟୀ ତାଙ୍କ ବିରୁଦ୍ଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ଜବରଦଖଲ ଉଚ୍ଛେଦ ନ କରି ଫେରିଲା ପୌରସଂସ୍ଥା

ଜୟପୁର,୧୩।୨(ସମିସ):

ଜୟପୁର ସହରର ଲିଙ୍ଗରାଜ ନଗର ତଥା ଇରିଗେସନ କଲୋନୀ ନିକଟରେ ଏକ ରାସ୍ତା ଉପରେ ତିନୋଟି ଜବରଦଖଲ ଗୃହ ରହିଥିବା ଯୋଗୁଁ ତରୁନ୍ତ ଏହାକୁ ଉଚ୍ଛେଦ କରିବା ନେଇ ଆଜି ପୌରସଂସ୍ଥା ପକ୍ଷରୁ ଅତିରିକ୍ତ ପୌର ନିର୍ବାହୀ ଅଧିକାରୀଙ୍କ ନେତୃତ୍ୱରେ ପୁଲିସ, ତହସିଲ ଏବଂ ଅନ୍ୟାନ୍ୟ ପୌରସଂସ୍ଥାର କର୍ମଚାରୀ ମାନେ ଘଟଣାସ୍ଥଳକୁ ଯାଇଥିଲେ। କିନ୍ତୁ ଉକ୍ତ ତିନୋଟି ଗୃହର ପରିବାର ଏବଂ ଅନ୍ୟାନ୍ୟ ସ୍ଥାନୀୟ ବସ୍ତିର ଲୋକ ମାନେ ପ୍ରବଳ ବିରୋଧ କରିବା ସହିତ ପ୍ରକୋଲିନ ମେସିନ ସମ୍ମୁଖରେ ଠିଆ ହୋଇଗଲେ ଏବଂ ଦେହରେ ପେଟ୍ରୋଲ ଢାଳି ଆତ୍ମହତ୍ୟା କରିବାକୁ ଧମକ ଦେଇଥିଲେ। ପୌର ପ୍ରଶାସନ ପକ୍ଷରୁ ସେମାନଙ୍କୁ ବୁଝାସୁଝା କରାଯାଇଥିଲା । କିନ୍ତୁ ସେମାନେ କିଛ ସମୟ ଦେବାକୁ ଦାବି କରିଥିଲେ। ଉକ୍ତ ଅଞ୍ଚଳର କାଉନସିଲର ପ୍ରଣବ କିଶୋର ନାୟକ, ପାର୍ଥସାରଥୀ ମଲ୍ଲିକ ଏବଂ ମଧୁସ୍ମିତା ଓରାନ ଘଟଣାସ୍ଥଳରେ ପହଞ୍ଚି



### ୧୦ ଦିନ ପରେ ପୁଣି କାର୍ଯ୍ୟାନୁଷ୍ଠାନ

ବସ୍ତି ବାସିନ୍ଦାଙ୍କ ସପକ୍ଷରେ ଯୁକ୍ତି କରିବା ସହିତ ସେମାନଙ୍କୁ କିଛି ଦିନ ସମୟ ଦେବାକୁ ଉପସ୍ଥିତ ପୌର ଅଧିକାରୀଙ୍କୁ ନିବେଦନ କରିଥିଲେ। କିନ୍ତୁ ପୌର ନିର୍ବାହୀ ଅଧିକାରୀ ତଥା ଉପଜିଲ୍ଲାପାଳ ଏଥିନେଇ ସମୟ ଦେଲେ ସେମାନେ ଏଠାରୁ ହଟିଯିବେ ବୋଲି କହିଥିଲେ। ଉପଜିଲ୍ଲାପାଳ ତଥା ପୌର ନିର୍ବାହୀ ଅଧିକାରୀ ଏ .ଶଶ୍ୟା ରେ‡ଙ୍କୁ ତାଙ୍କ କାର୍ଯ୍ୟାଳୟକୁ ସାକ୍ଷାତ କରିବାକୁ ଯାଇଥିଲେ। ତାଙ୍କ ଅନୁପସ୍ଥିତିରେ ଫୋନ ମାଧ୍ୟମରେ କଥା ହୋଇଥିଲେ। ୧୦ ଦିନ ମଧ୍ୟରେ ସେମାନଙ୍କୁ ଜବରଦଖଲ ଜମି ଛାଡିବାକୁ ପଡିବ ଅନ୍ୟଥା କାର୍ଯାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ଆଜି ପୌରସଂସ୍ଥାର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ପୂଜା ରାଉତ, ପୌରଯନ୍ତ୍ରୀ ଅଜୟ କୁମାର ଜାନୀ, ପୌର ଅମିନ ଶୁଭସ୍ମିତା ଜେନା, ରାଜସ୍ୱ ପରିଦର୍ଶକ ହରିହର ଶତପଥି ଏବଂ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ପ୍ରକାଶ ଯେ, ଉକ୍ତ ବସ୍ତି ଏକ ଘରୋଇ ଜମି ହୋଇଥିବା ବେଳେ ୧୫ଟି ଘର ଜବରଦଖଲରେ ରହିଛି। ସେଥି ôମଧ୍ୟରୁ ୩ ଘର ପୌରସଂସ୍ଥାର ରାସ୍ତା ନିର୍ମାଣ ହେବାକୁ ଥିବା ଜମି ଉପରେ ରହିଥିବା ଯୋଗୁଁ ଏହାକୁ ପୌରସଂସ୍ଥା ପକ୍ଷରୁ ଉଚ୍ଛେଦ କରାଯିବା ନେଇ ଘଟଣାସ୍ଥଳକୁ ଯାଇଥିଲେ। ଉକ୍ତ ୩ଟି ଗୃହ ଘରୋଇ ଜମି ଉପରେ ରହିଥିଲେ ସୁଦ୍ଧା ଜମି ମାଲିକ ରାସ୍ତା ନିର୍ମାଣ ପାଇଁ ଜମିକୁ ପୌରସଂସ୍ଥା ମାଲିକାନା ନାମରେ ହସ୍ତାନ୍ତର କରିଛନ୍ତି।

## ଧାନକିଣାରେ ଅଚଳାବସ୍ଥା ଓ ଅରାଜକତାର ପ୍ରତିବାଦ

# ବିଜୁ ଜନତା ଦଳର ବିକ୍ଷୋଭ ରାଲି; ରାଜ୍ୟପାଳଙ୍କୁ ଦାବିପତ୍ର





କେନ୍ଦୁଝର ୧୩।୨(ସମିସ): କେନ୍ଦୁଝର ଜିଲ୍ଲା ସମେତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଧାନକିଣାରେ ଅଚଳାବସ୍ଥା ଓ ଆଇନଶୃଙ୍ଖଳାର ଦ୍ରୁତ ଅବନତି ଦେଖାଯାଉଛି। ଏହାର ପ୍ରତିବାଦରେ କେନ୍ଦୁଝର ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ବିଶାଳ ବିକ୍ଷୋଭ ରାଲି ସହ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ବିଜେଡି କର୍ମୀ, ନେତା, ବିଧାୟକ ଓ ଦଳୀୟ ପଦାଧିକାରୀମାନେ କାଳିପଡିଆଠାରୁ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖକୁ ଯାଇଥିଲେ। ବିଜୁ ଜନତା ଦଳ ଜିଲ୍ଲା ସଭାପତି ଆଶିଷ ଚକ୍ରବର୍ତ୍ତୀଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭାରେ ଘସିପୁରା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ଜିଲ୍ଲା ପରିଷଦ ଅଧକ୍ଷା ସାଗରୀକା ସାହୁ, ପୂର୍ବତନ ସାଂସଦ ମାଧବ ସର୍ଦ୍ଦାର, ପୂର୍ବତନ ବିଧାୟକ ଜଗନ୍ନାଥ ନାୟକ, ବିଭିନ୍ନ ବ୍ଲକ ଅଧ୍ୟକ୍ଷ, ପୌର ପରିଷଦ ଓ ଚମ୍ପୁଆ ଏନଏସିର ଅଧ୍ୟକ୍ଷ ଗିରିଜା ଶଙ୍କର ସାହୁ, ଜିଲ୍ଲା ପରିଷଦ ସଦସ୍ୟ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଧାୟକ ଶ୍ରୀ ପାତ୍ର କହିଥିଲେ, କେନ୍ଦୁଝର ମୁଖ୍ୟତଃ ଏକ କୃଷିପ୍ରଧାନ ଜିଲ୍ଲା। ରାଜ୍ୟ ସରକାରଙ୍କ ବାରମ୍ବାର ପ୍ରତିଶ୍ରୁତି ସତ୍ତ୍ୱେ ଜିଲ୍ଲାରେ କ୍ରୟ ପ୍ରକ୍ରିୟା ବିଶୃଙ୍ଖଳା, ଅତ୍ୟଧିକ ବିଳମ୍ବ ଏବଂ ଘୋର ପ୍ରଶାସନିକ ତ୍ରୁଟି ପରିଲକ୍ଷିତ ହେଉଛି। ମଣ୍ଡିଗୁଡ଼ିକରେ ଅନିୟମିତତା ଦେଖାଯାଉଛି। କ୍ଷୁଦ୍ର ଏବଂ ନାମମାତ୍ର ଚାଷୀମାନେ ବହୁ କମ୍ ମୂଲ୍ୟରେ ଧାନ ବିକ୍ରୟ କରିବାକୁ ବାଧ୍ୟ ହେଉଛନ୍ତି। ଖରିଫ ଋତୁରେ ରାଜ୍ୟ ସରକାରଙ୍କ ଦ୍ୱାରା ଘୋଷିତ ୭୩ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ଲକ୍ଷ୍ୟ ବିରୁଦ୍ଧରେ, ଏପର୍ଯ୍ୟନ୍ତ ମାତ୍ର ପ୍ରାୟ ୩୦.୪୯ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରାଯାଇଛି, ଯାହା ସ୍ପଷ୍ଟ ଭାବରେ ଚାଷୀମାନଙ୍କ ପ୍ରତି ପ୍ରତିଶ୍ରୁତି ପାଳନ କରିବାରେ ସରକାରଙ୍କ ବିଫଳତାକୁ ପ୍ରକାଶ କରୁଛି। ଏହି ପରିପ୍ରେକ୍ଷୀରେ ବିଜେଡି ଜିଲ୍ଲା ସଭାପତି ଆଶିଷ ଚକ୍ରବର୍ତ୍ତୀ ଛତିଶଗଡ଼ ଓଡ଼ିଶା ତୁଳନାରେ ଏପର୍ଯ୍ୟନ୍ତ ପ୍ରାୟ ୧୨୭ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରିସାରିଥିବାରୁ ରାଜ୍ୟରେ ଡବଲ୍ ଇଞ୍ଜିନ ସରକାର ଉପରେ କଟାକ୍ଷ କରିଥିଲେ। କେନ୍ଦୁଝର ଜିଲ୍ଲାରେ ଧାନ ମଣ୍ଡିର ଅଭାବ ଏବଂ ଧାନକିଣାରେ ସ୍ୱଚ୍ଛତାର ଅଭାବ ସିଧାସଳଖ ଚାଷୀମାନଙ୍କୁ ପ୍ରଭାବିତ କରିଛି। ଚାଷୀମାନେ ରାଜ୍ୟ ସହାୟତା ସମେତ ୩୧୬୯ ଟଙ୍କା ପାଇବାର ହକଦାର। ଏହି ଅବ୍ୟବସ୍ଥା ମଧ୍ୟରେ ବିଭ୍ରାନ୍ତିକର ମନ୍ତବ୍ୟ ଦେଉଥିବା ଯୋଗାଣ ମନ୍ତ୍ରୀଙ୍କୁ ଦଳୀୟ ନେତୃବୃନ୍ଦ ସମାଲୋଚନା କରିଥିଲେ। ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ କେନ୍ଦୁଝର ଜିଲ୍ଲାରେ ଆଇନଶୃଙ୍ଖଳା ପରିସ୍ଥିତିର ତୀବ୍ର ଅବନତି ସମ୍ପର୍କରେ ସରକାରଙ୍କ ମୁଖା ଖୋଲି ଦେଇଥିଲେ। ତଥ୍ୟ ଏବଂ ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟପାଳ ହସ୍ତକ୍ଷେପ କରନ୍ତୁ ଏବଂ କେନ୍ଦୁଝର ଜିଲ୍ଲାରେ ତୁରନ୍ତ, ସ୍ୱଚ୍ଛ ଏବଂ କଟନୀ-ଛଟନୀମୁକ୍ତ ଧାନ କ୍ରୟ ସୁନିଶ୍ଚିତ କରିବା ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଦଳ ପକ୍ଷରୁ ସେ ଦାବି କରିଥିଲେ। ଏହି ଅବସରରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ତଥା କେନ୍ଦୁଝର ଜିଲ୍ଲାପାଳଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଧନୁର୍ଜୟ ସିଦ୍ଧୁ, ଜିଲ୍ଲା ପରିଷଦ ଅଧକ୍ଷା ସାଗରିକା ସାହୁ, ଉପାଧ୍ୟକ୍ଷ ସୋମନାଥ ଦାଶ, ପୂର୍ବତନ ପୌରାଧ୍ୟକ୍ଷା ମୀନା ମାଝୀ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା କମଳିନୀ ପାତ୍ର, ଜିଲ୍ଲା ଯୁବ ବିଜେଡି ସଭାପତି ରାକେଶ ରାମ, ମାଧବନନ୍ଦ ପୃଷ୍ଟି, ଦିଲ୍ଲୀପ ସାହୁ, ଗୋବିନ୍ଦ ମହାନ୍ତ, ଅଯୋଧ୍ୟା ବେହେରା, ମହେନ୍ଦ୍ର ସାହୁ, ଅଜୟ ପଟ୍ଟନାୟକ, ଜିଲ୍ଲା ପରିଷଦ ସଦସ୍ୟା ଚମ୍ପାବତୀ ଟୁଡୁ, ରୁନୁ ମହାନ୍ତ, କୌଶଲ୍ୟା ସେଠୀ, ସୁରେନ୍ଦ୍ର ଜେନା, ଯାଜ୍ଞସିନୀ ମହାନ୍ତ, ସୌଭାଗ୍ୟ ମଞ୍ଜରୀ ନାୟକ, ଜିଲ୍ଲା ପରିଷଦ ସଦସ୍ୟ ବିମ୍ବାଧର ବିଶ୍ୱାଳ, ରଥ ମୁଣ୍ଡା, କେଦାର ପ୍ରଧାନ, ବୁଦ୍ଧଦେବ ମହାକୁଡ଼ ବ୍ଲକ ଅଧକ୍ଷ୍ୟ ହରିଚନ୍ଦନପୁର ସୁନେଲି ନାଏକ, ଗୀତାଞ୍ଜଳି ନାଏକ, ହାଟଡିହି ବ୍ଲକ ଅଧକ୍ଷା ସାବିତ୍ରୀ ସେଠୀ, ଉପାଧ୍ୟକ୍ଷ ରତିକାନ୍ତ ରାଉତ, ବଂଶପାଳ ମାନସ ଦେହୁରୀ, ଝୁମ୍ପୁରା ବ୍ଲକ ଅଧକ୍ଷା ମାଳତୀ ନାଏକ, ସଦର ବ୍ଲକ ସଭାପତି ଚକ୍ରଧର ପରିଡା, ନାରାୟଣ ନାଏକ, ସନ୍ତୋଷ ବିଶ୍ୱାଳ, ଶୈଳ ସାହୁ, କେଶରୀ ରାଉତ, ମାୟାଧର ମହାକୁଡ଼, ନଗର ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ଝୁମ୍ପୁରା ବ୍ଲକ ସଭାପତି, ଡମ୍ବରୁ ଦାସ, ନାରାୟଣ ନାଏକ, ଜିଲ୍ଲା କୋଷାଧ୍ୟକ୍ଷ ରକ୍ଷାକର ସାହୁ, ହୃଦା ପ୍ରଧାନ, ବାବୁଲାଲ ସାହୁ, ଗଦାଧର ପଟ୍ଟନାଏକ, ଗିରିଧାରୀ ନାଏକ, ବିପିନ ଆପଟ, ଯୁବନେତା ସତ୍ୟବ୍ରତ ନାଏକ, ଦେବୁ ପଟ୍ଟନାୟକ, ଟିକୁ ପ୍ରଧାନ, ଟିକିନା ବ୍ରହ୍ମ, ରଞ୍ଜନ ବେହେରା, ସଫିକ ଆନସାରୀ, ମହିଳା ନେତ୍ରୀ ସନ୍ଧ୍ୟାରାଣୀ ପାତ୍ର ପ୍ରମୁଖ ନେତୃତ୍ୱ ନେଇଥିଲେ।

## ଯୁବ ବାସ୍ତୁବିତ୍ ସମ୍ବର୍ଦ୍ଧିତ



ଆନନ୍ଦପୁର, ୧୩।୨ (ସମିସ): ବାସ୍ତୁଶାସ୍ତ୍ରରେ ପାରଦର୍ଶିତା ଲାଭ କରି ସମାଜ କଲ୍ୟାଣ କାର୍ଯ୍ୟରେ ସମର୍ପିତ ହୋଇଥିବା ଯୁବ ବାସ୍ତୁବିତ୍ ନିରଞ୍ଜନ ପାଣିଙ୍କୁ ଆଇଆଇସିଏଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। କୋଲକାତା ଶରତ ସଦନଠାରେ ଆୟୋଜିତ ଅନ୍ତର୍ଜାତୀୟ ସାରସ୍ୱତ ସମାବେଶରେ ଶ୍ରୀ ପାଣିଙ୍କୁ ମାନପତ୍ର ଉତ୍ତରୀୟ ସହିତ ଅନରାରୀ ଡକ୍ଟରେଟ ଉପାଧିରେ ସମ୍ମାନିତ କରାଯାଇଛି। ସାଂସ୍କୃତିକ ସଂଯୋଜକ ଡ଼ ଉପେନ୍ଦ୍ର କୁମାର ଶର୍ମାଙ୍କ ସଂଯୋଜନାରେ ମିସେସ ଇଣ୍ଡିଆ ପ୍ରତୀଚୀ ପୁଣ୍ଡେ ପ୍ରତିଷ୍ଠାତା ଡ଼ ଅର୍ପିତା ଚାଟାର୍ଜୀ ଆଇନିଜିବି ଗୋପେଶ୍ୱର ମୁଖାର୍ଜୀ କଲ୍ୟାଣକାନ୍ତ ମଜମୁଦାର ଯୋଗ ଦେଇଥିଲେ ଶ୍ରୀ ପାଣିଙ୍କୁ ଆନନ୍ଦପୁର ଅଞ୍ଚଳରୁ ଅନେକ ଶୁଭେଚ୍ଛା ମିଳିଛି।

## ଯୁବ ସମାଜସେବୀଙ୍କ ସହାୟତା



ଆନନ୍ଦପୁର, ୧୩।୨ (ସମିସ): ଘସିପୁରା ବ୍ଲକ ସାଇକୁଳର ଅବସରପ୍ରାପ୍ତ ସେନା ସୁବେଦାର ତଥା ଯୁବ ସମାଜସେବୀ ସନ୍ତୋଷ ସ୍ୱାଇଁ ହସ୍ପିଟାଲରେ ରକ୍ତଦାନ କରି ମୂଲ୍ୟବାନ ଜୀବନ ବଞ୍ଚାଇବାରେ ସହାୟକ ହୋଇଛନ୍ତି। ଶ୍ରୀ ସ୍ୱାଇଁ ଭୁବନେଶ୍ୱର ଯାଇଥିବା ବେଳେ କୌଣସି ଜଣେ ରୋଗୀଙ୍କ ରକ୍ତ ଦରକାର ପଡ଼ିଥିଲା। ଏ କଥା ଶୁଣିବା ମାତ୍ରେ ଶ୍ରୀ ସ୍ୱାଇଁ ବିଳମ୍ବ ନକରି ସିଧା ରୋଗୀଙ୍କ ସମ୍ପର୍କୀୟଙ୍କ ସହାୟତାରେ ଆସି ଆଜି ଜୀବନର ୩୭ତମ ରକ୍ତ ଦାନ କରି ଛନ୍ତି। ତାଙ୍କର ଏଭଳି କାମ ପାଇଁ ବିଭିନ୍ନ ଆଡୁ ପ୍ରଶଂସାର ଛୁଅ ଛୁଟି ଆସୁଛି।

# ବିଭିନ୍ନ ବିଦ୍ୟାଳୟର ବାର୍ଷିକ ଉତ୍ସବ

### ● ବଂଶୀଧର ଉଚ୍ଚବିଦ୍ୟାଳୟ



ଆନନ୍ଦପୁର,୧୩।୨(ସମିସ): ଘସିପୁରା ବ୍ଲକ ମଦନପୁରସ୍ଥିତ ବଂଶୀଧର ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସଭାରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ରକ୍ଷାକର ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବରେ ମଦନପୁର ପଞ୍ଚାୟତ ସରପଞ୍ଚ ହିମାଂଶୁ ଶେଖର ଜେନା, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁରେନ୍ଦ୍ର ରାଉତ, ସମ୍ମାନିତ ଅତିଥି ଭାବରେ ପ୍ରଧାନଶିକ୍ଷକ ରମେଶଚନ୍ଦ୍ର ସାହୁ, ଘନଶ୍ୟାମ ଖଟୁଆ, ଶରତଚନ୍ଦ୍ର ସାହୁ, ପଦ୍ମନାଭ ପାଢ଼ୀ ପ୍ରମୁଖ ଯୋଗଦାନ କରିଥିଲେ। ସହକାରୀ ଶିକ୍ଷକ ଜ୍ୟୋତିରଞ୍ଜନ ସିଅଳ ବାର୍ଷିକ ବିବରଣୀ ପାଠ କରିଥିଲା ବେଳେ ଶିକ୍ଷୟିତ୍ରୀ ଡଲି ପ୍ରଧାନ ପରିଚୟ ପ୍ରଦାନ କରିଥିଲେ। ସହକାରୀ ଶିକ୍ଷକ ମନୋଜ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ବାର୍ଷିକ କ୍ରୀଡ଼ାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଶିକ୍ଷକ ବିଜୟ ସାହୁ, ଉତ୍ତମ ସାହୁ, ଚିନ୍ତାମଣି ପଣ୍ଡା, ଜଗନ୍ନାଥ ପୃଷ୍ଟି, ରାମଚନ୍ଦ୍ର ମୁଣ୍ଡା, ଶିକ୍ଷୟିତ୍ରୀ ଦେବାଲିନ ରାଉତ, ସହକର୍ମୀ ପ୍ରତିଭା ସାହୁ, ଜୟନ୍ତ କୁଅଁର ସହଯୋଗ କରିଥିଲେ। କ୍ରୀଡ଼ା ଶିକ୍ଷକ ବିଜୟ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ● କୋଲିମାଟି ଆଶ୍ରମ ବିଦ୍ୟାଳୟ



ଆନନ୍ଦପୁର ବ୍ଲକ୍ କୋଲିମାଟି ସରକାରୀ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଶିକ୍ଷକ ଭାରତଚନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ବିଜୟ ପୂର୍ତ୍ତି, ମୁଖ୍ୟବକ୍ତା ଭାବେ କୋମଡ ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଉମାମଣି ବେହେରା ଓ ସମ୍ମାନିତ ଅତିଥି ଭାବେ କୋଲିମାଟି ସରପଞ୍ଚ ଦମୟନ୍ତୀ ନାୟକ କୋଲିମାଟି ଆଦିବାସୀ ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଭାରତୀ ରଶ୍ମିବାଳା ଜେନା ପ୍ରମୁଖ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ସହକାରୀ ଶିକ୍ଷକ ନିରଞ୍ଜନ ସାହୁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ସହକାରୀ ଶିକ୍ଷୟିତ୍ରୀ ପ୍ରିୟଲକ୍ଷ୍ମୀ ସା ବାର୍ଷିକ ବିବରଣୀ ପାଠ କରିଥିଲେ। ଦୀପ୍ତିମୟୀ ସାହୁ, ସ୍ନେହଲତା ପରିଡା, ମଳୟ କେତନ ପରିମାଣିକ ପରିଚାଳନା କରିଥିଲେ। ବିଦ୍ୟାଳୟର କର୍ମଚାରୀ ସୁବାସଚନ୍ଦ୍ର ବେଜ, ଅଭିରାମ ନାୟକ, ଦେବେନ୍ଦ୍ରଜାଇକି ପାର୍ବତୀ ନାଇକ, ଗୋଲାପ ନାଇକ, ଭାରତୀ ନାଇକ ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷକ ନିରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ଲକ୍ କଂଗ୍ରେସ ସଭାପତିଙ୍କୁ ସମ୍ବର୍ଦ୍ଧନା

ତେଲକୋଇ, ୧୩।୨(ସମିସ): ତେଲକୋଇ ବ୍ଲକ ଅନ୍ତର୍ଗତ ଜଗମୋହନପୁର କଲ୍ୟାଣ ମଣ୍ଡପଠାରେ ବ୍ଲକ କଂଗ୍ରେସର ଏକ ସାଙ୍ଗଠନିକ ବୈଠକରେ ନବନିର୍ବାଚିତ ତେଲକୋଇ ବ୍ଲକ କଂଗ୍ରେସ ସଭାପତି ସୁବାସଚନ୍ଦ୍ର ପ୍ରଧାନଙ୍କୁ ଜଗମୋହନପୁର ପଞ୍ଚାୟତ କଂଗ୍ରେସ କର୍ମୀମାନେ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି। ଏହି ଅବସରରେ ସଭାପତି ଓ ବରିଷ୍ଠ କଂଗ୍ରେସ କର୍ମୀମାନଙ୍କ ଉପସ୍ଥିତିରେ ଜଗମୋହନପୁର ଗ୍ରାମପଞ୍ଚାୟତର କଂଗ୍ରେସ କମିଟି ଗଠନ କରାଯାଇଛି। ବରିଷ୍ଠ କଂଗ୍ରେସ କର୍ମୀ ଭଦ୍ରସେନ ପ୍ରଧାନ, ଯଶବନ୍ତ ଖୁଣ୍ଟିଆ, ବାସବରାଜ ପ୍ରଧାନ, ବିଭୂତି ଭୂଷଣ ସାହୁ, ଗୁରୁଚରଣ ପ୍ରଧାନ, ରଥୀ ବେହେରା, ମହେଶ୍ୱର ମହାକୁଡ଼, ରାଜକିଶୋର ନାୟକ, ପ୍ରମୋଦ ସାହୁ, ବାବୁବାହନ ସେଠୀ ଓ ବରିଷ୍ଠ ନେତା ନିର୍ମଳଚନ୍ଦ୍ର ନାୟକ ଉପସ୍ଥିତ ଥିଲେ।

## ଉମାଦେବୀ ମୋଟର୍ସର ଫାର୍ମଟ୍ରାକ୍ ଟ୍ରାକ୍ଟର ସୋ-ରୁମ୍ ଉଦ୍‌ଘାଟିତ



ଆନନ୍ଦପୁର,୧୩।୨(ସମିସ): ଆନନ୍ଦପୁର ଶାଳପଡ଼ା ବଜାରରେ ପ୍ରଥମ କରି ଉମାଦେବୀ ମୋଟର୍ସର ନୂତନ ଟ୍ରାକ୍ଟର ସୋ-ରୁମ ଉଦଘାଟନ ହେବା ସହ ଏସ୍କର୍ଟ କୁବୋଟା ଲିମିଟେଡ୍ ଫାର୍ମଟ୍ରାକ୍ ଟ୍ରାକ୍ଟରର ନୂଆ ଗାଡି ୱାର୍ଲଡ୍ ମ୍ୟାକ୍ସ, ପ୍ରୋ ମ୍ୟାକ୍ସ ଏବଂ ଅଲଟ୍ରା ମ୍ୟାକ୍ସ ଟ୍ରାକ୍ଟରକୁ ଅତିଥିଙ୍କ ଦ୍ୱାରା ଅନାବରଣ କରାଯାଇଛି। ଆବାହକ ନିରଞ୍ଜନ ବ୍ରହ୍ମଙ୍କ ଆବାହନ ତଥା ସୋରୁମର ପରିଚାଳନା ନିର୍ଦ୍ଦେଶକ ପ୍ରିୟରଞ୍ଜନ ବ୍ରହ୍ମଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଭାବେ ଏସ୍କର୍ଟର ଦକ୍ଷିଣ ପୂର୍ବାଞ୍ଚଳର ସେଲସ ମୁଖ୍ୟ ରାଜେନ୍ଦ୍ର ଲୋଦ୍ଧେ, ସମ୍ମାନିତ ଅତିଥି କମ୍ପାନୀର ଓଡ଼ିଶା ସର୍ଭିସ ହେଡ ରମେଶ ଖରାଡେ, ଏରିଆ ସର୍ଭିସ ମ୍ୟାନେଜର ଆଶିଷ ଆନନ୍ଦ ପଣ୍ଡା ପ୍ରମୁଖ ଯୋଗ ଦେଇଥିବା ବେଳେ କମ୍ପାନୀର ସେଲସ ମ୍ୟାନେଜର ଚନ୍ଦନ କୁମାର ଗିରି ପରିଚାଳନା କରିଥିଲେ। ଅତିଥିମାନେ ସୋ-ରୁମର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏଥିସହ ଭଗା ନଇରୁ ପାଣ୍ଡବ ଚରଣ ସାହୁ, ହସନପୁରରୁ ଗୋବିନ୍ଦଚନ୍ଦ୍ର ଜେନା, ବେଲବାହାଳି ଗାଁରୁ ବାଡ଼ିଆ ମହାରଣା, ମଥୁରା ସାହୁଙ୍କୁ ନୂଆ ଟ୍ରାକ୍ଟରର ଚାବି ଅତିଥିଙ୍କ ଦ୍ୱାରା ହସ୍ତାନ୍ତର କରାଯାଇଛି। କୁବୋଟା ଟ୍ରାକ୍ଟର ଅନ୍ୟ ଟ୍ରାକ୍ଟର ଅପେକ୍ଷା ଅଧିକ ଶକ୍ତିଶାଳୀ ଏବଂ ଇନ୍ଧନ ସଞ୍ଚିତ ସୁବିଧା ଅଛି ବୋଲି ଶ୍ରୀ ଲୋଦ୍ଧେ ମତ ବ୍ୟକ୍ତ କରିଥିଲେ। ଆନନ୍ଦପୁର ଅଞ୍ଚଳରେ ମାଟି ଉପଯୋଗୀ ହୋଇଥିବା ତଥା ଏହା କୃଷକଙ୍କ ପାଇଁ ଏକ ସୁବର୍ଣ୍ଣ ସୁଯୋଗ ସୃଷ୍ଟି କରିବ ବୋଲି ପରିଚାଳନା ନିର୍ଦ୍ଦେଶକ ଶ୍ରୀ ବ୍ରହ୍ମ ମତ ବ୍ୟକ୍ତ କରିଥିଲେ। ସଭାରେ ଶତାଧିକ କୃଷକ ବନ୍ଧୁ ଉପସ୍ଥିତ ଥିଲେ।

## ଆୟୁଷ୍ମାନ ଫାଉଣ୍ଡେସନ ପକ୍ଷରୁ ଶୀତବସ୍ତ୍ର ସହାୟତା

ଆନନ୍ଦପୁର ୧୩।୨(ସମିସ): ନୂଆଦିଲ୍ଲୀର ଅଗ୍ରଣୀ ଓଡ଼ିଆ ସାମାଜିକ ସଂଗଠନ ଆୟୁଷ୍ମାନ ଫାଉଣ୍ଡେସନ ତରଫରୁ ଦିଲ୍ଲୀର ହାଡ଼ଭଙ୍ଗା ଶୀତରେ ରାସ୍ତାକଡ଼ରେ କଷ୍ଟ ପାଉଥିବା ଗରିବ ଓ ଅସହାୟ ଲୋକଙ୍କୁ ନୂଆଦିଲ୍ଲୀର ଲକ୍ଷ୍ମୀନଗର, କ୍ରିଷ୍ଣାନଗର, ଗାନ୍ଧୀନଗର, ଦିଲ୍ଲୀ ଏମ୍ସ ମେଡ଼ିକାଲ ପରେ ପରେ ଗୁରୁଗ୍ରାମ ବିଭିନ୍ନ ବସଷ୍ଟାଣ୍ଡ, ରେଳ ଷ୍ଟେସନ ବାହାରେ ଓ ରାସ୍ତାକଡ଼ରେ ରହୁଥିବା ଅସହାୟ ପିଲା, ମହିଳା, ବୃଦ୍ଧବୃଦ୍ଧାଙ୍କୁ ଆୟୁଷ୍ମାନ ୧୫୦ରୁ ଉର୍ଦ୍ଧ୍ୱ କମ୍ବଳ ଆଦି ବଣ୍ଟନ କରାଯାଇଛି। ଫାଉଣ୍ଡେସନ ସଦସ୍ୟ ଅମରେନ୍ଦ୍ର ମହାପାତ୍ର, ଆଲୋକ ରଞ୍ଜନ, ନିବେଦିତା ଜେନା, ସାନ୍ତ୍ୱନା ପଣ୍ଡା, ଭୂପତି ରାଉତ, ଅଧକ୍ଷା ନିବେଦିତା ଜେନା, ସମୀର ମହାପାତ୍ର, ଦେବାଶିଷ ବେହେରା ଏବଂ ରାଷ୍ଟ୍ରୀୟ ପ୍ରବାସୀ ଓଡ଼ିଆ ପରିବାରର ସଭାପତି ମୀନକେତନ ସାମଲ ପ୍ରମୁଖ ସହଯୋଗ କରିଥିଲେ। ପ୍ରତିଷ୍ଠାନର ସଂସ୍ଥାପକ ଶ୍ରୀମନ୍ତ ବିଶ୍ୱାଳ ଓ ସଦସ୍ୟ ନିର୍ମଳ ଦାସ, ଗଜେନ୍ଦ୍ର ବାରିକ, ଦିଲ୍ଲୀପ ମଲ୍ଲିକ, ସୁମନ୍ତ କୁମାର, ନରୋତ୍ତମ ନାୟକ, ପ୍ରମୋଦ ସାମଲ, ସମୀର ମହାପାତ୍ର ପରିଚାଳନା କରିଥିଲେ।

## ଛାତ୍ରଛାତ୍ରୀଙ୍କ ଓଡ଼ିଶା ଖଣି ଯାନ୍ତ୍ରିକ ବିଦ୍ୟାଳୟ ପରିଦର୍ଶନ

କେନ୍ଦୁଝର,୧୩।୨(ସମିସ): ନରସିଂହ ସ୍ୱାଇଁ ପୁଲିସ ସରକାରୀ ଉଚ୍ଚବିଦ୍ୟାଳୟର ଛାତ୍ରଛାତ୍ରୀ ଶୁକ୍ରବାର ଓଡ଼ିଶା ଖଣି ଯାନ୍ତ୍ରିକ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ପ୍ରଧାନଶିକ୍ଷକ ବେଳା ରାଉତଙ୍କ ତତ୍ତ୍ୱାବଧାନରେ ଓଡ଼ିଶା ଖଣି ଯାନ୍ତ୍ରିକ ବିଦ୍ୟାଳୟରେ ଥିବା ବିଭିନ୍ନ ବିଭାଗର ଉପକରଣ ଏବଂ ଯନ୍ତ୍ରପାତିର ବ୍ୟବହାର ସମ୍ପର୍କରେ ଅନୁଧ୍ୟାନ କରିବା ସହ ପ୍ରତ୍ୟକ୍ଷ ଅନୁଭୂତି ହାସଲ କରିଥିଲେ। ଓଡ଼ିଶା ଖଣି ଯାନ୍ତ୍ରିକ ବିଦ୍ୟାଳୟର ପ୍ରିନସିପାଲ୍‌ଙ୍କ ମନ୍ମଥ ମାଝୀ ଏବଂ ଆଡ଼ମିସନ ଇନଚାର୍ଜଙ୍କ ପାର୍ଥସାରଥୀ ଦାଶ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିବା ସହ କ୍ୟାରିଅର କାଉନସେଲିଂ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ଗୁରୁଦେବ ମହାନ୍ତ, ବିଜୟ କୁମାର ବେହେରା, ବିବେକାନନ୍ଦ ରାଉତ, ପ୍ରଦୀପ୍ତ କୁମାର ଦେହୁରୀ, ତନ୍ମୟ ରାଉତ, ଶିକ୍ଷା କର୍ମଚାରୀ ସୁଜାତା ନାଏକ ଏବଂ ଓଡ଼ିଶା ଖଣି ଯାନ୍ତ୍ରିକ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ।




## କଲେଜରେ ଆତ୍ମରକ୍ଷା ପ୍ରଶିକ୍ଷଣ ଉଦ୍‌ଯାପିତ

କେନ୍ଦୁଝର/ଆନନ୍ଦପୁର, ୧୩।୨(ସମିସ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ଝାଡ଼ବେଲଦାସ୍ଥିତ ସନ୍ତୋଷୀ ମା' ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟରେ ୯ ଦିନ ଧରି ଚାଲିଥିବା ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଛି। ଅଧକ୍ଷ ସୁରେନ୍ଦ୍ର ବିଶ୍ୱାଳ ଏହାକୁ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରମେଶଚନ୍ଦ୍ର ହୋତା, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ହିମାଂଶୁ ଶେଖର ମହାନ୍ତ, ପରେଶଚନ୍ଦ୍ର ଧର, ସତ୍ୟବ୍ରତ ମହାନ୍ତ, ଅଧ୍ୟାପିକା ବିଜୟିନୀ ଆଚାର୍ଯ୍ୟ, ଝୁମାରାଣୀ ବାରିକ, ଗୀତାଞ୍ଜଳି ସାହୁ, ପଦ୍ମିନୀ ରାଉତ ପ୍ରମୁଖ ଛାତ୍ରୀଙ୍କ ମାର୍ଗଦର୍ଶନ କରିଥିଲେ। ପ୍ରଶିକ୍ଷିକା ଅହଲ୍ୟା ସାହୁ ଛାତ୍ରୀଙ୍କୁ ଆତ୍ମରକ୍ଷା ପ୍ରଶିକ୍ଷଣର ସମସ୍ତ କୌଶଳ ଉପରେ ଅବଗତ କରାଇଥିଲେ। ସଂଯୋଜିକା ପ୍ରଭାସିନୀ ଓଝା ପରିଚାଳନା କରିଥିଲେ। ଏହି ଅବସରରେ ଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ସେହିପରି ଆନନ୍ଦପୁର ଉପଖଣ୍ଡ ସଦର ମହାବିଦ୍ୟାଳୟର ଯୁକ୍ତ ୩ ପ୍ରଥମବର୍ଷର ମହିଳା ଛାତ୍ରୀଙ୍କ ଆତ୍ମସୁରକ୍ଷା ତାଲିମ ଶିବିର ନୂତନ ସମ୍ମିଳନୀ କକ୍ଷରେ ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ଡ଼ ନାରାୟଣ ମିଶ୍ର ସଭାପତିତ୍ୱ କରିଥିଲା ବେଳେ ମୁଖ୍ୟଅତିଥି ଭାବେ ଆନନ୍ଦପୁର ବିଡିଓ ମନୋଜ କୁମାର ମହାନ୍ତ, ସମ୍ମାନିତ ଅତିଥିଭାବେ ମହାବିଦ୍ୟାଳୟର ଆକାଉଣ୍ଟ ବର୍ସର, ଏକାଡେମିକ ବର୍ସର, ଆଡମିନିଷ୍ଟ୍ରେଟିଭ ବର୍ସର ଯୋଗ ଦେଇଥିଲେ। ପ୍ରାଣୀ ବିଜ୍ଞାନ ବିଭାଗୀୟ ମୁଖ୍ୟ ଅନୀତା ଦାସ, ଉଦ୍ଭିଦ ବିଜ୍ଞାନ ବିଭାଗୀୟ ମୁଖ୍ୟ ଭାରତୀ ସାହୁ, ଓଡ଼ିଆ ସାହିତ୍ୟ ବିଭାଗୀୟ ମୁଖ୍ୟ ଶ୍ରିଲେଖା ସାହୁ, ଇତିହାସ ବିଭାଗୀୟ ମୁଖ୍ୟ ସଂଘମିତ୍ରା ରାଉତ, ଅଧ୍ୟାପିକା ଆରତୀ ଲୁଗୁନ, ସବିନା ଆରା ବେଗମ, ନିହାରିକା ପାତ୍ର, ସୁରୁଚି ସମ୍ପନ୍ନା ସ୍ୱାଇଁ, ମମତା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ପୁଷ୍ପଲତା ରାମ ଦୀପ ପ୍ରଜ୍ୱଳନ ମନ୍ତ୍ରଗାନ କରିଥିଲେ। ସମନ୍ୱୟକାରୀ ମଧୁସ୍ମିତା ସାହୁ ସଂଯୋଜନା କରିଥିଲେ। ଏହି ୮ ଦିନ ତାଲିମ ଶିବିରଟି ଟ୍ରେନର ସୀମନ୍ତିନି ସାହୁଙ୍କ ଦ୍ୱାରା ପରିଚାଳିତ ହୋଇଛି। ଅଧ୍ୟାପିକା ମିତାଶ୍ରୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ବାଣିଜ୍ୟ ବିଭାଗୀୟ ମୁଖ୍ୟ ହେମା ଗୁପ୍ତା, ଗଣିତ ବିଭାଗୀୟ ମୁଖ୍ୟ ମିତାଶ୍ରୀ ବେହେରା ଓ ପ୍ରାଣୀ ବିଜ୍ଞାନ ବିଭଗର ଲାବ୍‌ରୋଟାରି ଆସିଷ୍ଟାଣ୍ଟ ତନୁଶ୍ରୀ ପଣ୍ଡା ସହଯୋଗ କରିଥିଲେ।




## ସରିଲା ୩ ଦିନିଆ କୃଷି ଯନ୍ତ୍ରପାତିକ ମେଳା

# ୩ ବ୍ଲକ୍‌ର ୬୦୦ ଚାଷୀ ସାମିଲ



ଚମ୍ପୁଆ,୧୩।୨(ସମିସ): ଚମ୍ପୁଆ କୃଷି ଜିଲ୍ଲା ବିଭାଗ ପକ୍ଷରୁ ଆୟୋଜିତ ୩ ଦିନିଆ କୃଷି ଯନ୍ତ୍ରପାତି ମେଳା ଉଦଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଚମ୍ପୁଆ ବିଡିଓ ସ୍ମୃତିରଂଜନ ସାହୁ, କୃଷି ଅଧିକାରୀ ସତ୍ୟବାନ ସୋରେନ, କୃଷି ନିର୍ବାହୀ ଯନ୍ତ୍ରୀ ସମର ବିଶ୍ୱାଳ, ବିଶ୍ୱଜୟ ମିଶ୍ର, କୃଷି ସୂଚନା କେନ୍ଦ୍ର ଅଧକ୍ଷ ଦଶରଥ ବାରିକ, ମୃତ୍ତିକା ସଂରକ୍ଷଣ ଅତିରିକ୍ତ ନିର୍ଦ୍ଦେଶକ ବନମାଳି ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। କୃଷି ବଞ୍ଚିଲେ ଜୀବନ ବଞ୍ଚିବ ଏବଂ କମ ଖର୍ଚ୍ଚ ଅଳ୍ପ ସମୟ ମଧ୍ୟରେ ଉନ୍ନତ ଯନ୍ତ୍ରପାତି ବ୍ୟବହାର ଦ୍ୱାରା କୃଷି କାର୍ଯ୍ୟ କରାଗଲେ କୃଷକର ମାନଦଣ୍ଡ ବୃଦ୍ଧି ପାଇବା ସହିତ ଦେଶର ପ୍ରଗତି ହୋଇପାରିବ ବୋଲି ଅତିଥିମାନେ ମତପୋଷଣ କରିଥିଲେ। ଏପରିକି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା କୃଷକଙ୍କ ନିମନ୍ତେ ପ୍ରଣୟନ ବିଭିନ୍ନ ଯୋଜନା, ସବସିଡି, ରବି ଓ ଖରିଫ ଋତୁରେ ଚାଷ, ମତ୍ସ୍ୟ ଚାଷ ସହିତ ଲାଭ ଦାୟକ ଫସଲ ମାଣ୍ଡିଆ ଚାଷ ଉପରେ ଚାଷିଙ୍କୁ ସୂଚନା ପ୍ରଦାନ କରିଥିଲେ। ଏହି ଯନ୍ତ୍ରପାତି ମେଳାରେ ୪୦ରୁ ଉର୍ଦ୍ଧ୍ୱ ଯନ୍ତ୍ରପାତି ଷ୍ଟଲ ବସିଥିବା ବେଳେ ଯୋଡା, ଚମ୍ପୁଆ ଓ ଝୁମ୍ପୁରା ଅଞ୍ଚଳର ୬୦୦ ଚାଷୀ ପର୍ଯ୍ୟାୟକ୍ରମରେ ଯୋଗ ଦେଇଥିଲେ। ସରପଞ୍ଚ, ପଞ୍ଚାୟତ ସମିତି ସଭ୍ୟ ଓ ୩ଟି ବ୍ଲକର କୃଷି କର୍ମଚାରୀ ଯୋଗଦାନ କରିଥିଲେ। ଏହି ପରୀପ୍ରେକ୍ଷୀରେ ଉନ୍ନତ ଷ୍ଟଲକୁ ଚୟନ କରାଯାଇ ପୁଷ୍ପଆଗ୍ରୋ କେନ୍ଦୁଝରକୁ ପ୍ରଥମ, ଅର୍ଚ୍ଚିତା ଏଣ୍ଟରପ୍ରାଇଜେସକୁ ଦ୍ୱୀତିୟ, ସେହିପରି ମୃତ୍ତିକା ସଂରକ୍ଷଣ ବିଭାଗକୁ ପ୍ରଥମ ଓ ଉଦ୍ୟାନ କୃଷି ବିଭାଗକୁ ଦ୍ୱିତୀୟ ପୁରସ୍କାର ପ୍ରଦାନ କରାଯିବା ସହିତ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଛି। ଶ୍ରୀଅନ୍ନ ଅଭିଯାନର ୩ଟି ବ୍ଲକର ଥିବା ଷ୍ଟଲକୁ ପୁରସ୍କୃତ କରାଯାଇଛି। ସହକାରୀ କୃଷି ଅଧିକାରୀ ରମାମଣି ସାହୁ, ବ୍ଲକ କୃଷି ଅଧିକାରୀ ସାରଦା ହାଁସଦା, ସୁମନସ୍ମିତା ତରାଇ, ରୁଦ୍ରମାଧବ ନାଏକ, ସଂଯୁକ୍ତା ମୁଣ୍ଡା, ଲକ୍ଷ୍ମୀପ୍ରିୟା ମୁଣ୍ଡା ଓ ଶାନ୍ତନୁ କୁମାର ଦାଶ ପରିଚାଳନାରେ ସହଯୋଗ କରିଥିଲେ।

● ନାବାଳିକା ଦୁଷ୍କର୍ମ ମାମଲା

# ଅଭିଯୁକ୍ତକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

ରେଢ଼ାଖୋଲ, ୧୩। ୨(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଥାନା ଅଞ୍ଚଳରେ ଜଣେ ଦଶମଶ୍ରେଣୀରେ ଅଧ୍ୟୟନ କରୁଥିବା ୧୫ ବର୍ଷୀୟା ନାବାଳିକାଙ୍କୁ ଦୁଷ୍କର୍ମ କରିବା ମାମଲାରେ ବିଚାରପତି ଅଭିଳାଷ ସେନାପତି ଦୁଷ୍କର୍ମ ଅଭିଯୁକ୍ତକୁ କଠୋର ଦଣ୍ଡାଦେଶ ଶୁଣାଇଛନ୍ତି। ସୂଚନା ଯୋଗ୍ୟ ଯେ ୨୦୨୨ ମସିହା ମେ' ମାସରେ ନାବାଳିକାଙ୍କ ପରିବାର ଲୋକେ ଚିକିତ୍ସା ପାଇଁ ବାହାରକୁ ଯାଇଥିବା ବେଳେ ନାବାଳିକାଙ୍କୁ ଘରେ ଏକା ଛାଡ଼ିଚାଲିଯାଇଥିଲେ। ଏହାର ସୁଯୋଗନେଇ ରେଢ଼ାଖୋଲ ଥାନା ଅଧୀନ ଦଲକି ଗ୍ରାମର ଭୀଷ୍ମ ପୁଲେଇ ଦୁଷ୍କର୍ମ କରିଥିଲେ। ଏହା ଜାଣିବା ପରେ ପୀଡ଼ିତାଙ୍କ ବାପା ତୁରନ୍ତ ଘରକୁ ଆସିଥିଲେ। ନାବାଳିକାଙ୍କ ମାଟ୍ରିକ ପରୀକ୍ଷା ଚାଲିଥିବା କାରଣରୁ ଗୋଟିଏ ଦିନ ବିଳମ୍ବରେ ପରିବାର



ଲୋକେ ରେଢ଼ାଖୋଲ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଏହି ମାମଲାରେ ମାନ୍ୟବର କୋର୍ଟ ସମସ୍ତ ସାକ୍ଷ୍ୟ ଓ ପ୍ରମାଣକୁ ଆଧାର କରି ଉକ୍ତ ଅଭିଯୁକ୍ତଙ୍କୁ ପୋକ୍ସ ଆକ୍ଟର ଧାରା ୪(୨) ଅନୁଯାୟୀ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଓ ୫୦, ୦୦୦ ଟଙ୍କା ଜରିମାନା ଆଦେଶ କରିଛନ୍ତି। ଏଥିରେ ୫୦ ହଜାର ଟଙ୍କା ଜରିମାନା ପ୍ରଦାନ ନ କଲେ ଅତିରିକ୍ତ ଏକ ବର୍ଷ କାରାଦଣ୍ଡ ଆଦେଶ ପ୍ରଦାନ କରିଥିଲେ। ଏବଂ ଆଇପିସି ଧାରା ୪୫୦ ଅନୁଯାୟୀ ୭ ବର୍ଷ ଜେଲ୍ ଓ ୨୦, ୦୦୦ ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଏଥି ସହିତ 'ଓଡ଼ିଶା ପୀଡ଼ିତା କ୍ଷତିପୂରଣ (ସଂଶୋଧନ) ଯୋଜନା, ୨୦୨୫' ଅନୁଯାୟୀ ପୀଡ଼ିତାଙ୍କୁ ୧୦ ଲକ୍ଷ ଟଙ୍କାର ଆର୍ଥିକ କ୍ଷତିପୂରଣ ପ୍ରଦାନ କରିବାକୁ (ଡିଏଲ୍ଏସ୍ଏ) ସମ୍ବଲପୁରକୁ ନିର୍ଦ୍ଦେଶ ଦେଇଛନ୍ତି।

# ଲୋକମୁକ୍ତି ସଂଗଠନ ପକ୍ଷରୁ ଶ୍ରମିକ ଅଧିକାର ଶୋଭାଯାତ୍ରା

କୁଚିଣ୍ଡା, ୧୩। ୨(ସମିସ)

ଲୋକମୁକ୍ତି ସଂଗଠନ ବାମରା କ୍ଷେତ୍ର ପକ୍ଷରୁ ଶୁକ୍ରବାର ଦିନ ଏକ 'ଶ୍ରମିକ ଅଧିକାର ଶୋଭାଯାତ୍ରା' ଅନୁଷ୍ଠିତ ହୋଇଛି। ଏଥିରେ 'ଭିବି-ଜି ରାମ-ଜି', ୪ ଗୋଟି ନୂତନ ଶ୍ରମ ସଂହିତାକୁ ପ୍ରତ୍ୟାହାର କରି ପୂର୍ବ ପ୍ରଚଳିତ ମନରେଗା ଆଇନ ପୁନଃ ଲାଗୁ କରିବା ସହ ଶ୍ରମିକଙ୍କ ସାମାଜିକ ସୁରକ୍ଷା ବ୍ୟବସ୍ଥା କରିବାକୁ ଦୃଢ଼ ଦାବି କରାଯାଇଛି। ବିରାଟ ଶୋଭାଯାତ୍ରାରେ ପ୍ରାୟ ୧ ହଜାରରୁ ଅଧିକ ମହିଳା ପୁରୁଷ ଶ୍ରମିକ ସାମିଲ ହୋଇ ସ୍ଥାନୀୟ ପୂର୍ତ୍ତବିଭାଗ ଡାକବଙ୍ଗଳା ଠାରୁ ବାହାରି ବିଡିଓଙ୍କ ଅଫିସ ପର୍ଯ୍ୟନ୍ତ ଯାଇଥିଲା। ବାମରା ବ୍ଲକ ସଭାପତି ପାତ୍ର ବାଘଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। କେନ୍ଦ୍ରୀୟ ସାଧାରଣ ସମ୍ପାଦକ ଗ୍ରେଗୋରୀ ସାମାଦଙ୍କ ସଭାପତିତ୍ୱରେ ମୁଖ୍ୟ ସଂଯୋଜକ ଉମାକାନ୍ତ ନାଏକ କାର୍ଯ୍ୟକ୍ରମର ଲକ୍ଷ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଲୋକମୁକ୍ତି ସଂଗଠନର




ଉପଦେଷ୍ଟା ଅନନ୍ତ ମୁଖ୍ୟବକ୍ତା ଭାବେ ଯୋଗଦେଇ ନୂତନ 'ବିଭି-ଜି ରାମ-ଜି' ଏବଂ ଶ୍ରମିକ ବିରୋଧି ନୂତନ ୪ ଶ୍ରମ ସଂହିତା ବିରୋଧରେ କହି ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଯୋଜକ ଜିନିତ ସାମାଦ, ସଂଯୋଜକ ରବୀନ୍ଦ୍ର ନାଏକ, ସରପଞ୍ଚ ବିମଳ ଲାକ୍ରା, ସାଗରା ସମିତିସଭ୍ୟ ହାବିଲ ଏକ୍କା, ଆସିୟାନି ସୁରିନ, ସିମନ ସାମାଦ, ସୁଲେମାନ ଟେଟେ ପ୍ରମୁଖ ନିଜ ନିଜ ବକ୍ତବ୍ୟ ରେ ସରକାରଙ୍କ ଶ୍ରମିକ ମାରଣ ନୀତିକୁ ସମାଲୋଚନା କରିଥିଲେ। ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୪ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା। ମୁଖ୍ୟତଃ ଭିବି ଜି ରାମ ଜି ଆଇନ୍‌କୁ ପ୍ରତ୍ୟାହାର କରି ମନରେଗାକୁ ଲାଗୁ କରିବା, ଶ୍ରମ ସଂହିତାକୁ ବାତିଲ କରିବା, ୨୦୦ ଦିନର କାମ ଦେବା, ଅସଂଗଠିତ ଶ୍ରମିକଙ୍କ ମଜୁରୀ ୮୫୦ ଟଙ୍କା ଦେବା, ଶ୍ରମିକଙ୍କ ୬୦ ବର୍ଷ ପରେ ମାସିକ ୧୦ ହଜାର ଟଙ୍କା ଦେବା, ୫ ଲକ୍ଷ ଟଙ୍କାର ପକ୍କା ଘର ଦେବା, ୧୦ ଡିସିମିଲ ଜମି ସହ ଚାଷ ଜମି ଯୋଗାଇବା, ଜମି ବ୍ୟାଙ୍କ୍ ନୀତି ପ୍ରତ୍ୟାହାର କରିବା, ଗ୍ରାମସଭା ଅଧିକାରକୁ ସୁନିଶ୍ଚିତ କରିବା, ମନରେଗା ଗାଁ ସାଥୀଙ୍କୁ ଦୈନିକ ମଜୁରୀ ଦେବା, ନୂତନ ଜବକାର୍ଡ ଯୋଗାଇ ଦେବା, ମଜୁରୀ ବୃଦ୍ଧି କରିବା, ଫୋଟୋ ଏବଂ ବାୟୋମେଟ୍ରିକ ବ୍ୟବସ୍ଥା ଉଚ୍ଛେଦ କରିବା ଆଦି ଦାବି କରାଯାଇଛି। ଅମ୍ଲାନ ତପନୋ, ବିରଞ୍ଚି ନିଖଣ୍ଡିଆ, ମାଙ୍ଗରା ସାଙ୍ଗା, ପରମେ କିସାନ, ସୀମା ବାର୍ଲା, କିଶୋରୀ ସୋଏ, ରେଶମା କୁଲୁ, ଫୁଲଦେଓ ସାମାଦ, ଜନସାନ ପୂର୍ତ୍ତି, ପାତ୍ରାସ ସାମାଦ, ଅର୍ଜୁନ କିସାନ, ମିନକୁ ଲାକ୍ରା ପ୍ରମୁଖ ଏଥିରେ ନେତୃତ୍ୱ ନେଇଥିଲେ। ବିଡିଓଙ୍କ ଅନୁପସ୍ଥିତିରେ ମୁଖ୍ୟ କିରାଣୀ ଜୟ ମଙ୍ଗଳ ସେଠ ଦାବିପତ୍ର ଗ୍ରହଣ କରିଥିଲେ। ବିଭି-ଜି ରାମ-ଜି ଆଇନ୍, ୪ଟି ଶ୍ରମ ସଂହିତାକୁ ଶୀଘ୍ର ପ୍ରତ୍ୟାହାର କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି। ଗୋବିନ୍ଦପୁର ପୁଲିସ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ।

# ଚଣ୍ଡୀଭଟାରେ କିଶୋରୀ ମେଳା

ଝାରବନ୍ଧ, ୧୩।୨(ସମିସ): ଝାରବନ୍ଧ ବ୍ଲକର ଚଣ୍ଡୀଭଟା ଗାଁରେ କିଶୋରୀ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସୁପରଭାଇଜର ହରିପ୍ରିୟା ସାହୁ ଯୋଗଦେଇ କିଶୋରୀମାନଙ୍କୁ ବିଭିନ୍ନ ସଚେତନତାମୂଳକ ବିଷୟରେ ମାର୍ଗଦର୍ଶନ ଦେଇଥିଲେ। ମେଳାରେ ଅଙ୍ଗନବାଡି କର୍ମୀମାନେ ସାମିଲ ହୋଇ କିଶୋରୀ ବାଳିକାମାନଙ୍କୁ ସ୍ୱାସ୍ଥ୍ୟ, ପୋଷଣ, ବ୍ୟକ୍ତିଗତ ସ୍ୱଚ୍ଛତା ଓ ଶିକ୍ଷାର ଗୁରୁତ୍ୱ




ସମ୍ପର୍କରେ ଜଣାଇଥିଲେ। ଏହାସହ କିଶୋରୀମାନେ ପ୍ରଶ୍ନୋତ୍ତର ଓ ଆଲୋଚନା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଆତ୍ମସଚେତନତା ବୃଦ୍ଧି କରିଥିଲେ। ସୁପରଭାଇଜର ହରିପ୍ରିୟା ସାହୁ କହିଥିଲେ ଯେ, କିଶୋରୀମାନେ ନିଜ ସ୍ୱାସ୍ଥ୍ୟ ଓ ଶିକ୍ଷା ପ୍ରତି ସଚେତନ ହେବା ଆବଶ୍ୟକ। ସରକାରୀ ଯୋଜନାର ସୁଯୋଗକୁ ସଠିକ ଭାବେ ଉପଭୋଗ କରିବା ଉଚିତ ବୋଲି ଆଲୋଚନା ହୋଇଥିଲା। ଏପରି କାର୍ଯ୍ୟକ୍ରମ ମାଧ୍ୟମରେ କିଶୋରୀମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଓ ସଚେତନତା ବୃଦ୍ଧି ପାଇଛି ବୋଲି ମତ ପ୍ରକାଶ ପାଇଛି।

# ଶିବରାତ୍ରି ପାଇଁ ଶୁଭସ୍ତମ୍ଭ ସ୍ଥାପିତ

ଅତାବିରା, ୧୩।୨(ସମିସ): ଅତାବିରା ବ୍ଲକ ଅଧୀନ ସରଣ୍ଡା ସ୍ଥିତ ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ଅଷ୍ଟଶମ୍ଭୁ ଶୈବ ବିଶ୍ୱେଶ୍ୱର ବାବାଙ୍କ ପୀଠରେ ମହାଶିବରାତ୍ରି ପାଇଁ ଶୁକ୍ରବାର ଶୁଭସ୍ତମ୍ଭ ସ୍ଥାପିତ ହୋଇଯାଇଛି। ପଣ୍ଡିତ ରାକେଶ ମିଶ୍ରଙ୍କ ପୌରୋହିତ୍ୟରେ କର୍ତ୍ତା ସଚ୍ଚିଦାନନ୍ଦ ମିଶ୍ରଙ୍କ ଉପସ୍ଥିତିରେ ଶୁଭସ୍ତମ୍ଭ ସ୍ଥାପିତ ହୋଇଛି। ଏଥିରେ ସମ୍ପାଦକ ବିନୋଦ ମେହେର, କୋଷାଧ୍ୟକ ପ୍ରମୋଦ ମହାପାତ୍ର, ସଂଯୋଜକ ମନୋଜ ମହାପାତ୍ର, ଗୁଣନିଧି ମହାପାତ୍ର, ଶଶୀଭୂଷଣ ମହାପାତ୍ର, ଅନ୍ତର୍ଯ୍ୟାମୀ ମହାପାତ୍ର, କରୁଣାକର ମହାପାତ୍ର, ଲବ ମହାପାତ୍ର, ମଧୁସୂଦନ ମହାପାତ୍ର, ଏକାମ୍ବର ମହାପାତ୍ର, ସୁଦାମ ମହାପାତ୍ର, ଝସକେତନ ମହାପାତ୍ର, ପ୍ରଦୀପ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟପକ୍ଷେ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ସଭାପତି ପ୍ରଶାନ୍ତ ମିଶ୍ର, ସମ୍ପାଦକ ଅଶୋକ ଦାଶ, ଉପସଭାପତି ସୁରେଶ କୌଶିକ ମଧ୍ୟ ଶୁଭସ୍ତମ୍ଭ ସ୍ଥାପନରେ ଉପସ୍ଥିତ ଥିଲେ। ଆସନ୍ତା ଫେବୃଆରୀ ୧୫ ତାରିଖ ମହା ଶିବରାତ୍ରି ମେଳା ପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ହୋଇଛି। ନବ ପ୍ରତିଷ୍ଠିତ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମନ୍ଦିର ସହ ବାବା ବିଶ୍ୱେଶ୍ୱର ବାବାଙ୍କ ଦର୍ଶନ ପାଇଁ ପ୍ରବଳ



ଭିଡକୁ ଦୃଷ୍ଟିରେ ରଖି ଭକ୍ତଙ୍କ ସୁରକ୍ଷା ଏବଂ ଶୃଙ୍ଖଳିତ ଦର୍ଶନ ପାଇଁ ମନ୍ଦିର ପରିଚାଳନା କମିଟି ଓ ଅତାବିରା ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ରବିବାର ପାହାନ୍ତିଆ ୩ଟାରେ ମନ୍ଦିର ଦ୍ୱାର ଖୋଲାଯିବ। ସକାଳ ୧୦ ଟା ୧୦ ମିନିଟରେ ବିଶ୍ୱେଶ୍ୱର ବାବାଙ୍କ ମନ୍ଦିରରୁ ବାବା ଚନ୍ଦ୍ରଶେଖର ବର୍ଷକୁ ଥରେ ଗ୍ରାମ୍ୟ ପରିକ୍ରମାରେ ସରଣ୍ଡା ପରିକ୍ରମା କରିବେ। ବାବାଙ୍କ ପରିକ୍ରମା ପରେ ସନ୍ଧ୍ୟା ୬ଟାରେ ଶିବରାତ୍ରି ଜାଗର ମେଳା ପ୍ରହର ପୂଜା ଆରମ୍ଭ ହୋଇ ପ୍ରତି ୩ ଘଣ୍ଟାରେ ୧୦୮ ଆଳତି ଦୀପ ଦାନ କରି ସୋମବାର ପାହାନ୍ତିଆ ୩ ଟା ୪୨ ମିନିଟ ସମୟରେ ମହା ଦୀପ ମନ୍ଦିର ଶିଖରକୁ ଉଠାଯିବ।

# ବାମରା ନୂତନ ଏନ୍ଏସି ନିର୍ବାଚନ ପାଇଁ ପ୍ରକ୍ରିୟା

କୁଚିଣ୍ଡା, ୧୩।୨(ସମିସ): ସମ୍ବଲପୁର ଜିଲ୍ଲା ବାମରା ବ୍ଲକ ଅଧୀନ ଗୋବିନ୍ଦପୁର ପଞ୍ଚାୟତକୁ ରାଜ୍ୟ ସରକାର ବାମରା ଏନ୍ଏସି ଘୋଷଣା ପରେ ନୂତନ ଏନଏସି ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଏଥିପାଇଁ ସମ୍ବଲପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଗତ ୧୨ ତାରିଖ ଦିନ ୧୨ଟି ୱାର୍ଡ ବିଶିଷ୍ଟ ବାମରା ଏନଏସିର ରୂପରେଖ ପ୍ରଦାନ କରାଯାଇଛି। ଏଥିରେ ସମସ୍ତ ବର୍ଗ, ଶ୍ରେଣୀ, ଲିଙ୍ଗ ଆଦିକୁ ଦୃଷ୍ଟିରେ ରଖି ସଂରକ୍ଷିତ ବ୍ୟବସ୍ଥା କରାଯାଇଛି। ଯେଉଁଥିରେ ମହିଳାଙ୍କ ପାଇଁ ୧, ୩ ଓ ୧୧ ନମ୍ବର ୱାର୍ଡ, ସାଧାରଣ ବର୍ଗଙ୍କ ପାଇଁ ୨, ୪, ୬ ଓ ୭ ନମ୍ବର ୱାର୍ଡ, ଆଦିବାସୀ ମହିଳାଙ୍କ ପାଇଁ ୧୦ ଓ ୧୨ ନମ୍ବର ୱାର୍ଡ, ଆଦିବାସୀଙ୍କ ପାଇଁ ୮ ଓ ୯ ନମ୍ବର ୱାର୍ଡ ଥିବାବେଳେ, ହରିଜନ ମହିଳାଙ୍କ ପାଇଁ କେବଳ ୫ ନମ୍ବର ୱାର୍ଡ ସଂରକ୍ଷିତ ଥିବା ବିଜ୍ଞପ୍ତିରେ ପ୍ରକାଶ ପାଇଛି। ସେଥିମଧ୍ୟରୁ ପ୍ରକାଶିତ ବିଜ୍ଞପ୍ତିରେ ଯଦି ୱାର୍ଡ ଗଠନ କିମ୍ବା ୱାର୍ଡ ଗୁଡିକରେ ରହିଥିବା ସଂରକ୍ଷଣ ବ୍ୟବସ୍ଥା ସମ୍ପର୍କିତ କୌଣସି ଆପତ୍ତି ଅଭିଯୋଗ ଥାଏ, ତେବେ ଆସନ୍ତା ୨୧ ଫେବୃଆରୀ ସୁଦ୍ଧା ବାମରା ବ୍ଲକ କିମ୍ବା ବାମରା ତହସିଲ କାର୍ଯ୍ୟାଳୟଠାରେ ଥିବା ଅଭିଯୋଗ ବାକ୍ସରେ ଅଭିଯୋଗ ଦାଖଲ କରିବାକୁ ସମ୍ବଲପୁର ଜିଲ୍ଲାପାଳ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

# ଦୁଗ୍ଧଚାଷୀ ପ୍ରଶିକ୍ଷଣ କେନ୍ଦ୍ରର ଭିତ୍ତିପ୍ରସ୍ତର

ବରଗଡ଼, ୧୩।୨(ସମିସ): ବରଗଡ଼ ଦୁଗ୍ଧ ଚାଷୀଙ୍କ ପାଇଁ ପ୍ରଶିକ୍ଷଣକେନ୍ଦ୍ର ନିର୍ମାଣର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏଥିରେ ସମଲେଶ୍ୱରୀ ଆଞ୍ଚଳିକ ସମବାୟ ଦୁଗ୍ଧ ଉତ୍ପାଦନ ସଂଘ ସମ୍ବଲପୁରର ସାଧାରଣ ପରିଚାଳକ ଡ.ସରୋଜ ସାହୁ, ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ନିଗମାନନ୍ଦ ପାଢ଼ୀ, ସମ୍ବଲପୁର ଡାଏରୀ ଫ୍ରଣ୍ଟ ମ୍ୟାନେଜର ପ୍ରସନ୍ନ ବିଷୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



# କେନାଲ ପାଣିରେ ଭାସି ଯାଇ ମହିଳା ମୃତ

ଅତାବିରା, ୧୩।୨(ସମିସ): ଅତାବିରା ଥାନା ଅଧୀନ ଚକୁଲିଫାର୍ମର କେନାଲରୁ ଭାସୁଥିବା ଅବସ୍ଥାରେ ଜଣେ ମହିଳାଙ୍କ ମୃତଦେହ ଶୁକ୍ରବାର ଜବତ ହୋଇଛି। ମୃତ ମହିଳାଙ୍କ ନାମ କୋଳପତି ବିରଭଦ୍ରା (୫୮) ବୋଲି ଜଣାପଡ଼ିଛି। ମହିଳା ଜଣକ ସ୍ଥାନୀୟ ବାସିନ୍ଦା ବୋଲି ଜଣାପଡ଼ିଛି। ପରିବାର ଲୋକଙ୍କ କହିବା ଅନୁଯାୟୀ



ତାଙ୍କ ଦେହରେ ମୂର୍ଚ୍ଛାରୋଗ ଥିଲା। ଆଜି ସକାଳୁ ଘର ସାମ୍ନାରେ ଛାଡୁ ମାରିବାକୁ ବାହାରିଥିଲେ। ପ୍ରତିଦିନ ଭଳି ଘର ସାମ୍ନାରେ ଯାଇଥିବା କେନାଲରୁ ଘର ସାମ୍ନାକୁ ପାଣି ଛିଞ୍ଚନ କରିବାକୁ ଓହ୍ଲାଇଥାନ୍ତି। ଆଜି ଓହ୍ଲାଇବା ବେଳେ ସେ ପାଣିରେ ଭାସି ଯାଇଥିବା ପରିବାର ଲୋକେ ଅନୁମାନ କରୁଛନ୍ତି। ଖବର ପାଇ ଅତାବିରା ପୁଲିସ ଘଟଣା ସ୍ଥଳକୁ ପହଞ୍ଚି କେନାଲ ପାଣିରୁ ମୃତଦେହକୁ ବାହାରକୁ ଆଣିବା ପରେ ଶବ ଚିହ୍ନଟ ହୋଇଥିଲା। ପରେ ମୃତଦେହକୁ ଜବତ କରି ଅତାବିରା ପୁଲିସ ଶବ ବ୍ୟବଛେଦ ପାଇଁ ବରଗଡ଼ ଜିଲ୍ଲା ମୁଖ୍ୟାଳୟ ହସ୍ପିଟାଲକୁ ପଠାଇ ଅଧିକ ତଦନ୍ତ ଜାରି ରଖିଛି। ଏ ନେଇ ଅତାବିରା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ପଦ୍ମପୁର ଅଞ୍ଚଳ କଲେଜରେ ଇଂରାଜୀ ବିଭାଗର ସେମିନାର

ପଦ୍ମପୁର, ୧୩।୨(ସମିସ): ବରଗଡ଼ ଜିଲ୍ଲାର ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ପଦ୍ମପୁର ଅଞ୍ଚଳ କଲେଜରେ ଶୁକ୍ରବାର ଠାରୁ ଇଂରାଜୀ ବିଭାଗ ପକ୍ଷରୁ ସପ୍ତାହବ୍ୟାପୀ ସେମିନାର ଶୃଙ୍ଖଳା ଓ ବିଭାଗୀୟ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏଥିରେ ଇଂରାଜୀ ବିଭାଗର ପୂର୍ବତନ ମୁଖ୍ୟ ପ୍ରଫେସର ବିଦ୍ୟାଧର ଦାଶ ମୁଖ୍ୟ ଅତିଥି ତଥା ବିଷୟ ବିଶ୍ଳେଷକ ଭାବେ ଯୋଗ ଦେଇଥିଲେ। କଲେଜର ୫ ଜଣ ଛାତ୍ରୀଙ୍କ ଦ୍ୱାରା ଉପସ୍ଥାପିତ ସନ୍ଦର୍ଭଗୁଡିକୁ ସେ ସମୀକ୍ଷା କରିଥିଲେ। କଲେଜର ଅଧ୍ୟକ୍ଷ ପ୍ରଫେସର ଖଗେଶ୍ୱର ଦାସ ସେମିନାରରେ ସଭାପତିତ୍ୱ କରିଥିଲେ। ଇଂରାଜୀ ବିଭାଗ ମୁଖ୍ୟ ପ୍ରଫେସର ଶ୍ରୀକାନ୍ତ ସାହୁ ଛାତ୍ରଛାତ୍ରୀଙ୍କୁ ସର୍ବସାଧାରଣରେ କହିବାର ଭୟ ଦୂର କରିବା ସହ ଗବେଷଣାତ୍ମକ ଚିନ୍ତାଧାରା ବୃଦ୍ଧି କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ମନିଷା ପ୍ରଧାନ (ଷଷ୍ଠ ଷାଣ୍ମାସିକ) ଯୋସେଫ ଆଡିସନଙ୍କ 'ଫ୍ରେଣ୍ଡସିପ୍' ଉପରେ ଏକ ଭିନ୍ନ ଦୃଷ୍ଟିକୋଣ ରଖି ପ୍ରବନ୍ଧ ପାଠ କରିଥିଲେ।

ରୂପେଲି ପ୍ରଧାନ (ଷଷ୍ଠ ଷାଣ୍ମାସିକ) ସେକ୍ସପିୟରଙ୍କ 'ମ୍ୟାକବେଥ' ନାଟକକୁ ଏକ ଟ୍ରାଜେଡି ବଦଳରେ ଏକ 'ଡିଟେକ୍ଟିଭ ପ୍ଲଟ୍' ବା ଅପରାଧ ତଦନ୍ତର କାହାଣୀ ଭାବେ ଉପସ୍ଥାପନ କରି ସମସ୍ତଙ୍କୁ ଚକିତ କରିଥିଲେ। କିରଣମୟୀ ପ୍ରଧାନ: ଭାରତୀୟ ଶାସ୍ତ୍ରୀୟ 'ରସ ତତ୍ତ୍ୱ' ଉପରେ ଆଲୋକପାତ କରିଥିଲେ। ଅଙ୍କିତା ପାଣ୍ଡେ: 'ଅଲ୍ ଫର ଲଭ୍'କୁ ଏକ ବୀରତ୍ୱପୂର୍ଣ୍ଣ ଟ୍ରାଜେଡି ଭାବେ ଆଲୋଚନା କରିଥିଲେ। ଅଞ୍ଜଳି ବାଗ: ଚେତନ ଭଗତଙ୍କ ଉପନ୍ୟାସ 'ଫାଇଭ୍ ପଏଣ୍ଟ ସମୱାନ'କୁ ଏକ କ୍ୟାମ୍ପସ ନଭେଲ ଭାବେ ଉପସ୍ଥାପନ କରିଥିଲେ। ଶେଷରେ ଡକ୍ଟର ପ୍ରଦୀପ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ବିନା ଟୋକନରେ ଧାନ ବିକ୍ରି ଦାବି: ଚତୁର୍ଥ ଦିନରେ ଧାରଣା ସ୍ଥଗିତ

## ଦାବି ପୂରଣ ନହେଲେ ପୁଣି ଆନ୍ଦୋଳନର ଚେତାବନୀ

ଅମ୍ବାଭୋନା, ୧୩।୨(ସମିସ)

ଖରିଫ ଧାନ ବିକ୍ରିରେ ଟୋକନରୁ ବଞ୍ଚିତ ଚାଷୀ ଓ ଅବିକ୍ରି ଧାନ ସମସ୍ୟାକୁ ନେଇ ଅମ୍ବାଭୋନା ବ୍ଲକ କାର୍ଯ୍ୟାଳୟ ଠାରେ ୪ଦିନ ଧରି ଚାଲିଥିବା ଧାରଣା ଶେଷରେ ସ୍ଥଗିତ ହୋଇଛି। ପ୍ରଶାସନ ପକ୍ଷରୁ ଆଶ୍ୱାସନା ମିଳିବା ପରେ ଆନ୍ଦୋଳନକାରୀ ଚାଷୀ ଅସ୍ଥାୟୀ ଭାବେ ଧାରଣା ଉଠାଇଛନ୍ତି। ଟୋକନରୁ ବଞ୍ଚିତ ଚାଷୀଙ୍କ ଧାନ ବିକ୍ରି ସମସ୍ୟାର ସମାଧାନ ନହେଲେ ପୁଣି ଆନ୍ଦୋଳନକୁ ଓହ୍ଲାଇବେ ବୋଲି ବାରପାହାଡ କୃଷକ ସଂଗଠନ ଓ ସଂଯୁକ୍ତ କୃଷକ ସଂଗଠନ ପକ୍ଷରୁ ପ୍ରଶାସନକୁ ସଚେତନ କରାଯାଇଛି। ଚାଷୀଙ୍କ ଆନ୍ଦୋଳନ ସମ୍ପର୍କରେ ସୂଚନା ପାଇ ବରଗଡ଼ ଜିଲ୍ଲା ଯୋଗାଣ ଅଧିକାରୀ ଯୁଗଳ କିଶୋର ଦାଶ, ଅତିରିକ୍ତ ଯୋଗାଣ ଅଧିକାରୀ ବରଗଡ଼ ସଦର ବ୍ୟୋମକେଶ



ମାଝୀ, ଅମ୍ବାଭୋନା ତହସିଲଦାର ରଘୁନାଥ ପାଣିଗ୍ରାହୀ, ବ୍ଲକ ଯୋଗାଣ ନିରୀକ୍ଷକ ପ୍ରଭାତ ପ୍ରଦୀପ୍ତ ଓ ବ୍ଲକ ଅଧ୍ୟକ୍ଷ କିର୍ତ୍ତିଚନ୍ଦ୍ର ଦୁଆନଙ୍କ ସହ ଭୁକ୍ତା ଓ କଣ୍ଡପଲା ସମବାୟ ସମିତିର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ସମୟ ଧରି ଚାଷୀଙ୍କ ସହ ଆଲୋଚନା କରିଥିଲେ। ପ୍ରଶାସନ ଓ ଚାଷୀଙ୍କ ମଧ୍ୟରେ ଦୀର୍ଘ ସମୟ ତର୍କବିତର୍କ ପରେ ବ୍ଲକ କାର୍ଯ୍ୟାଳୟରେ ରଖାଯାଇଥିବା ଅବିକ୍ରି ଧାନ ଉଠାଇ ବିକ୍ରି ବ୍ୟବସ୍ଥା କରାଯିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ମିଳିଥିଲା। ଏହାପରେ ଚାଷୀ ଧାରଣାରୁ ଓହରିଥିଲେ। ପ୍ରଶାସନ ସୂଚନା ଅନୁସାରେ ବ୍ଲକରେ ରଖାଯାଇଥିବା ଅବିକ୍ରି ଧାନ ସହ ଟୋକନରୁ ବାଦ ପଡ଼ିଥିବା ଚାଷୀଙ୍କ ଧାନ ଭୁକ୍ତା ମାର୍କେଟ ୟାର୍ଡରେ ଓଜନ କରି ବିକ୍ରି କରାଯିବ। ଆନ୍ଦୋଳନରତ ଚାଷୀଙ୍କ ମୋଟ ୭୬୬ ପାକେଟ ଧାନ ଉଠାଯିବ ବୋଲି ଯୋଗାଣ ବିଭାଗ କହିଛି। ତଥାପି ବିନା ଟୋକନରେ ଧାନ କିପରି ବିକ୍ରି ହେବ, ସେ ନେଇ ବଞ୍ଚିତ ଚାଷୀଙ୍କ ମନରେ ସନ୍ଦେହ ରହିଛି। ଖରିଫ ଧାନ ବିକ୍ରିରେ ଟୋକନ ନପାଇ ଅନେକ ଚାଷୀ ଶତାଧିକ ପକେଟ ଧାନ ବିକ୍ରିରୁ ବଞ୍ଚିତ ହୋଇଥିବା ଅଭିଯୋଗ କରିଛନ୍ତି। ଏହି ଆନ୍ଦୋଳନରେ ସଂଯୁକ୍ତ କୃଷକ ସଂଗଠନର ଉପଦେଷ୍ଟା ରମେଶ ମହାପାତ୍ର, ବାରପାହାଡ କୃଷକ ସଂଗଠନର ସଭାପତି ଇସାନ ଚନ୍ଦ୍ର ଭୋଇ, ରାଜେନ୍ଦ୍ର ଦେହେରୀ ଓ ପ୍ରକାଶ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଶତାଧିକ ଚାଷୀ ସାମିଲ ହୋଇଥିଲେ। ଦାବି ପୂରଣ ନହେଲେ ପୁଣି ଆନ୍ଦୋଳନ ତୀବ୍ର କରାଯିବ ବୋଲି ଚାଷୀ ସ୍ପଷ୍ଟ କରିଛନ୍ତି।

# ମାଟ୍ରିକ ପରୀକ୍ଷା ଦେବାକୁ ଘରକୁ ଫେରିଲେ ଛାତ୍ର

● ପରିବାରର ଆର୍ଥିକ ଅନଟନ ହେତୁ ଦାଦନ ହୋଇଥିଲେ

ପାଇକମାଳ, ୧୩।୨(ସମିସ): ପାଇକମାଳ ବ୍ଲକ ମାଣ୍ଡିଆଡ଼ିପା ପଞ୍ଚାୟତ କେନାବୁଦା ଗାଁର ସାମାଜିକ କର୍ମୀ ବେଦବର ସାହୁଙ୍କ ସମୟୋପଯୋଗୀ ପଦକ୍ଷେପ ଯୋଗୁଁ ତେଲେଙ୍ଗାନା ଇଟାଭାଟିକୁ ଦାଦନ ଖଟି ଯାଇଥିବା ଜଣେ ମାଟ୍ରିକ ଶ୍ରେଣୀର ଛାତ୍ର ଘରକୁ ଫେରିଛନ୍ତି। ଶ୍ରୀ ସାହୁ ଛାତ୍ରଙ୍କୁ ଇଟାଭାଟିରୁ ମୁକ୍ତ କରାଇ ନିଜ ଘରକୁ ଫେରିବା ବ୍ୟବସ୍ଥା କରିଥିଲେ। ସନ୍ତୋଷ ଭୂଏଙ୍କ ପରିବାର ପାଇକମାଳ ବ୍ଲକ ମାଣ୍ଡିଆଡ଼ିପା ପଞ୍ଚାୟତର କେନାବୁଦା ଗାଁରେ ରୁହନ୍ତି। ପରିବାରରେ ସନ୍ତୋଷ ଭୂଏ, ସ୍ତ୍ରୀ, ଗୋଟିଏ ଝିଅ ଓ ଦୁଇ ପୁଅ। ୨୦୨୫ ଡିସେମ୍ବର ୧୫ରେ ସନ୍ତୋଷଙ୍କ ମୃତ୍ୟୁ ଘଟିଥିଲା। ପରିବାର ଲୋକେ ମୂଳ ଲାଗି ଶୁଦ୍ଧିକ୍ରିୟା କରିଥିଲେ। ପରେ ପରିବାର ଚଳାଇବା ପାଇଁ ଆର୍ଥିକ ଅନଟନ ଦେଇ ଗତି କରିଥିଲେ। ରବି ଭୂଏ ମାଣ୍ଡିଆଡ଼ିପା ପଞ୍ଚାୟତ ହାଇସ୍କୁଲରେ ଦଶମ ଶ୍ରେଣୀର ଛାତ୍ର ଥିଲେ। ପରିବାରରେ ବଡ ପୁଅ ହୋଇଥିବାରୁ ପରିବାରର ଦାୟିତ୍ୱ ପାଇଁ ଦାଦନ ଖଟିବାକୁ ତେଲେଙ୍ଗାନା ରାଜ୍ୟର ନିଜାମାବାଦ ଜିଲ୍ଲାର ମୁଡକପଲ୍ଲୀକୁ (ନରସିମ୍ପଲ୍ଲୀ) ଯାଇଥିଲେ। ସେଠାରେ ଏକ ଇଟାଭାଟିରେ କାମ କରିଥିଲେ। ଫେବୃଆରୀ ୧୯ ରେ ମାଟ୍ରିକ ପରୀକ୍ଷା ଆରମ୍ଭ ହେବାରୁ ଶ୍ରୀ ସାହୁ ଛାତ୍ରଙ୍କ ଘରକୁ ଯାଇ ପରିବାରରୁ ସମସ୍ତ ତଥ୍ୟ ସଂଗ୍ରହ କରିଥିଲେ। ଫୋନ୍ ଯୋଗେ ଇଟାଭାଟି ମାଲିକଙ୍କୁ ଯୋଗାଯୋଗ କରି ପରୀକ୍ଷା ପାଇଁ ଛାତ୍ରଙ୍କୁ ଛାଡି ଦେବାକୁ ଅନୁରୋଧ କରିଥିଲେ। କିନ୍ତୁ ମାଲିକ ପ୍ରଥମେ ଅସ୍ୱୀକାର କରିଥିଲେ। ଏହାପରେ ଫେବୃଆରୀ ୧୧ରେ ଶ୍ରୀ ସାହୁ ଏକ୍ସ ମାଧ୍ୟମରେ ଓଡ଼ିଶା ଓ ତେଲେଙ୍ଗାନା ସରକାର, ଶ୍ରମ ବିଭାଗ ଓ ପୁଲିସ ବିଭାଗକୁ ଟ୍ୟାଗ କରି ଛାତ୍ରଙ୍କୁ ସୁରକ୍ଷିତ



ଫେରାଇ ଆଣିବା ପାଇଁ ଅନୁରୋଧ କରିଥିଲେ। ଏହାର ପ୍ରଭାବରେ ଫେବୃଆରୀ ୧୨ରେ ଇଟାଭାଟିର ମାଲିକ ରବିଙ୍କୁ ଛାଡି ଦେଇଥିଲା। ସେ ରବିଙ୍କୁ ୧ ହଜାର ଟଙ୍କା ଦେଇ ନିଜାମାବାଦରୁ ସିକନ୍ଦରାବାଦ ଓ ସିକନ୍ଦାରବାଦରୁ ବିଶାଖାପାଟଣା ଦେଇ ନୂଆପଡ଼ା ପର୍ଯ୍ୟନ୍ତ ଟିକେଟ ବ୍ୟବସ୍ଥା କରିଦେଇଥିଲେ। ରବି ଶୁକ୍ରବାର ନୂଆପଡ଼ା ରେଲୱେ ଷ୍ଟେସନରୁ ଓହ୍ଲାଇ ଘରେ ସୁରକ୍ଷିତ ଭାବେ ପହଞ୍ଚିଥିବା ଜଣାଯାଇଛି।

# କଟକ ସିଟି



## ବିଭିନ୍ନ ନିର୍ମାଣାଧୀନ ପ୍ରକଳ୍ପ ଅନୁଧ୍ୟାନ କଲେ ବିଧାୟିକା



କଟକ,୧୩।୨(ସମିସ): ବାରବାଟୀ-କଟକ ନିର୍ବାଚନ ମଣ୍ଡଳୀରେ ଚାଲିଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି ସ୍ଥାନୀୟ ବିଧାୟିକା ସୋଫିଆ ଫିରଦୋସ। ଆଜି ସେ ପ୍ରଶାସନିକ ଅଧିକାରୀଙ୍କ ସହ କ୍ଷେତ୍ର ପରିଦର୍ଶନ କରି ନିର୍ମାଣାଧୀନ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମ୍ପର୍କରେ ପଚାରି ବୁଝିଥିଲେ। ପ୍ରଥମେ ସେ ବକ୍ସି ବଜାର ସ୍ଥିତ ହିନ୍ଦୀ ଶିକ୍ଷକ ପ୍ରଶିକ୍ଷଣ ସଂସ୍ଥାନ ପରିଦର୍ଶନ କରି ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟର ତଦାରଖ କରିବା ସହ ମାଣିକ ଘୋଷ ବଜାରସ୍ଥିତ ପୂଜା ମଣ୍ଡପ ଓ ବିବି ଆଲମ୍ କାର୍ଯ୍ୟର ଅନୁଧ୍ୟାନ କରିଥିଲେ। ବିଧାୟିକା କଟକର ଐତିହାସିକ ରେଭେନ୍ସା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପହଞ୍ଚି ଏହାର ପୁନରୁଦ୍ଧାର କାର୍ଯ୍ୟ ଏବଂ ବିଧାୟକ ପାଣ୍ଠିରୁ ନିର୍ମିତ ଅନ୍ୟାନ୍ୟ ପ୍ରକଳ୍ପଗୁଡ଼ିକ ବୁଲି ଦେଖିଥିଲେ। ଧାର୍ଯ୍ୟ ସମୟ ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ସହ ଏହାର ଗୁଣବତ୍ତା ଓ ସ୍ଥାୟିତ୍ୱ ବଜାୟ ରଖିବା ପାଇଁ ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପରିଦର୍ଶନ ସମୟରେ କଟକ ସଦର ବିଡ଼ିଓ, ଏଇଇ, ଜେଇ ଏବଂ ଓବିସିସିର ବରିଷ୍ଠ ଅଧିକାରୀ ପ୍ରକଳ୍ପର ବୈଷୟିକ ଦିଗ ଉପରେ ଆଲୋଚନା କରିଥିଲେ।

## ଶୈବପୀଠରେ ପଙ୍କୋଦ୍ଧାର ଏକାଦଶୀ



କଟକ,୧୩।୨(ସମିସ): ସହରର ଶୈବପୀଠଗୁଡ଼ିକରେ ପଙ୍କୋଦ୍ଧାର ଏକାଦଶୀ ବା ବିଜୟା ଏକାଦଶୀ ପାଳିତ ହୋଇଯାଇଛି। ଫାଲଗୁନ କୃଷ୍ଣ ଏକାଦଶୀକୁ ପଙ୍କୋଦ୍ଧାର ଏକାଦଶୀ ବୋଲି କୁହାଯାଇଥାଏ। ଆଗାମୀ ମହାଶିବରାତ୍ରି ବା ଜାଗର ପର୍ବ ପାଇଁ ସମଗ୍ର ରାଜ୍ୟ ଉତ୍ସବମୁଖର ଥିବା ବେଳେ କଟକ ସହରର ବିଭିନ୍ନ ଶୈବ ପୀଠରେ ପଙ୍କୋଦ୍ଧାର ଏକାଦଶୀ ନୀତି କରାଯାଇଛି। ଏହି ଫାଲଗୁନ କୃଷ୍ଣ ଏକାଦଶୀ ବା ବିଜୟା ଏକାଦଶୀ ଦିନ ପାଳିତ ହେଉଥିବା ଏହି ପର୍ବ ଶିବରାତ୍ରୀର ମାତ୍ର ଦିନକ ପୂର୍ବରୁ ପଡ଼ିଛି। ସହରର କେତେକ ଶୈବପୀଠରେ ଦେବ ଦେବ ମହାଦେବ ବର୍ଷସାରା ପାଣି ଓ ପଙ୍କ ଭିତରେ ବୁଡ଼ି ରୁହନ୍ତି।





ଗର୍ଭଗୃହ ମଧ୍ୟରେ ଥିବା ଲିଙ୍ଗାକୃତି ପ୍ରଭୁଙ୍କ ଉପରେ ବର୍ଷତମାମ ଜଳ ଲାଗି ହୋଇ ରହୁଥିବାରୁ ଏହା ପଙ୍କାବୃତ ହୋଇଥାଏ। ବର୍ଷକୁ କେବଳ ଗୋଟିଏ ଦିନ ଅର୍ଥାତ୍ ଏହି ପଙ୍କୋଦ୍ଧାର ଏକାଦଶୀ ଦିନ ଗର୍ଭଗୃହରୁ ପାଣି କଢ଼ାଯାଇ ପଙ୍କ ଉଦ୍ଧାର କରାଯାଇଥାଏ। ବର୍ଷସାରା ଭକ୍ତମାନେ କେବଳ ପାଣିରୁ ବାହାରୁଥିବା କିଛି ଅଂଶ ବା ଗମ୍ଭୀରା ଦର୍ଶନ କରୁଥିବା ବେଳେ ଏହି ଏକାଦଶୀ ଦିନ ହିଁ ପ୍ରଭୁଙ୍କ ପ୍ରକୃତ ଲିଙ୍ଗର ପୂର୍ଣ୍ଣାବୟବ ଦର୍ଶନ ମିଳିଛି। ବକ୍ସିବଜାର ଅମରେଶ୍ୱର, ଯୋବ୍ରା ପାରେଶ୍ୱର ଓ ଚାନ୍ଦିନୀଚୌକ ଅଷ୍ଟଶମ୍ଭୁ ମନ୍ଦିରରେ ଏହି ପଙ୍କୋଦ୍ଧାର ଏକାଦେଶୀ ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଥିଲା। ଆଉ ଦିନକ ପରେ ଶୈବପୀଠଗୁଡ଼ିକରେ ମହା ଶିବରାତ୍ରି ବା ଜାଗର ଯାତ୍ରା ଅନୁଷ୍ଠିତ ହେବ। ଏଥିନିମନ୍ତେ ପୂର୍ବପ୍ରସ୍ତୁତି ଜୋରଦାର କରାଯାଉଛି।

# ୩୧ ଶ୍ମଶାନ ଓ କବରସ୍ଥାନରେ ମୌଳିକ ସୁବିଧା ଅପହଞ୍ଚ

- ୨୧ଟିରେ ଅସ୍ୱାସ୍ଥ୍ୟକର ପରିବେଶ
- ୧୩ଟିରେ ନାହିଁ ପିଇବା ପାଣି ସୁବିଧା
- ୨୪ ଶ୍ମଶାନରେ ଶୌଚାଳୟ ନାହିଁ

କଟକ,୧୩।୨(ସମିସ)

କଟକ ସହରରେ ଥିବା ଶ୍ମଶାନଗୁଡିକରେ ମୌଳିକ ସୁବିଧା ଅପହଞ୍ଚ ହୋଇରହିଛି। ହାଇକୋର୍ଟରେ ସିଏମସି ଦାଖଲ କରିଥିବା ରିପୋର୍ଟରେ ଶ୍ମଶାନ ଓ କବରସ୍ଥାନଗୁଡିକରେ କିଭଳି ସର୍ବନିମ୍ନ ସୁବିଧା ଉପଲବ୍ଧ କରାଯାଇପାରିନାହିଁ ତାହା ସ୍ପଷ୍ଟ ହୋଇଛି। ମହାନଗର ନିଗମ ଅଞ୍ଚଳରେ ଥିବା ଶ୍ମଶାନଗୁଡିକ ମଧ୍ୟରୁ ୨୧ଟି ଶ୍ମଶାନରେ ଅସ୍ୱାସ୍ଥ୍ୟକର ପରିବେଶ ରହିଛି। ଏଥିରେ ସତିଚୌରା, ବିଡାନାସୀ, କଦମରସୁଲ, ଇଦଗା ଆଦି ପ୍ରମୁଖ ଶ୍ମଶାନ ଓ କବରସ୍ଥାନ ଆଦି ଅସ୍ୱାସ୍ଥ୍ୟକର ବୋଲି ସିଏମସି ରିପୋର୍ଟରେ ଦର୍ଶାଇଛି। ସହରରେ ଥିବା ଶ୍ମଶାନ ଏବଂ କବରସ୍ଥାନର ସଂଖ୍ୟା ଏବଂ ପାଣି, ଶୌଚାଳୟ, ଆଲୋକ ଏବଂ ବିଶ୍ରାମାଗାର ଭଳି ସ୍ଥାନରେ ମୌଳିକ ସୁବିଧାର ସ୍ଥିତି ସମ୍ପର୍କରେ ଏକ ରିପୋର୍ଟ ଦାଖଲ କରାଯାଇଛି। ଅଦାଲତଙ୍କୁ କଟକ ସଦର ତହସିଲଦାର ଦେଇଥିବା ଏହି ରିପୋର୍ଟ ଅନୁସାରେ ସହରରେ ମୋଟ ୩୧ଟି ଶ୍ମଶାନ/କବରସ୍ଥାନ ରହିଛି। ଖାନନଗର ଶବଦାହ ଚୁଲା, ଖାନନଗର ଶ୍ମଶାନ, ବିଡାନାସୀ ଶ୍ମଶାନ, ସତୀଚୌରା ଶ୍ମଶାନ, କାଳିଆବୁଦା ଶ୍ମଶାନରେ ବି ଆନୁଷଙ୍ଗିକ ସର୍ବନିମ୍ନ ସୁବିଧା ନାହିଁ। ସହରରେ ସ୍ୱର୍ଗଧାମ, ଶଙ୍କରପୁର, କଦମରସୁଲ, କେଶରପୁର, ଗୋପାଳପୁର, ଇଦଗା, ଗୋରାକବର, ନୂଆହାଟ, ପୋତାପୋଖରୀ, ବନ୍ଧଛଡା, ଭାଣପୁର, ତେଲେଙ୍ଗାପେଣ୍ଠ, ସାର୍ତ୍ତୋଳ, ବିଦ୍ୟାଧରପୁର, କହ୍ନେଇପୁର, ନାକେଇପଡିଆ, ଉତ୍ତମାପୁର, ଶ୍ରୀକୋରୁଆଁ ଓ ଚାଉଳିଆଗଞ୍ଜ ଆଦି ଶ୍ମଶାନ ଓ ଆଉ କେତେକ କବରସ୍ଥାନ ରହିଛି। ଏଗୁଡିକ ମଧ୍ୟରେ ୧୩ଟିରେ ଆଦୌ ପିଇବା ପାଣି ସୁବିଧା ନ ଥିବା ବେଳେ ୨୧ଟି କବରସ୍ଥାନ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ରହିଥିବାରୁ ଶବସଂସ୍କାର ପାଇଁ ଆସୁଥିବା ଲୋକଙ୍କ ପାଇଁ ବିଶ୍ରାମାଗାର ନାହିଁ। ୧୧ଟି ଶ୍ମଶାନରେ ଆଲୋକ ସୁବିଧା ନ ଥିବାରୁ ଅନ୍ଧାରରେ ରହିଛି। ଅଧିକାଂଶ ସ୍ଥାନରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ୨୪ଟି ସ୍ଥାନରେ ଶୌଚାଳୟ ନ ଥିବା ବେଳେ ମାତ୍ର ୭ଟିରେ ଏହି ସୁବିଧା ରହିଛି। ସିଏମସି ପକ୍ଷରୁ ପ୍ରଦାନ କରାଯାଇଥିବା ରିପୋର୍ଟକୁ ଦୃଷ୍ଟିରେ ରଖି ହାଇକୋର୍ଟ ଏଗୁଡିକର ଉନ୍ନତୀକରଣ ପାଇଁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଜିଲ୍ଲା ପ୍ରଶାସନ ଏବଂ ସିଏମସି କର୍ତ୍ତୃପକ୍ଷ ସମ୍ପୃକ୍ତ ଶ୍ମଶାନ/କବରସ୍ଥାନରେ ସମସ୍ତ ମୌଳିକ ସୁବିଧା ଉପଲବ୍ଧ କରାଇବା ପାଇଁ ଆବଶ୍ୟକ ପଦକ୍ଷେପ ନେବା ସହ ମିଳିତ ବୈଠକ କରିବେ ବୋଲି ଜଣାପଡିଛି।

### ଗୋରୁ ଚାଲାଣକୁ ନେଇ ଗଣ୍ଡଗୋଳ

# ନେତାଜୀ ସେତୁରେ ଦୁଇ ଗୋଷ୍ଠୀ ମୁହାଁମୁହିଁ

କଟକ,୧୩।୨(ସମିସ): ମର୍କତନଗର ଥାନା ଅନ୍ତର୍ଗତ ନେତାଜୀ ସେତୁ ଉପରେ ଗୋରୁ ଚାଲାଣକୁ ୨ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। କିଛି ଯୁବକ ନେତାଜୀ ସେତୁ ଉପରେ ଏକ ପିକଅପ ଭ୍ୟାନକୁ ଅଟକାଇ ୮ଟି ଗୋରୁ ଉଦ୍ଧାର କରି ପୁଲିସ ଉପସ୍ଥିତିରେ ଗୋଶାଳାରେ ଛାଡିଥିବା ଜଣାପଡ଼ିଛି। ଏହି ଗୋରୁ ଚାଲାଣ କରିବା ଘଟଣାରେ ବାରଙ୍ଗ ଥାନା ପୁଲିସ ୨ ଜଣ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଖୋର୍ଦ୍ଧା ବେଗୁନିଆ ପଶୁପାଳର ମୁନା ଓରଫ ରେହମତ୍ ଖାନ ଓ ଡବ୍ଲୁ ଓରଫ ସରୁଜିତ ଖାନ୍। ୨ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅନ୍ୟପଟେ ଏହି ଗୋରୁ ଗାଡି ଅଟକାଇବା ବେଳେ ହୋଇଥିବା ଉତ୍ତେଜନାରେ ୨ଟି କାର ଭଙ୍ଗାରୁଜା ହୋଇଛି। ଯାହାକୁ ଆଜି ସକାଳେ ମର୍କତନଗର ଥାନା ପୁଲିସ ଜବତ କରିଛି। ଗୁରୁବାର ବିଳମ୍ବିତ ରାତି-ଶୁକ୍ରବାର ଭୋର ମଧ୍ୟରେ ଏକ ପିକଅପ ଭ୍ୟାନରେ କିଛି ଗୋରୁ କଟକ ସହର ଅଭିମୁଖେ ଆସୁଥିବା କିଛି ଯୁବକ ଦେଖିବାକୁ ପାଇଥିଲେ। ଏହାପରେ ଯୁବକମାନେ ତ୍ରିଶୂଳିଆ ଛକ ପାଖରେ ଉକ୍ତ ଗୋରୁ ବୋଝେଇ ପିକଅପ ଭ୍ୟାନକୁ ପିଛା କରିଥିଲେ। ନେତାଜୀ ସେତୁ ଉପରେ ଉକ୍ତ ଭ୍ୟାନକୁ ପିଛା କଲା ବେଳେ ଯୁବକମାନେ ଦେଖିବାକୁ ପାଇଲେକି ଅନ୍ୟ ୨ଟି କାରରେ କିଛି ଯୁବକ ସେହି ପିକଅପ ଭ୍ୟାନକୁ ଏସର୍କଟ କରି ନେଉଛନ୍ତି ବା ସୁରକ୍ଷା ଘେରାରେ ନେଉଛନ୍ତି। ପ୍ରାୟ ବ୍ରିଜ ମଝି ଅଞ୍ଚଳରେ ଉକ୍ତ ପିକଅପକୁ ଅଟକାଇବାରେ ଯୁବକମାନେ ସଫଳ ହୋଇଥିଲେ। ଏହାପରେ ଏସକର୍ଟ କରି ନେଉଥିବା ଦୁଇ କାର ଭିତରୁ ୮ରୁ ୧୦ ଜଣ ଯୁବକ ବାହାରି ଗଣ୍ଡଗୋଳ କରିବାରୁ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ୨ ଗୋଷ୍ଠୀର ଯୁବକ ମୁହାଁମୁହିଁ ହେବା ସହିତ ମାରପିଟ ହେବାକୁ ଲାଗିଥିଲେ। ଏହି ଉତ୍ତେଜନା ବେଳେ ଅଟକିଥିବା ଦୁଇଟି କାର ଭଙ୍ଗାରୁଜା ହୋଇଥିଲା। ସମସ୍ତ ଟାୟାରରୁ ପମ୍ପ କାଢି ଦିଆଯାଇଥିଲା। କିଛି ସମୟ ପରେ ଏସକର୍ଟ କରି ନେଉଥିବା ଯୁବକମାନେ ସେଠାରୁ ଛତ୍ରଭଙ୍ଗ ଦେଇଥିଲେ। ଅନ୍ୟପଟେ ଗୋରୁ ଗାଡିକୁ ପିଛାକରି ଆସିଥିବା ଯୁବକମାନେ ଉକ୍ତ ପିକଅପ ଭ୍ୟାନରେ ୮ଟି ଗୋରୁକୁ ଉଦ୍ଧାର କରି ବାରଙ୍ଗ ଅଭିମୁଖେ ନେଇଯାଇଥିଲେ। ପରେ ବାରଙ୍ଗ ପୁଲିସ ଉପସ୍ଥିତିରେ ୮ଟି ଗୋରୁକୁ ଗୋଶାଳାରେ ଛଡାଯାଇଛି। ଏନେଇ ଅଭିଯୋଗ ହେବା ପରେ ବାରଙ୍ଗ ପୁଲିସ ଖୋର୍ଦ୍ଧାର ୨ ଯୁବକଙ୍କୁ ଗିରଫ କରିଛି। ଅନ୍ୟପଟେ ଆଜି ସକାଳେ ବ୍ରିଜ ଉପରେ ଦୁଇଟି କାର ଭଙ୍ଗାରୁଜା ଅବସ୍ଥାରେ ଥିବା ବିଷୟ ମର୍କତନଗର ଥାନା ପୁଲିସ ଜାଣିବା ପରେ ସେଠାରୁ ଜବତ କରି ଆଣି ଥାନାରେ ରଖିଛି। ଘଟଣାସ୍ଥଳରୁ ହକିଷ୍ଟିକ ଓ କାଠଫାଳିଆ ମଧ୍ୟ ଜବତ କରାଯାଇଛି। ଉକ୍ତ କାର ଦୁଇଟିର ମାଲିକାନା ଭୁବନେଶ୍ୱର ଓ ଲାଲବାଗ ଥାନାଞ୍ଚଳର ବୋଲି ପୁଲିସ କହିଛି। ଉକ୍ତ କାରର ମାଲିକଙ୍କୁ ଫୋନ ଯୋଗେ ପୁଲିସ ଯୋଗାଯୋଗ କରୁଥିଲେ ମଧ୍ୟ କେହି ଫୋନ ଉଠାଉ ନାହାନ୍ତି। ଏପରିକି କାର ଭାଙ୍ଗିବା ନେଇ କେହି ମାଲିକ ଥାନାରେ ଏତଲା ଦେଇ ନ ଥିବା ପୁଲିସ ସୂଚନା ଦେଇଛି।







## ଏପ୍ରିଲ ୧ରେ ଏମ୍‌ଜିଏମ୍ ଭଏସ୍ ଅଫ୍ ବାରବାଟୀ ପ୍ରତିଯୋଗିତା

କଟକ,୧୩।୨(ସମିସ): ରାଜ୍ୟର ସର୍ବପୁରାତନ ତଥା ପ୍ରତିଷ୍ଠିତ କଟକ କ୍ଲବ୍ ପକ୍ଷରୁ ଚତୁର୍ଥ ଥର ପାଇଁ "ଏମ୍‌ଜିଏମ୍ ଭଏସ୍ ଅଫ୍ ବାରବାଟୀ' କଣ୍ଠ ସଙ୍ଗୀତ ପ୍ରତିଯୋଗିତା ଆସନ୍ତା ଏପ୍ରିଲ ୧ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଛି। ସମଗ୍ର ରାଜ୍ୟରୁ ୧୫ରୁ ୨୫ ବର୍ଷ ବୟସର ଉଦୀୟମାନ ଯୁବ କଣ୍ଠଶିଳ୍ପୀମାନେ ଏହି ପ୍ରତିଯୋଗିତାରେ ଭାଗ ନେଇପାରିବେ। ଏହି ପ୍ରତିଯୋଗିତାର ସବୁଠାରୁ ଉଲ୍ଲେଖନୀୟ ଦିଗ ହେଉଛି ଯେ ଏଥିପାଇଁ କୌଣସି ପଞ୍ଜୀକରଣ ଦେୟ ଦେବାକୁ ପଡ଼ିବ ନାହିଁ। ବିଜୟୀ ପ୍ରତିଯୋଗୀଙ୍କ ପାଇଁ ଆକର୍ଷଣୀୟ ପୁରସ୍କାର ରାଶି ଘୋଷଣା କରାଯାଇଛି। ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ "ଭଏସ୍ ଅଫ୍ ବାରବାଟୀ' ଉପାଧି ସହ ୫୦ ହଜାର ଟଙ୍କା, ଦ୍ୱିତୀୟ ସ୍ଥାନ ପାଇଁ ୨୫ ହଜାର ଏବଂ ତୃତୀୟ ସ୍ଥାନ ପାଇଁ ୧୫ ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରାଯିବ। ପ୍ରତିଯୋଗିତାଟି ତିନୋଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ପ୍ରଥମ ପର୍ଯ୍ୟାୟ ପାଇଁ ପ୍ରତିଯୋଗୀମାନେ ୬୦ରୁ ୯୦ ସେକେଣ୍ଡର ଏକ ଓଡ଼ିଆ କିମ୍ବା ହିନ୍ଦୀ ଗୀତର ଭିଡିଓ ରେକର୍ଡ କରି କ୍ଲବ୍‌ର ହ୍ୱାଟ୍ସଆପ୍ ନମ୍ବର (୭୯୭୮୨୬୭୭୫୦)ରେ ମାର୍ଚ୍ଚ ୨ ତାରିଖ ସୁଦ୍ଧା ପଠାଇବାକୁ ଅନୁରୋଧ କରାଯାଇଛି। କ୍ଲବ୍ ସମ୍ପାଦକ ଶୁଭେନ୍ଦୁ ମୋହନ ପଟ୍ଟନାୟକ ଏବଂ ସଭାପତି ଡ. ଶ୍ରୀଜୟ ପଟ୍ଟନାୟକ ରାଜ୍ୟର କୋଣ ଅନୁକୋଣରୁ ଯୁବ ପ୍ରତିଭାମାନଙ୍କୁ ଏଥିରେ ବହୁ ସଂଖ୍ୟାରେ ସାମିଲ ହେବାକୁ ଆହ୍ୱାନ ଦେଇଛନ୍ତି। ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟକୁ ମନୋନୀତ ହେବାକୁ ଥିବା ସମସ୍ତ ପ୍ରତିଯୋଗୀଙ୍କୁ ମାନପତ୍ର ପ୍ରଦାନ କରାଯିବ।

### ■ କଟକରେ ବିଜେଡିର ରଣହୁଙ୍କାର

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରିଲେ ହଜାର ହଜାର କର୍ମୀ










କଟକ, ୧୩।୨(ସମିସ)

ରାଜ୍ୟ ବିଜୁ ଜନତା ଦଳ ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଆଜି କଟକ ଜିଲ୍ଲା ବିଜେଡି ପକ୍ଷରୁ ରାଜ୍ୟ ସରକାରଙ୍କ ଜନବିରୋଧୀ ନୀତି ବିରୋଧରେ ଏକ ବିଶାଳ ଜନଆନ୍ଦୋଳନ ଦେଖିବାକୁ ମିଳିଛି। ସ୍ଥାନୀୟ ସନସାଇନ ପଡ଼ିଆରେ ଜିଲ୍ଲା ସଭାପତି ପ୍ରଫୁଲ୍ଲ କୁମାର ସିଂହଙ୍କ ସଭାପତିତ୍ୱରେ ଆୟୋଜିତ ଏକ ବିଶାଳ ପ୍ରତିବାଦ ସଭାରେ ବରିଷ୍ଠ ନେତାମାନେ ରାଜ୍ୟର ବିପର୍ଯ୍ୟସ୍ତ ସ୍ଥିତି ପାଇଁ ବିଜେପି ସରକାରଙ୍କୁ କଡ଼ା ଭାଷାରେ ସମାଲୋଚନା କରିଛନ୍ତି।

ରାଜ୍ୟ ବିଜୁ ଜନତା ଦଳ ବରିଷ୍ଠ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର ଉଦବୋଧନ ଦେଇ କହିଲେ ଯେ ରାଜ୍ୟବାସୀଙ୍କୁ ମିଥ୍ୟା ପ୍ରତିଶ୍ରୁତିର ଜାଲରେ ଛନ୍ଦି କ୍ଷମତା ହାସଲ କରିଥିବା ବିଜେପି ଏବେ ଓଡ଼ିଶାକୁ 'ଡବଲ ଧୋକା' ଦେଉଛି। ସମସ୍ତ ଧାନ କିଣିବାକୁ ପ୍ରତିଶ୍ରୁତି ଦେଇ ଏବେ ମାତ୍ର ଦେଢ଼ଶହ କୁଇଣ୍ଟାଲ କିଣି ବାକି ଧାନକୁ ଦଲାଲଙ୍କୁ ବିକିବାକୁ ଚାଷୀଙ୍କୁ ବାଧ କରାଯାଉଛି। ଏହି ଅନ୍ୟାୟ ବିରୋଧରେ ବିଜେଡି ଆଗାମୀ ଦିନରେ ଦୁର୍ବାର ଆନ୍ଦୋଳନ କରିବ ବୋଲି ସେ ଚେତାବନୀ ଦେଇଥିଲେ। ବରିଷ୍ଠ ଉପସଭାପତି ତଥା ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି ଯେ ରାଜ୍ୟରେ ହତ୍ୟା ଓ ରାହାଜାନୀ ଏବେ ନିତିଦିନିଆ ଘଟଣା ପାଲଟିଛି। ଆମେରିକା ଭଳି ରାଷ୍ଟ୍ର ନିଜ ପର୍ଯ୍ୟଟକଙ୍କୁ ଓଡ଼ିଶା ଆସିବାକୁ ବାରଣ କରିବା ଓଡ଼ିଆ ଜାତି ପାଇଁ ଏକ ବଡ଼ ଅପମାନ। ଶାସକ ଦଳ ସମର୍ଥିତ ଗୁଣ୍ଡାମାନେ ଗାଁ ଗହଳିରେ ସାମ୍ପ୍ରଦାୟିକ ଭିଡ଼ ହିଂସା ଘଟାଇ ସଂଖ୍ୟାଲଘୁଙ୍କ ଉପରେ ଆକ୍ରମଣ କରୁଥିବା ସେ ଅଭିଯୋଗ କରିଛନ୍ତି।

ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ମୋହନ ସରକାରଙ୍କ ବିଜୁଳି ନୀତିକୁ ତୀବ୍ର ସମାଲୋଚନା କରିଛନ୍ତି। ଶାସନକୁ ଆସିବା ପୂର୍ବରୁ ୩୦୦ ୟୁନିଟ୍ ମାଗଣା ବିଜୁଳିର ପ୍ରଲୋଭନ ଦେଖାଇ ଏବେ ଓଲଟି ଗ୍ରାହକଙ୍କଠାରୁ 'ଅତିରିକ୍ତ ଜମା' ନାଁରେ ଜୋରଜବରଦସ୍ତ ଟଙ୍କା ଲୁଟୁଥିବା କହିଛନ୍ତି। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ରାଜନୈତିକ ସଚିବ ଡକ୍ଟର ସନ୍ତୃପ ମିଶ୍ର କହିଲେ ଯେ ବର୍ଷକୁ ୨ କୋଟି ଚାକିରିର ପ୍ରତିଶ୍ରୁତି ଦେଇଥିବା ବିଜେପି ଏବେ ଯୁବକମାନଙ୍କୁ ଭୁଆଁ ବୁଲାଉଛି। ଦିଗହୀନ ଅର୍ଥନୀତି ଯୋଗୁଁ ବେକାରୀ ସମସ୍ୟା ଉତ୍କଟ ରୂପ ଧାରଣ କରିଛି ଏବଂ ଓଡ଼ିଆ ଯୁବକ ଦାଦନ ଖଟିବାକୁ ବାଧ ହେଉଛି। ଏହାର ପ୍ରତିବାଦରେ ନବୀନ ପଟ୍ଟନାୟକଙ୍କ ଆହ୍ୱାନରେ ରାଜ୍ୟବ୍ୟାପୀ ଯୁବ ଓ ଛାତ୍ର ଶକ୍ତି ଏକାଠି ହୋଇ ଏହି ଅହଂକାରୀ ସରକାର ବିରୋଧରେ ଲଢ଼େଇ କରିବେ।

ଏହି ପ୍ରତିବାଦ ସଭାରେ ପୂର୍ବତନ ମନ୍ତ୍ରୀ ଚନ୍ଦ୍ରସାରଥୀ ବେହେରା, ମେୟର ସୁବାଷ ସିଂହ, ବିଧାୟକ ପ୍ରଶାନ୍ତ ବେହେରା, ଦେବୀରଞ୍ଜନ ତ୍ରିପାଠୀ, ସୌଭିକ ବିଶ୍ୱାଳ, ପୂର୍ବତନ ବିଧାୟକ ଡା. ପ୍ରମୋଦ ମଲ୍ଲିକ, ରାଜ୍ୟ ଯୁବ ବିଜେଡି ସଭାପତି ଚିନ୍ମୟ ସାହୁ, ଜିଲ୍ଲା ପରିଷଦ ସଭାପତି କିଶୋର ଚନ୍ଦ୍ର ମିଶ୍ର, ଉପ ସଭାନେତ୍ରୀ ସୁଭଦ୍ରା ଦାସ, ବରିଷ୍ଠ ବିଜେଡି ନେତା ମଧୁସୂଦନ ସାହୁ, ମହମ୍ମଦ ସକିଲ, ରଞ୍ଜନ ବିଶ୍ୱାଳ, ପ୍ରକାଶ ସିଂହଙ୍କ ସମେତ ଶତାଧିକ ବରିଷ୍ଠ କର୍ମକର୍ତ୍ତା, କର୍ପୋରେଟର ଓ କର୍ମୀ ଯୋଗଦେଇଥିଲେ। ଏଠାରେ ସୂଚନାଯୋଗ୍ୟ ଯେ, ପ୍ରତିବାଦ ସଭା ପରେ ସନସାଇନ ପଡ଼ିଆରୁ ବାହାରିଥିବା ଏହି ବିଶାଳ ଶୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା। ସେଠାରେ ଅତିରିକ୍ତ ଜିଲ୍ଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଯଦି ସରକାର ତୁରନ୍ତ ନିଜର ଚାଷୀ ମାରଣ ନୀତି ଓ ଆଇନ ଶୃଙ୍ଖଳା ସ୍ଥିତିରେ ସୁଧାର ନ ଆଣନ୍ତି, ତେବେ ଆଗାମୀ ଦିନରେ ପ୍ରତିଟି ଗଳି କନ୍ଦିରେ ଆନ୍ଦୋଳନ ଭୟାନକ ରୂପ ନେବ ବୋଲି ବିଜେଡି ନେତୃବୃନ୍ଦ ଚେତାବନୀ ଦେଇଛନ୍ତି।

**ରବିବାର ଜାଗର**

# ସଜେଇ ହେଲାଣି ମାଣତ୍ରୀ ବୈଦ୍ୟନାଥଙ୍କ ପୀଠ

**ବଡ଼ସାହି/ମାଣତ୍ରୀ, ୧୩।୨(ସମିସ)**

ଦିନକ ପରେ ଜାଗର। ମହାଶିବରାତ୍ରି ପାଇଁ ଉତ୍ତର ଓଡ଼ିଶାର ପ୍ରସିଦ୍ଧ ମାଣତ୍ରୀ ବାବା ଶ୍ରୀକଖାରୁଆ ବୈଦ୍ୟନାଥଙ୍କ ଶୈବପୀଠ ଚଳଚଞ୍ଚଳ ହୋଇଉଠିଛି। ଲକ୍ଷାଧିକ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ମନ୍ଦିର ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଦଣ୍ଡବତେଙ୍କ ସମେତ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଦୀପ ଜାଳିବା ସହିତ ପୂଜା ଓ ଦର୍ଶନ କିପରି ଶାନ୍ତିଶୃଙ୍ଖଳା ସହିତ ହେବ ସେଥିପାଇଁ ସିଦ୍ଧାନ୍ତ ହୋଇଛି। ଏସଡିପିଓ ମିନତୀ ବିଶ୍ୱାଳ, ବିଡିଓ ବନଜା ଦାସ, ତହସିଲଦାର କରୁଣାକର ଧିନ୍ଦା ଓ ବୈଶିଙ୍ଗା ପୁଲିସ ମେଳା ପଡ଼ିଆ ଓ ମନ୍ଦିର ବଗିଚାରେ ପହଞ୍ଚି ପରିସ୍ଥିତକୁ ଅନୁଧ୍ୟାନ କରିବା ସହିତ ସେବାୟତ ଓ ସ୍ୱେଚ୍ଛାସେବୀଙ୍କ ସହିତ ଆଲୋଚନା କରିଛନ୍ତି। ଉପଜିଲ୍ଲାପାଳ ଦୟାସିନ୍ଧୁ ପରିଡ଼ା ସବୁବେଳେ ପରିଛା ପ୍ରଦୀପ ପଣ୍ଡାଙ୍କ ସହିତ ଯୋଗାଯୋଗରେ ରହି ସମସ୍ତ ବ୍ୟବସ୍ଥା କିପରି ଠିକ୍‌ଠାକ୍ ହେବ ସେଥିପାଇଁ ଗୁରୁତ୍ୱ ଦେଇଛନ୍ତି। ଭିଡକୁ ଦୃଷ୍ଟିରେ ରଖି ମେଳା ପଡ଼ିଆ ଭିତର, ମନ୍ଦିର ଭିତର ଓ ବାହାର ସହିତ ଉତ୍ତରରେ ମାଣତ୍ରୀ ଛକଠାରୁ ଦକ୍ଷିଣରେ ଚମ୍ପାନାଞ୍ଜି ଛକ ପର୍ଯ୍ୟନ୍ତ ଯାନବାହନ ମୁକ୍ତ ଓ ନୋ ପାର୍କିଂ ଜୋନ ସହିତ ଟ୍ରାଫିକ ବ୍ୟବସ୍ଥାକୁ ନିୟନ୍ତ୍ରଣ କରିବା ପାଇଁ ପୁଲିସ ନିୟୋଜିତ ହୋଇଛନ୍ତି। ଦର୍ଶନ, ପୂଜା ଓ ଦୀପ ଜାଳିବା ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ସବୁ ପ୍ରକାର ବ୍ୟବସ୍ଥା ସୂଚାରୁ ରୂପେ ହୋଇଥିବାର ପରିଛା ପ୍ରକାଶ କରିଛନ୍ତି। ଅଗ୍ନିଶମ ବିଭାଗ ପକ୍ଷରୁ ମନ୍ଦିର ସଂଲଗ୍ନ କୁଣ୍ଡି(ଜଳାଶୟ)ରେ ଲାଇଫ୍ ବୋଟ ସହିତ କର୍ମଚାରୀଙ୍କୁ ମୁତୟନ ପାଇଁ ବ୍ୟବସ୍ଥା କରାଯାଇଛି। ମେଳା ୧୨ଦିନ ଧରି ବସିବାକୁ ଥିବାବେଳେ ମେଳା ପଡ଼ିଆ ନିଲାମଧାରୀ ଦୋକାନୀଙ୍କୁ ସ୍ଥାନ ଦେବା କାର୍ଯ୍ୟ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଶହଶହ ଦୋକାନ ବଜାର, ମୀନା ବଜାର, ଆକର୍ଷଣୀୟ ଦୋଳି ସହିତ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଓଁକାର ଓ ଗ୍ରାଣ୍ଡ ମହଲ ଯାତ୍ରପାର୍ଟି ତାର ଯାତ୍ରା ପରିବେଷଣ କରିବ ବୋଲି ଜଣାଯାଇଛି। ରାଜନୈତିକ ଦଳ ପକ୍ଷରୁ ବ୍ୟାନର, ଗେଟ୍ ଓ ଜଳଛତ୍ର ପାଇଁ ସଜବାଜ ଆରମ୍ଭ ହୋଇଛି। ମନ୍ଦିର ପରିଚାଳନା କମିଟି ପକ୍ଷରୁ କାର୍ଯ୍ୟସୂଚୀ ଚୁଡାନ୍ତ ହୋଇଛି।



> ▶▶ କଖାରୁଆଙ୍କ ପାଲିଙ୍କି ଶୋଭାଯାତ୍ରା ଓ ଜ୍ୟୋତି ପରିକ୍ରମା ମନମୋହିବ
>
> ▶▶ ୪.୧୫ରେ ଉଠିବ ମହାଦୀପ

ରବିବାର ଭୋର ୩.୪୫ଟାରେ ଦିଅଁଙ୍କ ପହଡ଼ଭଙ୍ଗା ପରେ ବିଶ୍ୱଶାନ୍ତି ନିମିତ୍ତ ଅଖଣ୍ଡ ଦୀପ ପ୍ରଜ୍ୱଳନ ସହିତ ୪.୧୫ରେ ବାବା କଖାରୁଆଙ୍କ ଚଳନ୍ତି ବିଗ୍ରହ ପାଲିଙ୍କି ନଗର ବିଜେ ଶୋଭାଯାତ୍ରା ଓ ଜ୍ୟୋତି ପରିକ୍ରମା ଧୂମଧାମରେ ଅନୁଷ୍ଠିତ ହେବ। ସେହିପରି ୪ଟା ୩୦ମିରେ ବାଳ ଭୋଗଲାଗି ଓ ସାଧାରଣ ଦର୍ଶନ ଏବଂ ସାଧାରଣ ପୂଜା ୫ଟାରୁ ଦିନତମାମ ଚାଲୁ ରହିବ। ରାତ୍ର ୯.୩୦ରେ ଜଳାଭିଷେକ, କ୍ଷୀରା ଭିଷେକ, ଷୋଡଶ ଉପଚାର ପୂଜା, ରାତ୍ର ୨.୩୦ଟାରେ ବାବା କଖାରୁଆ ବୈଦ୍ୟନାଥ ଓ ଦଧିବାମନଙ୍କ ଯଜ୍ଞ ଆରମ୍ଭ। ରାତ୍ର ୩ଟା ଶ୍ୱେତଫଳ ଲାଗି ଓ ବିଶେଷ ଗୁପ୍ତ ଉପାସନା ବିହିତ ପୂଜା, ୩.୩୦ରେ ସୁନାବେଶ ସହିତ ଭସ୍ମାଭିଷେକ ଏବଂ ଆରତୀ, ଶୃଙ୍ଗାଳବେଶ ସଜାଣି, ୩.୪୫ରୁ ୪.୧୫ ପର୍ଯ୍ୟନ୍ତ ନଗର କୀର୍ତନ ସାଙ୍ଗକୁ ଭୋର ୪.୧୫ଟା ପରେ ମହାଦୀପ ଉଠିବ। ସୋମବାର ଭୋର ୫ଟାରୁ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ପାଇଁ ମହାଦେବଙ୍କ ସୁନାବେଶ ଦର୍ଶନ ଚାଲୁ ରହିବ ବୋଲି ଜଣାଯାଇଛି। ଶାନ୍ତିଶୃଙ୍ଖଳା ପାଇଁ ବୈଶିଙ୍ଗା ପୋଲିସ୍ ପକ୍ଷରୁ ଜଣେ ଡିଏସପିଙ୍କ ନେତୃତ୍ୱରେ ଅସ୍ଥାୟୀ ଫାଣ୍ଡି ସହିତ ୨ପ୍ଲାଟୁନ ଫୋର୍ସ, ୧୦ଜଣ ଅଫିସର, ୧୦ଜଣ କନେଷ୍ଟବଲ ଓ ୧୦ଜଣ ହୋମଗାର୍ଡଙ୍କ ସହିତ କିଛି ମହିଳା ପୋଲିସ ମୁତୟନ ହେବେ ବୋଲି ଜଣାଯାଇଛି। ପରିସ୍ଥିତିକୁ ଦେଖି ସିସି ଟିଭି କ୍ୟାମେରା ସହିତ ସାଦା ପୋଷାକରେ ପୋଲିସ ଅଧିକାରୀଙ୍କୁ ନିୟୋଜିତ କରାଯାଇପାରେ। ବଡ଼ସାହି ଦମକଳବାହିନୀ, ମାଣତ୍ରୀ ମହାବିଦ୍ୟାଳୟର ଏନଏସଏ ଛାତ୍ରଛାତ୍ରୀ ଓ ମାଣତ୍ରୀ ଆଞ୍ଚଳିକ ଡାକ୍ତରଖାନା ପକ୍ଷରୁ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରାଯାଇଛି।

## ବାବା ବୁଢ଼ା ରାଉଳେଶ୍ୱର ଶୈବ ପୀଠ ପ୍ରସ୍ତୁତ

**ବାରିପଦା, ୧୩।୨(ସମିସ):** ଶନିବାର ଏକବାର। ରବିବାର ଜାଗର। ଏଥିପାଇଁ ମୟୂରଭଞ୍ଜର ବିଭିନ୍ନ ଶୈବ ପୀଠରେ ଶିବରାତ୍ରି ପାଇଁ ପ୍ରସ୍ତୁତି ଏବେ ଚୂଡ଼ାନ୍ତ ପର୍ଯ୍ୟାୟରେ। ସର୍ବପୁରାତନ ଶୈବପୀଠ ସ୍ୱୟଂଭୂ ବାବା ବୁଢ଼ାରାଉଳେଶ୍ୱର ମଠ। ଯାହା ବାରିପଦା ସହର ଉପକଣ୍ଠ ବୁଢାବଳଙ୍ଗ, ଚିପଟ ଓ ଇଟାଯୋଡି ନଦୀର ତ୍ରିବେଣୀ ସଙ୍ଗମ ସ୍ଥଳରେ ଅବସ୍ଥିତ। କିମ୍ବଦନ୍ତୀ ଅନୁସାରେ ଆଜକୁ ପ୍ରାୟ ହଜାରେ ବର୍ଷ ପୂର୍ବରୁ ଏଠାରେ ଥିବା ଅରଖ ଜଙ୍ଗଲରୁ ବାବା ସ୍ୱୟଂ ଆବିର୍ଭାବ ହୋଇଥିବା ହେତୁ ସେ ସ୍ୱୟଂଭୁ ବାବା ବୁଢାରାଉଳେଶ୍ୱର ନାମରେ ପରିଚିତ। ଅରଖ ବଣରୁ ଆବିର୍ଭାବ ହୋଇଥିବାରୁ କେହି କେହି ତାଙ୍କୁ ଆରଖପାଳ ବୋଲି ମଧ୍ୟ ସମ୍ବୋଧନ କରିଥା'ନ୍ତି। ଏହା ଏକ ତନ୍ତ୍ର ପୀଠ ମଧ୍ୟ। ବିଗତ ଦିନରେ ଅନେକ ସାଧୁ ସନ୍ଥ ଏଠାକୁ ଆସି ସିଦ୍ଧିଲାଭ କରିଛନ୍ତି। ଧୂନିମଠ ଭାବେ ଏହାର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ବାବାଙ୍କ ମନ୍ଦିର ପାଖକୁ ଲାଗି ରହିଛି ପ୍ରାୟ ୭ଶହ ବର୍ଷର ଧୂନିମଠ। ଏକଦା ସନ୍ଥ ମହାବୀର ଦାସ ନାମକ ଜଣେ ସନ୍ଥ ଏହି ଧୁନି ମଠର ପ୍ରତିଷ୍ଠା କରିଥିଲେ। ସେବେଠାରୁ ଏଠାରେ ଥିବା ଅଗ୍ନିକୁଣ୍ଡରେ କେବେହେଲେ ଧୁନି ଲିଭି ନ ଥିବାବେଳେ ଅହରହ ଏହି ଅଗ୍ନିକୁଣ୍ଡରେ ଅଗ୍ନି ସଂଯୋଗ ହେଇ ରହିଛି। ଏହାର ଭସ୍ମକୁ ତିଳକ ଭାବେ ପିନ୍ଧି ଅନେକ ଲୋକେ ଉପକୃତ ହେଉଥିବା ବିଶ୍ୱାସ ରହିଛି। ଏଥିସହିତ ଏଠାରୁ କେହି କେବେ ଖାଲି ହାତରେ ଫେରିନାହାନ୍ତି। ଯିଏ ବାବାଙ୍କୁ ଭକ୍ତିର ସହ ଯାହା ମାଗିଛି ବାବା ତାକୁ ତାହା ଦେଇଥାନ୍ତି ବୋଲି କୁହାଯାଏ। ଏଠାରେ ଶିବଙ୍କ ଲିଙ୍ଗ ପୂଜା ହେବା ସହିତ ଶିବ-ପାର୍ବତୀଙ୍କ ମୂର୍ତ୍ତି ମଧ୍ୟ ପୂଜା ପାଇଥା'ନ୍ତି। ଶିବ ପାର୍ବତୀଙ୍କ ବିବାହ ପର୍ବ ମଧ୍ୟ ଅନୁଷ୍ଠିତ ହୋଇଥାଏ। ବାବା ଏଠାରେ ଦକ୍ଷିଣାବର୍ତ୍ତ ଭାବରେ ପୂଜିତ ହେଉଥିବା କାରଣରୁ ଭକ୍ତମାନେ ପୂଜାର୍ଚ୍ଚନା କରି ଅଦଭୁତ କରୁଣାପ୍ରାପ୍ତି ହେଉଥିବା ଜଣାଯାଏ। ଏଠାରେ ଆଉ ଏକ ଆଶ୍ଚର୍ଯ୍ୟ ଓ ଚକିତ କଲା ଭଳି ଘଟଣା ହେଉଛି ଏଠାକାର ଜୀବନ୍ତ ଶୀଳା। ଧୂନିମଠ ସମ୍ମୁଖରେ ପ୍ରତିଷ୍ଠା ସମୟରୁ ଏକ ଶୀଳା ରହିଛି। ଯାହା କ୍ରମଶଃ ବୃଦ୍ଧି ପାଉଥିବା ନେଇ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ମନ୍ଦିରର ପୂଜକ ସୁଦର୍ଶନ ଦ୍ୱିବେଦୀ। ଶିବରାତ୍ରି ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବ୍ରତୀଙ୍କ ପାଇଁ ଦର୍ଶନ, ପୂଜା ଓ ଦୀପ ଜାଳିବା ପାଇଁ ମନ୍ଦିର ପରିଚାଳନା କମିଟି ପକ୍ଷରୁ ସମସ୍ତ ବ୍ୟବସ୍ଥା ସମ୍ପନ୍ନ ହୋଇଛି। ତେବେ ବାରିପଦା ଅମ୍ବିକା ମନ୍ଦିର ପାଖରୁ ଏକ ଝୁଲା ପୋଲ ନିର୍ମାଣ ପାଇଁ ସ୍ଥାନୀୟ ଲୋକଙ୍କ ଦାବି ରହିଛି। ଏହା ହେଲେ ବାରିପଦା ସହରର ଜଗନ୍ନାଥ ମନ୍ଦିର, ଅମ୍ବିକା ମନ୍ଦିର ସହିତ ତ୍ରିକୋଣୀୟ ପର୍ଯ୍ୟଟନ ତଥା ଆଧ୍ୟାତ୍ମିକ କେନ୍ଦ୍ର ହୋଇପାରିବ।

## ଚଳଚଞ୍ଚଳ ହେଉଛି ଶିମିଳେଶ୍ୱର ପୀଠ

**କଳାବାଡିଆ, ୧୩।୨(ସମିସ);** ବାଙ୍ଗିରିପୋଷି ବ୍ଲକ ଗୋଲାମୁଣ୍ଡାକଟା ପଞ୍ଚାୟତର ଶିମିଳାଠାରେ ଥିବା ବାବା ଶିମିଳେଶ୍ୱର ପୀଠ ଚଳଚଞ୍ଚଳ ହୋଇଉଠିଛି। ୫୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହେବାର ପୂର୍ବାନୁମାନ କରିଛି ସ୍ଥାନୀୟ ପ୍ରଶାସନ। ମାଜିଷ୍ଟ୍ରେଟ ଭାବେ ସ୍ଥାନୀୟ ତହସିଲଦାର ଶୁଭଙ୍କରୀ ସୁଦେଷ୍ଣା ଦାସ ଓ ଥାନା ଅଧିକାରୀ ସସ୍ମିତା ସାମଲ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ଶାନ୍ତିଶୃଙ୍ଖଳା ପାଇଁ ଜଣେ ଡିଏସପିଙ୍କ ନେତୃତ୍ୱରେ ଏକ ପ୍ଲାଟୁନ ପୁଲିସ ଫୋର୍ସ, ଥାନା ଅଧିକାରୀ ସହିତ ସ୍ଥାନୀୟ ପୁଲିସ ଏକ କ୍ୟାମ୍ପ କରି ମୃତାୟନ ହେବେ ବୋଲି ଜଣାପଡ଼ିଛି। ଗୋଲାମୁଣ୍ଡାକଟା ପଞ୍ଚାୟତ ସରପଞ୍ଚ ଗୌରହରି ନାଏକ ନେତୃତ୍ୱରେ ପଞ୍ଚାୟତବାସୀଙ୍କୁ ନେଇ ଏକ କମିଟି ଗଠିତ ହୋଇଛି। ଅଭିଯୋଗ ପ୍ରକୋଷ୍ଠ, ପାନୀୟ ଜଳ, ଡାକ୍ତରୀଟିମ, ଦମକଳ ବାହିନୀକୁ ସଜାଗ ରଖାଯାଇଛି। ସୁନା ଅଳଙ୍କାର ପିନ୍ଧି ମେଳା ନ ଆସିବା ପାଇଁ କମିଟି ଅନୁରୋଧ କରିଛି। ଆସନ୍ତାକାଲିଠାରୁ ଭକ୍ତ ସମାଗମ ବଢୁଥିବାରୁ ମେଳା ମଧ୍ୟକୁ ଚାରିଚକିଆ ଯାନ ବାରଣ କରାଯାଇଛି।



## ଦେବଶୋଳ ଜାଗର ଯାତ୍ରା ପାଇଁ ଶାନ୍ତିକମିଟି ବୈଠକ



**ରାସଗୋବିନ୍ଦପୁର, ୧୩।୨(ସମିସ):** ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ବାବା ବୁଦ୍ଧେଶ୍ୱର ମହାଦେବଙ୍କ ଜାଗର ଯାତ୍ରା ପାଇଁ ଶୁକ୍ରବାର ରାସଗୋବିନ୍ଦପୁର ଥାନ ଆଇଆଇସି ପଦ୍ମଲୋଚନ ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ରାସଗୋବିନ୍ଦପୁର ଥାନା ପରିସରରେ ଏକ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭା ମଞ୍ଚରେ ରାସଗୋବିନ୍ଦପୁର ତହସିଲଦାର ଉପେନ୍ଦ୍ର ଦାସ, ବିଡିଓ ଅନନ୍ତ ହାଁସଦା, ଅଗ୍ନିଶମ ବାହିନୀ ଅଧିକାରୀ ରବୀନ୍ଦ୍ର ସେଠୀ, ରାସଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଇନଚାର୍ଜ ଡ. ବାସନ୍ତୀ ସର୍ଦ୍ଦାର, ମନ୍ଦିର ପରିଚାଳନା କମିଟି ସଭାପତି ପ୍ରଫୁଲ୍ଲ ଦଳେଇ, ସମାଜସେବୀ ପ୍ରଦୀପ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଦେବଶୋଳ ଜାଗର ଯାତ୍ରା କିପରି ଶାନ୍ତିଶୃଙ୍ଖଳାର ସହିତ ପରିଚାଳନା ହୋଇପାରିବ, ଏତଦ୍‌ବ୍ୟତୀତ ମେଳା ସମ୍ପୂର୍ଣ୍ଣ ହେବାର ୧୫ ଦିନ ମଧ୍ୟରେ ମେଳା ପରିସରକୁ ପରିଷ୍କାର ପରିଚ୍ଛନ୍ନ କରିବା ସହିତ ମେଳାର ଆୟବ୍ୟୟର ବିବରଣୀ ଜନାଗତ କରାଯିବାର ନିଷ୍ପତ୍ତି ନିଆଯାଇଥିଲା। ପାନୀୟ ଜଳ, ଶୌଚାଳୟ ଆଦି ନିର୍ମାଣ ପାଇଁ ମଧ୍ୟ ସିଦ୍ଧାନ୍ତ ନିଆଯାଇଥିଲା। ବୈଠକରେ ଏକ ଅସ୍ଥାୟୀ ଶାନ୍ତି କମିଟି ଗଠନ କରାଯାଇଥିଲା। ସଭାପତି ଭାବେ ଡ. ବ୍ରଜ ଭାଇ, କାର୍ଯ୍ୟକାରୀ ସଭାପତି ପ୍ରଦୀପ ମହାନ୍ତି, ଉପସଭାପତି ସୁଧାଂଶୁ ନାଏକ, ଲକ୍ଷ୍ମୀ ହାଁସଦା, ସମ୍ପାଦକ ଅଶୋକ ମହାନ୍ତି, ସହସମ୍ପାଦକ ଜେନାମଣି ମହାନ୍ତ, ସଦସ୍ୟ ଘନଶ୍ୟାମ ମୁର୍ମୁ, ପୁରୁଷୋତ୍ତମ ଦେ, ଶରତ ମହାନ୍ତି, ନଗେନ୍ଦ୍ର ମହାନ୍ତି, ସନ୍ତୋଷ ମହାନ୍ତି, ଇନ୍ଦ୍ରଜିତ ଦାସ, ସୌରଭ ମହାନ୍ତି, ପ୍ରଶାନ୍ତ ଲେଙ୍କା, ଅଜିତ ପ୍ରଧାନ, ସରୋଜିନୀ କିସ୍କୁଙ୍କୁ ଚୟନ କରାଯାଇଥିଲା। ଥାନା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଜାଗର ପାଇଁ ବୁଦ୍ଧେଶ୍ୱର ପୀଠରେ ପ୍ରସ୍ତୁତି

**ମୋରଡ଼ା/ରାସଗୋବିନ୍ଦପୁର, ୧୩।୨:** ରାସଗୋବିନ୍ଦପୁର ବ୍ଲକ ଦେବଶୋଳରେ ରହିଛି ବହୁ ପୁରାତନ ଶୈବ ପୀଠ ବାବା ବୁଦ୍ଧେଶ୍ୱର ମନ୍ଦିର। ଉକ୍ତ ପୀଠରେ ମାନସିକ କଲେ ମନସ୍କାମନା ପୂର୍ଣ୍ଣ ହୁଏ ବୋଲି ବିଶ୍ୱାସ ରହିଛି। ଆଗାମୀ ଜାଗର ପାଇଁ ବୁଦ୍ଧେଶ୍ୱର ପୀଠରେ ବ୍ୟାପକ ପ୍ରସ୍ତୁତି କରାଯାଇଛି। ପଚାଶ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହେବ। ଏଥିସହ ଏଠାରେ ୧୨ ଦିନ ଧରି ଦେବଶୋଳ ମେଳା ଅନୁଷ୍ଠିତ ହେବ। ମନ୍ଦିର ଶାନ୍ତି କମିଟି ପକ୍ଷରୁ ଭିଡ଼କୁ ଦୃଷ୍ଟିରେ ସୁରକ୍ଷା ବ୍ୟବସ୍ଥା କରାଯାଇଥିବାବେଳେ ଚାରିଜଣ ବ୍ରାହ୍ମଣଙ୍କୁ ନିୟୋଜିତ କରାଯିବ। ରାତି ୪:୩୦ ମିନିଟ ସମୟରେ ମହାଦୀପ ଉଠିବ ବୋଲି ଜଣାପଡ଼ିଛି। ସେହିପରି କମିଟି ପକ୍ଷରୁ ଦେବଶୋଳ ମେଳାରେ ୨୫୦ଟି ଷ୍ଟଲ୍ କରାଯାଇଛି।



## ବନ୍ଦ ପାଳନ ବେଳେ ତିରିଂରେ ପୁଲିସକୁ ଦୁର୍ବ୍ୟବହାର ଅଭିଯୋଗ

**ରାଇରଙ୍ଗପୁର, ୧୩।୨(ସମିସ):** ଗୁରୁବାର ଭାରତ ବନ୍ଦ ସମୟର ତିରିଂ ଅଞ୍ଚଳରେ ଦାୟିତ୍ୱରେ ଥିବା ପୁଲିସ କର୍ମଚାରୀଙ୍କୁ ଧମକ ଓ ଦୁର୍ବ୍ୟବହାର ନେଇ ଥାନାରେ ଅଭିଯୋଗ ହୋଇଛି। ତିରିଂ ଥାନା ଅଞ୍ଚଳରେ ତହସିଲ କାର୍ଯ୍ୟାଳୟ, ଜାତୀୟ ରାଜପଥ ଓ ବଡ଼ଡାଲିମା ବଜାର ଅଞ୍ଚଳରେ ବାମପନ୍ଥୀ ଓ କଂଗ୍ରେସ କର୍ମୀ ମିଳିତ ଭାବେ ପିକେଟିଂ କରିଥିଲେ। ସରକାରୀ କାର୍ଯ୍ୟାଳୟ ଓ ଦୋକାନ ବଜାର ବନ୍ଦ କରି ପ୍ରତିବାଦ ପ୍ରଦର୍ଶନ କରୁଥିଲେ। ଯାହାକୁ ପୁଲିସ ବିରୋଧ କରିବାରୁ ଦୁର୍ବ୍ୟବହାର କରିବା ସହ ଧମକ ଦେଇଥିଲେ। ଯାହାକୁ ନେଇ କର୍ମକର୍ତ୍ତାଙ୍କ ନାମରେ ଅଭିଯୋଗକ୍ରମେ ତିରିଂ ଥାନାରେ ପୁଲିସ ପୃଥକ ଭାବେ ଦୁଇଟି ମାମଲା ରୁଜୁ କରିଛି। ପୁଲିସ ପକ୍ଷରୁ ରାମଚନ୍ଦ୍ର ହେମ୍ବ୍ରମ, ତ୍ରିନାଥ ପାତ୍ର, ସମୁ ବିରୁଲି, ଗିରିଶ ଗୋଡସୋରା, ରାଜରାଓ ଗୁନି, ବାଲ୍ମୀକ କୁମ୍ଭକାର, ସୁଶାନ୍ତ ବେହେରା, ମାନସ ପାତ୍ର, ମିଶ୍ର ପାଟବନ୍ଧା, ସରୋଜ ବେହେରା, ରତନ ମୁଣ୍ଡା, କମଲ ରାଜ, ଅନୁପ ସୋରେନ, ଶଙ୍ଖଲାଲ ଖେତ୍ରୀ, ହୃଦାନନ୍ଦ ଗୋଡ଼ସୋରା, ହାବିବୁଲ୍ଲା ଖାନ ଆଦି କର୍ମୀଙ୍କ ନାମରେ ମାମଲା ରୁଜୁ କରାଯାଇଛି।

## ବାଘଡ଼ାରେ ବ୍ଲକ୍‌ସ୍ତରୀୟ ଖାଉଟି ସଚେତନତା କର୍ମଶାଳା

**ଶୁଳିଆପଦା, ୧୩।୨(ସମିସ):** ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଜିଲ୍ଲା ଉପନିୟନ୍ତ୍ରକ ବୈଧ ମାପ ବିଜ୍ଞାନ, ମୟୂରଭଞ୍ଜ, ବାରିପଦା ଓ ସଂକଳ୍ପ, କୁଳିଅଣା ଆନୁକୂଲ୍ୟରେ ବାଘଡା ପଞ୍ଚାୟତ ସଭାଗୃହରେ ବ୍ଲକସ୍ତରୀୟ ଖାଉଟି ସଚେତନତା ଶୀର୍ଷକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସଂକଳ୍ପର ସମ୍ପାଦକ ପ୍ରଦୀପ କୁମାର ଦାସମହାପାତ୍ର ସ୍ୱାଗତ ଭାଷଣ ଓ ମଞ୍ଚାସୀନ ସମସ୍ତ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବାବେଳେ ନାଏବ ସରପଞ୍ଚ ବିଜୟଲକ୍ଷ୍ମୀ ସୋରେନ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି କର୍ମଶାଳାକୁ ଉଦଘାଟନ କରିଥିଲେ। ସୁଷମା ପଣ୍ଡା କର୍ମଶାଳା ସମ୍ପର୍କରେ ସୂଚନା ପ୍ରଦାନ କରିଥିବାବେଳେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ମୀରା ଧୀର ମଞ୍ଚ ପରିଚାଳନା କରିଥିଲେ। ନିରୀକ୍ଷକ ବୈଧ ମାପ ବିଜ୍ଞାନ, ଉଦଳାର ପ୍ରମୋଦ ନାୟକ ପ୍ରମୁଖ ଉପସ୍ଥିତ ରହି ଖାଉଟି ସୁରକ୍ଷା ସଚେତନତା ବାର୍ତ୍ତା, ଖାଉଟିର କର୍ତ୍ତବ୍ୟ ଓ ଭୂମିକା, ଦ୍ରବ୍ୟ କିଣା, ତ୍ରୁଟିପୂର୍ଣ୍ଣ ସେବା, ଅନଲାଇନ କ୍ରୟ, ଖାଉଟି ବିବାଦର ପ୍ରତିକାର ଓ ଅଂଶଗ୍ରହଣକାରୀଙ୍କୁ ଓଜନ ମାପ ବିଭାଗ ତରଫରୁ ପାକେଟ ପ୍ରସ୍ତୁତକାରି, ଅବଧି ସମୟ, ଗୁଣବତ୍ତା ଓ ଓଜନ ତନଖି ପ୍ରଦର୍ଶିତ କରିଥିଲେ। ଓଏଲଏମର ଏମବିକେ, ସିଆରପି, ଇସି, ସ୍ୱୟ ସହାୟକ ଗୋଷ୍ଠୀ ସଭ୍ୟା ଯୋଗ ଦେଇଥିଲେ। ସଂକଳ୍ପର ଅନୁଷ୍କା ଧଳ, ଦେବସ୍ମିତା ଟୁଙ୍ଗ, କାର୍ତ୍ତିକ ଧଳ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଶିଶିର ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ

**ବାରିପଦା, ୧୩।୨(ସମିସ):** ମୟୂରଭଞ୍ଜ ଜିଲ୍ଲାର ନୂତନ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭାବେ ଶିଶିର କୁମାର ମୁଦୁୟା ଦାୟିତ୍ୱ ନେଇଛନ୍ତି। ଏଥିସହ ବାରିପଦା ଉପଖଣ୍ଡର ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇବେ। ଏ ନେଇ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ପୂର୍ବରୁ ବିଜ୍ଞପ୍ତି ପ୍ରକାଶ ପାଇଥିବାବେଳେ ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି। ଦାୟିତ୍ୱ ନେବା ପରେ ୨୦୨୪ ବ୍ୟାଚ୍‌ର ଓଡ଼ିଶା ସୂଚନା ସେବା (ଓଆଇଏସ୍) ଅଧିକାରୀ ଶ୍ରୀ ମୁଦୁୟା କହିଛନ୍ତି, ସରକାରଙ୍କ ପ୍ରତିଟି ଯୋଜନାକୁ ଗଣମାଧ୍ୟମ ମାଧ୍ୟମରେ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବାକୁ ପ୍ରୟାସ କରିବେ। ସେହିପରି ଜିଲ୍ଲା ପ୍ରଶାସନର ବିଭିନ୍ନ କାର୍ଯ୍ୟକ୍ରମ ଓ ଲୋକାଭିମୁଖୀ ପଦକ୍ଷେପ ସହିତ ଲୋକଙ୍କୁ ଯୋଡ଼ିବେ। ଅଭିନବ ଶୈଳୀରେ ଜିଲ୍ଲାର ପରମ୍ପରା ଓ ସଂସ୍କୃତିକୁ ସୁଦୂର ପ୍ରସାରୀ କରିବାକୁ ମନୋନିବେଶ କରିବେ ବୋଲି କହିଛନ୍ତି।



**କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟା**

## ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା ପକ୍ଷରୁ ଦାବିପତ୍ର ପ୍ରଦାନ



**ମୋରଡା, ୧୩।୨(ସମିସ):** ମୋରଡା ବ୍ଲକ ଅନ୍ତର୍ଗତ ବାରମାଇଲଠାରେ ଥିବା କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଡିସେମ୍ବର ୨୩ ତାରିଖ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚାର ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ଦାସଙ୍କ ନେତୃତ୍ୱରେ ହସ୍ପିଟାଲର ବିଭିନ୍ନ ସମସ୍ୟା ନେଇ ଜେଏମଏମ କର୍ମୀ ଧାରଣାରେ ବସିଥିବାର ଦେଖିବାକୁ ମିଳିଥିଲା। ଯେଉଁ ଦାବି ସମାଧାନ ପାଇଁ ଦଳ ତରଫରୁ ଦୁଇ ମାସ ସମୟ ଦିଆଯାଇଥିଲା ସେଗୁଡିକ ବର୍ତ୍ତମାନ ସୁଦ୍ଧା ପୂରଣ ହୋଇନାହିଁ। ତେଣୁ ଶୁକ୍ରବାର ମେଡ଼ିକାଲ ଅଫିସରଙ୍କ ଜରିଆରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ଜେଏମଏମ କର୍ମୀ ଦାବିପତ୍ର ପ୍ରଦାନ କରିଛନ୍ତି। କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ପଦବୀ ପୂରଣ, ଗର୍ଭବତୀ ମହିଳାଙ୍କ ପାଇଁ ଏକ୍ସରେ ଓ ଅଲ୍ଟ୍ରାସାଉଣ୍ଡ ମେସିନ ସ୍ଥାପନ ଆଦି ଦାବି କରାଯାଇଛି। ଦାବି ପୂରଣ ନହେଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ମୋରଡା ବ୍ଲକ ଜେଏମଏମ ସଭାପତି ହେମନ୍ତ ମହାନ୍ତ ପ୍ରକାଶ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଅମୀର ଖାନ, ପବିତ୍ର ଦାସ, ଗଣେଶ ମହାନ୍ତ, ଜ୍ଞାନେଶ ପାତ୍ର, କୈଳାସ ମହାନ୍ତ, ସିପୁନ ଧନୀକ ଓ ଅନ୍ୟ କର୍ମୀମାନେ ଉପସ୍ଥିତ ଥିଲେ।

## ଦୁର୍ଘଟଣାରେ ଯୁବକ ମୃତ

**ରାଇରଙ୍ଗପୁର/କରଞ୍ଜିଆ, ୧୩।୨ (ସମିସ):** ଦ୍ରୁତଗାମୀ ଟ୍ରକ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକ ଜଣକ ଯଶିପୁର ଥାନା ଅନ୍ତର୍ଗତ ପଦ୍ମପୁର ଗ୍ରାମର ମନୋଜ ନାୟକ (୩୦)। ସେ ବାଇକ୍ ଯୋଗେ ହାଣ୍ଡିପୁଆଣ ଯାଉଥିବାବେଳେ ଜାହିରା ବାଙ୍କ ନିକଟରେ ଏକ ଟ୍ରକ୍ ତାଙ୍କୁ ପଛରୁ ଧକ୍କା ଦେଇଥିଲା। ସେ ଭାରସାମ୍ୟ ହରାଇ ରାସ୍ତା କଡରେ ପଡ଼ିଯାଇଥିଲେ। ଏହାପରେ ଟ୍ରକ୍ ତାଙ୍କ ଉପରେ ମାଡ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ପୁଲିସ ପହଞ୍ଚି ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପରିବାର ଲୋକଙ୍କ ଅଭିଯୋଗକ୍ରମେ ଟ୍ରକ ଓ ବାଇକକୁ ପୁଲିସ ଜବତ କରି ତଦନ୍ତ ଜାରି ରଖିଛି।

## ଶ୍ରୀଜଗନ୍ନାଥ ଦର୍ଶନ ଯାତ୍ରାରେ ମୟୂରଭଞ୍ଜରୁ ୬୪ ତୀର୍ଥଯାତ୍ରୀ




**ବାରିପଦା, ୧୩।୨(ସମିସ):** ରାଜ୍ୟ ସରକାରଙ୍କ ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା ନବରଙ୍ଗପୁରରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦଘାଟିତ ହୋଇଛି। ରାଜ୍ୟ ପର୍ଯ୍ୟଟନ ବିଭାଗ ଓ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ତରଫରୁ ବାରିପଦା କଲେଜ ପଡ଼ିଆରେ ଏକ ସଭା ଆୟୋଜିତ ହୋଇଛି। ମୁଖ୍ୟଅତିଥି ଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର, ସମ୍ମାନିତ ଅତିଥି ଭାବେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ, ବାରିପଦା ବିଧାୟକ ପ୍ରକାଶ ସୋରେନ ଉପସ୍ଥିତ ଥିଲେ। ଏ ଅବସରରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଡା. ମହାପାତ୍ର ଜଗନ୍ନାଥ ଦର୍ଶନ ଯୋଜନା ସମସ୍ତ ବରିଷ୍ଠ ନାଗରିକଙ୍କ ପାଇଁ ବିଶେଷ ଉପଲବ୍ଧି ହୋଇପାରିବା ସହ ମହାପ୍ରଭୁଙ୍କ ଦର୍ଶନ ପାଇଁ ଏହା ଏକ ଯୁଗାନ୍ତକାରୀ ଯୋଜନା ବୋଲି ଅଭିହିତ କରିଛନ୍ତି। ସେହିପରି ସମ୍ମାନିତ ଅତିଥି ଶ୍ରୀ ଖୁଣ୍ଟିଆ ଏହାଦ୍ୱାରା ଜଗନ୍ନାଥ ଦର୍ଶନର ଅଧୁରା ସ୍ୱପ୍ନ ସାକାର ହୋଇପାରିବ ବୋଲି କହିଥିଲେ। ଏ ଅବସରରେ ଉପସ୍ଥିତ ଅତିଥି 'ଶ୍ରୀଜଗନ୍ନାଥ ଦର୍ଶନ' ଯୋଜନାର ହିତାଧିକାରୀଙ୍କୁ କିଟ୍ ବ୍ୟାଗ ପ୍ରଦାନ କରିବା ସହ ସବୁଜ ପତାକା ଦେଖାଇ ପୁରୀ ଶ୍ରୀମନ୍ଦିର ଅଭିମୁଖେ ଯାଉଥିବା ବସ୍‌ର ଶୁଭାରମ୍ଭ କରିଛନ୍ତି। ମୟୂରଭଞ୍ଜ ଜିଲ୍ଲାର ୬୪ ଜଣ ତୀର୍ଥଯାତ୍ରୀ ଦୁଇଟି ବସ୍‌ରେ ଯାଇଛନ୍ତି। ଏଥିରେ ଚାରିଜଣ ଏସକର୍ଟ ଅଧିକାରୀ ଓ ଦୁଇଜଣ ମେଡିକାଲ ଅଫିସର ତୀର୍ଥଯାତ୍ରୀଙ୍କ ଯାତ୍ରାର ସୁଗମତା ପାଇଁ ନିୟୋଜିତ ଅଛନ୍ତି। ଜିଲ୍ଲାପାଳ ହେମକାନ୍ତ ସଏ, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଦୁଃଖବନ୍ଧୁ ନାୟକ, ଉପଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡ଼ା, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ହିମାଂଶୁ ମହାନ୍ତି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

**୧୯ରୁ ମାଟ୍ରିକ ପରୀକ୍ଷା**

## ନୋଡାଲ ଇନ୍‌ଚାର୍ଜ ଓ ସୁପରିଣ୍ଟେଣ୍ଡେଣ୍ଟଙ୍କ ଓରିଏଣ୍ଟେସନ କାର୍ଯ୍ୟକ୍ରମ

**ବାରିପଦା, ୧୩।୨ (ସମିସ)**

ଆସନ୍ତା ୧୯ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ବାର୍ଷିକ ଏଚଏସସି (ମାଟ୍ରିକ), ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ (ଏସଓଏସସି) ପରୀକ୍ଷାର ସୁଚାରୁ ପରିଚାଳନା ପାଇଁ ନୋଡାଲ ଇନଚାର୍ଜ ଓ ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟଙ୍କ ଓରିଏଣ୍ଟେସନ କାର୍ଯ୍ୟକ୍ରମ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ହେମକାନ୍ତ ସଏ, ଏସପି ବରୁଣ ଗୁଣ୍ଟୁପାଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକ, ଅତିରିକ୍ତ ଏସପି ସବିତା ମାଝୀ, ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶଶିଧର ସିଂ, ବିଜ୍ଞାନ ପରିଦର୍ଶକ ଜ୍ଞାନ ରଞ୍ଜନ ଆଚାର୍ଯ୍ୟ ଓ ଜିଲ୍ଲା ଭିନ୍ନକ୍ଷମ ସଂଯୋଜକ ନିରଞ୍ଜନ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ନିର୍ଦ୍ଦେଶନା ଦେଇଥିଲେ। ଚଳିତ ବର୍ଷ ମୟୂରଭଞ୍ଜ ଜିଲ୍ଲାରେ ମୋଟ ୬୨୭ଟି ହାଇସ୍କୁଲର ୩୨, ୫୮୪ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବା ପାଇଁ ଫର୍ମ ପୂରଣ କରିଛନ୍ତି। ଏଥିମଧ୍ୟରୁ ୩୧, ୮୦୬ଜଣ ମାଟ୍ରିକ, ୩୦୯ଜଣ ମଧ୍ୟମା ଓ ୪୬୯ଜଣ ଏସଓଏସସି ପରୀକ୍ଷାର୍ଥୀ ରହିଛନ୍ତି। ପରୀକ୍ଷା ପରିଚାଳନା ପାଇଁ ଜିଲ୍ଲାରେ ୧୮୪ଟି ପରୀକ୍ଷା କେନ୍ଦ୍ର ସହ ୨୧ଟି ନୋଡାଲ ସେଣ୍ଟର ସ୍ଥାପନ କରାଯାଇଛି। ପ୍ରଶ୍ନପତ୍ର ବୋର୍ଡ କାର୍ଯ୍ୟାଳୟରୁ ନୋଡାଲ କେନ୍ଦ୍ରଗୁଡ଼ିକରେ ପହଞ୍ଚିଛି। ନୋଡାଲ କେନ୍ଦ୍ରଗୁଡ଼ିକରେ କଡ଼ା ସୁରକ୍ଷା ବ୍ୟବସ୍ଥା ସହ ଏଆଇ ସିସି କ୍ୟାମେରା ଓ ପୁଲିସ ମୁତୟନ କରାଯାଇଛି। ୪୯ଟି ଡେସପାର୍ଚ ଟିମ୍ ନୋଡାଲ କେନ୍ଦ୍ରରୁ କଡ଼ା ସୁରକ୍ଷାରେ ପ୍ରଶ୍ନପତ୍ର ପରୀକ୍ଷା କେନ୍ଦ୍ରଗୁଡ଼ିକୁ ପଠାଇବେ। ସମ୍ବେଦନଶୀଳ ପରୀକ୍ଷା କେନ୍ଦ୍ରଗୁଡ଼ିକର ୧୦୦ ମିଟର ପରିଧି ମଧ୍ୟରେ ଅଯଥା ଭିଡ଼ ରୋକିବାକୁ କଟକଣା ଜାରି ହେବ। ଅପ୍ରୀତିକର ପରିସ୍ଥିତି ଏଡ଼ାଇବା ପାଇଁ ପୁଲିସ ପ୍ରଶାସନ ବ୍ୟାପକ ତଦାରଖ କରିବ। ପରୀକ୍ଷାକୁ ସ୍ୱଚ୍ଛ ରଖିବା ଓ ପ୍ରଶ୍ନପତ୍ର ଭାଇରାଲ ହେବାକୁ ରୋକିବା ପାଇଁ ବୋର୍ଡ ପକ୍ଷରୁ ନିଆଯିବାକୁ ଥିବା ପଦକ୍ଷେପ ସମ୍ବନ୍ଧରେ ଆଲୋଚନା ହୋଇଥିଲା। ପରୀକ୍ଷା ସମୟରେ କୌଣସି ଶିକ୍ଷକ କିମ୍ବା ପରୀକ୍ଷାର୍ଥୀ ମୋବାଇଲ୍ ଫୋନ୍ କେନ୍ଦ୍ର ମଧ୍ୟକୁ ନେଇପାରିବେ ନାହିଁ। ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ସେଠୀ ସମସ୍ତଙ୍କୁ ସହଯୋଗ କରି ପରୀକ୍ଷାକୁ ସୁଚାରୁରୂପେ ସମ୍ପନ୍ନ କରିବାକୁ କାମନା କରିଛନ୍ତି। ନୋଡାଲ ଇନଚାର୍ଜ ଓ ସୁପରିଣ୍ଟେଣ୍ଡେଣ୍ଟମାନେ ଏହି ନିର୍ଦ୍ଦେଶନା ଅନୁସାରେ କଡ଼ାକଡ଼ିରେ ପରୀକ୍ଷା ପରିଚାଳନା କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।



# ପରିଚୟ, ରୋଜଗାର ଦେଇଛି ଷ୍ଟ୍ରବେରି

**ବଣାଇଁ, ୧୩।୨(ସମିସ)**



ବଣାଇଁ ଉପଖଣ୍ଡ ଗୁରୁଣ୍ଡିଆ ବ୍ଲକ ନରେନ୍ଦ୍ର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ନରେନ୍ଦ୍ର ଗାଁର ଯୁବ ଚାଷୀ ଡିଲେଶ୍ୱର ବେହେରା ଷ୍ଟ୍ରବେରି ଚାଷ କରି ଅନ୍ୟ ଚାଷୀଙ୍କ ପାଇଁ ପ୍ରେରଣା ସାଜିଛନ୍ତି। ଉଚ୍ଚ ଶିକ୍ଷିତ ହୋଇ ବି ଚାକିରି କି ବ୍ୟବସାୟ ପଛରେ ନ ଗୋଡ଼ାଇ ପରିବା ଚାଷ ପ୍ରତି ଆଗ୍ରହ ଦେଖାଇ ୫ ବର୍ଷ ହେଲା ବିଭିନ୍ନ ପ୍ରକାର ପନିପରିବା ଚାଷ କରୁଥିଲେ। ଏକ ଏନଜିଓ ସଂସ୍ଥାରେ କାର୍ଯ୍ୟ କରିବା ବେଳେ ଷ୍ଟ୍ରବେରି ଚାଷ ବିଷୟରେ ଜାଣିବାକୁ ପାଇଥିଲେ। ପରେ ଉଦ୍ୟାନ ବିଭାଗର ସହଯୋଗରେ ଏବେ ପ୍ରଥମଥର ପାଇଁ ଷ୍ଟ୍ରବେରି ଚାଷ କରି ଭଲ ଦି ପଇସା ଲାଭ ପାଇବା ଆଶା ରଖିଛନ୍ତି। ୩୦୦୦ ଷ୍ଟ୍ରବେରି ଚାରା ଆଣି ଅଧ ଏକରରୁ ଊର୍ଦ୍ଧ୍ୱ ଜମିରେ ରୋପଣ କରିଛନ୍ତି। ପ୍ରଥମ ଥର ପାଇଁ ଡିସେମ୍ବର ମାସରେ ଚାଷ ଆରମ୍ଭ କରିଥିବାରୁ ତାଙ୍କ ଅଞ୍ଚଳର ଜଳବାୟୁ ଷ୍ଟ୍ରବେରି ଚାଷ ପାଇଁ କେତେଦୂର ସହାୟକ ହେବ ସେନେଇ ସେ ଆଶା ଆଶଙ୍କାରେ ଥିଲେ। ପ୍ରଥମ କରି ଚଳିତ ସପ୍ତାହରେ ୧୦ କିଲୋରୁ ଅଧିକ ଅମଳ କରିଥିବା ବେଳେ ସ୍ଥାନୀୟ ବଜାରରେ ୩ ଶହ ଟଙ୍କା ଦରରେ ବିକ୍ରି କରୁଛନ୍ତି। ପ୍ରଥମ ଥର ପାଇଁ ଏକ ଲକ୍ଷ ଟଙ୍କା ରୋଜଗାର କରିବା ସହ ଏଥିରେ ସେ ତାଙ୍କ ଗାଁର ୫ରୁ ଅଧିକ ଶ୍ରମିକଙ୍କୁ ନିୟୋଜିତ କରି ରୋଜଗାର ଦେଉଛନ୍ତି। ଷ୍ଟ୍ରବେରି ଭଳି ବିଦେଶୀ ଫଳ ଉତ୍ପାଦନ କରି ସଫଳ ହେବା ସହ ପ୍ରଶଂସା ସାଉଁଟୁଛନ୍ତି। ଏହାଦ୍ୱାରା ବଣାଇଁ ଅଞ୍ଚଳରେ ଚାଷ କ୍ଷେତ୍ରରେ ନୂଆ ସମ୍ଭାବନା ସୃଷ୍ଟି କରିଛନ୍ତି ଡିଲେଶ୍ୱର। ଚାଷ କାମରେ ଡିଲେଶ୍ୱରଙ୍କ ସଫଳତା ଆଗାମୀ ଦିନରେ ଅନ୍ୟମାନଙ୍କ ପାଇଁ ଉଦାହରଣ ହେବା ସହ ଯୁବ ଚାଷୀମାନଙ୍କୁ ଫଳ ଚାଷ ପାଇଁ ପ୍ରେରଣା ଯୋଗାଇବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# ସେଲ୍ ସାବାସ୍ ଯୋଜନାରେ ଆର୍‌ଏସ୍‌ପିର ବରିଷ୍ଠ ଅଧିକାରୀ ପୁରସ୍କୃତ



**ରାଉରକେଲା, ୧୩।୨(ସମିସ):** ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ମନ୍ଥନ ସମ୍ମିଳନୀ କକ୍ଷରେ ଶୁକ୍ରବାର ଆୟୋଜିତ ଏକ ସ୍ୱତନ୍ତ୍ର ପୁରସ୍କାର ଉତ୍ସବରେ ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ (ଡିଆଇସି) ଆଲୋକ ବର୍ମା ବିଭିନ୍ନ କାର୍ଯ୍ୟରେ ଉଲ୍ଲେଖନୀୟ ଅବଦାନ ପାଇଁ ସେଲ୍‌ଫ ଶାବାସ ପୁରସ୍କାର ଯୋଜନା ଅଧୀନରେ କାରଖାନାର ୫ ଜଣ ବରିଷ୍ଠ ଅଧିକାରୀଙ୍କୁ ପୁରସ୍କୃତ କରିଛନ୍ତି। ଏହି ଅବସରରେ ଏମଡି-ସିଏମଏଲଓର ନିର୍ବାହୀ ନିର୍ଦ୍ଦେଶକ ବି.କେ ଗିରି, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲ ଚୌଧୁରୀଙ୍କ ସହ ବହୁ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ପୁରସ୍କୃତ ଅଧିକାରୀଙ୍କ ମଧ୍ୟରେ ଏମ୍‌ଆରଡି ବିଭାଗର ଜିଏମ୍ ଏସ୍‌କେ ଭୂୟାଁ, ପିଡି ବିଭାଗର ଜିଏମ୍ ଜିବି ମିଶ୍ର, ଏଚଆର ଓଡି ବିଭାଗର ଜିଏମ୍ ଏସ୍ ବଡ଼ପଣ୍ଡା, ଏଫ୍ ଆଣ୍ଡ ଏ ବିଭାଗର ଡିଜିଏମ୍ ଡିକେ ସିଂହ ଏବଂ ଏମ୍‌ଏମ-ପର୍ଚେଜ୍ ବିଭାଗର ଏଜିଏମ୍ ବିପିନ ନାରାୟଣ ସାମିଲ ଥିଲେ। ଉଲ୍ଲେଖନୀୟ ଯେ, ଜି ବି ମିଶ୍ରଙ୍କୁ ୧୩୨ କେଭି ଟାୱାର ପୁନଃନିର୍ମାଣ କାର୍ଯ୍ୟ (ଏମଏସଡିଏସ-୩ ରୁ ସିପିପି-୨) ପାଇଁ ଓପିଟିସିଏଲ ରୁ ୫୩ ଲକ୍ଷ ଟଙ୍କାର ସଫଳ ସମନ୍ୱୟ ଏବଂ ପୁନରୁଦ୍ଧାରରେ ଉଲ୍ଲେଖନୀୟ ଅବଦାନ ପାଇଁ ଏହି ପୁରସ୍କାର ମିଳିଛି। ଏସ୍ କେ ଭୂୟାଁଙ୍କୁ ସର୍ବାଧିକ ୧୧.୦୭ ଲକ୍ଷ ଟନ୍ ବିଓଏଫ ସ୍ଲାଗ୍ (ଏପ୍ରିଲ-ଜାନୁଆରୀ'୨୬) ପ୍ରେରଣରେ ଯୋଗଦାନ ପାଇଁ ପୁରସ୍କୃତ କରାଯାଇଥିଲା। ଶ୍ରୀ ବଡପଣ୍ଡାଙ୍କୁ ରାଉରକେଲାରେ ପ୍ରଥମ ହାଫ୍ ମାରାଥନ୍ ୨୦୨୬ର ସଫଳ ପରିଚାଳନାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ପାଇଁ ଏହି ପୁରସ୍କାର ମିଳିଛି। ଡିକେ ସିଂହ ଆରଏସପିରେ କୋକ୍ ଡ୍ରାଏ କୁଲିଂ ପ୍ଲାଣ୍ଟ ଚୁକ୍ତିନାମା ପାଇଁ ମେସର୍ସ ଭିଲାଇ ଇଞ୍ଜିନିୟରିଂ କର୍ପୋରେସନ ଲିମିଟେଡ୍ ଦ୍ୱାରା ଦାଖଲ କରାଯାଇଥିବା ୪୦.୩୭ କୋଟି ଟଙ୍କାର ଏକ ନକଲି ପରଫର୍ମାନ୍ସ ବ୍ୟାଙ୍କ ଗ୍ୟାରେଣ୍ଟି ଚିହ୍ନଟ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ ପାଇଁ ପୁରସ୍କୃତ ହୋଇଥିଲେ। ବିପିନ ନାରାୟଣଙ୍କୁ ୨୦୨୫ ମସିହାରେ ସେଲର କ୍ରୟ କାର୍ଯ୍ୟରେ କାର୍ଯ୍ୟକ୍ଷମ ଉତ୍କର୍ଷତା ଏବଂ ଡିଜିଟାଲ୍ ନବସୃଜନ ମାଧ୍ୟମରେ ତାଙ୍କର ଅସାଧାରଣ ଅବଦାନ ପାଇଁ ପୁରସ୍କୃତ କରାଯାଇଥିଲା।

## ବନାଗ୍ନି ନିୟନ୍ତ୍ରଣ ନେଇ ପ୍ରଶିକ୍ଷଣ ଶିବିର

**କୋଇଡା, ୧୩।୨(ସମିସ):** କୋଇଡା ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ଜଙ୍ଗଲ ନିଆଁ ନିୟନ୍ତ୍ରଣ ନେଇ କୋଇଡା ଅଗ୍ନିଶମ ବାହିନୀ ଓ ବନ ବିଭାଗ ପକ୍ଷରୁ ମିଳିତ ଭାବେ ଏକ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଥିଲା। କୋଇଡା ବନାଞ୍ଚଳ ଅଧିକାରୀ ପ୍ରସନ୍ନ କୁମାର ପ୍ରଧାନ, କୋଇଡା ଫରେଷ୍ଟର ପ୍ରତାପ କୁମାର ସାହୁ, ତୋଡା ଫରେଷ୍ଟର ପ୍ରତାପ ସାମଲ, ଜାମୁଡିହି ଫରେଷ୍ଟର ପଦ୍ମଲୋଚନ ସିଂ, ରାଣିସାଲ ଫରେଷ୍ଟର ମନୋଜ କୁମାରଙ୍କ ଉପସ୍ଥିତିରେ ଉକ୍ତ କାର୍ଯ୍ୟକ୍ରମରେ କୋଇଡା ଅଗ୍ନିଶମ ବାହିନୀ ଅଧିକାରୀ ଅର୍ଜୁନ ମହାନ୍ତ ଓ ଟିମ୍ ଉପସ୍ଥିତ ଥିଲେ। ବନ ସୁରକ୍ଷା ବାହିନୀ, ବନ ବିଭାଗ କର୍ମଚାରୀଙ୍କୁ ତାଲିମ ଏଥିରେ ତାଲିମ ପ୍ରଦାନ କରାଯାଇଥିଲା।

## ଗୁରୁକୁଳ ବୈଦିକ ଆଶ୍ରମର ବାର୍ଷିକୋତ୍ସବ

**ରାଉରକେଲା, ୧୩।୨(ସମିସ):** ବେଦ ସଫଳ ମାନବ ଜୀବନର ଦିଗବାରେଣୀ ବୋଲି ବିଶିଷ୍ଟ ବୈଦିକ ବିଦ୍ୱାନମାନେ ବେଦବ୍ୟାସ ସ୍ଥିତ ଗୁରୁକୁଳ ବୈଦିକ ଆଶ୍ରମର ୬୬ତମ ବାର୍ଷିକ ମହୋତ୍ସବ ଓ ବେଦ ପାରାୟଣ ମହାଯଜ୍ଞରେ ମତ ପ୍ରକାଶ କରିଛନ୍ତି। ପ୍ରଭାତରେ ବର୍ଷିୟାନ୍ ବୈଦିକ ବିଦ୍ୱାନ ସ୍ୱାମୀ ବିଶୁଦ୍ଧାନନ୍ଦ ସରସ୍ୱତୀ ଓମ୍ ଧ୍ୱଜା ଉତ୍ତୋଳନ କରି ଆଶ୍ରମର ସଂସ୍ଥାପକ କର୍ମଯୋଗୀ ଦିବଙ୍ଗତ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ, ପରିବ୍ରାଜକ ସନ୍ଥ ଦିବଂଗତ ସ୍ୱାମୀ ପ୍ରଣବାନନ୍ଦ ସରସ୍ୱତୀ ଏବଂ ପୂର୍ବତନ ଅଧିଷ୍ଠିତା ଦିବଂଗତ ଆଚାର୍ଯ୍ୟ ଡଃ. ଦେବବ୍ରତଙ୍କର ବୈଦିକ ଚିନ୍ତନ, ସାଧ୍ୟାୟ ଓ ନିରଳସ ସେବା ସମ୍ପର୍କରେ ସୂଚନା ଦେଇଥିଲେ। ସଭାପତି ଡଃ. ଉମାକାନ୍ତ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଶିଷ୍ଟ ବେଦଜ୍ଞମାନେ ଆଶ୍ରମର ବ୍ରହ୍ମଚାରୀଙ୍କ ସହିତ ଏକ ପଟୁଆରରେ ନଗର ପରିକ୍ରମା କରିଥିଲେ। ଯଜ୍ଞ ପ୍ରବଚନ କାର୍ଯ୍ୟକ୍ରମରେ ବିଶିଷ୍ଟ ବେଦ ପ୍ରବାଚକ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା, ସ୍ୱାମୀ ସୋମବେଶ, ସ୍ୱାମୀ ଆତ୍ମାନନ୍ଦ ସରସ୍ୱତୀ, ସ୍ୱାମୀ ବିଶୁଦ୍ଧାନନ୍ଦ, ପ୍ରାଧ୍ୟାପକ ଡଃ. ଉମାକାନ୍ତ ପଣ୍ଡା, ପଣ୍ଡିତ ଦୀନମଣି ବାରିକ୍, ପଣ୍ଡିତ ଧନୁର୍ଦ୍ଧର ମହାପାତ୍ର, ବ୍ରହ୍ମଚାରୀ ନୃସିଂହ ନାଥ, ପଣ୍ଡିତ ବାସୁଦେବ ବ୍ରତୀ, ଆଚାର୍ଯ୍ୟ ଯୋଗେନ୍ଦ୍ର ଉପାଧ୍ୟାୟ, ଆଶ୍ରମର ସମ୍ପାଦକ ଅଶୋକ କୁମାର ଅଗ୍ରୱାଲ, ପଣ୍ଡିତ ଦୀନବନ୍ଧୁ ଶାସ୍ତ୍ରୀ, ପଣ୍ଡିତ ନକୁଳ ଦେବ ଆର୍ଯ୍ୟ, ପଣ୍ଡିତ ସୂର୍ଯ୍ୟନାଥ ସାହୁ, ଋଷି ଅକ୍ଷେଶ୍ୱର ଧାରୁଆ, ଶିକ୍ଷାବିତ୍ ପ୍ରଫୁଲ୍ଲ ଚନ୍ଦ୍ର ବାରିକ, ଶରତ କୁମାର ଦେହୁରୀ, ପଣ୍ଡିତ ପରିତୋଷ ଦାସ, ସୁବାସ ଚନ୍ଦ୍ର ସାହୁ ପ୍ରମୁଖ ପ୍ରଭାତଫେରିରେ ଯୋଗ ଦେଇଥିଲେ। ବେଦ ପାରାୟଣ ମହାଯଜ୍ଞରେ ଜାମ୍ମୁ ଓ କାଶ୍ମୀରର ପୂର୍ବତନ ଆରକ୍ଷୀ ମହାନିର୍ଦ୍ଦେଶକ ରଶ୍ମିରଞ୍ଜନ ସ୍ୱାଇଁ ଓ ତାଙ୍କ ସହଧର୍ମିଣୀ ରଞ୍ଜିତା ଦାସ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ବରିଷ୍ଠ ସାମ୍ବାଦିକ ଡଃ. ପୀତବାସ ମିଶ୍ର ଓ ରୀତା ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶନିବାର ବେଦ ସମ୍ମେଳନ ପ୍ରବଚନ ସହିତ ବ୍ରହ୍ମଚାରୀମାନଙ୍କ ଦ୍ୱାରା ଶାରୀରିକ କ୍ରୀଡ଼ା କୌଶଳ ପ୍ରଦର୍ଶନ କରାଯିବ। ୧୫ ତାରିଖ ମହାଶିବରାତ୍ରି ଦିନ ଏହା ଉଦ୍‌ଯାପିତ ହେବ ବୋଲି ଜଣାପଡ଼ିଛି।

## ଆର୍‌ଡି ବର୍ମନଙ୍କ ସ୍ମୃତିରେ ସଙ୍ଗୀତ ସନ୍ଧ୍ୟା



**ରାଉରକେଲା, ୧୩।୨(ସମିସ):** ରାଉରକେଲାର ଭଞ୍ଜଭବନ ଅଡିଟୋରିଅମ୍ ହଲ୍‌ରେ ଆରଡି ବର୍ମନଙ୍କ ସ୍ମୃତିରେ ସଙ୍ଗୀତ ସଂଧ୍ୟା 'ଇକୋଦିଲା' ଆୟୋଜିତ ହୋଇଛି। ଅଶୋକ ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଶିଷ୍ଟ ଅତିଥିମାନଙ୍କ ମଧ୍ୟରେ ତ୍ରିଲୋଚନ ଛାବ୍ରା, ସୁନୀଲ କାୟାଲ, ଆଡଭୋକେଟ୍ ସତ୍ୟବ୍ରତ ଓଝା, କମଳ ଅଗରୱାଲ, ନିରଞ୍ଜନ ଗୁପ୍ତ ଓ ଦିଲୀପ ଜେନା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଭାରତର ମହାନ ସଙ୍ଗୀତ ଯାଦୁଗର ଆର୍‌ଡି ବର୍ମନଙ୍କୁ ଆୟୋଜକ ଓ ସମସ୍ତ କଳାକାରମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ରାଉରକେଲାର ଦୁଇଜଣ ଅତ୍ୟନ୍ତ ଲୋକପ୍ରିୟ କଳାକାର ଶମ୍ମି ଓ ତରୁଣଙ୍କ ଦ୍ୱାରା ଆୟୋଜିତ ରଙ୍ଗାରଙ୍ଗ ସନ୍ଧ୍ୟାରେ 'ଦୋରେ ମି ମ୍ୟୁଜିକାଲ ବ୍ୟାଣ୍ଡ, ରାଞ୍ଚି'ର କଳାକାରମାନେ ମଧୁର ସଙ୍ଗୀତ ପ୍ରସ୍ତୁତି ଦ୍ୱାରା ସମଗ୍ର ପରିବେଶକୁ ସୁରମୟ କରିଥିଲେ। ସ୍ୱେତାଲୀନା ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରାଉରକେଲା ସହିତ ସହର ବାହାରୁ ଆସିଥିବା ପ୍ରତିଭାଶାଳୀ ଓ ଅଭିଜ୍ଞ ଗାୟକମାନଙ୍କ ମଧ୍ୟରେ ରଞ୍ଜୁ ମହାନ୍ତି, ତରୁଣ, ଦୀପକ ଶ୍ରେଷ୍ଠ ଓ ରାହୁଲ ଶତପଥୀଙ୍କ ସମେତ ମହିଳା ଗାୟିକା ସୁଜାତା, ମାହି, ସିମି ଓ ବର୍ଷା ପ୍ରମୁଖ ଯୋଗ ଦେଇ ସଙ୍ଗୀତ ଗାନ କରିଥିଲେ। ଶଙ୍କର ବାସୁଦେବନ କାର୍ଯ୍ୟକ୍ରମକୁ ସଫଳତାର ସହିତ ସମ୍ପନ୍ନ କରିଥିଲେ।

## ରୋଗୀ କଲ୍ୟାଣ ସମିତି ବୈଠକ

**ବଣାଇଁ, ୧୩।୨(ସମିସ):** ବଣାଇଁ ବ୍ଲକ ସ. ବଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ଶୁକ୍ରବାର ରୋଗୀ କଲ୍ୟାଣ ସମିତିର ସାଧାରଣ ବୈଠକ ହୋଇଯାଇଛି। ଏହି ଅବସରରେ ଯକ୍ଷ୍ମା ରୋଗୀଙ୍କ ପୁଷ୍ଟି ନିମନ୍ତେ ଏମସିଏଲ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରଦତ୍ତ ଖାଦ୍ୟ ସାମଗ୍ରୀକୁ ବଣେଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଯକ୍ଷ୍ମା ରୋଗୀଙ୍କୁ ପ୍ରଦାନ କରିଥିଲେ। ଏହି ଅବସରରେ ବିଧାୟକ ଉତ୍ତମ ପୁଷ୍ଟିକର ଖାଦ୍ୟ ଖାଇବା ସହିତ ଔଷଧର ଉଚିତ ମାତ୍ରା ଖାଇଲେ ଯକ୍ଷ୍ମା ରୋଗରୁ ସମ୍ପୂର୍ଣ୍ଣ ଆରୋଗ୍ୟ ମିଳିପାରିବ ବୋଲି କହିଥିଲେ। ବ୍ଲକ ଅଧ୍ୟକ୍ଷା ମଞ୍ଜୁଲତା କିସାନ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକ୍ଷ ଡ. ବିଶ୍ୱ ରଞ୍ଜନ ସାହୁ, ଡ. ଶୁଭ୍ରାଂଶୁ ବେହେରା, ଶିଶୁ ବିକାଶ ଅଧିକାରୀ ବୀଣାପାଣି ନାଏକ, ବିପିଏମ୍ ତୁଷାରକାନ୍ତ ମହାପାତ୍ର, ପିଏଚଇଓ ପ୍ରଦୀପ୍ତ ମିଶ୍ର, ଏସ୍‌ଟିଏସ୍ ପ୍ରଦୀପ୍ତ ମଲ୍ଲ ଏବଂ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ଜିଲ୍ଲା ମହୋତ୍ସବ 'ଯତରା' ଉଦ୍‌ଯାପିତ



**ରାଉରକେଲା, ୩।୨(ସମିସ):** ଉଦ୍‌ଯାପିତ ହୋଇଛି ସୁନ୍ଦରଗଡ଼ ଜିଲ୍ଲା ମହୋତ୍ସବ ଯତରା-୨୦୨୬। ଏହି ଉଦ୍‌ଯାପନୀ ସନ୍ଧ୍ୟାରେ ଯତରା ମଞ୍ଚକୁ ହକି କିମ୍ବଦନ୍ତୀ ମାଇକେଲ କିଣ୍ଡୋଙ୍କ ନାମରେ ସମର୍ପଣ କରାଯାଇଥିଲା। ଏହି ଅବସରରେ କଳା ଓ ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସୁଶ୍ରୀ ଲକ୍ଷ୍ମୀ ପ୍ରଭା ପତି ଓ ସୁଶ୍ରୀ ସସ୍ମିତା ଏବଂ ସମାଜପ୍ରତି ଉଲ୍ଲେଖନୀୟ ଅବଦାନ ନିମନ୍ତେ 'ଟିମ ଶ୍ମଶାନ ବନ୍ଧୁ' କୁ ସୁନ୍ଦରଗଡ଼ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିଭଳି ସାହସିକତା ନିମନ୍ତେ ପୁଲିସ କର୍ମଚାରୀ, ଅଗ୍ନିଶମ କର୍ମଚାରୀ ଏବଂ ରାଉରକେଲାର ଜରୁରୀକାଳୀନ ବିମାନ ଅବତରଣ ସମୟରେ ସହଯୋଗ କରିଥିବା ଜଣେ ଗ୍ରାମବାସୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ବ୍ଲକସ୍ତରୀୟ ଯତରା ଆୟୋଜନ ନିମନ୍ତେ ସମସ୍ତ ବ୍ଲକମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିଭଳି ଯତରା ଅବସରରେ ବିଭିନ୍ନ ଛକମାନଙ୍କରେ ଅଂଶ ଗ୍ରହଣ କରିଥିବା ବିଭିନ୍ନ ଅନୁଷ୍ଠାନ, ବିଭିନ୍ନ କମିଟି ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏଥିରେ ରାଉରକେଲାର ନୃତ୍ୟ ମଲ୍ହାର ଦ୍ୱାରା ଓଡ଼ିଶୀ ନୃତ୍ୟ, କଳାହାଣ୍ଡିର ଘୁମୁରା ନୃତ୍ୟ, ମହାରାଷ୍ଟ୍ରର ଲାଭନୀ ନୃତ୍ୟ, ଫେଟ୍ ଫାଇଟରେ, ପୁରୀ ଦ୍ୱାରା ମାଲଖମ୍ବ ଏବଂ ଓଲିଉଡରୁ ଦିବ୍ୟାଦିଶା ମହାନ୍ତି ଓ କୁକିଜ ସ୍ୱାଇଁଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷ ସନ୍ଧ୍ୟାରେ କଣ୍ଠଶିଳ୍ପୀ ମଣ୍ଟୁ ଛୁରିଆ ସମ୍ବଲପୁରୀ ସମେତ ବହୁ ହିଟ୍ ଗୀତ ଗାଇ ଦର୍ଶକଙ୍କୁ ଝୁମାଇଥିଲେ।

# ରାଉରକେଲା ପୁସ୍ତକ ମହୋତ୍ସବ ଉଦ୍‌ଯାପିତ




ରାଉରକେଲା, ୧୩।୨(ସମିସ): ରାଉରକେଲା ଇସ୍ପାତ କାରଖାନା (ଆରଏସପି) ସହଭାଗିତାରେ ଭଞ୍ଜ ସାଂସ୍କୃତିକ ନ୍ୟାସ ଦ୍ୱାରା ଆୟୋଜିତ ରାଉରକେଲା ପୁସ୍ତକ ମହୋତ୍ସବ-୨୦୨୬ ଗୁରୁବାର ଭଞ୍ଜ ଭବନ ପରିସରରେ ଉଦ୍‌ଯାପିତ ହୋଇଥିଲା। ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅମୀୟ କୁମାର ରଥ, ଦୀପିକା ମହିଳା ସଂଘତିର ଅଧ୍ୟକ୍ଷା ନମ୍ରତା ବର୍ମା ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଏହି ଅବସରରେ ମାନବ ସମ୍ବଳ ବିଭାଗର ସିଜିଏମ ତଥା ଭଞ୍ଜ ସାଂସ୍କୃତିକ ନ୍ୟାସର ଉପାଧ୍ୟକ୍ଷ ମାନସ ରଥ, ସିସିଡବ୍ଲ୍ୟୁ ବିଭାଗର ସିଜିଏମ ତଥା ଭଞ୍ଜ ସାଂସ୍କୃତିକ ନ୍ୟାସର ସମ୍ପାଦକ ଆଲୋକ କୁମାର ବେହେରା, ଭଞ୍ଜ ସାଂସ୍କୃତିକ ନ୍ୟାସର ଅନ୍ୟାନ୍ୟ ସଦସ୍ୟ, ସହରର ବହୁ ପ୍ରସିଦ୍ଧ ଲେଖକ ଏବଂ କଳାକାର, ବହୁ ସଂଖ୍ୟକ ପୁସ୍ତକପ୍ରେମୀ ଉପସ୍ଥିତ ଥିଲେ। ଓଡ଼ିଶାର ପ୍ରସିଦ୍ଧ କଳାକାର ଏବଂ ନାଟ୍ୟକାର ଲଲାଟେନ୍ଦୁ ରଥଙ୍କୁ କଳା, ସଂସ୍କୃତି, ନାଟକ ଏବଂ ସିନେମା କ୍ଷେତ୍ରରେ ତାଙ୍କ ଅବଦାନ ପାଇଁ 'ରାଉରକେଲା ପୁସ୍ତକ ମହୋତ୍ସବ ସମ୍ମାନ-୨୦୨୬'ରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ପ୍ରଫେସର ରଥ ନିୟମିତ ପାଠ ପିଲାମାନଙ୍କ ମଧ୍ୟରେ ଧୈର୍ଯ୍ୟ, ଦୃଢ଼ତା ଏବଂ ବୌଦ୍ଧିକ ଗଭୀରତା କିପରି ବିକଶିତ କରେ ତାହା ଉପରେ ଆଲୋକପାତ କରିଥିଲେ। ଶ୍ରୀମତୀ ବର୍ମା ପୁସ୍ତକ ମେଳା ଲୋକଙ୍କ ପାଇଁ ସେମାନଙ୍କର ଜ୍ଞାନ ଦିଗନ୍ତକୁ ବିସ୍ତାର କରିବା ପାଇଁ ଏକ ମୂଲ୍ୟବାନ ସୁଯୋଗ ପ୍ରଦାନ କରେ ବୋଲି କହିଥିଲେ। ପ୍ରଫେସର ରଥ ଏବଂ ଶ୍ରୀମତୀ ବର୍ମା ଏହି ମହୋତ୍ସବ ସମୟରେ ଆୟୋଜିତ ଶାସ୍ତ୍ରୀୟ ଏବଂ ଅର୍ଦ୍ଧ ଶାସ୍ତ୍ରୀୟ ସଙ୍ଗୀତ, ତବଲା ବାଦନ, ଶ୍ଲୋକ ସଙ୍ଗୀତ, ବକ୍ତୃତା, ଶାସ୍ତ୍ରୀୟ ଏବଂ ଅର୍ଦ୍ଧ ଶାସ୍ତ୍ରୀୟ ନୃତ୍ୟ, ଫ୍ୟାନ୍ସି ଡ୍ରେସ୍, ଚିତ୍ରାଙ୍କନ ଏବଂ ପାଠୋତ୍ତର ଭଳି ପ୍ରତିଯୋଗିତାରେ ଉତ୍କର୍ଷ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ। ଭଞ୍ଜ କଳା କେନ୍ଦ୍ରର ସାଧାରଣ ସମ୍ପାଦକ ରାଧାକୃଷ୍ଣ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ୧୦ ଦିନିଆ ପୁସ୍ତକ ମହୋତ୍ସବରେ କଟକ, ଭୁବନେଶ୍ୱର, ସମ୍ବଲପୁର ଏବଂ ନୂଆଦିଲ୍ଲୀର ପ୍ରସିଦ୍ଧ ପ୍ରକାଶକଙ୍କ ୧୧୦ଟି ଷ୍ଟଲ୍ ଖୋଲିଥିଲା।

# ବିପଣନ ମାଧ୍ୟମରେ ସେଲ୍‌ର ୨୦ ନିୟୁତ ଟନ୍ ବିକ୍ରି ଲକ୍ଷ୍ୟ ଧାର୍ଯ୍ୟ

**ରାଉରକେଲା, ୧୩।୨(ସମିସ):** ଭାରତର ସର୍ବବୃହତ ରାଷ୍ଟ୍ରାୟତ ଇସ୍ପାତ କମ୍ପାନୀ, ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ସେଲ୍‌ଫ), ଭବିଷ୍ୟତ ପାଇଁ ଏକ ନୂତନ ଏବଂ ଦୃଢ଼ ଯୋଜନା ଆରମ୍ଭ କରୁଛି। କମ୍ପାନୀର ପ୍ରାଥମିକ ଉଦ୍ଦେଶ୍ୟ ଏହାର ଆର୍ଥିକ ସ୍ଥିତିକୁ ଉନ୍ନତ କରିବା, ବଜାର ଉପସ୍ଥିତିକୁ ସୁଦୃଢ଼ କରିବା ରହିଛି। ଏହାସହ ସେଲ୍‌ଫର ଋଣଭାର ହ୍ରାସ କରିବା ମଧ୍ୟ ଲକ୍ଷ୍ୟ ରହଛି। ଦେଶରେ ଇସ୍ପାତର ବର୍ଦ୍ଧିତ ଚାହିଦାକୁ ପୁଞ୍ଜି କରିବା ପାଇଁ ସେଲ୍‌ଫ ଏହାର ପରିସରକୁ ବିସ୍ତାର କରୁଛି। ୨୦୨୪-୨୫ ଆର୍ଥିକ ବର୍ଷରେ ବିକ୍ରୟ ୧୭.୯ ନିୟୁତ ଟନ୍ ଥିବା ବେଳେ, ୨୦୨୫-୨୬ ଆର୍ଥିକ ବର୍ଷରେ ଏହାକୁ ୨୦ ନିୟୁତ ଟନ୍‌କୁ ବୃଦ୍ଧି କରିବା ଲକ୍ଷ୍ୟ ରଖାଯାଇଛି। ଆର୍ଥିକ ବର୍ଷ ୨୦୨୬ର ତୃତୀୟ ତ୍ରୟମାସିକ ଆୟ ଆଲୋଚନା ହୋଇଥିଲା। ନିର୍ଦ୍ଦେଶକ (ଅର୍ଥ) ତଥା ନିର୍ଦ୍ଦେଶକ (ବାଣିଜ୍ୟିକ ଅତିରିକ୍ତ ଦାୟିତ୍ୱ) ଡକ୍ଟର ଏକେ ପଣ୍ଡା କମ୍ପାନୀର ସଫଳତା ଉପରେ ଆଲୋକପାତ କରିଥିଲେ। ସେ ଉଲ୍ଲେଖ କରିଥିଲେ ଯେ ଋଣ ହ୍ରାସ ଉପରେ ଗୁରୁତ୍ୱ ଦିଆଯାଉଛି। ୨୦୨୫ ଏପ୍ରିଲରୁ ନଅ ମାସ ମଧ୍ୟରେ ୫୦୦୦ କୋଟି ଋଣ ପରିଶୋଧ ହୋଇଛି। ୨୦୨୫ ଡିସେମ୍ବର ୩୧ ସୁଦ୍ଧା ଋଣ ୨୪୮୫୨ କୋଟି ଥିଲା, ଏହା ପରେ ୨୦୨୬ ଜାନୁଆରୀରେ ୨୦୦୦ କୋଟିକୁ ହ୍ରାସ ପାଇଛି। ଏହି ଶୃଙ୍ଖଳିତ ଡିଲିଭେରେଜିଂ ଆର୍ଥିକ ଖର୍ଚ୍ଚ ହ୍ରାସ କରିଛି ଏବଂ ଅଭିବୃଦ୍ଧି ନିବେଶ ପାଇଁ ସୁଯୋଗ ସୃଷ୍ଟି କରିଛି। ୨୦୨୫-୨୬ ଆର୍ଥିକ ବର୍ଷରେ ନଅ ମାସ (ଏପ୍ରିଲ-ଡିସେମ୍ବର ୨୦୨୫) ମଧ୍ୟରେ ବିକ୍ରୟ ପରିମାଣରେ ୧୬.୩% ବୃଦ୍ଧି ଘଟିଛି। କମ୍ପାନୀ ଗୁରୁତ୍ୱପୂର୍ଣ୍ଣ ଇନଭେଣ୍ଟରୀ ଲିକ୍ୟୁଡେସନ୍ ମଧ୍ୟ ସକ୍ଷମ କରିଛି। ପ୍ରକ୍ରିୟାକରଣ ଚୁଡାନ୍ତ ଇସ୍ପାତ ଷ୍ଟକ୍ ଉଭୟକୁ ହ୍ରାସ କରି, ସେଲ ନଗଦ ପ୍ରବାହ ବୃଦ୍ଧି କରିଛି ଏବଂ କାର୍ଯ୍ୟକାରୀ ପୁଞ୍ଜି ଆବଶ୍ୟକତାକୁ ହ୍ରାସ କରିଛି। କମ୍ପାନି ଖର୍ଚ୍ଚ ହ୍ରାସ କରିବା ଦ୍ୱାରା ପ୍ରତି ଟନ୍ ପ୍ରତି କର୍ମଚାରୀ ଖର୍ଚ୍ଚ ଦକ୍ଷତାରେ ନିରନ୍ତର ଉନ୍ନତି ହେଉଛି। ଏହା ସହିତ, ସେଲ ଅନୁପାଳନ ଆବଶ୍ୟକତା ପୂରଣ କରିବା ଏବଂ ଖର୍ଚ୍ଚ ହ୍ରାସ କରିବା ପାଇଁ ଅଧିକ ନବୀକରଣୀୟ ଶକ୍ତି ବ୍ୟବହାର କରୁଛି, ଯାହା ଫଳରେ ଶକ୍ତି ଖର୍ଚ୍ଚରେ ଢାଞ୍ଚାଗତ ସଞ୍ଚୟ ହେଉଛି। ଏହି ପଦକ୍ଷେପଗୁଡିକ କମ୍ପାନୀର ବ୍ୟାପକ ସ୍ଥାୟୀତ୍ୱ ଏଜେଣ୍ଡା ଅନୁରୂପ ରହିଛି।

## ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**କୁତ୍ରା, ୧୩।୨(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଗଇରବାହାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ସରତ କୁମାର ପତି ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ କୁତ୍ରା ଥାନା ଅଧିକାରୀ ଲୋକେଶ୍ୱର ସାହୁ, କେନ୍ଦ୍ରୀୟ ବିଦ୍ୟାଳୟର ଅଧକ୍ଷ ହେମାନନ୍ଦ ବାରିକ, ଏସବିଆଇ ମେନେଜେର ସନାତନ ଭୋଇ, ସ୍ୱେଚ୍ଛାସେବୀ ବିଦ୍ୟାଧର ସାହୁ, ନୂଆଁ ଗାଁ ସରପଞ୍ଚ ସାୟୁନ ସମାଦ ଓ ସମିତିସଭ୍ୟା ଜ୍ୟୋସ୍ନା କେରକେଟା ଯୋଗଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶ୍ନ କୁମାର ଧଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟାପକ ଅଶୋକ ସିନ୍ଧୁରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ତରକେର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଲୋକନାଥ ପ୍ରଧାନ ମୁଖ୍ୟବକ୍ତା ଭାବରେ ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ସଞ୍ଜୟ ଠାକୁର ଧନ୍ୟବାଦ ଅର୍ପଣ କରିଥିଲେ। ପୁନମ ତୀର୍କି, ସମିର ପୁରୋହିତ, ଅଜୟ ପ୍ରଦାନ, ପୁଲସ୍ତି ସାହୁ, ଧନୁ ସାହୁ, ଜସବନ୍ତି ନାୟକ, ବିଶାଳ ନାଗ ଓ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## କୋଇଡାରେ ଲାଗିଲା ୨୭ ସିସିଟିଭି

**କୋଇଡା, ୧୩।୨(ସମିସ):** କୋଇଡା ଥାନାରେ ନୂତନ ଭାବେ ଯୋଗ ଦେଇଥିବା ଥାନା ଅଧିକାରୀ ରାଜେନ୍ଦ୍ର ସ୍ୱାଇଁଙ୍କ ନିର୍ଦ୍ଦେଶ କ୍ରମେ କୋଇଡା ଖଣି ବହୁଳ ଅଞ୍ଚଳରେ ଦୈନନ୍ଦିନ ବଢୁଥିବା ଚୋରି, ଡକାୟତି ଓ ବିଭିନ୍ନ ଅପରାଧୀକ ମାମଲାରେ ଅଙ୍କୁଶ ଲଗାଇବା ପାଇଁ କୋଇଡା ସହର ସାରା ଉଚ୍ଚମାନର ୨୭ଟି ୱେବ୍ ସିସିଟିଭି କ୍ୟାମେରା ଲଗାଯାଇଛି। ପରବର୍ତ୍ତୀ ପର୍ଯ୍ୟାୟରେ ଗ୍ରାମାଞ୍ଚଳ ରାସ୍ତା, ବାଇପାସ୍ ଓ ମୁଖ୍ୟ ଛକ ମାନଙ୍କରେ ସିସିଟିଭି କ୍ୟାମେରା ଲଗାଯିବାର ପ୍ରସ୍ତାବ ରହିଛି। ଏହି ସିସିଟିଭି କ୍ୟାମେରା ଅପରାଧୀକ ମାମଲା ହ୍ରାସ ହେବା ସହିତ ଟ୍ରାଫିକ୍ ନିୟନ୍ତ୍ରଣରେ ସହାୟକ ହେବ ବୋଲି ଶ୍ରୀ ସ୍ୱାଇଁ ପ୍ରକାଶ କରିଥିଲେ।

# ଆନ୍ତଃ ଜିଲ୍ଲା ଭଲିବଲ ପ୍ରତିଯୋଗିତା; କୁତ୍ରା ଚାମ୍ପିଅନ୍

**ରାଉରକେଲା, ୧୩।୨(ସମିସ)**



ସ୍ଥାନୀୟ ସେକ୍ଟର-୯ ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ ସେକ୍ଟର-୯ ମାର୍କେଟ ପଡ଼ିଆରେ ଏକ ତ୍ରି ଦିବସୀୟ ଇଣ୍ଟର ସୁନ୍ଦରଗଡ଼ ଓ ଭେଟେରାନ୍ ଭଲିବଲ ପ୍ଲେୟାର ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଚଳିତ ଫେବୃଆରୀ ୧୦ ତାରିଖରୁ ୧୨ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ମୋଟ ୯ ଗୋଟି ଦଳ ଅଂଶଗ୍ରହଣ କରିଥିଲେ। ନକ୍ ଆଉଟ ପଦ୍ଧତିରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ୪ ଗୋଟି ଦଳ ମଧ୍ୟରେ ସେକ୍ଟର - ୯ ବରିଷ୍ଠ ବର୍ଗ, ସେକ୍ଟର-୯ କନିଷ୍ଠ ବର୍ଗ, ଜଲଦା ଓ କୁତ୍ରା ସେମିଫାଇନାଲ ରାଉଣ୍ଡ ପାଇଁ ଯୋଗ୍ୟତା ହାସଲ କରିଥିଲେ। ଶେଷରେ କୁତ୍ରା ଓ ସେକ୍ଟର - ୯ ମଧ୍ୟରେ ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚରେ କୁତ୍ରା ଦଳ ସେକ୍ଟର -୯ ବରିଷ୍ଠକୁ ହରାଇ ଚାମ୍ପିଅନ୍ ହୋଇଥିଲା। ଶେଷରେ ଚମ୍ପିୟାନ ଦଳ କୁତ୍ରା ଦଳକୁ ୫ ହଜାର ଟଙ୍କା ଓ ଟ୍ରଫି ଏବଂ ରନର୍ସ ଦଳ ସେକ୍ଟର -୯ ଦଳକୁ ୪ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରିଥିଲେ। ସର୍ବଶ୍ରେଷ୍ଠ ଖେଳାଳି ଭାବେ କୁତ୍ରା ଦଳର ଅସିତ ଓ ଶ୍ରେଷ୍ଠ ସେଟପର ଭାବେ ସେକ୍ଟର-୯ ଦଳର ଖେଳାଳି ରାଜେଶ ଆଚାର୍ଯ୍ୟ ପୁରସ୍କୃତ ହୋଇଥିଲେ। ଭେଟେରାନ କପ ପ୍ରତିଯୋଗିତାରେ ସେକ୍ଟର-୯ ଦଳ ସେକ୍ଟର-୬ ଦଳକୁ ପରାସ୍ତ କରି ବିଜୟୀ ହୋଇଥିଲେ। ଜାତୀୟ ରେଫେରୀ ନିରଞ୍ଜନ ନାୟକ, ଖେଲୋ ଇଣ୍ଡିଆର ରେଫରୀ ସସ୍ମିତା ଦାସ, ରେଫେରୀ ସଞ୍ଜୀବ କୁମାର ଚାନ୍ଦ, ଶୁଶାନ୍ତ ଶେଖର ଗୌଡ ଏବଂ ରେଫରୀ ଆନ୍ନା କେରକେଟା, ଭେଟେରାନ ରେଫେରୀ ଜ୍ଞାନ ରଞ୍ଜନ ପ୍ରହରାଜ ପରିଚାଳନା କରିଥିଲେ। ସେକ୍ଟର-୯ ସ୍ପୋର୍ଟସ କ୍ଲବର ମୁଖ୍ୟ ମାନସ ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉଦଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ ଓଡ଼ିଶା ଭଲିବଲ ଦଳର ପୂର୍ବତନ ଖେଳାଳି ତଥା ରାଜ୍ୟ ଚେସ୍‌ର ସଭାପତି ଗୋବିନ୍ଦ ଚନ୍ଦ୍ର ମହାପାତ୍ର ଓ ଶିଳ୍ପପତି ତଥା କ୍ଲିନ ଏଣ୍ଡ ଗ୍ରୀନ ସମ୍ପାଦକ ପ୍ରଦୀପ କୁମାର ଦାସ ଯୋଗ ଦେଇଥିଲେ। ସେକ୍ଟର-୯ ମଙ୍ଗଳା ମନ୍ଦିର ସଭାପତି ବିଜୟ କୁମାର ମହାରଣା, ସେକ୍ଟର-୯ ୱେଲଫେୟାର କମିଟି ସମ୍ପାଦକ ପ୍ରଶାନ୍ତ ଗଡ଼ନାୟକ ଓ ସେକ୍ଟର-୯ ଦୁର୍ଗାପୂଜା କମିଟିର ସଭାପତି କେଦାରନାଥ ପରିଡ଼ା ଅତିଥି ଭାବେ ଯୋଗ ଦେଇଥିଲେ। ଭେଟେରାନ୍ ଭଲିବଲ ମ୍ୟାଚକୁ ବିକାଶ ସ୍କୁଲର ଅଧ୍ୟକ୍ଷ ବାପୁନ ରାଉତ ଉଦଘାଟନ କରିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ସେକ୍ଟର-୯ ଡିପିସିର ସଭାପତି କେଦାର ପରିଡ଼ା, ୱେଲଫେୟାର କମିଟିର ସମ୍ପାଦକ ପ୍ରଶାନ୍ତ ଗଡ଼ନାୟକ, ସମାଜସେବୀ ବିଶ୍ୱଜିତ ତ୍ରିପାଠୀ ଯୋଗ ଦେଇ ବିଜୟୀ ଦଳକୁ ପୁରସ୍କୃତ କରିଥିଲେ। ଏହି ପ୍ରତିଯୋଗିତାକୁ ସେକ୍ଟର-୯ ୱେଲଫେୟାର କମିଟିର ସଦସ୍ୟ ପୂର୍ଣ୍ଣନନ୍ଦ ବାରିକ, ପ୍ରଫୁଲ୍ଲ ରାଉତ, ମିଟୁ ସେଠ, ସତ୍ୟନାରାୟଣ ନେଟି, ଚନ୍ଦନ ମଜୁମଦାର, ରାଜେନ୍ଦ୍ର ଜେନା, ପରିକ୍ଷିତ ଗୁରୁ, ରାଜେଶ ଦାସ, ଅଶୋକ ବେହେରା ଓ ସେକ୍ଟର-୯ ସ୍ପୋର୍ଟସ୍ କ୍ଲବର ସଦସ୍ୟ ଅକ୍ଷୟ, ଗଣେଶ୍ୱର, କମଳ, ମନୋଜ, ଗୁଲିଡି, ଧୀରୁ, ଗୋପାଳ, ଶ୍ରୀନି ମୃତ୍ୟୁଞ୍ଜୟ, କରୁଣା, ଉମାକାନ୍ତ, ସୁଶାନ୍ତ, ଅମରଜିତ, ବିଶ୍ୱ, ବିକି, ସ୍ୟାଣ୍ଡି, ଶ୍ରୀନିବାସ, ନିର୍ମାଲ୍ୟ, ଚିତ୍ତ ରଞ୍ଜନ, ଦେବାଶିଷ, ପ୍ରମୁଖ ସହଯୋଗ କରିଥିଲେ।

## ଚାଷ ଓ ବ୍ୟବସାୟିକ କାର୍ଯ୍ୟରେ ପିଇବା ପାଣି

# ବିଡିଓଙ୍କ ଷ୍ଟିଙ୍ଗ୍ ଅପରେସନ; ୧୦ଟି ପମ୍ପ ଓ ପାଇପ୍ ଜବତ

କେନ୍ଦ୍ରାପଡ଼ା, ୧୩।୨(ସମିସ)

ପାନୀୟ ଜଳକୁ ଚୋରି କରି ଚାଷ ଓ ବ୍ୟବସାୟିକ କାର୍ଯ୍ୟରେ ବ୍ୟବହାର କରାଯାଉଥିବା ଅଭିଯୋଗ ଉପରେ ବିଡିଓ ଅଭିଷେକ ସ୍ୱାଇଁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଶ୍ରୀ ସ୍ୱାଇଁ କେନ୍ଦ୍ରାପଡ଼ା ବ୍ଲକର ଚନ୍ଦନପୁର ଓ ବାରୁଅ ଗ୍ରାମାଞ୍ଚଳରେ ଷ୍ଟିଙ୍ଗ୍ ଅପରେସନ କରି ୧୦ଟି ପାଣି ପମ୍ପ ଓ ପାଇପ ଜବତ କରିଥିବା ଜଣାପଡ଼ିଛି।

ସୂଚନା ମୁତାବକ, ଗ୍ରୀଷ୍ମଋତୁକୁ ଦୃଷ୍ଟିରେ ରଖି ସରକାରୀ ବ୍ୟବସ୍ଥାରେ ଗ୍ରାମବାସୀଙ୍କୁ ପିଇବା ପାଣି ଯୋଗାଇ ଦିଆଯାଉଥିବାବେଳେ କେତେକ ବ୍ୟକ୍ତି ମୁଖ୍ୟ ପାଇପ ଲାଇନ କାଟି ନିଜ ବିଲରେ ପନିପରିବା ଚାଷ ଓ କୁକୁଡ଼ା ଫାର୍ମରେ ପାଣି ବ୍ୟବହାର କରୁଥିଲେ। ଏହାର ପରିଣାମରେ ସାଧାରଣ ଲୋକେ ପିଇବା ପାଣି ପାଇବାରୁ ବଞ୍ଚିତ ହେଉଥିଲେ। ଏ ନେଇ ଗ୍ରାମବାସୀ ପ୍ରଶାସନଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ଘଟଣାର ସତ୍ୟାସତ୍ୟ ଯାଞ୍ଚ ପାଇଁ ବିଡିଓ ଗୁପ୍ତ ଭାବେ ଷ୍ଟିଙ୍ଗ ଅପରେସନ କରିଥିଲେ। ସେ ସରକାରୀ ଗାଡି ବଦଳରେ ବାଇକରେ ସାଧାରଣ ଚାଷୀ ବେଶରେ ଦୁଇଟି ଗାଁରେ ପହଞ୍ଚି ପାଣି ଚୋରି ହେଉଥିବା ସ୍ଥାନ ଚିହ୍ନଟ କରିଥିଲେ। ପରେ ବ୍ଲକ କର୍ମଚାରୀଙ୍କୁ ସହ ନେଇ ଚଢ଼ଉ କରି ଅବୈଧ ଭାବେ ଲଗାଯାଇଥିବା ମୋଟର ଓ ପାଇପ ଜବତ କରାଯାଇଥିଲା। ଘଟଣା ସମ୍ପର୍କରେ କେନ୍ଦ୍ରାପଡ଼ା ସଦର ଥାନାକୁ ଅବଗତ କରାଯାଇଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ପାଣି ଚୋରି କରୁଥିବା ୧୦ ଜଣ ବ୍ୟକ୍ତିଙ୍କ ନାମ ଓ ଠିକଣା ସଂଗ୍ରହ କରି ମାମଲା ରୁଜୁ ପାଇଁ ପଦକ୍ଷେପ ନେଇଛି। ବିଡିଓ ଶ୍ରୀ ସ୍ୱାଇଁ କହିଛନ୍ତି, ପାନୀୟ ଜଳ ଲୋକଙ୍କ ପିଇବା ପାଇଁ ଯୋଗାଯାଉଛି। ଏହାକୁ ଚୋରି କରିବା କାହାର ଅଧିକାର ନାହିଁ। କୁକୁଡ଼ା ଫାର୍ମ କିମ୍ବା ଚାଷ କାର୍ଯ୍ୟ ପାଇଁ ପାଣି ଆବଶ୍ୟକ ହେଲେ ସମ୍ପୃକ୍ତ ବ୍ୟକ୍ତି ନିଜେ ବୋରୱେଲ କରି ପାଣି ବ୍ୟବହାର କରିପାରିବେ। ଲୋକଙ୍କ ପିଇବା ପାଣିକୁ ଅବୈଧ ଭାବେ ବ୍ୟବହାର କଲେ କଠୋର କାର୍ଯ୍ୟାନୁଷ୍ଠାନ ହେବ। ପ୍ରଶାସନର ଏହି ପଦକ୍ଷେପକୁ ସ୍ଥାନୀୟ ଲୋକ ସ୍ୱାଗତ କରିଛନ୍ତି।

## ● ଓଳାଭର ବଜାର ଉଚ୍ଛେଦବେଳେ ଶିକ୍ଷକଙ୍କ ଉପସ୍ଥିତି ପ୍ରସଙ୍ଗ

# ଜିଲ୍ଲା ଶିକ୍ଷାଧିକାରୀଙ୍କୁ ବୁଦ୍ଧିଜୀବୀଙ୍କ ଅଭିଯୋଗ



ରାଜକନିକା, ୧୩।୨(ସମିସ): ଓଳାଭର ବଜାର ଉଚ୍ଛେଦ ବେଳେ ଜଣେ ସରକାରୀ ବେତନଭୋଗୀ ଶିକ୍ଷକ ଉପସ୍ଥିତ ରହି ମହିଳା ପୁଲିସ, ତହସିଲ କର୍ମଚାରୀଙ୍କୁ ନାଲିଆଖି ଦେଖାଇବା ଭଳି ଗୁରୁତର ଅଭିଯୋଗ ଆଣିଛନ୍ତି ଓଳାଭର ଅଞ୍ଚଳର ବହୁ ସଚେତନ ନାଗରିକ। ଏଥିସହିତ ଉଚ୍ଛେଦ ବେଳର ଭାଇରାଲ୍ ଭିଡିଓ ଓ ଫଟୋକୁ ଅଭିଯୋଗପତ୍ରରେ ସଂଲଗ୍ନ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରି ଜିଲ୍ଲା ଶିକ୍ଷାଧିକାରୀ ପବିତ୍ର କୁମାର ବାରିକଙ୍କୁ ଗୁହାରି କରିଛନ୍ତି। ଗତ ୧୧ ତାରିଖ ଦିନ ବିବାଦୀୟ ଓଳାଭର ବଜାରର ଉଚ୍ଛେଦ ସମୟରେ କନିକା ତହସିଲ ମାଜିଷ୍ଟ୍ରେଟ୍, ତହସିଲ କର୍ମଚାରୀଙ୍କ ସହିତ ରାଜକନିକା ଥାନା ପୁଲିସ୍ ଉପସ୍ଥିତ ଥିବାବେଳେ ପ୍ରାୟ ସାଢେ ୧୦ଟା ସମୟରେ ଓଳାଭର ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିଗମାନନ୍ଦ ଦାସ ଏହି ଉଚ୍ଛେଦ ଉପରେ ପ୍ରଶ୍ନ ଉଠାଇ ସମସ୍ତ ସରକାରୀ ଅଧିକାରୀଙ୍କୁ ଆଙ୍ଗୁଳି ଦେଖାଇ ସେମାନଙ୍କ କାର୍ଯ୍ୟରେ ବାଧା ସୃଷ୍ଟି କରିଥିଲେ। ଯାହାକି ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ବିଦ୍ୟାଳୟରେ ପାଠପଢ଼ା ଚାଲିଥିବାବେଳେ ଜଣେ ପ୍ରଧାନଶିକ୍ଷକ ସ୍କୁଲ ଛାଡି ଜନସ୍ୱାର୍ଥ ଉଚ୍ଛେଦ ପ୍ରକ୍ରିୟାରେ ବାଧା ସାଜି ପ୍ରତିବାଦ କରିବା ଉପରେ ପ୍ରଶ୍ନ ଉଠିଛି। ଉଚ୍ଛେଦ ପ୍ରକ୍ରିୟାର ପକ୍ଷ ହୋଇଥିବା ସାମାଜିକ କର୍ମୀ ନଳିନୀକାନ୍ତ ପୃଷ୍ଟିଙ୍କୁ ଜୀବନରୁ ମାରି ଦେବାକୁ ମଧ୍ୟ ଯୋଜନା କରିଥିଲେ ବୋଲି ଗୁରୁତର ଅଭିଯୋଗ ହୋଇଛି। ଏ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନଳିନୀକାନ୍ତ ପୃଷ୍ଟି, ଅକ୍ଷୟ ପୃଷ୍ଟି, ଅନାଦୀ ସାହୁ, ବିଜୟ ବାରିକ, ଆନନ୍ଦାନନ୍ଦ ପୃଷ୍ଟି, ବିନୋଦ ଦାସ, ଜଗନ ମଳିକ, ମଙ୍ଗୁଳି ସାହୁ, ପ୍ରଫୁଲ୍ଲ ପୃଷ୍ଟି, ଘନଶ୍ୟାମ ପୃଷ୍ଟି, ଗତିକୃଷ୍ଣ ଦାସ, ମନୋରଞ୍ଜନ ବିହାରୀ, ରମେଶ ମଳିକ ପ୍ରମୁଖ ଦସ୍ତଖତ ସମ୍ବଳିତ ଅଭିଯୋଗ ପତ୍ର ଜିଲ୍ଲା ଶିକ୍ଷାଧିକାରୀଙ୍କୁ ପ୍ରଦାନ କରାଯାଇଛି। ତେବେ ଅଭିଯୋଗକୁ ଗୁରୁତ୍ୱ ସହ ନେଇ ଶ୍ରୀ ବାରିକ୍ ବ୍ଲକ ଶିକ୍ଷାଧିକାରୀଙ୍କୁ ତଦନ୍ତ ପୂର୍ବକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିବା ସାମାଜିକ କର୍ମୀ ନଳିନୀକାନ୍ତ ପୃଷ୍ଟି ସୂଚନା ଦେଇଛନ୍ତି।

## ● ମହୁମାଛି ଆକ୍ରମଣରେ ୬ ଆହତ

# ଜିଲ୍ଲା ଚିକିତ୍ସାଳୟକୁ ଯିବା ବାଟରେ ଜଣେ ମୃତ

ରାଜକନିକା, ୧୩।୨(ସମିସ): ମହୁମାଛି ଆକ୍ରମଣରେ ୬ ଜଣ ଆହତ ହୋଇଛନ୍ତି। ସଂକଟାପନ୍ନ ଅବସ୍ଥାରେ ଜିଲ୍ଲା ଚିକିତ୍ସାଳୟକୁ ଯିବା ବାଟରେ ଜଣଙ୍କର ମୃତ୍ୟୁ ହୋଇଛି। ସୂଚନା ମୁତାବକ, ରାଜକନିକା ଥାନା ଅନ୍ତର୍ଗତ ଜାଗୁଲାଇପଡ଼ା ପଞ୍ଚାୟତ ଜାଗୁଲାଇପଡ଼ା ଗାଁର ବୈଲୋଚନ ବିଶ୍ୱାଳ (୭୫) ଗାଁ ମୁଣ୍ଡ ନଳକୂପ ପାଖରେ ଗାଧୋଇ ସାରି ଫେରୁଥିବାବେଳେ ସଂଖ୍ୟାଧିକ ମହୁମାଛି ତାଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ତାଙ୍କୁ ଗ୍ରାମବାସୀ ଉଦ୍ଧାର କରି ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। ତେବେ ଆମ୍ବୁଲାନ୍ସ ଯୋଗେ ଯାଉଥିବାବେହଳେ ବାଟରେ ତାଙ୍କର ମୃତ୍ୟୁ ହୋଇଛି। ଜାଗୁଲାଇପଡ଼ା ଗାଁର ଜଣେ ବ୍ୟବସାୟୀ ଘରୁ କଣ୍ଟପଡ଼ା ବଜାର ଆସୁଥିବାବେଳେ ସେ ମଧ୍ୟ ଆକ୍ରମଣର ଶିକାର ହୋଇଥିବାବେଳେ ଗାଁର ଦୁଇଜଣ ଦଶମ ଶ୍ରେଣୀ ଛାତ୍ରଛାତ୍ରୀ ଓ ଜଣେ ମହିଳା ମଧ୍ୟ ମହୁମାଛି ଆକ୍ରମଣର ଶିକାର ହୋଇଥିଲେ। ଅନ୍ୟଜଣେ ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି।

# ଦୁବାଇରୁ ଆସିଲା ଓଡ଼ିଶା ଶ୍ରମିକଙ୍କ ମରଶରୀର

ଆଳି, ୧୩।୨(ସମିସ): ମେଣ୍ଢପୁର ପଞ୍ଚାୟତ କଣ୍ଟିପୁର ଗ୍ରାମର ଯୁବକ ଦୁବାଇରେ ପାଣି ପାଇପ ଶ୍ରମିକ ଭାବେ କାମ କରୁଥିଲେ। ସେଠାରେ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ହୋଇଥିଲା। ଆଜି ତାଙ୍କ ମରଶରୀରରେ ଗାଁରେ ପହଞ୍ଚିବା ପରେ ଶୋକାକୁଳ ପରିବେଶରେ ଶେଷକୃତ୍ୟ କରାଯାଇଛି। କଳ୍ପତରୁ ସାହୁଙ୍କ ବଡ଼ପୁଅ ଅନନ୍ତ ସାହୁ (୩୬) ଦୁବାଇକୁ ଏକ ଘରୋଇ କମ୍ପାନୀରେ ପାଣି ପାଇପ ଶ୍ରମିକ ଭାବେ କାମ କରିବାକୁ ଯାଇଥିଲେ। ଗତମାସ ୨୨ ତାରିଖରୁ ତାଙ୍କ ପତ୍ତା ମିଳୁ ନ ଥିଲା। ପରିବାର ଲୋକ ଆଳି ଥାନାରେ ଅଭିଯୋଗ କରିଥିଲେ। ଚଳିତ ଫେବୃଆରୀ ୪ ତାରିଖରେ ଅନନ୍ତ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଜଣାପଡ଼ିଥିଲା। ପରିବାର ମୃତ ଶରୀର ପାଇବାକୁ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ବିଜେପି ଉପସଭାପତି କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ସହଯୋଗ ଓ ସାଂସଦ ବୈଜୟନ୍ତ ପଣ୍ଡାଙ୍କ ପ୍ରଶାସନିକ ଉଦ୍ୟମ କ୍ରମେ ଆଜି ଅନନ୍ତଙ୍କ ମରଶରୀର ଗାଁରେ ପହଞ୍ଚିଥିଲା।

# ଅଗ୍ନିବିପନ୍ନଙ୍କୁ ସହାୟତା

ମାର୍ଶାଘାଇ, ୧୩।୨(ସମିସ): ମାର୍ଶାଘାଇ ବ୍ଲକ ବଛରାଇ ଗ୍ରାମ ଅଗ୍ନିକାଣ୍ଡରେ ନଟବର ରାଉତଙ୍କ ୨ ବଖରା ଘର ଭସ୍ମୀଭୂତ ହୋଇଥିଲା। ଘରର ଆସବାବପତ୍ର ସମେତ ଖାଦ୍ୟଶସ୍ୟ, ରୋଷେଇ ସାମଗ୍ରୀ ପୋଡ଼ିଯାଇଥିଲା। ଅସହାୟ ନଟବରଙ୍କ ଦୁର୍ଦ୍ଦିନରେ କେନ୍ଦ୍ରାପଡ଼ା ବଳଦେବ ସେବା ଓ ସାମାଜିକ ନ୍ୟାୟ ଟ୍ରଷ୍ଟ ସଭାପତି ପୂର୍ବତନ ବ୍ଲକ ଅଧ୍ୟକ୍ଷ ସଞ୍ଜୟ ଲେଙ୍କା ଆର୍ଥିକ ସହାୟତା ସହ ପଲିଥିନ୍, ବସ୍ତ୍ର, ଗ୍ୟାସ ହାଣ୍ଡି, ରାସନ ସାମଗ୍ରୀ ପ୍ରଦାନ କରିଛନ୍ତି।

# ତଣ୍ଡା ଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ

ରାଜନଗର, ୧୩।୨(ସମିସ): ହାତିନାସ୍ଥ ମହିମା ଆଶ୍ରମ ପରିସରରେ ହେବାକୁ ଥିବା ୭୭ତମ ତଣ୍ଡା ଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଯଜ୍ଞ କମିଟି ସଭାପତି ରବୀନ୍ଦ୍ର ପଡ଼ିହାରୀଙ୍କ ପୌରୋହିତରେ ଅନୁଷ୍ଠିତ ବୈଠକରେ ଚଳିତ ମାସ ୨୬ରୁ ମାର୍ଚ୍ଚ ୨ ତାରିଖ ୫ ଦିନ ଧରି ବଙ୍ଗୋପସାଗର କୂଳ ପେଣ୍ଠ କାନପୁର ବେଳାଭୂମିରେ ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଛି। ୭୬ ବର୍ଷ ପୂର୍ବେ ସିଦ୍ଧ ପରମ ପୁରୁଷ ବାମନ ବାବାଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏହି ତଣ୍ଡା ଯଜ୍ଞ ଚଳିତ ବର୍ଷ ବ୍ରହ୍ମାବଧୂତ ଅଭୟ ବାବାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅଖଣ୍ଡ ବ୍ରହ୍ମ ଧ୍ୱନି ଯଜ୍ଞ ସ୍ଥାପନ କରାଯିବା କାର୍ଯ୍ୟକ୍ରମ ରହିଛି। ପ୍ରତ୍ୟେକ ଦିନ ଭଜନ, ଜଣାଣ, ପ୍ରାର୍ଥନା, ଘୃତହୂତି, ପ୍ରବଚନ, ବାଲ୍ୟଲୀଳା, ବେଢ଼ା ପରିକ୍ରମା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଯଜ୍ଞରେ ବ୍ରହ୍ମ ଅବଧୂତ ମନ୍ଦର ବାବା, ନିତ୍ୟାନନ୍ଦ ବାବା, ଗଦାଧର ବାବା, ସୃଜନ ବାବା, ଚିତ୍ତରଞ୍ଜନ ବାବା, ବାବୁଲି ବାବା, ନଟବର ବାବା, ସୁବ୍ରତ ବାବା ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି କମି ଟିର ରବୀନ୍ଦ୍ର ପଡ଼ିହାରୀ, କ୍ଷୀରୋଦ ରାଉତ, କୈଳାସ ରାଉତ, ନିମାଇଁ ବେହେରା, ରବୀନ୍ଦ୍ର ବେହେରା ସୂଚନା ଦେଇଛନ୍ତି।

# ପଟ୍ଟାମୁଣ୍ଡାଇ ସବଡିଭିଜନ ଓ ରାଜନଗର ଏନଏସି ଘୋଷଣା କେବେ: ବିକାଶ ପରିଷଦ

ପଟ୍ଟାମୁଣ୍ଡାଇ, ୧୩।୨(ସମିସ): ପଟ୍ଟାମୁଣ୍ଡାଇବାସୀଙ୍କ ସ୍ୱାର୍ଥ ଓ ସ୍ୱାଭିମାନର ପୁନଃପ୍ରତିଷ୍ଠା ପାଇଁ ପଟ୍ଟାମୁଣ୍ଡାଇକୁ ସବଡିଭିଜନ ଘୋଷଣା ଦାବି ଜାରି ରହିଛି। ପଟ୍ଟାମୁଣ୍ଡାଇକୁ ସବଡିଭିଜନ ଘୋଷଣା ପାଇଁ ପଟ୍ଟାମୁଣ୍ଡାଇ-ରାଜନଗର ବିକାଶ ପରିଷଦ ୧୫ ବର୍ଷ ଧରି ଆନ୍ଦୋଳନ କରିଆସୁଛି। ଏଥିସହ ରାଜନଗରକୁ ଏନଏସି ଘୋଷଣା ଦାବି କରାଯାଉଛି। ପଟ୍ଟାମୁଣ୍ଡାଇ ସବଡିଭିଜନ ଘୋଷଣା ପାଇଁ ବିଭିନ୍ନ ସମୟରେ ନିର୍ବାଚିତ ବିଧାୟକ ବିଧାନସଭାରେ ପ୍ରଶ୍ନ ଉଠାଇ ସରକାରଙ୍କଠାରୁ ଜବାବ ମାଗିଥିବା ପଟ୍ଟାମୁଣ୍ଡାଇ ରାଜନଗର ବିକାଶ ପରିଷଦ ପ୍ରତିଷ୍ଠାତା ବିଜୟ କେତନ ସ୍ୱାଇଁ ଏକ ପ୍ରେସ ବିବୃତିରେ ପ୍ରକାଶ କରିଛନ୍ତି।

ସେ କହିଛନ୍ତି, ସମ୍ପ୍ରତି ଜିଲ୍ଲା ବିଜେପି ନେତା ମୁଖ୍ୟମନ୍ତ୍ରୀଙ୍କୁ ଭେଟି ପଟ୍ଟାମୁଣ୍ଡାଇ ସବଡିଭିଜନ ଓ ରାଜନଗର ଏନଏସି ପାଇଁ ଦାବି କରିବା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଛି। ବିଳମ୍ବରେ ହେଲେ ମଧ୍ୟ ବିଜେପି ନେତାଙ୍କ ପଦକ୍ଷେପକୁ ବିକାଶ ପରିଷଦ ସ୍ୱାଗତ କରିବା ସହିତ ପଟ୍ଟାମୁଣ୍ଡାଇ ସବଡିଭିଜନ ଓ ରାଜନଗର ଏନଏସି କେବେ ଘୋଷଣା ହେବ ସରକାର ସ୍ପଷ୍ଟ କରିବାକୁ ଦାବି କରିଛନ୍ତି। ରାଜ୍ୟ ସରକାର କେବଳ ପ୍ରଚାର ନ କରି ବାସ୍ତବ ପଦକ୍ଷେପ ନେବାକୁ ଶ୍ରୀ ସ୍ୱାଇଁ ଦାବି କରିଛନ୍ତି। ବିକାଶ ପରିଷଦ ସଂଗଠନକୁ ଅଧିକ ସୁଦୃଢ ଓ କ୍ରିୟାଶୀଳ କରିବାକୁ ବିକାଶ ପରିଷଦ ପ୍ରତିଷ୍ଠାତା ଶ୍ରୀ ସ୍ୱାଇଁ ଯୁବନେତା ଅଜୟ ବେହେରାଙ୍କୁ ପରିଷଦ ସଂଯୋଜକ ଭାବେ ନିଯୁକ୍ତି ଦେଇଥିବାବେଳେ ରାଜନଗର ବିକାଶ ପରିଷଦ ଉପଦେଷ୍ଟା ମଣ୍ଡଳୀ ପୁନର୍ଗଠନ କରି ଡ ଧରଣୀଧର ରାଉତ, ସୀତାକାନ୍ତ ରାଉଳ, ଉମାକାନ୍ତ ରାଉତରାୟ, କୁଳମଣି ଦାସ, ସନାତନ ଲେଙ୍କା, ଶରତ ସାହୁ, ରଜନୀକାନ୍ତ ବିଶ୍ୱାଳ, ବିଜୟ ରାଉତ ଓ ବ୍ରହ୍ମାନନ୍ଦ ରାଉତ ପ୍ରମୁଖଙ୍କୁ ସାମିଲ କରାଯାଇଛି।

# ଗରଦପୁର ଯୁବ ମହୋତ୍ସବ ଉଦ୍‌ଯାପିତ

ଗରଦପୁର, ୧୩।୨(ସମିସ): ଗରଦପୁରରେ ଆୟୋଜିତ ଯୁବ ମହୋତ୍ସବ ଉଦ୍‌ଯାପିତ ହୋଇଥିବାବେଳେ ସଫଳତାର ସହ ଶେଷ ହୋଇଛି। ଏହି ପାଞ୍ଚଦିନିଆ ମହୋତ୍ସବରେ ପ୍ରାୟ ଏକ ଲକ୍ଷ ଲୋକଙ୍କ ସମାଗମ ହୋଇଥିବାବେଳେ ୧୦ ଲକ୍ଷ ଟଙ୍କାରୁ ଅଧିକ ବ୍ୟବସାୟ ହୋଇଥିବା ଜଣାପଡ଼ିଛି। ଏହି ମହୋତ୍ସବ ଯୁବସମାଜକୁ ସାମାଜିକ, ସାଂସ୍କୃତିକ ଓ ଆର୍ଥିକ ମାର୍ଗରେ ଉତ୍ସାହିତ କରିବାରେ ସଫଳ ହୋଇଛି।




ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଜେପି ରାଜ୍ୟ ସାଧାରଣ ସମ୍ପାଦକ ସାରଦା ପ୍ରସାଦ ଶତପଥୀ, ସମ୍ମାନିତ ଅତିଥି ଭାବେ ଓଲିଉଡ଼ ପ୍ରଯୋଜକ ଦିଲ୍ଲୀପ ସାହୁ ଯୋଗଦେଇଥିଲେ। ବିଜେପି ମୁଖପାତ୍ର ତେଜେଶ୍ୱର ପରିଡ଼ା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବିଜେପି ନେତା ପ୍ରସନ୍ନ ପଣ୍ଡା, ବିଜୟ ନାୟକ, ଚିତ୍ତରଞ୍ଜନ ଚୌଧୁରୀ ଓ ଅଞ୍ଜନ ଦେବତା ପ୍ରମୁଖ ସହଯୋଗ କରିଥିଲେ। ବ୍ଲକ କୃଷି ଅଧିକାରୀ ଡ. ଗୌତମ ଦାସ, କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ଡ. ତାପସ ସାହୁ, ଆଇନଜୀବୀ ଓ ସୂଚନା ଅଧିକାର କର୍ମୀ ମନୋରଞ୍ଜନ ଜେନା, ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରତିଷ୍ଠାନର ପ୍ରୋଗ୍ରାମ କୋର୍ଡିନେଟର ପ୍ରଭାତ ମହାନ୍ତି ଯୋଗଦେଇ ଯୁବକଙ୍କୁ କୃଷିକୁ ଲାଭଜନକ ବୃତ୍ତି ଭାବେ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରଖ୍ୟାତ ଗାୟିକା ଇରା ମହାନ୍ତିଙ୍କ ଗୀତରେ ଦର୍ଶକ ଝୁମିଥିଲେ।

# ମାଟିଆପଡ଼ା ହାଇସ୍କୁଲ ବାର୍ଷିକ ଉତ୍ସବ

ପଟ୍ଟାମୁଣ୍ଡାଇ, ୧୩।୨(ସମିସ): ସାମ୍ପ୍ରତିକ ପ୍ରତିଯୋଗିତାମୂଳକ ସମୟରେ ଛାତ୍ରଛାତ୍ରୀ ନିଜର ଦୁର୍ବଳତାକୁ ପରଖି ଶକ୍ତିରେ ପରିଣତ କଲେ ଜୀବନର ସବୁ କ୍ଷେତ୍ରରେ ସଫଳ ହେବା ସହିତ ନିଜ ସ୍ୱପ୍ନ ସାକାର କରିପାରିବେ ବୋଲି ରାଜନଗର ବିଧାୟକ ଧ୍ରୁବ ସାହୁ ପଟ୍ଟାମୁଣ୍ଡାଇ ବ୍ଲକ ଦିହୁଡିପୁର ପଞ୍ଚାୟତ ମାଟିଆପଡ଼ା ହାଇସ୍କୁଲର




ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ମତ ପ୍ରକାଶ କରିଛନ୍ତି। ପ୍ରଧାନଶିକ୍ଷକ କବି ମନୋଜ ଶତପଥୀଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ବିଧାୟକ ଶ୍ରୀ ସାହୁ କହିଲେ, ଯେଉଁ ସ୍ୱପ୍ନ ନିଦ ହଜାଇ ଦିଏ, ସେହି ସ୍ୱପ୍ନ ଦେଖିଲେ ଛାତ୍ରଛାତ୍ରୀ ଲକ୍ଷ୍ୟସ୍ଥଳରେ ପହଞ୍ଚିପାରିବେ ଓ ଛାତ୍ରଛାତ୍ରୀ ନିଜ ଦୁର୍ବଳତାକୁ ଶକ୍ତିରେ ପରିଣତ କଲେ ଜୀବନ ଯୁଦ୍ଧରେ ବିଜୟୀ ହୋଇପାରିବେ ବୋଲି କହିଥିଲେ। ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ମୁଖ୍ୟବକ୍ତା ଭାବେ ଯୋଗ ମୂଲ୍ୟବୋଧଭିତ୍ତିକ ଶିକ୍ଷା ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲା ପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳ, ଦିହୁଡିପୁର ସରପଞ୍ଚ ନରେଶ ମଲିକ, ପୂର୍ବତନ ସରପଞ୍ଚ ଧନୁର୍ଜୟ ସ୍ୱାଇଁ, ସମାଜସେବୀ ବାଣୀଭୂଷଣ ନାୟକ ଓ ସ୍କୁଲ ପରିଚାଳନା କମିଟି ସଭାପତି ନିର୍ମଳେନ୍ଦୁ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସହକାରୀ ଶିକ୍ଷୟିତ୍ରୀ ପୁଷ୍ପଲତା ପ୍ରଧାନ ସ୍ୱାଗତ ଭାଷଣ ଓ ସହକାରୀ ଶିକ୍ଷକ ରଞ୍ଜନ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ବରିଷ୍ଠ ଶିକ୍ଷକ ମାନସ ସାହୁ ଦାବୀପତ୍ର ପାଠ କରିଥିବାବେଳେ ଶିକ୍ଷୟିତ୍ରୀ ଶୁଭଶ୍ରୀ ପରିଡ଼ା ବାର୍ଷିକ ବିବରଣୀ ପାଠ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ବିନ୍ଦୁରେଖା ନାୟକ ମାଧୁରୀ ଭୁଏଁଙ୍କ ସଂଯୋଜନାରେ ସ୍କୁଲ ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏ ଅବସରରେ ବାର୍ଷିକ କ୍ରୀଡ଼ାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସହକାରୀ ଶିକ୍ଷକ ସ୍ୱପ୍ନେଶ୍ୱର ଆଚାର୍ଯ୍ୟ ଧନ୍ୟବାଦ ଦେଇଥିବାବେହଳେ ସହକାରୀ ଶିକ୍ଷକ ବିନୋଦ ଦାସ, ଚନ୍ଦ୍ରଭାନୁ ସାହୁ, ତପନ ବେହେରା, ବିଶ୍ୱଜିତ ସାହୁ ଓ ରଞ୍ଜିତ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବୀଣାପାଣି ଶିଶୁମନ୍ଦିରର ବାର୍ଷିକ କ୍ରୀଡ଼ା

ଡେରାବିଶ, ୧୩।୨(ସମିସ): ଚାନ୍ଦୋଳସ୍ଥ ବୀଣାପାଣି ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବୀର ମନ୍ଦିର ନିକଟସ୍ଥ ଖେଳ ପଡ଼ିଆରେ ଅନୁଷ୍ଠିତ କ୍ରୀଡ଼ା ପ୍ରତିଯୋଗିତାକୁ ପ୍ରଧାନଶିକ୍ଷକ ଗୋପୀନାଥ ଦାସ ଉଦ୍‌ଘାଟନ କରିଥିଲେ। ଛାତ୍ରଛାତ୍ରୀ ଦୌଡ଼, ଡିଆଁ, କବାଡ଼ି, ଖୋଖୋ, ସଙ୍ଗୀତ, ନୃତ୍ୟ ଆଦି ପ୍ରତିଯୋଗିତାରେ ଭାଗ ନେଇଥିଲେ। ପୁରସ୍କାର ବିତରଣୀ ସଭାରେ ବିଦ୍ୟାଳୟ ପରିଚାଳନା କମିଟି ଉପସଭାପତି ଅକ୍ଷୟ ସ୍ୱାଇଁ ଅଧ୍ୟକ୍ଷତା କରିଥିବାବେଳେ ସିଆରସିସି ପ୍ରମୋଦ ମଲ୍ଲ ମୁଖ୍ୟଅତିଥି ଓ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବେଣୁଧର ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇ କ୍ରୀଡ଼ା ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳା, ଅଧ୍ୟବସାୟ ଓ ପ୍ରତିଯୋଗୀ ମନୋଭାବ ଜାଗ୍ରତ କରାଯାଇଥାଏ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଧାନଶିକ୍ଷକ ଶ୍ରୀ ଦାସ, ପୂର୍ବତନ ସିଆରସିସି ଶରତ ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ସନ୍ତୋଷୀ ମିଶ୍ର ଅତିଥି ପରିଚୟ ଓ ସ୍ୱାଗତ ଭଭାଷଣ ପ୍ରଦାନ କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିବାବେଳେ ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷୟିତ୍ରୀ ରଶ୍ମିରେଖା ଦାସ ଧନ୍ୟବାଦ ଅର୍ପଣ କରିଥିବାବେଳେ ଶିକ୍ଷୟିତ୍ରୀ ଝରଣା ମଲିକ, ସସ୍ମିତା ସେଠୀ, ଦେବସ୍ମିତା ନାୟକ ଓ ଅନନ୍ଦିତ ମହାନ୍ତି ପରିଚାଳନା କରିଥିଲେ।

# କୃଷ୍ଣବଳରାମ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ମାଟିଆ ଚାମ୍ପିଅନ୍



ପଟ୍ଟାମୁଣ୍ଡାଇ, ୧୩।୨(ସମିସ): ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ନୂଆଗାଁ କାକୁଡିପଲ୍ଲୀ କୃଷ୍ଣବଳରାମ କ୍ଲବ ପକ୍ଷରୁ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ପୌରାଞ୍ଚଳର ୧୬ଟି ୱାର୍ଡର ୧୬ଟି ଦଳ ଭାଗ ନେଇଥିଲେ। ଫାଇନାଲ ଖେଳ ନୂଆଗାଁ କାକୁଡିପଲ୍ଲୀ ୯ନଂ ୱାର୍ଡ କ୍ରିକେଟ ଦଳ ଓ ୧୭ନଂ ୱାର୍ଡ ମାଟିଆ କ୍ରିକେଟ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମାଟିଆ ଦଳ ବିଜୟୀ ହୋଇ ଚାମ୍ପିଅନ ହୋଇଛି। କୃଷ୍ଣବଳରାମ କ୍ରିକେଟ କ୍ଲବ ସଭାପତି ଦିଲ୍ଲୀପ ସେଠୀଙ୍କ ପୌରୋହିତ୍ୟରେ ଆୟୋଜିତ ଉଦଯାପନୀ ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଓ ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଟ୍ରଫି ଓ କପ୍ ପ୍ରଦାନ କରିଥିଲେ। ଟୁର୍ଣ୍ଣାମେଣ୍ଟକୁ ଚିତ୍ତରଞ୍ଜନ ସେଠୀ, ଦିଲ୍ଲୀପ ସେଠୀ, ମଙ୍ଗୁଳି ସେଠୀ, ଚିଣ୍ଟୁ ଦାସ ଓ ମଣ୍ଟୁ ସେଠୀ ପରିଚାଳନା କରିଥିଲେ।

## ● 'ସକାଳ' ପ୍ରଭାବ

# ବନ ବିଭାଗ ଅଧିକାରୀଙ୍କ ବିରୋଧରେ ତଦନ୍ତ ଆରମ୍ଭ

ପଞ୍ଚୁପାଣ୍ଡବ, ୧୩।୨(ସମିସ): ଡେରାବିଶ ବ୍ଲକ ବନ ବିଭାଗ ଅଧୀନ ରଘୁଦେଇପୁର ବନାଞ୍ଚଳ ଅଧିକାରୀ ସୁକାନ୍ତ ବେହେରା ମାସ ମାସ ଧରି କାର୍ଯ୍ୟାଳୟକୁ ଆସୁ ନ ଥିବା ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ କିଛିଦିନ ପୂର୍ବେ 'ସକାଳ' ଖବରକାଗଜରେ ଖବର ପ୍ରକାଶ ପାଇଥିଲା। ଏହାକୁ ଗୁରୁତର ସହ ଗ୍ରହଣ କରି କଟକ ବନଖଣ୍ଡ ଅଧିକାରୀ ଅନୀଲ ରାୟ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ନିର୍ଦ୍ଦେଶାନୁଯାୟୀ ଏସିଏଫ୍ ସନ୍ତୋଷ ପତି ତଦନ୍ତ କରିଛନ୍ତି। ତଦନ୍ତ ସମୟରେ କେତେକ ଅଭିଯୋଗକାରୀ ଉପସ୍ଥିତ ରହି ଅଧିକାରୀ ଶ୍ରୀ ବେହେରା ମନମୁଖୀ କାର୍ଯ୍ୟ କରୁଥିବା ଜଣାଇଥିଲେ। ତଦନ୍ତକାରୀ ଅଧିକାରୀ ସୁକାନ୍ତ ବେହେରାଙ୍କ ବିରୋଧରେ ହୋଇଥିବା ଅଭିଯୋଗ ବିଷୟରେ କିଛି ତଥ୍ୟ ଜାଣିବାକୁ ପାଇଥିଲେ। ଏହାର ତଦନ୍ତ କରାଯାଇ କଟକ ବନଖଣ୍ଡ ଅଧିକାରୀଙ୍କୁ ରିପୋର୍ଟ ପ୍ରଦାନ କରାଯିବ ବୋଲି ଅଧିକାରୀ ଶ୍ରୀ ପତି କହିଛନ୍ତି। ବନ ବିଭାଗ ଅଧିକାରୀ ସୁକାନ୍ତ ବେହେରା ଏବେ ନିୟମାନୁଯାୟୀ କାର୍ଯ୍ୟାଳୟରେ ରହିବେ ଓ ଅଭିଯୋଗକାରୀଙ୍କ ଫୋନ କଲ୍ କଲେ ଫୋନ ଉଠାଇବେ। ନଚେତ୍ କଲ୍ ବ୍ୟାକ୍ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।



# ବୃଦ୍ଧ ନିଖୋଜ



ପଞ୍ଚୁପାଣ୍ଡବ, ୧୩।୨(ସମିସ): ଡେରାବିଶ ବ୍ଲକ ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ରାଇତୁଣ୍ଡି ଗ୍ରାମର ଅଭିରାମ ଦଳାଇ( ୭୬) ନିଖୋଜ ଥିବା ନେଇ ନିକିରାଇ ଥାନାରେ ଅଭିଯୋଗ ହୋଇଛି। ଅଭିରାମ ୧୦ ତାରିଖ ଦିନ ୪ଟା ବେଳେ କେନାଲ ବନ୍ଧକୁ ଶୌଚ ହେବାକୁ ଯାଇଥିଲେ। ଘରକୁ ଫେରି ନ ଥିଲେ। ବହୁ ଖୋଜାଖୋଜି କରି ନ ପାଇବାରୁ ସ୍ତ୍ରୀ ରବିଲତା ଦଳାଇ ନିକିରାଇ ଥାନାରେ ଅଭିଯୋଗ କରିଛନ୍ତି।

# ଚୋରାମଦ ଜବତ, ଜଣେ ଗିରଫ

ମହାକାଳପଡ଼ା, ୧୩।୨(ସମିସ): ମହାକାଳପଡ଼ା ଥାନା ପକ୍ଷରୁ ସନ୍ଧ୍ୟା ପାଟ୍ରୋଲିଂ ଓ ଅବକାରୀ ଚଢ଼ଉ ସମୟରେ ମଦ ବିକ୍ରି କରୁଥିବା ଜଣେ ବ୍ୟକ୍ତିଙ୍କୁ ଧରିବା ସହ ୪୫ ଲିଟର ବିଦେଶୀ ମଦ ଜବତ କରାଯାଇଛି। ଏଏସଆଇ ପ୍ରଭାତ ରାଉତ, ହାବିଲଦାର ଏନ୍.ଆର୍. ନାୟକ, କନଷ୍ଟେବଳ ଏସ୍.କେ. ସ୍ୱାଇଁ ଓ ଡବ୍ଲ୍ୟୁସି ଏସ୍.ଆର୍. ଦାସ ବିଲିପଦା, ଓଳିହା, କୁମାରୁଣି, ଓରତ ଓ ଦେଉଳପଡ଼ା ଅଞ୍ଚଳରେ ପାଟ୍ରୋଲିଂ କରୁଥିଲେ। ଓରତ ଗ୍ରାମର୍ ଅନନ୍ତ ମଲ୍ଲିକ ଦୋକାନରେ ମଦ ବିକ୍ରି କରୁଥିବା ଖବର ପାଇ ଚଢଉ କରି ମଦ ଜବଦ କରିବା ସହ ତାଙ୍କୁ ଗିରଫ କରିଥିଲେ।



## ● ଜିଲ୍ଲାସ୍ତରୀୟ ପୁଲିସ, ମାଜିଷ୍ଟ୍ରେଟ ବୈଠକ

# ସମନ୍ୱୟ ରଖି କାମ କରିବାକୁ ଜିଲ୍ଲାପାଳଙ୍କ ନିବେଦନ



ରାଜନଗର, ୧୩।୨(ସମିସ): ରାଜନଗର ବ୍ଲକ ପେଣ୍ଠ ସମୁଦ୍ରକୂଳରେ ଇକୋ ରିଟ୍ରିଟରେ କେନ୍ଦ୍ରାପଡ଼ା ଜିଲ୍ଲା ପୁଲିସ, ମାଜିଷ୍ଟ୍ରେଟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଆର. ରଘୁରାମ ଆୟାରଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ଏସ୍‌ପି ସିଦ୍ଧାର୍ଥ କଟାରିଆ, ଉପଜିଲ୍ଲାପାଳ ଅରୁଣ ନାୟକ, ଅତିରିକ୍ତ ଏସପି ସୁଧାକର ସାହୁଙ୍କ ସହିତ ଜିଲ୍ଲାସ୍ତରୀୟ ଅଧିକାରୀ, ସମସ୍ତ ତହସିଲଦାର, ସମସ୍ତ ଥାନା ଆଇଆଇସି ଯୋଗ ଦେଇଥିଲେ। ପ୍ରଥମଥର ବୈଠକକୁ ବନ ବିଭାଗର ରେଞ୍ଜ ଅଫିସର ଓ ଏସିଏଫଙ୍କୁ ଡକାଯାଇଥିଲା। ଉକ୍ତ ବୈଠକରେ ପୁଲିସ ମାଜିଷ୍ଟ୍ରେଟ ଜଏଣ୍ଟ ରିପୋର୍ଟ, ଜନଶୁଣାଣିରେ ପଡ଼ିରହିଥିବା ଅଭିଯୋଗର ସମୀକ୍ଷା କରାଯାଇଥିଲା। ପୁଲିସ ପ୍ରଶାସନର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରଯାଇଥିଲା। ବ୍ଲକ ସ୍ତରରେ କାମ କରୁଥିବା ଅଧିକାରୀ ନିଜ ମଧ୍ୟରେ ସମନ୍ୱୟ ରଖି କାମ କରିବାକୁ ଜିଲ୍ଲାପାଳ ନିବେଦନ କରିଥିଲେ।

## ନୂଆଗାଁ ଅଙ୍ଗନବାଡ଼ି ଘଟଣା

# ଜିଲ୍ଲା କଂଗ୍ରେସ ପ୍ରତିନିଧି ଦଳର ଗ୍ରାମବାସୀଙ୍କ ସହ ଆଲୋଚନା

ରାଜନଗର, ୧୩।୨(ସମିସ)

କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ଘଡିଆମାଳ ପଞ୍ଚାୟତର ନୂଆଗାଁ ଅଙ୍ଗନବାଡ଼ି କେନ୍ଦ୍ରରେ ଛୁଆଁ ଅଛୁଆଁ ଭେଦଭାବ ପ୍ରସଙ୍ଗ ଓଡ଼ିଶାରେ ସୀମିତ ନାହିଁ। ଜାତୀୟ ସ୍ତରରେ ଏ ନେଇ ଚର୍ଚ୍ଚା ଓ ଉଦବେଗ ପ୍ରକାଶ ପାଇଛି। ଗତକାଲି ରାଜ୍ୟସଭାରେ କଂଗ୍ରେସ ଅଧ୍ୟକ୍ଷ ତଥା ରାଜ୍ୟସଭାର ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖଡଗେ ଏକବିଂଶ ଶତାବ୍ଦୀରେ ଏଭଳି ଜାତିଗତ ବୈଷମ୍ୟକୁ ନେଇ ଉଦବେଗ ପ୍ରକାଶ କରିବା ସହ କେନ୍ଦ୍ର ସରକାର ମାମଲାକୁ ଗମ୍ଭୀରତାର ସହ ନେଇ ତୁରନ୍ତ ତଦନ୍ତ କରିବାକୁ ଦାବି କରିଥିଲେ। ରାଜ୍ୟସଭାରେ ଏହି ପ୍ରସଙ୍ଗ ଉଠିବା ପରେ ଆଜି ଜିଲ୍ଲା କଂଗ୍ରେସ ସଭାପତି ଦେବସ୍ମିତା



ଶର୍ମାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ନୂଆଗାଁରେ ପହଞ୍ଚି ଗ୍ରାମବାସୀ ଓ ସହାୟିକାଙ୍କ ସହ ଆଲୋଚନା କରିଛନ୍ତି। ଘଟଣାର ସମାଧାନ ପାଇଁ ଗାଁ ଲୋକଙ୍କୁ ବୁଝାଇବା ସହ ଗାଁରେ ଭାଇଚାରା ଫେରାଇ ଆଣିବାକୁ ଲୋକଙ୍କୁ ନିବେଦନ କରିଥିଲେ। ସହାୟିକା ଶର୍ମିଷ୍ଠା ସେଠୀଙ୍କ ସହିତ ଘଟଣା ସମ୍ପର୍କରେ କଥା ହୋଇ ତାଙ୍କ ସମ୍ପର୍କରେ କଂଗ୍ରେସ ଅଧ୍ୟକ୍ଷ ରାଜ୍ୟସଭାରେ ଉଠାଇଥିବା କହିଥିଲେ।

ଜିଲ୍ଲା କଂଗ୍ରେସ ସଭାପତିଙ୍କ ସହିତ ବ୍ଲକ କଂଗ୍ରେସ କମିଟି ସଭାପତି ପ୍ରଶାନ୍ତ ରାଉତ, ଜିଲ୍ଲା କଂଗ୍ରେସ କମିଟି ସମ୍ପାଦକ ଦାମୋଦର ବିଶ୍ୱାଳ, ନାଗେଶ୍ୱର ସାହୁ, ଯୁବନେତା ସୁଶୀଲ ବାରିକ, ନିରଞ୍ଜନ ବାରିକ, ରମାକାନ୍ତ ଜେନା, ପ୍ରଭାତ ସାମନ୍ତରାୟ ଲୋକଙ୍କ ସହ ଆଲୋଚନା କରିଥିଲେ। ଆଲୋଚନା ପରେ ଘଟଣା ଆରମ୍ଭରୁ ପ୍ରଶାସନ ସମାଧାନ ପାଇଁ କାହିଁକି ପଦକ୍ଷେପ ନେଇ ନ ଥିଲା। ଜିଲ୍ଲାସ୍ତରୀୟ

**ସହାୟିକାଙ୍କ ପରିବାର ଓ ଲୋକଙ୍କୁ ଭେଟିଲେ ଦଳିତ ନେତା**

କୌଣସି ଅଧିକାରୀ କାହିଁକି ସମାଧାନ ପାଇଁ ଉଦ୍ୟମ କରି ନ ଥିଲେ। ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଓ ଘଟଣାର ୩ ମାସ ପରେ ଜିଲ୍ଲା ପ୍ରଶାସନ ଗାଁରେ ପହଞ୍ଚିଛି ବୋଲି କହିବା ସହିତ ପ୍ରଶାସନର ଖାମଖିଆଲି ପାଇଁ ଘଟଣା ଏତେ ବାଟ ଗଲା ବୋଲି କହିଛନ୍ତି।

ସେହିପରି ଆଜି ଆମ୍ବେଦକର ଲୋହିଆ ବିଚାର ମଞ୍ଚ ପକ୍ଷରୁ ଏକ ପ୍ରତିନିଧି ଦଳ ନୂଆଗାଁରେ ପହଞ୍ଚି ସହାୟିକାଙ୍କ ପରିବାର ଓ ସହାୟିକାଙ୍କୁ ଭେଟି ଆଲୋଚନା କରିଛନ୍ତି। ଗ୍ରାମବାସୀଙ୍କୁ ମଧ୍ୟ ଭେଟିଛନ୍ତି। ଆମ୍ବେଦକର ଲୋହିଆ ବିଚାର ମଞ୍ଚର ଜିଲ୍ଲା ମହିଳା ସଭାନେତ୍ରୀ ପ୍ରମିଳା ସେଠୀ, ବ୍ଲକ ସମ୍ପାଦକ ବାମନ ଜେନା, ରାଜକିଶୋର ମୁଦୁଲି, ଆମ୍ବେଦକର ମହିଳା ବିକାଶ ଟ୍ରଷ୍ଟ ସଭାନେତ୍ରୀ ସୀତା ସେଠୀ ଆଲୋଚନା କରିଥିଲେ। ସହାୟିକା ପରିବାରକୁ ନ୍ୟାୟ ସହିତ ଜାତିଗତ ବିଭେଦ ସୃଷ୍ଟି କରୁଥିବା ଲୋକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

## ଭୁବନେଶ୍ୱର ସିଟି



# ଜାଗର ପାଇଁ ସଜେଇ ହୋଇଛି ଲିଙ୍ଗରାଜ ମନ୍ଦିର

ଭୁବନେଶ୍ୱର, ୧୩।୨(ସମିସ): ମହାଶିବରାତ୍ରି ପାଇଁ ଏକାମ୍ର କ୍ଷେତ୍ର ଚଳଚଞ୍ଚଳ ହୋଇ ପଡ଼ିଲାଣି। ମହାଶିବରାତ୍ରିକୁ ଆଉ ଦୁଇ ଦିନ ଥିବା ବେଳେ ସଜେଇ ହୋଇଛି ଲିଙ୍ଗରାଜ ମନ୍ଦିର। ମନ୍ଦିରର ସିଂହଦ୍ୱାର, ଉତ୍ତରଦ୍ୱାର, ଦକ୍ଷିଣଦ୍ୱାର, ଚାହାଣୀ ମଣ୍ଡପ, ବେହେରଣ ମଣ୍ଡପ, ଜଗମୋହନ ପ୍ରମୁଖ ରଙ୍ଗ ହେବା ସହିତ ଇଲେକ୍ଟ୍ରୀ କାମ, ମନ୍ଦିର ବାହାରେ ଭକ୍ତଙ୍କ ସୁବିଧା ପାଇଁ ଟେଣ୍ଟ ବ୍ୟାରିକେଡ୍ ସହ, ପିଇବା ପାଣି ସହ ମନ୍ଦିରର ଆଖାପାଖକୁ ସଫାସୁତରା କରାଯିବା ସହ ମନ୍ଦିରର ବାହାରର କାମ ମଧ୍ୟ ଶେଷ ପର୍ଯ୍ୟାୟରେ ପହଁଚିଛି।

ମହାଶିବରାତ୍ରିକୁ ନଜରରେ ରଖି ଚଳିତ ବର୍ଷ ଲିଙ୍ଗରାଜ ମନ୍ଦିରରେ ବ୍ୟାପକ ପ୍ରସ୍ତୁତ କରାଯାଇଛି। ବିଶେଷ କରି ମନ୍ଦିରର ଭିତର ଓ ବାହାର ୪୩ଟି ସିସିଟିଭି ନଜରରେ ରହିବା ସହ ବିଭିନ୍ନ ଦିଗକୁ ଧ୍ୟାନ ଦିଆଯାଇଛି। ଏଥିସହିତ ପ୍ରତତ୍ତ୍ୱ ବିଭାଗ, ଓଡ଼ିଶା ଜଳ ନିଗମ, ପୁଲିସ ପ୍ରଶାସନ, ଟିପିସିଓଡ଼ିଏଲ, ସୂଚନା ଓ ପ୍ରସାରଣ ବିଭାଗ, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, କ୍ରୁଟ୍, ଆର ଆଣ୍ଡ ବି ବିଭାଗ, ଭୁବନେଶ୍ୱର ମହାନଗର ନିଗମ ପ୍ରମୁଖ ବିଭାଗକୁ ମହାଶିବରାତ୍ରିରେ ବିଦ୍ୟୁତ୍ ଠାରୁ ଆରମ୍ଭ କରି ଅସ୍ଥାୟୀ ଶୌଚାଳୟ, ପାନୀୟ ଜଳ ବ୍ୟବସ୍ଥା, ଗାଡ଼ି ପାର୍କିଂ ପରି ବିଭିନ୍ନ କାର୍ଯ୍ୟ ସଠିକ୍ ଭାବରେ କରିବା ସହ ଭକ୍ତଙ୍କ ସୁରକ୍ଷା ସହ ମନ୍ଦିରର ବିଭିନ୍ନ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା।



### ଜାତୀୟସ୍ତରୀୟ ଭଜନ ସମାରୋହ

ଚଳିତବର୍ଷ ଲିଙ୍ଗରାଜ ମହାପ୍ରଭୁଙ୍କର ମହାଶିବରାତ୍ରି ଉପଲକ୍ଷେ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ସଂସ୍ଥା ପକ୍ଷରୁ ଅନୁଷ୍ଠିତ ହେଉଥିବା ଜାତୀୟସ୍ତରୀୟ ଭଜନ ସମାରୋହ ଲିଙ୍ଗରାଜଙ୍କ ଭଜନ ମଣ୍ଡପଠାରେ ଅନୁଷ୍ଠିତ ହେବ। ଶୁକ୍ରବାର ଲିଙ୍ଗରାଜ ମାର୍କେଟ କମ୍ପ୍ଲେକ୍ସର ତୃତୀୟ ମହଲାର ଲାଇବ୍ରେରୀ ହଲ୍‌ଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଅନୁଷ୍ଠାନର ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ଅନ୍ୟତମ ଉପସଭାପତି ତଥା ବିଜେପିର ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ଉପସଭାପତି ତଥା ବରିଷ୍ଠ ଆଇନଜୀବୀ ଶିବାନନ୍ଦ ରାୟ, ରାଜେନ୍ଦ୍ର ସାମର୍ଥା, ବିରଞ୍ଚି ନାରାୟଣ ମହାସୁଆର, ନାରାୟଣ ମହାପାତ୍ର ଏବଂ ଅନୁଷ୍ଠାନର ସାଧାରଣ ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ସନତ ମିଶ୍ର ଏ ନେଇ ସୂଚନା ଦେଇଛନ୍ତି। ଏଥର ଭଜନ ସମାରୋହରେ ମୁମ୍ବାଇର କଳାକାର ନୀତିନ ମୁକେଶ, କୁମାରୀ ଖୁସ୍‌ବୁ ତିୱାରୀ, ମିତୁସ ବର୍ଦ୍ଧନ, ଶଶିକାନ୍ତ ପୌଡ଼ୱାଲ, କୋଲକତାର ତାନି, ମୁନି ଓ ପାର୍ଥ ପ୍ରତୀମ ଶାହା, ଛତିଶଗଡ଼ର ତାନିସ ବର୍ମା, ଉତ୍ତର ପ୍ରଦେଶର ବର୍ଦ୍ଧନ ସିଂଙ୍କ ସମେତ ସଙ୍ଗୀତ ନିର୍ଦ୍ଦେଶକ ମନ୍ମଥ ମିଶ୍ରଙ୍କ ନିର୍ଦ୍ଦେଶନାରେ ଓଡ଼ିଶାର ୩୦ରୁ ଅଧିକ କଳାକାର ଭଜନ ପରିବେଷଣ ବୋଲି ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି।

ଏହି ଉତ୍ସବରେ ରାଜ୍ୟପାଳ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ସୁରମା ପାଢ଼ୀ ଯୋଗଦେବେ। ସଙ୍ଗୀତ ଜଗତର କଳାକାରମାନଙ୍କୁ 'ଏକାମ୍ରଶ୍ରୀ ସମ୍ମାନ'ରେ ସମ୍ମାନିତ କରାଯିବ ବୋଲି ସୂଚନା ଦିଆଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ସେବାୟତ ନିଯୋଗ ମାନଙ୍କର ପ୍ରତିନିଧିମାନଙ୍କ ସମେତ କୋଷାଧ୍ୟକ୍ଷ ରତିକାନ୍ତ ମହାସୁଆର, ଲଲାଟେନ୍ଦୁ ମହାନ୍ତି, ଯୁଗ୍ମ ସମ୍ପାଦକ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ମୁଖପାତ୍ର ଲିଙ୍ଗରାଜ ସାହୁ, ସୁଧୀର ରଞ୍ଜନ ଜେନା, ଗଣେଶ ପାଲ, ତପନ ମହାସୁଆର, ବାବନ ଚନ୍ଦ୍ର ମହାପାତ୍ର, କେଦାରନାଥ ମହାପାତ୍ର, ପ୍ରମୋଦ କୁମାର ଦାସ, ପ୍ରତାପ ପଟ୍ଟନାୟକ ଓ ବିଶ୍ୱନାଥ ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।

## ଦୁଇ ଗଞ୍ଜେଇ ବେପାରୀଙ୍କୁ ୧୦ ବର୍ଷ ଜେଲ୍‌ଦଣ୍ଡ

ଭୁବନେଶ୍ୱର, ୧୩।୨(ସମିସ): ଗଞ୍ଜେଇ ଚୋରା ଚାଲାଣକୁ କରୁଥିବା ୨ଗଞ୍ଜେଇ ବ୍ୟବସାୟୀଙ୍କୁ ଭୁବନେଶ୍ୱର ତୃତୀୟ ଅତିରିକ୍ତ ଜିଲ୍ଲା ଏବଂ ସେସନ୍ କୋର୍ଟର୍ ୧୦ବର୍ଷ ସଜା ଶୁଣାଇଛନ୍ତି। ପ୍ରତ୍ୟେକଙ୍କୁ ୧ଲକ୍ଷ ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଦୋଷୀମାନେ ହେଲେ ମଙ୍ଗଳରାମ ମହତୋ ଏବଂ କୁମାର ଦିଲ୍ଲୀପ। ସୂଚନାଯୋଗ୍ୟ, ୨୦୨୩ ମସିହାରେ ରସୁଲଗଡ଼ ଛକରେ ଟ୍ରକରୁ ୨୭୩ କିଲୋ ଗଞ୍ଜେଇ ଜବତ କରିଥିଲା ଏନ୍‌ସିବି। ଝାଡ଼ଖଣ୍ଡର ୨ଆନ୍ତଃରାଜ୍ୟ ମାଫିଆ ଗିରଫ କରାଯାଇଥିଲା। ଜବତ ଗଞ୍ଜେଇ ମୂଲ୍ୟ ୨୮ ଲକ୍ଷ ହେବ ବୋଲି ଏନ୍‌ସିବି ପକ୍ଷରୁ କୁହାଯାଇଥିଲା। ମିଳିଥିବା ସୂଚନା ଅନୁଯାୟୀ, ଗିରଫ ଦୁଇ ଆନ୍ତଃରାଜ୍ୟ ମାଫିଆ ଗଞ୍ଜେଇ ନେଇ ଓଡ଼ିଶା ଆସିଥିଲେ। ଝାଡ଼ଖଣ୍ଡ ଗଲା ବେଳେ ଗଞ୍ଜେଇ ନେଇ ଯିବାକୁ ଯୋଜନା କରିଥିଲେ। ବୌଦ୍ଧ ମନମୁଣ୍ଡାରୁ ଭୁବନେଶ୍ୱର ଦେଇ ଝାଡ଼ଖଣ୍ଡ ଯାଉଥିଲା ଗଞ୍ଜେଇ। ଚାଳକ କ୍ୟାବିନ୍ ପଛପଟେ ଏକ ସ୍ୱତନ୍ତ୍ର ଚାମ୍ବର ନିର୍ମାଣ କରାଯାଇଥିଲା। ଚଳଚ୍ଚିତ୍ର ପୁଷ୍ପା ଶୈଳୀରେ ଓଡ଼ିଶାରୁ ଗଞ୍ଜେଇ ଝାଡ଼ଖଣ୍ଡର ଧାନବାଦକୁ ଚାଲାଣ କରାଯାଉଥିଲା। ସ୍ପେଶାଲ ଚାମ୍ବରରେ ଗଞ୍ଜେଇ ଭର୍ତ୍ତିକରି ଝାଡ଼ଖଣ୍ଡ ନେଉଥିଲେ। ଗୋଟିଏ ପରେ ଗୋଟିଏ ଜିଲ୍ଲା ପିଛା କରିବା ପରେ ରସୁଲଗଡ଼ ଛକରେ ସନ୍ଦେହଜନକ ଅବସ୍ଥାରେ ଟ୍ରକକୁ ଅଟକା ଯାଇଥିଲା।

## ଘରେ ପଶି ଯୁବତୀଙ୍କୁ ସଂଘବଦ୍ଧ ଆକ୍ରମଣ




ଭୁବନେଶ୍ୱର, ୧୩।୨ (ସମିସ): କର୍ମସ୍ଥଳରେ ଉପୁଜିଥିବା ବିବାଦ ଉଗ୍ରରୂପ ନେଇଛି। ଯୁବତୀଙ୍କ ଘରେ ପଶି ସଙ୍ଘବଦ୍ଧ ଆକ୍ରମଣ କରିଛନ୍ତି। ନ୍ୟୁ ଫରେଷ୍ଟ ପାର୍କ ଅଞ୍ଚଳରେ ଏଭଳି ଘଟଣା ଘଟିଥିବା ବେଳେ ଜଣଙ୍କୁ ଗିରଫ କରିଛି ଏୟାରପୋର୍ଟ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି କେଦାରପଲ୍ଲୀ ବସ୍ତିର କାଳିଆ ନାୟକ (୨୬)।

ପୁଲିସ ସୂଚନାନୁସାରେ, ନ୍ୟୁ ଫରେଷ୍ଟ ପାର୍କ ଲେନ୍ ୬ ଅଞ୍ଚଳରେ ରହୁଥିବା ଅର୍ପିତା ପଲେଇ ଏକ ବେସରକାରୀ ଡାକ୍ତରଖାନାରେ ଚାକିରି କରୁଛନ୍ତି। ସେଠାରେ ଚାକିରି କରୁଥିବା ଜଳେନ୍ଦ୍ର ଜେନା ଓ ଅର୍ପିତା ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ଗତକାଲି ସନ୍ଧ୍ୟାରେ ଜଳେନ୍ଦ୍ର ପ୍ରତିଶୋଧ ପରାୟଣ ହୋଇ କାଳିଆ ଓ ଅନ୍ୟ ସହଯୋଗୀଙ୍କ ସହ ଅର୍ପିତାଙ୍କ ଘରେ ପଶିଥିଲା। ସେଠାରେ ଗାଳିଗୁଲଜ କରିବା ସହ ଅର୍ପିତା ଓ ତାଙ୍କ ଭଉଣୀଙ୍କୁ ଜୀବନରୁ ମାରିବାର ଧମକ ଦେଇଥିଲେ। ଅଭିଯୁକ୍ତମାନେ ଏକ ଭଙ୍ଗା କାଚ ବୋତଲ ସାହାଯ୍ୟରେ ଅର୍ପିତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ଶରୀରର ଏକାଧିକ ସ୍ଥାନରେ କ୍ଷତ ସୃଷ୍ଟି ହୋଇଥିଲା। ଅର୍ପିତା ଏନେଇ ଏୟାରପୋର୍ଟ ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି କାଳିଆକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ନିଖୋଜ ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଠାବ

ଭୁବନେଶ୍ୱର, ୧୩।୨ (ସମିସ): ଚନ୍ଦକା କାଜୁ ଜଙ୍ଗଲରୁ ନିଖୋଜ ଥିବା ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଠାବ ହୋଇଛି। ମୃତକ ଜଣକ ହେଉଛନ୍ତି ସ୍ଥାନୀୟ ଅଞ୍ଚଳର କୃଷ୍ଣଚନ୍ଦ୍ର ବେଜ (୬୫)।

ମିଳିଥିବା ସୂଚନା ଅନୁସାରେ, ଚନ୍ଦକା ଗ୍ରାମରେ ରହୁଥିବା କୃଷ୍ଣଚନ୍ଦ୍ର ପାରିବାରିକ କଳହ ଯୋଗୁଁ କିଛିଦିନ ତଳେ ଘର ଛାଡ଼ି ପଳାଇଥିଲେ। ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ସୁଫଳ ପାଇନଥିଲେ। ଏନେଇ ଚନ୍ଦକା ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏମ୍‌ଏମ୍‌ଆର ପଞ୍ଜୀକରଣ କରିଥିଲା। ଶୁକ୍ରବାର ସକାଳ ସମୟରେ ସ୍ଥାନୀୟ ଲୋକେ କାଜୁ ଜଙ୍ଗଲରେ ଥିବା ଏକ ଗଛରେ ଝୁଲନ୍ତା ମୃତଦେହ ଦେଖିବାକୁ ପାଇଥିଲେ। ଖବରପାଇ ଚନ୍ଦକା ଥାନା ପୁଲିସ ଓ ପରିବାର ଲୋକେ ପହଞ୍ଚି ମୃତଦେହକୁ ଚିହ୍ନଟ କରିଥିଲେ। କୃଷ୍ଣଚନ୍ଦ୍ର ବେକରେ ଗାମୁଛା ବାନ୍ଧି ଗଛରେ ଝୁଲି ପଡ଼ିଥିଲେ। ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ରାତି ଅଧରେ ଜାଳିଦେଲେ ଦୁଇ କାର୍

ଭୁବନେଶ୍ୱର, ୧୩।୨(ସମିସ): ଚିନ୍ତାମଣିଶ୍ୱର ଅଞ୍ଚଳରେ ଏକ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଜଣେ ବ୍ୟକ୍ତିଙ୍କ ୨ଟି କାର୍ ଜଳିଯାଇଛି। କାର୍ ମାଲିକ ଅଭିଯୋଗ କରିଛନ୍ତି ଯେ, ଗାଡ଼ି ଗୁଡ଼ିକୁ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଏଭଳି ଅଗ୍ନିକାଣ୍ଡ ଘଟିଥିବା ଅଭିଯୋଗ ହେଉଛି। କାର ମାଲିକ କହିଛନ୍ତି ତାଙ୍କର ଜଣେ ବ୍ୟକ୍ତିଙ୍କ ସହ ଗଣ୍ଡଗୋଳ ଥିଲା। ଏଣୁ ସେହି ବ୍ୟକ୍ତି ପେଟ୍ରୋଲ ଢାଳି କାର୍ ଗୁଡ଼ିକରେ ନିଆଁ ଲଗାଇ ଦେଇଥିଲେ। ଏଣୁ କାର୍ ମାଲିକ ଏନେଇ ଥାନାରେ ଅଭିଯୋଗ କରିଛନ୍ତି।

## ଡ. ଇତି ସାମନ୍ତଙ୍କୁ ମିଳିବ 'ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋର ସମ୍ମାନ'



ଭୁବନେଶ୍ୱର, ୧୩।୨(ସମିସ): 'ଗୀତାଞ୍ଜଳି' ଅନୁଷ୍ଠାନ ପକ୍ଷରୁ ଆସନ୍ତା ୧୯ ତାରିଖ ସନ୍ଧ୍ୟାରେ ଜୟଦେବ ଭବନ ଠାରେ ବେଙ୍ଗଲୀ ଓ ହିନ୍ଦୀର ସଙ୍ଗୀତ ସନ୍ଧ୍ୟା ସହିତ ଓଡ଼ିଶାର କଳା, ସଂସ୍କୃତିକୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଉକ୍ତ କାର୍ଯ୍ୟକ୍ରମରେ କାଦମ୍ବିନୀ ଓ କୁନିକଥାର ସମ୍ପାଦିକା, ଲେଖକା ଡ. ଇତି ସାମନ୍ତଙ୍କୁ 'ବିଶ୍ୱକବି ରବୀନ୍ଦ୍ର ନାଥ ଟାଗୋର ସମ୍ମାନ ୨୦୨୬' ପ୍ରଦାନ କରାଯିବା ନେଇ ଅନୁଷ୍ଠାନର ସାଧାରଣ ସମ୍ପାଦକ ତପନ କୁମାର ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ପ୍ରଣବଜ୍ୟୋତି ନାଥ, ପ୍ରାକ୍ତନ ମହାଡାକପାଳ ଓଡ଼ିଶାର ଡ. ସନ୍ତୋଷ କୁମାର କାମିଲା, ଜିନ୍ଦଲ ଜେନେରାଲ ମ୍ୟାନେଜର ସୁଧୀର ରଞ୍ଜନ ମିଶ୍ର, ସଙ୍ଗୀତଜ୍ଞ ଲକ୍ଷ୍ମୀକାନ୍ତ ପାଲିତ ପ୍ରମୁଖ ଯୋଗ ଦେବେ ବୋଲି ଅନୁଷ୍ଠାନ ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

● ଦୁର୍ଘଟଣାକୁ ରୋକିବା ପାଇଁ କ୍ରୁଟ୍ ପକ୍ଷରୁ ବୈଠକ

## ଗାଡ଼ି ଚାଳନାକୁ ମିଳିବ ଷ୍ଟାର ରେଟିଙ୍ଗ

ଭୁବନେଶ୍ୱର, ୧୩।୨(ସମିସ): ସଡ଼କ ଦୁର୍ଘଟଣାକୁ ରୋକିବା ଉଦ୍ଦେଶ୍ୟରେ ଶୁକ୍ରବାର କ୍ରୁଟ୍ ପରିଚାଳନା ନିର୍ଦ୍ଦେଶକ ମହମ୍ମଦ ସାଦିକ୍ ଆଲମ୍ କ୍ରୁଟର ବରିଷ୍ଠ ଅଧିକାରୀ ଓ ଜିଆଇଜେଡ୍ ପ୍ରତିନିଧି ଦଳ ସହିତ ଆଲୋଚନା କରିଛନ୍ତି। ଏହି ବୈଠକରେ କ୍ୟାପଟେନମାନଙ୍କ ଗାଡ଼ି ଚାଳନାକୁ ନେଇ ଷ୍ଟାର ରେଟିଙ୍ଗ ଭଳି ଏବିସି ବର୍ଗୀକରଣ, ଇ-ବସ୍ ଚାଳନା ପ୍ରଶିକ୍ଷଣ ପାଇଁ ଇ-ବସ୍ ସିମୁଲେଟର ବ୍ୟବସ୍ଥା ସହିତ ଦୁର୍ଘଟଣା କମିଟିକୁ ଆହୁରି ସୁଦୃଢ କରିବାକୁ ଗୁରୁତ୍ୱ ଦିଆଯାଇଛି। ଏହା ସହ ଡିଟିଆଇ, ଛତିଆରେ ଆମ ବସ୍ କ୍ୟାପଟେନମାନଙ୍କ ପ୍ରଶିକ୍ଷଣ ପାଇଁ ଇ-ବସ୍ ଓ ଆବଶ୍ୟକୀୟ ଭିତ୍ତିଭୂମି ବ୍ୟବସ୍ଥା କରିବାକୁ ପରିଚାଳନା ନିର୍ଦ୍ଦେଶକ ନିର୍ଦ୍ଦେଶ ଦେଇଛନ୍ତି।

## ନୀଳପଦ୍ମରେ ନିଆଁ; ୪ ଗୁରୁତର, ୨୦ ଉଦ୍ଧାର




ଭୁବନେଶ୍ୱର, ୧୩।୨(ସମିସ): ରାଜଧାନୀର ଝାରପଡ଼ାସ୍ଥିତ ଗଣେଶ ମଣ୍ଡପ ନିକଟସ୍ଥ ନୀଳପଦ୍ମ ଆପାର୍ଟମେଣ୍ଟରେ ଶୁକ୍ରବାର ଭୟାବହ ଅଗ୍ନିକାଣ୍ଡ ଘଟିଛି। ଆପାର୍ଟମେଣ୍ଟରେ ଥିବା ଦୁଇଟି ଫ୍ଲାଟ୍‌କୁ ଅଗ୍ନିକାଣ୍ଡ ବ୍ୟାପିବା ଯୋଗୁଁ ବ୍ୟାପକ କ୍ଷୟକ୍ଷତି ହୋଇଛି। ଅଗ୍ନିକାଣ୍ଡ ଯୋଗୁଁ ୨୦ଜୀବନ ବାଜିରେ ଲାଗିଥିଲା ବେଳେ ଅଗ୍ନିଶମ ବିଭାଗର କର୍ମଚାରୀମାନେ ପହଞ୍ଚି ଲୋକଙ୍କୁ ଉଦ୍ଧାର କରିବାରେ ସକ୍ଷମ ହୋଇଥିଲେ। ତେବେ ୪ଜଣ ଗୁରୁତର ଥିବାରୁ ସେମାନଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟ ୨ ଜଣଙ୍କ ଅବସ୍ଥା ଅତ୍ୟନ୍ତ ସଂକଟାପନ୍ନ ରହିଛି। ବିଦ୍ୟୁତ ସର୍ଟସର୍କିଟ ଯୋଗୁଁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି।

ଅଗ୍ନିଶମ ବିଭାଗର ସୂଚନା ମୁତାବକ, ଅପରାହ୍ଣ ୨.୪୭ ମିନିଟ୍‌ରେ ଆପାର୍ଟମେଣ୍ଟର ୫ମ ମହଲାରେ ଅଗ୍ନିକାଣ୍ଡ ଘଟିଥିବା ନେଇ ଅଗ୍ନିଶମ ବିଭାଗକୁ ସୂଚନା ମିଳିଥିଲା। ଏହାର ଗୋଟିଏ ମିନିଟ୍ ମଧ୍ୟରେ ଦମକଳ ବାହିନୀ ଆପାର୍ଟମେଣ୍ଟ ଅଭିମୁଖେ ବାହାରିଥିଲା। ଏହାରେ ଅଗ୍ନିକାଣ୍ଡ ଯୋଗୁଁ ଫସି ରହିଥିବା ଲୋକମାନଙ୍କୁ ଆପାର୍ଟମେଣ୍ଟରୁ ଉଦ୍ଧାର କରାଯାଇଥିଲା। ଉଦ୍ଧାର କାର୍ଯ୍ୟରେ ଆଧୁନିକ ମେସିନ୍ ବ୍ୟବହାର କରାଯାଇଥିଲା। ଗୋଟିଏ ଘରେ ବରିଷ୍ଠ ନାଗରିକ ଦମ୍ପତି ଏବଂ ତାଙ୍କ ଝିଅ ରହୁଥିଲେ। ହଠାତ୍ ନିଆଁ ଲାଗିବା ପରେ ଧୂଆଁ ହୋଇଗଲା। ବୟସ୍କ ଲୋକେ ଶ୍ୱାସରୁଦ୍ଧ ହୋଇଯାଇଥିଲେ। ସେମାନଙ୍କୁ ସୁରକ୍ଷିତ ଅବସ୍ଥାରେ ହସ୍ପିଟାଲ ପଠାଗଲା।

ବରିଷ୍ଠ ନାଗରିକଙ୍କ ଘରେ କଳାକନା ବୁଲାଇଲେ ଲୁଟେରା

## ଲୁଟିନେଲେ ୫୫ ଲକ୍ଷର ସୁନାଗହଣା

ଭୁବନେଶ୍ୱର, ୧୩।୨ (ସମିସ): କିଛିଦିନର ବ୍ୟବଧାନ ପରେ ପୁଣି ସକ୍ରିୟ ହୋଇଛନ୍ତି ସିନ୍ଧି ଚୋର। ବରିଷ୍ଠ ନାଗରିକଙ୍କ ଘରେ ପଶି କଳାକନା ବୁଲାଇଛନ୍ତି। ଆଉ କେଉଁଠି ନୁହେଁ, ରାଜଧାନୀର ଅନ୍ୟତମ ପ୍ରମୁଖ ବରମୁଣ୍ଡା ଅଞ୍ଚଳରେ ଏଭଳି ଘଟଣା ଘଟିଛି। ଚୋରିର ଶିକାର ବରିଷ୍ଠ ନାଗରିକ ଜୀବନ ରଞ୍ଜନ ମହାପାତ୍ର ଏନେଇ ଭରତପୁର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ୫୫ ଲକ୍ଷ ଟଙ୍କାର ସୁନାଗହଣା ଚୋରି ହୋଇଥିବା ଅଭିଯୋଗ କରିଛନ୍ତି। ପୁଲିସ ତାଙ୍କ ଅଭିଯୋଗ ଆଧାରରେ କେସ୍ ନଂ - ୧୧୧/୨୬ ରେ ମାମଲା ରୁଜୁ କରିଛି।

ଅଭିଯୋଗ ଅନୁଯାୟୀ, ବରିଷ୍ଠ ନାଗରିକ ଜୀବନ ରଞ୍ଜନ ମହାପାତ୍ର ବରମୁଣ୍ଡା ବିଡିଏ ଡୁପ୍ଲେକ୍ସ ବି/୪୮ ରେ ରୁହନ୍ତି। ଗତ ୬ ତାରିଖ ଦିନ ସେ କୌଣସି କାମରେ ବାହାରକୁ ଯାଇଥିଲେ। ସେହି ସମୟରେ ଦୁର୍ବୃତ୍ତମାନେ ତାଙ୍କ ଘର ତାଲା ଭାଙ୍ଗି ଭିତରେ ପଶିଥିଲେ। ଘର ଭିତରେ ଥିବା ଆଲମାରି ଲକ୍ ଭାଙ୍ଗି ଦେଇଥିଲେ। ସେଥିରେ ଥିବା ସୁନା ହାର, ସୁନା ଚେନ, ସୁନା ଲକେଟ୍, ସୁନା ମୁଦି, ସୁନା ଚୁଡ଼ି, ସୁନା କାନଫୁଲ, ସୁନା ବାହୁଟି, ସୁନା ନାକ ଫୁଲ ଓ ଅନ୍ୟ ଅଳଙ୍କାର ଚୋରି କରି ନେଇଥିଲେ। ଏଥିସହିତ ପରିଚୟପତ୍ର, ଏଟିଏମ୍ କାର୍ଡ, ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଓ ନଗଦ ଟଙ୍କା ମଧ୍ୟ ଚୋରି କରି ନେଇଛନ୍ତି।

ଶ୍ରୀ ମହାପାତ୍ର ଘରକୁ ଫେରିବା ବେଳକୁ ତାଲା ଭଙ୍ଗା ହୋଇଥିବା ଦେଖି ଘରକୁ ପଶିଥିଲେ। ଘରର ଆସବାବପତ୍ର ଏଣେତେଣେ ଖେଳାଇ ହୋଇ ପଡ଼ିଥିବା ଦେଖିଥିଲେ। ଆଲମାରି ଦେଖିବା ବେଳକୁ ସୁନାଗହଣା ସବୁ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏନେଇ ଶ୍ରୀ ମହାପାତ୍ର ଭରତପୁର ଥାନାରେ ଏତଲା ଦେଇଛନ୍ତି। ପ୍ରାୟ ୩୬୦ ଗ୍ରାମ ଓଜନର ସୁନାଗହଣା ଚୋରି ହୋଇଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ପୁଲିସ ତାଙ୍କ ଅଭିଯୋଗ କ୍ରମେ ମାମଲା ରୁଜୁ କରିଛି। ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଫିଙ୍ଗର ପ୍ରିଣ୍ଟ ଓ ଅନ୍ୟାନ୍ୟ ପ୍ରମାଣ ସଂଗ୍ରହ କରିଛି। ସିସିଟିଭି କ୍ୟାମେରାଫୁଟେଜଯାଞ୍ଚକରିଥିଲେମଧ୍ୟଲୁଟେରାଙ୍କପତ୍ତାପାଇପାରିନାହିଁ।

## ମନ୍ଦିରରେ ଦୀପ ଲଗାଉଥିଲା ବେଳେ ପୋଡ଼ିଗଲେ ନର୍ସ



ଭୁବନେଶ୍ୱର, ୧୩।୨(ସମିସ): ମଞ୍ଚେଶ୍ୱର ଥାନା ସତ୍ୟବିହାର ତ୍ରିଏମ୍ବକେଶ୍ୱର ମନ୍ଦିର ପରିସରରେ ଏକ ଅଭାବନୀୟ ଘଟଣା ଘଟିଛି। ଦୀପ ଜାଳୁଥିଲା ବେଳେ ଜଣେ ନର୍ସ ପୋଡ଼ି ଯାଇଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ କ୍ୟାପିଟାଲ ହସ୍ପିଟାଲ ଏବଂ ପରେ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନା ମୁତାବକ, ନର୍ସଙ୍କ ବୟସ ୨୯। ସେ ରାଜଧାନୀର ଏକ ଘରୋଇ ହସ୍ପିଟାଲରେ କାର୍ଯ୍ୟରତ ଥିଲା ବେଳେ ସତ୍ୟବିହାର ଅଞ୍ଚଳରେ ରହୁଥିଲେ। ଶୁକ୍ରବାର ଦିନ ୧୦ଟା ସମୟରେ ସେ ମନ୍ଦିର ଯାଇଥିଲେ। ପୂଜା ପାଇଁ ଦୀପ ଲଗାଉଥିଲା ବେଳେ ତାଙ୍କ ଶାଢ଼ିରେ ନିଆଁ ଲାଗିଯାଇଥିଲା। ସେ ପଡ଼ିଆକୁ ଦୌଡ଼ିଥିଲେ। ସେଠାରେ ସ୍ଥାନୀୟ ଲୋକେ ତାଙ୍କ ଉପରେ ପାଣି ଢାଳି ତୁରନ୍ତ ଉଦ୍ଧାର କରିଥିଲେ। ହେଲେ ମହିଳା ଜଣଙ୍କ ୫୦ପ୍ରତିଶତ ପୋଡି ଯାଇଛନ୍ତି। ତେବେ ମନ୍ଦିରରେ ଦୀପ ଷ୍ଟାଣ୍ଡରେ ଅସାବଧାନତା ଯୋଗୁଁ ଏଭଳି ଅଘଟଣ ଘଟିଛି। ଦୀପ ସଂଖ୍ୟା ଅଧୀକ ହେବାରୁ ଏଗୁଡ଼ିକୁ ଅନ୍ୟତ୍ର ଫୋପାଡ଼ିବା ବଦଳରେ ମନ୍ଦିର କର୍ମଚାରୀ ତଳେ ଫୋପାଡି ଦେଇଥିଲେ ବୋଲି ଅଭିଯୋଗ ହୋଇଛି। ଫଳରେ ମହିଳା ଭକ୍ତଙ୍କ ଦେହରେ ଅଗ୍ନି ସଂଯୋଗ ହୋଇଥିଲା।

ଉଜୁଡିଗଲାଣି ମାର୍କେଟ ବିଲ୍ଡିଂର ସୌନ୍ଦର୍ଯ୍ୟକରଣ

## ୱାଟର୍ ଫାଉଣ୍ଟେନ ଅଚଳ, ଭାଙ୍ଗିଗଲାଣି ବେଞ୍ଚ ଓ ଲାଇଟପୋଷ୍ଟ

ଭୁବନେଶ୍ୱର, ୧୩।୨(ସମିସ): ରାଜଧାନୀରେ ଥିବା ମାର୍କେଟ ବିଲ୍ଡିଂରେ ପ୍ରତିଦିନ ଶହଶହ ଲୋକଙ୍କ ଭିଡ଼ ଦେଖିବାକୁ ମିଳେ। ପୂଜାପର୍ବାଣୀଠୁ ଆରମ୍ଭକରି ସାଧାରଣ ଦିନଗୁଡିକରେ ମଧ୍ୟ ଲୋକଙ୍କ ଗହଳି ଲାଗି ରହିଥାଏ। ହେଲେ ସନ୍ଧ୍ୟା ସମୟରେ କିଛି ନକିଣିଲେ ମଧ୍ୟ ଲୋକ ବୁଲିବା ପାଇଁ ସେଠାକୁ ଯିବା ପସନ୍ଦ କରିନ୍ତି। ହେଲେ ଏବେ ତା ପରିସରର ସୌନ୍ଦର୍ଯ୍ୟ ପୂରାପୂରି ଉଜୁଡିବାକୁ ବସିଲାଣି।



■ ନଷ୍ଟ ହେଇ ଉଇ ଖାଉଛି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ମିନି ମଡେଲ

ବର୍ତ୍ତମାନ ସମୟରେ ମାର୍କେଟ ବିଲ୍ଡିଂ ପରିସର ମଧ୍ୟରେ ଥିବା ୱାଟର୍ ଫାଉଣ୍ଟେନ ଅନେକ ଦିନଧରି ଅଚଳ ହୋଇ ରହିବା ପରେ ଏବେ ତାହା ଭାଙ୍ଗି ଯାଇଥିବା ଦେଖିବାକୁ ମିଳୁଛି। ଏପରିକି ତା ଭିତରର ମେସିନ ତଥା ଲୁହା ଭାଙ୍ଗି ବାହାରେ ପଡ଼ିଥିବାବେଳେ ଫାଉଣ୍ଟେନ ଭିତରେ ଗଛ ଡାଳପତ୍ର ପଡ଼ିରହିଛି। ଖାଲି ସେତିକି ନୁହଁ ବରଂ ଲୋକଙ୍କ ବସିବା ପାଇଁ ଥିବା ଅଧିକାଂଶ ସିମେଣ୍ଟ ବେଞ୍ଚ ଭାଙ୍ଗି ଯାଇଥିବା ବେଳେ ପରିସର ଭିତରେ ଲାଗିଥିବା ଅନେକଗୁଡିଏ ଲାଇଟ ପୋଷ୍ଟ ମଧ୍ୟ ଭାଙ୍ଗି ଯାଇଛି ତ ଆଉ କିଛି ଅଧାଭଙ୍ଗା ଅବସ୍ଥାରେ ରହିଛି। କିଛି ସ୍ଥାନରେ ଅଳିଆ ମଧ୍ୟ ସେମିତି ପଡ଼ିରହିଥିବା ନଜର ଆସୁଛି। ଏହି ସମସ୍ୟା ଆଜି ନୁଆ ନହଁ, କାରଣ ସେଠାରେ ଥିବା ପ୍ଲାଷ୍ଟିକ୍ ଡିସ୍‌ପୋଜାଲ ମେସିନ୍ ଏବଂ କିଓସ୍କ ଅନେକ ଦିନ ତଥା ଦୁଇ ବର୍ଷରୁ ଅଧିକ ସମୟ ହେବ ଖରାପ ହୋଇ ପଡ଼ିଛି।

ଅନ୍ୟପଟେ ରାଜଧାନୀର ବିଭିନ୍ନ ସ୍ଥାନପରି ମାର୍କେଟ ବିଲ୍ଡିଂ ପରିସରରେ ବି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ମିନି ମଡେଲ ସ୍ଥାନିତ ହୋଇଥିଲା। ଯେଉଁଥିରେ ପରିକ୍ରମା ମାର୍ଗ, ନୂଆ ରୂପ ନେଇଥିବା ମଠ ଆଦି ଦେଖିବାକୁ ରଖାଯାଇଥିଲା। ହେଲେ ପରିସରରେ ଥିବା ସେହି ମିନି ମଡେଲ ଏବେ ତାର ଆକର୍ଷଣ ହରାଇ ବସିଛି। କାଚ ଭାଙ୍ଗିରୁଜି ଯିବା ସହ ଖରା, ବର୍ଷା ଖାଇ ଉଇ ଲାଗି ତାର ସୌନ୍ଦର୍ଯ୍ୟ ନଷ୍ଟ ହୋଇଯାଇଛି। ରାତି ସମୟରେ ଲୋକଙ୍କୁ ଆକର୍ଷିତ କରିବା ଉଦ୍ଦେଶ୍ୟରେ ବିଶେଷ ଭାବେ ଏହିସବୁ ସୌନ୍ଦର୍ଯୀକରଣ କରାଯାଇଥିଲା। ହେଲେ ତାର ବର୍ତ୍ତମାନ ସ୍ଥିତି କିଛି ଓଲଟା ଦୃଶ୍ୟମାନ ହେଉଛି।

ଏ ନେଇ ମାର୍କେଟ ବିଲ୍ଡିଂର ବ୍ୟବସାୟ କମିଟିର ସମ୍ପାଦକ ଅଜିତ୍ କୁମାର ମହାନ୍ତି କହିଛନ୍ତି, ଏ ସମସ୍ତ ସମସ୍ୟା ବିଷୟରେ ଆମେ ବିଏମ୍‌ସିକୁ ଅନେକଥର ଲେଖା ମାଧ୍ୟମରେ ଜଣାଇ ଆସିଛୁ। ହେଲେ ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇ ନାହିଁ। ନିକଟରେ ମଧ୍ୟ ବିଏମସିର ନୂଆ କମିଶନର ଆସିବାପରେ ଆଉଥରେ ଏସବୁ ସମସ୍ୟା ସମ୍ପର୍କରେ ଆମେ ଅବଗତ କରାଇଛୁ। ଆଶା କରୁଛୁ ଖୁବଶିଘ୍ର ସମାଧାନ ହେବ।







'ଆଜି ପ୍ରେମ ଦିବସ'

# ପତ୍ନୀ ସାଜିଛନ୍ତି ଦିବ୍ୟାଙ୍ଗ ସ୍ୱାମୀଙ୍କ ସାରଥୀ

ନିଆରା ପ୍ରେମ

ଭୁବନେଶ୍ୱର, ୧୩।୨(ସମିସ): ପ୍ରେମ କେବଳ ଶାରୀରିକ ସମ୍ପର୍କର ଆକର୍ଷଣ ନୁହେଁ, ଏହା ଦୁଇ ଆତ୍ମାର ଶାଶ୍ୱତ ବନ୍ଧନ। କାମନା ଓ ବାସନାର କଳୁଷିତ ମାନସିକତାର ବହୁ ଊର୍ଦ୍ଧ୍ୱରେ ପ୍ରବାହମାନ ଏକ ପବିତ୍ର ତଟିନୀ ହେଉଛି ପ୍ରେମ। ଏହି ତଟିନୀ କୂଳର ସମର୍ପଣ-ବୃକ୍ଷଡାଳରେ ବସିଥିବା ଦୁଇ ପକ୍ଷୀ ହେଉଛନ୍ତି ପ୍ରେମିକ-ପ୍ରେମିକା, ଯେଉଁଠି ଜଣେ ଅନ୍ୟର ସୁଖ-ଦୁଃଖ ଭିତରେ ନିଜକୁ ହଜାଇ ଦେବାର ଓ ଜଣେ ଅନ୍ୟ ଜଣର ଲୁହକୁ ପିଇଦେବାର ସ୍ୱର୍ଗୀୟ

## ■ ୩୫ ବର୍ଷ ହେବ କରୁଛନ୍ତି ସ୍ୱାମୀଙ୍କ ସେବା

ଆନନ୍ଦ ନିହିତ ଥାଏ। ପ୍ରେମ ସବୁବେଳେ ସତ୍ୟ। ଏହି ସତ୍ୟର ଦିବ୍ୟ ଅନୁଭବ ଆଗରେ ହାର ମାନିଯାଏ ଦୈହିକ ସୌନ୍ଦର୍ଯ୍ୟ। ଯାହାର ଉଦାହରଣ ହେଉଛନ୍ତି ରାଜଧାନୀର ଈଶ୍ୱର ପ୍ରଧାନ ଓ ଲକ୍ଷ୍ମୀ ପ୍ରଧାନଙ୍କ ନିଆରା ପ୍ରେମ। ଈଶ୍ୱର ଦିବ୍ୟାଙ୍ଗ ହୋଇଥିବା ବେଳେ ପତ୍ନୀ ଲକ୍ଷ୍ମୀ ସାଜିଛନ୍ତି ତାଙ୍କ ଜୀବନର ସାରଥୀ। ବିବାହର ୩୫ବର୍ଷ ପରେ ମଧ୍ୟ ସେମାନଙ୍କ ମଧ୍ୟରେ ଫିକା ପଡ଼ିନି ପ୍ରେମର ରଙ୍ଗ।

ପିଲାଦିନରୁ ଈଶ୍ୱର ପୋଲିଓରେ ଆକ୍ରାନ୍ତ ହୋଇଥିଲେ। ବିବାହ ବୟସ ହେବାରୁ ଦିବ୍ୟାଙ୍ଗଙ୍କ ସହ ସାରା ଜୀବନ ବିତାଇବାକୁ ଅନେକ ଝିଅ ପଛଘୁଞ୍ଚା ଦେଇଥିବା ବେଳେ ଆଗେଇ ଆସିଥିଲେ ଲକ୍ଷ୍ମୀ। ସ୍ୱାମୀଙ୍କ ସେବା କରିବାର ମନୋବୃତ୍ତି ନେଇ ସେ ଈଶ୍ୱରଙ୍କୁ ନିଜର ଦେବତା ଭାବେ ଗ୍ରହଣ କରିଥିଲେ। ତେବେ ସବୁଠାରୁ ବଡ଼କଥା ହେଉଛି ବିବାହକୁ ୩୫ ବର୍ଷ ବିତିଯାଇଥିଲେ ମଧ୍ୟ ସ୍ୱାମୀଙ୍କ ସେବା କରିବାରେ ଦିନଟିଏ ବି ହେଳା କରିନାହାନ୍ତି ଲକ୍ଷ୍ମୀ। ସକାଳର ସୂର୍ଯ୍ୟୋଦୟ ରୁ ଆରମ୍ଭ କରି ରାତିରେ ଶୋଇବା ଯାଏ ଲକ୍ଷ୍ମୀ ତାଙ୍କ ପାଖେ ପାଖେ ରହିଥାନ୍ତି। ବଡ଼ି ଭୋରୁ ଉଠି ଈଶ୍ୱରଙ୍କ ପାଇଁ ରୋଷେଇ ସାରି ତାପରେ ଲାଗିପଡ଼ନ୍ତି ସ୍ୱାମୀଙ୍କ ନିତ୍ୟକର୍ମ, ପୋଷାକ ପିନ୍ଧାଇବା, ଖୁଆଇଦେବା, ନିର୍ଦ୍ଧାରିତ ସମୟ ଅନୁସାରେ ମେଡିସିନ୍ ଦେବାରେ। ୧୦ଟା ବାଜିବା ମାତ୍ରେ ସ୍ୱାମୀଙ୍କୁ ଏକ ହ୍ୱିଲ ଚେୟାର୍‌ରେ ବସାଇ ଈଶ୍ୱରଙ୍କ ଅଫିସ୍ ଆଡ଼କୁ ଦୁହେଁ



ଯାଇଥାନ୍ତି। ଈଶ୍ୱର ହାଉସିଂବୋର୍ଡ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିବାରୁ ତାଙ୍କୁ ସବୁଦିନ ଅଫିସ ନେବା ଆଣିବା କରନ୍ତି ପତ୍ନୀ ଲକ୍ଷ୍ମୀ। କେବଳ ସେତିକି ନୁହେଁ ହାଟ ସଉଦା ଠାରୁ ଆରମ୍ଭ କରି ଘରର ଯାବତୀୟ କାମ କରି ମଧ୍ୟ କେବେ ଥକି ଯାଇନଥିବା କହିଛନ୍ତି ଲକ୍ଷ୍ମୀ। ସେ କହିଛନ୍ତି, ଘରେ ସ୍ୱାମୀରୂପୀ ଯେଉଁ ଦେବତା ରହିଛନ୍ତି ତାଙ୍କର ସେବା ଯତ୍ନ କରିବା ହେଉଛି ଈଶ୍ୱର ଭକ୍ତି।ତେଣୁ ପ୍ରତ୍ୟେକ ପତ୍ନୀ ପ୍ରଥମେ ସ୍ୱାମୀଙ୍କୁ ପୂଜା କରିବା, ତାଙ୍କ ସୁଖଦୁଃଖରେ ପାଖେପାଥେ ରହିବା ହିଁ ପ୍ରକୃତ ଭଲପାଇବା ବୋଲି ଲକ୍ଷ୍ମୀ କହିଛନ୍ତି। ସେହିପରି ଈଶ୍ୱର ମଧ୍ୟ ପତ୍ନୀ ଲକ୍ଷ୍ମୀଙ୍କୁ ଛାଡ଼ି ଗୋଟିଏ ମୁହୂର୍ତ୍ତ ଏକାକରୀ ରହିପାରିବେ ନାହିଁ ବୋଲି କହିଛନ୍ତି। ଆଜିର ସ୍ୱାର୍ଥପର ସମାଜରେ ଦୁହିଁଙ୍କ ନିଃସ୍ୱାର୍ଥପର ପ୍ରେମ ଆଜିର ଯୁବପିଢ଼ୀଙ୍କ ପାଇଁ ପ୍ରେରଣା ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

## ମଲ୍‌ରେ ସେଲ୍‌ଫି ଜୋନ୍; ମାର୍କେଟ୍‌ରେ 'ଲଭ୍' ଅଫର୍

ଭୁବନେଶ୍ୱର, ୧୩।୨(ସମିସ): ଫେବୃଆରୀ ୭ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ୭ ଦିନ ଧରି ଚାଲିଥିବା ପ୍ରେମ ସପ୍ତାହକୁ ନେଇ ଯୁବଗୋଷ୍ଠୀମାନେ ବେଶ୍ ଉତ୍ସାହିତ ଥିବା ବେଳେ ଆସନ୍ତା କାଲି ଶେଷ ହେବ ପ୍ରେମ ସପ୍ତାହ। ଯାହାର ଝଲକ ମଧ୍ୟ ସାମାଜିକ ଗଣମାଧ୍ୟମରେ ଦେଖିବାକୁ ମିଳିଛି। ନିଜ ପ୍ରେମିକ ପ୍ରେମିକା, ସ୍ୱାମୀ, ସ୍ତ୍ରୀଙ୍କ ପାଇଁ ବିଭିନ୍ନ ଲଭ୍ କୋଟେସନ୍ ଓ ଫଟୋ ଅପଲୋଡ଼ କରି ନିଜର ପ୍ରେମ ଜାହିର କରିଛନ୍ତି ଉଭୟ। ଏହିଦିନକୁ ଦୃଷ୍ଟିରେ ରଖି ମଲ୍ ଗୁଡ଼ିକରେ ଭାଲେଣ୍ଟାଇନ୍ ଡେ' ପାଇଁ ତିଆରି ହୋଇଛି ସେଲଫି ଜୋନ୍। ସେହିପରି ଉଭୟ ଅନଲାଇନ୍ ଓ ଅଫ୍‌ଲାଇନ୍ ମାର୍କେଟରେ ଏଥିପାଇଁ ସ୍ୱତନ୍ତ୍ର ରିହାତି ରହିଥିବା ଦେଖିବାକୁ ମିଳିଛି। ଏହି ଦିନରେ ପ୍ରେମୀଯୁଗଳମାନେ ପରସ୍ପରକୁ ଉପହାର ଦେବାକୁ ଫୁଲ ଦୋକାନ ଠାରୁ ଆରମ୍ଭ କରି ବିଭିନ୍ନ ଉପହାର ଦୋକାନରେ ମଧ୍ୟ ଯୁବଗୋଷ୍ଠୀଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି।

● ରାଜଧାନୀରେ ନିଆରା ବିବାହ

## ପୁରୁଷ ବନ୍ଧୁଙ୍କୁ ବିବାହ କଲେ କିନ୍ନର



ଭୁବନେଶ୍ୱର, ୧୩।୨(ସମିସ):ରାଜ୍ୟରେ ଶହଶହ କିନ୍ନର ସମାଜର ମୁଖ୍ୟସ୍ରୋତରେ ସାମିଲ୍ ହେବାକୁ ସଂଘର୍ଷ କରୁଥିବା ବେଳେ ଅନେକ ସମୟରେ ସେମାନେ ଟାହିଟାପରାର ଶିକାର ହୋଇଥାନ୍ତି। ମାତ୍ର ଏସବୁକୁ ଦୃଷ୍ଟି ନଦେଇ ନିଜର ଦୃଢ଼ ଇଚ୍ଛାଶକ୍ତି ବଳରେ ପୁରୁଷ ଓ ନାରୀଙ୍କ ସହ ସମକକ୍ଷ ହେବା ପାଇଁ ଏବେବି ସଂଘର୍ଷରତ କିନ୍ନରମାନେ। କାରଣ ପୁରୁଷ ଓ ନାରୀଙ୍କ ଠାରୁ କିନ୍ନରମାନେ କୌଣସି ଗୁଣରେ କମ୍ ନୁହଁନ୍ତି। ସାଧାରଣ ଲୋକଙ୍କ ଭଳି ବିବାହ ବନ୍ଧନରେ ବାନ୍ଧି ହୋଇ ଘରସଂସାର କରିବାର ସ୍ୱପ୍ନକୁ ବାବସ୍ତରେ ପରିଣତ କରିଛନ୍ତି କିନ୍ନର ପ୍ରିୟଙ୍କା ଦୋରା। ପ୍ରେମ ସପ୍ତାହରେ ନିଜ ପୁରୁଷ ବନ୍ଧୁ ରବି ଡାକୁଆଙ୍କୁ ବିବାହ କରିଛନ୍ତି ପ୍ରିୟଙ୍କା।

ପ୍ରିୟଙ୍କାଙ୍କ ଘର ଗଞ୍ଜାମ ଜିଲ୍ଲାର ଦିଗପହଣ୍ଡି ହୋଇଥିବା ବେଳେ ରବିଙ୍କ ଘର ପୋଲସରା। ଉଭୟଙ୍କ ମଧ୍ୟରେ ୪ବର୍ଷ ପ୍ରେମ ସମ୍ପର୍କ ଥିବା ବେଳେ ଆଜି ରାଜଧାନୀରେ ତାହା ସାମାଜିକ ସ୍ୱୀକୃତି ଲାଭ କରିଛି। ଟି.ଜି. ସୁରକ୍ଷା ଟ୍ରଷ୍ଟର ସଭାପତି ମେନକା ପରିଡ଼ାଙ୍କ ନେତୃତ୍ୱରେ ଶୁକ୍ରବାର ନୂଆପଲ୍ଲୀ ଆଇଆରସି ଭିଲେଜସ୍ଥିତ କିନ୍ନରମାନଙ୍କ ବୋହୁଚୋରାମାତା ମନ୍ଦିରରେ ଉଭୟଙ୍କ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଛି। ରୀତିନୀତି ଅନୁସାରେ ବିବାହ କାର୍ଯ୍ୟ ସହ ୩୦୦ ଲୋକଙ୍କ ନିମନ୍ତେ ଭୋଜିର ବ୍ୟବସ୍ଥା କରାଯାଇଥିଲା। ଏହି ବିବାହ କାର୍ଯ୍ୟରେ ସମାଜସେବୀ, ରାଜନେତା ଓ ଆଇନଜୀବୀମାହନେ ଉପସ୍ଥିତ ରହି ବରକନ୍ୟାଙ୍କୁ ଆର୍ଶୀବାଦ କରିଥିଲେ।

## କ୍ଷତାକ୍ତ ଗୋଡ଼କୁ ନ କାଟି ଚିକିତ୍ସା କ୍ଷେତ୍ରରେ ସମ୍ମର ସଫଳତା

ଭୁବନେଶ୍ୱର, ୧୩।୨(ସମିସ): ରୋଗୀର କ୍ଷତାକ୍ତ ଅଙ୍ଗକୁ ନକାଟି ଓଡ଼ିଶାରେ ପ୍ରଥମ ଥର ଆଣ୍ଠୁର ନିମ୍ନଭାଗକୁ ଅତ୍ୟାଧୁନିକ ଏଣ୍ଡୋଭାସ୍କୁଲାର ଆଥେରେକ୍ଟୋମି



ପଦ୍ଧତିରେ ଜେଟ୍‌ଷ୍ଟ୍ରିମ ଟେକ୍ନୋଲଜି ଦ୍ୱାରା ସୁରକ୍ଷା କରିବାରେ ସଫଳ ହୋଇଛନ୍ତି ସମ୍ ଅଲ୍ଟିମେଟ ମେଡିକେୟାର ଡାକ୍ତର। ଏହି ପ୍ରକ୍ରିୟାକୁ ସମ୍ମର ଇଣ୍ଟରଭେନ୍‌ସନାଲ୍ ରେଡିଓଲୋଜିର କନ୍‌ସଲ୍‌ଟାଣ୍ଟ ଡ. ସମ୍ବିତ କୁମାର ପଟ୍ଟନାୟକ ମିନିମାଲି ଇନ୍‌ଭେସିଭ୍ ଭାସ୍କୁଲାର କେୟାର ମାଧ୍ୟମରେ ସମ୍ପନ୍ନ କରିଛନ୍ତି। ଏହି ମିନିମାଲି ଇନ୍‌ଭେସିଭ ପ୍ରକ୍ରିୟା ଦ୍ୱାରା ଯନ୍ତ୍ରଣା କମିବା ସହ ରୋଗୀ ଶୀଘ୍ର ସୁସ୍ଥ ହୋଇପାରୁଛି ବୋଲି ସେ କହିଥିଲେ। ଏହି ଅତ୍ୟାଧୁନିକ ଚିକିତ୍ସା ଓଡ଼ିଶାରେ ରୋଗୀମାନଙ୍କ ମଧ୍ୟରେ ନୂତନ ଆଶାର କିରଣ ସୃଷ୍ଟି କରିଛି ବୋଲି ହସ୍ପିଟାଲ୍‌ର ଚିଫ୍ ଅଫ୍ ମେଡିକାଲ୍ ସର୍ଭିସେସ୍ ବ୍ରିଗେଡ଼ିୟର ଡ. ବିରାଜ ମୋହନ ମିଶ୍ର କହିଛନ୍ତି। ଏହି ପରିପ୍ରେକ୍ଷୀରେ ସମ୍ମ୍‌ର ସିଇଓ ଡ. ଶ୍ୱେତପଦ୍ମା ଦାଶ କହିଛନ୍ତି ଯେ ଏହି ସଫଳତା ହସପିଟାଲକୁ ଅତ୍ୟାଧୁନିକ ସ୍ୱାସ୍ଥ୍ୟ ସେବା ପ୍ରଦାନ କ୍ଷେତ୍ରରେ ଆଉ ଏକ ମାଇଲଖୁଣ୍ଟ ଭାବେ ଉଭା ହେବାକୁ ସାହାଯ୍ୟ କରିଛି।

## ୩ ସମବାୟ ସମିତି ପରିଦର୍ଶନ କଲେ ଯୁଗ୍ମ ସଚିବ



ବାଲିପାଟଣା, ୧୩।୨(ସମିସ): କେନ୍ଦ୍ର ସମବାୟ ବିଭାଗର ଏକ ପ୍ରତିନିଧି ଦଳ କେନ୍ଦ୍ର ସମବାୟ ବିଭାଗ ଯୁଗ୍ମ ସଚିବ ସିଦ୍ଧାର୍ଥ ଜୈନଙ୍କ ସହିତ କେନ୍ଦ୍ର ସମବାୟ ବିଭାଗ ନିର୍ଦ୍ଦେଶକ ମୁକେଶ କୁମାର ଆସି ପ୍ରଥମେ ବାଲିପାଟଣା ବ୍ଲକର ଅଗ୍ରଣୀ ସମବାୟ ସମିତି ଗାରେଡିପାଞ୍ଚଣ ସେବା ସମବାୟ ସମିତିରେ ପହଞ୍ଚି ସେଠାରେ କିପରି ଚାଷୀମାନଙ୍କୁ ଋଣ ପ୍ରଦାନ କରାଯାଉଛି, ଓମଫେଡ଼, ସହଜ କେନ୍ଦ୍ର, ନାଫେଡ଼, ପିଡ଼ିଏସ, ସାର ବ୍ୟବସାୟ, ସମବାୟ ମାଧ୍ୟମରେ ଧାନ ଓ ମୁଗ କ୍ରୟ ବ୍ୟବସାୟରେ ଲାଭ ଓ ସୁଲଭ ମୂଲ୍ୟରେ ଖାଉଟିଙ୍କ ପାଖରେ ପହଞ୍ଚୁଛି କି ନାହିଁ ପଚାରି ବୁଝିଥିଲେ। ସମବାୟ ବ୍ୟାଙ୍କରୁ ସୁଲଭ ସୁଧ ହାରରେ ଋଣ ଯୋଗାଇଦେବାକୁ ଉପସ୍ଥିତ ଖୋର୍ଦ୍ଧା ସମବାୟ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ସାରଥୀ ସତପଥୀଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ସମବାୟ ନିବନ୍ଧକ ସିଦ୍ଧାର୍ଥ ଦାସ, ଆଡସିନାଲ ସେକ୍ରେଟାରୀ ରୋଜାଲିନ ସେନାପତି, ଉପ ନିବନ୍ଧକ ଅଲକା ନନ୍ଦା ଜେନା, ବରିଷ୍ଠ ସହକାରୀ ନିବନ୍ଧକ ପ୍ରିୟବ୍ରତ ପଣ୍ଡା, ଯୁଗ୍ମ ନିବନ୍ଧକ ବିଶ୍ୱପ୍ରକାଶ, ଡିଜିଏମ ସନ୍ଦୀପ ପଟ୍ଟନାୟକ, ଅଞ୍ଚଳ ଅଧିକାରୀ ଦିବ୍ୟ ରଞ୍ଜନ ପ୍ରଧାନ, ସମବାୟ ସଭାପତି ଅଭିମନ୍ୟୁ ନାୟକ, ଭାରତ ଭୂଷଣ ମହାନ୍ତି, ଦୀପ୍ତିମାନ ପୃଷ୍ଟି, ସମ୍ପାଦକ ସୁଶୀଲ କୁମାର ପଣ୍ଡା, ପ୍ରଭୁପ୍ରସାଦ ଜେନା, ପ୍ରସନ ଜେନା, ଡିଇଓ, ଏଡିଇ ଓଙ୍କ ସମେତ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ମୁକ୍ତିଲାଭ କଲା 'ରକ୍ତ ଗୋଲାପ'



ଭୁବନେଶ୍ୱର, ୧୩।୨(ସମିସ): ଓଡ଼ିଆ ଚଳଚ୍ଚିତ୍ର 'ରକ୍ତ ଗୋଲାପ' ସାରା ଓଡ଼ିଶାରେ ୩୦ଟି ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଛି। ଏହି ସସପେନ୍ସ-ଥ୍ରୀଲର ସିନେମାରେ ଏଲିନା ସାମନ୍ତରାୟ, ହର ରଥ, ସମରେଶ ରାଉତରାୟ, ଉଦିତ ଗୁରୁ, ଚୌଧୁରୀ ଜୟପ୍ରକାଶ ଦାସ, ଅଭିଷେକ ଗିରି ପ୍ରମୁଖ ଅଭିନୟ କରିଛନ୍ତି। ଆଶିଷ ପ୍ରଧାନଙ୍କ ଦ୍ୱାରା ପ୍ରସ୍ତୁତ ଏହି ସିନେମାର ନିର୍ଦ୍ଦେଶନା ଶିଶିର ପିନାକୀ ଦେଇଛନ୍ତି।

## ଧର୍ମବିହାର ଶିଶୁମନ୍ଦିରରେ 'ଘର ହିଁ ବିଦ୍ୟାଳୟ'



ଭୁବନେଶ୍ୱର, ୧୩।୨(ସମିସ): ଧର୍ମବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଶିଶୁବାଟିକା ବିଭାଗରେ ଗୁରୁବାର ଦିନ 'ଘର ହିଁ ବିଦ୍ୟାଳୟ' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏଥିରେ ନାରାୟଣ ଚୌଧୁରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୁନିକୁନି ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକଙ୍କୁ ମାର୍ଗଦର୍ଶନ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ମାନସ ରଞ୍ଜନ ଜେନା କାର୍ଯ୍ୟକ୍ରମର ଆଭିମୁଖ୍ୟ ସଂପର୍କରେ କହିଥିବା ବେଳେ ଶିଶୁବାଟିକା ପ୍ରମୁଖ ସୁଶୋଭିତା ପଟ୍ଟନାୟକ ଅତିଥି ପରିଚୟ ଦେଇଥିଲେ। ଶିଶୁବାଟିକାର ସମସ୍ତ ଗୁରୁଜୀ/ଗୁରୁମା ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଡିଜିଟାଲ୍ ଅର୍ଥନୀତି ଏବଂ ଦାୟିତ୍ୱପୂର୍ଣ୍ଣ ଏଆଇ ସଂକ୍ରାନ୍ତ ଜାତୀୟ ସେମିନାର୍

ଭୁବନେଶ୍ୱର, ୧୩।୨(ସମିସ): ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ଆଇଏମ୍‌ବିଏ ବିଭାଗ ପକ୍ଷରୁ 'ଡିଜିଟାଲ୍ ଅର୍ଥନୀତି ଦାୟିତ୍ୱପୂର୍ଣ୍ଣ ଏଆଇ ନୀତିଶାସ୍ତ୍ର, ବିଶ୍ୱାସ ଏବଂ ସ୍ଥାୟୀ ବ୍ୟବସାୟ ପରିବର୍ତ୍ତନ' ଶୀର୍ଷକ ଦିନିକିଆ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଆଇଏମ୍‌ବିଏ ବିଭାଗର ସହକାରୀ ଅଧ୍ୟାପକ ଗାୟତ୍ରୀ ଜେନା ଉଦ୍‌ଘାଟନୀ ଭାଷଣ ଦେଇଥିବା ବେଳେ



ବିଭାଗୀୟ ମୁଖ୍ୟ ସହକାରୀ ଅଧ୍ୟାପକ ଶିବାନନ୍ଦ ଦାସ ଅତିଥିମାନଙ୍କୁ ପରିଚୟ ଦେଇଥିଲେ। ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଡ. ଝୁମକି ରଥ, ଶିକ୍ଷା ଏବଂ ବୃତ୍ତିଗତ ଶିକ୍ଷା ଆବଶ୍ୟକତା ମଧ୍ୟରେ ଥିବା ପାର୍ଥକ୍ୟକୁ ଦୂର କରିବା ପାଇଁ ପାଠ୍ୟକ୍ରମରେ କୃତ୍ରିମ ବୁଦ୍ଧିମତ୍ତାକୁ ସାମିଲ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଭାବେ ନୂଆଦିଲ୍ଲୀର ଏମସ୍ ନିର୍ଦ୍ଦେଶକ ପ୍ରଫେସର ଡା. ଗଣେଶ ସିଂହ, ମୁଖ୍ୟ ବକ୍ତା ଭାବରେ ଓଡ଼ିଶାର ମାଟି ଫାର୍ମର ପ୍ରତିଷ୍ଠାତା ସଞ୍ଜଗ ସାହୁ, ସମ୍ମାନିତ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ବ୍ୟବସାୟ ପ୍ରଶାସନ ବିଭାଗର ପ୍ରଫେସର ଡ. ସତ୍ୟ ସ୍ୱରୂପ ଦେବାଶିଷ, ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ଅର୍ଥନୀତି ବିଭାଗର ମୁଖ୍ୟ ପ୍ରଫେସର ଡ. ମୌସୁମୀ ଦାସଙ୍କ ସମେତ ଆଲୋଚନା ଚକ୍ରର ସହ-ସଂଯୋଜକ ଡ. ରଜନୀକାନ୍ତ ଜେନା ଉପସ୍ଥିତ ଥିଲେ। ବିଭାଗର ୪ଶହରୁ ଅଧିକ ଛାତ୍ରଛାତ୍ରୀ ଏବଂ ଅଧ୍ୟାପକ ଏହି ସେମିନାରରେ ଅଂଶଗ୍ରହଣ କରିଥିଲେ।

## ସୋଆ ଆଇବିସିଏସ୍ ପକ୍ଷରୁ ମ୍ୟାନେଜମେଣ୍ଟ ଡେଭେଲପ୍‌ମେଣ୍ଟ ପ୍ରୋଗ୍ରାମ

ଭୁବନେଶ୍ୱର, ୧୩।୨(ସମିସ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜିନେସ୍ ଆଣ୍ଡ କମ୍ପ୍ୟୁଟର ଷ୍ଟଡିଜ୍ (ଆଇବିସିଏସ୍) ପକ୍ଷରୁ ଏକ ମ୍ୟାନେଜେମେଣ୍ଟ ଡେଭେଲପ୍‌ମେଣ୍ଟ ପ୍ରୋଗ୍ରାମ୍ ଅନୁଷ୍ଠିତ ହୋଇଯାଇଛି। 'ମ୍ୟାନେଜିଂ ଏଆଇ ଡ୍ରିଭନ୍ ମାର୍କେଟ: ଆନ୍ ଇଣ୍ଡଷ୍ଟ୍ରି ୫.୦ ପର୍ସପେକ୍ଟିଭ୍' ଶୀର୍ଷକ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଉଦ୍ୟୋଗୀ, ବ୍ୟବସାୟୀ, କର୍ପୋରେଟ ଜଗତର ବ୍ୟକ୍ତିବିଶେଷ, ଶିକ୍ଷାବିତ୍ ଏବଂ ଛାତ୍ରଛାତ୍ରୀମାନେ ଯୋଗଦେଇ ଥିଲେ। ଆଇଟି ପ୍ଲସ ପଏଣ୍ଟ ସଲ୍ୟୁସନ୍‌ସ ପ୍ରାଇଭେଟ ଲିମିଟେଡ୍‌ର ଏମ୍‌ଡି ପ୍ରଭାତ ସାହୁ ଏବଂ ଟିସିଏସ୍ ରିସର୍ଚ୍ଚର ପ୍ରମୁଖ ବୈଜ୍ଞାନିକ ଓ ଇଞ୍ଜିନିୟର ଡ. ହେମନ୍ତ ରଥ ଯୋଗଦେଇ କୃତ୍ରିମ ବୁଦ୍ଧିମତା କିଭଳି ବ୍ୟବସାୟ ଏବଂ ଉଦ୍ୟୋଗୀକରଣରେ ବ୍ୟବହାର ଉପରେ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ଏମ୍‌ଡିପିର ଆବାହକ ତଥା ସୋଆର ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ଆଇବିସିଏସ୍‌ର ଡିନ୍ ପ୍ରଫେସର ଅୟସକାନ୍ତ ମହାନ୍ତି, ଉପକୁଳପତି ପ୍ରଫେସର ଅନୁପ କୁମାର ସାମନ୍ତରାୟ ଏବଂ ଆସୋସିଏଟ ଡିନ୍ ପ୍ରଫେସର ମନୋରଞ୍ଜନ ଦାସ ବକ୍ତବ୍ୟ ରଖିଥିଲେ। ବୈଷୟିକ ପର୍ଯ୍ୟାୟକୁ ଏଆଇ ଟ୍ରେନର ସିଏ ଏସ୍‌କେ. ଅବୁ ସକିବ୍ ପରିଚାଳନା କରିଥିଲେ।

## ପଞ୍ଚଦଶ ପ୍ରାଚୀ ନଦୀ ପରିକ୍ରମା କାର୍ଯ୍ୟକ୍ରମ ଉଦ୍‌ଯାପିତ

ଭୁବନେଶ୍ୱର, ୧୩।୨(ସମିସ):ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ପ୍ରାଚୀ ପରିକ୍ରମା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ହେଉଥିବା ପଞ୍ଚଦଶ ପ୍ରାଚୀ ନଦୀ ପରିକ୍ରମା କାର୍ଯ୍ୟକ୍ରମ ଆଜି ଉଦ୍‌ଯାପିତ ହୋଇଯାଇଛି। ଚଳିତ ବର୍ଷ କାର୍ଯ୍ୟକ୍ରମରେ ସାଧୁସନ୍ଥମାନେ ଫେବୃଆରୀ ୭ରେ ଶ୍ରୀ ଅନ୍ଧକପିଳେଶ୍ୱର ମନ୍ଦିର, କପିଳେଶ୍ୱରପୁର ଠାରୁ ନିଜର ପରିକ୍ରମା ଆରମ୍ଭ କରିଥିଲେ। ଏହାପରେ ଆର୍ତ୍ତତ୍ରାଣ ଗାଦି, ଶ୍ରୀ ମାଧବାନନ୍ଦ ଜୀଉ ମନ୍ଦିର, ଦେଉଳୀ ମଠ, କେଳୁଣୀ ମୁହାଣ, କ୍ଷୀରଗଛ ମଠ ଏବଂ ଶେଷରେ ଅନ୍ତର୍ବେଦୀ ମଠ, ତ୍ରିବେଣୀ ତୀର୍ଥ ଠାରେ ପରିକ୍ରମା ସାରିଥିଲେ। କାର୍ଯ୍ୟକ୍ରମରେ ସାଧୁସନ୍ଥମାନେ ମଠର ପରିକ୍ରମା କରିବା ସହିତ ପ୍ରାତଃ ପ୍ରାଚୀ ଆରତୀ ଓ ସନ୍ଧ୍ୟା ପ୍ରାଚୀନ ଆରତୀ, ସତସଙ୍ଗ, ପୂର୍ଣ୍ଣାହୂତି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ଜଗନ୍ନାଥ ପଣ୍ଡାଙ୍କର 'ଦ ଲଙ୍ଗ ନାଓ ଅଫ୍ ଅସ୍' ଉଦ୍‌ଘାଟିତ

ଭୁବନେଶ୍ୱର, ୧୩।୨(ସମିସ): ଇଓ ଓଡ଼ିଶା ପକ୍ଷରୁ ଆନ୍ତର୍ଜାତିକସ୍ତରରେ ଖ୍ୟାତିସମ୍ପନ୍ନ ଆର୍ଟିଷ୍ଟ ଜଗନ୍ନାଥ ପଣ୍ଡାଙ୍କର ସାମ୍ପ୍ରତିକ କୃତିଗୁଡ଼ିକୁ ନେଇ ଉଲ୍ଲେଖନୀୟ ଏକକ ପ୍ରଦର୍ଶନୀ 'ଦ ଲଙ୍ଗ୍ ନାଓ ଅଫ ଅସ୍' ଉଦ୍‌ଘାଟିତ ହୋଇଯାଇଛି। ଶିବଦାସ ସେନଗୁପ୍ତାଙ୍କ ନିଖୁଣ ପ୍ରସ୍ତୁତିରେ ଏହି ପ୍ରଦର୍ଶନୀ ଜନସାଧାରଣଙ୍କର ବିପୁଳ ଅଂଶଗ୍ରହଣ ମଧ୍ୟରେ ଲଳିତ କଳା ଏକାଡେମୀର ରିଜିଓନାଲ ସେଣ୍ଟରଠାରେ ଉଦ୍‌ଘାଟିତ ହୋଇଛି। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରଫେସର ଡ. ପ୍ରଦୋଷ ମିଶ୍ର ଅତିଥିମାନଙ୍କୁ



ସ୍ୱାଗତ କରିଥିଲେ। ପ୍ରଦର୍ଶନୀର ଆକର୍ଷଣ ଭାବରେ ୧୬ ଫୁଟର ଅଭିଲେଖ ଆଧାରିତ ରଥ ସ୍ଥାନ ପାଇଥିଲା। ସନ୍ଧ୍ୟାରେ ରମାକାନ୍ତ ସାମନ୍ତରାୟଙ୍କ ଦ୍ୱାରା ଲିଖିତ ପୁସ୍ତକ 'ରୂପକଥାର ରୂପକାର: ଜଗନ୍ନାଥ ପଣ୍ଡାଙ୍କର ଜୀବନ, ଦର୍ଶନ ଏବଂ ସୃଜନ' ଉନ୍ମୋଚିତ ହୋଇଥିଲା। ଇଓ ଓଡ଼ିଶା ଚାପ୍ଟରର ଫୋରମ୍ ଚେୟାର ଓ ବୋର୍ଡ ସଦସ୍ୟ କମଲ ଅଗ୍ରୱାଲ ମଧ୍ୟ ଏଥିରେ ଉପସ୍ଥିତ ଥିଲେ।

## ପାତ୍ରପଡ଼ା-ଭଗବାନପୁର ଯୁବ ବାହିନୀ ପକ୍ଷରୁ 'ବିଶ୍ୱ ରେଡିଓ ଦିବସ'

ଭୁବନେଶ୍ୱର, ୧୩।୨(ସମିସ): ରାଜଧାନୀ ଉପକଣ୍ଠ ପାତ୍ରପଡ଼ାସ୍ଥିତ ଗାନ୍ଧୀ ଚଉତରାଠାରେ ପାତ୍ରପଡ଼ା-ଭଗବାନପୁର ଯୁବ ବାହିନୀ ଆନୁକୂଲ୍ୟରେ 'ବିଶ୍ୱ ରେଡିଓ ଦିବସ' ପାଳିତ ହୋଇଛି। ସ୍ଥାନୀୟ କର୍ପୋରେଟର ରଶ୍ମିରଞ୍ଜନ ପାଟଶାଣୀଙ୍କ ଅଧ୍ୟକ୍ଷତାରେ 'ରେଡିଓ ବିବିଧା ୨୦୨୬' କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମେୟର ସୁଲୋଚନା ଦାସ ଯୋଗ ଦେଇ ବୈଦ୍ୟୁତିକ ଗଣମାଧ୍ୟମର ଆକର୍ଷଣ ଭିତରେ ଆଜି ବି ରେଡିଓ ବିଶ୍ୱସନୀୟ ଓ ନିଚ୍ଛକ ଖବର ଏବଂ ମନୋରଞ୍ଜନ ଓ ସୂଚନାଧର୍ମୀ କାର୍ଯ୍ୟକ୍ରମ ପରିବେଷଣ କରି ଶ୍ରୋତାଙ୍କ ପ୍ରିୟଭାଜନ ହୋଇ ରହିଛି ବୋଲି କହିଥିଲେ। ସମ୍ମାନନୀୟ ଅତିଥି ଭାବେ ଆକାଶବାଣୀ କଟକ କେନ୍ଦ୍ରର ପୂର୍ବତନ ସହ-ନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ସାମଲ, ପୂର୍ବତନ ଆରକ୍ଷୀ ଉପଆୟୁକ୍ତ ପ୍ରାଣକୃଷ୍ଣ ରାଉତ, ଆକାଶବାଣୀ କଟକ କେନ୍ଦ୍ରର ସମ୍ବାଦ ପାଠକ ମହେଶ୍ୱର ସାହୁ, ମୁଖ୍ୟବକ୍ତା ଭାବେ ଜୟପୁର ଆକାଶବାଣୀ କେନ୍ଦ୍ରର ପ୍ରାକ୍ତନ ନିର୍ଦ୍ଦେଶକ ଡ. କୃତିବାସ ନାୟକ ନିଜ ବକ୍ତବ୍ୟରେ ମହାବାତ୍ୟା ସମୟରେ ରେଡିଓ କିପରି ପ୍ରଚାର ପ୍ରସାରର ମାଧ୍ୟମ ସାଜିଥିଲା, ସେ ବିଷୟରେ




ସୂଚନା ଦେଇଥିଲେ। ଆଜି ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ପରିବେଷଣ କରି ରେଡିଓ ଦୂରବନ୍ଧୁ ସାଜିବା ସହ ଛାତ୍ରଛାତ୍ରୀ ଏବଂ ପରିବାରବର୍ଗଙ୍କୁ ଏକ ସୂତ୍ରରେ ବାନ୍ଧି ରଖିଛି ବୋଲି କହିଥିଲେ। ଏହି ଅବସରରେ ପ୍ରାୟ ୨୦ଟି ଗ୍ରାମରୁ ନିମନ୍ତ୍ରିତ ରେଡିଓ ପ୍ରେମୀମାନଙ୍କୁ ଯୁବ ବାହିନୀ ତରଫରୁ ୧୦୦ଟି ନୂତନ ରେଡିଓ ପ୍ରଦାନ କରଯାଇଥିଲା। ସତ୍ୟ ନାରାୟଣ ମହାନ୍ତି ମଞ୍ଚ ପରିଚାଳନା କରିଥିବାବେଳେ ରବୀନ୍ଦ୍ର ନାଥ ସାହୁ ଧନ୍ୟବାଦ ଦେଇଥିଲେ। ସନ୍ଧ୍ୟାରେ ଡିଇସିଟି ଡ୍ୟାନ୍ସ ଗ୍ରୁପ୍ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# କୃଷି ଯନ୍ତ୍ରପାତି ମେଳାରେ ତାତିଲେ ଚାଷୀ

ସମ୍ବଲପୁର, ୧୩।୨ (ସମିସ)

ସମ୍ବଲପୁର ଅଇଁଠାପାଲିସ୍ଥିତ ପିଏଚ୍‌ଡି ପଡ଼ିଆରେ ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଘାଟନ ହେବାକୁ ଥିବା କୃଷି ଯନ୍ତ୍ରପାତି ମେଳାକୁ ବିରୋଧ କରିଛି ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଂଗଠନ। ଶତାଧିକ ଚାଷୀ ଶୁକ୍ରବାର ସନ୍ଧ୍ୟାରେ ପଡ଼ିଆରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ





କରିବାସହ ଅନ୍ୟ ମେଳା ସହ କୃଷି ମେଳା କରିବାକୁ ବିରୋଧ କରିଛନ୍ତି। ଏହାବ୍ୟତୀତ ଏଠାରେ ଅଣଧାନ ଚାଷ ବା ବିକଳ୍ପ ଚାଷକୁ ନେଇ ଆଲୋଚନାଚକ୍ର ଆୟୋଜିତ ହେଉଥିବାବେଳେ ଏନେଇ ଚାଷୀମାନଙ୍କୁ ସୂଚନା ଦିଆଯାଇନଥିବା ଅଭିଯୋଗ କରିଛନ୍ତି। ଜିଲ୍ଲାର ଦୂରଦୂରାନ୍ତରୁ ଚାଷୀମାନେ ଆସିବାକୁ ଥିବାବେଳେ କେଉଁ ପରିପ୍ରେକ୍ଷୀରେ ସନ୍ଧ୍ୟାରେ ଏହାର ଉଦ୍‌ଘାଟନୀ ରଖାଯାଇଛି ବୋଲି ସେମାନେ ପ୍ରଶ୍ନ କରିଥିଲେ। ଶତାଧିକ ଚାଷୀ ମେଳା ପ୍ରାଙ୍ଗଣରେ ଧାରଣାରେ ବସିଥିଲେ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଆସି ଚାଷୀମାନଙ୍କ ସହ ଆଲୋଚନା କରିଥିବାବେଳେ ଆଜି ପାଇଁ କୃଷି ଯନ୍ତ୍ରପାତି ମେଳାର ଉଦ୍‌ଘାଟନୀକୁ ବନ୍ଦ କରାଯିବାକୁ ଚାଷୀମାନେ ଦାବି କରିଥିଲେ। ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟନ ହୋଇ ନଥିବା ସୂଚନା ମିଳିଛି। ଉଲ୍ଲେଖଯୋଗ୍ୟ ଯେ, ପିଏଚ୍‌ଡି ପଡ଼ିରେ ଜିଲ୍ଲାସ୍ତରୀୟ ସୁଭଦ୍ରା ଶକ୍ତି ମେଳା ଓ କୃଷି ମେଳା ସନ୍ଧ୍ୟା ୬ଟାରେ ଉଦ୍‌ଘାଟନ ହେବାର କାର୍ଯ୍ୟକ୍ରମ ରହିଥିଲା।

ଚାଷୀମାନଙ୍କ ଅଭିଯୋଗ ଅନୁଯାୟୀ, ସରକାର ସବୁ ସମୟରେ ଧାନ ଚାଷ ନକରି ଅଣଧାନ ଚାଷ କରିବାକୁ କହୁଛନ୍ତି। କିନ୍ତୁ ଯେତେବେଳେ କୃଷି ମେଳା ଏଠାରେ ଯେଉଁ ଆଲୋଚନାଚକ୍ର ହେବ ସେଥିରେ ଧାନଚାଷରେ ଓତଃପ୍ରୋତ ଭାବେ ଜଡ଼ିତ ଚାଷୀଙ୍କୁ ଡକାଯାଇନାହିଁ। ଚାଷୀମାନେ ଉଦ୍ୟାନ କୃଷି, ମତ୍ସ୍ୟ ଆଦି କେଉଁ ବିଷୟରେ ସେମିନାର ହେବ ଜାଣିନାହାନ୍ତି। ଗାଁ ଗାଁରେ ପ୍ରଚାର କରି ଧାନ ଚାଷ ନକରି ବିକଳ୍ପ ଚାଷକୁ ନେଇ ଅବଗତ କରାଯିବା ସହ ତାଲିମ ଦିଆଯିବ ବୋଲି ପ୍ରଚାରପ୍ରସାର ହେବା କଥା,

## କାର୍ଯ୍ୟକ୍ରମ ଉଦ୍‌ଘାଟନ ହୋଇପାରିଲାନି

ହେଉଛି ତାହା ସହିତ ସୁଭଦ୍ରା ମେଳା ଓ ହସ୍ତତନ୍ତ ମେଳାକୁ ମିଶେଇ କରୁଛନ୍ତି। ସୁଭଦ୍ରା ମେଳାକୁ ଚାଷୀ ବିରୋଧ କରୁନାହିଁ, କିନ୍ତୁ କୃଷି ମେଳାରେ ଅଣଧାନ ଉଦ୍ୟାନକୃଷି, ମତ୍ସ୍ୟ ଆଦି ବିଷୟରେ ଉପକରଣ ଦେଖାଇବା ସହ ତାଲିମ ଦିଆଯାଇଥାଏ। ଏପରିସ୍ଥଳେ ଚାଷୀ ପାଇଁ ସ୍ୱତନ୍ତ୍ର ମେଳା ନକରି ଚାରୋଟି ମେଳାକୁ ମିଶାଇ ମୀନାବଜାର ଭଳିଆ କରାଯାଉଛି। ପୁଣି ଧାନକ୍ରୟରେ କଟ୍‌ନିଛଟ୍‌ନି, ଟୋକନ୍, ମଣ୍ଡି ଆଦି ସମସ୍ୟାର ସମାଧାନ ନକରି ମେଳା କାହିଁକି ବୋଲି ଚାଷୀମାନେ ପ୍ରଶ୍ନ କରିଛନ୍ତି। ତାହା ଆଦୌ ହୋଇନାହିଁ। ଏପରିକି କିଛିସଂଖ୍ୟକ ଚାଷ କରୁ ନ ଥିବା ଲୋକଙ୍କୁ ଅଣାଯାଇଥିବା ଅଭିଯୋଗ କରିଛନ୍ତି। ଚାଷୀମାନଙ୍କ ବିରୋଧ ପରେ ପାଇଁ କୃଷିମେଳାର ଉଦ୍‌ଘାଟନୀକୁ ପ୍ରଶାସନ ପକ୍ଷରୁ ବାତିଲ କରାଯାଇଥିବାବେଳେ କେବଳ ସୁଭଦ୍ରା ମେଳାକୁ ଉଦ୍‌ଘାଟନ କରାଯାଇଥିବା ଜଣାପଡ଼ିଛି। ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତି ଆବାହକ ଅଶୋକ ପ୍ରଧାନ, ଜିଲ୍ଲା କୃଷକ ସୁରକ୍ଷା ସଂଗଠନ ସଭାପତି ବ୍ୟୋମକେଶ ଠାକୁର, ସମ୍ପାଦକ ଦେବେନ୍ଦ୍ର ପଧାନ, ସୁଶାନ୍ତ ପଣ୍ଡା, ଅଶ୍ୱିନୀ ହୋତା, ଭୈରବ ପ୍ରଧାନ, ଦିଲ୍ଲୀପ ସାହୁ, ସନ୍ତୋଷ ପଧାନ, ଭାସ୍କର, ତରଣୀସେନ ଭୋଇ, ଯୋଗେଶ ଭୋଇ, ରାଧେଶ୍ୟାମ ପଣ୍ଡା, ଜଗଦାନନ୍ଦ ନାୟକ, ଶାନ୍ତନୁ ପ୍ରଧାନ, ଜିଗ୍ନେସ ବାରିକ, କାଶୀ ବିଶ୍ୱନାଥ, ଏମ୍. ଗୋବିନ୍ଦୁ, ନାଟୁ ବିହାରୀ ବିଶ୍ୱାଳ ପ୍ରମୁଖ ଚାଷୀମାନଙ୍କ ବିକ୍ଷୋଭରେ ସାମିଲ ଥିଲେ। ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ ସଭାପତି ବ୍ୟୋମକେଶ ଠାକୁର କହିଛନ୍ତି, ଚାଷୀମାନେ କେବଳ ଧାନ ଚାଷ କରୁଛନ୍ତି, ଅଣଧାନ ଚାଷ କରୁନାହାନ୍ତି ବୋଲି ବହୁତ ବଦନାମ କରାଗଲା, ଏପରିକି କୃଷି ମନ୍ତ୍ରୀ ନୌଟଙ୍କି କରୁଛ ବୋଲି କହିଲେ। ଆଜି ଯେଉଁ କୃଷି ମେଳା ହେଉଛି, ତାହା କାହିଁକି ହେଉଛି? ଚାଷୀକୁ ଉଦ୍ୟାନକୃଷି, ମତ୍ସ୍ୟ ଆଦି ବିଭିନ୍ନ ଚାଷ ବିଷୟରେ କିଛି ତାଲିମ ଦେବାପାଇଁ, କିଛି ଦେଖାଇବା ପାଇଁ, କିଛି ନୂତନ ଉପକରଣ ବିଷୟରେ ଜଣାଇବା ପାଇଁ ମେଳା କରାଯାଉଛି। ତେବେ, କୃଷି ମେଳାରେ ଅନ୍ୟ ମେଳାକୁ ମିଶାଇବାର ଆବଶ୍ୟକତା କ'ଣ ବୋଲି ସେ ପ୍ରଶ୍ନ କରିଛନ୍ତି। ଚାଷୀ କିପରି ଧାନରୁ ଅଣଧାନକୁ ଯିବ ସେଥିପାଇଁ ସ୍ୱତନ୍ତ୍ର ମେଳା, ସ୍ୱତନ୍ତ୍ର ତାଲିମର ଆବଶ୍ୟକତା ରହିଛି। କୌଣସି ଚାଷୀକୁ ନ ଡାକି ଚାରୋଟି ମେଳାକୁ ମିଶେଇ ଏହି ମେଳା କରାଯାଉଛି। ପୁଣି ଗାଁଗଣ୍ଡାରୁ ଚାଷୀ ଆସିବ, ସନ୍ଧ୍ୟା ୬ଟା ଉଦ୍‌ଘାଟନୀ କାହା ସ୍ୱାର୍ଥରେ କରାଯାଉଛି। ୬୦ରୁ ୯୦ କିଲୋମିଟର ଦୂରରୁ ରାତିରେ ଚାଷୀ ଆସିବ କି? ଏହା କେବଳ ପ୍ରହସନ ଚାଲିଛି ଓ ଚାଷୀକୁ ଉପେକ୍ଷା କରାଯାଉଛି ବୋଲି ଶ୍ରୀ ଠାକୁର କହିଛନ୍ତି। ଏଣୁ ଚାଷୀକୁ ବିକଳ୍ପ ଚାଷର ମାର୍ଗଦର୍ଶନ କରିବାକୁ ହେଲେ କେବଳ କୃଷି ମେଳା କରିବାସହ ପ୍ରଚାର ପ୍ରସାର ଜରିଆରେ ଚାଷୀମାନଙ୍କୁ ସାମିଲ କରିବାକୁ ସେ ଦାବି କରିଛନ୍ତି।

ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରସନ୍ନ କୁମାର ସ୍ୱାଇଁ କହିଛନ୍ତି, କୃଷକ ସଂଗଠନକୁ ଆଜି ଡକାହୋଇଛି। ଏହି କୃଷି ଯନ୍ତ୍ରପାତି ମେଳା, ମତ୍ସ୍ୟ ଓ ପ୍ରାଣୀ ବିଭାଗ ମେଳା, ସୁଭଦ୍ରା ଶକ୍ତି ମେଳା ୭ ଦିନ ପର୍ଯ୍ୟନ୍ତ ଚାଲିବ। ଗୋଷ୍ଠୀ କୃଷି ଅଧିକାରୀମାନେ ପ୍ରତି ବ୍ଲକରୁ ଆଗୁଆ ଚାଷୀମାନଙ୍କୁ ଆଣିବା ପାଇଁ କୁହାଯାଇଛି ବୋଲି ସେ ସଫେଇ ଦେଇଥିଲେ।



ଶିବରାତ୍ରି ପାଇଁ ସଜେଇ ହୋଇଛି ବାଲିବନ୍ଧା ସୋମନାଥ ମନ୍ଦିର।

### ଡାକ୍ତର ଶଙ୍କର ରାମଚନ୍ଦାନୀଙ୍କ ଟଙ୍କିକିଆ କ୍ଲିନିକ୍‌କୁ ୫ ବର୍ଷ

# ଯୋଡ଼ିହେଲା ଫୁସ୍‌ଫୁସ୍ ଓ ଅସ୍ଥି ଘନତ୍ୱ ମାପକ ସେବା

**ସମ୍ବଲପୁର, ୧୩।୨ (ସମିସ) :** ଭୀମସାରର ସହକାରୀ ପ୍ରଫେସର ଡାକ୍ତର ଶଙ୍କର ରାମଚନ୍ଦାନୀ ସେବାମୂଳକ ମନୋଭାବ ନେଇ ଆରମ୍ଭ କରିଥିଲେ ଟଙ୍କିକିଆ କ୍ଲିନିକ୍। ମାତ୍ର ୧ ଟଙ୍କା ଦେଇ ଗରିବ, ଅସହାୟ ରୋଗୀ ଚିକିତ୍ସା ସୁବିଧା ପାଇପାରୁଥିଲେ। ପରେ ପରେ ବିଭିନ୍ନ ସେବା ସେ ୧ ଟଙ୍କାରେ ଆରମ୍ଭ କରିଥିଲେ। ଟଙ୍କିକିଆ ଡାକ୍ତର ଭାବେ ସେ ପ୍ରସିଦ୍ଧି ଲାଭ କରିବାସହ ରାଜ୍ୟ ସମେତ ଦେଶରେ ପ୍ରସିଦ୍ଧି ଲାଭ କରିଛନ୍ତି। ଶୁକ୍ରବାର ଟଙ୍କିକିଆ କ୍ଲିନିକ୍‌ର ୫ ବର୍ଷ ପୂର୍ତ୍ତି ଅବସରରେ ଡାକ୍ତର ରାମଚନ୍ଦାନୀଙ୍କ ଟଙ୍କିକିଆ କ୍ଲିନିକ୍‌ରେ ଆଉ ଦୁଇଟି ନୂତନ ସେବା ଯୋଡ଼ି ହୋଇଛି। ସେହି ପରୀକ୍ଷା ଦୁଇଟିର ମୂଲ୍ୟ ଅନ୍ୟ କ୍ଲିନିକ୍ ମାନଙ୍କରେ ମୋଟ ପ୍ରାୟ ୨ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ଥିବାବେଳେ ଡା. ରାମଚନ୍ଦାନୀ ତାହାକୁ ମାତ୍ର ୧ ଟଙ୍କାରେ ଉପଲବ୍ଧ କରିବେ। ଫୁସ୍‌ଫୁସ୍ ରୋଗ ନିରୂପଣ ପାଇଁ ସ୍ପାଇରୋମେଟ୍ରି ଏବଂ ଅସ୍ଥି ଘନତ୍ୱ ମାପିବା ପାଇଁ ବିଏମ୍‌ଡି ଯନ୍ତ୍ର ଶୁଭାରମ୍ଭ କରାଯାଇଛି। ବିଏମ୍‌ଡି ଯନ୍ତ୍ର ଦ୍ୱାରା ବୋନମିନେରାଲ୍ ଅସ୍ତିତ୍ୱ ଓ ଘନତ୍ୱ ମାପସହ ବିଭିନ୍ନ ସମସ୍ୟା ଜାଣିହେବ। ସେହିପରି ସ୍ପାଇରୋମେଟ୍ରି ମେସିନରେ ଫୁସଫୁସ୍ ଜନିତ ବିଭିନ୍ନ ରୋଗ ଆଦି ଜାଣିବାସହ ତାହାର ଉପଚାର କରିହେବ। ଏହାସହ ୧ ଟଙ୍କାରେ ଦିବ୍ୟାଙ୍ଗଙ୍କୁ ଆଶାବାଡ଼ି ମଧ୍ୟ ପ୍ରଦାନ କରାଯାଉଛି। ଆଜି ଏହି ନୂତନ ସେବା ଉଦ୍‌ଘାଟନୀ ଅବସରରେ ଡା. ରାମଚନ୍ଦାନୀଙ୍କ ପତ୍ନୀ ଡା. ଶିଖା ରାମଚନ୍ଦାନୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ତଥା ବିଭିନ୍ନ ଜିଲ୍ଲାରୁ ଆସିଥିବା ରୋଗୀ ଉପସ୍ଥିତ ଥିଲେ। ଗତ ୫ ବର୍ଷ ମଧ୍ୟରେ ଟଙ୍କିକିଆ କ୍ଲିନିକ୍‌ରେ ୧ ଲକ୍ଷ ୩୫ ହଜାର ରୋଗୀ ସେବା ପାଇଥିବା ଜଣାପଡ଼ିଛି।



ମା' ସ୍ୱର୍ଗତ ଲାଜବନ୍ତୀ ରାମଚନ୍ଦାନୀଙ୍କ ସ୍ୱପ୍ନ ପୂରଣ ପାଇଁ ବୁର୍ଲାରେ ୨୦୨୧ ଫେବୃଆରୀ ୧୨ ତାରିଖରେ ଟଙ୍କିକିଆ କ୍ଲିନିକ୍‌ର ଶୁଭାରମ୍ଭ କରିଥିଲେ ଡା. ରାମଚନ୍ଦାନୀ। ଡା. ରାମଚନ୍ଦାନୀ ତାଙ୍କ ପରିବାରର ୯ ଜଣ ସନ୍ତାନଙ୍କ ମଧ୍ୟରେ ସର୍ବକନିଷ୍ଠ। କୋଭିଡ ସମୟରେ ଡାକ୍ତରଖାନାରେ ଗରିବ ଓ ଅସହାୟ ରୋଗୀମାନେ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଥିବା ଦେଖି ସେମାନଙ୍କ ସେବା ଯୋଗାଇ ଦେବାକୁ ସେ ଟଙ୍କିକିଆ କ୍ଲିନିକ୍ ଆରମ୍ଭ କରିଥିଲେ। ପ୍ରଥମେ ୧ ଟଙ୍କାରେ ରୋଗୀ ଚିକିତ୍ସା ଏବଂ ପରବର୍ତ୍ତୀ ସମୟରେ ୧ ଟଙ୍କାରେ ଔଷଧ ସେବା, ୧ ଟଙ୍କାରେ ଇସିଜି ସେବା, ୧ ଟଙ୍କାରେ ନେବୁଲାଇଜର୍, ୧ ଟଙ୍କାରେ ଆଶାବାଡ଼ି ଏବଂ ଗତବର୍ଷ ତାଙ୍କ ଦନ୍ତ ଚିକିତ୍ସକ ପତ୍ନୀ ୧ ଟଙ୍କାରେ ଦନ୍ତ ଚିକିତ୍ସା ସେବା ଆରମ୍ଭ କରିଛନ୍ତି। ଚଳିତଥର ଆରମ୍ଭ କରିଥିବା ୧ ଟଙ୍କାରେ ଫୁସ୍‌ଫୁସ୍ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ୧ ଟଙ୍କାରେ ଅସ୍ଥି ଘନତ୍ୱ ପରୀକ୍ଷା କରିବା, ଯେଉଁଟା କି ଅନ୍ୟ ସ୍ଥାନ ମାନଙ୍କରେ ମୋଟ ଦୁଇ ହଜାର ଟଙ୍କାରୁ ଅଧିକ ମୂଲ୍ୟ ପଡୁଛି, ତାହା ରାଜ୍ୟ କାହିଁକି ଦେଶରେ ବିରଳ କହିଲେ ଅତ୍ୟୁକ୍ତି ହେବନାହିଁ।

ଡାକ୍ତର ଶଙ୍କର ରାମଚନ୍ଦାନୀ କହିଛନ୍ତି, ଏଭଳି ୧ ଟଙ୍କାରେ ସ୍ପାଇରୋମେଟ୍ରି ଓ ବିଏମ୍‌ଡି ପରୀକ୍ଷା ଉପଲବ୍ଧ କରିବା ବୋଧହୁଏ ଭାରତରେ ପ୍ରଥମ। ଆଗକୁ ଏଭଳି ସେବା ଚାଲିବ। ମା'ଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ପ୍ରୟାସ ଜାରି ରହିଛି। ଅଧିକରୁ ଅଧିକ ଗରିବ ଓ ନିଷ୍ପେଷିତ ଲୋକ ଉପକୃତ ହୁଅନ୍ତୁ। ଏହାର ଉଦ୍ଦେଶ୍ୟ ହେଉଛି ସମାଜର ନିମ୍ନସ୍ତରର ତଥା ବଞ୍ଚିତ ରୋଗୀ ସେମାନଙ୍କୁ ଯେଭଳି ଉତ୍ତମ ସ୍ୱାସ୍ଥ୍ୟ ସେବା ପ୍ରଦାନ କରାଯାଇପାରିବ। ଆଗାମୀ ଦିନରେ ଏହି ସେବାକୁ ଉନ୍ନତ କରିବା ପାଇଁ ଚେଷ୍ଟା କରାଯିବ ବୋଲି ସେ ମତବ୍ୟକ୍ତ କରିଛନ୍ତି।



### ନାବାଳିକା ଦୁଷ୍କର୍ମ ଉଦ୍ୟମ ମାମଲା

# ଅଭିଯୁକ୍ତକୁ ୨୦ ବର୍ଷ ଜେଲ୍ ଓ ୫୦ ହଜାର ଜରିମାନା

**ସମ୍ବଲପୁର, ୧୩।୨ (ସମିସ) :** ସମ୍ବଲପୁର ଅତିରିକ୍ତ ଜିଲ୍ଲା ଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତ ବିଚାରପତି ଅଭିଲାଷ ସେନାପତି ନାବାଳିକା ଦୁଷ୍କର୍ମ ଉଦ୍ୟମ ମାମଲାର ବିଚାରକରି ଅଭିଯୁକ୍ତ ଭୀଷ୍ମ ପୁଲେଇଙ୍କୁ ଦୋଷୀ ସାବ୍ୟସ୍ତ କରିବାସହ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଓ ୫୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜୋରିମାନା ଅନାଦେୟ ହେଲେ ଆଉ ଏକ ବର୍ଷ ଅଧିକ ଜେଲଦଣ୍ଡ ଭୋଗିବେ ବୋଲି ରାୟରେ ପ୍ରକାଶ କରିଛନ୍ତି।

ଘଟଣାଟି ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଥାନା ଅଞ୍ଚଳରେ ଘଟିଥିଲା। ରେଢ଼ାଖୋଲ ଥାନାରେ ପିଡ଼ିତାଙ୍କ ବାପା ଲିଖିତ ଅଭିଯୋଗ କରିଥିଲେ ଯେ, ୬-୫-୨୦୨୨ ତାରିଖ ସେ ତାଙ୍କ ପୁଅର ଚିକିତ୍ସା ପାଇଁ ପତ୍ନୀ ଓ ପୁଅଙ୍କୁ ନେଇ ନିକଟସ୍ଥ ଏକ ମେଡିକାଲକୁ ଯାଇଥିଲେ। ଅନୁପସ୍ଥିତିର ସୁଯୋଗ ନେଇ ସେହିଦିନ ଅପରାହ୍ଣ ପ୍ରାୟ ୪ଟାରେ ଘରେ ପିଡ଼ିତା ଏକାକୀ ଥିବା ସମୟରେ ଅଭିଯୁକ୍ତ ଭୀଷ୍ମ ପୁଲେଇ ଜବରଦସ୍ତି ଦୁଷ୍କର୍ମ କରିଥିଲା। ଖବର ପାଇ ବାପାମା' ଦୁହେଁ ଘରକୁ ଆସି ପୁଲିସକୁ ଖବର ଦେଲେ। ପୁଲିସ ଅଭିଯୁକ୍ତକୁ ଧରି ଥାନାରେ ଅଟକ ରଖିଥିଲା। ପିଡ଼ିତାର ମାଟ୍ରିକ ପରୀକ୍ଷା ଚାଲିଥିବାରୁ ପରଦିନ ୭ ତାରିଖ ଥାନାରେ ମାମଲା ରୁଜୁ ହେଲା। ଅଭିଯୋଗ ପାଇବାପରେ ରେଢ଼ାଖୋଲ ଥାନାଧିକାରୀ କେସ ନଂ. ୯୯/୭-୫-୨୦୨୧ ଦଫା ୩୭୬ ଆଇପିସି ଏବଂ ସେକ୍ସନ ୬ ପୋକ୍‌ସୋ ଆକ୍ଟରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ଅଭିଯୁକ୍ତ ଭୀଷ୍ମ ପୁଲେଇକୁ ଗିରଫ କରି କୋର୍ଟଚାଲାଣ କରାଗଲା। ଶାସନ ଥାନାଧିକାରୀ ଘଟଣାର ତଦନ୍ତ କରି ଅଭିଯୁକ୍ତ ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲେ। ଅତିରିକ୍ତ ଜିଲ୍ଲା ଜଜ୍ ଓ ପୋକ୍‌ସୋ ବିଚାରପତି ଅଭିଲାଷ ସେନାପତି ୨୦ ଜଣଙ୍କ ସାକ୍ଷ୍ୟପ୍ରମାଣ ଓ ତଥ୍ୟ ଆଧାରରେ ଶୁଣାଣି କରି ଅଭିଯୁକ୍ତ ଭୀଷ୍ମ ପୁଲେଇକୁ ଦୋଷୀ ସାବ୍ୟସ୍ତ କରି ସେକ୍ସନ ୪(୨) ପୋକ୍‌ସୋ ଆକ୍ଟରେ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଓ ୫୦ ହଜାର ଟଙ୍କା ଜୋରିମାନା କରିଛନ୍ତି। ଜୋରିମାନା ଅନାଦେୟ ହେଲେ ଆଉ ୧ ବର୍ଷ ଅଧିକ ଜେଲଦଣ୍ଡ ଭୋଗିବେ ବୋଲି ରାୟରେ ପ୍ରକାଶ କରିଛନ୍ତି। ଏହାସହ ଦଫା ୪୫୦ ଆଇପିସିରେ ୭ ବର୍ଷ ସଶ୍ରମ କାରାଦଣ୍ଡ ଓ ୨୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜୋରିମାନା ଅନାଦେୟ ହେଲେ ଆଉ ୬ ମାସ ଅଧିକ ଜେଲଦଣ୍ଡ ଭୋଗିବେ। ଉଭୟ ଦଣ୍ଡାଦେଶ ଏକକାଳୀନ ଚାଲିବ। ବିଚାରପତି ଶ୍ରୀ ସେନାପତି ଓଡ଼ିଶା ପିଡ଼ିତା କ୍ଷତିପୂରଣ (ସଂଶୋଧନ) ଯୋଜନା, ୨୦୨୫ ଅନୁଯାୟୀ ପିଡ଼ିତାଙ୍କୁ ୧୦ ଲକ୍ଷ ଟଙ୍କାର ଆର୍ଥିକ କ୍ଷତିପୂରଣ ପ୍ରଦାନ କରିବାକୁ ଜିଲ୍ଲା ଆଇନସେବା ପ୍ରାଧିକରଣ, ସମ୍ବଲପୁରକୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ପ୍ରସନ୍ନ କୁମାର ସାହୁ ମାମଲା ପରିଚାଳନା କରିଥିଲେ।

# ବୁର୍ଲାରେ ୩ ଦିନିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟ



**ସମ୍ବଲପୁର, ୧୩।୨ (ସମିସ):** ରମେଶ ବିଶ୍ୱାଳ ଏବଂ କମଲ ବାହାଦୁର ଦୁଇ ଜଣ ବୁର୍ଲାର ବିଶିଷ୍ଟ କ୍ରିକେଟ୍ ଖେଳାଳିଙ୍କ ବିୟୋଗ ପରେ ତାଙ୍କ ସ୍ମୃତିରେ ଆଜି ଠାରୁ ୩ ଦିନିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ ତେଲୁଗୁପଡ଼ା ପଡ଼ିଆରେ ଉଦ୍‌ଘାଟିତ ହୋଇଛି। ଅଲ୍ ବୁର୍ଲା କ୍ରିକେଟ ଲଭର୍ସଙ୍କ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟକୁ ଡାକ୍ତର ସଞ୍ଜୀବ କୁମାର ମିଶ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏବିଭିପିର ପଶ୍ଚିମ ପ୍ରାନ୍ତ ମିଡ଼ିଆ ପ୍ରଭାରୀ ବିଜୟ କଲତା ଏବଂ ଡାକ୍ତର ରଞ୍ଜନ କୁଜୁର୍ ଅତିଥି ଭାବରେ ଯୋଗଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ ସମଲେଶ୍ୱରୀ କ୍ଲବ୍ ଏବଂ ତେଜସ କ୍ଲବ୍ ମଧ୍ୟରେ ହୋଇଥିଲା। ତେଜସ କ୍ଲବ୍ ପ୍ରଥମେ ବ୍ୟାଟିଂ କରି ୮ ଓଭର୍‌ରେ ୭୬ ରନ କରିଥିଲେ, ସମଲେଶ୍ୱରୀ କ୍ଲବ ନିର୍ଦ୍ଧାରିତ ଓଭରରେ ୬ ୱିକେଟ୍ ବିନିମୟରେ ରନ କରି ବିଜୟ ଲାଭ କରିଥିଲେ। ଦ୍ୱିତୀୟ ମ୍ୟାଚରେ ଏକ୍ସ-ଫେକ୍ଟର ହୀରାକୁଦ ଦଳ ବିଜୟୀ ହୋଇଥିଲେ। ସମ୍ବଲପୁର ଜିଲ୍ଲାରୁ ୧୬ ଟି ଦଳ ମ୍ୟାଚ୍‌ରେ ଅଂଶଗ୍ରହଣ କରିବେ।

# ଘରେ ପଶି ନେଇଗଲେ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର

**ସମ୍ବଲପୁର, ୧୩।୨(ସମିସ):** ସଦର ଥାନା ଅଞ୍ଚଳରେ ବଡ଼ ଚୋରି। ତାହା ପୁଣି ରାତିରେ ନୁହେଁ। ଦିନ ସାଢେ ୧୧ଟା ବେଳେ ଘରେ କେହି ନଥିବା ବେଳେ ଏହି ଅଘଟଣ ଘଟିଯାଇଛି। ସଦର ଥାନା ମାନେଶ୍ୱରରେ ଏକ ଘରୁ ୬



## ସହରରେ ଆତଙ୍କ ଖେଳାଇଛନ୍ତି ଯାଯାବର

## ପୂର୍ବରୁ ଅଇଁଠାପାଲି ଅଞ୍ଚଳରେ କଳାକନା ବୁଲାଇଥିଲେ

ଜଣିଆ ଯାଯାବର ଗ୍ରୁପ୍ କେହି ନଥିବା ବେଳେ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଚୋରି କରି ନେଇଥିବା ଅଭିଯୋଗ ହୋଇଛି। ଏ ନେଇ ସଦର ଥାନାରେ ମନିଶା ସିଂ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ ମନିଶା ଓ ତାଙ୍କ ସ୍ୱାମୀ ଘରେ ତାଲା ପକାଇ ପ୍ରତିଦିନ ପରି ନିଜ କାମରେ ବାହାରକୁ ଯାଇଥିଲେ। ଅପରାହ୍ନରେ ଘରକୁ ଖାଇବାକୁ ଆସିବା ବେଳେ ଏ ସମ୍ପର୍କରେ ଜାଣିବାକୁ ପାଇଥିଲେ। କିଛି ଦୁର୍ବୃତ୍ତ ଘର ଆଲମାରି ଭାଙ୍ଗି ଭିତରୁ ୫୦ରୁ ୬୦ ଗ୍ରାମ ସୁନା ଅଳଙ୍କାର, ୫ଶହ ଗ୍ରାମରୁ ଅଧିକ ରୁପା ଓ ୧୩ ହଜାର ଟଙ୍କା ଲୁଟି ନେଇଛନ୍ତି। ସିସିଟିଭି ଆଧାରରେ ଦୁଇ ଜଣ ମହିଳା, ୩ଜଣ ଶିଶୁ ଓ ଜଣେ ପୁରୁଷ ଅଭିଯୋଗକାରୀଙ୍କ ଘରେ ଦିନ ସାଢେ ୧୧ଟା ବେଳେ ପଶି ଏହା କାରାନାମ କରିଥିଲେ। ଏ ନେଇ ସେ ସଦର ଥାନାରେ ଅଭିଯୋଗ କରିଛନ୍ତି। ହେଲେ ପୁଲିସ ଏପର୍ଯ୍ୟନ୍ତ ଅଭିଯୁକ୍ତଙ୍କ ଟେର୍ ପାଇନି। ସୂଚନା ଅନୁସାରେ ଏହି ଗ୍ରୁପ୍ ସହରର ଆତଙ୍କ ଖେଳାଇଛନ୍ତି। ଭିକ ମାଗିବା ବାହାନାରେ ସହରର ବିଭିନ୍ନ ଅଞ୍ଚଳ ବୁଲୁଛନ୍ତି। କେଉଁ ଘରେ ଲୋକେ କେତେବେଳେ ରହୁନାହନ୍ତି, ବାହାରକୁ କେଉଁ ସମୟରେ ବାହାରକୁ ଯାଉଛନ୍ତି, କେତେବେଳ ଘରକୁ ଫେରୁଛନ୍ତି ଏ ନେଇ ରେକି କରୁଛନ୍ତି। ପରେ ଦିନ ବେଳେ ଭିକ ମାଗିବା ବାହାନାରେ ଘରକୁ ଯାଉଛନ୍ତି। ଘରେ କେହି ନଥିଲେ, ବାହାରେ କିଛି ଲୋକ ରହୁଛନ୍ତି ଓ ଅନ୍ୟ କେତେଜଣ ଭିତରକୁ ଯାଇ ସର୍ବସ୍ୱ ଲୁଟି ନେଉଛନ୍ତି। କିଛି ଦିନ ପୂର୍ବରୁ ଅଇଁଠାପାଲି ଥାନା ଅଞ୍ଚଳରେ ମଧ୍ୟ ଏଭଳି ଘଟଣା ଘଟିଥିଲା। ହେଲେ ପୁଲିସ ଏବେ ଯାଏଁ କାହାର ଟେର୍ ପାଇ ପାରୁନି। ସଦର ପୁଲିସ ଏ ଘଟଣା ଗୁରୁତର ସହ ନେଇ ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ମନିସା ଦାବି କରିଛନ୍ତି। ଚୋରି ସମସ୍ତ ସୁନା ଅଳଙ୍କାର କିଭଳି ଫେରି ପାଇବେ ସେ ନେଇ ସେ ପୁଲିସକୁ ଅନୁରୋଧ କରିଛନ୍ତି।

# ଜଗନ୍ନାଥ ଦର୍ଶନ ପାଇଁ ସମ୍ବଲପୁରରୁ ଗଲେ ୭୪ ଯାତ୍ରୀ

ସମ୍ବଲପୁର, ୧୩।୨ (ସମିସ)

ଶ୍ରୀ ଜଗନ୍ନାଥ ଦର୍ଶନ ପାଇଁ ସମ୍ବଲପୁର ଜିଲ୍ଲାରୁ ବାହାରିଛନ୍ତି ଆଜି ୭୪ ଜଣ ବରିଷ୍ଠ ନାଗରିକ। ଦୁଇଟି ବସ୍‌ରେ ଯାତ୍ରୀମାନେ ବାହାରିଥିବାବେଳେ ଜିଲ୍ଲାର ବିଭିନ୍ନ ବ୍ଲକରୁ ପୁରୁଷ ଓ ମହିଳାଙ୍କ ସହ ଡାକ୍ତରୀ ଦଳ ଓ ଏସ୍‌କର୍ଟ ଦଳ ରହିଛନ୍ତି। ସେମାନଙ୍କ ମଧ୍ୟରେ ରେଢ଼ାଖୋଲରୁ ୫ ଜଣ, ରେଢ଼ାଖୋଲ ବିଜ୍ଞାପିତ ଅଞ୍ଚଳ ପରିଷଦରୁ ୫ ଜଣ, ନାକଟିଦେଉଳରୁ ୬ ଜଣ, ଯୁଯୋମୁରାରୁ ୯ ଜଣ, କୁଚିଣ୍ଡାରୁ ୧୫ ଜଣ, କୁଚିଣ୍ଡା ବିଜ୍ଞାପିତ ଅଞ୍ଚଳ ପରିଷଦରୁ ୩ ଜଣ, ଜମନକିରାରୁ ୧୦ ଜଣ, ରେଙ୍ଗାଲିରୁ ୮ ଜଣ, ଧନକଉଡ଼ାରୁ ୪ ଜଣ ଏବଂ ସମ୍ବଲପୁର ପୌରାଞ୍ଚଳରୁ ୯ ଜଣ ତୀର୍ଥଯାତ୍ରୀ ଅନ୍ତର୍ଭୁକ୍ତ ଅଛନ୍ତି। ଆଜି ନବରଙ୍ଗପୁରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା'ର ଶୁଭାରମ୍ଭ କରିଛନ୍ତି। ଏହିକ୍ରମରେ ଜିଲ୍ଲା ପ୍ରେକ୍ଷାଳୟ 'ତପସ୍ୱିନୀ'ଠାରେ ଜିଲ୍ଲାସ୍ତରୀୟ ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାର ଶୁଭାରମ୍ଭ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଠାରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍‌ଘାଟନୀ ସଭାର ସିଧା ପ୍ରସାରଣ କରାଯାଇଥିଲା। ସମ୍ବଲପୁର କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଓ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଯୋଗ ଦେଇଥିଲେ। ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଶୋକ କୁମାର ଭୋଇଙ୍କ ସମେତ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ। ସମସ୍ତ ତୀର୍ଥଯାତ୍ରୀଙ୍କୁ କିଟ୍ ବଣ୍ଟନ କରାଯାଇଥିଲା। ଯାତ୍ରୀ ମାନଙ୍କ ସୁବିଧା ପାଇଁ ଉଭୟ ବସ୍‌ରେ ଖାଦ୍ୟ ଓ ପାନୀୟ ବ୍ୟବସ୍ଥା ସହ ଦୁଇଟି ଡାକ୍ତରୀ ଦଳ ଏବଂ ୪ ଜଣ ଏସ୍‌କର୍ଟ ଅଧିକାରୀ ସଙ୍ଗରେ ଯାଉଛନ୍ତି।



ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ତାଙ୍କ ବକ୍ତବ୍ୟରେ କହିଲେ ଯେ, ଶ୍ରୀଜଗନ୍ନାଥଙ୍କ ଦର୍ଶନ ହେଉଛି ଶ୍ରେଷ୍ଠ ଦର୍ଶନ। ଏହି ସୌଭାଗ୍ୟ ପ୍ରଥମ ପର୍ଯ୍ୟାୟରେ ଆଜି ଆମ ଜିଲ୍ଲାର ଆର୍ଥିକ ଅନଗ୍ରସର ୭୪ ଜଣ ବରିଷ୍ଠ ନାଗରିକଙ୍କୁ ମିଳିଛି। ସମସ୍ତଙ୍କ ଯାତ୍ରା ସୁଖମୟ ଓ ନିରାପଦମୟ ହେଉ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କାମନା କରିବାସହ ଏସ୍‌କର୍ଟ ଅଧିକାରୀମାନେ ତୀର୍ଥଯାତ୍ରୀଙ୍କ ସୁବିଧା ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ।

# କଳାକାରଙ୍କୁ ଅସମ୍ମାନ, ତଳେ ବସିଲେ



**ସମ୍ବଲପୁର, ୧୩।୨ (ସମିସ) :** କାର୍ଯ୍ୟକ୍ରମ ପାଇଁ କଳାକାରଙ୍କୁ ଡାକି ଆଣିଲେ। ହେଲେ ସମ୍ମାନ ଟିକେ ଦେଲେନାହିଁ। କଳାକାରଙ୍କୁ ଜାଗା ନ ଦେବାରୁ ଦୀର୍ଘ ସମୟ ଧରି ତଳେ ବସି ରହିଥିଲେ। ସୂଚନା ଅନୁସାରେ 'ତପସ୍ୱିନୀ' ହଲରେ ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାର ଶୁଭାରମ୍ଭ ହୋଇଛି। କାର୍ଯ୍ୟକ୍ରମ ପୂର୍ବରୁ ତୀର୍ଥଯାତ୍ରୀଙ୍କ ସମେତ ଅନେକ କଳାକାର ଉପସ୍ଥିତ ଥିଲେ। କିଛି କଳାକାର ପାଲା କରିବାକୁ ଆସିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମ ପୂର୍ବରୁ ସେମାନେ ପାଲା କରି ଲୋକଙ୍କୁ ମନୋରଞ୍ଜନ କରୁଥିଲେ। ପରେ ମଞ୍ଚରେ ଅତିଥି ମାନେ ପହଞ୍ଚିବା ପରେ ସେମାନେ ଗୋଟାଏ କଡ଼ରେ ଛିଡ଼ା ହୋଇଥିଲେ। ଅନେକ ସମୟ ଛିଡ଼ା ହେବାପରେ ବସିବାର କୌଣସି ସୁବିଧା ଆୟୋଜକଙ୍କ ପକ୍ଷରୁ କରାଯାଇନଥିଲା। ଯାହା ଫଳରେ ୫ରୁ ଅଧିକ କଳାକାର ତଳେ ବସି ରହିଥିଲେ। ଦୀର୍ଘ ସମୟ ଧରି ତଳେ ବସିରହିବାରୁ, ଏ ସମ୍ପର୍କରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ପରେ ଜିଲ୍ଲାପାଳ ସେମାନଙ୍କ ବସିବାର ବ୍ୟବସ୍ଥା କରିଥିଲେ। କଳାକାରଙ୍କ ଅସମ୍ମାନକୁ ନେଇ ସାଧାରଣରେ ନିନ୍ଦା କରାଯାଉଛି।

ବଞ୍ଚିଛି ମଣିଷ ପଣିଆ

# ଗାଁର ହିତଦୃଷ୍ଟିରୁ ଭୋଏ ପରିବାରର ଜମିଦାନ

**ବରପାଲି, ୧୩।୨(ସମିସ):** ବରପାଲି ବ୍ଲକ କୁମ୍ଭାରୀ ପଞ୍ଚାୟତ ସମଲେଇପଦର୍ ଗାଁରେ ଆଜିବି ମଣିଷ ପଣିଆ ଜୀବିତ ଥିବା ଆଶା ସଞ୍ଚାର କରିଛି। ଅଞ୍ଚଳର ଭୋଏ ପରିବାର ଏପରି ନିସ୍ୱାର୍ଥପର ନିଦର୍ଶନ ପ୍ରତିଷ୍ଠା କରିଛି। ଏହି ଅଞ୍ଚଳରେ ଧାନ ସଂଗ୍ରହ କରିବା ପାଇଁ ଗୋଟିଏ ମାର୍କେଟ ୟାର୍ଡର ଆବଶ୍ୟକତା ବହୁ ଦିନରୁ ରହିଥିଲା। ଏନେଇ ଅନେକ ସମୟରେ ଦାବି ଉଠୁଥିଲା। ସରକାରୀ ଜମିର ଅଭାବ ମାର୍କେଟ ୟାର୍ଡ ସ୍ଥାପନରେ ଘୋର ବାଧକ ସାଜୁଥିଲା। ସମସ୍ୟାର ନିରାକରଣ ଓ ଗ୍ରାମବାସୀଙ୍କ ହିତ ପାଇଁ ହିରାଧର ପଧାନଙ୍କ ନେତୃତ୍ୱରେ ବଳିଷ୍ଟ ଭୋଏ, ମେଘ ଭୋଏ, ଥାବ ଭୋଏ, ନବ ଭୋଏ, ସୁରୁବୁଇ ଭୋଏ ସ୍ୱଇଚ୍ଛାରେ ଆନୁମାନିକ ୧ କୋଟି ଟଙ୍କା ମୂଲ୍ୟର ୬୭ ଡିସିମିଲ ଜମି ଦାନ କରିଛନ୍ତି। ବରଗଡ଼ ଆର୍‌ଏମ୍‌ସି ସମ୍ପାଦକ ଗୋବିନ୍ଦ ନାଗ ଓ ତହସିଲଦାର ରୁକ୍ମଣ ମେହେରଙ୍କ ଉପସ୍ଥିତିରେ ଜମି ରେଜିଷ୍ଟ୍ରି ପର୍ବ ସମ୍ପନ୍ନ ହୋଇଥିଲା। ରେଜିଷ୍ଟ୍ରି କାର୍ଯ୍ୟକ୍ରମ ସମୟରେ ଗାଁର ଭଗବାନ ପଧାନ, କେଶବ କଠାର, କୃଷ୍ଣ ଚନ୍ଦ୍ର ମହାକୁଡ, ଶେଷ ଦୀପ, ବିପିନ ବେହେରା, ଗଢ଼ି ମହାକୁଡ ଓ ଆର୍‌ଏମସିର ସମ୍ପାଦକ ଗୋବିନ୍ଦ ନାଗ, ବିଜୟ ରାଉତ, ଗିରିଧାରୀ ମହାକୁଡ, ପ୍ରଶାନ୍ତ ଦାସ, ଦୀପକ ରାଉତ, ଧିରୋଜ୍ ପଧାନ, ଲୁବୁରୁ ପଧାନ ପ୍ରମୁଖ ଉପସ୍ଥିତ ଥିଲେ। ଓକିଲ ପ୍ରତାପ ସିଂ ଓ ଶରତ ଦାସ ରେଜିଷ୍ଟ୍ରି କାର୍ଯ୍ୟକ୍ରମ ସମ୍ପାଦନ କରିଥିଲେ। ସମାଜର ମଙ୍ଗଳ ପାଇଁ କୋଟି କୋଟି ଟଙ୍କାର ଜମି ଏକ ପରିବାର ଦାନ କରିଥିବାରୁ ଅଞ୍ଚଳରେ ଏହା ଏକ ଆଲୋଚ୍ୟ ବିଷୟ ହୋଇଛି।



# ମାନସିକ ଅନଗ୍ରସର ଯୁବତୀଙ୍କୁ ଦୁଷ୍କର୍ମ

**ଭେଡେନ, ୧୩।୨(ସମିସ)**

ସମାଜରେ ପରିବାରର ସମ୍ପର୍କର ଡୋରି ଅତି ପବିତ୍ର ହୋଇଥାଏ। ହେଲେ କିଛି ଯୌନପିପାସୁଙ୍କ ପାଇଁ ପବିତ୍ର ସମ୍ପର୍କର ଡୋରି ଖିନ୍‌ଭିନ୍ ହୋଇଯାଏ। ସେମାନଙ୍କ ଯୌନ ଲାଳସା ସମ୍ପର୍କର ମହନୀୟତାକୁ ତୁଚ୍ଛ କରି ରାକ୍ଷସ ପାଲଟିଥାଏ। ଏହାର ଜ୍ୱଳନ୍ତ ଉଦାହରଣ ଭେଡେନ ଥାନା ରେମଣ୍ଡା ପଞ୍ଚାୟତ ଡୁଙ୍ଗୁରିପାଲି ଗାଁରେ ଦେଖିବାକୁ ମିଳିଛି। ସମ୍ବଲପୁର ଅଞ୍ଚଳରୁ ଆସି ମାମୁଁ ଘରେ ରହୁଥିବା ମାନସିକ ଅନଗ୍ରସର ଯୁବତୀ ସହ ଦୁଷ୍କର୍ମ କରି ତାକୁ ଗର୍ଭବତୀ କରିଥିବା ଅଭିଯୋଗରେ ୩ ଜଣଙ୍କ ସମ୍ପର୍କୀୟଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ୩ ଜଣ ହେଲେ ଡୁଙ୍ଗୁରିପାଲି ଗାଁର ବିକ୍ରମ ସରାଫ (୪୮), ବିକ୍ରମର ପୁଅ ପପୁନ (୨୮) ଓ ବିକ୍ରମର ଜ୍ୱାଇଁ ଅମ୍ବାବନା ଲଖନପୁରର ପ୍ରତାପ ସରାଫ (୪୪)। ଅଭିଯୁକ୍ତ ୩ ଜଣ ମଧ୍ୟରୁ ବିକ୍ରମ ପୀଡ଼ିତା ଯୁବତୀଙ୍କ ମାମୁଁ ହୋଇଥିବା ବେଳେ ପପୁନ ମାମୁଁ ପୁଅ ଭାଇ ଏବଂ ପ୍ରତାପ ମାମୁଁଙ୍କ ଜୋଇଁ। ପୀଡ଼ିତା ଯୁବତୀ ଜଣକ ଆଜକୁ ୧୨ ବର୍ଷ ହେବ ନିଜ







ମାମୁଁ ଘର ଡୁଙ୍ଗୁରିପାଲିରେ ରହି ଆସୁଥିଲେ। ହେଲେ ଗତ ଡିସେମ୍ବର ୧୦ ତାରିଖ ଅଭିଯୁକ୍ତ ମାମୁଁ ବିକ୍ରମ ପୀଡ଼ିତାଙ୍କ ପରିବାର ଲୋକଙ୍କୁ ଫୋନ କରି ଝିଅର ଅବସ୍ଥା ଠିକ ରହୁ ନଥିବାରୁ ଘରକୁ ନେଇଯିବାକୁ କହିଥିଲା। ପରିବାର ଲୋକେ ଝିଅକୁ ନିଜ ଘରକୁ ନେଇ ଯାଇଥିଲେ। ହେଲେ ସେଠାରେ ଝିଅର ଦେହ ଭଲ ନ ରହିବାରୁ ନିକଟସ୍ଥ ଡାକ୍ତରଖାନାକୁ ନେଇ ଚିକିତ୍ସା କରିଥିଲେ। ଚିକିତ୍ସା ବେଳେ ପୀଡ଼ିତା ୪/୫ ମାସର ଗର୍ଭବତୀ ଥିବା ଜଣାପଡ଼ିଥିଲା। ଏହାପରେ ପରିବାର ଲୋକ ଝିଅଠୁ ସବୁ ଜାଣିବା ପରେ ତାକୁ ଧରି ଅଭିଯୁକ୍ତ ମାମୁଁ ବିକ୍ରମଙ୍କ ଘରକୁ ନେଇ ସମସ୍ତଙ୍କ ସମ୍ମୁଖରେ ପଚାରିଥିଲେ। ସେଠାରେ ପୀଡ଼ିତା ମାମୁଁ, ମାମୁଁ ପୁଅ ଭାଇ, ମାମୁଁର ଜୋଇଁ ବିଭିନ୍ନ ସମୟରେ ତାଙ୍କ ସହ ବାରମ୍ବାର ଦୁଷ୍କର୍ମ କରିଥିବା ସହ ମାରପିଟ କରିବା କଥା ପ୍ରକାଶ କରିଥିଲେ। ଏହାସହ ଘଟଣା ବିଷୟରେ କାହାକୁ କହିଲେ ଜୀବନରୁ ମାରିଦେବାକୁ ଧମକ ଦେବା ଏବଂ ମାନସିକ ନିର୍ଯାତନା ଦେଉଥିବା ପ୍ରକାଶ କରିଥିଲେ। ଏହାପରେ ପୀଡ଼ିତାଙ୍କୁ ଧରି ପରିବାର ଲୋକ ଏନେଇ ଭେଡେନ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଭେଡେନ ପୁଲିସ ତଦନ୍ତ କରି ଅଭିଯୁକ୍ତ ମାନଙ୍କ ଡାକ୍ତରୀମାଇନା କରିବା ସହ ଏକ ମାମଲା ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ଏହି ଘଟଣା ମାମୁଁ-ଭାଣିଜୀ, ଭାଇ-ଭଉଣୀର ପବିତ୍ର ସମ୍ପର୍କରେ କାଳିମା ବୋଳିଥିବା ଆଲୋଚନା ହେଉଛି।

**ପୀଡ଼ିତା ୪ମାସର ଗର୍ଭବତୀ**

**ମାମୁଁ, ଭାଇ ଓ ଭିଣୋଇକୁ କୋର୍ଟ ଚାଲାଣ**

# ବ୍ରିଜ୍ ପାଖେ ଅର୍ଦ୍ଧ ନିର୍ମିତ ରାସ୍ତା କାମ: ଯାତ୍ରୀ ହନ୍ତସନ୍ତ

**ଝାରବନ୍ଧ, ୧୩।୨(ସମିସ):** ଝାରବନ୍ଧରୁ ବସନାକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତାର ନିର୍ମାଣ କାମ ଅଧା ରହିଥିବାରୁ ସାଧାରଣ ଲୋକ ଯମ ଯନ୍ତ୍ରଣା ଭୋଗୁଛନ୍ତି। ଡୁଙ୍ଗୁରିପାଲି ପାରୁନାହାନ୍ତି। ଫଳରେ ଛୋଟମୋଟ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହେଉଛି। ଯାନବାହାନ ଚଳାଚଳ ସମୟରେ ଧୂଳି ଉଡି ପରିବେଶ ଦୂଷିତ ହେଉଥିବା ସହ ଯାତ୍ରୀମାନେ ଶ୍ୱାସ କଷ୍ଟ ଓ ଅସୁବିଧାରେ ପଡୁଛନ୍ତି। ଏହି ସଡକ ଦେଇ ପ୍ରତିଦିନ ହଜାର ହଜାର ଲୋକ ଯାତାୟାତ କରୁଥିବାବେଳେ ବସନା ଓ ସାରାଇପାଲି ଅଞ୍ଚଳ ସହ ବ୍ୟବସାୟିକ ସମ୍ପର୍କ ରଖୁଥିବା ବ୍ୟବସାୟୀମାନେ ମଧ୍ୟ ପ୍ରଭାବିତ ହେଉଛନ୍ତି। ଝାରବନ୍ଧ ମହାଲିଙ୍ଗପଡ଼ା ବ୍ରିଜ ପାଖରେ ପ୍ରାୟ ୫୦ ମିଟରରୁ ଅଧିକ ରାସ୍ତା ଅର୍ଦ୍ଧନିର୍ମିତ ଅବସ୍ଥାରେ ଛାଡି ଦିଆଯାଇଛି। ସେଠାରେ କେବଳ ଗେଟି ପକାଯାଇଥିବା ବେଳେ ପିଚୁ କାମ ହୋଇ ନଥିବାରୁ ଯାତାୟାତ ସମୟରେ ବିପଦ ସୃଷ୍ଟି ହେଉଛି। ରାସ୍ତାର ଏହି ଅବସ୍ଥା ସମ୍ପର୍କରେ ସତର୍କତା ସୂଚନା ବା ଚିହ୍ନ ନଥିବାରୁ ଅନେକ ଯାନ ଚାଳକ ଅବଗତ ହୋଇ ବ୍ଲକ ମୁଖ୍ୟାଳୟକୁ ଯିବା ପାଇଁ ଛାତ୍ରଛାତ୍ରୀ, କର୍ମଚାରୀ ଓ ସାଧାରଣ ଜନତା ଏହିରାସ୍ତା ଉପରେ ନିର୍ଭର କରୁଥିବାରୁ ସମସ୍ୟା ଆହୁରି ଗମ୍ଭୀର ହୋଇପଡ଼ିଛି। ସେହିପରି ସମ୍ପୃକ୍ତ ବିଭାଗ ତତ୍କାଳ ହସ୍ତକ୍ଷେପ କରି ଅଧା କାମକୁ ସମାପ୍ତ କରିବା ସହ ଯଥାପ୍ରାପ୍ତ ସୁରକ୍ଷା ବ୍ୟବସ୍ଥା ନେବାକୁ ସ୍ଥାନୀୟ ଲୋକମାନେ ଦାବି ଜଣାଇଛନ୍ତି।



# ବେଆଇନ କରତ କଳ ଓ ସାମଗ୍ରୀ ଜବତ



**ବିଜେପୁର, ୧୩।୨(ସମିସ):** ବରଗଡ଼ ଜିଲ୍ଲା ଘେଁସ ରେଞ୍ଜ ପକ୍ଷରୁ ବିଜେପୁର ଥାନା ଅଧୀନ ବି.ଚାରପାଲି ଗାଁ ନିକଟରେ ବେଆଇନ ଭାବେ ଚାଲୁଥିବା ଏକ କରତ କଳ ଉପରେ ଚଢ଼ଉ କରି କରତ କଳ ଓ ବ୍ୟବହୃତ ସାମଗ୍ରୀ ଜବତ ହୋଇଛି। କର୍ଲେ ନିକଟସ୍ଥ ଉକ୍ତ ଚାରପାଲି ଗାଁର ଅନତି ଦୂରରେ ଏକ ନିଛାଟିଆ ବିଲରେ କରତ କଳ ଚାଲୁଥିଲା। ଜଙ୍ଗଲ ବିଭାଗ କୌଣସି ସୂତ୍ରରୁ ଖବର ପାଇ ଏକ କରତ କଳ, ୨ଟି ଟ୍ରାକ୍ଟର, ଗୋଟିଏ ଟଲି ଏବଂ କାଟିବା ପାଇଁ ଆଣିଥିବା କିଛି ଗଛ ଜବତ କରିଛନ୍ତି। ଘେଁସ ରେଞ୍ଜର ବିଜୟ ଲକ୍ଷ୍ମୀ ପଟେଲଙ୍କ ତତ୍ତ୍ୱାବଧାନରେ ଫରେଷ୍ଟର ଚିନ୍ମୟ ପ୍ରଧାନ, ଫରେଷ୍ଟ ଗାର୍ଡ ନରେଶ ପଟେଲ, ଲୋକେଶ୍ୱର ବୁଡେକ, ଅନିଲ ସାହୁ ପ୍ରମୁଖ ସାମିଲ ହୋଇଥିଲେ। ଏ ନେଇ ଘେଁସରେଞ୍ଜ ପକ୍ଷରୁ ଏକ ମାମଲା ରୁଜୁ କରାଯାଇଛି।

# ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ଜୋରଦାର ଚଢ଼ଉ

**ବରଗଡ଼, ୧୩।୨(ସମିସ):** ବରଗଡ଼ ଜିଲ୍ଲା ଅବକାରୀ ବିଭାଗ ଦ୍ୱାରା ଜାନୁଆରୀରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଜୋରଦାର ଚଢ଼ଉ କରାଯାଇଥିଲା। ୨୦୦୮ ଟି ମାମଲା ରୁଜୁ ହୋଇଥିଲା। ୧୬୭ ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଚୋରାରେ ତିଆରି ବେଆଇନ ଦେଶୀ ମଦ ୧, ୩୦, ୬୦୦ ଲିଟର, ବେଆଇନ ଦେଶୀଭାଟିର ମଦ ୧, ୨୧୦ ଲିଟର, ବେଆଇନ ବିଦେଶୀ ମଦ ୩୧ ଲିଟର, ବେଆଇନ ଚୋରାରେ ବିୟର ବିକ୍ରୟ ୨୧ ଲିଟର, ବେଆଇନ ମଦରନ୍ଧା ପୋଚ ୨, ୩୬, ୧୦୦ ଲିଟର, ଗଞ୍ଜେଇ ୨୧ କେଜି, ୪ଟି ବାଇକ୍ ଜବତ କରିଛି। ଏହି ଚଢ଼ଉରେ ବରଗଡ଼ ଅବକାରୀ ଅଧୀକ୍ଷକ ସୁବନ ନାଏକଙ୍କ ନେତୃତ୍ୱରେ ଅବକାରୀ ନିରୀକ୍ଷକ ବିକାଶ ଟପ୍ପୋ, ଡମ୍ବୁରୁଧର ହରିଜନ, ଗୋକୁଳ ଧର, ସୁଧାଂଶୁ ମୁଣ୍ଡା ସମେତ ବିଭାଗୀୟ ଅଧିକାରୀ ତଥା କର୍ମଚାରୀ ମାନେ ସାମିଲ ଥିଲେ।



# ୧୫ ଦିନିଆ ପ୍ରବୋଧନ ତାଲିମ ଶିବିର ଉଦ୍‌ଯାପିତ

**ଅମ୍ବାଭୋନା, ୧୩।୨(ସମିସ):** ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ, ଅମ୍ବାଭୋନାର ସଭାଗୃହରେ ଦୀର୍ଘ ୧୫ ଦିନ ବ୍ୟାପୀ ଚାଲିଥିବା ପ୍ରବୋଧନ ତାଲିମ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଓଡ଼ିଶା ପାଠ୍ୟକ୍ରମ ରୂପରେଖ ୨୦୨୫ ଓ ନୂତନ ପାଠ୍ୟପୁସ୍ତକ ଆଧାରିତ ଏହି ପ୍ରଶିକ୍ଷଣ ଶିବିରରେ ମୋଟ ୨୯୪ ଜଣ ଶିକ୍ଷକଶିକ୍ଷୟିତ୍ରୀ ଅଂଶଗ୍ରହଣ କରି ତାଲିମ ଗ୍ରହଣ କରିଥିଲେ। ଶିବିରରେ ସାଧନ ଶିକ୍ଷକ ଭାବେ ରୋହିତ ଭୁଏ, ଜନକରାମ ବାରିକ ଓ ସନ୍ତୋଷ ମାଝି ଗୁରୁତ୍ୱପୂର୍ଣ୍ଣ ତାଲିମ ପ୍ରଦାନ କରିଥିଲେ। ଏହାସହ ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ସୁଦିପ୍ତ ନାୟକ, ହିନ୍ଦି ଶିକ୍ଷକ ରାଧେଶ୍ୟାମ ବାରିକ, ସଂସ୍କୃତ ଶିକ୍ଷକ ବୃନ୍ଦାବନ ଠେଠୁଆର, ବୃତ୍ତି ଶିକ୍ଷକ ବିବେକ ନାୟକ, ସଙ୍ଗୀତ କଳାକାର ରବି ବେହେରା ଓ ବାଦ୍ୟ କଳାକାର ଥଣ୍ଡାରାମ ପଧାନ ମଧ୍ୟ ନିଜ ଅନୁଭବ ଓ ଜ୍ଞାନ ସହ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ମିଶ୍ରାଣି କୁମ୍ଭାରଙ୍କ ପରାମର୍ଶ ଏବଂ ସହ ଶିକ୍ଷା ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତିନି ପର୍ଯ୍ୟାୟରେ ଅନୁଷ୍ଠିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଜାତୀୟ ଶିକ୍ଷାନୀତି, ଦକ୍ଷତା ଭିତ୍ତିକ ଶିକ୍ଷାଦାନ, ଆଧୁନିକ ଆକଳନ ପ୍ରଣାଳୀ, ପଞ୍ଚପଦୀ ଶିକ୍ଷଣ ପ୍ରକ୍ରିୟା, କଳା ଶିକ୍ଷା ଏବଂ ବିଷୟଗତ ଜ୍ଞାନ ସମ୍ପର୍କରେ ବିସ୍ତୃତ ତଥ୍ୟ ଓ ବ୍ୟବହାରିକ ତାଲିମ ଦିଆଯାଇଥିଲା। ଶିବିରର ଅନ୍ତିମ ପର୍ଯ୍ୟାୟରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ସକାଳ ପ୍ରତିନିଧି ରଞ୍ଜିତ ଦାଶ, ସାମ୍ବାଦିକ ହେମନ୍ତ ପଧାନ, ଉମେଶ ସେଠ, ଚନ୍ଦ୍ରମଣି ବେହେରା, ଅଜୟ ସାହୁ ଓ ପ୍ରକାଶ ରଥ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାସହ ସମସ୍ତ ସମ୍ବଳ ଶିକ୍ଷକମାନଙ୍କୁ ମାନପତ୍ର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ଶେଷରେ ସମସ୍ତ ଅଂଶଗ୍ରହଣକାରୀ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ପ୍ରଶଂସା ପତ୍ର ବଣ୍ଟନ କରାଯାଇଥିଲା। ଲାଲମୋହନ ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାପନୀ ସଭାରେ ରୋହିତ ଭୁଏ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କେଦାର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

**୨୯୪ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପ୍ରଶିକ୍ଷଣ**

# ପଦ୍ମପୁର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ: ହୀରାକୁଦ ଏବଂ କୁଚିଣ୍ଡା ବିଜୟୀ

**ପଦ୍ମପୁର, ୧୩।୨(ସମିସ):** ସ୍ଥାନୀୟ ରାଜବୋଡାସମ୍ବର ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ପଦ୍ମପୁର ସ୍ପୋର୍ଟ୍ସ ଆସୋସିଏସନ ଦ୍ୱାରା ଆୟୋଜିତ ପଦ୍ମପୁର କପ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିନର ପ୍ରଥମ ମ୍ୟାଚ୍ ହୀରାକୁଦ ଦଳ ରାଉରକେଲା ଦଳକୁ ୩-୧ ଗୋଲରେ ପରାସ୍ତ କରିଛି। ଦ୍ୱିତୀୟ ମ୍ୟାଚ୍‌ରେ କୁଚିଣ୍ଡା ଦଳ ଓ ଝାରସୁଗୁଡ଼ା ଦଳକୁ ୪-୨ ଗୋଲରେ ପରାସ୍ତ କରିଥିଲା। ଅତିଥି ଭାବେ ବିଶିଷ୍ଟ ବ୍ୟବସାୟୀ ପବନ ଅଗ୍ରୱାଲ ଯୋଗଦାନ କରି ରାଉରକେଲା ଦଳ ଜିତେନ ଏକ୍କାଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଓ ଦ୍ୱିତୀୟ ମ୍ୟାଚ୍‌ରେ ବ୍ୟବସାୟୀ ପ୍ରଶାନ୍ତ ପଟ୍ଟନାୟକ କୁଚିଣ୍ଡା ଦଳର ଗୋଲରକ୍ଷକ ଓମ ଖାଡିଆଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ କରିଥିଲେ। ଆଜିର ଖେଳକୁ ଦେବାଶିଷ ବାଗ, ଅଶ୍ୱିନୀ ବେହେରା, ଗୋବର୍ଦ୍ଧନ ବାଗ, କ୍ଷୀରସିନ୍ଧୁ ବେହେରା, ନୀଳ ନାୟକ, ସୁଧାଂଶୁ ସେଠ, ଦୀପକ ରାଜହଂସ, ଚନ୍ଦ୍ରମଣି ସାହୁ ଓ ବିଦେଶୀ ସାହୁ ପରିଚାଳନା କରିଥିଲେ। ଅଧ୍ୟାପକ କେଶରଞ୍ଜନ ପ୍ରଧାନ, ଡ.ପ୍ରଭାତ ନାରାୟଣ ତ୍ରିପାଠୀ, ନରେନ୍ଦ୍ର ସାହୁ ଶିଶିର ସାହୁ, ପ୍ରଦୀପ ପାତ୍ର, ନରୋତ୍ତମ ପଧାନ ଯୋଗ ଦେଇଥିଲେ। ଆସନ୍ତା କାଲି ପ୍ରଥମ ସେମିଫାଇନାଲ ପଦ୍ମପୁର ଓ ଫୁଲବାଣୀ ଏବଂ ଦ୍ୱିତୀୟ ସେମିଫାଇନାଲ ହୀରାକୁଦ ଏବଂ କୁଚିଣ୍ଡା ଦଳ ମଧ୍ୟରେ ଅନୁଷ୍ଠିତ ହେବ।




# ତିନିଥର ପ୍ରସବ ସତ୍ତ୍ୱେ ମମତା ଯୋଜନାର ଟଙ୍କା ଅପେକ୍ଷାରେ ଦମ୍ପତି

**ଝାରବନ୍ଧ, ୧୩।୨(ସମିସ):** ଝାରବନ୍ଧ ବ୍ଲକ ଅଧୀନ ଡୁଙ୍ଗରିପାଲି ମହାଲିଙ୍ଗପଡ଼ାର ମୁରଲୀ ଶତନାମୀ ଓ ତାଙ୍କ ସ୍ତ୍ରୀ ଅମୃତିନ ଶତନାମୀ ମମତା ଯୋଜନାର ଆର୍ଥିକ ସହାୟତାରୁ ବଞ୍ଚିତ ରହିଥିବା ଅଭିଯୋଗ କରିଛନ୍ତି। ଅମୃତିନ ତିନିଥର ଗର୍ଭବତୀ ହୋଇ ଶିଶୁ ପ୍ରସବ କରିଥିବା ସତ୍ତ୍ୱେ ଯୋଜନା ଅନୁଯାୟୀ ମିଳିବାକୁ ଥିବା ଆର୍ଥିକ ସହାୟତା ବର୍ତ୍ତମାନ ପର୍ଯ୍ୟନ୍ତ ତାଙ୍କ ଖାତାକୁ ଆସିନାହିଁ ବୋଲି କହିଛନ୍ତି। ଦମ୍ପତିଙ୍କ କହିବା ଅନୁଯାୟୀ, ଗର୍ଭାବସ୍ଥା ସମୟରେ ସେମାନେ ଆବଶ୍ୟକ ରେଜିଷ୍ଟ୍ରେସନ୍ ଓ ଚିକିତ୍ସା ସମ୍ବନ୍ଧୀୟ ନିୟମ ମାନି ସମସ୍ତ କାଗଜପତ୍ର ଦାଖଲ କରିଥିଲେ। ତଥାପି ଆର୍ଥିକ ସହାୟତା ମିଳି ନଥିବାରୁ ଦମ୍ପତି ଅସନ୍ତୋଷ ପ୍ରକାଶ କରିଛନ୍ତି। ଏନେଇ ମୁରଲୀ ଓ ଅମୃତିନ ଶତନାମୀ ପ୍ରଶାସନଙ୍କୁ ଶୀଘ୍ର ହସ୍ତକ୍ଷେପ କରି ଯଥାଯୋଗ୍ୟ ଯାଞ୍ଚ ପରେ ମମତା ଯୋଜନାର ଅର୍ଥ ସହାୟତା ପ୍ରଦାନ କରିବା ପାଇଁ ଅନୁରୋଧ କରିଛନ୍ତି।



# ଦଧିବାମନ ମହାବିଦ୍ୟାଳୟର ବାର୍ଷିକୋତ୍ସବ



**ଭଟଲି, ୧୩।୨(ସମିସ):** ବରଗଡ଼ ଜିଲ୍ଲା ଭଟଲି ଦଧିବାମନ ମହାବିଦ୍ୟାଳୟର ୩୬ ତମ ବାର୍ଷିକୋତ୍ସବ ଶୁକ୍ରବାର ମହାସମାରୋହରେ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ସରୋଜ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ବଲପୁର ଗଙ୍ଗାଧର ମେହେର ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଉପାଧ୍ୟକ୍ଷ ଡ.କାମଦେବ ସାହୁ ମୁଖ୍ୟବକ୍ତା ତଥା ସମ୍ବଲପୁର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଆରଡିଇ ଡ.ମୁରଲିଧର ମାଝୀ ସମ୍ମାନିତ ଅତିଥି ଭାବେ ଏବଂ ବରଗଡ଼ ଉପଜିଲ୍ଲାପାଳ ତଥା ପରିଚାଳନା କମିଟି ସଭାପତି ପ୍ରସନ୍ନ ପାଣ୍ଡେ, ମହାବିଦ୍ୟାଳୟର ଅଧ୍ୟକ୍ଷ ସରୋଜ ଦାଶ, ପ୍ରାଧ୍ୟାପକ ବିଶ୍ୱଜିତ ହୋତା, ପ୍ରାଧ୍ୟାପକ ଚୁଡାମଣି ରଥ, ପ୍ରାଧ୍ୟାପକ ରାଜୀବ ସାହୁ, ଅଧ୍ୟାପିକା ଦିପ୍ତିବାଳା ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ମହାବିଦ୍ୟାଳୟରେ ଅଡିଟରିୟମ, ଯୁକ୍ତ ତିନି ବିଜ୍ଞାନ ପାଠ୍ୟକ୍ରମ, ମହାବିଦ୍ୟାଳୟର ପାଚେରି ନିର୍ମାଣ, ପିଜି ପାଠ୍ୟକ୍ରମ ଆରମ୍ଭ ଓ ମହାବିଦ୍ୟାଳୟ ପରିସରରେ ପିଚୁ ସଡକ ନିର୍ମାଣ ପାଇଁ ଦାବି ବାବଦକୁ ବିଧାୟକ ସହମତି ପ୍ରକାଶ କରିଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ତଥା ଶ୍ରେଣୀର ସର୍ବୋତ୍କୃଷ୍ଟ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ଦୁର୍ଗାଶିଷ ପଟ୍ଟନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ପ୍ରାଧ୍ୟାପକ ରାଜୀବ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ଜୟନ୍ତୀ ସାହୁ ମହାବିଦ୍ୟାଳୟର ବାର୍ଷିକ ବୀବରଣୀ ପଠନ କରିଥିଲେ। ପ୍ରାଧ୍ୟାପକ ଚୁଡାମଣି ରଥ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଅନ୍ୟାନ୍ୟ କର୍ମଚାରୀ ସହଯୋଗ କରିଥିଲେ।

# ଅନ୍ତର୍ଜାତୀୟ ମହିଳା ଦିବସ ପୂର୍ବରୁ ବିଭିନ୍ନ ପ୍ରତିଯୋଗିତା

**ବରଗଡ଼, ୧୩।୨(ସମିସ):** ବରଗଡ଼ ଲେଙ୍ଗୁମିଶ୍ର ମିନି ଷ୍ଟାଡିୟମରେ ଅନ୍ତର୍ଜାତୀୟ ମହିଳା ଦିବସ ପୂର୍ବରୁ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବରଗଡ଼ ଅତିରିକ୍ତ ଜିଲ୍ଲାପାଳ ମଧୁ ଛନ୍ଦା ସାହୁ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବରଗଡ଼ ଜିଲ୍ଲା ସ୍ତରୀୟ ଅଙ୍ଗନବାଡ଼ି କର୍ମୀ ଓ ସହାୟିକା ମାନଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଖୋଖୋ, କବାଡି, ଦୌଡି ଟଣା, ରଙ୍ଗୋଲି ଓ ସଙ୍ଗୀତ ପ୍ରତିଯୋଗିତା ହୋଇଥିବା ବେଳେ ବିଜୟୀ ପ୍ରତିଯୋଗୀଙ୍କୁ ମାର୍ଚ୍ଚ ୮ ତାରିଖ ଅନ୍ତର୍ଜାତୀୟ ମହିଳା ଦିବସରେ ପୁରସ୍କୃତ କରାଯିବ ବୋଲି ସୂଚନା ଦିଆଯାଇଛି। ତେବେ ମହିଳାଙ୍କୁ ସଶକ୍ତ କରିବା ପାଇଁ ଏଭଳି ପ୍ରୟାସ କରାଯାଇଛି। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସନ୍ଧ୍ୟାରାଣୀ ନେପାକ, ମାଙ୍ଗଳିକ ଦାଶଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।



‘ସକାଳ’ ପ୍ରଭାବ

# ରାସ୍ତା ମରାମତି ଆରମ୍ଭ

**ବିଜେପୁର, ୧୩।୨(ସମିସ)**

ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ବଡବାଉଁସେନ ପଞ୍ଚାୟତ ଅଧୀନ ସାଲେଦମଳି ଗାଁ ରାସ୍ତା ନିର୍ମାଣ କାମ ଅତ୍ୟନ୍ତ ନିମ୍ନମାନର ହୋଇଥିବା ଖବର ସକାଳ ଖବରକାଗଜରେ ପ୍ରକାଶିତ ହେବା ପରେ ଉକ୍ତ ରାସ୍ତାକୁ ମରାମତି କରାଯାଉଥିବା ସୂଚନା ମିଳିଛି। କଳଙ୍ଗାଡେରା ଠାରୁ ସାଲେଦମଳି ଦେଇ କୁର୍ଲାମୁଣ୍ଡା ଓ ବଡବାଉଁସେନ ଯାଇଥିବା ଏହିରାସ୍ତା କାମର ମାନ ନେଇ ସ୍ଥାନୀୟ ଲୋକମାନେ ଗଭୀର ଅସନ୍ତୋଷ ପ୍ରକାଶ କରିଥିଲେ। ପ୍ରାୟ ୫ କୋଟି ୩୧ ଲକ୍ଷ ୫୩ ହଜାର ଟଙ୍କା ବ୍ୟୟରେ ପାଖାପାଖି ୬ କିମିରୁ ଅଧିକ ରାସ୍ତା ନିର୍ମାଣ ପାଇଁ କାମ ଚାଲିଥିଲା। ଏହି ସମୟରେ ନିମ୍ନ ମାନର କାମ ହେଉଥିବା ଏପରିକି ହାତ ମାରିଲେ ପିଚୁ ଉପୁଡି ଯାଉଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ଏ ନେଇ ଗାଁର ସଚେତନ ନାଗରିକ ପ୍ରକାଶ ଭୋଇ, ଅମିତ ସାହା, ଅର୍ଜୁନ ସାହା, ସତ୍ରାଜିତ ସାହା, ପ୍ରମୋଦ ଭୋଇ, ବଳରାମ ଦିଶ୍ରୀ, ତ୍ରିଲୋଚନ ଭୋଇ, ଦିବାକର ଭୂଏ, ନର୍ସି ନାଏକ ସମେତ ଗ୍ରାମବାସୀ ରାସ୍ତା କାମର ମାନ ଯାଞ୍ଚ ସହ ଠିକାଦାର ଓ ସମ୍ପୃକ୍ତ ବିଭାଗ ବିରୋଧରେ ପଦକ୍ଷେପ ନେବାକୁ ଦାବି କରିଥିଲେ। ଘଟଣାଟି ଗତ ଡିସେମ୍ବର ମାସରେ ସକାଳ ଖବର କାଗଜରେ ପ୍ରକାଶ ପାଇଥିଲା। ସେହି ଖବରକୁ ସାମାଜିକ କର୍ମୀ ଦୀପା ବାରିକ ସାମାଜିକ ଗଣମାଧ୍ୟମ ଏକ୍ସରେ ପୋଷ୍ଟ କରି ସରକାରଙ୍କୁ ଅବଗତ କରିଥିଲେ। ବର୍ତ୍ତମାନ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ରାସ୍ତାର ମରାମତି କାମ ଆରମ୍ଭ ହୋଇଛି। ଏ ନେଇ ସ୍ଥାନୀୟ ଆଦିବାସୀ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ତଥା ବିଜେପୁର ସକାଳ ଖବରକାଗଜ ପ୍ରତିନିଧି ସହ ସମସ୍ତ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି।


DEEPA BARIK @Charub... · 23 Dec 25
The road built in Saledamki village, Bijepur block, Bargarh district, is of extremely poor quality. Immediate repair and strict action against negligence are urgently required.@CMO_Odisha @RDOdisha @DMBargarh @MohanMOdisha
ରାସ୍ତାକାମ ନିମ୍ନମାନର, ହାତରେ ଉପୁଡୁଛି ପିଚୁ
1 1 12 450




# ପତ୍ରାପାଲିକୁ ହରାଇ ସେମିରେ କୁଳିଆବନ୍ଧା

**ପାଇକମାଳ, ୧୩।୨(ସମିସ):** ପାଇକମାଳ ବ୍ଲକ ମାଣ୍ଡୋସିଲ ବଡ ଖେଳ ପଡ଼ିଆରେ ଚାଲିଥିବା ୨୬ ତମ ମାଣ୍ଡୋସିଲ କପ୍ ତୃତୀୟ ଦିନରେ ୫ଟି ମ୍ୟାଚ୍ ଖେଳାଯାଇଛି। ପ୍ରଥମ ମ୍ୟାଚ୍ କାଦୋମେରୀକୁ ହରାଇ ବରତୁଣ୍ଡା ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍ ଡୁଡୁକିଝରିଆକୁ ହରାଇ ପତ୍ରାପାଲି ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚ୍‌ରେ ବରତୁଣ୍ଡାକୁ ହରାଇ ପତ୍ରାପାଲି ବିଜୟୀ ହୋଇଥିଲା। ଚତୁର୍ଥ ମ୍ୟାଚ୍‌ରେ ହିରାପୁରକୁ ହରାଇ କୁଳିଆବନ୍ଧା ବିଜୟୀ ହୋଇଥିଲା। କୁଳିଆବନ୍ଧା ଓ ପତ୍ରାପାଲି ମଧ୍ୟରେ ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ କୁଳିଆବନ୍ଧା ବିଜୟୀ ହୋଇ ସେମିଫାଇନାଲ ପ୍ରବେଶ କରିଛି। ହେମାନନ୍ଦ ବିଶ୍ୱାଳ, ନରେଶ ବିଶ୍ୱାଳ, ମହେନ୍ଦ୍ର ଭୋଇ, ଅଶୋକ ବାରିକ ଖେଳ ପରିଚାଳନା କରିଥିଲେ। ବିଜୁ ବରିହା ସ୍କୋରର ଥିବା ବେଳେ ମନୋରଞ୍ଜନ ମଲ୍ଲିକ ଓ ଦୁଃଖିଶ୍ୟାମ ସରିଆ ଧାରା ବିବରଣୀ ପ୍ରଦାନ କରିଥିଲେ। ଅତିଥି ଭାବେ ଡ.ପଙ୍କଜ ଭୋଇ ଓ ଭ୍ରମର ସିଂ ପୂଝାରୀ ଯୋଗ ଦେଇଥିଲେ। ଏଥିରେ କ୍ଲବ୍‌ର ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ। ଆସନ୍ତା ରବିବାର ଫାଇନାଲ ମ୍ୟାଚ୍ ଖେଳାଯିବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି।

**ମାଣ୍ଡୋସିଲ କପ୍**



# ଛଳନା କରି ବାହା ହୋଇଥିଲା, ଏସିଡ୍ ପକାଇ ମାରିଦେଲା

ବାଲେଶ୍ୱର, ୧୩।୨ (ସମିସ)

ସହଦେବଖୁଣ୍ଟା ଥାନା ଅନ୍ତର୍ଗତ ଭିମପୁରା ଅଞ୍ଚଳରେ ୨୦୨୩ ମସିହାରେ ସଂଘଟିତ ବହୁଚର୍ଚ୍ଚିତ ଏସିଡ୍ ମାଡ଼ ଘଟଣାରେ ଆଜି ରାୟ ଆସିଛି। ଏହି ମାମଲାରେ କୋର୍ଟ ପତ୍ନୀହନ୍ତା ଚନ୍ଦନକୁ ଫାଶୀ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏସିଡ୍ ମାଡ଼ ଅଭିଯୁକ୍ତକୁ ଫାଶୀଦଣ୍ଡ ମିଳିବା, ରାଜ୍ୟରେ ପ୍ରଥମ ଘଟଣା ବୋଲି କୁହାଯାଉଛି। ତେବେ ସେଦିନର ଏହି ଜଘନ୍ୟ ଅପରାଧକୁ ଆଜି ପର୍ଯ୍ୟନ୍ତ ବାଲେଶ୍ୱରବାସୀ ଭୁଲି ପାରିନାହାନ୍ତି। ଚନ୍ଦନ ଛଳନା କରି ବନିତାଙ୍କ ଦ୍ୱିତୀୟ ବିବାହ କରିବାଠାରୁ ଆରମ୍ଭ କରି ଏସିଡ୍ ପକାଇ ମାରିବା ପର୍ଯ୍ୟନ୍ତ ସବୁ ଘଟଣା ଏବେ ବି ଜିଲ୍ଲାବାସୀଙ୍କ ମନରେ ସତେଜ ରହିଛି।

ସୂଚନାନୁଯାୟୀ, ବନିତାଙ୍କ ଭିଣୋଇ ଅନୁଗୁଳରେ ଚାକିରି କରୁଥିବା ବେଳେ ବାଲେଶ୍ୱର ସହରର ଭୀମପୁରରେ ଏକ ଭଡ଼ାଘରେ ବନିତା ଏବଂ ବଡ଼ ଭଉଣୀ ବର୍ଷା ଓ ବର୍ଷାର ଦୁଇ ପିଲା ରହୁଥିଲେ। ବଡ଼ ଭଉଣୀର ୬ ବର୍ଷର ଝିଅକୁ ନିକଟସ୍ଥ ବିଦ୍ୟାଳୟକୁ ନେବା ଆଣିବା କରୁଥିଲେ ବନିତା। ସେହି ସମୟରେ ଚନ୍ଦନ ନିକଟସ୍ଥ ଏକ ସୁନା ଦୋକାନରେ କାମ କରୁଥିଲା। ବନିତା ଓ ବର୍ଷା ଅନେକ ସମୟରେ ସେହି ସୁନା ଦୋକାନକୁ ଅଳଙ୍କାର କିଣାକିଣି ପାଇଁ ଯାଉଥିଲେ। ସେଇଠୁ ଆରମ୍ଭ ହୋଇଥିଲା ବନିତା ଓ ଚନ୍ଦନ ମଧ୍ୟରେ ପ୍ରେମସମ୍ପର୍କ। ପରେ ଚନ୍ଦନ ଆସି ବନିତା ଘରେ ବିବାହ ପ୍ରସ୍ତାବ ରଖିଥିଲା। ବନିତାର ପରିବାର ଚନ୍ଦନଙ୍କ ପରିବାର ସହ କଥାବାର୍ତ୍ତା କରିବା ପାଇଁ ରାଜି ହୋଇଥିଲେ। କିନ୍ତୁ, ଘରେ ଏକୁଟିଆ ରହୁଥିବା ସହ ମାଆ ପାଗଳି ଏବଂ ବାପା ମଦୁଆ ବୋଲି କହିଥିଲା ଚନ୍ଦନ। ସେହି ସମୟରେ ଛଳନା କରି ପ୍ରଥମ ସ୍ତ୍ରୀକୁ ବାପ ଘରେ ଛାଡ଼ିଦେଇଥିଲା ଚନ୍ଦନ ଏବଂ ଭଦ୍ରତାର ପରିଚୟ ଦେଇ ୨୦୨୨ ଡିସେମ୍ବର ୧୯ ତାରିଖରେ ବନିତାକୁ ନୂଆପୁର ଜଗନ୍ନାଥ ମନ୍ଦିରରେ ବିବାହ କରିଥିଲା।





ମାତ୍ର ବାହାଘରର ମାତ୍ର ପାଞ୍ଚ ଦିନ ପରେ ସତ ଜଣାପଡ଼ିଥିଲା। ଚନ୍ଦନ ବିବାହିତ ଏବଂ ତାଙ୍କର ଦୁଇଟି ପିଲା ରହିଥିବା କଥା ବନିତା ଓ ତାଙ୍କ ପରିବାରଲୋକ ଜାଣିବାକୁ ପାଇଥିଲା। ଏହା ଜାଣିବା ପରେ ଠକେଇ କରି ବାହାଘର ହୋଇଛି ବୋଲି ବନିତାଙ୍କ ପରିବାର ଲୋକେ ସହଦେବଖୁଣ୍ଟା ଥାନାରେ ଏତଲା ଦେଇଥିଲେ। ଥାନାରେ ଏନେଇ ଆପୋଷ ସମାଧାନ ହୋଇଥିଲା ଯେ ସେମାନେ ଆଉ ସ୍ୱାମୀ-ସ୍ତ୍ରୀ ହୋଇ ରହିବେ ନାହିଁ। ଏହା ୨୦୨୨ ଡିସେମ୍ବର ମାସର ଘଟଣା।

## ସେମାନେ ଯାହା କୁହନ୍ତି:

- ଏସିଡ୍ ଫିଙ୍ଗା ଘଟଣାରେ କାର୍ତ୍ତିକ ସିଂଙ୍କ ପରିବାର ଓ ଛୋଟ ଝିଅଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲା। ଏହି ଘଟଣାରେ ପରବର୍ତ୍ତୀ ସମୟରେ ବନିତାଙ୍କ ମୃତ୍ୟୁବରଣ ହୋଇଥିଲା। ଏହି ଘଟଣାର ମାନ୍ୟବର କୋର୍ଟ ଦୋଷୀ ଚନ୍ଦନ ରଣାକୁ ମୃତ୍ୟୁ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଯାହା ଆଜି ତାର ରାୟ ପ୍ରକାଶ ପାଇଛି।
  ସଞ୍ଜୟ ମହାନ୍ତି, ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର

- ଏହା ଏକ ବିରଳ ଘଟଣା। ୨୦୨୩ ମସିହା ଫେବୃଆରୀ ମାସ ୨୦ ତାରିଖରେ ଚନ୍ଦନ ଯାହା ଏକ ପବିତ୍ର ନାମ ମାତ୍ର ଅପବିତ୍ର ଘଟଣା ଘଟାଇଥିଲା। ୩ବର୍ଷର ବିଚାର ପରେ ଆଜି ରାୟ ପ୍ରକାଶ ପାଇଛି। ଆମେ ଯେଉଁ ଟେମ୍ପଲ୍ ଅଫ୍ ଜଷ୍ଟିସ ଉପରେ ଆମେ ପ୍ରାକ୍ଟିସ କରୁଛେ ତାହା ଉପରେ ଆମର ଭରସା ଅଛି।
  ସୁଲଳିତ କର, ବରିଷ୍ଠ ଆଇନଜୀବୀ ତଥା ଏତଲାକାରୀଙ୍କ ଓକିଲ

- ମୁଁ ଘରେ ନଥିବାବେଳେ ଚନ୍ଦନ ମୋ ଘରେ ଏସିଡ୍ ଆକ୍ରମଣ କରିଥିଲା। ଫଳରେ ମୋ ସ୍ତ୍ରୀ, ଦୁଇ ଜଣ ପିଲା ଓ ମୋ ଶାଳୀ ଆହତ ହୋଇଥିଲେ। ଏପରି ଘଟଣାରେ ସ୍ପଟ୍‌ରେ ଦୋଷୀକୁ ଫାଶୀ ଦେବା ଦରକାର। ଯାହା ଫଳରେ ଏମିତି ଆଉ କେବେ କରିବେ ନାହିଁ।
  ରମେଶ ଚନ୍ଦ୍ର ସାହୁ, ମୃତ ପୀଡ଼ିତାଙ୍କ ଭିଣୋଇ

- ସେଦିନ ଆମେ ଖବର ପାଇଲୁ ଚନ୍ଦନ ରଣା ମୋ ସାନ ଝିଅ ବନିତା ସିଂକୁ ଏଡିସ୍ ପକାଇଛି। ମୋ ବଡ଼ ଝିଅ ସହିତ ନାତି ନାତୁଣୀକୁ ମଧ୍ୟ ଏସିଡ୍ ପକାଇଛି। ମୋ ବଡ଼ ଝିଅର କାନ ନାହିଁ। ଆଉ ଶୁଣିପାରୁ ନାହିଁ। ଏହି ଘଟଣା ଘଟାଇ ଚନ୍ଦନ ଫେରାର ରହିଥିଲା। ଆମର ଅଭିଯୋଗ ପରେ ସେ ଧରାପଡ଼ିଲା। ତେବେ ସେ ତା ଦୋଷର ଦଣ୍ଡ ପାଇଛି। ଆମକୁ ନ୍ୟାୟ ମିଳିଛି। ଏମିତି ରାୟ ଦିଆଯାଉ ଯେମିତି ଖଣ୍ଡମଣ୍ଡଳର ଲୋକଙ୍କ ଭିତରେ ଭୟ ରହିବ।
  କାର୍ତ୍ତିକ ସିଂ, ମୃତ ଯୁବତୀଙ୍କ ବାପା

## 'ତୁ ମୋର ନୁହେଁ ତ ଆଉ କାହାର ନୁହେଁ'

'ତୁ ମୋର ନୁହେଁ ତ ଆଉ କହାର ନୁହେଁ'ର କରୁଣ ପରିଣତି ପରିବାରକୁ ଛାରଖାର କରିଦେଇଛି। ଦୁହେଁ ଚନ୍ଦନ ଓ ବନିତା ଅଲଗା ହେବା ପରେ ବନିତାଙ୍କ ପରିବାର ଲୋକେ ବନିତା ପାଇଁ ପୁଅ ଖୋଜିବା ଆରମ୍ଭ କରିଥିଲେ। ପରେ ଜତିନ ନାମକ ପୁଅ ସହ ବନିତାର ବାହାଘର ମଧ୍ୟ ଠିକ୍ ହୋଇଥିଲା। ଏହି ଖବର ପାଇବା ପରେ ୨୦୨୩ ଫେବ୍ରୁଆରି ୨୦ ତାରିଖ ସକାଳ ୧୧ଟାରେ ଚନ୍ଦନ ହଠାତ୍ ବନିତା ଘରେ ପହଞ୍ଚି ସମସ୍ତଙ୍କୁ ଏସିଡ୍ ଫିଙ୍ଗିଥିଲା। ଏଥିରେ ବନିତା ଗୁରୁତର ହୋଇଥିଲେ ଏବଂ ପରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଥିଲେ।

## ଜାଗର ପରଦିନର ଘଟଣା; ଜାଗର ପୂର୍ବ ଦିନ ଦଣ୍ଡାଦେଶ

୨୦୨୩ ମସିହା ଫେବୃଆରୀ ମାସ ୨୦ ଅର୍ଥାତ୍ ଜାଗରର ପର ଦିନ ଘଟଣା ଘଟିଥିଲା। ଆଉ ଦୀର୍ଘ ତିନି ବର୍ଷ ପରେ ଆଜି ଜାଗର ପୂର୍ବଦିନ ଏହି ଘଟଣାର ରାୟ ଶୁଣାଣି ହୋଇ ଦୋଷୀକୁ ଦଣ୍ଡ ମିଳିଛି ବୋଲି ଏତଲାକାରୀଙ୍କ ଓକିଲ ସୁଲଳିତ କର ସୂଚନା ଦେଇଛନ୍ତି।

## ଏସିଡ୍ ମାଡ଼ ଘଟଣାରେ ଫାଶୀଦଣ୍ଡ ରାଜ୍ୟରେ ପ୍ରଥମ!

ଓଡିଶାର ଏହା ପ୍ରଥମ ଘଟଣା ଯାହା ଏତେ ଶୀଘ୍ର ରାୟ ଶୁଣାଣି ହୋଇଛି। ବିଶେଷକରି ଏଡିସ୍ ମାଡ ଘଟଣାରେ ଏହା ହେଉଛି ପ୍ରଥମ ଘଟଣା ଭାବେ ଦୋଷୀକୁ ମୃତ୍ୟୁ ଦଣ୍ଡରେ ଦଣ୍ଡିତ କରାଯାଇଛି। ଏହା ଏକ ବିରଳ ଓ ପ୍ରଥମ ଘଟଣା। ଯାହକୁ ନେଇ ଏବେ ସବୁଠି ଚର୍ଚ୍ଚା। ଏଭଳି ଅପରାଧ ଘଟାଉଥିବା ଅପରାଧୀଙ୍କ ମନରେ ଏବେ କୋକୁଆ ଭୟ ସୃଷ୍ଟି ହୋଇଛି। ପୂର୍ବରୁ ସମାନ ଘଟଣାରେ ମହାରାଷ୍ଟ୍ରରେ ମାନ୍ୟବର କୋର୍ଟ ଅଭିଯୁକ୍ତକୁ ମୃତ୍ୟୁ ଦଣ୍ଡାଦେଶ ରାୟ ଶୁଣାଇଥିଲେ।

● ମାରଣାସ୍ତ୍ର ଦେଖାଇ ପ୍ରେମ ନିବେଦନ; ଥାନାରେ ମାମଲା

# ପୁଲିସ ଇସାରାରେ ଅଭିଯୁକ୍ତଙ୍କ ପକ୍ଷରୁ ପାଲଟା ଅଭିଯୋଗ

ବାଲେଶ୍ୱର,୧୩।୨(ସମିସ) : ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅଧିନସ୍ଥ ହଳଦୀପାଳ ବଜାରରେ ଏକ ବିୟୁଟି ପାର୍ଲରରେ କାର୍ଯ୍ୟରତ ମହିଳାଙ୍କୁ ସେହି ଅଞ୍ଚଳର ଜଣେ ଯୁବକ ମାରଣାସ୍ତ୍ର ଦେଖାଇ ପ୍ରେମ ନିବେଦନ କରିବା ସହ ମାଡ଼ ମାରିଥିବାର ବସ୍ତା ଥାନାରେ ଅଭିଯୋଗ ପରେ ଥାନାରେ ମାମଲା ରୁଜୁ ହୋଇଛି। ପରେ ଅଭିଯୁକ୍ତ ଯୁବକଙ୍କୁ ପୋଲିସ ଥାନାକୁ ଉଠାଇ ଆଣିଥିବା ବେଳେ ପୋଲିସ କୌଣସି ଚାପର ବଶବର୍ତ୍ତୀ ହୋଇ ବିଳମ୍ବିତ ରାତିରେ ଗିରଫ ନକରି ଛାଡ଼ି ଦେଇଥିବାର ଅଭିଯୋଗକାରୀ ଅଭିଯୋଗ ଆଣିଛନ୍ତି। ଖବର ଅନୁସାରେ ହଳଦୀପାଳ ଗ୍ରାମର ତପନ କୁମାର ନାୟକଙ୍କ ସ୍ତ୍ରୀ ସ୍ଥାନୀୟ ବଜାରରେ ଏକ ବିୟୁଟି ପାର୍ଲର କରିଛନ୍ତି। ଗତ ୫ ତାରିଖ ସନ୍ଧ୍ୟା ସମୟରେ ସେ ପାର୍ଲରରେ ଏକୁଟିଆ ଥିବା ସମୟରେ ବସ୍ତା ଥାନା ଅଧିନ ପାରବିଲା ଗ୍ରାମର ଦେବେନ୍ଦ୍ର ଗାଆଣଙ୍କ ପୁଅ ଜିତେନ୍ଦ୍ର ଗାଆଣ (୩୫) ମାରଣାସ୍ତ୍ର ଧରି ପାର୍ଲରରେ ପହଁଚି ପ୍ରେମ ନିବେଦନ କରିଥିଲା। ଏଥିରେ ମହିଳା ଜଣକ ରାଜି ନହେବାରୁ ଧମକ ଚମକ ଦେବା ସହ ତାଙ୍କ ସ୍ୱାମୀଙ୍କୁ ହତ୍ୟା ଧମକ ଦେଇଥିଲା। ପରେ ସ୍ଥାନୀୟ ଲୋକେ ଜିତେନ୍ଦ୍ରଙ୍କୁ କାବୁ କରି ଅଟକ ରଖି ବସ୍ତା ଥାନା ପୋଲିସକୁ ଖବର ଦେଇଥିଲେ। ପରେ ଥାନା ପୋଲିସ ପହଁଚି ଜିତେନ୍ଦ୍ରକୁ ଥାନାକୁ ନେଇ ଅଟକ ରଖିଥିଲା, ପରେ ଛାଡ଼ି ଦେଇଥିଲା ପୋଲିସ। ଏନେଇ ମହିଳା ଜଣକ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ହେଲେ ପୋଲିସ ତାଙ୍କୁ ସାହାଯ୍ୟ ପରିବର୍ତ୍ତେ ଥାନାର ତୁମେ କେସ କଲେ ସେ ପୁଣି ତୁମ ନାମରେ କେସ କରିବ କହି ଜଣେ ଥାନା କର୍ମଚାରୀ ଧମକ ଦେଇଥିବାର ଅଭିଯୋଗକାରୀ ଅଭିଯୋଗ ଆଣିଛନ୍ତି। ସେପଟେ ପୁଲିସର ଧମକ ପରେ ଅପରପକ୍ଷ ଜିତେନ୍ଦ୍ର ଗାଆଣ ମଧ୍ୟ ପାଲଟା ଅଭିଯୋଗ କରିଥିଲେ। ପୁଲିସ ୨ ଗୋଟି ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

# ଆର୍‌ଆଇଙ୍କୁ ବାଲି ମାଫିଆଙ୍କ ଆକ୍ରମଣ

ବାଲିଆପାଳ,୧୩।୨(ସମସ): ବାଲେଶ୍ୱର ଜିଲ୍ଲା ବାଲିଆପାଳ ତହସିଲ ଅଧୀନ ସୁବର୍ଣ୍ଣରେଖା ନଦୀରୁ ବାଲି ମାଫିଆମାନେ ପ୍ରତ୍ୟେକ ଦିନ ହଜାର ହଜାର ଟ୍ରିପ୍ ବାଲି ଉତ୍ତୋଳନ କରି ପଶ୍ଚିମବଙ୍ଗକୁ ଚୋରାଚାଲାଣ କରି ମୋଟା ଅଙ୍କର ଅର୍ଥ ଉପାର୍ଜନ କରି ଆସୁଥିଲା ବେଳେ ରାଜ୍ୟ ରାଜସ୍ୱ ହରାଉଛି। ବାରମ୍ବାର ଏହି ବାଲି ଚୋରି ନେଇ ବାଲିଆପାଳ ତହସିଲରେ ଅଭିଯୋଗ ହୋଇ ଆସୁଥିଲା ବେଳେ ଆଜି ଖବର ପାଇ ଶ୍ରୀରାମପୁର ଆର୍‌ଆଇ ସରୋଜିନୀ ଟୁଡୁ ପାଳପଡ଼ା ଅଞ୍ଚଳରେ ଚଢ଼ଉ କରିଥିଲେ। ଚଢ଼ଉ ସମୟରେ ବାଲି ମାଫିଆମାନେ ଆର, ଆଇଙ୍କୁ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ଆର୍‌ଆଇ ସରୋଜିନୀ ଟୁଡୁ ଆହତ ହୋଇଥିଲା ବେଳେ ବାଲିଆପାଳ ତହସିଲଦାର ଜ୍ୟୋତ୍ସ୍ନାରାଣୀ ନାୟକ ବାଲି ମାଫିଆଙ୍କ ବିରୋଧରେ ବାଲିଆପାଳ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି, ପୁଲିସ ଅଭିଯୋଗ ପାଇ ତଦନ୍ତ ଜାରି ରଖିଛି।

# ଗ୍ରୀଷ୍ମ ଋତୁରେ ବୈଦ୍ୟୁତିକ ସୁରକ୍ଷା ସମ୍ପର୍କିତ ସଚେତନତା

ବାଲେଶ୍ୱର,୧୩।୨(ସମିସ): ବିଦ୍ୟୁତ ସୁରକ୍ଷା ନେଇ ଟିପିଏନଓଡିଏଲ ସର୍ବଦା ଅଗ୍ରାଧିକାର ଦେଇଛି। ଜନସାଧାରଣ ତଥା କର୍ମଚାରୀଙ୍କ ସୁରକ୍ଷା ନେଇ ଟିପିଏନଓଡିଏଲ ପ୍ରାଥମିକତା ଦେଇଥିବାବେଳେ ଅବହେଳା ପୂର୍ବକ ହେଉ ଅଥବା ସଚେତନତା ଅଭାବରୁ ହେଉଥିବା ବୈଦ୍ୟୁତିକ ଦୁର୍ଘଟଣାକୁ ଗୁରୁତ୍ୱର ସହ ଗ୍ରହଣ କରି ସଂସ୍ଥା ବିଭିନ୍ନ ପ୍ରତିଷେଧକମୂଳକ ପଦକ୍ଷେପ ଗ୍ରହଣ କରିଛି। ବିଦ୍ୟୁତ ତାର ଓ ଟ୍ରାନ୍ସଫର୍ମର ନିକଟରେ ନିର୍ମାଣ କାର୍ଯ୍ୟ, ବୈଦ୍ୟୁତିକ ଯନ୍ତ୍ରପାତିରେ ଅଣକୁଶଳୀ ମରାମତି କାର୍ଯ୍ୟ, ହୁକିଂ, ଛିଣ୍ଡା ତାରର ବ୍ୟବହାର ଆଦି ପାଇଁ ଦୁର୍ଘଟଣା ଘଟୁଥିବା ସୂଚନାକୁ ଭିତ୍ତି କରି ଜନସଚେତନତା ବୃଦ୍ଧି କରିବାକୁ ଟିପିଏନଓଡିଏଲ୍ ଗୁରୁତ୍ୱ ଦେଇଛି। ଏଥି ଲାଗି ଏକ ସ୍ୱତନ୍ତ୍ର କମିଟି ମଧ୍ୟ ଗଠନ କରାଯାଇ ସୁରକ୍ଷା ସଚେତନତା ସମ୍ପର୍କିତ ବିଭିନ୍ନ ପଦକ୍ଷେପ ହାତକୁ ନେଇଛି। ବିଦ୍ୟାଳୟ ତଥା କଲେଜରେ ଶିକ୍ଷାର୍ଥୀଙ୍କୁ ବୈଦ୍ୟୁତିକ ସୁରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ, ପଥପ୍ରାନ୍ତ ନାଟକ, କାନ୍ଥରେ ସଚେତନତା ବାର୍ତ୍ତା, ଉପଭୋକ୍ତା ସମ୍ମିଳନୀ, ଡାକବାଜି ଯନ୍ତ୍ର ତଥା ବିଭିନ୍ନ ଗଣମାଧ୍ୟମ ଜରିଆରେ ସଚେତନତା ଅଭିଯାନ ବ୍ୟାପକ କରିବା ସହ ଧନଜୀବନ ହାନିକୁ ସମ୍ପୂର୍ଣ୍ଣ ରୋକିବା ଦିଗରେ ଟିପିଏନଓଡିଏଲର ଏହି କାର୍ଯ୍ୟଧାରା ବଳବତ୍ତର ରହିଛି। ସେହିପରି ଆଗନ୍ତୁକ ଗ୍ରୀଷ୍ମ ଋତୁରେ ଏସି, ଫ୍ରିଜ, କୁଲର,



ପାଣିପମ୍ପ ଆଦି ଉଚ୍ଚ କ୍ଷମତା ଯୁକ୍ତ ବିଦ୍ୟୁତ୍ ଉପକରଣର ବ୍ୟବହାର ପୂର୍ବରୁ ଏହାକୁ ଅଧିକୃତ ଇଲେକ୍ଟ୍ରିସିଆନଙ୍କ ଦ୍ୱାରା ଯାଞ୍ଚ କରାଇନେବାକୁ ଟିପିଏନଓଡିଏଲ୍ ପକ୍ଷରୁ ଉପଭୋକ୍ତାଙ୍କୁ ପରାମର୍ଶ ଦିଆଯାଇଛି ଓ ଏହା ସହିତ ଘରେ ଏମସିବି ଅବା ଇଏଲସିବି ଲଗାଇବା ବିଦ୍ୟୁତ ସୁରକ୍ଷା ଦିଗରେ ଏକ ବଡ ପଦକ୍ଷେପ ବୋଲି ଟିପିଏନଓଡିଏଲ ପକ୍ଷରୁ କୁହାଯାଇଛି। ବିଜୁଳିର ଅଯଥା ଅପଚୟକୁ ରୋକିବା ସହ କୌଣସି ସ୍ଥାନରେ ବିଦ୍ୟୁତ୍ ତାର ଛିଣ୍ଡିଥିଲେ ଅବା ଟ୍ରାନ୍ସଫର୍ମରରେ ତ୍ରୁଟି ପରିଲକ୍ଷିତ ହେଲେ ନିଜେ ମରାମତି କରିବାପାଇଁ ଚେଷ୍ଟା ନ କରି ଟିପିଏନଓଡିଏଲ କାର୍ଯ୍ୟାଳୟ ଅଥବା ଗ୍ରାହକ ସେବା ନମ୍ବର ୧୮୦୦-୩୪୫୬-୭୮ ରେ ଯୋଗାଯୋଗ କରିବା ପାଇଁ ମଧ୍ୟ ସମସ୍ତ ଉପଭୋକ୍ତାଙ୍କୁ ପରାମର୍ଶ ଦିଆଯାଇଛି।

ଅପରପକ୍ଷେ କର୍ମଚାରୀଙ୍କ ସୁରକ୍ଷାକୁ ଦିଗରେ ହେଲମେଟ, ହାର୍ନେସ, ସୁରକ୍ଷା ଜୋତା, ଗ୍ଲୋବ୍ସ, ନିଅନ ଟେଷ୍ଟର ଆଦି ସୁରକ୍ଷା ଉପକରଣର ବ୍ୟବହାର ଉପରେ ଗୁରୁତ୍ୱାରୋପ କରିବା ସହ ସୁରକ୍ଷା ପ୍ରଣାଳୀକୁ କଡ଼ାକଡ଼ି ପାଳନ କରିବା ପାଇଁ ଟିପିଏନଓଡିଏଲ ପକ୍ଷରୁ ଅଧିକାରିକ ବାର୍ତ୍ତା ଜାରି ହୋଇଛି। ଏ ଦିଗରେ ସଂସ୍ଥା ଏକ ଅଭିନବ ଉପାୟରେ ଜନସାଧାରଣଙ୍କୁ ଏହାର ତଦାରଖ ଦାୟିତ୍ୱ ନ ଦେଇ ସହାୟତା କାମନା କରିଛି। ଟିପିଏନଓଡିଏଲ କର୍ମଚାରୀ ବୈଦ୍ୟୁତିକ କାର୍ଯ୍ୟ କରୁଥିବା ସମୟରେ ଯଦି ସୁରକ୍ଷା ଉପକରଣର ବ୍ୟବହାର ନ କରନ୍ତି ଅବା ଅସୁରକ୍ଷିତ ଉପାୟରେ କାର୍ଯ୍ୟ ସମ୍ପାଦନ କରୁଥିବାର ନଜରରେ ଆସନ୍ତି ସାଧାରଣ ଲୋକେ ଏହାର ଫଟୋ କିମ୍ବା ଭିଡିଓ ଉତ୍ତୋଳନ କରି ୯୧୨୪୨-୫୪୦୧୧ ନମ୍ବରକୁ ହ୍ୱାଟ୍ସ ଆପ୍ ଯୋଗେ ପଠାଇ ଟିପିଏନଓଡିଏଲକୁ ଏ ଦିଗରେ ସୂଚନା ଦେଇପାରିବେ। ଏଥିଲାଗି ଟିପିଏନଓଡିଏଲ ପକ୍ଷରୁ ସୂଚନାଦାତାଙ୍କୁ ପୁରସ୍କୃତ ମଧ୍ୟ କରାଯିବାର ଯୋଜନା ରହିଛି। ବୈଦ୍ୟୁତିକ ସୁରକ୍ଷା ବ୍ୟକ୍ତିବିଶେଷ ତଥା ସର୍ବୋପରି ଏକ ପରିବାର ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁ ହୋଇଥିବାବେଳେ ଟିପିଏନଓଡିଏଲର ଏତାଦୃଶ ପଦକ୍ଷେପ ତଥା ଉପଭୋକ୍ତାଙ୍କ ସହାୟତା ଏନେଇ ବିଶେଷ ଫଳପ୍ରଦାନ କରିବ ବୋଲି ଆଶା କରାଯାଉଛି।

# ବାଲ୍ୟବିବାହ ମୁକ୍ତ ରଥ ଉଦ୍‌ଘାଟିତ




ବାଲେଶ୍ୱର,୧୩।୨(ସମିସ): ବିଏଡିସି ଓ ଜେଆର୍‌ସି ଓ ବାଲେଶ୍ୱର ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ବାଲ୍ୟବିବାହ ମୁକ୍ତ ରଥ ଅଭିଯାନକୁ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଦେବଜ୍ୟୋତି ଦାଶଙ୍କ ଦ୍ୱାରା ଉଦ୍‌ଘାଟିତ ହେଇଯାଇଛି। ଏହି ଉଦ୍‌ଘାଟନ ଉତ୍ସବରେ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଦେବଜ୍ୟୋତି ଦାଶଙ୍କ ସହିତ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଖୁସିରାମ ଗହୀର, ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ଶିଶୁ ମଙ୍ଗଳ କମିଟିର ସଭ୍ୟ ପ୍ରିୟରଞ୍ଜନ ମହାନ୍ତି ଓ ଅନ୍ୟତମ ସଭ୍ୟା ଅନିତା କର, ମହିଳା ଶିଶୁ ବିଭାଗରେ ଜିଲ୍ଲା କୋର୍ଡିନେଟର ଶକ୍ତିପ୍ରିୟ ବିଶ୍ୱାଳ, ମିଶନ ଶକ୍ତିର ଜିଲ୍ଲା ସଂଯୋଜିକା ପ୍ରିୟଦର୍ଶିନୀ ଆଚାର୍ଯ୍ୟ, ସମାଜ ମଙ୍ଗଳ ବିଭାଗର ଜିଲ୍ଲା କୋର୍ଡିନେଟର ପ୍ରଦୀପ କୁମାର ପାଲ ଅଧିକାରୀ ଯୋଗ ଦେଇଥିଲେ। ପ୍ରାରମ୍ଭରେ ସମସ୍ତ ଅତିଥି ପତାକା ହଲାଇ ବାଲ୍ୟ ବିବାହ ମୁକ୍ତ ରଥକୁ ଉଦ୍‌ଘାଟନ କରିଥିଲେ। ଜିଲ୍ଲାପାଳଙ୍କ ଅଫିସରେ ଏକ ରାଲି ଅନୁଷ୍ଠିତ ହେଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କ ଅଫିସର ସମସ୍ତ ବିଭାଗର ସମସ୍ତ କର୍ମଚାରୀ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମିଶନଶକ୍ତି ଓ ଅଙ୍ଗନବାଡ଼ି କର୍ମୀ ସହ ପାଞ୍ଚଶହରୁ ଉର୍ଦ୍ଧ୍ୱ ମହିଳା ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ବିଏଡିସି କର୍ମକର୍ତ୍ତା ପରିଚାଳନା କରିଥିଲେ। ପ୍ରକାଶ ଥାଉକି, ବିଏଡିସି ସଂସ୍ଥା ଆନୁକୂଲ୍ୟରେ ଅଦ୍ୟାବଧି ବାଲେଶ୍ୱର ଜିଲ୍ଲାରେ ୬୨୭ ଓ ମୟୂରଭଞ୍ଜ ଜିଲ୍ଲାରେ ୬୪୯ ବାଲ୍ୟବିବାହ ବନ୍ଦ କରାଯାଇଛି। ଯେଉଁଥିରେ ଅଭିଭାବକ ଓ ପିତାମାତା ଓ ପରିବାର ବର୍ଗର ସମସ୍ତେ ଲିଖିତ ଘେଷଣାନାମା ହସ୍ତାନ୍ତର କରିଛନ୍ତି।

## ଏପର୍ଯ୍ୟନ୍ତ ବାଲେଶ୍ୱରରେ ୬୨୭ ଓ ମୟୂରଭଞ୍ଜରେ ୬୪୯ ବାଲ୍ୟବିବାହ ବନ୍ଦ ହୋଇଛି

# କୁନ୍ତଳା କୁମାରୀ ସାବତ କଲେଜ ଓଡ଼ିଆ ବିଭାଗର ଆଲୋଚନାଚକ୍ର

ବାଲେଶ୍ୱର,୧୩।୨(ସମିସ): କୁନ୍ତଳା କୁମାରୀ ସାବତ ମହିଳା ମହାବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଏବଂ "ଶତଦଳ' କ୍ଲବ୍



ଆନୁକୂଲ୍ୟରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଅଧକ୍ଷା ଡ. ଝାନ୍‌ସୀ ଜେନା ଏଥିରେ ସଭାପତିତ୍ୱ କରିବା ସହ ସ୍ୱାଗତ ଅଭିଭାଷଣ ରଖିଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପକ ରାଜକିଶୋର ପଣ୍ଡିତ ଅତିଥି ପରିଚୟ ଦେବା ସହ ଆଲୋଚନାଚକ୍ରର ଶୀର୍ଷକ "ମଧ୍ୟଯୁଗୀୟ ସାହିତ୍ୟରେ ବୈଷ୍ଣବ ଚେତନା' ଉପସ୍ଥାପନା କରିଥିଲେ। ବିଷୟ ବିଶେଷଜ୍ଞ ଭାବେ ବିଶିଷ୍ଟ ସାହିତ୍ୟିକ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଭାଗବତ ବେହେରା ଯୋଗଦେଇ ମଧ୍ୟଯୁଗୀୟ ସାହିତ୍ୟର କାଳଖଣ୍ଡ ସମ୍ପର୍କରେ ସୂଚନା ଦେଇଥିଲେ। ଧର୍ମର ସଂଜ୍ଞା ସହ ବେଦ ଭିତରେ ଥିବା କୃଷ୍ଣ ଚେତନାକୁ ବର୍ଣ୍ଣନା କରି ସମୟାନୁକ୍ରମେ ବିଷ୍ଣୁ ଓ ବୈଷ୍ଣବ ଧର୍ମ ସମ୍ପର୍କରେ କହିଥିଲେ। ମଧ୍ୟଯୁଗ ଓ ପରବର୍ତ୍ତୀ ସମୟରେ ଓଡ଼ିଆ ସାହିତ୍ୟରେ ବୈଷ୍ଣବ ଚେତନାର ଜାଗରଣ ଏବଂ ଏହାର ପ୍ରଚାର ପ୍ରସାର ସମ୍ପର୍କରେ ସେ ଆଲୋଚନା କରିଥିଲେ। ଏହି ଅବସରରେ ନେଟ୍ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ପୂର୍ବତନ ଛାତ୍ରୀ ଅନୁପମା ଖଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ଡ. ସୃଷ୍ଟିଧର ପଣ୍ଡା, ଅଧ୍ୟାପିକା ଡ. ପ୍ରତୀଚୀ ନନ୍ଦ, ମୋନାଲିସା ବେହେରା, ଅଧ୍ୟାପକ ଅଜୟ ରାଉତ ଓ ଡ. ଜଗନ୍ନାଥ ଖଟୁଆ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସ୍ନାତକୋତ୍ତର ଦ୍ୱିତୀୟ ବର୍ଷର ଛାତ୍ରୀ ରଚନା ଦାସ ମଞ୍ଚ ଆହ୍ୱାନ କରିଥିଲେ। ଶେଷରେ ମୋନାଲିସା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଆଲୋଚନାଚକ୍ରରେ ସ୍ନାତକ ଓ ସ୍ନାତକୋତ୍ତର ଶ୍ରେଣୀର ଛାତ୍ରୀମାନେ ସହଯୋଗ କରିଥିଲେ।

## କ୍ରେଚ ସେଣ୍ଟର ଖୋଲିବା ନିର୍ଦ୍ଦେଶକୁ ବିତିଲା ଦେଢ଼ବର୍ଷ

# କାର୍ଯ୍ୟକାରୀ ହୋଇନି ନିର୍ଦ୍ଦେଶ; ବିଳମ୍ବିତ କାର୍ଯ୍ୟ ନେଇ ପ୍ରଶ୍ନବାଚୀ

ବାଲେଶ୍ୱର,୧୩।୨(ସମିସ)

ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କର୍ମଜୀବୀ ମହିଳାଙ୍କ ୬ ମାସରୁ ୬ ବର୍ଷ ଶିଶୁଙ୍କ ଲାଳନପାଳନ ପାଇଁ କ୍ରେଚ୍ ସେଣ୍ଟର ଖୋଲା ଯିବା ନେଇ ସରକାରୀ ନିର୍ଦ୍ଦେଶନାମକୁ ଦେଢ଼ବର୍ଷ ବିତିଥିଲେ ହେଁ ଏ ଯାଏ ଖୋଲି ପାରିନି କ୍ରେଚ୍ ସେଣ୍ଟର। ଟଙ୍କା ଆସିଛି ହେଲେ କାର୍ଯ୍ୟକ୍ଷମ ପାଇଁ ମନ୍ଥର ପ୍ରକ୍ରିୟାକୁ ନେଇ କର୍ମଜୀବୀ ମହିଳା ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ୨୦୨୪ ମସିହା ଅଗଷ୍ଟ ୧୬ ତାରିଖରେ ଓଡ଼ିଶାର ସମସ୍ତ ଜିଲ୍ଲାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ କର୍ମଜୀବୀ ମହିଳାଙ୍କ ୬ ମାସରୁ ୬ ବର୍ଷର ସନ୍ତାନ ସନ୍ତତିଙ୍କ ଲାଳନ ପାଳନ ଓ ଶିଶୁର ଯତ୍ନକୁ ଦୃଷ୍ଟିରେ ଶିଶୁ ଲାଳନ ପାଳନ କେନ୍ଦ୍ର (କ୍ରେଚ୍) ଖୋଲାଯିବା ନେଇ ନିର୍ଦ୍ଦେଶନାମା ସହ ଏସ୍‌ଓପି ଜାରି କରିଥିଲେ। ଏହିକ୍ରମରେ ବାଲେଶ୍ୱର ଜିଲ୍ଲାରେ ଏହି କ୍ରେଚ୍ ସେଣ୍ଟର ଖୋଲାଯିବା ନେଇ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା।



ଜଣେ କର୍ମଜୀବୀ ମହିଳା ମା ହେବା ପରେ ନିଜ ଶିଶୁକୁ ଯତ୍ନ ନେବାରେ ଅସୁବିଧାରେ ସମ୍ମୁଖୀନ ହୋଇଥାଏ। ନିଜ ଶିଶୁକୁ ଘରେ କିମ୍ବା ଘରେ ଛାଡ଼ି ଯାଇଥିବା ବେଳେ ଶିଶୁର ଯତ୍ନ ପାଇଁ ଅଫିସ ଛାଡ଼ି ସମୟେ ସମୟେ ଯିବାକୁ ମଧ୍ୟ ପଡିଥାଏ। ଫଳରେ କେବଳ ଅଫିସରେ କାର୍ଯ୍ୟ ହୁଏନି, ବରଂ ଶିଶୁରଂ ଯତ୍ନ ଏବଂ ସୁରକ୍ଷାରେ ମଧ୍ୟ ଅଭାବ ରହିଥାଏ। ଏହାକୁ ଉପଲକ୍ଷ କରିବି ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସରକାରୀସ୍ତରରେ କ୍ରେଚ୍ ସେଣ୍ଟର ପ୍ରତିଷ୍ଠା ନେଇ ଏସ୍‌ଓପି ମଧ୍ୟ ଜାରି କରାଯାଇଥିଲା। ଏହି କ୍ରେଚ୍ ସେଣ୍ଟର ଜିଲ୍ଲାପାଳଙ୍କ ସମୂହ କାର୍ଯ୍ୟାଳୟ ପାଖରେ କିମ୍ବା କ୍ରେଚ୍ ସେଣ୍ଟରଠାରୁ ୫୦୦ ମିଟର ହୋଇଥିବ। ଏଠାରେ ଜଣେ ମହିଳା କର୍ମଜୀବି ନିଜର ପିଲାଙ୍କୁ ଦେଖାଶୁଣା ଏବଂ ଯତ୍ନ ନେବା ପାଇଁ ଛାଡ଼ି ପାରିବେ। ପିଲାଙ୍କ ଯତ୍ନ ସୁରକ୍ଷା ପାଇଁ ସ୍ୱତନ୍ତ୍ର ପ୍ରଶିକ୍ଷଣ ପାଇଥିବା କର୍ମଚାରୀଙ୍କୁ ନିଯୁକ୍ତ କରାଯିବ। ପ୍ରତି ୧୦ ଜଣ ଶିଶୁଙ୍କ ପାଇଁ ଜଣେ କ୍ରେଚ୍ ଏଜୁକେଟର, ୨ ଜଣ ହେଲପର ଙ୍କ ସହ ଜଣେ କ୍ରେଚ୍ ଇନଚାର୍ଜ ଏବଂ ଜଣେ ସୁରକ୍ଷାକର୍ମୀଙ୍କୁ ନିଯୁକ୍ତ କରାଯିବା ନେଇ ଏସଓପି ଜାରି ହୋଇଥିଲା। ଏହି କ୍ରେଚ୍ ସେଣ୍ଟରରେ କର୍ମଜୀବୀ ମହିଳାମାନେ ନିଜ ଶିଶୁକୁ ଛାଡ଼ି କାର୍ଯ୍ୟାଳୟକୁ ଯାଇପାରିବେ, ଆବଶ୍ୟକସ୍ଥଳେ ଏଠାକୁ ଆସି ନିଜ ଶିଶୁକୁ ସ୍ତନପାନ କରାଇବା ସହ ନିଜ ଶିଶୁର ଦେଖାଶୁଣା କରି ପାରିବେ। ଏମିତି କି ଶିଶୁଙ୍କ ପାଇଁ ହେବାକୁ ଥିବା କ୍ରେଚ୍ ସେଣ୍ଟର ହେଉଥିବାରୁ ପରିବେଶ ସୁରକ୍ଷା, ସ୍ୱଚ୍ଛତା ଉପରେ ଧ୍ୟାନ ଦିଆଯାଇ ଏହି ସେଣ୍ଟର ନିର୍ମାଣ କରାଯିବା ନେଇ ନିର୍ଦ୍ଦେଶନାମା ଜାରି ହୋଇଥିଲା। ସରକାରଙ୍କ ପକ୍ଷରୁ କ୍ରେଚ୍ ସେଣ୍ଟର ଖୋଲିବା ପାଇଁ ନିର୍ଦ୍ଦେଶନାମାକୁ ଦୀର୍ଘ ଦେଢ଼ ବର୍ଷ ବିତିଥିଲେ ସୁଦ୍ଧା ମନ୍ଥର ଗତିର କାର୍ଯ୍ୟ ଯୋଗୁଁ ଏଯାଏ ଖୋଲାଯାଇପାରିନି। ସେପଟେ କ୍ରେଚ୍ ସେଣ୍ଟର ଖୋଲିବା ପାଇଁ ସାମ୍ବାଦିକ ପ୍ରକୋଷ୍ଠ ନିକଟରେ ଖୋଲାଯିବା ପାଇଁ ନିଷ୍ପତ୍ତି ହୋଇଥିବା ବେଳେ ଜିଲ୍ଲାପାଳଙ୍କ ଅନୁମୋଦନ ପରେ ବିଭିନ୍ନ ଉପକରଣ ବାବଦକୁ ୩ ଲକ୍ଷ ଟଙ୍କା ମଧ୍ୟ ସରକାରୀସ୍ତରରୁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ନିକଟକୁ ଆସି ସାରିଛି। ହେଲେ ଦୀର୍ଘ ଦେଢ଼ ବର୍ଷ ପରେ ବି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କ୍ରେଚ୍ ସେଣ୍ଟର ଖୋଲାଯିବାରେ ବିଳମ୍ବ କୁ ନେଇ କର୍ମଜୀବୀ ମହିଳାଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି।

## ମତାମତ

- ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପରେ ଦ୍ରୁତ ଭାବେ କାର୍ଯ୍ୟ ଜାରି ରହିଛି। କ୍ରେଚ୍ ସେଣ୍ଟର ପାଇଁ ଅର୍ଥ ମଧ୍ୟ ଆସି ସାରିଛି। ଖୁବଶୀଘ୍ର ଏହି ମାସ ଶେଷ ସୁଦ୍ଧା କାର୍ଯ୍ୟ ଶେଷ କରି କ୍ରେଚ୍ ସେଣ୍ଟର ଖୋଲିବା ଦିଗରେ ପଦକ୍ଷେପ ଗ୍ରହଣ କରିବୁ।
  ଖୁସିରାମ ଗହୀର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ

- ସରକାରୀ ସ୍ତରରୁ ଟଙ୍କା ଆସି ସାରିଛି, ଅନ୍ୟ ବିଭାଗ ସହ ଆଲୋଚନା କରି ଜିନିଷ କିଣା ଯିବା ନେଇ କମିଟି ଗଠନ କରିବୁ, ପରେ ଜିନିଷ କିଣାଯିବା ସହ କ୍ରେଚ୍ ସେଣ୍ଟର ଖୋଲାଯିବ।
  ଜ୍ୟୋତ୍ସ୍ନା ମହାନ୍ତି, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଣୀ

# କିଲର୍ ହଳଦିଆପଦର ଓଭର ବ୍ରିଜ୍‌ର ବଦଳିବ ଢାଞ୍ଚା






ବ୍ରହ୍ମପୁର, ୧୩।୨ (ସମିସ): ଏକାଧିକ ମୁଣ୍ଡ ନେବା ପରେ ଏବେ ବଦଳିବ ହଳଦିଆପଦର ଓଭର ବ୍ରିଜ୍ (କିଲର୍ ବ୍ରିଜ୍)ର ଢାଞ୍ଚା। ୧୬ ତାରିଖରେ ତଦାରଖ କରିବେ ଉଚ୍ଚସ୍ତରୀୟ ବୈଷୟିକ ଟିମ୍।

ଏହି ଓଭର ବ୍ରିଜରେ ଟ୍ରକ ଧକ୍କାରେ ୫ଜଣଙ୍କ ମୃତ୍ୟୁ ପରେ ନିର୍ମାଣ ଢାଞ୍ଚାରେ ଥିବା ତ୍ରୁଟିକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଥିଲା। ଦୁର୍ଘଟଣା ପରେ ସହରବାସୀ ଏହି ବ୍ରିଜକୁ କିଲର୍ ବ୍ରିଜ ବୋଲି ସମ୍ବୋଧନ କରିବାକୁ ପଛାଇ ନାହାନ୍ତି। ଓଭରବ୍ରିଜର ନିର୍ମାଣ ସମୟରେ କିଛି ପ୍ରତିଷ୍ଠିତ ବ୍ୟକ୍ତିଙ୍କ ଜମି ପାଇଁ ଏହାର ନକ୍ସାକୁ ଉଦ୍ଦେଶ୍ୟମୂଳକ ଭାବେ ବଦଳାଯାଇଥିବା ଯୋଗୁ ପ୍ରାରମ୍ଭରୁ ଏଭଳି ଏକାଧିକ ଅଘଟଣ ଘଟିବାରେ ଲାଗିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ଚାପରେ ତତ୍କାଳୀନ ନିର୍ବାହୀଯନ୍ତ୍ରୀ ଏଭଳି ଅଙ୍କାବଙ୍କା ବ୍ରିଜ ନିର୍ମାଣ କରିଥିବାରୁ ଲୋକଙ୍କ ଜୀବନ ଯାଉଥିବା ନେଇ ନିର୍ବାଚିତ ଜନପ୍ରତିନିଧିଙ୍କ ଠାରୁ ସାଧାରଣ ଜନତା ସମସ୍ତେ ଅଭିଯୋଗ କରିଛନ୍ତି। ଏନେଇ ଖୋଦ୍ ବ୍ରହ୍ମପୁର ସାଂସଦ ପ୍ରଦୀପ ପାଣିଗ୍ରାହୀ ମୁଖ୍ୟମନ୍ତ୍ରୀଙ୍କୁ ବାରମ୍ବାର ଚିଠି ଲେଖିଥିବା ବେଳେ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ବିଳମ୍ବରେ ହେଲେ ମଧ୍ୟ ଏଭଳି ଅଭିଯୋଗକୁ ସ୍ୱୀକାର କରିଥିଲେ। ଏବଂ ବ୍ରିଜର ନକ୍ସାରେ ପରିବର୍ତ୍ତନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବ୍ରିଜର ନିର୍ମାଣ ଶୈଳୀ ଓ ସୁରକ୍ଷା ବ୍ୟବସ୍ଥାର ଅନୁଧ୍ୟାନ ପାଇଁ ଆସନ୍ତା ୧୬ତାରିଖରେ ଏକ ଉଚ୍ଚସ୍ତରୀୟ ବୈଷୟିକ ଦଳ ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରିବ ବୋଲି ଜଣାପଡିଛି। ଓଭରବ୍ରିଜକୁ ଦେଖିଲେ ଯେ କେହି କହିପାରିବ ଏହା ଏକ ଅଙ୍କାବଙ୍କା ଓ ଅଣଓସାରିଆ ଓଭରବ୍ରିଜ। ଫୁଟପାଥ ଓ ମୁଖ୍ୟରାସ୍ତା ସମ୍ପୂର୍ଣ୍ଣ ଲାଗି ରହିଛି ଏପରିକି ସର୍ଭିସ ରୋଡ ମଧ୍ୟ ନାହିଁ। ଯଦ୍ୱାରା ସାମାନ୍ୟ ଅସାବଧାନତା ହେଲେ ସୁନିଶ୍ଚିତ ଦୁର୍ଘଟଣା ଘଟି ଜୀବନ ଯିବ। ଏହି ଓଭରବ୍ରିଜ ନିର୍ମାଣ ପରଠାରୁ ଏଠାରେ ୨୦ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ଜୀବନ ଗଲାଣି। ପୂର୍ବରୁ ଏହି ରାସ୍ତାରେ ଏକ ରେଳବାଇ ଲେବୁଲ କ୍ରସିଂ ଥିବାରୁ ଦୁର୍ଘଟଣା ଘଟୁଥିଲା। ଯେଉଁଥିପାଇଁ ଏଠାରେ ଏକ ଓଭର ବ୍ରିଜ ନିର୍ମାଣ କରିବାକୁ ସ୍ଥିର କରାଯାଇଥିଲା। ଜିପିଏସ୍ ଫୋଟ ପ୍ରକାରେ ଲାଲ ଚିହ୍ନଟ ରାସ୍ତା ଦେଇ ରେଳଧାରଣା ଉପରେ ଓଭର ବ୍ରିଜ ଯାଇ କିଛି ଦୂରରେ ଜାତୀୟ ରାଜପଥକୁ ସଂଯୋଗ କରିଥାନ୍ତା। ଉକ୍ତ ରାସ୍ତାରେ ପ୍ରାୟ ୧୫ଏକରରେ ନୟନଝୋରି, ଅନାବାଦୀ, ଆଡ଼ି ଓ ଜଳାଶୟ ଭଳି ବିଭିନ୍ନ କିସମର ସରକାରୀ ଜମି ରହିଛି। ଉକ୍ତ ରାସ୍ତା ଉପରେ

**୧୬ ତାରିଖରେ ତଦାରଖ କରିବେ ଉଚ୍ଚସ୍ତରୀୟ ବୈଷୟିକ ଟିମ୍**

ଓଭର ବ୍ରିଜ ଯାଇଥିଲେ ସରକାରଙ୍କୁ କୌଣସି ଜମି ଅଧିଗ୍ରହଣ ବାବଦକୁ କ୍ଷତିପୂରଣ ଦେବାକୁ ପଡ଼ିନଥାନ୍ତା। କିନ୍ତୁ ରାଜନେତା ଓ ବିଲ୍‌ଡରଙ୍କ ଜମି ଉପର ଦେଇ ଓଭର ବ୍ରିଜକୁ ନେଇ ସେମାନଙ୍କୁ ଦୁଇଗୁଣା ଲାଭ ମିଳୁଥିବା ଅଭିଯୋଗ ହୋଇଛି। ଫଳରେ ସରକାରଙ୍କ ଠାରୁ କ୍ଷତିପୂରଣ ପାଇବା ସହିତ ଜମି ମାଲିକମାନେ ପରବର୍ତ୍ତି ସମୟରେ ପୁଣି ଓଭରବ୍ରିଜ ତଳ ଜମିକୁ ପ୍ଲଟ ଭାବେ ବିକ୍ରି କରି ଭଲ ମୁନାଫା କମାଇଛନ୍ତି। ଏଭଳି କାର୍ଯ୍ୟ ଅକ୍ଷମଣୀୟ ବୋଲି ଦର୍ଶାଇବା ସହ ଖୁବ୍‌ଶୀଘ୍ର ବ୍ରିଜ ନିର୍ମାଣରେ ଥିବା ସମସ୍ୟାରେ ସୁଧାର ଆଣାଯିବ ବୋଲି ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି।

## ନାବାଳକ ହତ୍ୟା ମାମଲା: ଯୁବକଙ୍କୁ ଆଜୀବନ ଜେଲ୍

ବ୍ରହ୍ମପୁର,୧୩।୨(ସମିସ): ଗଞ୍ଜାମ ଜିଲ୍ଲା ଧରାକୋଟ ଥାନା ଇଲାକାରେ ଘଟିଥିବା ଏକ ସ୍ୱର୍ଶକାତର ହତ୍ୟା ଘଟଣାର ଅଭିଯୁକ୍ତକୁ କୋର୍ଟ ଦୋଷୀ ସାବ୍ୟସ୍ତ କରିଛନ୍ତି। ଜଣେ ୪ବର୍ଷର ଶିଶୁପୁତ୍ର ସହିତ ଅପ୍ରାକୃତିକ ଯୌନସମ୍ପର୍କ ସ୍ଥାପନ କରି ପରେ ହତ୍ୟା କରିବା ମାମଲାର ଶୁଣାଣି କରି ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ବିଚାରପତି ପ୍ରଣତୀ ପଟ୍ଟନାୟକ ଦୋଷୀକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଦୋଷୀ ଜଣକ ହେଲେ ଧରାକୋଟର ସୁକାନ୍ତ ସେଠୀ ଓରଫ୍ ଶ୍ରୀକାନ୍ତ(୨୬)। ଜେଲ୍ ଦଣ୍ଡ ସହିତ ୨୦ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ମୃତକଙ୍କ ପରିବାରକୁ କ୍ଷତିପୂରଣ ବାବଦରେ୨ଲକ୍ଷଟଙ୍କା ପ୍ରଦାନ କରିବାକୁ ଡିଏଲ୍‌ଏସ୍‌ଏ ସଚିବଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନାଯୋଗ୍ୟ ଯେ, ଗତ ୨୦୨୩ ଜାନୁଆରୀ ୨୪ରେ ଧରାକୋଟ ଥାନା ଇଲାକାର ଏକ ଗାଁରେ ଜଣେ ୪ବର୍ଷର ଶିଶୁପୁତ୍ର ରହସ୍ୟଜନକ ଭାବେ ନିଖୋଜ ହୋଇଯାଇଥିଲା। ପରିବାରବର୍ଗ ବହୁ ଖୋଜାଖୋଜି କରି ନିରାଶ ହୋଇଥିଲେ। ପରେ ସାହିର ଏକ ଘର ଛାତ ଉପରୁ ନିଖୋଜ ଶିଶୁର ମୃତଦେହ ଉଦ୍ଧାର କରାଯାଇଥିଲା। ଏହି ଘଟଣାରେ ପୁଲିସ ସେହି ଘରେ ରହୁଥିବା ଶ୍ରୀକାନ୍ତକୁ ଅଟକ ରଖି ଜେରା କରିଥିଲା। ଜେରାବେଳେ ଶ୍ରୀକାନ୍ତ ଶିଶୁପୁତ୍ରକୁ ଅପହରଣ କରି ତା' ସହିତ ଅପ୍ରାକୃତିକ ଯୌନ ସମ୍ପର୍କ ସ୍ଥାପନ ପରେ ତଣ୍ଟିଚିପି ହତ୍ୟା କରିଥିବା ସ୍ୱୀକାର କରିଥିଲା। ଏହି ମାମଲାରେ ଧରାକୋଟର ତତ୍କାଳୀନ ଥାନା ଅଧିକାରୀ ମମତା କୁମାରୀ ସାମନ୍ତରା ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଥିଲେ। ମାମଲାର ବିଚାରଣା ବେଳେ ମୋଟ ୧୭ଜଣ ସାକ୍ଷୀଙ୍କ ବୟାନ ରେକଡର୍ କରାଯାଇଥିଲା। ଆବଶ୍ୟକ ବୟାନ ଓ ପ୍ରମାଣକୁ ଆଧାର କରି କୋର୍ଟ ଏହି ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡା ମୋକଦ୍ଦମା ପରିଚାଳନା କରିଥିଲେ।

## ପୂର୍ବତନ କେନ୍ଦ୍ରମନ୍ତ୍ରୀଙ୍କ ବିୟୋଗରେ ଚନ୍ଦ୍ରଶେଖରଙ୍କ ଶୋକ

ବ୍ରହ୍ମପୁର,୧୩।୨(ସମିସ): ପୂର୍ବତନ କେନ୍ଦ୍ରମନ୍ତ୍ରୀ କାହ୍ନୁଚରଣ ଲେଙ୍କାଙ୍କ ଭୁବନେଶ୍ୱର ସ୍ଥିତ ତାଙ୍କ ବାସଭବନଠାରେ ବିୟୋଗ ହୋଇଯାଇଛି। ଏନେଇ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସାଂସଦ ଚନ୍ଦ୍ରଶେଖର ସାହୁ ଗଭୀର ଶୋକବ୍ୟକ୍ତ କରିଛନ୍ତି। ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରକୁ ଗଭୀର ସମବେଦନା ଜ୍ଞାପନ କରିଛନ୍ତି। ଓଡ଼ିଶା ଜଣେ ଦକ୍ଷ ସଂଗଠନ ଓ ରାଜନେତାଙ୍କୁ ହରାଇଲା ବୋଲି ଶ୍ରୀ ସାହୁ କହିଛନ୍ତି।

## ମା'କୁ ମାଡ଼ମାରି ପୁଅ ଗିରଫ

ବ୍ରହ୍ମପୁର,୧୩।୨(ସମିସ): ନିଜ ଜନ୍ମ କଲା ମା'କୁ ମାଡ଼ ମାରିବା ଅଭିଯୋଗରେ ବଡ଼ବଜାର ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଜଣକ ହେଲେ ଲକ୍ଷ୍ମୀନୃସିଂହ ସାହିର ଲବ ସେଠୀ (୨୮)। ସୂଚନାଯୋଗ୍ୟ ଯେ, ଅଭିଯୁକ୍ତ ଲବ ନିୟମିତ ମା'କୁ ଟଙ୍କା ମାଗିବା ସହ ନଦେଲେ ଗାଳିଗୁଲଜ କରେ। ଗତ ୧୦ ତାରିଖ ସନ୍ଧ୍ୟାରେ ଅଭିଯୁକ୍ତ ସାନପୁଅ ଲବ ପ୍ରତିଦିନ ଭଳି ମା'କୁ କିଛି ଟଙ୍କା ମାଗିଥିଲା। ମାତ୍ର ଟଙ୍କା ନଥିବା ମା' କହିବାରୁ ଲବ ମାରପିଟ କରିଥିଲା। ଖଣ୍ଡିଆଖାବରା ହୋଇ ସେ ଏନେଇ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଲବକୁ ଗିରଫ କରି କୋର୍ଟଚାଲାଣ କରିଥିବା ଥାନା ଅଧିକାରୀ ଆଶିଷ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି।

## ରାମନାଟକ ଗୁରୁ କୃଷ୍ଣ ସାମଲଙ୍କ ବିୟୋଗରେ ଶୋକସଭା



ବ୍ରହ୍ମପୁର,୧୩।୨(ସମିସ): ନିଖିଳ ଓଡ଼ିଶା ବରିଷ୍ଠ କଳାକାର ମହାସଂଘ ପକ୍ଷରୁ ହରିଡ଼ାଖଣ୍ଡି ରାମ ନାଟକ ଆଖଡ଼ା ପରିସରରେ ବରିଷ୍ଠ ରାମନାଟକ ଗୁରୁ କୃଷ୍ଣ ସାମଲ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଯାଇଛି। ନାଟ୍ୟ ନିର୍ଦ୍ଦେଶକ ଅରୁଣ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ନିଖିଳ ଓଡ଼ିଶା ବରିଷ୍ଠ କଳାକାର ମହାସଂଘ ମହାସଚିବ ସୁବାସ ଚନ୍ଦ୍ର ସାହୁ ରୋଶନ୍ ଏବଂ ଉପମହାସଚିବ ପ୍ରଦୀପ କୁମାର ସାହୁ ଯୋଗଦେଇ ଗୁରୁ କୃଷ୍ଣ ସାମଲଙ୍କ ରାମନାଟକ ପ୍ରତି ଥିବା ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ତାଙ୍କ ଅବର୍ତ୍ତମାନ ଲୋକନାଟକ ଜଗତ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ମତବ୍ୟକ୍ତ କରିଥିଲେ। ସ୍ୱର୍ଗତ ଶ୍ରୀ ସାମଲଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

● ଗୋବା ତୋଫାନ ସ୍ୱାଇଁ ହତ୍ୟା ମାମଲା

## ପୁଣି ଜଣେ ଗିରଫ; ୧୦ରେ ପହଞ୍ଚିଲା ସଂଖ୍ୟା

ଛତ୍ରପୁର,୧୩।୨(ସମିସ): ଗାଁ କୋଠ ସମ୍ପତି ଓ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଛତ୍ରପୁର ଥାନା ଗୋବା ଗ୍ରାମରେ ୧ ଜୁଲାଇ ୨୦୨୫ରେ ଗୋଷ୍ଠୀ ସଂଘର୍ଷ ଘଟି ତୋଫାନ ସ୍ୱାଇଁଙ୍କ ମୃତ୍ୟୁ ହୋଇଥିବାବେଳେ ୪ ଆହତ ହୋଇଥିଲେ। ଘଟଣାରେ ସମ୍ପୃକ୍ତ ଥାଇ ଫେରାର ଥିବା ଗୋବା ଗ୍ରାମର ଅମର ସ୍ୱାଇଁକୁ ଛତ୍ରପୁର ପୁଲିସ ଗିରଫ କରିଛି। ଅମରଙ୍କୁ ମିଶାଇ ଗିରଫ ସଂଖ୍ୟା ୧୦ରେ ପହଞ୍ଚିଛି।ସୂଚନା ଥାଉକି, ଦୁଇ ଗୋଷ୍ଠୀ ମଧ୍ୟରେ ପୂର୍ବ ବାଦବିବାଦରୁ ଜୁଲାଇ ୧ ଦିନ ଗୋଷ୍ଠିର ଆକ୍ରମଣରେ ଅପର ଗୋଷ୍ଠୀର ଜଣଙ୍କ ଜୀବନ ଯାଇଥିବା ବେଳେ ୪ ଆହତ ହୋଇଥିଲେ। ସୁଧୀର କୁମାର ସ୍ୱାଇଁଙ୍କ ଏତଲା ଅନୁସାରେ ଛତ୍ରପୁର ଥାନା ପକ୍ଷରୁ ନଂ.୪୦୫/୨୫ ରେ ଏକ ମାମଲା ରୁଜୁ କରି ପୂର୍ବରୁ ୯ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା।

## ଆକ୍ରମଣ-ପ୍ରତିଆକ୍ରମଣ; ଉଭୟ ପକ୍ଷର ୭ ଗିରଫ

ବ୍ରହ୍ମପୁର,୧୩।୨(ସମିସ): ଗୋସାଣିନୂଆଗାଁ ଥାନା ଅନ୍ତର୍ଗତ ବେଡ଼ାବନ୍ଧ ସାହିରେ ୨ ପକ୍ଷ ମଧ୍ୟରେ ଆକ୍ରମଣ-ପ୍ରତିଆକ୍ରମଣ ଘଟଣାରେ ପୁଲିସ ଉଭୟ ପକ୍ଷର ୭ ଜଣଙ୍କୁ ଗିରଫ କରିଛି। ଗୋଟିଏ ପକ୍ଷର ଅଭିଯୁକ୍ତ ହେଲେ ବିଜୟ କୁମାର ବେହେରା(୨୨) ତାଙ୍କ ସହଯୋଗୀ କୁମାର ବେହେରା(୧୯), ରଥ ବେହେରା(୨୨), ବାସୁଦେବ ବେହେରା(୧୯), କାର୍ତ୍ତିକ ନାୟକ(୨୭) ଓ ଦେବପ୍ରସାଦ ରଥ(୨୦)। ଅନ୍ୟପକ୍ଷର ଅଭିଯୁକ୍ତ ହେଲେ ଆକାଶ ମହାରଣା(୨୨)। ସୂଚନାଥାଉ କି, ୨ ଦିନ ତଳେ କୌଣସି କାରଣରୁ ବେଡ଼ାବନ୍ଧ ସାହି ଠାରେ ଆକାଶ ମହାରଣା ବିଜୟଙ୍କୁ ଆକ୍ରମଣ କରିଥିଲେ। ରାତିରେ ବିଜୟ ନିଜ ସହଯୋଗୀଙ୍କୁ ଧରି ଆକାଶଙ୍କ ଘର ନିକଟରେ ପହଞ୍ଚି ତାଙ୍କୁ ସଂଘବଦ୍ଧ ଆକ୍ରମଣ କରିଥିଲେ। ଉଭୟ ପକ୍ଷରୁ ଅଭିଯୋଗ ପରେ ପୁଲିସ ୨ଟି ପୃଥକ ମାମଲା ରୁଜୁ କରି ତଦନ୍ତ କରିଥିଲା। ଆଜି ଉଭୟ ପକ୍ଷର ୭ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।

**ତୃତୀୟ ଦିନରେ ଗଞ୍ଜାମ ଜିଲ୍ଲା ସ୍ୱାସ୍ଥ୍ୟ ମହୋତ୍ସବ**

# ଅନୁରାଧାଙ୍କ ସଂଗୀତରେ ଝୁମିଲେ ଦର୍ଶକ



ବ୍ରହ୍ମପୁର, ୧୩।୨ (ସମିସ): ସ୍ଥାନୀୟ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳ ପଡିଆରେ ଚାଲିଥିବା ତୃତୀୟ ଗଞ୍ଜାମ ଜିଲ୍ଲା ସ୍ୱାସ୍ଥ୍ୟ ମହୋତ୍ସବ ତୃତୀୟ ଦିନରେ ପହଞ୍ଚିଛି। ମହୋତ୍ସବର ତୃତୀୟ ସନ୍ଧ୍ୟାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାଣିଜ୍ୟ ଓ ପରିବହନ ଏବଂ ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗଦେଇ ପ୍ରତ୍ୟେକ ବ୍ୟକ୍ତି ନିଜନିଜର ସ୍ୱାସ୍ଥ୍ୟର ଯତ୍ନ ନେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଜେବି ରାଜ୍ୟ ସାଧାରଣ ସମ୍ପାଦକ ସାରଦା ଶତପଥୀ, ଜିଲ୍ଲା ସଭାପତି ସରୋଜ ସାବତ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ା. ଭବାନୀଶଙ୍କର ମିଶ୍ର, ଦକ୍ଷିଣ ଓଡିଶା ଫାର୍ମାସିଷ୍ଟ ସଂଘ ସଭାପତି ବିଜୟ କୁମାର ସ୍ୱାଇଁ, ସାଧାରଣ ସମ୍ପାଦକ ବିଷ୍ଣୁ ପ୍ରସାଦ ପଣ୍ଡା ଓ କାର୍ଯ୍ୟକାରୀ ସଭାପତି ନାରାୟଣ ମହାକୁଡ଼ ପ୍ରମୁଖ ଉପସ୍ଥିତ ଥିଲେ। ମହୋତ୍ସବରେ ଆଧୁନିକ ଚିକିତ୍ସା ସହ ଆୟୁର୍ବେଦ, ହୋମିଓପାଥିକ୍, ଯୋଗ, ପ୍ରାକୃତିକ ଚିକିତ୍ସା ଏବଂ ଭେଷଜ ଚିକିତ୍ସାଳୟ ସମ୍ବନ୍ଧିତ ପ୍ରଦର୍ଶନୀ ଷ୍ଟଲରୁ ଜନସାଧାରଣ ବିଭିନ୍ନ ସେବା ନେଇଥିଲେ। ବିଭିନ୍ନ ଅଭିଜ୍ଞତା ଡାକ୍ତରଙ୍କ ଠାରୁ ମଧୁମେହ, କିଡନୀ, ହୃଦରୋଗ, ଚର୍ମ ରୋଗ, ସ୍ତ୍ରୀ ଓ ପ୍ରସୂତୀ ରୋଗର ଚିକିତ୍ସା ଓ ନିରାକରଣ ସମ୍ପର୍କରେ ଅବଗତ ହୋଇଥିଲେ। ଏହି ମହୋତ୍ସବ ଚଳିତ ମାସ ୧୫ତାରିଖ ପର୍ଯ୍ୟନ୍ତ ଜାରି ରହିବ। କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ଡ଼ା. ଅନୁରାଧା ପାଣିଗ୍ରାହୀଙ୍କ ସଙ୍ଗୀତରେ ଦର୍ଶକ ଝୁମିଥିବା ବେଳେ ହାସ୍ୟ ଅଭିନେତା ପ୍ରଜ୍ଞା ଓ ଶଙ୍କର ଦର୍ଶକଙ୍କୁ ବେଦମ୍ ହସାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହୋତ୍ସବ ଉପ ସଭାପତି ଯଜ୍ଞ ନାରାୟଣ ଦାସ, ସଂଗଠନ ସମ୍ପାଦକ ସୀତାଂଶୁ ପଣ୍ଡା, ଡା. କିରଣ କୁମାର ପାଣିଗ୍ରାହୀ, ସମ୍ବିତ ସାବତ, ନବୀନ ମହାପାତ୍ର, ମନୋଜ ପତି ଓ ବନମାଳୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

**ଅଣଓସାରିଆ ରାସ୍ତାରେ ନିୟମିତ ଘଟୁଥିଲା ଦୁର୍ଘଟଣା**

## ୧୦ ଜବରଦଖଲ ଘର ଉଚ୍ଛେଦ କଲା ପ୍ରଶାସନ




ବ୍ରହ୍ମପୁର,୧୩।୨(ସମିସ): ଶିଳ୍ପାଞ୍ଚଳ ରେଳବାଇ ଓଭରବ୍ରିଜ୍ ନିକଟସ୍ଥ ଅଣଓସାରିଆ ରାସ୍ତାରେ ଦୁର୍ଘଟଣା ବଢ଼ି ଚାଲିଥିବା ଅଞ୍ଚଳବାସୀ ଦୀର୍ଘଦିନ ଧରି ଅଭିଯୋଗ କରୁଥିଲେ। ବାରମ୍ବାର ଅଭିଯୋଗ ପରେ ପ୍ରଶାସନ ତତ୍ପର ହୋଇ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଆଜି ଜବରଦଖଲ କରିଥିବା ୧୦ଟି ଘରକୁ ଉଚ୍ଛେଦ କରିଛି। ଆଗକୁ ଆହୁରି ବହୁ ଘର ଭଙ୍ଗାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ଉକ୍ତ ଓଭର ବ୍ରିଜ ୟୁ-ଟର୍ଣ୍ଣ କରିବା ବେଳେ ନିକଟରେ ଏକ ବଡ଼ କୋଠାଘର ରହିଥିଲା। ବିପଦସଂକୁଳ ଉକ୍ତ କୋଠାର ଅଧା ଅଂଶକୁ ଆଜି ଭଙ୍ଗା ଯାଇଛି। ଶନିବାର ପୁଣି ଉକ୍ତ କୋଠାର ଅବଶିଷ୍ଟ ଅଂଶ ସହିତ ଅନ୍ୟଘର ଗୁଡିକୁ ଭଙ୍ଗାଯିବ ବୋଲି ଜଣାପଡ଼ିଛି।

ସୂଚନାଯୋଗ୍ୟ ଯେ, ୨୦୧୦ରେ ଆଙ୍କୁଲି ଓଭରବ୍ରିଜ୍ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ସେତେବେଳେ କିଛି ଅଂଶରେ ଉଚ୍ଛେଦ କାର୍ଯ୍ୟ ହୋଇଥିଲେ ହେଁ ଆବଶ୍ୟକ ଅଞ୍ଚଳ ସମ୍ପୂର୍ଣ୍ଣ ଉଚ୍ଛେଦ କରାଯାଇନଥିଲା। ଏଠାରେ ପ୍ରାୟ ୧୫ଟି ଘର ଥିବା ଜଣାପଡିଛି। ୨୦୧୬ରେ ବ୍ରିଜ୍ କାମ ସମ୍ପୂର୍ଣ୍ଣ ହୋଇଥିଲେ ହେଁ ବ୍ରିଜ୍ ପାଶ୍ୱର୍ରେ ଥିବା ରାସ୍ତା ଜବରଦଖଲରେ ରହିଯାଇଥିଲା। ଯେଉଁମାନଙ୍କ ଘର ଭଙ୍ଗାଯାଇଥିଲା ସେମାନେ କ୍ଷତିପୂରଣ ପାଇଥିଲେ କିନ୍ତୁ ଅନେକ ସ୍ଥାନରୁ ଜବରଦଖଲ ହଟି ନଥିଲା। ଫଳରେ ରାସ୍ତା ଅଣଓସାରିଆ ରହି ବାରମ୍ବାର ଦୁର୍ଘଟଣା ଘଟୁଥିଲା। ଆଜି ଜିଲ୍ଲା ପ୍ରଶାସନ ଓ ପୁଲିସ ଉପସ୍ଥିତିରେ ୪ଟି ଜେସିବି ମାଧ୍ୟମରେ ଉଚ୍ଛେଦ କରାଯାଇଥିଲା। ଏହି ରାସ୍ତା ଦେଇ ପ୍ରତିଦିନ ୧୦ହଜାରରୁ ଅଧିକ ଲୋକ ଯାତାୟାତ କରୁଛନ୍ତି। ରାସ୍ତା ସଂକୀର୍ଣ୍ଣ ହୋଇଥିବାରୁ ଦୈନିକ ଛୋଟବଡ଼ ଦୁର୍ଘଟଣା ଘଟୁଥିଲା। ଅଞ୍ଚଳବାସୀ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ପୂର୍ବରୁ କୌଣସି ଠୋସ ପଦକ୍ଷେପ ନିଆଯାଇନଥିଲା। ତେବେ ଆଜିର ଉଚ୍ଛେଦକୁ ଅଞ୍ଚଳବାସୀ ସମର୍ଥନ କରିଛନ୍ତି। ରାସ୍ତା ପ୍ରଶସ୍ଥ ହେଲେ ଦୁର୍ଘଟଣା କମିବା ସହିତ ଯାତାୟାତରେ ସୁବିଧା ହେବ ବୋଲି ଅଞ୍ଚଳବାସୀ କହିଛନ୍ତି। ଉଚ୍ଛେଦ ବେଳେ ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର ଓ ତହସିଲଦାର ରାକେଶ ପରିଡ଼ାଙ୍କ ସମେତ ବହୁ ଯନ୍ତ୍ରୀ ଉପସ୍ଥିତ ଥିଲେ।

● ଚିକିତ୍ସା ଅବହେଳା ଅଭିଯୋଗ

## ସିଡିଏମ୍‌ଓଙ୍କ ଦ୍ୱାରସ୍ଥ ହେଲେ କୁକୁଡାଖଣ୍ଡି ବାସିନ୍ଦା

ବ୍ରହ୍ମପୁର,୧୩।୨(ସମିସ): କୁକୁଡ଼ାଖଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ସଠିକ ଚିକିତ୍ସା ଯୋଗାଇ ଦିଆଯାଉ ନଥିବା ଅଭିଯୋଗ ହୋଇଛି। ଏନେଇ କୁକୁଡ଼ାଖଣ୍ଡି ଗ୍ରାମର ବହୁ ମହିଳା ଓ ପୁରୁଷ ଗଞ୍ଜାମ ଜିଲ୍ଲା ମୁଖ୍ୟ ଚିକିତ୍ସାଧୀକାରୀ(ସିଡ଼ିଏମଓ)ଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ନିର୍ଦ୍ଦିଷ୍ଟ ଡ଼ାକ୍ତର ରୋଗୀଙ୍କ ଚିକିତ୍ସାରେ ଅବହେଳା କରିବା ସହ ବିଭିନ୍ନ ସମୟରେ ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟଙ୍କୁ ଦୁର୍ବ୍ୟବହାର କରୁଥିବା କେ. କ୍ରିଷ୍ଣା କୁମାରୀ ଅଭିଯୋଗ କରିଛନ୍ତି। ସେହିପରି



ପ୍ରସବ ଯନ୍ତ୍ରଣାରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ଗର୍ଭବତୀ ମହିଳାଙ୍କ ଚିକିତ୍ସା ଓ ପ୍ରସବ କରାଇବା ପରିବର୍ତ୍ତେ ତାଙ୍କୁ ଏମ୍‌କେସିଜି ମେଡ଼ିକାଲକୁ ଯାଇ ଚିକିତ୍ସା କରିବାକୁ କହୁଥିବା ଅଭିଯୋଗ କରିଛନ୍ତି। ଉକ୍ତ ଡ଼ାକ୍ତର ଜଣଙ୍କ ବିଭିନ୍ନ ସମୟରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ମଦ୍ୟପାନ କରି ଆସୁଥିବା ଭଳି ସଂଗୀନ ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଏହି ଘଟଣାର ତଦନ୍ତ କରିବା ସହ ଉକ୍ତ ଡ଼ାକ୍ତରଙ୍କୁ ତୁରନ୍ତ ସେହି ସ୍ୱାସ୍ଥ୍ୟକେନ୍ଦ୍ରରୁ ବଦଳି କରିବା ସହ ତାଙ୍କ ସ୍ଥାନରେ ଅନ୍ୟ ଏକ ଡ଼ାକ୍ତରଙ୍କୁ ନିୟୋଜିତ କରିବାକୁ ଗ୍ରାମବାସୀ ଦାବି କରିଥିଲେ।

# ବକେୟା ପଡ଼ିଛି ସରକାରୀ ଓକିଲଙ୍କ କୋଟି କୋଟି ଟଙ୍କାର ପାଉଣା

- ବଢୁଛି ଆର୍ଥିକ ବୋଝ, ପୂର୍ବାପେକ୍ଷା ନିଯୁକ୍ତ ହୋଇଛନ୍ତି ଦୁଇଗୁଣା ଓକିଲ
- ସ୍ୱତନ୍ତ୍ର ପ୍ରକୋଷ୍ଠ ଅଭାବରୁ ସରକାରୀ ଓକିଲଙ୍କ ମଧ୍ୟରେ ହୋଇପାରୁନି ଆଲୋଚନା
- ଠିକ୍ ସମୟରେ ସାର୍ଟିଫିକେଟ ନେଉନାହାନ୍ତି କି ପୈଠ କରୁନାହାନ୍ତି ବିଲ୍: ପିପି




ବ୍ରହ୍ମପୁର,୧୩।୨(ସମିସ): ମାମଲାର ତୁରନ୍ତ ଫଇସଲା ଓ ମହକିଲଙ୍କୁ ତ୍ୱରିତ ନ୍ୟାୟ ଦେବାକୁ ଯାଇ ସରକାରୀ ସ୍ତରରେ କ୍ୟାଡର ସହିତ ନନ୍‌କ୍ୟାଡର ଓକିଲଙ୍କୁ ନିଯୁକ୍ତି ଦେଉଛନ୍ତି ସରକାର। ଯଦିଓ ନନ୍ କ୍ୟାଡର ସରକାରୀ ଓକିଲଙ୍କ ନିଯୁକ୍ତି ରାଜନୈତିକ ଥଇଥାନ ପାଇଁ ତଥାପି ଏଥିପାଇଁ ନିର୍ଦ୍ଦିଷ୍ଟ ନିତିନିୟମ ସହିତ ଆଇନବିଭାଗର ଅନୁମୋଦନ ଜରୁରୀ। ସରକାରୀ ଓକିଲଙ୍କ ପାଇଁ ପାଉଣା ମଧ୍ୟ ସ୍ଥିରିକୃତ କରାଯାଇଛି। ତେବେ ବର୍ଷ ବର୍ଷ ଧରି ସରକାରୀ ଓକିଲଙ୍କୁ ସେମାନଙ୍କ ପାଉଣା ବକେୟା ପଡ଼ିଥିବାରୁ ଅସନ୍ତୋଷ ଦେଖିବାକୁ ମିଳିଛି। ଇତି ମଧ୍ୟରେ ପୂର୍ବ ସରକାର ଅମଳରେ ନିଯୁକ୍ତି ପାଇଥିବା ସରକାରୀ ଓକିଲଙ୍କ ବଦଳରେ ନୂତନ ନିଯୁକ୍ତି ହୋଇସାରିଛି। ଏଭଳି ପରିସ୍ଥିତିରେ ବକେୟା ଅର୍ଥ ମିଳିବା ଆଶଙ୍କା କରି ଏନେଇ କେହି ମୁହଁ ଖୋଲିବାକୁ ପ୍ରସ୍ତୁତ ନଥିବାବେଳେ ଏନେଇ ଆଇନଜୀବୀ ମହଲରେ ବେଶ୍ ଚର୍ଚ୍ଚା ହେଉଛି। ଗତ ୨୦୨୨ରେ ଏହି ବାବଦରେ ପ୍ରାୟ ୩କୋଟି ଟଙ୍କା ବକେୟା ରହିଥିବା ବେଳେ ଆସିଥିଲା ମାତ୍ର ୬୦ଲକ୍ଷ। ଯାହା ସମୁଦ୍ରକୁ ଶଙ୍ଖେ। ପରବର୍ତ୍ତି ସମୟରେ ଅନୁରୂପ ଭାବେ କିଛି ଅନୁଦାନ ଆସିଥିଲେ ହେଁ ତାହା ଯଥେଷ୍ଟ ନୁହେଁ। ଫଳରେ ନିଯୁକ୍ତି ହରାଇଥିବା ଓକିଲଙ୍କ ମାସିକ ଅନ୍ୟୁନ ୫୦ରୁ ୬୦ହଜାର ହିସାବରେ କେବଳ ଗଞ୍ଜାମ ଜିଲ୍ଲାରେ କୋଟି କୋଟି ଟଙ୍କା ବକେୟା ପଡ଼ିଛି।

କେବଳ ବକେୟା ପାଉଣା ନୁହେଁ ବରଂ ସରକାରୀ ଓକିଲଙ୍କ ପାଇଁ ସ୍ୱତନ୍ତ୍ର ଗୃହ ତଥା ସମ୍ମିଳନୀ କକ୍ଷ ନଥିବା କାରଣରୁ କ୍ୟାଡର ଓ ନନକ୍ୟାଡର ସରକାରୀ ଓକିଲଙ୍କ ସହ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ମାମଲାରେ ପିପିଙ୍କ ସହ ସମନ୍ୱୟ ରକ୍ଷା କରିବା ଏପରିକି ଆଲୋଚନା କରିବା ମଧ୍ୟ ସମ୍ଭବପର ହେଉନଥିବା ଜଣାପଡିଛି। ପୂର୍ବରୁ ଜିଲ୍ଲାରେ ପ୍ରାୟ ୮୦ଜଣ ସରକାରୀ ନନ୍‌କ୍ୟାଡର ଓକିଲ ଥିବାବେଳେ ସେମାନଙ୍କ ପାଉଣା ପ୍ରଦାନ କରିବାରେ ସରକାର ଅସମର୍ଥ ଥିବା ସ୍ପଷ୍ଟ ହୋଇଛି। ଏଭଳି ସ୍ଥଳେ ବର୍ତ୍ତମାନ ୮୦ଜଣଙ୍କ ସ୍ଥାନରେ ୧୭୦ରୁ ଉର୍ଦ୍ଧ୍ୱ ଅର୍ଥାତ୍ ପ୍ରାୟ ଦୁଇଗୁଣା ସରକାରୀ ଓକିଲଙ୍କୁ ନିଯୁକ୍ତି ଦିଆଯାଇଛି। କେଉଁଠି କୋର୍ଟ ନାହିଁ ତ ଆଉ କେଉଁଠି ଗୋଟିଏ କୋର୍ଟରେ ଏକାଧିକ ଏପରିକି କେତେକ କୋର୍ଟରେ କ୍ୟାଡର ଓକିଲ ଥିବା ସତ୍ତ୍ୱେ ନନକ୍ୟାଡରଙ୍କୁ ନିଯୁକ୍ତି ଦିଆଯାଇଛି। ଫଳରେ ସରକାରଙ୍କ ଉପରେ ଅଧିକ ଆର୍ଥିକ ବୋଝ ପଡିବାର ଆଶଙ୍କା ସୃଷ୍ଟି ହୋଇଛି। ଏନେଇ ଗଞ୍ଜାମ ପବ୍ଲିକ ପ୍ରସିକ୍ୟୁଟର ବିଶ୍ୱଜିତ ବରାଳଙ୍କ ସହ ଯୋଗାଯୋଗ କରାଯାଇଥିବା ବେଳେ ଏହାକୁ ସେ ସ୍ୱୀକାର କରିଛନ୍ତି। ତେବେ ଅନେକ କ୍ଷେତ୍ରରେ ସରକାରୀ ଓକିଲମାନେ ସାର୍ଟିଫିକେଟ ନେଇନଥିବା ସହ ନିୟମିତ ମାସିକ ବିଲ ପୈଠ କରୁନଥିବା କହିଛନ୍ତି। ଯଦ୍ୱାରା ଏହି ପରିମାଣ ବଢିବାରେ ଲାଗିଛି। ଏହି ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରାଯାଉଥିବା ସେ କହିଛନ୍ତି।

## ମୁଖ୍ୟଶାସନ ସଚିବଙ୍କ ପାରାଦୀପ ଗସ୍ତ

# ପାରାଦୀପରେ ହେବ ବ୍ଲୁ ଫ୍ଲାଗ ବିଚ୍

- ୭ କିମିରୁ ପ୍ରଥମ ପର୍ଯ୍ୟାୟରେ ୩ କିମି
- ସେପ୍ଟେମ୍ବର ସୁଦ୍ଧା ଶେଷ କରିବାକୁ ନିର୍ଦ୍ଦେଶ

ପାରାଦୀପ,୧୩।୨(ସମିସ)

ପାରାଦୀପରେ ହେବ ବ୍ଲୁ ଫ୍ଲାଗ୍ ବିଚ୍। ପାରାଦୀପଠାରୁ ୭ କିମି ଦୂର ବଙ୍ଗୋପସାଗର ଉପକୂଳରେ ଏହି ବିଚ୍ ପାଇଁ ସ୍ଥାନ ଚିହ୍ନଟ ହୋଇଛି। ପ୍ରଥମ ପର୍ଯ୍ୟାୟରେ ୩ କିମିରେ କାର୍ଯ୍ୟ ହେବ ଏବଂ ସେପ୍ଟେମ୍ବର ସୁଦ୍ଧା ଏହା ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ରାଜ୍ୟ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ। ପାରାଦୀପ ଗସ୍ତରେ ଆସିଥିବା ମୁଖ୍ୟ ଶାସନ ସଚିବ ଆଜି ଜିଲ୍ଲାପାଳ ଜେ. ସୋନାଲଙ୍କ ସହ ପ୍ରସ୍ତାବିତ ବ୍ଲୁ ଫ୍ଲାଗ୍ ସ୍ଥାନକୁ ଯାଇ ତାହାର କାର୍ଯ୍ୟାକରିବା ଓ ସ୍ଥିତି ବିଷୟରେ ସମୀକ୍ଷା କରିଥିଲେ।



ଗତକାଲିଠାରା ପାରାଦୀପ ଆସିଥିବା ମୁଖ୍ୟ ଶାସନ ସଚିବ ଆଜି ବିଭିନ୍ନ ସ୍ଥାନ ଗସ୍ତ କରି ପରିଦର୍ଶନ କରିବା ସହ ସମୀକ୍ଷା କରିଛନ୍ତି। ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ୱେଟବେଶିନ ଠାରେ ସିଆଇଏସଏଫ୍ ଦ୍ୱାରା ତାଙ୍କୁ ସେରେମୋନିଆଲ ଗାର୍ଡ ଅଫ ଅନର ସହ ସ୍ୱାଗତ କରିଥିଲେ ବନ୍ଦର କର୍ତ୍ତୃପକ୍ଷ ଅଧ୍ୟକ୍ଷ ପିଏଲ୍ ହରାନାଧ, ଉପାଧ୍ୟକ୍ଷ ଟି. ଭେନୁଗୋପାଲ। ସମୁଦ୍ର ମଧ୍ୟରେ ଲଞ୍ଚ ରାଇଡ ସହ ବର୍ଥର ରେଡିନେସ, ଭେସେଲ ଟ୍ରାଫିକ ବ୍ୟବସ୍ଥା, ବନ୍ଦରର ସାମୁଦ୍ରିକ କାର୍ଯ୍ୟକାରିତା ଆଦି ଅନୁଧ୍ୟାନ କରିଥିଲେ। ପରେ ସମ୍ମିଳନୀ କକ୍ଷରେ ପାରାଦୀପ ବନ୍ଦର ୨.୦ ଭିଜନ, ଗ୍ରୀନ ହାଇଡ୍ରୋଜେନ୍ ହବ, ପ୍ଲାଷ୍ଟିକ ପାର୍କ, ପର୍ଯ୍ୟଟନ ବିକାଶ, କ୍ରୁଜ ଉନ୍ନୟନ ସହ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟଗୁଡ଼ିକର ସମୀକ୍ଷା କରିଥିଲେ। ପାରାଦୀପ ବନ୍ଦରକୁ ବିଶ୍ୱରେ ଓଡ଼ିଶା ଅର୍ଥନୀତିର ମୁଖଶାଳା କରି ଗଢ଼ିବା ପାଇଁ ପରାମର୍ଶ ଦେଇଥିଲେ। ପରେ ମୁଖ୍ୟ ଶାସନ ସଚିବ ଏସ୍‌ସିଏସ୍‌ଟି ଡେଭଲପମେଣ୍ଟ ବିଭାଗ ଅନ୍ତର୍ଗତ ପାରାଦୀପ ଗଡ଼ ଠାରେ ଥିବା ପାରେଶ୍ୱର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିବା ସହ ଛାତ୍ରୀମାନଙ୍କ ସହ ମଧ୍ୟାହ୍ନ ଭୋଜନ କରିଥିଲେ। ଅପରାହ୍ନରେ ଆଇଓସିଏଲ୍ ପ୍ଲାଣ୍ଟ ପରିଦର୍ଶନ କରିବା ପରେ ସମ୍ମିଳନୀ କକ୍ଷରେ ଇଫ୍‌କୋ, ପିପିଏଲ, ଜେଏସଡବ୍ଲୁ ଆଦି ଶିଳ୍ପ ଅନୁଷ୍ଠାନମାନଙ୍କ ସହ ଆଲୋଚନା କରିଥିଲେ। କାର୍ଯ୍ୟକାରୀ ହେଉଥିବା ଏବଂ ହେବାକୁ ଥିବା ବିଭିନ୍ନ ପ୍ରକଳ୍ପର ସମୀକ୍ଷା ସହ ପାରାଦୀପ ପେଟ୍ରୋ କେମିକାଲ ପ୍ରକଳ୍ପ ବିଷୟରେ ଆଲୋଚନା କରିଥିଲେ। ବିଶେଷ କରି ଭୁବନେଶ୍ୱର-କଟକ- ପୁରୀ- ପାରାଦୀପ ଇକୋନୋମିକ ରିଜନ ଉପରେ ଆଲୋକପାତ କରି ଶିଳ୍ପ ଅନୁଷ୍ଠାନ ଏବଂ ପ୍ରଶାସନ ମଧ୍ୟରେ ସମନ୍ୱୟ ରହିଲେ ବିକାଶ ତ୍ୱରାନ୍ୱିତ ହେବ ବୋଲି କହିଥିଲେ। ଶେଷରେ ପାରାଦୀପ ମେ' ଫେୟାର ହୋଟେଲ ଏକଷ୍ଟେନସନ୍ ସାଇଟ୍ ପରିଦର୍ଶନ କରିଥିଲେ। ଏହି ଗସ୍ତ ସମୟରେ ଶାସନ ସଚିବଙ୍କ ସହ ଗୃହ ଓ ନଗର ଉନ୍ନୟନ ବିଭାଗ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ଜଗତସିଂହପୁର ଜିଲ୍ଲାପାଳ ଜେ. ସୋନାଲ, ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା, ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ ପାରାଦୀପ ନିରଞ୍ଜନ ବେହେରା, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠୀ, ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ଜିଲ୍ଲାସ୍ତରୀୟ ଅଧିକାରୀ, ଶିଳ୍ପ ଅନୁଷ୍ଠାନ ଗୁଡିକର ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ଇଟାଭାଟି ଉପରେ ଚାଲିଲା ବୁଲ୍‌ଡୋଜର



ଜଗତସିଂହପୁର,୧୩।୨(ସମିସ): ଜଗତସିଂହପୁର ଜିଲ୍ଲାର ତିର୍ତ୍ତୋଲ ଅଞ୍ଚଳରେ ବେଆଇନ ଇଟାଭାଟି ଭାଙ୍ଗିବା ପ୍ରକ୍ରିୟା ଚାଲୁ ରହିଥିବା ବେଳେ ଗତ ୧୨ ତାରିଖ ସନ୍ଧ୍ୟାରେ ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ବିଅଁଳଠାରେ ସରକାରୀ ଜମି ଜବରଦଖଲ କରି ହୋଇଥିବା ଇଟାଭାଟି ଉପରେ ପ୍ରଶାସନ ପକ୍ଷରୁ ଚଢ଼ଉ କରାଯାଇଥିଲା। ଜିଲ୍ଲାପାଳ ଜେ. ସୋନାଲ, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ତହସିଲଦାର ଅଜୟ କୁମାର ମହାନ୍ତି ଏବଂ ଏସ୍‌ଡିପିଓ ଆଜିଙ୍କ୍ୟ ବାବୁରାଓ ମାନେଙ୍କ ଉପସ୍ଥିତିରେ ବୁଲଡୋଜର ଲଗାଇ ଲକ୍ଷାଧିକ ଇଟା ନଷ୍ଟ କରାଯାଇଛି। ବର୍ଷ ବର୍ଷ ଧରି ଏହି ଅନାବାଦୀ ଗୋଚର ଜମିରେ କିଛି ସ୍ଥାନୀୟ ବ୍ୟକ୍ତି ବେଆଇନ ଭାବେ ଇଟା ପକାଇ ଲାଭବାନ ହେଉଥିଲେ। ନିକଟରେ ଥିବା ଜନବସତି ଇଟାଭାଟି ଧୂଆଁରେ ପ୍ରଭାବିତ ହେବା ସହିତ ସରକାରୀ ଜାଗାରୁ ମାଟି ଖୋଳିବା ଯୋଗୁଁ ସେହି ସ୍ଥାନ ମଧ୍ୟ ଦୁର୍ବଳ ହେଉଥିଲା। ଛତିଶଗଡ଼ ଏବଂ ଅନ୍ୟ ବାହାର ରାଜ୍ୟରୁ ଶ୍ରମିକ ଆଣି ଇଟାଭାଟି ମାଲିକ ସେମାନଙ୍କୁ ଶୋଷଣ କରୁଥିବା ସମ୍ପର୍କରେ ମଧ୍ୟ ପୂର୍ବରୁ ଅଭିଯୋଗ ଥିଲା। ତେଣୁ ସମ୍ପୂର୍ଣ୍ଣ ବେଆଇନ ଭାବେ ଚାଲିଥିବା ଏହି ଇଟାଭାଟି ଉଚ୍ଛେଦ ପାଇଁ ପଦକ୍ଷେପ ନିଆଯାଇଛି ବୋଲି ଜିଲ୍ଲାପାଳ ଶ୍ରୀ ସୋନାଲ ସୂଚନା ଦେଇଛନ୍ତି। ଆଗାମୀ ଦିନରେ ମଧ୍ୟ ଜିଲ୍ଲାବ୍ୟାପୀ ବେଆଇନ ଇଟାଭାଟି, ବେଆଇନ ବାଲି ଓ ମାଟି ଚାଲାଣ ଉପରେ ଅଙ୍କୁଶ ଲଗାଇବା ପାଇଁ ପ୍ରଶାସନ ପକ୍ଷରୁ ଯୋଜନା ରହିଥିବା ସୂଚନା ମିଳିଛି।

ଆଦର୍ଶ ବିଦ୍ୟାଳୟ ଛାତ୍ର ନିର୍ଯାତନା ଘଟଣା

## ନ୍ୟାୟ ଅପେକ୍ଷାରେ ଅଭିନବର ମା'

ରଘୁନାଥପୁର,୧୩।୨(ସମିସ): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକର କୋରକର ସ୍ଥିତ ଆଦର୍ଶ ବିଦ୍ୟାଳୟଟି ବର୍ତ୍ତମାନ ବହୁ ବିବାଦରେ ଛନ୍ଦି ହୋଇ ପଡିଥିବା ଜଣାଯାଇଛି। ଗତ ଫେବୃଆରୀ ୧୦ ତାରିଖ ଦିନ ସ୍କୁଲର ଉପାଧ୍ୟକ୍ଷ ଯାଜ୍ଞସେନୀ ନାୟକ ନବମ ଶ୍ରେଣୀରେ ପଢୁଥିବା ଅରଙ୍ଗ ଗ୍ରାମର ସ୍ୱର୍ଗତ ଅଶୋକ କୁମାର ମହାନ୍ତିଙ୍କ ପୁଅ ଅଭିନବ ମହାନ୍ତିଙ୍କୁ ନିଜ ପ୍ରକୋଷ୍ଠକୁ ଡାକି ମାଡ଼ ମାରିବା ସହ ମାନସିକ ନିର୍ଯାତନା ଦେଇଥିବା ନେଇ ଛାତ୍ରଟିର ମା' ବନଜା ମହାନ୍ତି ରଘୁନାଥପୁର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଗତ ଫେବୃଆରୀ ୬ ତାରିଖ ସ୍କୁଲର ବାର୍ଷିକୋତ୍ସବ ଅବସରରେ ପିଅନଙ୍କୁ ତାଙ୍କ ପୁଅ ଅଭିନବ ଖରାପ ବ୍ୟବହାର ପ୍ରଦର୍ଶନ ନେଇ ଉପାଧ୍ୟକ୍ଷ ପୁଅକୁ ସ୍କୁଲର ତିନି ଚାରି ଜଣ ଶିକ୍ଷକଙ୍କ ସମ୍ମୁଖରେ ମାଡ଼ମାରି ସଂପୃକ୍ତ ପିଅନ ସତ୍ୟ ରଞ୍ଜନ ମହାନ୍ତିଙ୍କ ଗୋଡ଼କୁ ଆଣ୍ଠେଇ ଧରି ଭୁଲ୍ ମାଗିବା ପାଇଁ ବାଧ୍ୟ କରିଥିଲେ। ଏହି ଘଟଣାରେ ଅଭିନବ ଘୋର ଲଜ୍ଜା ଅନୁଭବ କରିବା ସହିତ ସ୍କୁଲରୁ ଫେରିବା ପରେ ମାନସିକ ଭାରସାମ୍ୟ ହରାଇ ନିଜ ଘରେ ଆତ୍ମହତ୍ୟା କରିବାକୁ ଉଦ୍ୟମ କରୁଥିବାବେଳେ ବନଜା ତାଙ୍କୁ ରକ୍ଷା କରିବା ସହିତ ଏହି ଘଟଣାରେ ରଘୁନାଥପୁର ଥାନାରେ ଏକ ଲିଖିତ ଏତଲା ଦେଇଥିଲେ। ଏତଲା ଆଧାରରେ ପୁଲିସ ୩ ଦିନ ଧରି ତଦନ୍ତ ଚାଲୁ ରଖିଥିବା ବେଳେ ମାମଲାଟି ପଞ୍ଜିକୃତ ହୋଇନଥିବା ଥାନା ଆଇଆଇସି ସୁଶାନ୍ତ କୁମାର ସେଠୀ ଜଣାଇଛନ୍ତି। ଏହି ଘଟଣାରେ ଆଦର୍ଶ ବିଦ୍ୟାଳୟର ଉପାଧ୍ୟକ୍ଷଙ୍କ ସହିତ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ଅନିଚ୍ଛାକୃତ ଭାବେ ଯୋଗାଯୋଗ ହୋଇ ପାରିନାହିଁ। ତେବେ ନିଜ ପୁଅର ଏଭଳି ଅବସ୍ଥାରେ ଉପଯୁକ୍ତ ନ୍ୟାୟ ପାଇଁ ମା' ବନଜା ଅପେକ୍ଷା କରିଥିବା ବେଳେ ସ୍କୁଲରେ ଅନୁଷ୍ଠିତ ହୋଇଥିବା ବାର୍ଷିକ ଉତ୍ସବକୁ କେନ୍ଦ୍ର କରି ଏ ଭଳି ସମସ୍ୟା ଉପୁଜୁଥିବା ଅଭିଭାବକ ମହଲରେ ଆଲୋଚନା ହେଉଛି।

## ଆଇନଜୀବୀଙ୍କୁ କଥାବାଚକ ସମ୍ମାନ

କୁଜଙ୍ଗ,୧୩।୨(ସମିସ): ନିଖିଳ ଉତ୍କଳ ପ୍ରବକ୍ତା ପରିଷଦ ପକ୍ଷରୁ କୁଜଙ୍ଗ ବ୍ଲକ ବଡ଼ପାଳ ନିବାସୀ ଆଇନଜୀବୀ କିଶୋର କୁମାର ଶତପଥୀଙ୍କୁ ସମାଜସେବା ଓ କଥାବାଚନ ପାଇଁ ସମ୍ମାନିତ କରାଯାଇଛି। କଟକ ଜିଲ୍ଲା ନିଶ୍ଚିତକୋଇଲି ବ୍ଲକ ଅନ୍ତର୍ଗତ ଗଡିଜଙ୍ଗ ମୁକ୍ତି ମନ୍ତ୍ର ସତ୍ୟାଶ୍ରମର ବାର୍ଷିକ ଉତ୍ସବ ଆବାହକ ପଣ୍ଡିତ ସୁଧିର ପତିଙ୍କ ସଂଯୋଜନାରେ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରବକ୍ତା ପ୍ରମୋଦ ପଣ୍ଡା, ବାବା ନିରଞ୍ଜନ, ଏମ୍ ମହାରାଜ, ପଣ୍ଡିତ ଗତେଶ୍ୱର୍ ମିଶ୍ର, ପଣ୍ଡିତ ଭାବଗ୍ରାହୀ ମିଶ୍ର, ପ୍ରବଚକ ଅନୀଲ ଦାଶ, ଡ. ଶ୍ରୀଧର ମହାନ୍ତି, ସୁଶ୍ରୀ ବୀଣାପାଣି ପାତ୍ର ପ୍ରମୁଖ ଯୋଗ ଦେଇ ଶ୍ରୀ ଶତପଥୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ।

## ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ ଜର୍ସି ଉନ୍ମୋଚିତ



ଜଗତସିଂହପୁର,୧୩।୨(ସମିସ): ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ଆଶ୍ରମପାଟଣାସ୍ଥ ବୀଣାପାଣି ଉଚ୍ଚବିଦ୍ୟାଳୟ ଖେଳପଡିଆରେ ଆଶ୍ରମପାଟଣା ଭଲିବଲ ୟୁନିଅନ ଓ ପ୍ରଫୁଲ ପାଠାଗାର ମିଳିତ ଆନୁକୂଲ୍ୟରେ ହେବାକୁ ଥିବା ୩୩ତମ ରାଜ୍ୟସ୍ତରୀୟ ଦିବାରାତ୍ର ବାଳକ/ବାଳିକା ଭଲିବଲ ଟୁର୍ଣ୍ଣାମେଣ୍ଟ ପାଇଁ ଆଜି ଜର୍ସି ଉନ୍ମୋଚନ କରାଯାଇଛି। ଆଶ୍ରମପାଟଣା ଭଲିବଲ ୟୁନିଅନର ସଭାପତି ନିରଞ୍ଜନ ଦାଶ ଏଥିରେ ଯୋଗଦେଇ ଟୁର୍ଣ୍ଣାମେଣ୍ଟର ଆଭିମୁଖ୍ୟ ଓ ତାରିଖ ସମ୍ପର୍କରେ ସୂଚନା ଦେଇଥିବାବେଳେ ବରିଷ୍ଠ ରାଜନୀତି ବିଜ୍ଞାନ ଅଧ୍ୟାପକ ଲକ୍ଷ୍ମୀଧର ପ୍ରଧାନ ଯୋଗଦେଇ ଅଂଶଗ୍ରହଣ କରିବାକୁ ଥିବା ଉଭୟ ବାଳକ ଓ ବାଳିକା ବର୍ଗର ଖେଳାଳିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ ବୋଲି କହିଥିଲେ। ଏଥିସହିତ ଦେବୀପ୍ରସାଦ ମହାନ୍ତି ଓ ପୁଷ୍ପାଞ୍ଜଳି ସାହୁ ୨୦୨୬ ପାଇଁ କ୍ରୀଡାରତ୍ନ ସମ୍ମାନ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖଇରଙ୍ଗ ସରପଞ୍ଚ ଲିପକ ସାହୁ, ମ୍ୟାନେଜର ଦୀପ୍ତିରଞ୍ଜନ ଦାଶ, ସମ୍ପଦ ବେହେରା, ପ୍ରଦୀପ୍ତ ସାହୁ, ହିମାଂଶୁ ଦାଶ, ରମେଶ ମହାନ୍ତି, ଅମିତ ଆଚାର୍ଯ୍ୟ, ସୁବ୍ରତ ଦାସ, କନକ କିଶୋର ସର୍ଜନ ସିଂହ, ପପୁନି ରାୟଙ୍କ ସମେତ ସମସ୍ତ କର୍ମକର୍ତ୍ତା ଓ ଖେଳାଳି ଉପସ୍ଥିତ ଥିଲେ।

## କୁତାମଚଣ୍ଡୀ ମନ୍ଦିରରୁ ଲୁଟ

ନାଉଗାଁ,୧୩।୨(ସମିସ): ନାଉଗାଁ ଗ୍ରାମରେ ଥିବା ସର୍ବପୁରାତନ ମା' କୁତାମଚଣ୍ଡୀ ମନ୍ଦିରରୁ ଲୁଟ୍, ନାଉଗାଁ ଥାନାରେ ଅଭିଯୋଗ ଆଣିଲେ ପୂଜକ, ସନ୍ଧାନୀ କୁକୁର ସାହାଯ୍ୟରେ ପୁଲିସର ତଦନ୍ତ ଆରମ୍ଭ। ସୂଚନା ମୁତାବକ ଆଜି ନାଉଗାଁ ଗ୍ରାମରେ ଥିବା ମା' କୁତାମଚଣ୍ଡୀ ମନ୍ଦିରକୁ ପୂଜକ ଜୟଦେବ ପାଢ଼ୀ ପୂଜା କରିବାକୁ ଯାଇଥିବା ସମୟରେ, ମନ୍ଦିର ମୁଖ୍ୟ ଦ୍ୱାର ଭଙ୍ଗାଜାଇ ମା'ଙ୍କ ମୁକୁଟ, ରୁପା ଆଖି, ଜିଭ ଓ ପିତଳ ସାମଗ୍ରୀ ଲୁଟ ହୋଇଥିବାର ଦେଖିବାକୁ ପାଇଥିଲେ। ଯାହାକୁ ଆଧାର କରି ସେ ଏକ ଲିଖିତ ଅଭିଯୋଗ ନାଉଗାଁ ପୁଲିସ ଷ୍ଟେସନରେ କରିଥିଲି। ନାଉଗାଁ ପୁଲିସ ଉକ୍ତ ଅଭିଯୋଗ ଅଧାରରେ ସନ୍ଧାନୀ କୁକୁର ସାହାଯ୍ୟରେ ଘଟଣାସ୍ଥଳକୁ ଯାଇ ଘଟଣାର ପ୍ରାଥମିକ ତଦନ୍ତ ଆରମ୍ଭ କରିବା ସହିତ ଏହି ଘଟଣାକୁ ଆଧାର କରି ୫୧/୨୬ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚାଲିଥିବା ନେଇ ଥାନା ଅଧିକାରୀ ପ୍ରଦୀପ୍ତ କାନୁନଗୋ ପ୍ରକାଶ କରିଛନ୍ତି।

## ବୃନ୍ଦାବନ କଲୋନୀରେ ଅଗ୍ନିକାଣ୍ଡ

ପାରାଦୀପ, ୧୩।୨ (ସମିସ): ଆଜି ରାତି ପାଖାପାଖି ୮ଟାରେ ପାରାଦୀପ ବୃନ୍ଦାବାନ କଲୋନୀ ୫ନମ୍ବର ଗଳି ନିକଟରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ହଠାତ ନିଆଁ ଲାଗିବା ପରେ ସ୍ଥାନୀୟ ଲୋକେ ନିଆଁକୁ ଆୟତ୍ତ କରିବା ପାଇଁ ପାଣି ପକାଇ ଥିଲେ। ଆଜି ବନ୍ଦର ପକ୍ଷରୁ କମ୍ ପାଣି ସପ୍ଲାଇ ଦିଆଯାଇଥିବାରୁ ପାଣିର ଅଭାବ ଦେଖାଦେଇଥିଲା। ଏ ସମ୍ପର୍କରେ ଅଗ୍ନିଶମ ବିଭାଗକୁ ଜଣାଇବା ପରେ ପାରାଦୀପ ବନ୍ଦର, କୁଜଙ୍ଗ ଓ ଇଫ୍‌କୋ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ହେଲେ ସେତେବେଳକୁ ଅଶୋକ ସ୍ୱାଇଁ ଓ ବାବୁଲି ସ୍ୱାଇଁ ଦୁଇ ଭାଇଙ୍କ ୪ ବଖରା ଘର ଓ ଆସବାସପତ୍ର ପୋଡ଼ି ପାଉଁଶ ହୋଇଯାଇଥିଲା। ଉକ୍ତ ଘର ନିକଟରେ ଥିବା ଅନ୍ୟଜଣେ ମାଲିକଙ୍କର ଗୋଟିଏ ବଖରା ଆଜବେଷ୍ଟସ ଘର ଅଳ୍ପକେ ବର୍ତ୍ତି ଯାଇଥିଲା। ପୋଡି ଯାଇଥିବା ଚାଳ ଘରେ ଥିବା ଟିଭି, ଫ୍ରିଜ, ଗଡରେଜ ସହ ଏକ ବାଇକ୍ ଓ ବହୁ ନିତ୍ୟ ବ୍ୟବହୃତ ଆସବାସପତ୍ର ପୋଡି ଯାଇଛି। ଏପରିକି ନିକଟରେ ଥିବା ଗୋଟିଏ ବାଇକ ନିଆଁରେ ସମ୍ପୂର୍ଣ୍ଣ ପୋଡି ଯାଇଛି। ଖବର ପାଇ ସ୍ଥାନୀୟ ଅଞ୍ଚଳର ସମାଜସେବୀ ତଥା ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ ସୁଶୀଲ କୁମାର ମହାପାତ୍ର ପରିବାର ଲୋକଙ୍କୁ ଆଶ୍ୱାସନ ଦେବା ସହ ପୌର ପ୍ରଶାସନ ପକ୍ଷରୁ ସମସ୍ତ ସହଯୋଗ ଯୋଗାଇ ଦେବା ଲାଗି ଅନୁରୋଧ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## କାହ୍ନୁ ଲେଙ୍କାଙ୍କ ପରଲୋକରେ ସାଂସଦଙ୍କ ଶୋକ

କୁଜଙ୍ଗ,୧୩।୨(ସମିସ): ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ରାଜ୍ୟ ରାଜସ୍ୱ ମନ୍ତ୍ରୀ ଏବଂ ପ୍ରଦେଶ କଂଗ୍ରେସ ସଭାପତି କାହ୍ନୁଚରଣ ଲେଙ୍କାଙ୍କ ବିୟୋଗ ରାଜ୍ୟ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ଜଗତସିଂହପୁର ସାଂସଦ ଡା. ବିଭୁପ୍ରସାଦ ତରାଇ ଏକ ଶୋକବାର୍ତ୍ତାରେ ପ୍ରକାଶ କରିଛନ୍ତି। ତାଙ୍କ ରେଳମନ୍ତ୍ରୀ ପଦ ଥିବା ସମୟରେ ରାଜ୍ୟରେ ରେଳ ଲାଇନ୍‌ର ସମୃଦ୍ଧି ଓ ପୁରୁଷୋତ୍ତମ ଏକ୍ସପ୍ରେସ ଟ୍ରେନ୍ ପରି ବହୁ ନୂତନ ଟ୍ରେନ ଆରମ୍ଭ ହେବା ଓ ରାଜ୍ୟ ବିକାଶରେ ତାଙ୍କର ପ୍ରଶଂସନୀୟ ଯୋଗ ଦାନ ସବୁ ବେଳେ ମନେ ରହିବ ବୋଲି କହିଛନ୍ତି।

## ବାବା ଭୂତେଶ୍ୱରଙ୍କ ଯଜ୍ଞ ଉତ୍ସବ

ପାରାଦୀପ,୧୩।୨(ସମିସ): ପାରାଦୀପ ଉପକଣ୍ଠ ଭୂତମୁଣ୍ଡାଇ ଗ୍ରାମର ଶ୍ରୀଜଗନ୍ନାଥ ତତ୍ତ୍ୱଶ୍ରମ ପରିସରରେ ଥିବା ବାବା ଭୂତେଶ୍ୱର ମହାଦେବଙ୍କ ଚତୁର୍ଥ ବାର୍ଷିକ ଯଜ୍ଞ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ବାର୍ଷିକ ଯଜ୍ଞ ଆରମ୍ଭ ହୋଇଥିବାରୁ ଆଶ୍ରମ ପରିସରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଛି। ବାର୍ଷିକ ଉତ୍ସବ ଉପଲକ୍ଷେ ମହାଦେବଙ୍କ ମନ୍ଦିର ନିକଟରେ ମୀନାବଜାର ପଡିଥିବାରୁ କିଣା କିଣି ପାଇଁ ଗ୍ରାହକଙ୍କ ଗହଳି ପରିଲକ୍ଷିତ ହୋଇଛି। ତେବେ ସ୍ଥାନୀୟ ଅଞ୍ଚଳର ବହୁ ସଂଖ୍ୟକ ଶ୍ରଦ୍ଧାଳୁମାନେ ଉପସ୍ଥିତ ହୋଇ ମହାଦେବଙ୍କ ଆଶ୍ରିତ ଲାଭ କରିଥିଲେ। ମହାଦେବଙ୍କର ଆଶ୍ରିତ ଭକ୍ତ ମନ୍ଦିର ପରିଚାଳନା କମିଟିର ସହଯୋଗୀ, କର୍ମକର୍ତ୍ତା ଓ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



## ଜଗତସିଂହପୁର ମାଟିର ପୁଅ ସାରଦା ରଣା

## ଖଣ୍ଡଗିରିରେ ଜିତିଲେ ଶ୍ରେଷ୍ଠ ନିର୍ଦ୍ଦେଶକ ପୁରସ୍କାର

ଜଗତସିଂହପୁର,୧୩।୨(ସମିସ): ଭୁବନେଶ୍ୱର ଖଣ୍ଡଗିରିଠାରେ କୁମ୍ଭମେଳା ଅବସରରେ ଅନୁଷ୍ଠିତ ଯାତ୍ରା ମହାକୁମ୍ଭରେ ଯାତ୍ରା ରଙ୍ଗମହଲର ନାଟକ 'କଟି କଟି ଡବଲ କଟି' ଲଗାତାର ୬ ରାତି ମଞ୍ଚସ୍ଥ ହେବା ସହିତ ଦର୍ଶକଙ୍କ ହୃଦୟ ଜିତିବାରେ ସଫଳ ହୋଇଛି। ଏହି ନାଟକର ନିର୍ଦ୍ଦେଶନା ଦେଇଥିବା ଜଗତସିଂହପୁର ମାଟିର ପୁଅ ସାରଦା ପ୍ରସାଦ ରଣାଙ୍କୁ ଚଳିତବର୍ଷର ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ପୁରସ୍କୃତ କରାଯାଇଛି। ସଂଯୋଗ ବଶତଃ ଏହି ନାଟକର ମୁଖ୍ୟ ଅଭିନେତା ପ୍ରତାପ ରାଉତଙ୍କ ଘର ମଧ୍ୟ ଜଗତସିଂହପୁର ଜିଲ୍ଲାରେ। ତେଣୁ ଖଣ୍ଡଗିରି ଯାତ୍ରା ମେଳାରେ ଜଗତସିଂହପୁରିଆ ବାଜି ମାରିନେଲେ ବୋଲି ରାଜଧାନୀରେ ଚର୍ଚ୍ଚା ହେଉଛି। ଗୋଟିଏ ସମୟ ଥିଲା ଯେତେବେଳେ ଖଣ୍ଡଗିରି ଯାତ୍ରାରେ ଜଗତସିଂହପୁର ଜିଲ୍ଲାର ଯାତ୍ରା ଅନୁଷ୍ଠାନ ପାର୍ବତୀ, ତୁଳସୀ, ତ୍ରିନାଥ, ଗୌରୀ, ତାରପୁର, ଶିବାନୀ ଆଦି ଯାତ୍ରା ଅନୁଷ୍ଠାନ ଜଗତସିଂହପୁରର ଟେକ ରଖୁଥିଲେ। କିନ୍ତୁ ଆଜି ସେ ସମୟ ନାହିଁ କିମ୍ବା ଆଉ ସେଭଳି ନାମକରା ଯାତ୍ରାପାର୍ଟି ଜଗତସିଂହପୁରରେ ନାହିଁ। ଜଗତସିଂହପୁର ଜିଲ୍ଲା ପୁନଙ୍ଗ ଗ୍ରାମର ସାରଦା ରଣା ଏବେ ଓଡ଼ିଶାର ଜଣେ ଆଗ ଧାଡ଼ିର ଯାତ୍ରା ନିର୍ଦ୍ଦେଶକ। ଚଳିତ ବର୍ଷ ଯାତ୍ରା ଇନ୍ଦ୍ରଭୁବନର 'ସକଳ ତୀର୍ଥ ତୋ ଚରଣେ, ସିଂହବାହିନୀର 'ଏଥୁ ଅନ୍ତେ କଳିଯୁଗ ଶେଷ' ଭଳି ନାଟକରେ ନିର୍ଦ୍ଦେଶନା ଦେଇ ଯାତ୍ରା ଜଗତରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଚଳିତ ବର୍ଷ ଓଡିଶା ଯାତ୍ରା ଲଭର୍ସ ଏବଂ ମା' ମଙ୍ଗଳା ସାଂସ୍କୃତିକ ପରିଷଦ ଖଣ୍ଡଗିରି ତଥା ଯାତ୍ରା ରଙ୍ଗମହଲ ତରଫରୁ ସର୍ବଶ୍ରେଷ୍ଠ ନିର୍ଦ୍ଦେଶକ ସମ୍ମାନ ପାଇବା ସହ ଓଡ଼ିଶା ଯାତ୍ରା ମାଷ୍ଟର୍ସ ଆସୋସିଏସନର କାର୍ଯ୍ୟନିର୍ବାହୀ କମିଟିର ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି।



## ଏନ୍‌ଜେଡବ୍ଲୁର ସେବା ଶିବିର ଉଦ୍‌ଯାପିତ



ଜଗତସିଂହପୁର,୧୩।୨(ସମିସ): ଏନ୍‌ଜେଡବ୍ଲୁ (ଓପନ ୟୁନିଟ) ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ ଆଣ୍ଡ ଗାଇଡ୍ ତରଫରୁ ଚାରି ଦିନିଆ ସାମାଜିକ ସେବା ଶିବିର ସାଦେଇପୁର ସ୍ଥିତ ଆଖଣ୍ଡଳମଣି ମହାଦେବଙ୍କ ଚତୁର୍ଦ୍ଦଶ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଅବସରରେ ଅନୁଷ୍ଠିତ ହୋଇଯାଇଛି। ଯଜ୍ଞ କାର୍ଯ୍ୟକ୍ରମ ୯ରୁ ୧୧ ପର୍ଯ୍ୟନ୍ତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଅନୁଷ୍ଠିତ ସେବା ଶିବିରର ଶିବର ପ୍ରମୁଖ ବିଜୟ କୁମାର ରଥ, ଶିବିର ପରିଚାଳକ ମୁଖ୍ୟ ଆଶୁତୋଷ ପଣ୍ଡାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ସିନିୟର୍ ରୋଭରମେଟ ଆକାଶ, ସନ୍ତୋଷ, କ୍ରାନ୍ତି, ଲିପୁନ୍, ସିଦ୍ଧାନ୍ତ, ସତ୍ୟଜିତ, ରାହୁଲ, ସୁଦର୍ଶନ, ସିପୁନ, ଓମ୍, ସ୍ୱରାଜ, ସୌମ୍ୟଜିତ୍ ଯୋଗଦେଇ ପ୍ରଥମେ ଫ୍ଲାଗ ସେରିମୋନି କରିଥିଲେ। ଏହା ପରେ ରୋଭରମାନେ ଯାତ୍ରା ଓ ନଗରକୀର୍ତ୍ତନରେ ସହଯୋଗ କରିବା ସହ ଟ୍ରାଫିକ ନିୟନ୍ତ୍ରଣ କରିଥିଲେ। ଲୋକମାନଙ୍କୁ ଦହି ପଣା ବାଣ୍ଟି ଥିଲେ। ମନ୍ଦିର ଚାରିପାଖେ ସଫାସୁତୁରା କରିବା ସହ ପ୍ଲାଷ୍ଟିକ ବ୍ୟବହାର ନ କରିବାକୁ ଲୋକମାନଙ୍କୁ ବୁଝାଇଥିଲେ। ଜଗତସିଂହପୁର ଜିଲ୍ଲାରେ ଉଲ୍ଲେଖନୀୟ ସେବା କାର୍ଯ୍ୟ ପାଇଁ ଏନ୍‌ଜେଡବ୍ଲୁ ୟୁନିଟକୁ ସମ୍ମାନନୀୟ ଆଚାର୍ଯ୍ୟ ମଣ୍ଡଳୀ ଏବଂ ଆଖଣ୍ଡଳମଣି ପୂଜା କମିଟିର ସଦସ୍ୟ ପୂର୍ଣ୍ଣଚନ୍ଦ୍ର ମିଶ୍ର, ନାରାୟଣ ପଣ୍ଡା, ଶିଶିର ପତି, ନିରଞ୍ଜନ ପଣ୍ଡା, ଶୁଭକାନ୍ତ ତ୍ରିପାଠି, ଲକ୍ଷ୍ମୀକାନ୍ତ ମିଶ୍ର, ପୀତାମ୍ବର ସ୍ୱାଇଁ, ମହେନ୍ଦ୍ର ପଣ୍ଡା, ଲୋକନାଥ ଦାସ, ରଞ୍ଜନ ପଣ୍ଡା, ରବୀନ୍ଦ୍ର ପଣ୍ଡା, ଫକୀର ଚରଣ ପଣ୍ଡା ଓ ବିଶ୍ୱନାଥ ପଣ୍ଡାଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ପରିଶେଷରେ ମନ୍ଦିର କମିଟିର ମୁଖ୍ୟ ନାରାୟଣ ପଣ୍ଡା ସମସ୍ତଙ୍କୁ ସାଧୁବାଦ ଜଣାଇ ଥିଲେ।

## କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ତିର୍ତ୍ତୋଲ,୧୩।୨(ସମିସ): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ନାଉସିରା ସ୍ଥିତ ଆଖଣ୍ଡଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ରିତୁଶ୍ରୀ ଦାସ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ କୃତକାର୍ଯ୍ୟ ହୋଇ ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ତାଙ୍କର ଏହି ସଫଳତା ପାଇଁ ବିଦ୍ୟାଳୟ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏଥିରେ ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ଦାଶ, ବରିଷ୍ଠ ଶିକ୍ଷକ ଅକ୍ଷୟ କୁମାର ନାୟକ, ପ୍ରତାପ ଚନ୍ଦ୍ର ଦାସ, ଶିକ୍ଷୟିତ୍ରୀ ସରସ୍ୱତୀ ସାହୁ, ମାନସୀ ମାଣିକ ପ୍ରମୁଖ ଯୋଗଦେଇଥିଲେ। ନାଉସିରା ଗ୍ରାମର ଜଳଧର ଦାସ ଓ ରଞ୍ଜୁବାଳା ଦାସଙ୍କ କନ୍ୟା ରିତୁଶ୍ରୀ ଜଣେ ଜଣେ ମେଧାବୀ ଛାତ୍ରୀ।

## ଆଇଡିଆଇ ବ୍ୟାଙ୍କ ପକ୍ଷରୁ ସିଏସ୍‌ଆର୍ ପାଣ୍ଠି ପ୍ରଦାନ

ଜଗତସିଂହପୁର,୧୩।୨(ସମିସ): ଜଗତସିଂହପୁର ଜିଲ୍ଲାର ବିଭିନ୍ନ ପ୍ରକଳ୍ପ ପାଇଁ ଆଇଡିବିଆଇ ବ୍ୟାଙ୍କ ପକ୍ଷରୁ ସାମାଜିକ ଦାୟିତ୍ୱ ବୋଧ ପାଣ୍ଠି ଜନସାଧାରଣଙ୍କ ସେବା ଶିକ୍ଷା କ୍ଷେତ୍ରରେ ଉନ୍ନତି ନିମିତ୍ତ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସଙ୍କ ଉପସ୍ଥିତିରେ ପ୍ରଦାନ କରାଯାଇଛି। ଏହି କ୍ରମରେ ମାର୍କଣ୍ଡପୁର ସ୍ଥିତ ବୃନ୍ଦାବନ ସରକାରୀ ଉଚ୍ଚ ବିଦ୍ୟାଳୟକୁ ଏକ ସ୍ମାର୍ଟ ଟିଭି ଏବଂ ଥଣ୍ଡା ବିଶୁଦ୍ଧ ଜଳ ମେସିନ୍ ପ୍ରଦାନ କରାଯାଇଛି। ସେହିପରି ଛାତ୍ରଛାତ୍ରୀଙ୍କ ସୁବିଧା ପାଇଁ ଜଗତସିଂହପୁର ଶ୍ରୀକୃଷ୍ଣ ଏକାଡେମୀକୁ ମଧ୍ୟ ଏକ ଥଣ୍ଡା ପାନୀୟ ଜଳ ମେସିନ୍ ପ୍ରଦାନ କରାଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ କେଶବ ମେହେର ଏବଂ ବିଦ୍ୟାଳୟର ବରିଷ୍ଠ ଶିକ୍ଷକମାନଙ୍କ ଉପସ୍ଥିତିରେ ଏହି ସାମଗ୍ରୀ ପ୍ରଦାନ କରାଯାଇଥିଲା। ସେହିପରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କ ସେବା ଉଦେଶ୍ୟରେ ବ୍ୟାଙ୍କ ପକ୍ଷରୁ ଗୋଟିଏ ଜଣ୍ଡିସ୍ ଡିଟେକ୍ଟର ମେସିନ୍, ୭୨ଟି ରିଭଲଭିଂ ଷ୍ଟୁଲ୍, ୨ଟି ଖାଦ୍ୟ ଟ୍ରଲି, ୨ଟି ଔଷଧ ପରିବହନ ଟ୍ରଲି, ୨ଟି ଷ୍ଟ୍ରେଚର୍ ଏବଂ ୧୦ଟି ମିଡିଲ୍ ହବ୍ କଟର୍ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜୀଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ରାଜେନ୍ଦ୍ର ପାଣିଗ୍ରାହୀ, ଏଡିଏମଓ ଡା. ସରୋଜ କୁମାର ଜେନା ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନର ଅଧିକାରୀମାନେ ଉପସ୍ଥିତ ଥିଲେ। ବ୍ୟାଙ୍କ ପକ୍ଷରୁ ଏଜିଏମ ତଥା ଶାଖା ପରିଚାଳକ ଆଶିଷ କୁମାର ଖମାରୀ ଯୋଗଦେଇ ସମାଜର କଲ୍ୟାଣ ଏବଂ ଉନ୍ନତି ପାଇଁ ଆଇଡିବିଆଇ ବ୍ୟାଙ୍କର ପ୍ରତିବଦ୍ଧତାକୁ ଦୋହରାଇଥିଲେ।

# ଧାନ ବେପାରୀଙ୍କ ଘରେ ପ୍ରଶାସନର ଚଢ଼ଉ; ୩୮୧ ବସ୍ତା ଧାନ ଜବତ

ଜଗତସିଂହପୁର,୧୩।୨(ସମିସ)

ଜଗତସିଂହପୁର ଜିଲ୍ଲାରେ ଏବେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଜାରି ରହିଥିବା ବେଳେ ମିଲରଙ୍କ ମନମାନି ଏବଂ ମଣ୍ଡି ଅବ୍ୟବସ୍ଥା ଯୋଗୁଁ ଚାଷୀମାନେ ହଇରାଣ ହେଉଛନ୍ତି। ଏହାର ପ୍ରତିବାଦ କରି ନବନିର୍ମାଣ କୃଷକ ସଙ୍ଗଠନ କିଛି ଦିନ ତଳେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ କରିଥିଲା। ଏହାସତ୍ତ୍ୱେ ଏବେ ମଧ୍ୟ ଜିଲ୍ଲା ବିଭିନ୍ନ ଅଞ୍ଚଳରେ ଧାନ ବେପାରୀମାନେ ଚାଷୀଙ୍କ ଠାରୁ କମ ଦାମରେ ଧାନ କିଣି ଅଧିକ ଦାମରେ ବିକ୍ରି କରି ମାଲାମାଲ ହେଉଛନ୍ତି। ଫଳରେ ଚାଷୀ ତାର ଉଚିତ ମୂଲ୍ୟ ପାଇବାରୁ ବଞ୍ଚିତ ହେଉଛି। ଏହିଭଳି ଜଣେ ଧାନ ବେପାରୀଙ୍କ ଘର ଉପରେ ପ୍ରଶାସନ ପକ୍ଷରୁ ଚଢ଼ଉ କରାଯାଇଛି। ଏହି ବେପାରୀ ଜଣକ ହେଲେ ତିର୍ତ୍ତୋଲ ବ୍ଲକଜ ଅନ୍ତର୍ଗତ କନିମୂଳ ଗ୍ରାମ ପଞ୍ଚାୟତର ମଉଗଜପୁର ଗ୍ରାମ ବାସିନ୍ଦା ନୃସିଂହ ଦାସ। କୌଣସି ସୂତ୍ରରୁ ଖବର ପାଇ ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ତିର୍ତ୍ତୋଲର ଅତିରିକ୍ତ ତହସିଲଦାର ଏବଂ କୃଷ୍ଣାନନ୍ଦପୁର ପୁଲିସ ନୃସିଂହ ଦାସଙ୍କ ଘରେ ଚଢ଼ଉ କରି ୩୮୧ ଧାନ ବସ୍ତା ଜବତ କରିଛନ୍ତି। ନୃସିଂହ ଦାସଙ୍କ ଚାଷ ଜମି ତୁଳନାରେ ଏହା ଯଥେଷ୍ଟ ଅଧିକ ଥିଲା। ତଦନ୍ତ ବେଳେ ନୃସିଂହ ଦାସ, ଉପଜିଲ୍ଲାପାଳଙ୍କ ସମ୍ମୁଖରେ ସ୍ୱୀକାର କରିଥିଲେ କି ସେ ଧାନ ବେପାର କରିବା ଉଦ୍ଦେଶ୍ୟରେ ଏମ୍‌ଏସ୍‌ପି ମୂଲ୍ୟ ଠାରୁ ବହୁ କମ୍ ଦରରେ ଚାଷୀମାନଙ୍କ ଧାନ କିଣିଥିଲା। ଧାନର ଅଭାବୀ ବିକ୍ରିକୁ ରୋକିବା ଉଦ୍ଦେଶ୍ୟରେ ଉପଜିଲ୍ଲାପାଳ, ଉକ୍ତ ୧୫୦ କ୍ୱିଣ୍ଟାଲରୁ ଊର୍ଦ୍ଧ୍ୱ ଧାନକୁ ଜବତ କରି ନୃସିଂହ ଦାସ ବିରୋଧରେ ଏକ ମାମଲା ରୁଜୁ କରାଇଥିଲେ। ଉପଜିଲ୍ଲାପାଳଙ୍କ ଏତାଦୃଶ କାର୍ଯ୍ୟାନୁଷ୍ଠାନ ଅନ୍ୟ ଧାନ ବେପାରୀ ମାନଙ୍କ ମଧ୍ୟରେ ନିଶ୍ଚୟ ଭୟ ସୃଷ୍ଟି କରିବ। ମାତ୍ର ମଣ୍ଡିରେ କ୍ୱିଣ୍ଟାଲ ପିଛା ୪/୬ କେଜି ଧାନ ଗରିବ ଚାଷୀ ଠାରୁ ହଡ଼ପ କରୁଥିବା ମିଲରମାନଙ୍କ ଉପରେ କେତେ ପ୍ରଭାବ ପକାଇବ ତାହା ଦେଖିବାକୁ ବାକି ରହିଲା। ଅନ୍ୟପକ୍ଷରେ ମଣ୍ଡିରେ ମିଲରର ଧାନ ଭର୍ତ୍ତି ଟ୍ରକ୍ ଉପରେ ଚଢ଼ଉ ପାଇଁ କୃଷକ ସଙ୍ଗଠନ ଦାବି ଉଠାଇଛି।



# ଶ୍ରୀକ୍ଷେତ୍ର ସିଟି

୧୩/୨/୨୦୨୬ (ଶୁକ୍ରବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୬,୯୬,୭୪୮/- ସୁନା:୦୫.୩୦୦ ଗ୍ରାମ୍ ରୁପା: ୮୧.୨୦୦ ଗ୍ରାମ୍





### ମହାନଗର ନିଗମ ପାଇଁ ପୁରୀରେ ବଢ଼ିଲା ୱାର୍ଡ ସଂଖ୍ୟା

# ପୌରପାଳିକାରେ ଥିଲା ୩୨, ହେଲା ୩୯ ୱାର୍ଡ

**ଏସ୍‌ସି, ଏସ୍‌ଟି ଏବଂ ମହିଳାଙ୍କ ପାଇଁ ସଂରକ୍ଷଣ**

ପୁରୀ, ୧୩।୨ (ସମିସ): ନବଗଠିତ ପୁରୀ ମହାନଗର ନିଗମ ପାଇଁ ନୂତନ ୱାର୍ଡ ଗଠନ ହୋଇଛି। ପୂର୍ବରୁ ପୁରୀ ପୌରସଂସ୍ଥାରେ ୩୨ଟି ୱାର୍ଡ ଥିବାବେଳେ ମହାନଗର ନିଗମ ପାଇଁ ଏହି ସଂଖ୍ୟା ୩୯ରେ ପହଞ୍ଚିଛି। ମହାନଗର ନିଗମ ହେବା ପାଇଁ ପ୍ରକ୍ରିୟା ଆଗେଇ ଚାଲିଥିବା ବେଳେ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ୱାର୍ଡ ବିଭାଜନ ଏବଂ ସୀମା ପୁନଃ ନିର୍ଦ୍ଧାରଣ କରାଯାଇଛି। ନବଗଠିତ ପୁରୀ ମହାନଗର ନିଗମର ଜନସଂଖ୍ୟା ୩ଲକ୍ଷ ୧୨ ହଜାର। ଜନସଂଖ୍ୟା ଅନୁଯାୟୀ ମୋଟ ୩୯ଟି ୱାର୍ଡ ଗଠନ ହୋଇଛି। ଜନସଂଖ୍ୟା କମ୍ ଥିବା ଦୃଷ୍ଟିରୁ ୨ ନମ୍ବର ଏବଂ ୩ ନମ୍ବର ୱାର୍ଡକୁ ମିଶାଇ ଗୋଟିଏ ୱାର୍ଡ କରାଯାଇଛି। ସେହିପରି ଅନୁସୂଚିତ ଜାତି ଏବଂ ଜନଜାତିଙ୍କ ପାଇଁ ୱାର୍ଡ ସଂରକ୍ଷଣ ହୋଇଛି। ଜନସଂଖ୍ୟା ଦୃଷ୍ଟିରୁ ୧ ନମ୍ବର ୱାର୍ଡକୁ ଏସ୍‌ଟି ମହିଳାଙ୍କ ପାଇଁ ସଂରକ୍ଷିତ ରଖାଯାଇଥିବା ବେଳେ ଏସି ବର୍ଗ ପାଇଁ ୪ଟି ୱାର୍ଡ ସଂରକ୍ଷିତ ରହିଛି। ୯ ନମ୍ବର ଏବଂ ୩୩ ନମ୍ବର ୱାର୍ଡକୁ ଏସ୍‌ସି ମହିଳା ଏବଂ ୮ ଓ ୧୪ ନମ୍ବର ୱାର୍ଡକୁ ଏସ୍‌ସି ପାଇଁ ସଂରକ୍ଷିତ କରାଯାଇଛି। ଅନ୍ୟ ୩୪ଟି ୱାର୍ଡରେ ୫୦ ପ୍ରତିଶତ ଅର୍ଥାତ୍ ୧୭ଟି ୱାର୍ଡ ମହିଳାଙ୍କ ପାଇଁ ସଂରକ୍ଷଣ ରଖାଯାଇଛି।

ପୁରୀ ପୌରପାଳିକାର ୩୨ଟି ୱାର୍ଡ ଏବଂ ପୁରୀ ସହରକୁ ଲାଗିକରି ଥିବା ୯ଟି ପଞ୍ଚାୟତର ୩୪ଟି ରାଜସ୍ୱ ଗାଁକୁ ନେଇ ନୂତନ ପୁରୀ ମହାନଗର ନିଗମ ଗଠନ କରାଯାଇଛି। ଏନେଇ ସମସ୍ତ ତଥ୍ୟ ପୁରୀ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ରାଜ୍ୟ ସରକାରଙ୍କୁ ପଠାଇଛନ୍ତି। ଏହାପରେ ସରକାରଙ୍କ ପକ୍ଷରୁ ଆପତ୍ତି ଅଭିଯୋଗ ଗ୍ରହଣ କରିବା ପାଇଁ ନୋଟିସ ବାହାରିବ। ଏହି ପର୍ଯ୍ୟାୟ ଶେଷ ପରେ ବିଧିବଦ୍ଧ ଭାବେ ମହାନଗର ନିଗମ ଗଠନ କରାଯାଇ ନିର୍ବାଚନ ଅନୁଷ୍ଠିତ ହେବ।

ପୁରୀ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା କହିଛନ୍ତି, "ନବଗଠିତ ପୁରୀ ମହାନଗର ନିଗମ ପାଇଁ ମୋଟ ୩୯ଟି ୱାର୍ଡ ଗଠନ କରାଯାଇଛି। ପୂର୍ବରୁ ପୁରୀ ପୌରପାଳିକାରେ ୩୨ଟି ୱାର୍ଡ ରହିଥିଲା। ଜନସଂଖ୍ୟାକୁ ହିସାବକୁ ନିଆଯାଇ ପୁରୀ ମହାନଗର ନିଗମ ପାଇଁ ୩୯ଟି ୱାର୍ଡ ଗଠନ ହୋଇଛି। ମହାନଗର ନିଗମର ଜନସଂଖ୍ୟା ୩ ଲକ୍ଷ ଥିବାରୁ, ନିୟମ ଅନୁଯାୟୀ ସର୍ବନିମ୍ନ ୩୯ଟି ୱାର୍ଡ ଗଠନ କରାଯାଇଛି। ଜନସଂଖ୍ୟାକୁ ଭିତ୍ତି କରି ଏସ୍‌ସି ଏବଂ ଏସ୍‌ଟି ନେଇ ଆସନ ସଂରକ୍ଷଣ କରାଯାଇଛି। ଏହି ତଥ୍ୟ ରାଜ୍ୟ ସରକାରଙ୍କୁ ଦିଆଯାଇଛି। ଏହି ପର୍ଯ୍ୟାୟ ଶେଷ ହେବା ପରେ ମହାନଗର ନିଗମ ଗଠନ ହେବା ସହ ଆଗାମୀ ପ୍ରକ୍ରିୟା ଓ କାର୍ଯ୍ୟ କରାଯିବ।

● ମାସିକ ପାଠଚକ୍ର

## ଅଷ୍ଟବକ୍ର ଗୀତାର ପ୍ରାସଙ୍ଗିକତା ଉପରେ ଆଲୋଚନା




ପୁରୀ,୧୩।୨(ସମିସ): ଅନ୍ତର୍ଜାତୀୟ ଶ୍ରୀଜଗନ୍ନାଥ ଚେତନା ଅନୁଷ୍ଠାନ ଓ ବିବେକା ନନ୍ଦ ଯୁବଶକ୍ତି ସଙ୍ଗଠନ ପୁରୀ ଆନୁକୂଲ୍ୟରେ ଇନ୍ଦ୍ରଦ୍ୟୁମ୍ନ ପୋଖରୀ ନିକଟସ୍ଥ ଯଜ୍ଞେଶ୍ୱରୀ ଠାକୁରାଣୀ ମନ୍ଦିର ପ୍ରାଙ୍ଗଣରେ ମାସିକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ପ୍ରାକ୍ତନ ପ୍ରାଧ୍ୟାପକ ସୁକାନ୍ତ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପାଠଚକ୍ରରେ ଶ୍ରୀମନ୍ଦିର ପୁରୋହିତ ତଥା ପରିଚାଳନା କମିଟି ସଦସ୍ୟ ଡ. ସିଦ୍ଧେଶ୍ୱର ମହାପାତ୍ର ଅଷ୍ଟବକ୍ର ଗୀତାର ସାମ୍ପ୍ରତିକ ସ୍ଥିତିରେ କ'ଣ ପ୍ରାସଙ୍ଗିକତା ରହିଛି ତା' ଉପରେ ବିଷଦ ଭାବରେ ଆଲୋଚନା କରିଥିଲେ। ପ୍ରାକ୍ତନ ପ୍ରଫେସର ପ୍ୟାରୀମୋହନ ମହାପାତ୍ର ଜନକ ରାଜା ଓ ଅଷ୍ଟବକ୍ର ଋଷିଙ୍କ ମଧ୍ୟରେ ହୋଇଥିବା ଆଲୋଚନାକୁ ଅତି ସରଳ ଭାବେ ବୁଝାଇ ଆତ୍ମଜ୍ଞାନ ପ୍ରାପ୍ତି ଓ ଆନନ୍ଦ ପ୍ରାପ୍ତିର ମାର୍ଗ ସମ୍ବନ୍ଧରେ ବୁଝାଇଥିଲେ। ସୁଧାଂଶୁ ଶେଖର ରାଜଗୁରୁ ଓ ପ୍ରାକ୍ତନ ପ୍ରଫେସର ପ୍ରଭାତ ରଞ୍ଜନ ମହାପାତ୍ର ଅଂଶଗ୍ରହଣ କରି ଆଲୋଚନାକୁ ଆହୁରି ବୋଧଗମ୍ୟ କରିଥିଲେ। ପ୍ରାକ୍ତନ ପ୍ରଫେସର ମହେଶ୍ୱର ଦାସ ଓ ପ୍ରାକ୍ତନ ଅଧ୍ୟକ୍ଷ ସୁରତ କୁମାର ସ୍ୱାଇଁ ଅଷ୍ଟବକ୍ର ଗୀତାର ବିଭିନ୍ନ ଅଧ୍ୟାୟ ସମ୍ପର୍କରେ ଆଲୋକପାତ କରିଥିଲେ। ରାମକୃଷ୍ଣ ମିଶନ ପରିଚାଳନା କମିଟିର ଦୁଇ ସଦସ୍ୟ ଧନଞ୍ଜୟ ଦାଶ ଓ ମଣିରାମଙ୍କୁ ଆଗାମୀ ଦିନରେ କମିଟିର ସମସ୍ତ ରିଜୋଲ୍ୟୁଶନ କରିବା ପାଇଁ ଅନୁରୋଧ କରାଯାଇ ଦାୟିତ୍ୱ ହସ୍ତାନ୍ତର କରାଯାଇଥିଲା। ଡ. ଶ୍ରୀକାନ୍ତ ପଣ୍ଡା ପାଠଚକ୍ରର ଆଭିମୁଖ୍ୟ ସମ୍ପର୍କରେ ଅବଗତ ହୋଇଥିଲେ। ଅଧ୍ୟାପକ ସୁଶାନ୍ତ କୁମାର ନାୟକ, ପିତାମ୍ବର ମହାପାତ୍ର, ସୁକାନ୍ତ ସାହୁ, ସନ୍ତୋଷ ସାହୁ, ପ୍ରାକ୍ତନ ପ୍ରାଧ୍ୟାପକ ବିଶ୍ୱଜିତ ଦାଶ, ସନ୍ତୋଷ ମହାନ୍ତି, କୁଳମଣି ଦୋରା, ଚନ୍ଦନ ବାରିକ, ସତ୍ୟ ନାରାୟଣ ବେହେରା, ରାକେଶ ପଲେଇ ପ୍ରମୁଖ ଯୋଗଦେଇଥିବା ବେଳେ ଅନୁଷ୍ଠାନର ସମ୍ପାଦକ ଡ. ମନୋଜ କୁମାର ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକର ଦ୍ୱତୀୟ ଅଧିବେଶନରେ ଶ୍ରୀକ୍ଷେତ୍ରରେ ବିଶ୍ୱଧର୍ମ ସମ୍ମିଳନୀ ସମ୍ବନ୍ଧରେ ଆଲୋଚନା ହୋଇଥିଲା। ଶେଷରେ ଶାନ୍ତିପାଠ କରାଯାଇଥିଲା।

### ପୁରୀରେ ହେବ ଛତ୍ରପତି ଶିବାଜୀ ଜୟନ୍ତୀ ମହୋତ୍ସବ

## ୧୯ରେ ପରିକ୍ରମା କରିବ ଛତ୍ରପତି ମହାରାଜଙ୍କ ରଥ

ପୁରୀ,୧୩।୨(ସମିସ): ଛତ୍ରପତି ଶିବାଜୀ ମହାରାଜ ରଥଯାତ୍ରା ଓ ଶିବାଜୀ ଜୟନ୍ତୀ ମହୋତ୍ସବ ଏବର୍ଷ ଓଡିଶା ରାଜ୍ୟ ପୁରୀରେ ଆୟୋଜିତ ହେବାକୁ ସ୍ଥିର ହୋଇଛି। ଚଳିତ ମାସ ୧୮ ଓ ୧୯ ତାରିଖରେ ଏହାକୁ ଭବ୍ୟ ଓ ଶୃଙ୍ଖଳାର ସହ ଆୟୋଜନ ପାଇଁ ବ୍ୟବସ୍ଥା କରାଯାଇଛି। ଏଥିନିମନ୍ତେ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ସର୍କିଟ ହାଉସ୍‌ରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲ୍ଲାପାଳ ନିଳମାଧବ ଭୋଇ ଅଧ୍ୟକ୍ଷତା କରିବା ସହ ଏହି ମହୋତ୍ସବକୁ ସୁନ୍ଦର ଭାବେ ଆୟୋଜନ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଭୋଇ ଆୟୋଜକମାନଙ୍କ କାର୍ଯ୍ୟସୂଚୀ, ସେମାନଙ୍କ ଆବଶ୍ୟକତା ସମ୍ପର୍କରେ ପଚାରି ବୁଝିଥିଲେ। ଶିବାଜୀ ଜୟନ୍ତୀ ମହୋତ୍ସବର ରାଜ୍ୟ ସଂଯୋଜକ ସରୋଜ କୁମାର ଭୂୟାଁ ବିଷଦ ସୂଚନା ଦେଇ ଏହି କାର୍ଯ୍ୟକ୍ରମ ପ୍ରତିବର୍ଷ ଭିନ୍ନ ଭିନ୍ନ ରାଜ୍ୟରେ ହୋଇଥାଏ। ଚଳିତ ବର୍ଷ ଓଡିଶା ଭାଗରେ ପଡିଛି। ତେଣୁ ଏହାକୁ ସମସ୍ତଙ୍କ ଉଦ୍ୟମରେ ସଫଳ କରାଯିବ ବୋଲି ସେ କହିଥିଲେ। ଅନ୍ୟତମ ସଂଯୋଜକ ରମେଶ ହିରବେ ସମାରୋହରେ ସାମିଲ ଅତିଥି ଓ ବ୍ୟକ୍ତିମାନେ ଆସନ୍ତା ୧୮ ତାରିଖରେ ପୁରୀରେ ପହଞ୍ଚିବେ। ୧୯ ତାରିଖରେରେ ଏକ ସୁଦୃଶ୍ୟ ଶୋଭାଯାତ୍ରାରେ ଛତ୍ରପତି ମହାରାଜାଙ୍କ ରଥ ଶ୍ରୀମନ୍ଦିର ପର୍ଯ୍ୟନ୍ତ ଯାଇ ଅରୁଣ ସ୍ତମ୍ଭ ନିକଟରେ ପୂଜାର୍ଚ୍ଚନା କରି ଅପରାହ୍ନରେ ଟାଉନ ହଲ୍‌ଠାରେ ପହଞ୍ଚିବ। ସମସ୍ତ ଅତିଥି ଓ ଶ୍ରଦ୍ଧାଳୁ ଟାଉନ ହଲ୍‌ଠାରେ ଏକତ୍ର ହେବେ। ସେଠାରେ ମହୋତ୍ସବ ବୈଠକ ଅନୁଷ୍ଠିତ ହେବ ବୋଲି ସୂଚନା ଦେଇଥିଲେ। ପାର୍କିଂ ବ୍ୟବସ୍ଥା, ଶୃଙ୍ଖଳା ରକ୍ଷା, ସ୍ୱଚ୍ଛତା ରକ୍ଷା, ପାନୀୟ ଜଳ, ଅଗ୍ନିଶମ ସେବା, ମନ୍ଦିର ନିକଟରେ ପୂଜାର୍ଚ୍ଚନା ଇତ୍ୟାଦି ସମ୍ପର୍କରେ ଆଲୋଚନା କରାଯାଇ ସମ୍ପୃକ୍ତ ବିଭାଗମାନେ କାର୍ଯ୍ୟ ପରିଚାଳନା ପାଇଁ ଅତିରିକ୍ତ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ରାଜ୍ୟ କାର୍ଯ୍ୟକାରୀ ସଭାପତି ନିବେଦିତା ନାୟକ କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

ବୈଠକରେ ଅତିରିକ୍ତ ଏସ୍‌ପି ଦେବୀ ପ୍ରସାଦ ପ୍ରତାପ, ଶ୍ରୀମନ୍ଦିର ଉପ ପ୍ରଶାସକ ରଞ୍ଜନ କୁମାର ବେହେରା, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ପୌର ସ୍ୱାସ୍ଥ୍ୟ ଅଧିକାରୀ ଡା. ଅଶୋକ କୁମାର ମିଶ୍ର ଅନ୍ୟାନ୍ୟ ବିଭାଗର ଅଧିକାରୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

● ଏସ୍‌ସିଏସ୍ ଓଡ଼ିଆ ବିଭାଗରେ ଅନ୍ତର୍ଜାତୀୟ ସମ୍ମିଳନୀ

## 'ସାହିତ୍ୟ ସର୍ଜନାରେ ସମସ୍ୟାର ଚିତ୍ରଣ ହେଉ'



ପୁରୀ,୧୩।୨(ସମିସ): ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ୍) ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ବିଭାଗ ଦ୍ୱାରା ଦ୍ୱି ଦିବସୀୟ ଆନ୍ତର୍ଜାତୀୟ ସମ୍ମିଳନୀ ଶୁକ୍ରବାର ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଚିତ୍ତରଞ୍ଜନ ଦ୍ୱିବେଦୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। "ଏକବିଂଶ ଶତାବ୍ଦୀ: ପରିବେଶ, ସଭ୍ୟତା ଓ ସାହିତ୍ୟ' ବିଷୟ ଉପରେ ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟର ଗବେଷକ ଓ ଅଧ୍ୟାପକ-ଅଧ୍ୟାପିକା, ୪୦ରୁ ଉର୍ଦ୍ଧ୍ୱ ପ୍ରବନ୍ଧ ପାଠ କରିବା ସହିତ ଆଲୋଚନାରେ ଅଂଶଗ୍ରହଣ କରିବେ ବୋଲି ଜଣାଯାଇଛି। ଏହି ସମ୍ମିଳନୀରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଯୋଗଦେଇ ଏକବିଂଶ ଶତାବ୍ଦୀର ବିଭିନ୍ନ ଅର୍ଥନୈତିକ ଓ ସାମାଜିକ ସମସ୍ୟା ସମ୍ପର୍କରେ ଆଲୋଚନା କରି ସାହିତ୍ୟ ସର୍ଜନାରେ ଏସବୁକୁ ଚିତ୍ରଣ କରିବାକୁ ବକ୍ତବ୍ୟରେ କହିଥିଲେ। ଅନ୍ତର୍ଜାତୀୟ ଅତିଥି ଭାବେ ଜପାନରୁ ନାଚୋସ ମିୟାହର ଓ ଏରିକୋ ତୋସିମା ଯୋଗଦେଇ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଜାପାନର ପରିବେଶ, ବିକାଶ ଓ ସାହିତ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବରେ ସମାଜସେବୀ ତଥା ଭାରତ-ଜାପାନ ମୈତ୍ରୀ ସଂଘର ସଭାପତି ଶ୍ରୀମନ୍ତ କୁମାର ଦାଶ ଯୋଗଦେଇ ଭାରତ ଓ ଜାପାନର ସଭ୍ୟତା ଓ ପରିବେଶ ସମ୍ପର୍କରେ ତୁଳନାତ୍ମକ ଆଲୋଚନା କରିଥିଲେ।

ଓଡ଼ିଆ ବିଭାଗର ମୁଖ୍ୟ ଡ. ଦିଲ୍ଲୀପ କୁମାର ସ୍ୱାଇଁ ଭିତ୍ତିପ୍ରବନ୍ଧ ପାଠ କରି ଜଗତୀକରଣ ଓ ଡିଜିଟାଲ ଧ୍ରୁବିକରଣ କିପରି ଆମର ସଭ୍ୟତା ଓ ସାହିତ୍ୟକୁ ପ୍ରଭାବିତ କରିଛି ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମ ଓଡ଼ିଆ ବିଭାଗର ପ୍ରାକ୍ତନ ବିଦ୍ୟାର୍ଥୀମାନଙ୍କ ସଙ୍ଗଠନ 'ଓତ୍ରଜା' ଓ ଓଡ଼ିଆ ବିଭାଗ ଦ୍ୱାରା ମିଳିତ ଭାବେ ଆୟୋଜିତ ହୋଇଥିଲା। ପାଠଚକ୍ର ସଂଯୋଜକ ଡ. ପ୍ରଭାତ କୁମାର ସାହୁ ପାଠଚକ୍ରର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଡ. ଶଙ୍କର୍ଷଣ ପ୍ରଧାନ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଡ. ହେନେରିଟା ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଅଧ୍ୟାପକ ଗିରିଜା ଶଙ୍କର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମ୍ମିଳନୀରେ ଜାପାନୀ ବ୍ୟାଣ୍ଡ ପରିବେଷଣ କରାଯାଇଥିଲା ଓ ସାଂସ୍କୃତିକ ସଂଗଠକ ଶ୍ୟାମ ପ୍ରକାଶ ସେନାପତି ଜାପାନୀ ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସନ୍ଧ୍ୟାରେ ନାଟକ, କବିତା ଆସର ଆଦି ଅନୁଷ୍ଠିତ ହୋଇଥିଲା। ନିମନ୍ତ୍ରିତ କବି ଭଗବାନ ଜୟସିଂ, ସୁଚେତା ମିଶ୍ର, ଅଜୟ ପ୍ରଧାନ, କାମଦେବ ମହାରଣା, ସନ୍ନ୍ୟାସୀ ନାୟକ, ରୁନୁ ମହାନ୍ତି, ମୀନକେତନ ମିଶ୍ର, ଶ୍ୟାମ ପ୍ରକାଶ ସେନାପତି ଓ ଉମାକାନ୍ତ ମହାପାତ୍ର ପ୍ରମୁଖ କବିତା ପାଠ କରିରଥିଲେ। କବି ଦିଲ୍ଲୀପ କୁମାର ସ୍ୱାଇଁଙ୍କ 'ଧାନଫୁଲ କାନଫୁଲ'ର ନାଟ୍ୟାଭିନୟ ସହ ଫକୀରମୋହନ ସେନାପତିଙ୍କ 'ପେଟେଣ୍ଟ ମେଡ଼ିସିନ'ର ନାଟ୍ୟରୂପ ଅନୁଷ୍ଠିତ ହୋଇଥିଲା। ଶନିବାର ସମ୍ମିଳନୀ ଶେଷ ହେବ ବୋଲି ଓଡ଼ିଆ ବିଭାଗ ମୁଖ୍ୟ ଡ. ସ୍ୱାଇଁ ଜଣାଇଛନ୍ତି।

### ରଞ୍ଜନ ଷଡ଼ଙ୍ଗୀ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ

## ପ୍ରଥମ ମ୍ୟାଚ୍‌ରେ ଜଗନ୍ନାଥ ସ୍ପୋର୍ଟିଂ ବିଜୟୀ



ପୁରୀ, ୧୩।୨ (ସମିସ): ଶହିଦ ହାବିଲଦାର ରଞ୍ଜନ ଷଡ଼ଙ୍ଗୀ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ନବମ ସଂସ୍କରଣ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ପୁରୀ ପୁଲିସ ଲାଇନ ପଡ଼ିଆରେ ଏସ୍‌ପି ପ୍ରତୀକ୍ ସିଂ ଏହି କ୍ରିକେଟ ପ୍ରତିଯୋଗିତାକୁ ଉଦ୍‌ଘାଟନ କରି କହିଥିଲେ ଯେ, ପୁରୀରେ ବହୁ କାର୍ଯ୍ୟକ୍ରମ ବେଶ୍ ସଫଳତାର ସହ ସମ୍ପନ୍ନ ହୋଇଛି। ଏଥିପାଇଁ ଆରକ୍ଷୀମାନଙ୍କ ଦକ୍ଷତାକୁ ପ୍ରଶଂସା କରିଥିଲେ। ଡ୍ୟୁଟି ଭିତରେ କ୍ରୀଡ଼ା ଓ ମନୋରଞ୍ଜନ ଜଣଙ୍କୁ ସୁସ୍ଥ ଏବଂ ଖୁସି ଦେଇଥାଏ। ଆଗାମୀ ରଥଯାତ୍ରା ପାଇଁ ପ୍ରସ୍ତୁତ ରହିବା ଲାଗି ଏସ୍‌ପି ଶ୍ରୀ ସିଂ ଆହ୍ୱାନ ଦେବା ସହ ପୁରୀ ପୁଲିସର ସହିଦମାନଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରିଥିଲେ।

ଏହି କ୍ରିକେଟ୍ ପ୍ରତିଯୋଗିତାରେ ପୁରୀ ପୁଲିସର ୧୯୫ ଜଣ ୮ଗୋଟି ଦଳରେ ଭାଗ ହୋଇ ଅଂଶ ଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ମ୍ୟାଚ୍ ଜଗନ୍ନାଥ ସ୍ପୋର୍ଟିଂ ବିନାମ ରକ୍‌ଷ୍ଟାର ମଧ୍ୟରେ ଖେଳା ଯାଇଥିଲା। ପ୍ରଥମେ ଟସ୍ ଜିତି ରକ୍‌ଷ୍ଟାର ଅଧିନାୟକ ସତ୍ୟବାନ ସ୍ୱାଇଁ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ନିର୍ଦ୍ଧାରିତ ୮ ଓଭରରେ ୭ ୱିକେଟ୍ ହରାଇ ରକ୍‌ଷ୍ଟାର ୬୭ ରନ ସଂଗ୍ରହ କରିଥିଲା। ପ୍ରତିପକ୍ଷର ପପି ହ୍ୟାଟ୍ରିକ ୱିକେଟ ନେଇଥିଲେ। ୬୮ ରନର ବିଜୟ ଲକ୍ଷ୍ୟକୁ ପିଛା କରି ଦୁଷ୍ମନ୍ତ ସାହୁଙ୍କ ନେତୃତ୍ୱାଧୀନ ଜଗନ୍ନାଥ ସ୍ପୋର୍ଟିଂ ୬.୫ ଓଭରରେ ୪ ୱିକେଟ ହରାଇ ମ୍ୟାଚ୍ ଜିତିଥିଲା। ଦଳ ପକ୍ଷରୁ ଗୀତାଂଶୁ ୨୨, ଅଧିକାରୀ ୧୫ ଓ ପପି ୧୫ ରନ କରିଥିଲେ। ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ପପି ମ୍ୟାନ ଅଫ୍ ଦି ମ୍ୟାଚ୍ ହୋଇଥିଲେ। ଶେଷ ପର୍ଯ୍ୟନ୍ତ ଖେଳରେ ଉତ୍କଣ୍ଠା ରହିଥିବାରୁ ଦର୍ଶକ ବେଶ୍ ମନଭରି ଉପଭୋଗ କରିଥିଲେ। ଆରଆଇ ଚିତ୍ତରଞ୍ଜନ ମହାନ୍ତି, ପୁଲିସ ସଂଘ ସଭାପତି ସନ୍ତୋଷ ମହାନ୍ତି, ସମ୍ପାଦକ ସୂର୍ଯ୍ୟତାପ ଜେନା, କୋଷାଧ୍ୟକ୍ଷ ଦିଲୀପ ଭୋଇ, ସହସମ୍ପାଦକ ସତ୍ୟନାରାୟଣ ନାୟକ, ପ୍ରହ୍ଲାଦ ଭୋଇ, ରଞ୍ଜନ ପଲେଇ, ତ୍ରିଲୋଚନ ହୋତା ଓ ପ୍ରଶାନ୍ତ ବିଶ୍ୱାଳ, ସୁଧାଂଶୁ ମଙ୍ଗରାଜ ପ୍ରମୁଖ ଖେଳକୁ ସୁଚାରୁ ରୂପେ ପରିଚାଳନା କରିଥିଲେ। ସୂଚନାଥାଉ କି, ରଞ୍ଜନ ଷଡ଼ଙ୍ଗୀ ବ୍ରହ୍ମଗିରିରେ ବୋମା ନିଷ୍କ୍ରିୟ କରିବାକୁ ଯାଇ ବିସ୍ଫୋରଣରେ ଶହୀଦ ହୋଇଥିଲେ। ତାଙ୍କ ସ୍ମୃତିରେ ପୁରୀ ପୁଲିସ ଏହି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ କରିଆସୁଛି।

## ସ୍ୱର୍ଗତ ଡ. ବିଶ୍ୱନାଥ ରଥଙ୍କ ସ୍ମୃତିରେ ସର୍ବୋଦୟ ମେଳା ଉତ୍ସର୍ଗ

ପୁରୀ, ୧୩।୨ (ସମିସ): ୭୮ତମ ସର୍ବୋଦୟ ମେଳା ଓ ଗାନ୍ଧୀ ସ୍ମୃତିପୀଠର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ସ୍ମୃତିପୀଠ ଓ ସଦ୍‌ଭାବନା ସଭାଗୃହରେ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଏହା ପାଳିତ ହୋଇଛି। ଚଳିତବର୍ଷର ସର୍ବୋଦୟ ମେଳା ଗାନ୍ଧିବାଦୀ ସମାଜସେବୀ ସ୍ୱର୍ଗତ ଡ. ବିଶ୍ୱନାଥ ରଥଙ୍କ ସ୍ମୃତିରେ ଉତ୍ସର୍ଗୀକୃତ ହୋଇଛି। ଗୁରୁବାର ସକାଳେ ମହାତ୍ମା ଗାନ୍ଧୀ, ଆଚାର୍ଯ୍ୟ ହରିହର, ମଧୁସୂଦନ ଦାସ ଓ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାଶଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ମେଳା କମିଟି ସଭାପତି ଉମାବଲ୍ଲଭ ମହାପାତ୍ରଙ୍କ ପୌରହିତ୍ୟରେ ଗାନ୍ଧିବାଦୀ ଲେଖକ ଓ ଗବେଷକ ଗୌରାଙ୍ଗ ଚରଣ ପରିଡା, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। 'ବିଶ୍ୱଶାନ୍ତି ଓ ଗାନ୍ଧିଜୀ' ଶୀର୍ଷକ ବିଷୟରେ ଆଲୋଚନା ହୋଇଥିଲା। ମେଳା ସମ୍ପାଦକ ଶିବ ପ୍ରସାଦ ମିଶ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଭାବଗ୍ରାହୀ ରାଉତରାୟଙ୍କୁ ସର୍ବୋଦୟ ସମ୍ମାନ, ଲଳିତା ଡାକୁଆଙ୍କୁ ସମାଜସେବା ସମ୍ମାନ, ରମାଦେବୀଙ୍କୁ ସ୍ୱଚ୍ଛତା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। ମେଳା କମିଟିର ଜ୍ୟୋତ୍ସ୍ନା ନାୟକ ମାନପତ୍ର ପାଠ କରିଥିଲେ। କୋଷାଧ୍ୟକ୍ଷ ଗଙ୍ଗାଧର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

ଦ୍ୱିତୀୟ ଅଧିବେଶନରେ ମେଳା କମିଟି ଉପସଭାପତି ଇଂ. ଗିରିଜା ଶଙ୍କର ପାଢୀଙ୍କ ଅଧ୍ୟକ୍ଷତାରେ ଜୟନ୍ତୀ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଉତ୍କଳ ସର୍ବୋଦୟ ମଣ୍ଡଳର ସମ୍ପାଦକ ରମାକାନ୍ତ ମଣ୍ଡଳ ବକ୍ତବ୍ୟ ରଖିଥିଲେ। 'ଗାନ୍ଧିଜୀ ଓ ସ୍ୱଦେଶୀ ଭାବନା' ଶୀର୍ଷକ ବିଷୟରେ ଆଲୋଚନା ହୋଇଥିଲା। ଶ୍ରମିକ ନେତା ଜଗନ୍ନାଥ ଦେଓ ଓ ଅନ୍ୟମାନେ ବକ୍ତବ୍ୟ ରଖିଥିଲେ। କବି ମାନସ ମହାପାତ୍ରଙ୍କ ଅଧ୍ୟକ୍ଷତାରେ 'ଗାନ୍ଧୀ ସାହିତ୍ୟ ଓ କବିତା ପାଠୋତ୍ସବ' ଅନୁଷ୍ଠିତ ହୋଇଥିଲା। ସର୍ବାଣୀ ଦାସ ସଂଯୋଜନା କରିଥିଲେ। ସଏଦ ଏରସାଦ ଅଲ୍ଲୀ, ଇଂ. ଗିରିଜା ପାଢୀ, ମାନସ ମହାପାତ୍ର ପ୍ରମୁଖ ସର୍ବୋଦୟ ପାତ୍ର ଗ୍ରହଣ କରିଥିଲେ। ସ୍ୱର୍ଗତ ଡ. ବିଶ୍ୱନାଥ ରଥଙ୍କ ସୁପୁତ୍ର ମନୋଜ ରଥ ଏଥିରେ ଉପସ୍ଥିତ ଥିଲେ। ଅପରାହ୍ନରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ସର୍ବଧର୍ମ ପ୍ରାର୍ଥନା କରାଯାଇଥିଲା। ସମ୍ପାଦକ ଶିବପ୍ରସାଦ ମିଶ୍ର ସଭା ପରିଚାଳନା କରିଥିଲେ।



## ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାର ତୀର୍ଥଯାତ୍ରୀ ପୁରୀରେ ପହଞ୍ଚିଲେ



ପୁରୀ,୧୩।୨(ସମିସ): ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା ଆଜିଠାରୁ ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନବରଙ୍ଗପୁର ଠାରେ ଏହି ଯୋଜନାର ଶୁଭାରମ୍ଭ କରିବା ପରେ ନବରଙ୍ଗପୁର ଜିଲ୍ଲା ସହ ଗଞ୍ଜାମ, ଭଦ୍ରକ, ମୟୂରଭଞ୍ଜ, ସମ୍ବଲପୁର ଜିଲ୍ଲାର ଶ୍ରଦ୍ଧାଳୁ ପୁରୀରେ ପହଞ୍ଚୁଛନ୍ତି। ଆଜି ସନ୍ଧ୍ୟାରେ ଗଞ୍ଜାମ ଓ ଭଦ୍ରକ ଜିଲ୍ଲାର ୫୦୦ ତୀର୍ଥଯାତ୍ରୀ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ରହଣୀ ସ୍ଥାନ ବୃନ୍ଦାବତୀ ନିବାସରେ ପହଞ୍ଚିବା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସେମାନଙ୍କୁ ପାରମ୍ପରିକ ବାଦ୍ୟ, ହୁଳହୁଳି, ଚନ୍ଦନ ଟିପା ଦେଇ ସ୍ୱାଗତ କରାଯାଇଥିଲା। ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡ଼ା, ପର୍ଯ୍ୟଟନ ବିଭାଗର ଅତିରିକ୍ତ ସଚିବ ସରୋଜ କୁମାର ସ୍ୱାଇଁ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଶ୍ରୀମନ୍ଦିର ଡେପୁଟି ପ୍ରଶାସକ ରଞ୍ଜନ କୁମାର ବେହେରା, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ଅନୁଶ୍ରବ ଗନ୍ତାୟତ, ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜ କାନ୍ତ ପ୍ରଧାନ, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା, ଓଏସଆରଟିସିର ଜିଲ୍ଲା ପରିଚାଳକ ରଶ୍ମି ସାହୁ, ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ,ରେଡକ୍ରସ ସ୍ୱେଚ୍ଛାସେବୀ ପ୍ରମୁଖ ଉପସ୍ଥିତ ରହି ତୀର୍ଥଯାତ୍ରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ପରେ ସେମାନଙ୍କୁ ମହାପ୍ରସାଦ ସେବନ କରାଯାଇଥିଲା।ଆସନ୍ତା କାଲି ପ୍ରାତଃ ସମୟ ରେ ଏହି ତୀର୍ଥଯାତ୍ରୀ ମାନେ ଶ୍ରୀମନ୍ଦିର ରେ ମହାପ୍ରଭୁଙ୍କ ଦର୍ଶନ କରିବେ। ସେହିପରି ନବରଙ୍ଗପୁର, ସମ୍ବଲପୁର ଓ ମୟୂରଭଞ୍ଜ ର ଶ୍ରଦ୍ଧାଳୁ ରାତ୍ରିରେ ପହଞ୍ଚିବା ସହ ଆସନ୍ତା କାଲି ମନ୍ଦିର ଦର୍ଶନର କାର୍ଯ୍ୟକ୍ରମ ରହିଛି।

### ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ ମାମଲା

# ଦୁଇ ନାବାଳକ ସମେତ ୪ ଜଣଙ୍କୁ କାବୁକଲା ପୁଲିସ

ପୁରୀ,୧୩।୨(ସମିସ): ପୂର୍ବ ବିବାଦକୁ ନେଇ ଗୁରୁବାର ସନ୍ଧ୍ୟାରେ ମାଟିଆପଡା ଛକରେ ଖଣ୍ଡା ବୁଲିଥିଲା। ଦୁର୍ବୃତ୍ତଙ୍କ ଖଣ୍ଡା ଚୋଟରେ ରାକେଶ କୁମାର ବାରିକ ଗୁରୁତର ହୋଇଥିବା ବେଳେ ରଣଜିତ ନାରାୟଣ ଗୋଛାୟତ ମଧ୍ୟ ଆହତ ହୋଇଥିଲେ। ଏହି ଘଟଣାରେ ତାଳବଣିଆ ଥାନା ପୁଲିସ ୨ ନାବାଳକଙ୍କ ସମେତ ୪ ଜଣଙ୍କୁ କାବୁ କରିଛି। ଗିରଫ ଦୁଇ ଯୁବକ ହେଉଛନ୍ତି କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ରାମଚଣ୍ଡୀ ବାଲିକୁଦ ସାହିର ଦିବ୍ୟଜ୍ୟୋତି ବେହେରା (୨୨) ଓ ଆକାଶ କୁମାର ଦାସ (୨୧)। ଉଭୟଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଥିବା ବେଳେ ନାବାଳକ ଦୁଇଜଣଙ୍କ ବିରୋଧରେ ମଧ୍ୟ ଆଇନ ଅନୁଯାୟୀ ପଦକ୍ଷେପ ନିଆଯାଇଛି। ପୁଲିସ ଆକ୍ରମଣରେ ବ୍ୟବହୃତ ଗୋଟିଏ ଖଣ୍ଡା ଜବତ କରିଛି। ଅଭିଯୋଗକାରୀ ମାଟିଆପଡାର ରଣଜିତ ନାରାୟଣ ଗୋଛାୟତ ଏବଂ ତାଙ୍କ ସାଙ୍ଗ ରାକେଶ ଗୁରୁବାର ସନ୍ଧ୍ୟା ପ୍ରାୟ ୭ଟା ସମୟରେ ସର୍ବୋଦୟ ନଗରରୁ ମାଟିଆପଡା ଆଡକୁ ବାଇକ୍‌ରେ ଆସୁଥିଲେ। ମାଟିଆପଡା ଛକରେ ବାଲିଉପର ସାହିର କିଛି ଦୁର୍ବୃତ୍ତ ପୂର୍ବ ଶତ୍ରୁତାକୁ ନେଇ ତାଙ୍କୁ ଅଟକାଇ ଖଣ୍ଡାରେ ଆକ୍ରମଣ କରିଥିଲେ। ଏଥିରେ ରାକେଶଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ରକ୍ତାକ୍ତ ଅବସ୍ଥାରେ ଉଭୟଙ୍କୁ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ରାକେଶଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ଏ ନେଇ ତାଳବଣିଆ ଥାନା ପୁଲିସ ଏକ ମାମଲା (ନଂ.୫୦/୨୬) ରୁଜୁ କରି ତଦନ୍ତ କରୁଥିବାବେଳେ ୪ ଜଣଙ୍କୁ କାବୁ କରିବାରେ ସଫଳ ହୋଇଛି।

# ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାରେ ୭୪ ତୀର୍ଥଯାତ୍ରୀଙ୍କ ପୁରୀ ଯାତ୍ରା

ଭଦ୍ରକ, ୧୩।୨(ସମିସ)

ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା-୨୦୨୫-୨୬ (ପର୍ଯ୍ୟାୟ-୧) ଅବସରରେ ଜିଲ୍ଲାର ୭୪ ଶ୍ରଦ୍ଧାଳୁ ପୁରୀ ଯାତ୍ରା କରିଛନ୍ତି। ନବରଙ୍ଗପୁର ଜିଲ୍ଲାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉକ୍ତ ଯୋଜନାର ଶୁଭ ଉଦ୍‌ଘାଟନ କରିଥିଲେ। ଭଦ୍ରକରେ ଜିଲ୍ଲାପାଳ ଦିଲୀପ ରାଉତରାୟଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ଆବଶ୍ୟକ ବ୍ୟବସ୍ଥା କରାଯାଇଛି। ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ରାଉତରାୟ, ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ଅତିରିକ୍ତ ସଚିବ (ବାଣିଜ୍ୟ) ଓ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ଅରୁଣ ବିଶ୍ୱାଳ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଭଦ୍ରକ ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ, ବାସୁଦେବପୁର ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ, ବନ୍ତ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ ପ୍ରମୁଖ ଯୋଜନାର ଶୁଭାରମ୍ଭ କରିଥିଲେ। ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ରାଜ୍ୟର ସାଧାରଣ ଲୋକଙ୍କ ଧାର୍ମିକ ଆସ୍ଥାକୁ ସମ୍ମାନ ଦେଇ ତୀର୍ଥଯାତ୍ରାକୁ ଆହୁରି ସୁବିଧାଜନକ କରିବା ସହ ଜନସାଧାରଣଙ୍କ ଭାଗୀଦାରିକୁ ସୁଦୃଢ଼ କରିବା ଦିଗରେ ଏହି ଯୋଜନାକୁ ଗୁରୁତ୍ୱ ଦିଆଯାଇଛି।



# କୀର୍ତ୍ତନ ମଣ୍ଡପରୁ ଚୋରି

ବାରିକପୁର, ୧୩।୨(ସମିସ): ଭଣ୍ଡାରିପୋଖରୀ ଥାନା ସାନମାଳଦା କୀର୍ତ୍ତନ ମଣ୍ଡପରୁ ଚୋରି ହୋଇଥିବା ଜଣାପଡିଛି। ଗାଁ ମୁଣ୍ଡରେ ମଣ୍ଡପ ଥିବା ବେଳେ କେହି ଦୁର୍ବୃତ୍ତ ଶୂନଶାନ ସମୟରେ ଚୋରି କରିଥିବା ସୂଚନା ଦିଆଯାଇଛି। ଭଗବାନ ମୁଣ୍ଡରେ ଥିବା ରୁପା ମୁକୁଟ ଓ ବେକରେ ଥିବା ରୁପା ହାରକୁ ଚୋର ଲୁଟି ନେଇଛି। ଆଖପାଖ ଅଞ୍ଚଳର କେହି ଦୁର୍ବୃତ୍ତ ଏଭଳି ଚୋରି କରିଥିବା ଅନୁମାନ କରାଯାଉଛି। ଏନେଇ ଥାନାରେ ଲିଖିତ ଅଭିଯୋଗ ହୋଇନାହିଁ।

# କଲେଜ ଛାତ୍ରୀଙ୍କୁ ଅପହରଣ ପରେ ଉଦ୍ଧାର; ୨ ଗିରଫ

ତିହିଡି, ୧୩।୨ (ସମିସ): ତିହିଡ଼ି କଲେଜକୁ ଫର୍ମ ପୂରଣ କରିବାକୁ ଆସିଥିବା ଜଣେ ଛାତ୍ରୀଙ୍କୁ କାରରେ ଅପହରଣ କରିନିଆଯାଉଥିବା ବେଳେ ଗ୍ରାମବାସୀ ତାଙ୍କୁ ଉଦ୍ଧାର କରିଛନ୍ତି। କାରକୁ ଭଙ୍ଗାରୁଜା କରିବା ସହ ଦୁଇ ଜଣ ଯୁବକଙ୍କୁ ତିହିଡ଼ି ପୁଲିସକୁ ହସ୍ତାନ୍ତର କରାଯାଇଛି। ସଂପୃକ୍ତା ଛାତ୍ରୀ ଜଣକ କରିଥିବା ଅଭିଯୋଗ ଅନୁଯାୟୀ, ତାଙ୍କୁ ତାଙ୍କ ବାପା ଆଜି କଲେଜରେ ଛାଡ଼ି ଚାଲିଯାଇଥିଲେ। ତେବେ ପରୀକ୍ଷା ଫର୍ମ ପୂରଣ ପାଇଁ ସେ ଜେରକ୍ସ ଦୋକାନକୁ ଯାଇଥିବା ବେଳେ ୪ ଜଣ ଯୁବକ ତାଙ୍କୁ କାରରେ ଟେକି ନେଇ ଦ୍ରୁତ ଗତିରେ ଚାଲିଯାଇଥିଲେ। କାରଟି ଦ୍ରୁତ ଗତିରେ ବାଉଁଶବାଗ ଗ୍ରାମ ଭିତରେ ପଶିଯାଇଥିଲା। ରାସ୍ତାରେ କେତେକ ସ୍ଥାନରେ କାଁଭାଁ ଦୁର୍ଘଟଣା ମଧ୍ୟ ଘଟାଇଥିବା ପୁଲିସ କହିଛି। ତେବେ ଗ୍ରାମବାସୀ କାରଟିକୁ ଅଟକାଇବା ପରେ ୨ ଜଣ ଯୁବକ କୌଶଳକ୍ରମେ ଖସିଯାଇଥିବା ବେଳେ ୨ ଜଣ ଯୁବକ ଗ୍ରାମବାସୀଙ୍କ ହାତରେ ଧରାପଡ଼ିଥିଲେ। କିଛି ଉତ୍ତ୍ୟକ୍ତ ଲୋକେ କାର ଭଙ୍ଗାରୁଜା କରିଦେଇଥିଲେ। ପୁଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିଲା। ଏହି ଘଟଣାରେ ନିରୁ ଓ ଅନ୍ୟ ଜଣେ ଯୁବକ ଥାନାରେ ଅଟକ ଅଛନ୍ତି। ପୁଲିସ ବିଭିନ୍ନ ଦଫାରେ ମାମଲା ରୁଜୁ କରିଛି।

# ଖୁବଶୀଘ୍ର ଜବରଦଖଲ ଗ୍ରାମ୍ୟଜଙ୍ଗଲ ଜମି ହେବ ରେକର୍ଡ଼ଭୁକ୍ତ

'ସକାଳ' ପ୍ରଭାବ

ଅସୁରାଳି, ୧୩।୨ (ସମିସ): 'ସକାଳ'ରେ ଗ୍ରାମ୍ୟ ଜଙ୍ଗଲ ଜବରଦଖଲ ସମ୍ପର୍କିତ ରିପୋର୍ଟ ପ୍ରକାଶ ପାଇବା ପରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଉକ୍ତ ଜମିକୁ ତୁରନ୍ତ ଚିହ୍ନଟ କରି ରେକର୍ଡଭୁକ୍ତ କରିବାକୁ ତହସିଲଦାରଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି। ଗୋଚାରଣ ଭୂମି, ଖେଳ ପଡ଼ିଆ ଓ ଶ୍ମଶାନ ପାଇଁ ଆବଶ୍ୟକ ସୁରକ୍ଷା ଓ ସୁବିଧା ନିଶ୍ଚିତ କରିବାକୁ କୁହାଯାଇଛି। ଗୋବିନ୍ଦପୁର ଗ୍ରାମର ୧୪ ଏକର ଗ୍ରାମ୍ୟ ଜଙ୍ଗଲ ଜମିରୁ ୧୨ ଏକର ଜବରଦଖଲ ହୋଇଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି। ଗ୍ରାମରେ ୨ହଜାର ପାଖାପାଖି ଲୋକ ବସବାସ କରୁଥିବା ସତ୍ତ୍ୱେ ଗୋଚାରଣ ଭୂମିର ଅଭାବରେ ଲୋକେ ଗୋ-ପାଳନରୁ ବିମୁଖ ହେଉଛନ୍ତି। ଜବରଦଖଲକାରୀଙ୍କ ପ୍ରଭାବରେ ପୋଖରୀ ଖୋଳିବା, ବାଡ଼ ଘେରାଇ ନିଜ ଜମିରେ ମିଶାଇଦେବା ପରି କାର୍ଯ୍ୟରେ ଗ୍ରାମ୍ୟ ଜଙ୍ଗଲ ଭୂମି କ୍ରମାଗତ ଭାବେ ହ୍ରାସ ପାଇଛି। ଗ୍ରାମବାସୀ ପ୍ରଶାସନକୁ 'ନିରବଦ୍ରଷ୍ଟା' ଭାବରେ ବର୍ଣ୍ଣନା କରି ଚେତାବନୀ ଦେଇଛନ୍ତି ଯେ ଯଦି ଶୀଘ୍ର କାର୍ଯ୍ୟାନୁଷ୍ଠାନ ନ ହେବ, ସେମାନେ ରାସ୍ତାକୁ ଓହ୍ଲାଇବେ। ମାତ୍ର ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଗ୍ରାମବାସୀଙ୍କ ମଧ୍ୟରେ ଆଶାର ସୃଷ୍ଟି ହୋଇଛି ଯେ ଗ୍ରାମର ହରାଇଥିବା ଜଙ୍ଗଲ ଓ ଗୋଚାରଣ ଭୂମି ପୁନର୍ଜୀବିତ ହେବ।

● କ୍ରିକେଟ ଟୁର୍ଣ୍ଣୋମେଣ୍ଟ

# ବାରୋ ଏମ୍‌ଏନ୍‌ସିଟି ଚାମ୍ପିଅନ




ତିହିଡି,୧୩।୨ (ସମିସ): ତିହିଡ଼ି ବ୍ଲକ ଅଧୀନ ଅଚକ ପଞ୍ଚାୟତ ବାବା ନୃସିଂହ ଯୁବ ପରିଷଦ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଚୂଡ଼ାନ୍ତ ଖେଳରେ ବାରୋର ଏମଏନସିଟି ଟିମ ତାଳପଦାର ମା' ବଡ଼ମ୍ବା କ୍ରିକେଟ ଟିମକୁ ହରାଇ ଚମ୍ପିଅନ ହୋଇଛି। ବାରୋ ଟସ ଜିଣି ପ୍ରଥମେ ବ୍ୟାଟିଂ କରି ୧୬ ଓଭରରେ ୮ ୱିକେଟ ହରାଇ ୩୧୫ ରନ ସଂଗ୍ରହ କରିଥିବା ବେଳେ ତାଳପଦା ଟିମ ସମସ୍ତ ୱିକେଟ ହରାଇ ୧୪.୪ ଓଭରରେ ୨୫୬ ରନ ସଂଗ୍ରହ କରିଥିଲା। ଯୁବ ପରିଷଦର ଅନୁରାଗ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣ ସଭାରେ ସାମ୍ବାଦିକ ରାମନାରାୟଣ ନାୟକ, ଅବସରପ୍ରାପ୍ତ ଶିକ୍ଷକ ଅଶୋକ ସାହୁ, ସରୋଜ କୁମାର ନାୟକ, ସୂର୍ଯ୍ୟନାରାୟଣ ଭୋଇ, ସୁମିତ ପୁହାଣ, ଆତ୍ମଜିତ ନାୟକ, ରଂଜିତ ତରାଇ ଅତିଥିଭାବେ ଯୋଗଦେଇ ଚମ୍ପିଅନ ଓ ରନର୍ସଅପ ଦଳକୁ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ। ସେହିପରି ମ୍ୟାନ ଅଫ ଦି ମ୍ୟାଚ ଆଶିଷ ସାହୁ, ମ୍ୟାନ ଅଫ ଦି ସିରିଜ ମୋହିତ ଖାନକୁ ମଧ୍ୟ ଅତିଥିମାନେ ପୁରସ୍କୃତ କରିଥିଲେ। ସୁମନ ନାୟକ ଓ ବିଶ୍ୱଜିତ ନାୟକ ଅମ୍ପାୟର ଥିବା ବେଳେ ପ୍ରିନ୍ସ ମହାନ୍ତି ସ୍କୋରର ଓ ନାରଣ ସେଠୀ ଧାରାବିବରଣୀ ପ୍ରଦାନ କରିଥିଲେ।

# ବାବା ବୀରେଶ୍ୱର ମହୋତ୍ସବ ଉଦ୍‌ଯାପିତ



ଭଦ୍ରକ,୧୩।୨(ସମିସ): ଭଦ୍ରକ ବ୍ଲକର ନଳାଙ୍ଗ ନିକଟସ୍ଥ ବୀରପଡ଼ାଠାରେ ବାବା ବୀରେଶ୍ୱର ମହୋତ୍ସବ ଉଦଯାପିତ ହୋଇଯାଇଛି। ଶିକ୍ଷକ ଗଗନ ବାରିକଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବରିଷ୍ଠ ସାମ୍ବାଦିକ ରବିନାରାୟଣ ଖିଲାର, ମୁଖ୍ୟବକ୍ତା ଭାବେ ଶିକ୍ଷୟିତ୍ରୀ ମନୋରମା ରାୟ, ବରେଣ୍ୟ ଅତିଥି ଭାବେ କବୟିତ୍ରୀ ସଂଯୁକ୍ତା ବଳ ନାୟକ, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ମୁକୁନ୍ଦ ବେହେରା ଓ ଡାକ୍ତର ଦେବରାଜ ପାତ୍ର ଯୋଗ ଦେଇଥିଲେ। ମହୋତ୍ସବ ମାଧ୍ୟମରେ ଗ୍ରାମ ଗ୍ରାମ ମଧ୍ୟରେ ସମ୍ପର୍କ ବୃଦ୍ଧି ପାଇଥାଏ। ଗ୍ରାମର ପିଲାମାନଙ୍କ ମଧ୍ୟରେ ଲୁଚି ରହିଥିବା ପ୍ରତିଭା ବିକଶିତ ହୋଇଥାଏ ବୋଲି ମତ ପ୍ରକାଶ ପାଇଥିଲା। ଛଅ ଦିନ ବ୍ୟାପୀ ଚାଲୁଥିବା ଏହି ବାବା ବୀରେଶ୍ୱରଙ୍କ ପ୍ରତିଷ୍ଠା ଉତ୍ସବରେ ବୀରେଶ୍ୱର ମହୋତ୍ସବ ଅନୁଷ୍ଠିତ ହେବା ସହିତ ପ୍ରତିଦିନ ସନ୍ଧ୍ୟାରେ ଭଜନ ସନ୍ଧ୍ୟା ଓ କୁନି କୁନି ପିଲାମାନଙ୍କ ମଧ୍ୟରେ ନୃତ୍ୟ ପ୍ରତିଯୋଗିତା କରାଯାଇଥିଲା। କମିଟିର ସଭାପତି ନିତ୍ୟାନନ୍ଦ ଜେନା ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ଚନ୍ଦ୍ରକାନ୍ତ ବାରିକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସଭ୍ୟା ନିରୁପମା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ପିଲାମାନଙ୍କ ଦ୍ୱାରା ନୃତ୍ୟ ଓ ସଂଗୀତ ପରିବେଷଣ କରାଯାଇ ପୁରସ୍କୃତ କରାଯାଇଥିଲା। ଏହି ମହୋତ୍ସବ ୬ ଦିନ ଧରି ଚାଲୁଥିଲା।

# ତିଶଳପୁର ବିଦ୍ୟାଳୟର ବାର୍ଷିକ ଉତ୍ସବ



ଭଦ୍ରକ, ୧୩।୨(ସମିସ): ଭଦ୍ରକ ବ୍ଲକ ଅନ୍ତର୍ଗତ ରାହାଞ୍ଜ ପଞ୍ଚାୟତର ତିଶଳପୁର ବିଦ୍ୟାଳୟର ୬୨ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଝୁରନବାଳା ଖୁଣ୍ଟିଆଙ୍କ ସଭାପତିତ୍ୱରେ ଏହି ଉତ୍ସବରେ ମୁଖ୍ୟଅତିଥି ରୂପେ ଭଦ୍ରକର ଡେପୁଟି କଲେକ୍ଟର ଦେବବ୍ରତ ମହାପାତ୍ର, ମୁଖ୍ୟବକ୍ତା ବିଏନଏ କଲେଜ ଓଡ଼ିଆ ବିଭାଗର ମୁଖ୍ୟ ଅଧ୍ୟାପକ ଡ଼ଃ ବିଶ୍ୱରଞ୍ଜନ ଦାଶ, ସମ୍ମାନିତ ଅତିଥି ଶିକ୍ଷାବିତ୍ ଭାଗୀରଥି ନାୟକ, ପାଳିଆ କଲେଜ ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଅଧ୍ୟାପକ ସରୋଜ ମହାପାତ୍ର, ଆଦାନୀ ଫାଉଣ୍ଡେସନର ପ୍ରୋଜେକ୍ଟ ମ୍ୟାନେଜର ଭରତଚନ୍ଦ୍ର ରାଉତ, ବରିଷ୍ଠ ସାମ୍ବାଦିକ ନରେନ୍ଦ୍ର ପ୍ରସାଦ ସାମଲ, ରାହାଞ୍ଜ ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରହ୍ଲାଦ ପଣ୍ଡା, ରମ୍ଭିଲା ସରପଞ୍ଚ ଗଣେଶଚନ୍ଦ୍ର ପଣ୍ଡା, ତିଶଳପୁର ସିଆରସିସି ଜୟନ୍ତ କୁମାର ଜେନା, ବିଦ୍ୟାଳୟ ପରିଚାଳନା କମିଟିର ସଭାଧ୍ୟକ୍ଷ ଗୌରୀବଲ୍ଲଭ ପାଢ଼ୀ ଯୋଗ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ପୂର୍ବତନ ଉପଦେଷ୍ଟା ତଥା ଆଲୁମନି କମିଟିର ସଭାଧ୍ୟକ୍ଷ ସ୍ୱର୍ଗତ ମୋହନ ପରିଡ଼ାଙ୍କ ପ୍ରତିମୂର୍ତ୍ତିକୁ ମୁଖ୍ୟଅତିଥି ଅନାବରଣ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ବିଦ୍ୟାଳର 'ପ୍ରାଚୀର ପତ୍ର' ଓ 'ଚିତ୍ରକଳାପ୍ରାଚୀର ପତ୍ର' "ତିଶଳୟା -୨୦୨୬'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପୂର୍ବତନ ସିଆରସିସି ଚନ୍ଦ୍ରକାନ୍ତ ଶୁକ୍ଳ ଅତିଥି ପରିଚୟ ଦେଇଥିଲେ। ମଞ୍ଚରେ ରାହାଞ୍ଜ ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରହ୍ଲାଦ ପଣ୍ଡା ତଥା ଚରମ୍ପା ଅଞ୍ଚଳର ଯୁବ କଣ୍ଠଶିଳ୍ପୀ କୁମାରୀ ଇଷ୍ଟପ୍ରିୟା ଧିନ୍ଦାଙ୍କୁ "ତିଶଳୟା ସମ୍ମାନ' ପ୍ରଦାନ କରାଯାଇଛି। କ୍ରୀଡ଼ା ଉତ୍ସବରେ କୃତୀ ଶିଶୁ ପ୍ରତିଭାଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପ୍ରଧାନଶିକ୍ଷୟିତ୍ରୀ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର କୁନିକୁନି ପିଲାମାନେ ନୃତ୍ୟ ପରିବେଷଣ କରିଥିଲେ। ପୂର୍ବତନ ସିଆରସିସି ପ୍ରଶାନ୍ତ ବାରିକ, ସୁରେନ୍ଦ୍ର ପଲ୍ଲାଇ, ମୀରାଲକ୍ଷ୍ମୀ ମହାନ୍ତି, ନିରୁପମା ପଣ୍ଡା, ମନୋଜ ଦାସ, ଦୀପକ ନାଏକ, ବଟକୃଷ୍ଣ ମହାପାତ୍ର, ସରୋଜ ବେହେରା ପରିଚାଳନା କରିଥିଲେ। ବିଜ୍ଞାନ ଶିକ୍ଷକ ବିଜୟ ଶୁକ୍ଳ ଧନ୍ୟବାଦ ଅର୍ପଣ କରିଥିଲେ।

# ଶିବରାତ୍ରୀ ପୂର୍ବରୁ ପୂର୍ତ୍ତ ବିଭାଗ ନିଦାବିଷ୍ଟ

## ରାସ୍ତାରେ ପଡ଼ିଲାନି ଝୁଡ଼ିଏ ଡଷ୍ଟ

ଅସୁରାଳି, ୧୩।୨(ସମିସ): ରାତି ପାହିଲେ ମହା ଶିବରାତ୍ରୀ। ଭଦ୍ରକ ଜିଲାର ପ୍ରସିଦ୍ଧ ଶୈବପୀଠ ଆରଡିରେ ହେବ ଲକ୍ଷାଧିକ ଭକ୍ତଙ୍କ ଭିଡ଼। ଶାନ୍ତିଶୃଙ୍ଖଳା ରକ୍ଷା ତଥା ଏହି ପର୍ବକୁ ସୁଚାରୁ ରୂପେ ସମ୍ପାଦନ କରିବା ଲାଗି ଜିଲ୍ଲା ପ୍ରଶାସନ ପକ୍ଷରୁ ୨ ଥର ପ୍ରସ୍ତୁତି ବୈଠକ ମଧ୍ୟ ହୋଇସାରିଛି। ବୈଠକରେ ଆଖଣ୍ଡଳମଣି-ଭଦ୍ରକ ରାସ୍ତାର ପୂର୍ବରୁ ରାସ୍ତାରେ ପିଚୁ ପକାଇ ଏହି କାମ ସାରିବାକୁ ପୂର୍ତ୍ତ ବିଭାଗ ଏସଇ ଦେବୀପ୍ରସନ୍ନ ଘୋଷଙ୍କୁ ଆଦେଶ ଦେଇଥିଲେ। ମାତ୍ର ଏସଇ ଏହାକୁ ଭୃକ୍ଷେପ ନକରି ଏହି ରାସ୍ତାରେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇ ନାହାଁନ୍ତି ? ସେନେଇ ପ୍ରଶ୍ନ ଉଠିଛି। ଶିବରାତ୍ରୀ ଦିନ ଦୁର୍ଘଟଣା ଘଟି ଭକ୍ତମାନେ ଖଣ୍ଡିଆ ଖାବରା ହେଲେ ଏଥିପାଇଁ କିଏ ଦାୟୀ ରହିବେ ? ଏନେଇ ସୁନ୍ଦରପୁର ଗ୍ରାମର ସମାଜସେବୀ ଉମାକାନ୍ତ ସାହୁ ପୂର୍ତ୍ତ ବିଭାଗ ଓ ଠିକାଦାର କାମ ନକରି ମଧୁଚନ୍ଦ୍ରିକା କରି ଅର୍ଥ ଆତ୍ମସାତ କରିଥିବା କହିଛନ୍ତି। ପ୍ରତିବାଦରେ



ଦୁରବସ୍ଥା ନେଇ ଆଲୋଚନା ହେବା ସହ ତେଲି ପାଟଣାଠାରୁ ମଠଡିହ ପର୍ଯ୍ୟନ୍ତ ରାସ୍ତାକାମ ସାରିବାକୁ ସ୍ଥିର ହୋଇଥିଲା। ଏହି ମାସ ୯ ତାରିଖରେ ଧାମନଗର ବ୍ଲକର ହସନାବାଦରେ ଅନୁଷ୍ଠିତ ଜିଲ୍ଲା ଜନଶୁଣାଣିରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଜିଲ୍ଲାପାଳ ଦିଲୀପ ରାଉତରାଏ ଶିବରାତ୍ରୀ ଝୁଡିଏ ଡଷ୍ଟ ମଧ୍ୟ ପକାଇ ନାହାନ୍ତି। ଯାହାକୁ ନେଇ ଓଳଗ, ଦୋହରାପାଟଣା, ସୁନ୍ଦରପୁର, ସାହୁସାହି ଆଦି ଗ୍ରାମର ଜନସାଧାରଣ ଅସନ୍ତୋଷ ବ୍ୟକ୍ତ କରିବା ସହ ବିଭିନ୍ନ ପ୍ରଶ୍ନ କରିଛନ୍ତି। ପୂର୍ତ୍ତ ବିଭାଗ ଅଧିକାରୀ ମନ୍ତ୍ରୀ ଓ ଜିଲ୍ଲାପାଳଙ୍କ ଆଦେଶକୁ ଅବମାନନା କରିଥିଲେ ବି ଜିଲ୍ଲା ପ୍ରସାସନ କାହିଁକି ଆନ୍ଦୋଳନ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ପୂର୍ତ୍ତ ବିଭାଗର ଜେ.ଇ. ନବଘନ ମାରାଣ୍ଡି କହିଛନ୍ତି, ଶନିବାର ରାସ୍ତାରେ ଡଷ୍ଟ ଓ ଚିପ୍ସ ପକାଇ ଖାଲଖମା ପୋତିବା ସହ ପାଣିଡାଳି ରୋଲିଂ ଦ୍ୱାରା ଅସ୍ଥାୟୀ ଭାବେ ମରାମତି କରାଯିବ। ୧୫ ଦିନ ମଧ୍ୟରେ ପିଚୁକାମ ଆରମ୍ଭ କରାଯିବ।

# ଲକ୍ଷାଧିକ ଟଙ୍କାର ସାଇବର ଠକେଇ

ଦୋବଲ,୧୩।୨(ସମିସ): ଧାମନଗର ଥାନା ଅନ୍ତର୍ଗତ ଖଡ଼ିପଦା ପଞ୍ଚାୟତ ଛତିଶ ବେଦପୁର ଗ୍ରାମର ଅଶୋକ କୁମାର ପତି ସାଇବର ଠକେଇର ଶିକାର ହୋଇଛନ୍ତି। ଠକେଇରେ ତାଙ୍କ ଆକାଉଣ୍ଟରୁ ମୋଟ ୧ ଲକ୍ଷ ୯୫ ହଜାର ଟଙ୍କା କଟିଯାଇଥିବା ଅଭିଯୋଗ ହୋଇଛି। ଏନେଇ ଅଶୋକ ଓ ତାଙ୍କ ପତ୍ନୀ ଧାମନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଗତକାଲି ରାତିରେ ଅଶୋକଙ୍କ ନିକଟକୁ ଏକ ଅଜଣା ଫୋନ କଲ୍ ଆସିଥିଲା। କଲ୍ କରୁଥିବା ବ୍ୟକ୍ତି ନିଜକୁ ବ୍ୟାଙ୍କ କର୍ମଚାରୀ ବୋଲି ପରିଚୟ ଦେଇ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ଏସବିଆଇ ୟୋନୋ ଆପ୍ ଡାଉନଲୋଡ କରିବାକୁ କହିଥିଲେ। ସନ୍ଦେହବଶତଃ ଅଶୋକ ଏହାକୁ ମାନା କରିଦେଇଥିଲେ। ପରେ ୱାଟସଆପ୍ ମାଧ୍ୟମରେ ଏକ ଲିଙ୍କ୍ ପଠାଯାଇଥିଲା। ଲିଙ୍କ୍ ଖୋଲିବା ସହିତ ତାଙ୍କ ମୋବାଇଲ୍ ହେଙ୍ଗ ହୋଇଯାଇଥିଲା। ଏହାପରେ ତାଙ୍କ ବନ୍ଧନ ବ୍ୟାଙ୍କ୍ ଆକାଉଣ୍ଟରୁ ପ୍ରଥମେ ୯୦ ହଜାର ଟଙ୍କା ଏବଂ ପରେ ୫ ହଜାର ଟଙ୍କା କଟିଯାଇଥିବା ଜଣାପଡ଼ିଥିଲା। ଏହି ମୋବାଇଲ୍ ନମ୍ବର ତାଙ୍କ ପତ୍ନୀ ମଧୁସ୍ମିତା ପତିଙ୍କ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ଆକାଉଣ୍ଟ ସହ ଯୋଡ଼ା ଥିବାରୁ, ତାଙ୍କ ଆକାଉଣ୍ଟରୁ ମଧ୍ୟ ୧ ଲକ୍ଷ ଟଙ୍କା କଟାଯାଇଥିବା ମେସେଜ୍ ମାଧ୍ୟମରେ ଜଣାପଡ଼ିଥିଲା। ଅଶୋକଙ୍କ ଘର ଖଡିପଦା ହୋଇଥିଲା ବେଳେ ସେ ବର୍ତ୍ତମାନ ଯାଜପୁରରେ ବସବାସ କରୁଛନ୍ତି। ଘଟଣା ସମ୍ବନ୍ଧରେ ଆଜି ଧାମନଗର ଥାନାରେ ପହଞ୍ଚି ଦମ୍ପତି ଲିଖିତ ଅଭିଯୋଗ କରିଥିଲେ। ଭଦ୍ରକରେ ନୂତନ ସାଇବର ଥାନା ଆରମ୍ଭ ହୋଇଥିବାରୁ ପୁଲିସ୍ ପକ୍ଷରୁ ତାଙ୍କୁ ଭଦ୍ରକ ସାଇବର ଥାନାକୁ ପଠାଯାଇଥିବା ସୂଚନା ମିଳିଛି। ଘଟଣାରେ ପୁଲିସ୍ ତଦନ୍ତ ଜାରି ରଖିଛି।

# ସିଲିଣ୍ଡର ଚୋରି ଘଟଣାରେ ୨ ଗିରଫ

ଦୋଳସାହି,୧୩।୨(ସମିସ): ତିହିଡି ଥାନା ଅନ୍ତର୍ଗତ ପାଳିଆବିନ୍ଧା ପଞ୍ଚାୟତସ୍ଥିତ ଗ୍ୟାସ ଗୋଦାମ ନିକଟରୁ ଗ୍ୟାସ ସିଲିଣ୍ଡର ଚୋରି ହେବା ଘଟଣାରେ ତିହିଡି ପୁଲିସ ପକ୍ଷରୁ ଅଭିଯୁକ୍ତଦ୍ୱୟଙ୍କୁ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଗ୍ୟାସ କମ୍ପାନୀର ହୋଲସେଲର ଚକ୍ରଧର ରାଉତଙ୍କ ଗ୍ୟାସ ଗୋଦାମ ନିକଟରେ ଏକ ଗ୍ୟାସ ବୋଝେଇ ଟ୍ରକରେ ଗତ ୧୧ ତାରିଖ ୧୮ଟି ଗ୍ୟାସ ସିଲିଣ୍ଡର ଚୋରି ହୋଇଥିବା ନେଇ ତିହିଡି ଥାନାରେ ଅଭିଯୋଗ ହେଲା ପରେ ଥାନାଧିକାରୀ ସତ୍ୟବ୍ରତ ଗ୍ରହାଶ୍ମାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ସବ୍‌ଇନ୍ସପେକ୍ଟର ରୋଜେନ ମୁର୍ମୁ, ସୌମ୍ୟରଞ୍ଜନ ମଲ୍ଲିକ, ଏଏସଆଇ ଲକ୍ଷ୍ମଣ ମାରାଣ୍ଡି ଓ ଅନ୍ୟ ସହଯୋଗୀଙ୍କ ଦ୍ୱାରା ଗୁରୁବାର ବିଳମ୍ବିତ ରାତ୍ରିରେ ସାବରଙ୍ଗ ଥାନା ଅଧୀନ ରସଲପୁର ଗ୍ରାମର ସୁମିକୁମାର ଘଡେଇ (୨୮) ଓ ସନ୍ତୋଷ ପୁହାଣ (୨୪)ଙ୍କୁ ଗିରଫ କରିଥିଲେ। ଶୁକ୍ରବାର ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଧାମନଗର ବିଜୁ ଜନତା ଦଳର ବନ୍ଧୁ ମିଳନ



ଅସୁରାଳି, ୧୩।୨(ସମିସ): ଧାମନଗର ବ୍ଲକ ଭଇଁସାହି ପଞ୍ଚାୟତ ପଡିଆରେ ବିଜୁ ଜନତା ଦଳ ପକ୍ଷରୁ ବନ୍ଧୁ ମିଳନ ଓ କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ସାମ୍ପ୍ରତିକ ସ୍ଥିତିରେ ସାଙ୍ଗଠନିକ ମନୋବଳ ଓ ଦଳ ପ୍ରତି ଆନୁଗତ୍ୟ ଦୃଢ଼ କରିବା ପାଇଁ ସାଥୀକର୍ମୀ ଓ ସଙ୍ଗଠକଙ୍କୁ ପରାମର୍ଶ ଦିଆଯାଇଛି। ବ୍ଲକ୍ ସଭାପତି ପ୍ରତାପ ସାମଲଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମରେ ଧୁଷୁରୀ ଜୋନ୍ ଜିଲ୍ଲାପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ, ଡାକ୍ତର ସଞ୍ଜୟ ଦାସ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଅଶୋକ ନାୟକ, ସ୍ଥାନୀୟ ସରପଞ୍ଚ ସୀତାକାନ୍ତ ମିଶ୍ର, ଭାରତ ବିଜୟ ଦଳେଇ, ସନ୍ଦୀପ ସ୍ୱାଇଁ, ପଣ୍ଡିତ ପଞ୍ଚାନନ ମିଶ୍ର, ପଣ୍ଡିତ ଦୟାନିଧି ମିଶ୍ର, ଉମେଶ ମହାନ୍ତି ପ୍ରମୁଖ ଆଲୋଚନା କରିଥିଲେ।

# ବ୍ଲକ୍‌ସ୍ତରୀୟ ଉଦ୍ୟାନ କୃଷି କାର୍ମଶାଳା



ଦୋବଲ,୧୩।୨(ସମିସ): ଧାମନଗର ବ୍ଲକ ପଧାନୀ ପଞ୍ଚାୟତ କାର୍ଯ୍ୟାଳୟରେ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଏକଦିବସୀୟ ଦକ୍ଷତା ବିକାଶ ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ଖରିଫ ଚାଷ ସମେତ ବିଭିନ୍ନ ପନିପରିବା ଚାଷ ପ୍ରଣାଳୀ, ଉତ୍ପାଦନ ବୃଦ୍ଧି ଓ ଆଧୁନିକ ପଦ୍ଧତି ବିଷୟରେ ଚାଷୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ମୁଖ୍ୟଅତିଥି ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଧାମନଗର ବ୍ଲକ ପ୍ରତିନିଧି ତଥା ସ୍ଥାନୀୟ ସରପଞ୍ଚ ଅଶୋକ ପୁହାଣ, ସାଂସଦଙ୍କ ପ୍ରତିନିଧି ମନୋରଞ୍ଜନ ମଲ୍ଲିକ ଓ ଜିଲ୍ଲାପରିଷଦ ଉପାଧ୍ୟକ୍ଷ ଟୁନି ବାଳା ବିଶ୍ୱାଳ ଯୋଗ ଦେଇଥିବା ବେଳେ ଧାମନଗର ବ୍ଲକ ଗୋଷ୍ଠୀ କୃଷି ଅଧିକାରିଣୀ ଅନୁରାଧା ପଣ୍ଡା ସରକାରଙ୍କ ବିଭିନ୍ନ କୃଷି ଯୋଜନା ବିଷୟରେ ଚାଷୀମାନଙ୍କୁ ସୂଚନା ଦେଇଥିଲେ। ସହକାରୀ ଉଦ୍ୟାନ କୃଷି ଅଧିକାରୀ ମହେନ୍ଦ୍ର ଭୂୟାଁ ଉଦ୍ୟାନ କୃଷି ସ୍କିମ୍ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଦିଲ୍ଲୀପ ସାହୁ, ମନୋଜ ନନ୍ଦୀ ଓ ଅଭିନାଶ ଜେନା ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଚାଷୀ ଯୋଗଦାନ କରିଥିଲେ।

# ଇନ୍ଦ୍ରାଣୀ ବାନାର୍ଜୀ କବିଙ୍କୁ ଶ୍ରଦ୍ଧାଞ୍ଜଳି

ଭଦ୍ରକ, ୧୩।୨(ସମିସ)



ସ୍ୱର୍ଗତ ଇନ୍ଦ୍ରାଣୀ ବାନାର୍ଜୀ କବିଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ତାଙ୍କର ଅମ୍ଳାନ ସ୍ମୃତି ଉଦ୍ଦେଶ୍ୟରେ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ତାଙ୍କ ସ୍ୱାମୀ କାତାର ଓଡ଼ିଆ ସଂଘ 'ଉତ୍କଳିକା'ର ସଭାପତି ଡଃ. ବସନ୍ତ କୁମାର କବିଙ୍କର ଭଦ୍ରକ ଜିଲ୍ଲାସ୍ଥିତ ରାହାଞ୍ଜ ବାସଭବନ ଠାରେ ଆୟୋଜିତ ଏକ ସମାରୋହରେ ତାଙ୍କର ଶତାଧିକ ପରିବାର ବର୍ଗ, ବନ୍ଧୁବାନ୍ଧବ, ସମ୍ପର୍କୀୟ ଓ ଶୁଭେଚ୍ଛୁ ସମାଗମ ହୋଇଥିଲେ। ସ୍ୱର୍ଗତଃ ଇନ୍ଦ୍ରାଣୀଙ୍କର ନିଷ୍ଠା, ସାଧନା,ସତ୍ୟ,ନ୍ୟାୟ ଓ ଧର୍ମପରାୟଣା ପରି ମାନବୀୟ ଗୁଣାବଳୀ ଅନନ୍ୟ ଓ ଅତୁଳନୀୟ ଥିଲା। ତାଙ୍କର ସ୍ୱାମୀଙ୍କ ଦ୍ୱାରା ଲିଖିତ ଇଂରାଜୀ ଉପନ୍ୟାସ 'ରେଲ ଟୁ ରେମିନିସେନ୍ସ ଆନ ଏଟରନାଲ ଭଏଜ ଉଇଥ ଇନ୍ଦ୍ରାଣୀ', ନଣନ୍ଦ ସୁନାମଧନ୍ୟ କବୟିତ୍ରୀ ସାବିତ୍ରୀ କବିଙ୍କ ରଚିତ ଓଡ଼ିଆ ପୁସ୍ତକ 'ଲୁହର ସମୁଦ୍ରରେ ଇନ୍ଦ୍ରାଣୀ ଓ ସ୍ମୃତି ସମ୍ବଳିତ ଇଂରାଜୀ ସ୍ମରଣିକା "ଇନ୍ଦ୍ରାଣୀ: ଦ ରାଡିଆଂଟ ଷ୍ଟାର ଇନ୍ ଦ ସ୍କାଏ" ଆଦିକୁ ଆମନ୍ତ୍ରିତ ଅତିଥିମାନେ ଉନ୍ମୋଚନ କରିଥିଲେ। ବିଖ୍ୟାତ ସାରସ୍ୱତ ସାଧକ ପବିତ୍ର ପାଣିଗ୍ରାହୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଉଦ୍ଘାଟକ ଭାବରେ ପ୍ରଖ୍ୟାତ ସାହିତ୍ୟିକ ଦାଶ ବେନହୁର, ସମ୍ମାନିତ ଅତିଥି ଭାବେ ଅନ୍ତର୍ଜାତୀୟ ଶୋଭନୀୟ ଆନ୍ଦୋଳନର ନିର୍ଦ୍ଦେଶିକା ଡ. ଅରୁନ୍ଧତୀ ଦେବୀ, ଭଦ୍ରକ ପୌରପାଳିକାର ଅଧ୍ୟକ୍ଷା ଗୁଲ୍‌ମକୀ ଦଲାୱଜୀ ହବିବ, ପ୍ରସିଦ୍ଧ ପ୍ରବଚକ ସଂଗ୍ରାମ ଆଚାର୍ଯ୍ୟ, ପ୍ରତିଷ୍ଠିତ ସାହିତ୍ୟିକ ଅରୁଣୋଦୟ ଖିଲାର, ପ୍ରତିରକ୍ଷାବିତ କର୍ଣ୍ଣେଲ ଶେଖର ସ୍ୱାଇଁ ଏବଂ ସୁପ୍ରସିଦ୍ଧ ଗାଳ୍ପିକ ରଜନୀକାନ୍ତ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଅଶୋକ କବି ସଂଯୋଜନା ଓ ସଂଚାଳନ କରିଥିଲେ। ସନ୍ଧ୍ୟାବେଳେ ଉଦୀୟମାନ ଭଜନ ଗାୟକ ଜଗବନ୍ଧୁ ମୁଦୁଲି ଓ ସାଥୀ ସୁମଧୁର ଭଜନ ମାନ ପରିବେଷଣ କରି ଶ୍ରୋତାମାନଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ। ସ୍ୱର୍ଗତଃ ଇନ୍ଦ୍ରାଣୀଙ୍କର ରୁଚିକୁ ଆଧାର କରି ବିଭିନ୍ନ କିସମର ସ୍ୱାଦିଷ୍ଟ ବ୍ୟଞ୍ଜନ ଉଭୟ ମଧ୍ୟାହ୍ନ ଓ ରାତ୍ର ଭୋଜନରେ ପରଷା ଯାଇଥିଲା। ଇନ୍ଦ୍ରାଣୀଙ୍କର ପିତା ଆଶୀଷତରୁ ବାନାର୍ଜୀ ଓ ମାତା ସୁମିତା ବାନାର୍ଜୀ ତଥା ସମଗ୍ର କବି ପରିବାର ବର୍ଗ ଆୟୋଜନରେ ମୁଖ୍ୟ ଭୂମିକା ନିର୍ବାହ କରିବା ସହିତ ଆଗନ୍ତୁକଙ୍କ ନିକଟରେ କୃତଜ୍ଞତା ଅର୍ପଣ କରିଥିଲେ।

# ନିଆଁ ଦାଉରୁ ଜଙ୍ଗଲ ସୁରକ୍ଷା ପାଇଁ ବନ ବିଭାଗର ପ୍ରସ୍ତୁତି

ବଲାଙ୍ଗିର,୧୩।୨(ସମିସ)



ବଲାଙ୍ଗିର ଜିଲ୍ଲାରେ ଜଙ୍ଗଲ ନିଆଁକୁ ନିୟନ୍ତ୍ରଣ କରିବା ପାଇଁ ବଲାଙ୍ଗିର ବନ ବିଭାଗ ପ୍ରସ୍ତୁତି ଆରମ୍ଭ କରିଛି। ଏଥିପାଇଁ ସମସ୍ତ ରେଞ୍ଜରେ ସ୍ୱତନ୍ତ୍ର ସ୍କ୍ୱାଡ୍ ନିୟୋଜିତ କରିବା ସହ ସେମାନଙ୍କୁ ତାଲିମ ଓ ବିଭିନ୍ନ ପ୍ରକାର ସାମଗ୍ରୀ ପ୍ରଦାନ କରାଯାଇଛି। ସେହିପରି ନିଆଁ ଦାଉରୁ ଜଙ୍ଗଲ ସୁରକ୍ଷା ପାଇଁ ସଚେତନତା ସୃଷ୍ଟି କରିବା ଦିଗରେ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି। ଡିଏଫଓ ଅଜିତ ବିଶି ଶୁକ୍ରବାର ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି।

ବିଶେଷ କରି ଜାନୁୟାରୀରୁ ଜୁନ ପର୍ଯ୍ୟନ୍ତ ନିଆଁ ଦାଉରୁ ଜଙ୍ଗଲକୁ ସୁରକ୍ଷିତ ରଖିବା ବନ ବିଭାଗ ପାଇଁ ଏକ ବଡ ଚ୍ୟାଲେଞ୍ଜ ହୋଇଥାଏ। ପ୍ରତିବର୍ଷ ବଲାଙ୍ଗିର ଜିଲ୍ଲାର ହେକ୍ଟର ହେକ୍ଟର ଜଙ୍ଗଲ ଏହି ନିଆଁରେ ନଷ୍ଟ ହେଉଛି। ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ପ୍ରାୟ ୧୦ଟି ପଏଣ୍ଟରେ ନିଆଁ ଲାଗି ସାରିଛି। ତେବେ ଜିଲ୍ଲାରେ ବିଶେଷ କରି କେନ୍ଦୁପତ୍ର ତୋଳିବା, ମହୁଲ ଗୋଟାଇବା, ଚାଷ ଜମିକୁ ସଫା କରିବା ପାଇଁ ଏହି ନିଆଁ ଲଗାଇଦିଆଯାଉଛି। ତାହା ଜଙ୍ଗଲରେ ବ୍ୟାପୁଥିବା ଡିଏଫଓ ଅଜିତ ବିଶି କହିଛନ୍ତି। ତେବେ ଚଳିତ ବର୍ଷ ନିଆଁରୁ ଜଙ୍ଗଲକୁ ସୁରକ୍ଷା ଦେବା ପାଇଁ ୧୧ଟି ରେଞ୍ଜରେ ୧୧ଟି ଦଶ ଜଣିଆ ସ୍କ୍ୱାଡ୍ ବ୍ୟବସ୍ଥା କରାଯାଇଛି। ତାଙ୍କୁ ତାଲିମ ପ୍ରଦାନ ସହ ଆବଶ୍ୟକ ସାମଗ୍ରୀ ମଧ୍ୟ ପ୍ରଦାନ କରାଯାଇଛି। ସେହିପରି ଜଙ୍ଗଲ ସୁରକ୍ଷା ଅଭିଯାନରେ ପଞ୍ଚାୟତ ପ୍ରତିନିଧି, ସମାଜସେବୀ, ସ୍ୱୟଂ ସହାୟକ ଗୋଷ୍ଠୀ, ଜଙ୍ଗଲ କମିଟିକୁ ମଧ୍ୟ ସାମିଲ କରାଯାଇଛି। ଜିଲ୍ଲାରେ ୬୫୮ କିମି ଫାୟାର ଲାଇନ ତିଆରି କାମ ଚାଲିଛି। ପ୍ରାୟ ୮୦ରୁ ୯୦ ପ୍ରତିଶତ କାମ ସରିଛି। ସେହିପରି ଜଙ୍ଗଲ ସହ ବନ୍ୟପ୍ରାଣୀକୁ ଏହି ନିଆଁ ଝାସରୁ ସୁରକ୍ଷା ଦେବା ଉପରେ ମଧ୍ୟ ବନ ବିଭାଗ ଗୁରୁତ୍ୱ ଦେଉଥିବା ଶ୍ରୀ ବିଶି କହିଛନ୍ତି। ଲୋକଙ୍କୁ ସଚେତନ କରିବା ପାଇଁ ସାଂସ୍କୃତିକ ଦଳକୁ ସାମିଲ କରାଯାଇଛି। କେନ୍ଦୁପତ୍ର ବିଭାଗ ସହ ମଧ୍ୟ ମିଶି ଲୋକଙ୍କୁ ନିଆଁ ନ ଲଗାଇବା ପାଇଁ ସଚେତନ କରାଯାଉଛି। ଚଳିତ ବର୍ଷ ଫରେଷ୍ଟ ଫାୟାର ଫ୍ରି ପଞ୍ଚାୟତକୁ ବନ ବିଭାଗ ପକ୍ଷରୁ ପ୍ରୋତ୍ସାହିତ କରିବା ପାଇଁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରିବାର ମଧ୍ୟ ବ୍ୟବସ୍ଥା କରାଯାଇଥିବା ଡିଏଫଓ ସୂଚନା ଦେଇଛନ୍ତି। ନିଆଁରୁ ଜଙ୍ଗଲକୁ ସୁରକ୍ଷା ପ୍ରଦାନ କରିବା ପାଇଁ ସମସ୍ତଙ୍କ ସହଯୋଗର ଆବଶ୍ୟକତା ରହିଥିବା ଡିଏଫଓ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଏସିଏଫ ମାନସ ରଞ୍ଜନ ବେହେରା, ମୁରାରୀ ପଣ୍ଡା ଓ ସଦର ରେଞ୍ଜର ନବୀନ ପଣ୍ଡା ଉପସ୍ଥିତ ଥିଲେ।

## ଟିଟିଲାଗଡ଼ରୁ ହରିଶଙ୍କରକୁ ଚାଲିଲା ବସ୍



ସଇଁତଲା,୧୩।୨(ସମିସ): ଟିଟିଲାଗଡ଼ରୁ ସଇଁତଲା, ଟିକ୍ରାପଡ଼ା, ପାଟଣାଗଡ଼ ଦେଇ ହରିଶଙ୍କର ଶିବ ମନ୍ଦିରକୁ ଏକ ସରକାରୀ ବସ୍ ଚଳାଚଳ କରିବା ଆରମ୍ଭ ହୋଇଛି। ଏହି ବସଟିକୁ ପୂଜାପାଠ କରିବା ସହ ଟିଟିଲାଗଡ଼ ବିଧାୟକ ନବୀନ ଜୈନ ନିଜେ ଚଳାଇ ଏହାର ଶୁଭାରମ୍ଭ କରିଛନ୍ତି। ସଇଁତଲା ବ୍ଲକ ଉପାଧ୍ୟକ୍ଷ ଗୁଣସାଗର ମାଝୀ, ବିଡିଓ ପୁରୁଷୋତ୍ତମ ମିର୍ଦ୍ଧା, ବିଧାୟକଙ୍କ ପ୍ରତିନିଧି ବିମଳ ଶର୍ମା, ସମିତି ସଭ୍ୟ ଉମାକାନ୍ତ ରଣା, ବିଜେପି ନେତା ସର୍ବେଶ୍ୱର ପାତ୍ର, କପିଳ ଅଗ୍ରୱାଲ, ତ୍ରିଲକ୍ଷ୍ୟ ସାହୁ, ଟିପେଶ୍ୱର ସାହୁ, ବିଜୟ ସେଲମା,ସୁରେନ୍ଦ୍ର ପ୍ରଧାନ, ଉମେଶ ଭୋଇ ପ୍ରମୁଖ ସ୍ୱାଗତ କରିଥିଲେ। ଏହି ବସଟି ଟିଟିଲାଗଡ଼, ବାଙ୍ଗିପଦାର, ବିଜେପୁର, ବେଲଗାଁ, ସଇଁତଲା, କୁମ୍ଭାରୀ, ପଟାମରା, ଟିକ୍ରାପଡ଼ା, ଧୁମଭଟା, ଯୁବା, ପାଟଣାଗଡ,ଯୋଗିମୁଣ୍ଡା, ଗମ୍ଭାରୀ, ଖପ୍ରାଖୋଲ ଦେଇ ହରିଶଙ୍କରକୁ ଚଳାଚଳ କରିବ।

## ବେଲପଡ଼ା କଲେଜ ପଦାର୍ଥ ବିଜ୍ଞାନ ବିଭାଗରେ ଆଲୋଚନା ଚକ୍ର



ବେଲପଡା,୧୩।୨(ସମିସ): ବେଲପଡା କଲେଜ ପଦାର୍ଥ ବିଜ୍ଞାନ ସମ୍ମାନ ବିଭାଗରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ମେହେର ଏଥିରେ ସଭାପତିତ୍ୱ କରିଥିଲେ। ଏହି ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବେ ଡକ୍ଟର ଧନଞ୍ଜୟ ଠାକୁର ଯୋଗ ଦେଇଥିଲେ। ବିଭାଗ ମୁଖ୍ୟ ଅଧ୍ୟାପକ ରାଧେଶ୍ୟାମ ମେହେର ଅତିଥି ପରିଚୟ ପ୍ରଦାନ ପୂର୍ବକ ସ୍ୱାଗତ ଭାଷଣ ଦେଇ ଛାତ୍ରଛାତ୍ରୀଙ୍କୁ ପଦାର୍ଥ ବିଜ୍ଞାନର ଉପାଦେୟତା ଉପରେ ନିଜ ମତ ରଖିଥିଲେ। ଅଧ୍ୟାପକ ମନୋଜ ମହାଖୁଡ଼, ଅଭିଷେକ ସିଂହ, ଅସୀମ ପୁଟେଲ, ମନୋଜ ଠାକୁର ପ୍ରମୁଖ ଉପସ୍ଥିତ ଥିଲେ।

## ଲୋକଙ୍କ ପାଇଁ କାମ କରିବା ହିଁ ପ୍ରକୃତ ରାଜନୀତି




ବଲାଙ୍ଗିର,୧୩।୨(ସମିସ): ରାଜନୀତି କେବଳ ପଦପଦବୀ କିମ୍ବା ନିର୍ବାଚନରେ ଟିକେଟ ହାତେଇବା ପାଇଁ ନୁହେଁ। ଲୋକଙ୍କ ସମସ୍ୟା ସମାଧାନ ପାଇଁ ରାଜନୀତି ହୋଇଥାଏ। ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମରେ ଗତ ନିର୍ବାଚନର ବିଧାୟକ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ନିଜ ବକ୍ତବ୍ୟରେ ଏହା କହିଛନ୍ତି। ରାଜ୍ୟରେ କଂଗ୍ରେସ ସରକାର ଆଣିବାକୁ ହେଲେ ତୃଣମୂଳସ୍ତରରୁ ପଞ୍ଚାୟତ ନିର୍ବାଚନରେ ଦଳକୁ ଜିତିବାକୁ ପଡିବ। ପରିବର୍ତ୍ତିତ ରାଜନୈତିକ ପରିସ୍ଥିତିରେ ନିଜକୁ ଖାପ ଖୁଆଇ ପ୍ରତ୍ୟେକ ଗାଁ, ପ୍ରତ୍ୟେକ ପଞ୍ଚାୟତରେ ଆହୁରି ଶକ୍ତିଶାଳି ହେବାକୁ ପଡିବ। ନିର୍ବାଚନରେ ଯିଏ ଟିକେଟ ପାଉ ତାକୁ ସମସ୍ତ ପ୍ରକାର ସହଯୋଗର ହାତ ବଢାଇବାକୁ ପଡିବ ବୋଲି ସେ କହିଥିଲେ। ଏଡି ବନ୍ଧୁମିଳନ ଉତ୍ସବରେ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଯୋଗ ଦେଇଥିଲେ। ସମଗ୍ର କଂଗ୍ରେସ ପରିବାର ଏକଜୁଟ ହୋଇ ଲୋକଙ୍କ ପାଇଁ କାମ କରନ୍ତୁ। ଲୋକଙ୍କ ପାଇଁ କାମ କରିବା ହିଁ ପ୍ରକୃତ ରାଜନୀତି। ଏହା ମାଧ୍ୟମରେ ନିଜ ମଧ୍ୟରେ ଏକତା ବୃଦ୍ଧି କରିବା ସହ କଂଗ୍ରେସକୁ ଆହୁରି ଶକ୍ତିଶାଳି କରିହେବ ବୋଲି ନରସିଂ କର୍ମୀଙ୍କ ଉଦ୍ଦେଶ୍ୟରେ କହିଥିଲେ। ଦେଓଗାଁ ବ୍ଲକ ସଭାପତି ରାମଜୀ ଚୌଧୁରୀ, ବଲାଙ୍ଗିର ନଗର ସଭାପତି ବୁଲୁ ଦାନି, ଜିଲ୍ଲା କଂଗ୍ରେସ ସଂପାଦକ ଟିକିରି ନାଗ, ଜ୍ୟୋତିଷ ମୁଗ୍ରୀ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ କଂଗ୍ରେସ ନେତା ଉମାଶଙ୍କର ପଣ୍ଡା କାର୍ଯ୍ୟକ୍ରମ ପରି.ଳନା କରିଥିଲେ। ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ଦିଲିପ ବେହେରା, ଅଶୋକ ନନ୍ଦ, ବରିଷ୍ଠ କଂଗ୍ରେସ ନେତା ପୁରନ୍ଦର ଦାଶ, ରାଜ କିଶୋର ବାବୁ, ଲୋଇସିଂହା ବିଧାନସଭା ବିଧାୟକ ପ୍ରାର୍ଥୀ ଓମ୍ ପ୍ରକାଶ କୁମ୍ଭାର ପ୍ରମୁଖ ମଞ୍ଚାସୀନ ଥିଲେ।

## କଂଗ୍ରେସ ପକ୍ଷରୁ ଚା ପେ ଚର୍ଚ୍ଚା କାର୍ଯ୍ୟକ୍ରମ

ତୁରେକେଲା,୧୩।୨(ସମିସ): ତୁରେକେଲାରେ କଂଗ୍ରେସ ପକ୍ଷରୁ ଚା ପେ ଚର୍ଚ୍ଚା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜା ଓ ବଲାଙ୍ଗୀର ଜିଲ୍ଲା ସଭାପତି ଅନିଲ ମେହେର ଏଥିରେ ଯୋଗ ଦେଇଥିଲେ। ରାଜ୍ୟ ସରକାରଙ୍କ ଚାଷୀ ମରଣା ନୀତି, ଟାଟା ପାୱାରର ସ୍ମାର୍ଟ ମିଟରକୁ ବିରୋଧ ଓ ମନରେଗା ନାଁକୁ ପରିବର୍ତ୍ତନକୁ ନେତୃମଣ୍ଡଳି ବିରୋଧ କରିଥିଲେ। କଂଗ୍ରେସ ବ୍ଲକ୍ ସଭାପତି ବାଳକୃଷ୍ଣ ସେଲମା ସଭାପତିତ୍ୱ କରିଥିଲେ। ଜିଲ୍ଲା ପରିଷଦ ସଦସ୍ୟ କୌଶିକ ମେହେର, କୁନା ଖାଁ, ପ୍ରମୋଦ ମାହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



## ସରକାରୀ ମହାବିଦ୍ୟାଳୟରେ ଆଲୋଚନାଚକ୍ର



ବଲାଙ୍ଗିର,୧୩।୨(ସମିସ): ସ୍ଥାନୀୟ ସରକାରୀ ମହାବିଦ୍ୟାଳୟର ୨ ଦିନିଆ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସମାଜଶାସ୍ତ୍ର ବିଭାଗ, ନୃତତ୍ତ୍ୱ ବିଭାଗ ଏବଂ ନାଇସେଟ ମିଳିତ ଆନୁକୂଲ୍ୟରେ ପଶ୍ଚିମ ଓଡ଼ିଶାର ଆଦିବାସୀ ଜୈବ ସଂସ୍କୃତି: ସାମାଜିକ ସଂରଚନା ଓ ଜୈବିକ ନମନିୟତାର ସମନ୍ୱୟ ଶୀର୍ଷକ ଏହି ଆଲୋଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଦୀପ୍ତ ବେହେରା, ମୁଖ୍ୟବକ୍ତା ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଦୀପକ ବେହେରା, ସମ୍ମାନିତ ଅତିଥି ଭାବେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର କୁଳସଚିବ ହରପ୍ରସାଦ ଭୋଇ, ଅନ୍ୟତମ ସମ୍ମାନିତ ଅତିଥି ଭାବେ ବିକ୍ରମଦେବ ବିଶ୍ୱବିଦ୍ୟାଳୟର ପ୍ରଫେସର ସାଗରିକା ମିଶ୍ର ପ୍ରମୁଖ ଯୋଗଦେଇ ଆଲୋଚନାଚକ୍ରର ବିଷୟ ସଂପର୍କରେ ଅବଗତ କରାଇଥିଲେ। ସେହିଭଳି ପ୍ରଫେସର ଫଣୀନ୍ଦମ ଦେଓ, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରଫେସର ଆଦିତ୍ୟ କେଶରୀ ମିଶ୍ର, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱ ବିଭାଗର ପ୍ରଫେସର ବିଭୂକଲ୍ୟାଣ ମହାନ୍ତି, ପ୍ରଫେସର ମିରା ସ୍ୱାଇଁ, ଡକ୍ଟର କଲ୍ୟାଣୀ ରଥ, ଡକ୍ଟର ମୀନକେତନ ବାଗ, ଡକ୍ଟର ଶିବ କୁମାର, ଚନ୍ଦନ ପୁହାଣ, ପୁରୁଷୋତ୍ତମ କିଶାନ ପ୍ରମୁଖ ଉପସ୍ଥିତ ଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର କୌତୁକ ପନ୍ଦର ସଭାପତିତ୍ୱ କରିଥିଲେ। ଡକ୍ଟର ଶ୍ରୀକାନ୍ତ ବାରିକ ସଂଚାଳନ କରିଥିଲେ। ଅଧ୍ୟାପକ ହୃଷୀକେଶ ଦାସ ଆନୁଷ୍ଠାନିକ ଭାବେ ଧନ୍ୟବାଦ ଅର୍ପଣ କରିଥିଲେ।

## ନାମଯଜ୍ଞ ପାଇଁ କଳସ ଯାତ୍ରା





ଖପ୍ରାଖୋଲ,୧୩।୨(ସମିସ): ମହୁରୁଣ୍ଡି ଧବଳେଶ୍ୱର ପୀଠରେ ଜାଗର ଉପଲକ୍ଷେ ୧୬ ପ୍ରହର ନାମଯଜ୍ଞ ପାଇଁ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଶତାଧିକ ମହିଳା କଳସ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଗ୍ରାମ ପରିକ୍ରମା କରି ପୂଜା ମଣ୍ଡପରେ ପହଞ୍ଚିଥିଲେ। ୩ ଦିନ ଧରି ଏହା ଅନୁଷ୍ଠିତ ହେବ। ହନୁମାନ ମନ୍ଦିରର ପ୍ରତିଷ୍ଠା, ବିଗ୍ରହ ସ୍ଥାପନ, ଯଜ୍ଞ ମଣ୍ଡପ ପ୍ରତିଷ୍ଠା, ମହାଶିବରାତ୍ରୀ ମେଳା ଏବଂ ଷୋହଳ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହେବ। ଗୌନ୍ତିଆ ନରେନ୍ଦ୍ର ଭୋଇ, ତରୁଲତା ଭୋଇ, ଉପେନ୍ଦ୍ର ଭୋଇ, ମଳି ଭୋଇ କର୍ତ୍ତା ଅଛନ୍ତି। ସହଦେବ ମିଶ୍ର, ମଧୁସୂଦନ ମିଶ୍ର, ମଙ୍ଗଳୁ ଚରଣ ଦାଶ ପୂଜକ ଯୁଧିଷ୍ଠିର ଥନାପତି ପୂଜା କର୍ମରେ ସହଯୋଗ କରିଛନ୍ତି। ଗ୍ରାମର ଗୌତମ ସାହାଣୀ, ଯଦୁମଣି ଭୋଇ, ରଣଜିତ ଭୋଇ, ଜନ୍ମେଜୟ ଭୋଇ, ନବଘନ ପଧାନ, ଗୁଣମଣି ଭୋଇ, ଘନଶ୍ୟାମ ଭୋଇ, ବାଙ୍କ ମୁଣ୍ଡା ପ୍ରମୁଖ ସହଯୋଗ କରିଛନ୍ତି।



## ମୁରିବାହାଲ ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ




ମୁରିବାହାଲ,୧୩।୨ (ସମିସ): ମୁରିବାହାଲ ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ 'ସୃଜନିକା' ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଭାଜପା ଜିଲ୍ଲା ସଭାପତି ଶ୍ରୀବତ୍ସ ବେହେରା, ମୁରିବାହାଲ ବ୍ଲକ୍ ଅଧ୍ୟକ୍ଷ ହରିବନ୍ଧୁ ମେହେର, ମୁରିବାହାଲ ସରପଞ୍ଚ ବିଶ୍ୱବିହାରୀ ଯୋଶୀ, ଜୁନିୟର କଲେଜ ଅଧ୍ୟକ୍ଷ ଡା. ରମେଶ ଚନ୍ଦ୍ର ମହାନନ୍ଦ, ବିଧାୟକ ପ୍ରତିନିଧି ଗଙ୍ଗାଧର ହେର୍ଣ୍ଣା, ଓଡିଆ ଅଧ୍ୟାପକ ଦିଲ୍ଲୀପ ପଶାୟତ, ଡିଏଭି କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ ଛାୟାକାନ୍ତ ଷଡ଼ଙ୍ଗୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀ, ଅଧ୍ୟାପକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟକ୍ଷ ସରୋଜ ନାୟକ ସଭାପତିତ୍ୱ କରିଥିଲେ। ଅଧ୍ୟାପକ ଭ୍ରୀଙ୍ଗରାଜ ରଣା କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ଗୁଣସାଗର ମେହେର, ପୂର୍ଣ୍ଣ ପଧାନ, ବିଜୟ କଲତା, ଶରତ ପଧାନ, ଲଳିତ ବଘାର, ଅଭୟ ନନ୍ଦ ଦାସ, ଘନଶ୍ୟାମ ଖମାରି, ଶୈଳିକା ନାୟକ, ମୀରା ବାଇ ଗଡ଼ତିଆ, ସରିତା ରଣା, ଯଶସ୍ମିତା ବେହେରା, ଚନ୍ଦ୍ରିକା ସାହୁ ପ୍ରମୁଖ ସହଯୋଗ କରିଥିଲେ। ଅଧ୍ୟାପକ ସୋମେଶ ଦତ୍ତ ହୋତା ଧନ୍ୟବାଦ ଦେଇଥିଲେ।

## ସୁରେନ୍ଦ୍ର ବେହେରା ବଲାଙ୍ଗିର କ୍ଲାସିକ ଚାମ୍ପିଅନ



ବଲାଙ୍ଗିର,୧୩।୨(ସମିସ): ବଲାଙ୍ଗିର କ୍ଲାସିକ-୨୦୨୬ରେ ସୁରେନ୍ଦ୍ର ବେହେରା ଚାମ୍ପିଅନ ହୋଇଛନ୍ତି। ଓଡିଶାର ସବୁ ଜିଲ୍ଲାରୁ ଆସିଥିବା ପ୍ରାୟ ୧୨୦ ଜଣ ପ୍ରତିଯୋଗୀଙ୍କ ମଧ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ବଡି ବିଲଡିଂରେ ୬ଟି ଓ ମେନ୍ସ ଫିଜିକ୍‌ରେ ୨ଟି ଗ୍ରୁପ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ଜିଲ୍ଲା ଆମେଚର ବଡି ବିଲଡର୍ସ ଆସୋସିଏସନ ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତାରେ ୫୫ କେଜି ବର୍ଗରେ ରବୀନ୍ଦ୍ର ସିକା ପ୍ରଥମ, ୬୦ କେଜି ବର୍ଗରେ ଦେବାଶିଷ ମହାନନ୍ଦ ପ୍ରଥମ, ୬୫ କେଜି ବର୍ଗରେ କୁଶ ଭୁଏ ପ୍ରଥମ, ୭୦ କେଜି ବର୍ଗରେ ଏସ୍.କେ.ଜାଇନୁଲ ପ୍ରଥମ, ୭୫ କେଜି ବର୍ଗରେ ସୁରେନ୍ଦ୍ର ବେହେରା ପ୍ରଥମ ଓ ୮୦ କେଜି ବର୍ଗରେ ଶୁଭମ ମିଶ୍ର ପ୍ରଥମ ସ୍ଥାନ ଲାଭ କରିଥିଲେ। ସେହିପରି ମେନ୍ସ ଫିଜିକ୍ ପ୍ରତିଯୋଗିତାରେ ପ୍ରଥମ ଗ୍ରୁପରେ ହେମନ୍ତ କାଲସାଏ ଓ ଦ୍ୱିତୀୟ ଗ୍ରୁପରେ ଶୁଭଙ୍କର ରାଉତ ବିଜୟ ଲାଭ କରିଥିଲେ। ମହିଳା ପ୍ରତିଯୋଗୀଙ୍କ ମଧ୍ୟରେ ନିଜ ନିଜ ଗ୍ରୁପରେ କଲ୍ୟାଣୀ ଦାସ ଓ ଅନିତା ମିଶ୍ର ପ୍ରଥମ ସ୍ଥାନ ଲାଭ କରିଥିଲେ। ବଡି ବିଲଡିଂରେ ସମସ୍ତ ଗ୍ରୁପରେ ପ୍ରଥମ ହୋଇଥିବା ପ୍ରତିଯୋଗୀଙ୍କ ମଧ୍ୟରେ ଚାମ୍ପିଅନ ଅଫ୍ ଚାମ୍ପିନ୍ସ ପ୍ରତିଯୋଗିତାରେ ସୁରେନ୍ଦ୍ର ବେହେରା ଚାମ୍ପିଅନ ହୋଇଥିଲେ। ଜିଲ୍ଲା ସଭାପତି ତଥା ଓଡିଶା ବଡି ବିଲଡିଂ ଆସୋସିଏସନର କାର୍ଯ୍ୟକାରୀ ସଭାପତି ସଂଜୟ ଶତପଥୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଓଜିଲ ସଂଘର ପୂର୍ବତନ ସଭାପତି ଅମ୍ବରେଶ ତ୍ରିପାଠି, ବିଡିଜିଏ ହେଲ୍‌ଥ କ୍ଲବର ସଂପାଦକ ସଂଗ୍ରାମ ବହିଦାର, ବିଜେପିର ବରିଷ୍ଠ ସଭ୍ୟ ଗୋପାଳଜୀ ପାଣିଗ୍ରାହୀ, ବିଙ୍ଗ ଷ୍ଟଙ୍ଗର ଓନର ଶୁଭମ ଦର୍ଜି, ବୋ÷÷ଦ୍ଧ ବିସିବି ବ୍ୟାଙ୍କ ମୁଖ୍ୟ ଭାସ୍କର ରାଓ ଆ.ରୀ ଓ ବିଜେଡିର ବରିଷ୍ଠ ସଭ୍ୟ ବିଧୂଭୂଷଣ ତ୍ରିପାଠି ଅତିଥି ଭାବରେ ଯୋଗ ଦେଇଥିଲେ। ରୂପକ ବରାଳ ପରି.ଳନା କରିଥିବା ବେଳେ ବିରଞ୍ଚି ନାରାୟଣ ମିଶ୍ର, ଶିବ ମହାରଣା ବି.ରକ ଥିଲେ। ବବନ ମିଶ୍ର, ରାମ ସିଂ, ଅନିଲ ନାଏକ, ଜିତେନ୍ଦ୍ର ନାଗ, ସାର୍ଥକ ଶ୍ରୀବାସ୍ତବ, ଜୟନାରାୟଣ ବହିଦାର, ସତ୍ୟ ହୋତା, ଶମ୍ଭୁ ଭୋଇ ପ୍ରମୁଖ ସହଯୋଗ କରିଥିଲେ।

## ଆତ୍ମସୁରକ୍ଷା ଶିବିର ଶକ୍ତି ଓ ଆତ୍ମବିଶ୍ୱାସ ଦିଏ




କଣ୍ଟାବାଞ୍ଜି,୧୩।୨(ସମିସ): କଣ୍ଟାବାଞ୍ଜି ମହିଳା ସ୍ନାତକ ମହାବିଦ୍ୟାଳୟରେ ଆତ୍ମ ସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଆତ୍ମ ସୁରକ୍ଷା ଶିବିର ଶକ୍ତି ଓ ଆତ୍ମ ବିଶ୍ୱାସ ଦିଏ ବୋଲି ଏଥିରେ ମତ ପ୍ରକାଶ ପାଇଛି। ଗତ ୪ ତାରିଖରୁ ଏହା ଆୟୋଜିତ ହୋଇଥିଲା। ଏହି ତାଲିମ ଶିବିରରେ ଜିତୁ ପୃଷ୍ଟି ଓ ସାରଦା ସାହୁ ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା ତାଲିମ ପ୍ରଦାନ କରିଥିଲେ। ଏହି ଶିବିରରେ ୧୮୬ ଜଣ ଛାତ୍ରୀ ତାଲିମ ନେଇଥିଲେ। ମହାବିଦ୍ୟାଳୟର କ୍ରୀଡା ପ୍ରଶିକ୍ଷକ ରଞ୍ଜୁ ବନଛୋରଙ୍କ ତତ୍ତ୍ୱାବଧାନରେ ଏହା ପରିଚାଳିତ ହୋଇଥିଲା। ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଭାରତୀୟ ସୈନିକ କାହ୍ନୁ ଚରଣ ମିଶ୍ର ଯୋଗଦେଇଥିଲେ। ସାମ୍ପ୍ରତିକ ପରିସ୍ଥିତିରେ ଆତ୍ମସୁରକ୍ଷା ତାଲିମ କେତେ ଜରୁରୀ ସେ ବିଷୟରେ ଉଦ୍‌ବୋଧନ ଦେଇଥିଲେ। ଆତ୍ମ ସୁରକ୍ଷା ଶିବିର ଶକ୍ତି ଓ ଆତ୍ମ ବିଶ୍ୱାସ ଦିଏ। ଏହାସହ ଶୃଙ୍ଖଳିତ ଜୀବନ ବଞ୍ଚିବା ପାଇଁ ପ୍ରେରଣା ପ୍ରଦାନ କରିଥାଏ ବୋଲି ସେ ପ୍ରକାଶ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ରାଜେନ୍ଦ୍ର ପୁରୋହିତ ଉପସ୍ଥିତ ଥିଲେ। ଧରାଶ୍ରୀ ମହାନ୍ତି ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଜିତେନ୍ଦ୍ର ସୁନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିବିନା ପଞ୍ଚାୟତରେ ମନରେଗା ଦିଗହରା

ସଇଁତଲା,୧୩।୨(ସମିସ)



- ଏକ ପ୍ରକଳ୍ପର ଫଲ୍ସ ବିଲ୍ ହୋଇଛି
- କାମ ନ କରି ବିଲ୍ ଉଠିଛି
- ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ

ସଇଁତଲା ବ୍ଲକ୍ ବିବିନା ପଞ୍ଚାୟତ ଜାମପଦର ଗ୍ରାମରେ ମନରେଗା ଦିଗହରା ହୋଇଛି। ଏକ ପ୍ରକଳ୍ପର ଫଲ୍ସ ବିଲ୍ ହୋଇଛି। କାମ ନ କରି ବିଲ୍ ଉଠିଛି। ଗାଁର ସଚେତନ ଯୁବକମାନେ ବଲାଙ୍ଗୀର ଜିଲ୍ଲାପାଳଙ୍କୁ ଭଳି ଗୁରୁତର ଅଭିଯୋଗ କରିଛନ୍ତି। ୨୦୨୪-୨୦୨୫ ଆର୍ଥିକ ବର୍ଷରେ ବିବିନା ପଞ୍ଚାୟତ ଜାମପଦର ଗ୍ରାମର ରାସ୍ତା ଉନ୍ନତିକରଣ ପାଇଁ ମନରେଗା ଯୋଜନାରୁ ୧୦ ଲକ୍ଷ ଟଙ୍କା ବ୍ୟୟରେ କାର୍ଯ୍ୟ ଆରମ୍ଭ ହୋଇଥିଲା। ହେଲେ ଖୁବ୍ କମ୍ କାମ କରି ଚଞ୍ଚକତା ପୂର୍ବକ ଅଧିକ ପଇସା ଉଠିଛି। ଅଭିଯୋଗ ପାଇବା ପରେ ଜିଲ୍ଲାପାଳ ବ୍ଲକ୍ ପ୍ରଶାସନକୁ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ତାଗିଦ କରିଛନ୍ତି। ୩୦ହଜାର ଟଙ୍କା ଖର୍ଚ୍ଚ କରି ୩ ଲକ୍ଷ ୨୦ ହଜାର ଟଙ୍କା ଉଠାଣ ହୋଇଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ପିଇଓ, ଏଡିଓ, ଗାଁସାଥୀ, ସରପଞ୍ଚଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏପରି ସରକାରୀ ଅନୁଦାନ ଲକ୍ଷ ଲକ୍ଷ ଟଙ୍କା ବାଟମାରଣା କରିବା ପାଇଁ କିଏ ଅଧିକାର ଦେଲା ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ଏହା ଉପରେ ତଦନ୍ତ କରି ଆଇନ ଅନୁଯାୟୀ ପଦକ୍ଷେପ ନେବା ପାଇଁ ଦାବି କରିଛନ୍ତି। ନଚେତ ରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ପିଏମ୍‌ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ପ୍ରେରଣା ଦିବସ



ବେଲପଡା,୧୩।୨(ସମିସ): ବେଲପଡା ବ୍ଲକ ପିଏମଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ପ୍ରେରଣା ଉତ୍ସବ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ବ୍ଲକ ଉନ୍ନୟନ ଅଧିକାରୀ ସାରଥୀ ସାହୁ ଯୋଗ ଦେଇ କାର୍ଯକ୍ରମର ଉଦଘାଟନ କରିଥିଲେ। ନବୋଦୟ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ରାଜନାରାୟଣ ମେହେରଙ୍କ ନେତୃତ୍ୱରେ ବଲାଙ୍ଗୀର ଜିଲ୍ଲାର ୮୩ଟି ସ୍କୁଲର ୧୭୮ଜଣ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ଅବସରରେ ପ୍ରବନ୍ଧ ଲିଖନ, କବିତା ଲିଖନ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ନବୋଦୟ ବିଦ୍ୟାଳୟର ଇଂରାଜୀ ଶିକ୍ଷକ ହିତେଶ ମିଶ୍ର ମଞ୍ଚ ସଞ୍ଚାଳନ କରିଥିଲେ।

## ଛାତ୍ରୀଙ୍କୁ ଭାଲେଣ୍ଟାଇନ ଶିକ୍ଷା ଘଟଣା

# ଅଭିଯୁକ୍ତ ଶିକ୍ଷକ ଥାନାରେ ଅଟକ

ଦେବଗଡ଼,୧୩।୨(ସମିସ)

କୁଣ୍ଢେଇଗୋଲା ସରକାରୀ ବିଦ୍ୟାଳୟରେ ଛାତ୍ରୀଙ୍କୁ ବିଜ୍ଞାନ ଶିକ୍ଷକଙ୍କ ଭାଲେଣ୍ଟାଇନ ସପ୍ତାହରେ ହଗ ଡେ, ଚକୋଲେଟ ଡେ ପାଳିବାକୁ ଶିକ୍ଷା ଓ ଛାତ୍ରୀଙ୍କୁ ଆଶାଳୀନ ମନ୍ତବ୍ୟ ନେଇ ସମ୍ପୃକ୍ତ ଶିକ୍ଷକଙ୍କୁ ଥାନାରେ ଅଟକ ରଖାଯାଇଛି। ଘଟଣା ନେଇ ଗତକାଲି ଅଭିଯୋଗ ହୋଇଥିଲା। ଆଜି ମଧ୍ୟ ବିଦ୍ୟାଳୟରେ ଉତ୍ତେଜନା ଦେଖାଦେଇଥିଲା। ପୀଡିତା ଛାତ୍ରୀଙ୍କ ମା'ଙ୍କ ଅଭିଯୋଗ

### ବିଦ୍ୟାଳୟ ସମ୍ମୁଖରେ ଉତ୍ତେଜନା, ପୁଲିସ ଉପସ୍ଥିତିରେ ବିଇଓଙ୍କ ବୁଝାସୁଝା

ଆଧାରରେ କୁଣ୍ଢେଇଗୋଲା ଥାନା ପୁଲିସ ଅଭିଯୁକ୍ତ ଶିକ୍ଷକ ତପନ ମିଶ୍ରଙ୍କ ବିରୁଦ୍ଧରେ ପକ୍ସୋ ଆକ୍ଟରେ ମାମଲା ରୁଜୁ କରି ଥାନାରେ ଅଟକ ରଖିଥିବା ଜଣାପଡିଛି।





ଅନ୍ୟ ପକ୍ଷରେ ବିଭାଗୀୟ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ବିଦ୍ୟାଳୟରୁ ଅଭିଯୁକ୍ତ ଶିକ୍ଷକଙ୍କୁ ତୁରନ୍ତ ଅପସାରଣ ଦାବିରେ ସ୍କୁଲ ଫାଟକରେ ତାଲା ପକାଇ ଅଭିଭାବକ ଓ ଛାତ୍ରଛାତ୍ରୀ ଆଜି ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧାରଣାରେ ବସିଥିଲେ। ଗାଁରେ ଅଭିଭାବକଙ୍କ ମଧ୍ୟରେ ତୀବ୍ର ଉତ୍ତେଜନାକୁ ଦୃଷ୍ଟିରେ ରଖି କୁଣ୍ଢେଇଗୋଲା ଥାନା ପୁଲିସ ପକ୍ଷରୁ ସ୍କୁଲ ପରିସରରେ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯାଇଥିବା ଦେଖିବାକୁ ମିଳିଛି। ରିଆମାଳ ବ୍ଲକ୍ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ କାଲୋ ଆନ୍ଦୋଳନକାରୀ ଛାତ୍ର ଓ ଅଭିଭାବକଙ୍କୁ ବୁଝାସୁଝା କରିଥିଲେ। ଶ୍ରୀ କାଲୋ ଅଭିଯୁକ୍ତ ଶିକ୍ଷକ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ରିପୋର୍ଟ ଦେବାର ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ପରିସ୍ଥିତି ଶାନ୍ତ ପଡ଼ିବା ସହ ଆନ୍ଦୋଳନକାରୀ ଅଭିଭାବକ ଓ ଛାତ୍ରଛାତ୍ରୀ ସ୍କୁଲ ଫାଟକକୁ ଖୋଲିଥିଲେ। ତେବେ ଅଭିଯୁକ୍ତ ଶିକ୍ଷକ ତପନ ମିଶ୍ର ଜିଲ୍ଲାରେ ଚାକିରିରେ ଯୋଗ ଦେବା ଦିନ ଠାରୁ ଏକାଧିକ ସ୍କୁଲରେ ଅବସ୍ଥାପିତ ହୋଇଛନ୍ତି ଏବଂ ବିଭିନ୍ନ କାରଣରୁ ସମ୍ପୃକ୍ତ ବିଦ୍ୟାଳୟ ଗୁଡିକରୁ ଜନଆକ୍ରୋଶର ଶିକାର ହୋଇ ତଡାଖାଇ କୁଣ୍ଢେଇଗୋଲା ସରକାରୀ ହାଇସ୍କୁଲରେ ଅବସ୍ଥାପିତ ହୋଇଥିଲେ। ଏହାସତ୍ତ୍ୱେ ତାଙ୍କ ଚରିତ୍ରରେ କୌଣସି ପରିବର୍ତ୍ତନ କରି ପାରି ନଥିବାରୁ ଗତକାଲି ଠାରୁ କୁଣ୍ଢେଇଗୋଲା ଅଞ୍ଚଳରେ ଅଶାନ୍ତିର ବାତାବରଣ ସୃଷ୍ଟି ହୋଇଛି। ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ସହ ବିଦ୍ୟାଳୟରୁ ଅପସାରଣ କରା ନଗଲେ ପୁଣି ଥରେ ଅଭିଭାବକମାନେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି।

## ଧୁତରା ରେଳ ପାୱାର ହାଉସ୍ ସମ୍ମୁଖ ବିଲରେ ନିଆଁ

ଝାରସୁଗୁଡ଼ା,୧୩।୨(ସମିସ): ଦକ୍ଷିଣ ପୂର୍ବ ହାୱଡା-ବମ୍ବେ-ଚକ୍ରଧରପୁର ଡିଭିଜନ ଧୁତରା ରେଳଷ୍ଟେସନ ନିକଟସ୍ଥ ସାରସମାଳର ବିଲରେ କେହି ଜଣେ ଦୁର୍ବୃତ୍ତ ନିଆଁ ଲଗେଇ ଦେଇଥିବା ଜଣାପଡ଼ିଛି। ଫଳରେ ବିଲରେ ଥିବା ସମସ୍ତ ନଡ଼ା, ପାଳ, ଶୁଖିଲା କାଠ, ଗଛପତ୍ର ହୁତୁହୁତୁ ହୋଇ ଜଳିଯାଇଥିଲା। ରେଳ ଷ୍ଟେସନ ନିକଟରେ ଏଭଳି ଭୀଷଣ ନିଆଁ



ଗୋପାଳପୁର ସ୍ଥିତ ଲାଇକେରାରୁ ଧୁତରା ରେଳଷ୍ଟେସନ ଦେଇ ଯାତାୟାତ କରୁଥିବା କୋଇଲା ବୋଝେଇ ମାଲଗାଡି ପାଇଁ ବିପଦ ସୃଷ୍ଟି କରିଥିଲା। ଏହାସହିତ ମାତ୍ର ଶହେ ଦୁଇଶହ ମିଟର ଦୂରରେ ଥିବା ଆଇଓସିଏଲ ତଥା ଗାଁ, ସହର, ଜିଲ୍ଲା ଓ ଅଞ୍ଚଳ ପାଇଁ ସମ୍ଭାବ୍ୟ ଦୁର୍ଘଟଣାର କାରଣ ପାଲଟିଥିଲା। ତେବେ ନିଆଁ ଲାଗିବା କ୍ଷଣି ଦମକଳ ବାହିନୀ ସଦଳବଳେ ପହଞ୍ଚିଥିଲା। ସେମାନଙ୍କ ଅକ୍ଳାନ୍ତ ପରିଶ୍ରମରୁ ନିଆଁ ଲିଭା କାର୍ଯ୍ୟ ସମ୍ଭବ ହୋଇଥିଲା। ଫଳରେ ଏକ ବଡ଼ ଧରଣର ବିପତ୍ତି ଟଳିଯାଇଥିଲା। ତେବେ ଥରେ ନୁହେଁ ଦୁଇଥର ନୁହେଁ, ପ୍ରତ୍ୟେକ ବର୍ଷ ଏହି ସମୟରେ ଅଞ୍ଚଳରେ କିଛି ରେଳ ହେଉ କିମ୍ବା କୌଣସି ସରକାରୀ ବେସରକାରୀ, ଠିକାଦାରୀ କାର୍ଯ୍ୟର ସଫେଇ କାମ ପାଇଁ ଅଞ୍ଚଳର ବିଲବାଡ଼ି ସହ ଜମି ମାନଙ୍କରେ ନିଆଁ ଲଗାଇ ଦିଆଯାଉଛି। ଯାହାଫଳରେ କ୍ଷେତରେ ଥିବା ବଡବଡ ଗଛଲତା, ଜୀବଜନ୍ତୁ, କୀଟପତଙ୍ଗ, ସରୀସୃପ ଜଳିପୋଡି ଯିବା ସହ ଜନଧନ ତଥା ଜୀବନ ହାନୀର ବିପଦ ସୃଷ୍ଟି କରୁଛି। ଆଗାମୀ ଦିନରେ ବଡଧରଣର ଦୁର୍ଘଟଣାକୁ ଏଡାଇବା ପାଇଁ ଉଚ୍ଚ ପ୍ରଶାସନିକ କର୍ତ୍ତୃପକ୍ଷ ଏଥିପ୍ରତି ଧ୍ୟାନ ଦେବାକୁ ଜନମତ ପ୍ରକାଶ ପାଇଛି।

## ତୃତୀୟ ଲିଙ୍ଗୀଙ୍କ ଅଧିକାର ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

ଝାରସୁଗୁଡ଼ା,୧୩।୨(ସମିସ): ଝାରସୁଗୁଡ଼ା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ଶୁକ୍ରବାର ତୃତୀୟଲିଙ୍ଗିଙ୍କ ଅଧିକାର ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ପ୍ରଶାନ୍ତ ନାୟକଙ୍କ ନିର୍ଦ୍ଦେଶକ୍ରମେ ପ୍ରାଧିକରଣର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାୟୀ ଲୋକ ଅଦାଲତର ଅଧ୍ୟକ୍ଷ ଅଶ୍ୱିନୀ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବ ଆଲୋକମୟୀ ପ୍ରଧାନ, ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ସୁରମା ବେସନ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥି ମାନେ ତୃତୀୟଲିଙ୍ଗି ବ୍ୟକ୍ତି ମାନଙ୍କ ବିଭିନ୍ନ ସମସ୍ୟା, ସେମାନଙ୍କ ପାଇଁ ଥିବା ବିଭିନ୍ନ ଯୋଜନା ସହିତ ଜିଲ୍ଲା ଆଇନସେବା ପ୍ରାଧିକରଣର ବିଭିନ୍ନ ଯୋଜନା ଯଥା ମାଗଣା ଆଇନ ସେବା, ପୀଡିତା କ୍ଷତିପୂରଣ ଯୋଜନା, ଲୋକ ଅଦାଲତ ଓ ମଧ୍ୟସ୍ଥତା ମାଧ୍ୟମରେ କୋର୍ଟରେ ବିଚାରାଧୀନ ମାମଲା ଗୁଡିକର ସମାଧାନ, ନାଲ୍ସାର ଜାତୀୟ ହେଲ୍ପଲାଇନ ନମ୍ବର ୧୫୧୦୦ ଇତ୍ୟାଦି ବିଷୟରେ ଆଲୋଚନା କରିଥିଲେ। ଉପସ୍ଥିତ ଜନସାଧାରଣଙ୍କୁ ଏହି ସମସ୍ତ ବିଷୟରେ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ଆଇନ୍ ସେବା ପ୍ରାଧିକରଣର ପ୍ୟାନେଲ ଓକିଲ, ପାରା ଲିଗାଲ ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ।

## ଶିବ ମନ୍ଦିର ବିଗ୍ରହ ପ୍ରତିଷ୍ଠା ଉତ୍ସବ



କୁଣ୍ଢେଇଗୋଲା,୧୩।୨(ସମିସ): ରିଆମାଳ ବ୍ଲକ୍ କୁଣ୍ଢେଇଗୋଲା ଗ୍ରାମ ସ୍ଥିତ ଟିକିରା ନଦୀ ନିକଟସ୍ଥ ଶିବ ମନ୍ଦିରରେ ବିଗ୍ରହ ସ୍ଥାପନ ଓ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର କମିଟି ସଭାପତି ଦେବେନ୍ଦ୍ର ପ୍ରଧାନ ଓ ସମ୍ପାଦକ ଶରତ ଚନ୍ଦ୍ର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏବଂ ଗ୍ରାମବାସୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁରଲୀ ଧର ପ୍ରଧାନ ଓ ତାଙ୍କ ଧର୍ମପତ୍ନୀ ସରସ୍ୱତୀ ପ୍ରଧାନ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଚମ୍ପେଶ୍ୱର୍ ହୋତା, କିଶୋର ଚନ୍ଦ୍ର ପାଣିଗ୍ରାହୀ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ସୂର୍ଯ୍ୟ ପୂଜା, ଜଳାଧିବାସ, ପୀଠ ମଣ୍ଡପ ପୂଜା, ମନ୍ଦିର ମହାସ୍ନାନ, ଦେବତା ଅଭିଷେକ, ଧାନଭିଶେକ୍, ଠାକୁର ମହାସ୍ନାନ, ବିଗ୍ରହ ପ୍ରାଣ ପ୍ରତିଷ୍ଠା, ବିଗ୍ରହ ମନ୍ଦିର ପୂଜା ପରେ ପୂର୍ଣ୍ଣାହୁତି ହୋଇଥିଲା। କୁଣ୍ଢେଇଗୋଲା, ଖଣ୍ଡାଧୁଆଁ ଗ୍ରାମର ସଙ୍କୀର୍ତ୍ତନମାନେ ଯୋଗଦେଇ ଶିବ ଭଜନ ଗାନ କରିଥିଲେ। ଏହି ଅବସରରେ ସମସ୍ତ ଭକ୍ତଙ୍କ ପାଇଁ ଅନ୍ନ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

● ଅନିତ ଚକ୍ରବର୍ତ୍ତୀ ମେମୋରିଆଲ କ୍ରିକେଟ ପ୍ରତିଯୋଗିତା

## ରାଞ୍ଚିକୁ ହରାଇ ଝାରସୁଗୁଡ଼ା ସେମିରେ

ବ୍ରଜରାଜନଗର,୧୩।୨(ସମିସ): ସ୍ଥାନୀୟ ଇଣ୍ଟିଗ୍ରିଟି କ୍ରିକେଟ ପଡିଆରେ ଚାଲିଥିବା ପ୍ରଥମ ଅନିତ ଚକ୍ରବର୍ତ୍ତୀ ମେମୋରିଆଲ କ୍ରିକେଟ ପ୍ରତିଯୋଗିତାରେ ଶୁକ୍ରବାର ରକଅନ ରାଞ୍ଚି ଓ ସାଇନିଂଷ୍ଟାର ଝାରସୁଗୁଡ଼ା ମଧ୍ୟରେ ଖେଳାଯାଇଛି। ଏଥିରେ ସାଇନିଂଷ୍ଟାର ଝାରସୁଗୁଡ଼ା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୧୬୩ ରନ କରିଥିଲା। ଜବାବରେ ରାଞ୍ଚି ଭଲ ଖେଳ ପ୍ରଦର୍ଶନ କରିଥିଲେ ସୁଦ୍ଧା ଶେଷ ସମୟରେ ନିୟମିତ ୱିକେଟ ହରାଇ ୧୪୫ ରନ କରି ଅଲ ଆଉଟ ହୋଇ ପ୍ରତିଯୋଗିତାରୁ ବିଦାୟ ନେଇଥିଲା। ମୋହନ ସାହୁ ମ୍ୟାନ ଅଫ ଦି ମ୍ୟାଚ୍ ହୋଇଥିଲେ। ପ୍ରଜ୍ଜ୍ୱଳ ପଟେଲ ଓ ଜୟ ସିଂ ଅମ୍ପାୟର ହୋଇ ଖେଳ ପରିଚାଳନା କରିଥିଲେ। ଆୟୋଜକ ଇଣ୍ଟିଗ୍ରିଟି କ୍ଲବ୍‌ର ସଭାପତି ଅଭିଷେକ ସିଂ, ଚନ୍ଦନ ଶ୍ରୀବାସ୍ତବ, ଭିକି ପାତ୍ର, ରାକେଶ ଶ୍ରୀବାସ୍ତବ, କିସମତ ଅଲି, ଅଭିଦ ହୁସେନ, ନେହାଲ ଯାଦବ, ତନ୍ମୟ ମାଇତି, ବିନୋଦ ଯାଦବ, କଏସ ପ୍ରସାଦ ପ୍ରମୁଖ ସହଯୋଗ କରିଥିଲେ।



## ଚୋରି ବାଇକ୍ ଜବତ, ୨ ଗିରଫ



ପଦ୍ମପୁର,୧୩।୨(ସମିସ): ପଦ୍ମପୁର-ଜଗଦଲପୁର ରାସ୍ତାରୁ ଏକ ବାଇକ ଚୋରି ଘଟଣାରେ ୨ ଅଭିଯୁକ୍ତଙ୍କୁ ଶୁକ୍ରବାର ପଦ୍ମପୁର ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଦୀପକ ସାହୁ (୨୫) ଏବଂ ମନୋଜ ମହାନନ୍ଦ (୨୩)। ଉଭୟ ଅଭିଯୁକ୍ତ ବୁର୍ଲା ଥାନା ଅଞ୍ଚଳର ଗାନ୍ଧୀପଡା ନିବାସୀ ବୋଲି ପୁଲିସ ସୂଚନା ଦେଇଛି। ଗତ ୨ ତାରିଖରେ ହୋଇଥିବା ଏହି ଚୋରି ଘଟଣା ନେଇ ପଦ୍ମପୁର ଥାନାରେ ଅଭିଯୋଗ ହୋଇଥିଲା। ମାମଲା ରୁଜୁ ପରେ ବିହିତ ତଦନ୍ତ କରି ପଦ୍ମପୁର ପୁଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି। ଆଜି ଉଭୟଙ୍କୁ କୋର୍ଟ ଚାଲାଣ କରାହୋଇଛି। ପଦ୍ମପୁର ଥାନାର ଭାରପ୍ରାପ୍ତ ଅଧିକାରୀ କେ ସିମିରିଆ ମାମଲା ସମ୍ପର୍କରେ ସୂଚନା ଦେଇଛନ୍ତି।

## ସଡ଼କ ଦୁର୍ଘଟଣାରେ ଜଣେ ମୃତ



ବରଗଡ଼,୧୩।୨(ସମିସ): ବରଗଡ଼ ସହର ଉପକଣ୍ଠ ବରାହଗୋଡାରେ ମର୍ମନ୍ତୁଦ ବାଇକ ଦୁର୍ଘଟଣା ଘଟିଛି। ଏଥିରେ ଘଟଣା ସ୍ଥଳରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି। ମୃତକ ବାଇକ୍ ଆରୋହୀ ବରଗଡ଼ ମନାବନ୍ଧ ପଡାର ସନ୍ତୋଷ ରଣା (୨୦) ବୋଲି ଜଣାପଡ଼ିଛି। ତେବେ ଦୁର୍ଘଟଣାର କାରଣ ଅସ୍ପଷ୍ଟ ରହିଛି। ଆଜି ସନ୍ଧ୍ୟା ୫ରେ ବରଗଡ଼-ବରାହଗୁଡା ରାସ୍ତାରେ ଦୁର୍ଘଟଣା ଘଟିଛି। ଘଟଣା ସ୍ଥଳରେ ସନ୍ତୋଷଙ୍କ ମୃତ୍ୟୁ ଘଟିଥିଲା ଓ ଅନ୍ୟ ଜଣେ ଏଥିରେ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରିଥିବା ବେଳେ ଘଟଣା ସ୍ଥଳରେ ଗ୍ରାମାଞ୍ଚଳ ଥାନା ଅଧିକାରୀ ସୁଶାନ୍ତ ଦାଶ ଓ ତାଙ୍କ ଷ୍ଟାଫ ପହଞ୍ଚି ଅଧିକ ତଦନ୍ତ ଆରମ୍ଭ କରିଛନ୍ତି।

## ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନର ବୈଠକ



ବରଗଡ଼,୧୩।୨(ସମିସ): ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନ, ବରଗଡ଼ର ନବ ନିଯୁକ୍ତ ଜିଲ୍ଲା କନଭେନର, ସହ କନଭେନର, ବ୍ଲକ୍ କନଭେନର ଓ ଜିଲ୍ଲା କମିଟିକୁ ନେଇ ଜିଲ୍ଲା କନଭେନର ଦିଲୀପ ଦାସ ଓ ସହ କନଭେନର ବାସମତି ବଞ୍ଛୋରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ସ୍ଥାନୀୟ ଅଗ୍ରଗାମୀ ଯୁବକ ସଂଘ ବରଗଡ଼ ଠାରେ ଅନୁଷ୍ଠିତ ହୋଇଛି। ଏଥିରେ ଓଡ଼ିଶା ରାଜ୍ୟ ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନ ସମ୍ପାଦକ ବରିଷ୍ଠ କଂଗ୍ରେସ ନେତା ତଥା ସମାଜସେବୀ ପାଣ୍ଡବ କର୍ଣ୍ଣ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ରାଜ୍ୟ ତଥା କେନ୍ଦ୍ର ବିଜେପି ସରକାରର ବିଫଳତା, ଦୋମୁହାଁ ନୀତି, ଚାଷୀ ଓ ଶ୍ରମିକଙ୍କ ସମସ୍ୟା, ବିପର୍ଯ୍ୟସ୍ତ ଆଇନ୍ ଶୃଙ୍ଖଳା, ନାରୀ ନିର୍ଯାତନା, ମନରେଗା ଯୋଜନା, ୩୦୦ ୟୁନିଟ ମାଗଣା ବିଦ୍ୟୁତ୍ ଯୋଗାଣ, ସ୍ମାର୍ଟ ମିଟର, ଧାନର ଅଭାବୀ ବିକ୍ରି, ଆବଶ୍ୟକୀୟ ଦୈନନ୍ଦିନ ବ୍ୟବହାର୍ଯ୍ୟ ସାମଗ୍ରୀର ଆକାଶ ଛୁଆଁ ମୂଲ୍ୟବୃଦ୍ଧି ଆଦି ବିଷୟରେ ଆଲୋଚନା କରିଥିଲେ। ଆଗାମୀ ଦିନରେ ପ୍ରତିବାଦ ସଭା ମାନ ଆୟୋଜନ ସହିତ ପଞ୍ଚାୟତ ଏବଂ ଅନ୍ୟାନ୍ୟ ନିର୍ବାଚନରେ ସଂଗଠନର ଭୂମିକା ଆଲୋଚନା ହୋଇଥିଲା। କଂଗ୍ରେସ ଦଳର ଆଭିମୁଖ୍ୟରେ ଉଦ୍‌ବୁଦ୍ଧ ହୋଇ ଅନେକ ଯୁବକ ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନରେ ଯୋଗ ଦେଇଛନ୍ତି।

ସେମାନେ ହେଲେ ରାକେଶ ରୋସନ୍ ଦାସ, ହେମନ୍ତ ବେହେରା, ଦୁଃଖବନ୍ଧୁ ବଗର୍ତ୍ତି ଓ ଅନ୍ୟମାନେ। ଆଜିର ବୈଠକରେ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରୁ ଆନନ୍ଦ ପଧାନ, ଦୋଳଗୋବିନ୍ଦ ବେହେରା, ଠାକୁର ସାହୁ, ଅବସର ପ୍ରାପ୍ତ ମେଜର ସୁବେଦାର୍ ନିତ୍ୟା ନନ୍ଦ ବିଶ୍ୱାଳ, ଯୁଧିଷ୍ଠିର ଭୁଏ, ପ୍ରତାପ ମେହେର, ଠକୁ ଭୋଇ, ବିର୍ ସେନ୍ ଖମାରୀ, ବଳରାମ ଭୋଇ ସହ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଜନଗଣନା ପାଇଁ ଜିଲ୍ଲାସ୍ତରୀୟ ସମୀକ୍ଷା ଓ ପ୍ରଶିକ୍ଷଣ ଶିବିର

ଦେବଗଡ଼,୧୩।୨(ସମିସ): ୨୦୨୭ ଜନଗଣନା କାର୍ଯ୍ୟକୁ ସୁରୁଖୁରୁରେ ସମ୍ପାଦନ କରିବା ପାଇଁ ଦେବଗଡ଼ ଜିଲ୍ଲାରେ ଜିଲ୍ଲାସ୍ତରୀୟ ଜନଗଣନା ଅଧିକାରୀଙ୍କ ସମୀକ୍ଷା ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ତଥା ପ୍ରମୁଖ ଜନଗଣନା ଅଧିକାରୀ କବିନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଶିବିର ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ଓ ଭୁବନେଶ୍ୱର ଜନଗଣନା ନିର୍ଦ୍ଦେଶାଳୟର ସହକାରୀ ନିର୍ଦ୍ଦେଶକ ଲକ୍ଷ୍ମଣ ମୁଖୀ ଯୋଗ ଦେଇଥିଲେ। ପ୍ରତି ୧୦ ବର୍ଷରେ ଦେଶରେ ଜନଗଣନା କରାଯିବା ନିୟମ ରହିଥିବା ସେ କହିଥିଲେ। ଶେଷ ଜନଗଣନା ୨୦୧୧ରେ ହୋଇଥିବା ଏବଂ କୋଭିଡ ମହାମାରୀ କାରଣରୁ ୨୦୨୧ରେ ହୋଇ ନ ପାରି ୨୦୨୭ରେ ଜନଗଣନା କରାଯାଉଥିବା ପ୍ରକାଶ କରିଥିଲେ। ୨୦୨୭ ଜନଗଣନା ଦୁଇଟି ପର୍ଯ୍ୟାୟରେ କରାଯିବ। ପ୍ରଥମ ପର୍ଯ୍ୟାୟରେ ୨୦୨୬ ଏପ୍ରିଲ ୧୬ରୁ ମେ ୧୫ ତାରିଖ ମଧ୍ୟରେ ଗୃହ ତାଲିକା ଓ ଗୃହ ଗଣନା କରାଯିବ। ନାଗରିକ ମାନେ ସେନସସ୍ ପୋର୍ଟାଲ୍‌ରେ ଲଗ୍‌ଇନ୍ କରି ଆତ୍ମଗଣନା କରିପାରିବେ। ଏହା ଏପ୍ରିଲ ୧ରୁ ୧୫ ପର୍ଯ୍ୟନ୍ତ ଉପଲବ୍ଧ ହେବ ବୋଲି ଶ୍ରୀ ମୁଖୀ ସୂଚନା ଦେଇଥିଲେ। ଏହାପରେ ଅଧିକାରୀମାନେ ମୋବାଇଲ୍ ଆପ ଜରିଆରେ ଘରକୁ ଘର



ଯାଇ ତଥ୍ୟ ସଂଗ୍ରହ କରିବେ। ଦ୍ୱିତୀୟ ପର୍ଯ୍ୟାୟରେ ୨୦୨୭ ଫେବୃଆରୀ ୯ରୁ ୨୮ ପର୍ଯ୍ୟନ୍ତ ଜନଗଣନା ହେବ ଏବଂ ମାର୍ଚ୍ଚ ୧ରୁ ୫ ପର୍ଯ୍ୟନ୍ତ ସଂଶୋଧନ ରାଉଣ୍ଡ ଅନୁଷ୍ଠିତ ହେବ ବୋଲି ସୂଚନା ଦେଇଥିଲେ। ବର୍ତ୍ତମାନ ଗୃହ ଗଣନା ପାଇଁ ଗୃହ ତାଲିକା ବ୍ଲକ୍ ପ୍ରସ୍ତୁତି ଉପରେ ଗୁରୁତ୍ୱ ଦିଆଯାଉଥିବା ପ୍ରକାଶ କରିଥିଲେ। ଏହି ଜନଗଣନା ପ୍ରଥମ ଥର ପାଇଁ ଡିଜିଟାଲ ହେବାରୁ ବୈଷୟିକ ଜ୍ଞାନ କୌଶଳ ବ୍ୟବହାର ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ସେଲ୍ଫ ଏନ୍ୟୁମେରେସନ, ସାଧାରଣ ଜନତାଙ୍କ ସୁବିଧା ପାଇଁ ନାଗରିକମାନେ ନିଜର ତଥ୍ୟ ପ୍ରଦାନ କରିପାରିବେ। ଏହା ବ୍ୟତୀତ ମୋବାଇଲ୍ ଆପ୍ଲିକେଶନରେ ମଧ୍ୟ ଜନଗଣନା ପାଇଁ ନିଜେ ନିଜର ସମ୍ପୂର୍ଣ୍ଣ ତଥ୍ୟ ଦେଇ ପାରିବେ। ଏଥିରେ ଜିଲ୍ଲାର ବରିଷ୍ଠ ଅଧିକାରୀମାନଙ୍କୁ ମାଷ୍ଟର ଟ୍ରେନର, ତହସିଲ ସ୍ତରୀୟଙ୍କୁ କ୍ଷେତ୍ରୀୟ ଟ୍ରେନର ଏବଂ ଶିକ୍ଷକ ମାନଙ୍କୁ ଗଣନାକାରୀ ଓ ସୁପରଭାଇଜର ଭାବେ ନିୟୋଜିତ କରାଯିବ ବୋଲି ପ୍ରକାଶ କରିଥିଲେ। ବୈଠକରେ ଦେବଗଡ଼ ତହସିଲଦାର କର୍ଣ୍ଣ ମଲିକ, ରିଆମାଳ ତହସିଲଦାର ବିଜୟଲକ୍ଷ୍ମୀ ନାୟକ, ବାରକୋଟ ତହସିଲଦାର ରବୀନ୍ଦ୍ର ସାମଲ, ପୌର ପରିଷଦ ନିର୍ବାହୀ ଅଧିକାରୀ ରିତିକାନ୍ତ ଶୁକ୍ଲା, ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦ୍ରାକୁଜୁର, ଡେପୁଟି କଲେକ୍ଟର ଅଞ୍ଜୁନି କୁଜୁର, ଜିଲ୍ଲା ଇ-ପ୍ରଶାସକ ପରିଚାଳକ ବିକାଶ ସାହୁ, ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ ତରଣୀ ବେହେରା, ଜନଗଣନା ନିର୍ଦ୍ଦେଶାଳୟର କୀର୍ତ୍ତି, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର, ଅତିରିକ୍ତ ତହସିଲଦାର ଓ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ବ୍ରଜରାଜନଗରରେ କିଶୋରୀ ମେଳା



ବ୍ରଜରାଜନଗର,୧୩।୨(ସମିସ): ବ୍ରଜରାଜନଗର ପୌରପରିଷଦ ଅଧୀନ ୱାର୍ଡ ୯ ଓ ୧୦ର ୭ଟି ଅଙ୍ଗନବାଡି କେନ୍ଦ୍ରକୁ ନେଇ ଶୁକ୍ରବାର 'କିଶୋରୀ ମେଳା (ଏମ୍‌ପିଏସ୍‌ୱାଇ ୨୦୨୫-୨୬)' ଆୟୋଜିତ ହୋଇଯାଇଛି। ୱାର୍ଡ ନଂ ୧୦ର କାଉନସିଲର କିରଣ ଛତ୍ରୀୟା ମୁଖ୍ୟ ଅତିଥି ଭାବେ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏଥିରେ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ କିଶୋରୀ ଝିଅ ଅଂଶଗ୍ରହଣ କରି ନିଜ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ସଂଗୀତ, ତର୍କ-ବିତର୍କ ଓ ବିଜ୍ଞାନ ପ୍ରଦର୍ଶନୀ ଆଦି ଆୟୋଜିତ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କିଶୋରୀ ମାନଙ୍କୁ ଟ୍ରଫି ଓ ଉପହାର ଦେଇ ପୁରସ୍କୃତ କରାଯାଇଥିଲା। ଆୟୋଜନକୁ ସଫଳ କରିବାରେ ଆଙ୍ଗନବାଡି କର୍ମୀ ସୁଷ୍ମା ନାୟକ, ସବିତା ପୁରୋହିତ, ଡୁଲୁନା, କୁନୁ, ସ୍ନେହଲତା ନାୟକ, ନମ୍ରତା ଗୁରୁ ଓ ପୂର୍ଣ୍ଣିମା ମହାନନ୍ଦ ସହଯୋଗ କରିଥିଲେ।

ସ୍ୱାସ୍ଥ୍ୟ ବିଭାଗର ଆଶା ଓ ଏଏନଏମ୍ କର୍ମୀମାନେ ସହିତ ବହୁ ସଂଖ୍ୟକ ଅଭିଭାବକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

### ପଞ୍ଚପଡ଼ା ଶିଶୁବିକାଶ ବିଦ୍ୟାମନ୍ଦିରର ୭ମ ବାର୍ଷିକ ଉତ୍ସବ

## ଶିଶୁଙ୍କ ବିକାଶ ହିଁ ରାଷ୍ଟ୍ରର ବିକାଶ

ଝାରସୁଗୁଡ଼ା,୧୩।୨(ସମିସ): ଝାରସୁଗୁଡ଼ା ଜିଲ୍ଲା ପଞ୍ଚପଡା ଶିଶୁ ବିକାଶ ବିଦ୍ୟାମନ୍ଦିର ପରିସରରେ ଗୁରୁବାର ବିଦ୍ୟାମନ୍ଦିରରେ ସପ୍ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ଭାବେ ଝାରସୁଗୁଡ଼ା ଜିଲ୍ଲା ଶିକ୍ଷା ଅଧିକାରୀ ଡ.ରାଧାକାନ୍ତ ଗଡତିଆ ଯୋଗ ଦେଇ ବାର୍ଷିକ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଆୟୋଜିତ ଉତ୍ସବରେ ନିମନ୍ତ୍ରିତ ଅନ୍ୟ ଅତିଥିଙ୍କ ମଧ୍ୟରେ ଝାରସୁଗୁଡ଼ା ବ୍ଲକ୍ ଶିକ୍ଷା ଅଧିକାରୀ ଅନିଲ ପଟେଲ, ୱାର୍ଡ ନଂ ୯ର କାଉନସିଲର ପ୍ରତିମା ଭୈଷାଲ, ଆଇନଜୀବୀ ରଘୁମଣି ପଟେଲ, ଅଶୋକ ଦାସ, ପ୍ରଧାନଆଚାର୍ଯ୍ୟା ମମତା ସିଂହ ଓ ବିଦ୍ୟାଳୟ ସମ୍ପାଦକ ଦିଗାମ୍ବର ମାଝୀ ପ୍ରମୁଖ ମଞ୍ଚାସୀନ ରହିଥିଲେ। ବିଦ୍ୟାଳୟର ସମ୍ପାଦକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନଆଚାର୍ଯ୍ୟା ମମତା ସିଂହ ବିଦ୍ୟାଳୟର ବାର୍ଷିକ ବିବରଣୀ ପଠନ କରିଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଡ.ଗଡତିଆ ନିଜ ଅଭିଭାଷଣରେ ଶିଶୁଙ୍କର ବିକାଶ ହିଁ ହେଉଛି ରାଷ୍ଟ୍ରର ବିକାଶ ବୋଲି କହିଥିଲେ। ବ୍ଲକ୍ ଶିକ୍ଷା ଅଧିକାରୀ ଅନିଲ




ପଟେଲ ଶିଶୁବିକାଶ ବିଦ୍ୟାମନ୍ଦିରର ଶିକ୍ଷଣ ପଦ୍ଧତି ଓ ସଂସ୍କାର ମୂଳକ ଶିକ୍ଷା ଜିଲ୍ଲା ପାଇଁ ଦୃଷ୍ଟାନ୍ତ ବୋଲି କହିଥିଲେ। ମୁଖ୍ୟ ଅତିଥି ଡ. ଗଡତିଆଙ୍କ ଦ୍ୱାରା ଝାରସୁଗୁଡ଼ା ସେତୁ ପତ୍ରିକା ସମ୍ପାଦକ ତଥା ସାରଳା ପୁରସ୍କାର ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ବରିଷ୍ଠ ସାହିତ୍ୟିକ ଗଇନ୍ତିଆ ଜମିଉଲ୍ଲାଙ୍କୁ ସମ୍ମାନିତ କରାହୋଇଥିଲା। ଚଳିତ ଶିକ୍ଷାବର୍ଷରେ ସରକାରୀ ମେଧାବୃତ୍ତିରେ ବିଦ୍ୟାଳୟ ପାଇଁ କୃତିତ୍ୱ ଅର୍ଜନ କରିଥିବା ପଞ୍ଚମ ଶ୍ରେଣୀରେ ସାଇକ୍ରିଷ୍ଟା ମାଝୀ, ପ୍ରିୟାଂଶୁ ଜେନା, ଭବେଶ ବେହେରା ଓ ତୃତୀୟ ଶ୍ରେଣୀରେ ସ୍ନେହାଶ୍ରୀ ବିଶ୍ୱାଳ, ସ୍ୱର୍ଣ୍ଣପ୍ରଭା ବିଷୋଇଙ୍କୁ ମଞ୍ଚାସୀନ ଅତିଥି ପୁରସ୍କୃତ କରିଥିଲେ। ବାର୍ଷିକ ଉତ୍ସବର ଦ୍ୱିତୀୟ ପର୍ଯ୍ୟାୟରେ ବିଦ୍ୟାଳୟର କୁନିକୁନି ଶିଶୁ ଭାଇଭଉଣୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟା ମନ୍ଦାକିନୀ ମାକର ପରିଚାଳନା କରିଥିଲେ। ତାଙ୍କୁ କୁସୁମ ନଇ, ବୀଣାପାଣି ପ୍ରଧାନ, ଯଶୋବନ୍ତୀ ମେହେର, ମୈଥିଳି ସାହୁ, ରଞ୍ଜିତା ନାଏକ, ଚନ୍ଦ୍ରିକା କିଷାନ, ଝରଣା ସାହୁ, ଶିବାନୀ ସାହୁ, ଅମୟ ନାଏକ ପ୍ରମୁଖ ସହଯୋଗ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ନାଟକ 'ମୋବାଇଲ ଫୋନ' ପ୍ରଦର୍ଶିତ ହୋଇଥିଲା। ନାଟକଟିରେ ବିଦ୍ୟାଳୟର ରଶ୍ମିପ୍ରଭା ବେହେରା, ସମ୍ପୂର୍ଣ୍ଣା ପ୍ରିୟଦର୍ଶିନୀ, ରିସୀମା ପଟେଲ, ପ୍ରଜ୍ଞାନ ପରିଡା, ଭବେଶ ବେହେରା, ସାଇକ୍ରିଷ୍ଟା ମାଝୀ, ସାଇରାମ ଗଉଡ, ପ୍ରିୟାଂଶୁ ଜେନା ଅତିଜୀବନ୍ତ ଭାବେ ଅଭିନୟ କରିଥିଲେ। ପ୍ରିୟଙ୍କା ମହାରଣା ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ବ୍ରଜରାଜନଗର ନାଟ୍ୟଗୁରୁ ବିପିନ ସାହୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପଞ୍ଚପଡାର ଗୋବିନ୍ଦ ସାହୁ ଓ ନୀଳ ପାଣ୍ଡେଙ୍କର ମହିଳା ସଂକୀର୍ତ୍ତନ ମଣ୍ଡଳୀ ଅତିଥିଙ୍କ ସ୍ୱାଗତ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ସୁଭାଷ ଜୟପୁରିଆ, ପ୍ରେମାନନ୍ଦ ପଟେଲ, ଅଜିତ ମେହେର, ଚନ୍ଦ୍ରକାନ୍ତ ମହାରଣା, ଉଦିତ ପଣ୍ଡା, ଚିତ୍ରସେନ କଣ୍ଟା, କେଶବ ଭୈଷା, ବିକ୍ରମ ବିଶ୍ୱାଳ, ନୀଳ ପାଣ୍ଡେ, ମନୋଜ ପାତ୍ର, ସୁଶୀଲ ନାୟକ, ମନୋଜ ବେହେରା, ଲବ ଖଟୁଆ, ତପନ ମିଶ୍ର, ପ୍ରଦୀପ ମାଝୀ, ସଂକୀର୍ତ୍ତନ ପଟେଲ, ସନ୍ୟାସୀ ଗଉଡ଼, ମଧୁସ୍ମିତା ନାଏକ, ଗୀତାଞ୍ଜଳି ନାଏକ, ଭୂମିସୁତା ବେହେରା, ଶ୍ରଦ୍ଧାଞ୍ଜଳି ପଡିହାରୀ, ଲିଲିମା ପଟେଲ ପରିଶେଷରେ ହଜାର ହଜାର ଲୋକଙ୍କ ପ୍ରସାଦ ପ୍ରସ୍ତୁତି ପାଇଁ ମୀରା ନଇ, ସୁରେ ବିଶି, ସବିତା ପାଣ୍ଡେ, ଗୋଲାପୀ ପାଣ୍ଡେ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ବିଦ୍ୟାଳୟର କୋଷାଧକ୍ଷା ପ୍ରିୟଙ୍କା ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ।

